# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଏପ୍ରିଲ ୧୯/୨୦୨୩ (୧୮ ପୃଷ୍ଠା) Bhubaneswar, Wednesday, April 19/2023 Page 18 ₹ 7.00

୪୯ଶ ଭାଗ ୧୪୪ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 144 ମୂଲ୍ୟ ₹୭/-






Stores only at :

BHUBANESWAR 621, Saheed Nagar, Janpath

BHUBANESWAR 309 District Centre, Chandrasekharpur

BERHAMPUR Venkatraju Arcade, Sano Bazar

CUTTACK 558/834, Cantonment Road

JHARSUGUDA Sarbhal Road, Marwadi Para

PURI Opp police line, VIP road

ROURKELA Kesar Bhawan, Main Road

Toll Free : 1800 3131 777

Follow Us :

NOWHERE ELSE

Jewellers since 1936

5% EXTRA CASHBACK# SBI card

#Min. Trxn.: ₹30,000; Max. Cashback: ₹3,000 per credit card account. Validity: 15 Apr - 23 Apr 2023. T&C Apply.

**ଅତିକ୍ଙ୍କ ଓକିଲଙ୍କ ଘର ନିକଟରେ ବୋମାମାଡ଼**

ମୃତ ଗ୍ୟାଙ୍ଗଷ୍ଟର ଅତିକ୍ ଅହମଦଙ୍କ ଓକିଲଙ୍କ କାଟ୍ରା ଅଞ୍ଚଳରେ ଥିବା ଘର ନିକଟରେ ମଙ୍ଗଳବାର ଅପରାହ୍ଣରେ ବୋମାମାଡ଼ ହୋଇଛି। ଏଥିରେ କେହି ମୃତାହତ ହୋଇନାହାନ୍ତି। ଅତିକ୍ଙ୍କ ଓକିଲ ଦୟାଶଙ୍କର ମିଶ୍ରାଙ୍କୁ ଟାର୍ଗେଟ କରି ବୋମା ଫିଙ୍ଗାଯାଇ ନ ଥିବା କର୍ଣ୍ଣେଲଗଞ୍ଜ ଥାନା ଏସ୍ଏଚ୍ଓ କହିଛନ୍ତି। ଦୁଇ ଯୁବକଙ୍କ ମଧ୍ୟରେ ବ୍ୟକ୍ତିଗତ ଶତ୍ରୁତାରୁ ବୋମା ମାଡ଼ ହୋଇଛି। ଅନ୍ୟପକ୍ଷରେ ଭୟ ଓ ଆତଙ୍କ ଖେଳାଇବା ପାଇଁ ଉଦ୍ୟମ ହେଉଥିବା ଓକିଲ ଦୟାଶଙ୍କର ଅଭିଯୋଗ କରିଛନ୍ତି। ବିସ୍ଫୋରଣ ପଛରେ କିଏ ରହିଛନ୍ତି, ପୋଲିସ ଖୋଜି ବାହାର କରିବା ଦରକାର ବୋଲି ଦୟାଶଙ୍କର କହିଛନ୍ତି।



**ସଂକ୍ଷେପରେ**

## ଦିଲ୍ଲୀରେ କୋଭିଡ୍ ସକ୍ରିୟ ମାମଲା ୪୩୩% ବୃଦ୍ଧି

### ଦେଶରୁ ୨୪ ଘଣ୍ଟାରେ ୭,୬୩୩ ମାମଲା

**ନୂଆଦିଲ୍ଲୀ, ୧୮।୪:** ରାଜଧାନୀ ଦିଲ୍ଲୀରେ କୋଭିଡ୍ ଆକ୍ରାନ୍ତଙ୍କ ସଂଖ୍ୟା ଦ୍ରୁତ ଭାବେ ବଢ଼ିବାରେ ଲାଗିଛି। ସହରରେ ସକ୍ରିୟ ମାମଲା ୪୩୩% ବୃଦ୍ଧି ଘଟିଥିବା ସରକାରଙ୍କ ପକ୍ଷରୁ କୁହାଯାଇଛି। ଗତ ମାର୍ଚ୍ଚରେ ଦିଲ୍ଲୀରେ ୯୩୨ କୋଭିଡ୍ ମାମଲା ଚିହ୍ନଟ ହୋଇଥିବାବେଳେ ଏପ୍ରିଲରେ ସଂକ୍ରମଣ ମାମଲା ୪,୯୭୯ରେ ପହଞ୍ଚିଛି। ଗତ ୧୯ ଦିନ ମଧ୍ୟରେ ଦିଲ୍ଲୀରେ ମୋଟ ୧୩,୨୦୦ ଆକ୍ରାନ୍ତଙ୍କୁ ଚିହ୍ନଟ କରାଯାଇଛି। ସେହିପରି ଗତ ୨୪ ଘଣ୍ଟା ମଧ୍ୟରେ ଦେଶରେ ୭,୬୩୩ କରୋନା ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସକ୍ରିୟ ମାମଲା ୬୧,୨୩୩ରେ ପହଞ୍ଚିଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷେ ମୋଟ ୧୧ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଥିବାବେଳେ ଦିଲ୍ଲୀରେ ସର୍ବାଧିକ ୪ ଜଣ ପ୍ରାଣ ହରାଇଛନ୍ତି।

## ଟୁଇଟର ନୀତି ଉଲ୍ଲଂଘନକାରୀ ପୋଷ୍ଟ ଉପରେ ଲାଗିବ କଟକଣା

**ୱାଶିଂଟନ୍, ୧୮।୪:** ମାଇକ୍ରୋ ବ୍ଲଗିଂ ଆପ୍ ଟୁଇଟର ମଙ୍ଗଳବାର ନିଜ ପଲିସି ଅପ୍‌ଡେଟ୍ କରିଛି। ଏଣିକି ଟୁଇଟର ନୀତି ଉଲ୍ଲଂଘନ କରୁଥିବା ଟୁଇଟ୍‌ର ଭିଜିବିଲିଟି ଉପରେ କଟକଣା ଲାଗିବ। ନୀତି ଉଲଂଘନ କରୁଥିବା ଟୁଇଟ୍ ଉପରେ କମ୍ପାନୀ ପ୍ରଥମେ ଭିଜିବିଲିଟି ଫିଲ୍ଟର ବ୍ୟବହାର କରିବ।



ନିଜସ୍ୱ ମତ ରଖିବା ପାଇଁ ୟୁଜର୍ସମାନଙ୍କୁ ଟୁଇଟର୍ ପକ୍ଷରୁ ସମ୍ପୂର୍ଣ୍ଣ ସ୍ୱାଧୀନତା ଦିଆଯାଇଛି। କିନ୍ତୁ କୌଣସି ଟୁଇଟ୍ ଯଦି କମ୍ପାନୀର ନୀତି ଉଲ୍ଲଂଘନ କରେ, ତେବେ ତାହା ଗ୍ରହଣୀୟ ନୁହେଁ ବୋଲି ଟୁଇଟର୍ କହିଛି। ଏ ନେଇ କିଛି ସାମ୍ପୁଲ ମଧ୍ୟ ଟୁଇଟର ଶେୟାର କରାଯାଇଥିବାବେଳେ ୟୁଜର୍ସଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଏ ପ୍ରକାର ନିଷ୍ପତ୍ତି ନିଆଯାଇଥିବା କମ୍ପାନୀ କହିଛି।

## ଆମେରିକୀୟ ରିପୋର୍ଟର ଇଭାନ୍‌ଙ୍କୁ ଜାମିନ ମିଳିଲାନି

**ମସ୍କୋ, ୧୮।୪:** ମସ୍କୋର ଏକ କୋର୍ଟ ମଙ୍ଗଳବାର ଆମେରିକୀୟ ଖବରଦାତା ଇଭାନ୍ ଜରସ୍କୋଭିଚ୍‌ଙ୍କୁ ଜାମିନ ପ୍ରଦାନ ପାଇଁ ମନା କରିଦେଇଛନ୍ତି। ରୁଷିଆରେ ଗୁପ୍ତଚରଗିରି ଅଭିଯୋଗରେ ଇଭାନ୍‌ଙ୍କୁ ଗିରଫ କରାଯିବା ସହ ତାଙ୍କୁ ୨୦ ବର୍ଷର ଜେଲଦଣ୍ଡ ମିଳିଛି। ଜାମିନ ନ ମିଳିବା ନେଇ ଇଭାନ୍ ନିରାଶ ନ ହୋଇ ଆଗକୁ



ଇଭାନ୍ ଜରସ୍କୋଭିଚ୍

ଲଢ଼େଇ ଜାରି ରଖିବେ ବୋଲି ତାଙ୍କ ଓକିଲ ମାରିଆ କୋର୍ଚାଜିନା କହିଛନ୍ତି। ୫୦ ନିୟୁତ ରୁବେଲ୍ସ ବଦଳରେ ଜାମିନ ପ୍ରଦାନ କିମ୍ବା ଗୃହବନ୍ଦୀ ପାଇଁ ଅନୁମତି ପ୍ରଦାନ ଲାଗି ଇଭାନ୍‌ଙ୍କ ପକ୍ଷ ଓକିଲ କୋର୍ଟରେ କହିଥିଲେ। କୋର୍ଟ କିନ୍ତୁ ଉକ୍ତ ପରାମର୍ଶକୁ ପ୍ରତ୍ୟାଖ୍ୟାନ କରିଥିଲେ। ଇଭାନ୍ ୱାଲ୍ ଷ୍ଟ୍ରିଟ୍ ଜର୍ନାଲରେ କାର୍ଯ୍ୟ କରୁଥିବାବେଳେ ମାର୍ଚ୍ଚ ୨୯ରେ ତାଙ୍କୁ ଗିରଫ କରାଯାଇଥିଲା।

## ସିସୋଡିଆଙ୍କ ଜାମିନ ଆବେଦନ ରାୟ ୨୬ ଯାଏ ସଂରକ୍ଷିତ

**ନୂଆଦିଲ୍ଲୀ,୧୮।୪(ପି.ଟି.):** ଦିଲ୍ଲୀ ଅବକାରୀ ଦୁର୍ନୀତି ସହ ଜଡ଼ିତ ମନିଲଣ୍ଡରିଂ ମାମଲାରେ ଗିରଫ ପୂର୍ବତନ ଉପମୁଖ୍ୟମନ୍ତ୍ରୀ ତଥା ଏଏପି ନେତା ମନୀଷ ସିସୋଡିଆଙ୍କ ଜାମିନ ଆବେଦନର ରାୟକୁ ଦିଲ୍ଲୀର ଏକ ଅଦାଲତ ଏପ୍ରିଲ ୨୬ ପର୍ଯ୍ୟନ୍ତ ସଂରକ୍ଷିତ ରଖିଛନ୍ତି। ତଦନ୍ତ ପାଇଁ ଆଉ ଅଧିକ ଦିନ ହାଜତରେ ରଖିବା ଆବଶ୍ୟକ ନ



ମନୀଷ ସିସୋଡିଆ

ଥିବାରୁ ସିସୋଡିଆଙ୍କୁ ଜାମିନରେ ଛଡ଼ାଯିବାକୁ ତାଙ୍କ ଓକିଲ କୋର୍ଟଙ୍କୁ ନିବେଦନ କରିଥିଲେ। ଅନ୍ୟପକ୍ଷରେ ଜାମିନ ଆବେଦନକୁ ଇଡି ବିରୋଧ କରିବା ସହ ତଦନ୍ତ ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ଥିବା କହିଥିଲା। ଅବକାରୀ ନୀତିକୁ ଜନତାଙ୍କ ମଞ୍ଜୁରୀ ମିଳିଥିଲା ବୋଲି ଏକ ଜାଲ୍ ଇ-ମେଲ୍ ସିସୋଡିଆ ଛାଡ଼ିଥିଲେ ବୋଲି ଇଡି ଅଭିଯୋଗ କରିଥିଲା। ସ୍ୱତନ୍ତ୍ର ବିଚାରପତି ଏମ୍.କେ. ନାଗପାଲ ଉଭୟ ପକ୍ଷଙ୍କ ଯୁକ୍ତି ଶୁଣିବା ପରେ ରାୟ ସଂରକ୍ଷିତ ରଖିଛନ୍ତି।

# ସୁଦାନରେ ସାମରିକ ସଂଘର୍ଷ: ୨୦୦ ନିହତ

ଖାର୍ତ୍ତୁମ/ନୂଆଦିଲ୍ଲୀ,୧୮।୪

ଉତ୍ତର-ପୂର୍ବ ଆଫ୍ରିକୀୟ ରାଷ୍ଟ୍ର ସୁଦାନରେ ସେନା ଜେନେରାଲ ଓ ବିଦ୍ରୋହୀ ଅର୍ଦ୍ଧସାମରିକ ବଳ ମଧ୍ୟରେ ୪ ଦିନ ହେଲା ଘମାଘୋଟ ଲଢ଼େଇ ଚାଲିଛି। ଗୁଳି ବିନିମୟ ଜାରି ରହିଥିବା ଦେଖି ରାଜଧାନୀ ଖାର୍ତ୍ତୁମ ସମେତ ଦେଶର ବିଭିନ୍ନ ଭାଗରେ ଲକ୍ଷ ଲକ୍ଷ ଲୋକ ଘରୁ ବାହାରୁ ନାହାନ୍ତି। ସୋମବାର ଆମେରିକୀୟ ଦୂତାବାସର ସୁରକ୍ଷା ଗାଡ଼ି ଓ ୟୁରୋପୀୟ ସଂଘ (ଇୟୁ) ପ୍ରତିନିଧିଙ୍କ ଘରକୁ ଟାର୍ଗେଟ କରାଯାଇଥିଲା। ସୁଦାନକୁ ନିଜ ନିୟନ୍ତ୍ରଣକୁ ନେବା ପାଇଁ ଚାଲିଥିବା ଏହି ସଂଘର୍ଷରେ କେତେଜଣ ଭାରତୀୟଙ୍କ ସମେତ ପ୍ରାୟ ୨୦୦ ଜଣଙ୍କ ମୃତ୍ୟୁ ଘଟିଲାଣି। ଆମେରିକା ପରରାଷ୍ଟ୍ର ସଚିବ ଆଣ୍ଟୋନି ବ୍ଲିଙ୍କେନ୍‌ଙ୍କ ହସ୍ତକ୍ଷେପ ପରେ ମଙ୍ଗଳବାର ୨୪ ଘଣ୍ଟିଆ ଅସ୍ତ୍ରବିରତି କରିବାକୁ ଉଭୟ ପକ୍ଷ ମଧ୍ୟରେ ସହମତି ପ୍ରକାଶ ପାଇଛି। ସୁଦାନ ଶସ୍ତ୍ର ବଳ (ଏସ୍ଏଏଫ୍) ବିଦ୍ରୋହୀ ରାପିଡ୍ ସପୋର୍ଟ ଫୋର୍ସେସ୍ (ଆର୍ଏସ୍ଏଫ୍) ଏହି ଦିନିକିଆ ମାନବୀୟ ସନ୍ଧିକୁ ସ୍ୱାଗତ କରିଛନ୍ତି। ଏହାସତ୍ତ୍ୱେ ସେନା ମୁଖ୍ୟାଳୟ ଓ ଏୟାରପୋର୍ଟ ସମେତ କେତେକ ସ୍ଥାନରେ ହିଂସା ଦେଖିବାକୁ ମିଳିଛି। ଖାର୍ତ୍ତୁମ୍‌ରୁ ୨୧୫ କି.ମି. ଉତ୍ତର ପଶ୍ଚିମରେ ଥିବା ମେରେୱେର ଏକ ରଣନୈତିକ ଏୟାରବେସ୍‌ରେ ମଧ୍ୟ ସଂଘର୍ଷ ଚାଲିଛି।



ସୁଦାନରେ ସେନା ଓ ଅର୍ଦ୍ଧସାମରିକ ବଳ ମଧ୍ୟରେ ସଂଘର୍ଷ ଯୋଗୁ ଖାର୍ତ୍ତୁମ୍ ଇଣ୍ଟରନ୍ୟାଶନାଲ ଏୟାରପୋର୍ଟ ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଛି। ଉପଗ୍ରହ ଚିତ୍ର ସୌଜନ୍ୟ: ମାକ୍ସାର ଟେକ୍ନୋଲୋଜିଜ୍।

ଜାତିସଂଘର ତଥ୍ୟାନୁସାରେ ଶନିବାର ସଂଘର୍ଷ ଆରମ୍ଭ ହେବା ପରଠୁ ଅଦ୍ୟାବଧି ୨୦୦ରୁ ଊର୍ଦ୍ଧ୍ୱ ନିହତ ହୋଇଥିବାବେଳେ ୧,୮୦୦ରୁ ଅଧିକ ଆହତ ହେଲେଣି। ଅନ୍ୟପକ୍ଷେ ମୃତକଙ୍କ ମଧ୍ୟରୁ ୧୪୪ ନାଗରିକ ଥିବାବେଳେ ୧,୪୦୦ ଆହତ ହୋଇଥିବା ସୁଦାନ ଡକ୍ଟର୍ସ ସିଣ୍ଡିକେଟ୍ ପକ୍ଷରୁ କୁହାଯାଇଛି। ତେବେ ପ୍ରକୃତ ମୃତ୍ୟୁସଂଖ୍ୟା ଆହୁରି ଅଧିକ ହେବ ବୋଲି କୁହାଯାଉଛି। ଜନବସତିରେ ଉଭୟ ପକ୍ଷର ଟ୍ୟାଙ୍କ ଓ ଯୁଦ୍ଧାସ୍ତ୍ରର ବ୍ୟବହାର ଦେଶରେ ଅସ୍ୱାଭାବିକ ସ୍ଥିତି ଉପୁଜାଇବା ସହ ଅନ୍ତର୍ଜାତୀୟ ସମୁଦାୟର ଦୃଷ୍ଟି ଆକର୍ଷଣ କରିଛି। ଆମେରିକୀୟ କୂଟନୀତିଜ୍ଞ ବ୍ଲିଙ୍କେନ୍ ଦୁଇ ପ୍ରତିଦ୍ୱନ୍ଦ୍ୱୀ ସଶସ୍ତ୍ର ବଳ ମୁଖ୍ୟ ଜେନେରାଲ ବୁର୍‌ହାନ୍ ଏବଂ ଆର୍ଏସ୍ଏଫ୍ ନେତା ଜେନେରାଲ ମହମ୍ମଦ ହମ୍‌ଦାନ୍ ଦାଗାଲୋଙ୍କ ସହ ଆଲୋଚନା କରି ଶାନ୍ତି ବୁଝାମଣାର ପ୍ରସ୍ତାବ ଦେଇଛନ୍ତି। କୌଣସି ଆମେରିକୀୟ ଡିପ୍ଲୋମାଟ୍‌ଙ୍କ ଉପରେ ଆକ୍ରମଣ କିମ୍ବା ସେମାନଙ୍କ ପ୍ରତି ବିପଦ ସୃଷ୍ଟି ଆଦୌ ଗ୍ରହଣୀୟ ନୁହେଁ ବୋଲି ୭ ଧନୀ ରାଷ୍ଟ୍ରଙ୍କୁ ନେଇ ଗଠିତ ଜି-୭ର ଜାପାନ ସମ୍ମିଳନୀରେ ବ୍ଲିଙ୍କେନ୍ ଚେତାବନୀ ଦେଇଛନ୍ତି। ସେଠାରେ ଫସିରହିଥିବା ବିଦେଶୀ ନାଗରିକଙ୍କ ସୁରକ୍ଷିତ ପ୍ରତ୍ୟାବର୍ତ୍ତନ ପାଇଁ ୨୪ ଘଣ୍ଟିଆ ଅସ୍ତ୍ରବିରତି ପ୍ରସ୍ତାବ ମଧ୍ୟ ଦେଇଛନ୍ତି, ଯାହାକୁ ଉଭୟ ପକ୍ଷ ଗ୍ରହଣ କରିନେଇଛନ୍ତି।

## ସିଦ୍ଧାରାମାୟା-ଜୟଶଙ୍କର ମୁହାଁମୁହିଁ

ସୁଦାନରେ ୩୧ ଜଣ ହକ୍କି ପିକ୍କି ଆଦିବାସୀ ଫସିରହିଥିବା କର୍ଣାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ସିଦ୍ଧାରାମାୟା ମଙ୍ଗଳବାର ଟୁଇଟ୍ କରିଛନ୍ତି। ସେଠାରୁ କନ୍ନଡିଗାମାନଙ୍କୁ ସୁରକ୍ଷିତ ଭାବେ ସ୍ୱଦେଶ ଫେରାଇ ଆଣିବା ପାଇଁ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସେ ଅନୁରୋଧ କରିଛନ୍ତି। ନିଜ ନାଗରିକଙ୍କୁ ଫେରାଇ ଆଣିବାରେ ଭାରତ ସରକାରଙ୍କ ଅକ୍ଷମତାକୁ ସେ ସମାଲୋଚନା କରିଛନ୍ତି। ଏହାକୁ ନେଇ



ସିଦ୍ଧାରାମାୟା



ଏସ୍. ଜୟଶଙ୍କର

ଜୟଶଙ୍କର ସିଦ୍ଧାରାମାୟାଙ୍କ ଉପରେ ବର୍ଷିଛନ୍ତି। ଜୟଶଙ୍କର କହିଛନ୍ତି, ସୁଦାନର ବିପଜ୍ଜନକ ସ୍ଥିତିକୁ ନେଇ ରାଜନୀତି କରିବା ଅନୁଚିତ। ବିଦେଶରେ କୌଣସି ଭାରତୀୟ ବିପଦରେ ରହିଥିଲେ ଏଠି କାହାକୁ ନିର୍ବାଚନୀ ଲାଭ ମିଳିବ ନାହିଁ।

## ଭାରତୀୟଙ୍କୁ ଘରେ ରହିବାକୁ ଦୂତାବାସର ପରାମର୍ଶ

ସୁଦାନ ସଂଘର୍ଷ ଦେଶରେ ଲୁଟ୍‌ପାଟ୍ ସହ ଅରାଜକତା ସୃଷ୍ଟି କରିଛି। ସୁଦାନ ଆର୍ମ ଫୋର୍ସେସ୍ (ଏସ୍ଏଏଫ୍) ଏବଂ ରାପିଡ୍ ସପୋର୍ଟ ଫୋର୍ସେସ୍ (ଆର୍ଏସ୍ଏଫ୍) ମଧ୍ୟରେ ଚାଲିଥିବା ସଂଘର୍ଷରେ ଶନିବାର ଜଣେ ଭାରତୀୟ ନାଗରିକ ଆଲବର୍ଟ ଅଗେଷ୍ଟାଇନ୍ ପ୍ରାଣ ହରାଇଛନ୍ତି। ଏଭଳି ସ୍ଥିତି ଆଉ କିଛି ଦିନ ଲାଗିରହିବା ଆଶଙ୍କା କରି ଭାରତୀୟ ଦୂତାବାସ ପକ୍ଷରୁ ନିଜ ନାଗରିକମାନଙ୍କୁ ଘରୁ ନ ବାହାରିବା ପାଇଁ ପରାମର୍ଶ ଦିଆଯାଇଛି। ସୁରକ୍ଷା ଦୃଷ୍ଟିରୁ ନିଜ ପଡ଼ୋଶୀମାନଙ୍କଠାରୁ ସହାୟତା ନେବା ପାଇଁ ଦୂତାବାସ ଜାରି କରିଥିବା ଏକ ବିବୃତିରେ କୁହାଯାଇଛି।

# ଗଣବଳାତ୍କାରୀଙ୍କୁ କାହିଁକି ମୁକ୍ତ କଲ

### ବିଲ୍‌କିସ୍ ବାନୋ ମାମଲା: ଗୁଜରାଟ ସରକାରଙ୍କୁ ସୁପ୍ରିମକୋର୍ଟଙ୍କ ପ୍ରଶ୍ନ

ନୂଆଦିଲ୍ଲୀ,୧୮।୪

ଗୁଜରାଟ ଦଙ୍ଗା ବେଳେ ୫ ମାସର ଗର୍ଭବତୀ ଥିବା ବିଲ୍‌କିସ୍ ବାନୋଙ୍କୁ ବଳାତ୍କାର ଓ ତାଙ୍କ ପରିବାରର ୭ ସଦସ୍ୟଙ୍କୁ ହତ୍ୟାକରି ଆଜୀବନ କାରାଦଣ୍ଡାଦେଶ ଭୋଗୁଥିବା ସମସ୍ତ ୧୧ ଦୋଷୀଙ୍କୁ ଗତ ଅଗଷ୍ଟ ୧୫ରେ ରାଜ୍ୟ ସରକାର ଜେଲରୁ ମୁକ୍ତ କରିଥିଲେ। ସ୍ୱାଧୀନତା ପ୍ରାପ୍ତିର ୭୫ ବର୍ଷ ପୂର୍ତ୍ତି ଅବସରରେ ରାଜ୍ୟର ସ୍ୱତନ୍ତ୍ର ରେମିଶନ ପଲିସି (ଉତ୍ତମ ବ୍ୟବହାର ପାଇଁ ଦଣ୍ଡ ମାଫ ନୀତି) ଅନୁସାରେ ସେମାନଙ୍କୁ ମୁକ୍ତ କରାଯାଇଥିବା ସେତେବେଳେ ରାଜ୍ୟ ସରକାର ଯୁକ୍ତି ବାଢ଼ିଥିଲେ। ବିଲ୍‌କିସ୍ ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ସର୍ବୋଚ୍ଚ ଅଦାଲତ ମଙ୍ଗଳବାର ତାଙ୍କ ପିଟିଶନର ଶୁଣାଣି କରି ୧୧ ଦୋଷୀଙ୍କୁ କାହିଁକି ଛଡ଼ାଗଲା ବୋଲି ଗୁଜରାଟ ସରକାରଙ୍କୁ ପ୍ରଶ୍ନ କରିଛନ୍ତି। ଦଣ୍ଡାଦେଶ ଭୋଗୁଥିବା ସମୟରେ ଦୋଷୀମାନଙ୍କ ଅପରାଧର ଗମ୍ଭୀରତାକୁ ରାଜ୍ୟ ସରକାର ଠିକ୍ ଭାବେ ବିଚାରକୁ ନେବା ଉଚିତ ଥିଲା ବୋଲି ଜଷ୍ଟିସ୍ କେ.ଏମ୍. ଜୋସେଫ ଏବଂ ବି.ଭି ନାଗରତ୍ନଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି। ୨୦୦୨ ଫେବୃୟାରୀ ୨୭ରେ ଗୁଜରାଟର ଗୋଧ୍ରାରେ ଦୁର୍ବୃତ୍ତମାନେ ସାବରମତି ଏକ୍ସପ୍ରେସ୍‌ରେ ନିଆଁ ଲଗାଇଦେଇଥିଲେ। ଫଳରେ ଉକ୍ତ ଟ୍ରେନ୍‌ରେ ଅଯୋଧ୍ୟାରୁ ଫେରୁଥିବା କାରସେବକଙ୍କ ସମେତ ୫୯ ଜଣଙ୍କ ମୃତ୍ୟୁ ଘଟିଥିଲା। ମାର୍ଚ୍ଚ ୩ରେ ଏକ ଟ୍ରକ୍‌ରେ ୨୧ ବର୍ଷୀୟା ବିଲ୍‌କିସ୍ ୟାକୁବ୍ ରସୁଲଙ୍କ ପରିବାର ସମେତ ୧୭ ଜଣ ସ୍ଥାନାନ୍ତରିତ ହେଉଥିବାବେଳେ ଦାହୋଦ ଜିଲା ରନ୍ଧିକାପୁର ନିକଟରେ ଦଙ୍ଗାକାରୀମାନେ ଆକ୍ରମଣ କରିଥିଲେ। ଏଥିରେ ୪ ମହିଳା ଓ ୪ ଶିଶୁଙ୍କ ସମେତ ୧୪ ଜଣଙ୍କ ମୃତ୍ୟୁ ଘଟିଥିଲା। ମୃତକଙ୍କ ମଧ୍ୟରେ ବିଲ୍‌କିସ୍‌ଙ୍କ ୨ ବର୍ଷୀୟା ଝିଅ ସଲେହା ମଧ୍ୟ ଥିଲେ। ଦଙ୍ଗାକାରୀମାନେ ୫ ମାସର ଗର୍ଭବତୀ ଥିବା ବିଲ୍‌କିସ୍‌ଙ୍କୁ ଗଣବଳାତ୍କାର କରି ମୃତ୍ୟୁ ମୁଖକୁ ଠେଲିଦେଇଥିଲେ। କିନ୍ତୁ ସେ ସୌଭାଗ୍ୟବଶତଃ ବଞ୍ଚିଯାଇଥିଲେ ଏବଂ ପରବର୍ତ୍ତୀ ସମୟରେ ନ୍ୟାୟ ପାଇଁ ଲମ୍ବା ଆଇନଗତ ଲଢ଼େଇ ଲଢ଼ିଥିଲେ, ଯାହାକି ଅଦ୍ୟାବଧି ଜାରି ରହିଛି। ଗଣବଳାତ୍କାରୀଙ୍କୁ ଜେଲରୁ ଛାଡ଼ିଦିଆଯିବା ନିଷ୍ପତ୍ତି ବିରୋଧରେ ବିଲ୍‌କିସ୍ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଗତ ମାର୍ଚ୍ଚ ୨୭ରେ ଶୀର୍ଷ ଅଦାଲତ ଗୋଧ୍ରା ଦଙ୍ଗାକୁ ଏକ ଭୟଙ୍କର କାଣ୍ଡ ବୋଲି ଅଭିହିତ କରିବା ସହ କେନ୍ଦ୍ର ଓ ଗୁଜରାଟ ସରକାରଙ୍କୁ ରେମିଶନ ପ୍ରଦାନ ସମ୍ପର୍କିତ ମୂଳ ଫାଇଲଗୁଡ଼ିକୁ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟ ମାମଲାଗୁଡ଼ିକର ଦୋଷୀମାନଙ୍କୁ ମୁକ୍ତ କରିବା ସମୟରେ ସମାନ ବିଷୟକୁ ବିଚାରକୁ ନିଆଯାଇଥିଲା କି ବୋଲି ସୁପ୍ରିମକୋର୍ଟ ପ୍ରଶ୍ନ କରିଥିଲେ। ମଙ୍ଗଳବାର କେନ୍ଦ୍ର ଓ ଗୁଜରାଟ ସରକାର ଉକ୍ତ ରାୟର ସମୀକ୍ଷା ପାଇଁ ଆବେଦନ କରିପାରନ୍ତି ବୋଲି ଖଣ୍ଡପୀଠଙ୍କୁ ଜଣାଇଛନ୍ତି। ଖଣ୍ଡପୀଠ କହିଛନ୍ତି, ଜଣେ ଗର୍ଭବତୀ ମହିଳାଙ୍କୁ ଗଣବଳାତ୍କାର ସହ ଅନେକ ଲୋକଙ୍କୁ ହତ୍ୟା କରାଗଲା। ପୀଡ଼ିତାଙ୍କ ମାମଲାକୁ ସରକାର ମାମୁଲି ୩୦୨ (ହତ୍ୟା) ମାମଲା ସହ ତୁଳନା କରିପାରିବେ ନାହିଁ। ଗଣହତ୍ୟାକୁ ଗୋଟିଏ ହତ୍ୟା ଭାବେ ଅଭିହିତ କରିବା ସେଓକୁ କମଳା ସହ ତୁଳନା ସଦୃଶ। ଅପରାଧ ସାଧାରଣତଃ ସମାଜ ଓ ସମ୍ପ୍ରଦାୟ ବିରୋଧରେ ଘଟାଯାଇଥାଏ। ଅସମାନତା କେବେହେଲେ ସମାନତା ସହ ତୁଳନୀୟ ନୁହେଁ। ପ୍ରଶ୍ନ ହେଉଛି, ରେମିସନ୍ ପ୍ରଦାନ ବେଳେ ସରକାର ନିଜ ବୁଦ୍ଧି ପ୍ରୟୋଗ କରିଛନ୍ତି କି ଏବଂ କେଉଁ ଆଧାରରେ ଦୋଷୀମାନଙ୍କୁ ଛାଡ଼ିଦିଆଯାଇଛି। ଆଜି ବିଲ୍‌କିସ୍, କାଲି ଆଉ କେହି ଏପରି ବର୍ବରତାର ଶିକାର ହୋଇପାରନ୍ତି। ତେଣୁ ସରକାର ରେମିଶନ୍ ପ୍ରଦାନର କାରଣ ଦର୍ଶାଇ ନ ପାରିଲେ ଆମେ ନିଜ ହିସାବରେ ନିଷ୍କର୍ଷରେ ପହଞ୍ଚିବୁ ବୋଲି ଖଣ୍ଡପୀଠ ରୋକ୍‌ଠୋକ୍ ଶୁଣାଇଛନ୍ତି। ଏଥିସହ ବିଲ୍‌କିସ୍‌ଙ୍କ ଆବେଦନର ପରବର୍ତ୍ତୀ ଶୁଣାଣି ଆସନ୍ତା ମେ' ୨ରେ କରିବାକୁ ଧାର୍ଯ୍ୟ କରିଛନ୍ତି। ନୋଟିସ ପାଇଥିବା ସମସ୍ତ ଦୋଷୀଙ୍କୁ ଏହି ପ୍ରସଙ୍ଗରେ ଜବାବ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ରିଭ୍ୟୁ ପିଟିଶନ ଦାଖଲ ଉପରେ ନିଜ ଆଭିମୁଖ୍ୟ ସ୍ପଷ୍ଟ କରିବାକୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି।

## ପୀଡ଼ିତାଙ୍କ ଘରେ ନିଆଁ ଲଗାଇଲେ ଅଭିଯୁକ୍ତ

### ୨ ଶିଶୁ ଗୁରୁତର

ଉନ୍ନାଓ,୧୮।୪(ପି.ଟି.)

**ଉନ୍ନାଓ ଗଣବଳାତ୍କାର ମାମଲା**

ଉତ୍ତରପ୍ରଦେଶର ଉନ୍ନାଓ ଗଣବଳାତ୍କାର ପୀଡ଼ିତାଙ୍କ ଘରେ କେତେଜଣ ଦୁର୍ବୃତ୍ତ ମଙ୍ଗଳବାର ନିଆଁ ଲଗାଇଦେଇଛନ୍ତି। ସେମାନଙ୍କ ମଧ୍ୟରୁ ୨ ଜଣ ଗତବର୍ଷ ଉନ୍ନାଓର ଦଳିତ ନାବାଳିକାଙ୍କୁ ବଳାତ୍କାର କରିଥିଲେ। ଗୁରୁତର ଆହତଙ୍କ ମଧ୍ୟରେ ପୀଡ଼ିତାଙ୍କ ୬ ମାସର ପୁଅ ଏବଂ ୨ ମାସର ଭଉଣୀ ଅଛନ୍ତି। ୨ ଅଭିଯୁକ୍ତ ନିକଟରେ ଜାମିନରେ ମୁକୁଳିଥିଲେ। ସେମାନେ ଅନ୍ୟ ୫ ଜଣଙ୍କ ସହ ସୋମବାର ସନ୍ଧ୍ୟାରେ ପୀଡ଼ିତାଙ୍କ ଘରେ ପଶି ମାମଲା ପ୍ରତ୍ୟାହାର କରିନେବାକୁ ଧମକ ଦେଇଥିଲେ। ପୀଡ଼ିତା ରାଜି ନ ହେବାରୁ ସେମାନେ ତାଙ୍କ ମାଆଙ୍କୁ ମାଡ଼ ମାରିବା ସହ ଘରେ ନିଆଁ ଲଗାଇଦେଇଥିଲେ। ପୀଡ଼ିତାଙ୍କ ଶିଶୁପୁତ୍ରଙ୍କ ଶରୀର ୩୫% ଏବଂ ଭଉଣୀଙ୍କ ଶରୀର ୪୫ ପ୍ରତିଶତ ପୋଡ଼ିଯାଇଥିବା ଡାକ୍ତର କହିଛନ୍ତି। ଅଧିକ ଚିକିତ୍ସା ଲାଗି ସେମାନଙ୍କୁ କାନପୁର ପଠାଯାଇଛି। ଅନ୍ୟପକ୍ଷରେ ୫ ଦିନ ତଳେ ପୀଡ଼ିତାଙ୍କ ଜେଜେ ଓ ଦାଦା ଅଭିଯୁକ୍ତଙ୍କ ପକ୍ଷ ନେଇ ପୀଡ଼ିତାଙ୍କ ବାପାଙ୍କୁ କୁରାଢ଼ିରେ ଆକ୍ରମଣ କରିଥିଲେ ବୋଲି ପୂର୍ବାର ସର୍କଲ ଇନ୍ସପେକ୍ଟର କହିଛନ୍ତି। ପୀଡ଼ିତାଙ୍କ ବାପା ଗୁରୁତର ଅବସ୍ଥାରେ ଜିଲା ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଦଳିତ ନାବାଳିକାଙ୍କୁ ଗତବର୍ଷ ଫେବୃୟାରୀ ୧୩ରେ ଗଣବଳାତ୍କାର କରାଯାଇଥିଲା। ସେ ସେପ୍ଟେମ୍ବରରେ ଏକ ପୁତ୍ର ସନ୍ତାନ ଜନ୍ମ ଦେଇଥିଲେ। ଉକ୍ତ ଶିଶୁକୁ ମାରିଦେବା ଲାଗି ଅଭିଯୁକ୍ତମାନେ ଘରେ ନିଆଁ ଲଗାଇଦେଇଥିବା ପୀଡ଼ିତାଙ୍କ ମାଆ ଅଭିଯୋଗ କରିଛନ୍ତି।

## ୩ ଖଣି ଅଧିକାରୀଙ୍କୁ ବାଲି ମାଫିଆଙ୍କ ଆକ୍ରମଣ

### ୪୪ ଗିରଫ, ୫୦ ଗାଡ଼ି ଜବତ

ପାଟନା, ୧୮।୪

ବିହାର ରାଜଧାନୀ ପାଟନାର ବିହଟା ବ୍ଲକରେ ଜଣେ ମହିଳାଙ୍କ ସମେତ ୩ ଖଣି ଅଧିକାରୀଙ୍କୁ ବାଲି ମାଫିଆଙ୍କ ଆକ୍ରମଣ ଘଟଣାରେ ପୋଲିସ ୪୪ ଜଣଙ୍କୁ ଗିରଫ କରିଛି। ଏଥିସହ ୫୦ ଗାଡ଼ି ଜବତ କରିଛି। ପାଟନା ଡିଷ୍ଟ୍ରିକ୍ଟ ମାଇନିଂ ଅଫିସର କୁମାର ଗୌରବ, ମାଇନିଂ ଇନ୍‌ସ୍ପେକ୍ଟର ସୟେଦ ଫରହିନ ଏବଂ ଆମ୍ୟା କୁମାରୀ ଆକ୍ରମଣରେ ଆହତ ହୋଇଛନ୍ତି। ସୋମବାର ମଧ୍ୟାହ୍ନରେ ଖଣି ଅଧିକାରୀଙ୍କ ୨୦ ଜଣିଆ ଟିମ୍ ଇନ୍‌ସ୍ପେକ୍ସନରେ ଯାଇଥିଲେ। ସେଠାରେ ସର୍ଚ୍ଚ ଅପରେଶନ୍ ସାଙ୍ଗକୁ ଅଧିକାରୀ କିଛି ଗାଡ଼ି ଜବତ କରିଥିଲେ।



ସେହି ସମୟରେ କେତେଜଣ ଯୁବକ ସେମାନଙ୍କ ଉପରକୁ ଟେକା ଫିଙ୍ଗିବା ସହ ଗାଳି କରିଥିଲେ। ତେବେ ଘଟଣାର ଏକାଧିକ ଭିଡିଓ ସୋସିଆଲ ମିଡିଆରେ ବହୁଳ ପ୍ରସାର ହେବାରେ ଲାଗିଛି। ଉକ୍ତ ଭିଡିଓକୁ ଆଧାରକରି ପୋଲିସ ତଦନ୍ତ ଚଳାଇଥିବା ପାଟନା (ୱେଷ୍ଟ) ଏସ୍‌ପି ରାଜେଶ କୁମାର କହିଛନ୍ତ। ଅନ୍ୟପକ୍ଷେ ମହିଳା ଅଧିକାରୀଙ୍କ ଉପରେ ଆକ୍ରମଣ ଘଟଣାକୁ ନେଇ ଜାତୀୟ ମହିଳା ଆୟୋଗ (ଏନ୍‌ସିଡବ୍ଲ୍ୟୁ) ନିନ୍ଦା କରିଛି। ବିହାର ଡିଜିପି ବ୍ୟକ୍ତିଗତ ଭାବେ ଘଟଣାର ତଦାରଖ କରୁଥିବା ଏନ୍‌ସିଡବ୍ଲ୍ୟୁ ଅଧକ୍ଷା ରେଖା ଶର୍ମା କହିଛନ୍ତି।

## ପାକିସ୍ତାନରେ ଭୂସ୍ଖଳନ: ମାଟି ତଳେ ବହୁ ଟ୍ରକ୍

ପେସାୱର,୧୮।୪

ଉତ୍ତରପଶ୍ଚିମ ପାକିସ୍ତାନର ସୀମାନ୍ତ ସହର ତୋର୍‌ଖାମ ନିକଟ ଜାତୀୟ ରାଜପଥରେ ମଙ୍ଗଳବାର ଭୋର ସମୟରେ ବଡ଼ ଭୂସ୍ଖଳନ ହୋଇଛି। ମାଟି ଅତଡ଼ା ତଳେ ଅନେକ ଟ୍ରକ୍ ପୋତିହୋଇ ପଡ଼ିଥିବାବେଳେ କେତେଜଣ ଆହତ ହୋଇଥିବା ପୋଲିସ ଓ ଉଦ୍ଧାରକାରୀ କହିଛନ୍ତି। ଟ୍ରକ୍ ଡ୍ରାଇଭର ଓ ଅନ୍ୟମାନଙ୍କ ଜୀବନ ବଞ୍ଚାଇବା ପାଇଁ ଉଦ୍ଧାର କାର୍ଯ୍ୟରେ ଅଗ୍ନିଶମ କର୍ମଚାରୀ ଓ ଅନ୍ୟମାନେ ସାମିଲ ହୋଇଛନ୍ତି। ବର୍ଷା ସହ ବଜ୍ରପାତ ଯୋଗୁ ଭୂସ୍ଖଳନ ହେଲା ବୋଲି କୁହାଯାଉଛି।

**ସମଲିଙ୍ଗୀ ବିବାହକୁ ଆଇନଗତ ବୈଧତା ଆବେଦନ**

# ପର୍ସନାଲ ଲ' ଆଧାରରେ ହେବନି ବିଚାର

ନୂଆଦିଲ୍ଲୀ,୧୮।୪(ପି.ଟି.)

ସମଲିଙ୍ଗୀ ବିବାହକୁ ଆଇନଗତ ବୈଧତା ପ୍ରଦାନ ଲାଗି ହୋଇଥିବା ଆବେଦନଗୁଡ଼ିକର ଶୁଣାଣି ସୁପ୍ରିମକୋର୍ଟଙ୍କ ୫ ଜଣିଆ ସାମ୍ବିଧାନିକ ପୀଠରେ ମଙ୍ଗଳବାର ଆରମ୍ଭ ହୋଇଛି। ତେବେ ବିବାହ ସମ୍ପର୍କିତ ପର୍ସନାଲ ଲ' ଆଧାରରେ ଉକ୍ତ ଆବେଦନର ବିଚାର କରାଯିବ ନାହିଁ ବୋଲି ସର୍ବୋଚ୍ଚ ଅଦାଲତ ସ୍ପଷ୍ଟ କରିଦେଇଛନ୍ତି। ସ୍ୱତନ୍ତ୍ର ବିବାହ ଆଇନ ଉପରେ ଯୁକ୍ତି ଉପସ୍ଥାପନ କରିବା ଲାଗି ଆଇନଜୀବୀମାନଙ୍କୁ ଅଦାଲତ ପରାମର୍ଶ ଦେଇଛନ୍ତି। ଭାରତର ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ସାମ୍ବିଧାନିକ ପୀଠ ଆବେଦନକୁ ଏକ ଜଟିଳ ପ୍ରସଙ୍ଗ ଭାବେ ଅଭିହିତ କରି କହିଛନ୍ତି, ସ୍ୱତନ୍ତ୍ର ବିବାହ ଆଇନରେ ରହିଥିବା ପୁରୁଷ ଓ ମହିଳା ଧାରଣା ସମ୍ପୂର୍ଣ୍ଣ ପ୍ରଜନନ ଅଙ୍ଗ ଆଧାରିତ ନୁହେଁ। ସାମ୍ବିଧାନିକ ପୀଠରେ ଅନ୍ୟ ବିଚାରପତିମାନେ ହେଲେ ଜଷ୍ଟିସ୍ ଏସ୍.କେ. କୌଲ, ଏସ୍.ଆର୍. ଭଟ୍ଟ, ହିମା କୋହଲି ଏବଂ ପି.ଏସ୍. ନରସିଂହ।



ଯଦି ସମଲିଙ୍ଗୀ ବିବାହକୁ ସର୍ବୋଚ୍ଚ ଅଦାଲତ ବୈଧ ବୋଲି ରାୟ ଦିଅନ୍ତି, ତେବେ ହିନ୍ଦୁ ବିବାହ ଆଇନ ଏବଂ ଅନ୍ୟ ଧର୍ମୀୟ ସମ୍ପ୍ରଦାୟଗୁଡ଼ିକ ପାଇଁ ରହିଥିବା ପର୍ସନାଲ ଲ' ପାଇଁ ସମସ୍ୟା ତଥା ଜଟିଳ ଓ ଅବାଞ୍ଛିତ ପରିଣାମ ସୃଷ୍ଟି ହେବ। ସେଥିପାଇଁ ପର୍ସନାଲ ଲ'କୁ ବାଦ୍ ଦେଇ ଆଇନଜୀବୀମାନେ ସ୍ୱତନ୍ତ୍ର ବିବାହ ଆଇନ (ଧର୍ମ ଆଧାରିତ ହୋଇ ନ ଥିବା ବିବାହ ଆଇନ) ଆଧାରରେ ଯୁକ୍ତି ଉପସ୍ଥାପନ କରିବା ପାଇଁ ସାମ୍ବିଧାନିକ ପୀଠ ପରାମର୍ଶ ଦେଇଥିଲେ। ସ୍ୱତନ୍ତ୍ର ବିବାହ ଆଇନ, ୧୯୫୪ ହେଉଛି ଭିନ୍ନ ଧର୍ମ କିମ୍ବା ଜାତିର ବ୍ୟକ୍ତିମାନଙ୍କୁ ବିବାହ ବନ୍ଧନରେ ଆବଦ୍ଧ ହେବା ଲାଗି ଉଦ୍ଦିଷ୍ଟ ଆଇନ।

କେନ୍ଦ୍ର ସରକାରଙ୍କ ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଟ୍ରାନ୍ସଜେଣ୍ଡର ଅଧିକାର ଅଧିନିୟମ ପ୍ରସଙ୍ଗ ଉଠାଇଥିଲେ, ଯେଉଁଥିରେ ଯୋଡ଼ି ଚୟନ କରିବା ଅଧିକାର, ବ୍ୟକ୍ତିଗତ ଗୋପନୀୟତା ଅଧିକାର ଆଦି ରହିଛି। ସେମାନଙ୍କ ପ୍ରତି ଭେଦଭାବକୁ ଆପରାଧିକ ମାମଲା ଭାବେ ବିଚାର କରାଯାଇଥାଏ। ଅଦାଲତଙ୍କ ନିଷ୍ପତ୍ତି ମାଧ୍ୟମରେ ବିବାହକୁ ସାମାଜିକ-ଆଇନଗତ ମାନ୍ୟତା ପ୍ରଦାନ କରାଯାଇ ପାରିବ ନାହିଁ। ଏପରିକି ବ୍ୟବସ୍ଥାପିକା ଦ୍ୱାରା ନୁହେଁ। ଏହା ସମାଜ ଦ୍ୱାରା ଗ୍ରହଣୀୟ ହେବା ଆବଶ୍ୟକ ବୋଲି ସଲିସିଟର ଜେନେରାଲ କହିଥିଲେ। ଜଣେ ବ୍ୟକ୍ତି ହିନ୍ଦୁ ଥାଇ ସମଲିଙ୍ଗୀରେ ବିବାହ ଅଧିକାର ଉପଲବ୍ଧ କରିବାକୁ ଚାହିଁଲେ ସମସ୍ୟା ଉପୁଜିବ। ଏହା ଦ୍ୱାରା ହିନ୍ଦୁ, ମୁସଲମାନ ଏବଂ ଅନ୍ୟ ସମ୍ପ୍ରଦାୟ ପ୍ରଭାବିତ ହେବେ। ସେଥିପାଇଁ ରାଜ୍ୟଗୁଡ଼ିକର ଯୁକ୍ତିକୁ ଅଦାଲତ ଶୁଣିବା ଆବଶ୍ୟକ ବୋଲି ମେହେଟ୍ଟା କହିଥିଲେ। ଏହାର ଜବାବରେ ସାମ୍ବିଧାନିକ ପୀଠ କହିଥିଲେ, ଆମେ ପର୍ସନାଲ ଲ'କୁ ଯାଉ ନାହୁଁ। ଆମକୁ ଉକ୍ତ ଆଇନକୁ ଯିବା ଲାଗି କାହିଁକି କୁହାଯାଉଛି। ଏହାର ନିଷ୍ପତ୍ତି କିପରି ନିଆଯିବ, ତାହା ଆପଣ କହିପାରିବେ ନାହିଁ। ସବୁକିଛି ଶୁଣିବାକୁ ଆମେ ବାଧ ନୋହୁଁ ବୋଲି ଅଦାଲତ କହିଥିଲେ।

## ସମଲିଙ୍ଗୀ ବିବାହକୁ ୩୩ ଦେଶରେ ସ୍ୱୀକୃତି

ଭାରତରେ ସମଲିଙ୍ଗୀ ବିବାହକୁ ନେଇ ଆଇନଗତ ଲଢେଇ ଜାରି ରହିଥିବା ବେଳେ ବିଶ୍ୱରେ ଏମିତି ଅନେକ ଦେଶ ରହିଛି ଯେଉଁଠି ଏହାକୁ ମାନ୍ୟତା ମିଳିଛି। ସେହି ଦେଶଗୁଡିକ ହେଉଛି କ୍ୟୁବା, ଆଣ୍ଡୋରା, ସ୍ଲୋଭେନିଆ, ଚିଲି, ସୁଇଜରଲାଣ୍ଡ, କୋଷ୍ଟାରିକା, ଅଷ୍ଟ୍ରିଆ, ତାଇୱାନ, ଇକ୍ୱେଡର, ବେଲଜିୟମ, ବ୍ରିଟେନ, ଡେନ୍‌ମାର୍କ, ଫିନ୍‌ଲାଣ୍ଡ, ଫ୍ରାନ୍ସ, ଜର୍ମାନୀ, ଆଇସଲାଣ୍ଡ, ଆୟରଲାଣ୍ଡ, ଲକ୍ସେମ୍ବର୍ଗ, ମାଲଟା, ନରୱେ, ପର୍ତ୍ତୁଗାଲ, ସ୍ପେନ, ସୁଇଡେନ, ମେକ୍ସିକୋ, ସାଉଥ ଆଫ୍ରିକା, ଆମେରିକା, କୋଲମ୍ବିଆ, ବ୍ରାଜିଲ୍, ଆର୍ଜେଣ୍ଟିନା, କାନାଡା, ନେଦରଲାଣ୍ଡ, ନ୍ୟୁଜିଲାଣ୍ଡ ଏବଂ ଉରୁଗୁଏ।

୨୦୦୧ରେ ନେଦରଲାଣ୍ଡ ପ୍ରଥମ ଦେଶ ହିସାବରେ ସମଲିଙ୍ଗୀ ବିବାହକୁ ସ୍ୱୀକୃତି ପ୍ରଦାନ କରିଥିଲା। ଏସିଆର ପ୍ରଥମ



ଦେଶ ଭାବେ ତାଇୱାନ ଏହି ଶ୍ରେଣୀରେ ସାମିଲ ହୋଇଛି। ମୋଟ୍ ୩୩ରୁ ୨୩ ଦେଶର ସମ୍ବିଧାନ ଆଇନଗତ ଅଧିକାର ପ୍ରଦାନ କରିଥିବା ବେଳେ ଅବଶିଷ୍ଟ ୧୦ ଦେଶର ଅଦାଲତ ସମଲିଙ୍ଗୀ ବିବାହକୁ ସ୍ୱୀକୃତି ପ୍ରଦାନ କରିଛନ୍ତି। ଚେକ୍ ରିପବ୍ଲିକ, ଜାପାନ, ଫିଲିପାଇନ୍ସ ଏବଂ ଥାଇଲାଣ୍ଡ ସହ ଭାରତ ପଞ୍ଚମ ଦେଶ ଭାବେ ଏହାର ସମୀକ୍ଷା କରୁଛି। ହ୍ୟୁମାନ ରାଇଟ୍ କ୍ୟାମ୍ପେନିଂ ଫାଉଣ୍ଡେସନର ରିପୋର୍ଟ 'ମ୍ୟାରେଜ ଇକ୍ୱାଲିଟି ଆରାଉଣ୍ଡ ଦ ୱାର୍ଲ୍ଡ'ରୁ ଏହି ତଥ୍ୟ ପ୍ରକାଶ ପାଇଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ଏପ୍ରିଲ ୧୯/୨୦୨୩ (୧୮ ପୃଷ୍ଠା) Bhubaneswar, Wednesday, April 19/2023 Page 18 | ପୃଷ୍ଠା-୧



**ଗ୍ରୀନ୍‌ଙ୍କ ଦୃଢ଼ ବ୍ୟାଟିଂ**

ସନ୍‌ରାଇଜର୍ସ ହାଇଦ୍ରାବାଦ ବିପକ୍ଷ ଇଣ୍ଡିଆନ ପ୍ରିମିୟର ଲିଗ୍ ମ୍ୟାଚରେ ଦୃଢ଼ ବ୍ୟାଟିଂ କରି ଅର୍ଦ୍ଧଶତକ ହାସଲ କରିଛନ୍ତି ମୁମ୍ବାଇ ଇଣ୍ଡିଆନ୍ସର କାମେରନ ଗ୍ରୀନ୍। ୧୪

୧୦ **ଅନନ୍ୟା ସବୁଠୁ ଗ୍ଲାମରସ୍ ଆଇକନ୍**

ନିକଟରେ ଆୟୋଜିତ ହୋଇଥିବା ପିଙ୍କ୍‌ଭିଲ୍ଲା ଷ୍ଟାଇଲ ଆଇକନ୍‌ସ ଏଡିଶନ-୨ରେ ବଲିଉଡ୍ ଅଭିନେତ୍ରୀ ଅନନ୍ୟା ପାଣ୍ଡେ ସବୁଠୁ ଗ୍ଲାମରସ୍ ଆଇକନ୍ ହୋଇଛନ୍ତି।





ଖରାରେ ତାଳସଜର ମଜା: କଟକ ଖାନ୍‌ନଗର ରିଂରୋଡ୍ ରାସ୍ତାକଡ଼ରେ ତାଳସଜ ବିକ୍ରି କରାଯାଉଛି। (ଫଟୋ: ରାଜକିଶୋର)

# ବରଗଡ଼ରେ ଟ୍ରିପଲ ମର୍ଡର

## ସ୍ୱାମୀଙ୍କ ସମେତ ୨ ସ୍ତ୍ରୀଙ୍କୁ ହତ୍ୟା

ଭେଡ଼େନ,୧୮।୪(ଡି.ଏନ.ଏ)

ବରଗଡ଼ ଜିଲା ଭେଡ଼େନ ଥାନା ରୁଷୁଡ଼ା ଫାଣ୍ଡି ଅନ୍ତର୍ଗତ ଆଖିଫୁଟା ଗ୍ରାମରେ ସୋମବାର ବିଳମ୍ବିତ ରାତିରେ ଏକ ବୀଭତ୍ସ ହତ୍ୟାକାଣ୍ଡ ଘଟିଛି। ହତ୍ୟାକାଣ୍ଡରେ ଗୋଟିଏ ପରିବାରର ୩ଜଣଙ୍କ ମୃତ୍ୟୁ ହୋଇଛି। ମୃତକମାନେ ହେଲେ ଟଙ୍କଧର ସାହୁ(୭୦) ଏବଂ ତାଙ୍କ ୨ ସ୍ତ୍ରୀ ଦ୍ରୌପଦୀ (୬୫) ଓ ମାଧବୀ (୪୫)। ମଙ୍ଗଳବାର ପୋଲିସ ଅନୁସନ୍ଧାନୀ କୁକୁର ଏବଂ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳକୁ ଯାଇ ଛାନ୍‌ଭିନ୍ ଚଳାଇଛି। ହତ୍ୟାକାଣ୍ଡର କାରଣ ଜଣାପଡ଼ି ନ ଥିବାବେଳେ ସମ୍ପତ୍ତି ଲୋଭରୁ କେହି ଏଭଳି ହତ୍ୟାକାଣ୍ଡ ଘଟାଇ ଥାଇପାରନ୍ତି ବୋଲି ଅନୁମାନ କରାଯାଉଛି।

ସୂଚନା ଅନୁସାରେ, ଟଙ୍କଧରଙ୍କ ପରିବାର କହିଲେ ସେ ଏବଂ ତାଙ୍କ ୨ସ୍ତ୍ରୀ। ପିଲାଛୁଆ କେହି ନାହାନ୍ତି। ଟଙ୍କଧର ଭେଡ଼େନ ଥାନା ଗଣ୍ଡିଆପାଲି ଗ୍ରାମର ଦ୍ରୌପଦୀଙ୍କୁ ପ୍ରଥମ ସ୍ତ୍ରୀ ଭାବେ ଗ୍ରହଣ କରିଥିଲେ। ତାଙ୍କର ପିଲାଛୁଆ ନ ହେବାରୁ ଉଭୟଙ୍କ ସହମତି କ୍ରମେ ପ୍ରାୟ ୬ବର୍ଷ ତଳେ ସେ ସୋନପୁର ଜିଲା ଡୁଙ୍ଗୁରିପାଲି ଥାନା ନୁନିଆଁମୁଣ୍ଡା ଗ୍ରାମର ମାଧବୀଙ୍କୁ ଦ୍ୱିତୀୟ ସ୍ତ୍ରୀ ଭାବେ ଗ୍ରହଣ କରିଥିଲେ। ତେବେ ଏପର୍ଯ୍ୟନ୍ତ ମାଧବୀଙ୍କର ମଧ୍ୟ ପିଲାଛୁଆ ନାହିଁ। ଟଙ୍କଧର ୨ ସ୍ତ୍ରୀଙ୍କ ସହ ସେହି ଘରେ ରହୁଥିଲେ ବୋଲି ଗ୍ରାମବାସୀ କହିଛନ୍ତି। ଟଙ୍କଧରଙ୍କ ଆର୍ଥିକ ଅବସ୍ଥା ଠିକ୍ ରହିଛି। ତାଙ୍କର ୨ଟି ପକ୍କାଘର ଥିବାବେଳେ ୭ଏକର ଚାଷଜମି ରହିଛି। ସେ ନିଜେ ଚାଷ ନ କରି ଅନ୍ୟ ଜଣଙ୍କୁ ଭାଗସୂତ୍ରରେ ଦେଇଥିଲେ। ତେବେ ମଙ୍ଗଳବାର ଦିନ ୧୧ଟା ସୁଦ୍ଧା ଟଙ୍କଧରଙ୍କ ଘର କବାଟ ଖୋଲି ନ ଥିଲା। ଫଳରେ ତାଙ୍କ ପଡ଼ୋଶୀ ସନ୍ଦେହ କରି କବାଟ ଫାଙ୍କରେ ଘର ଭିତରକୁ ଚାହିଁଥିଲେ ଏବଂ କବାଟର ଅନତିଦୂରରେ ଚଟାଣ ଉପରେ ଦ୍ରୌପଦୀ, ମାଧବୀ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଥିବା ସେ ଦେଖିବାକୁ ପାଇଥିଲେ। ଏ ନେଇ ସେ ଗାଁ ଲୋକଙ୍କୁ ଖବର ଦେଇଥିଲେ ଏବଂ ପରେ ପୋଲିସ ସୂଚନା ପାଇ ଘଟଣାସ୍ଥଳରେ ପହଞ୍ଚିଥିଲା।

ପୋଲିସ କବାଟ ଖୋଲିବା ପରେ ଚଟାଣ ଉପରେ ଦ୍ରୌପଦୀ, ମାଧବୀଙ୍କ ମୃତଦେହ ପଡ଼ିଥିବାବେଳେ ଅନ୍ୟ ଏକ କୋଠରିରେ ଟଙ୍କଧରଙ୍କ ମୃତଦେହ ରକ୍ତାକ୍ତ ଅବସ୍ଥାରେ ପଡ଼ିଥିବା ଦେଖିବାକୁ ମିଳିଥିଲା। ପରେ ସାଇଣ୍ଟିଫିକ୍ ଟିମ୍ ଅନୁସନ୍ଧାନୀ କୁକୁର ସହ ଘଟଣାସ୍ଥଳରେ ପହଞ୍ଚିଥିଲେ। ଘର ପଛପଟେ ଥିବା ଏକ କବାଟ ଖୋଲା ଥିବାରୁ ସେହି ବାଟ ଦେଇ ଅନୁସନ୍ଧାନୀ କୁକୁର ଘରକୁ ଲାଗି ରହିଥିବା କେନାଲକୁ ଯାଇଥିଲା ଏବଂ ସେଠାରୁ ଏକ କୁରାଢ଼ି ମିଳିଥିଲା। ସେହି କୁରାଢ଼ିରେ ହତ୍ୟା କରି ଅଭିଯୁକ୍ତ ଘର ପଛପଟ ବାଟ ଦେଇ ଖସିଯାଇଥିବା ଅନୁମାନ କରାଯାଉଛି।

ମୃତକଙ୍କ ସମ୍ପର୍କୀୟ ଧନପତି ସାହୁ କହିଛନ୍ତି, ଟଙ୍କଧରଙ୍କ ଉଭୟ ସ୍ତ୍ରୀ ଦୁଇ ଭଉଣୀ ଭଳି ଚଳୁଥିଲେ। କେବେ ସେମାନଙ୍କ ମଧ୍ୟରେ କଳିଗୋଳ ହୋଇ ନ ଥିଲା। ପଡ଼ୋଶୀ ସି.ଏଚ୍ ରାଓ କହିଛନ୍ତି, ମୃତକମାନେ ଖୁସିରେ ରହୁଥିଲେ। କେବେ ସେମାନେ ଝଗଡ଼ା ହେବାର ଜାଣିନାହିଁ। ମୃତକଙ୍କ ଘର ପାଖରେ ଥିବା ଦୋକାନୀ ଶାରଦୁଲ ରଣା ☞ପୃଷ୍ଠା-୨

# ଶ୍ରୀମନ୍ଦିର ପ୍ରଶାସନ ଫାଇଲ ହଜିଗଲା

## ତୁରନ୍ତ ଖୋଜିବାକୁ ସବୁ ସେକ୍ସନକୁ ଆଇନ ବିଭାଗର ନିର୍ଦ୍ଦେଶ

ଭୁବନେଶ୍ୱର,୧୮।୪(ବ୍ୟୁରୋ)

ଶ୍ରୀମନ୍ଦିର ରତ୍ନଭଣ୍ଡାର ଚାବି ହଜିବା ଘଟଣା ଭଳି ଜଗନ୍ନାଥ ମନ୍ଦିର ପ୍ରଶାସନ(ଜେଟିଏ)ର ୨ଟି ଫାଇଲର ପତ୍ତା ମିଳୁନାହିଁ। ଉକ୍ତ ୨ ଫାଇଲକୁ ଜେଟିଏ ପକ୍ଷରୁ ଆଇନ ବିଭାଗକୁ ଦିଆଯାଇଥିଲା। ତାହା ଭୁବନେଶ୍ୱରସ୍ଥିତ ରାଜ୍ୟ ଆଇନ ବିଭାଗ କାର୍ଯ୍ୟାଳୟରୁ ହଜିଯାଇଛି। ଏ ନେଇ ଆଇନ ବିଭାଗ ପକ୍ଷରୁ ତନାଘନା ଆରମ୍ଭ ହୋଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ହାଇକୋର୍ଟରେ ଉକ୍ତ ଫାଇଲକୁ ଦାଖଲ କରିବାକୁ ପଡ଼ିବ। ଫାଇଲ ହଜିବାକୁ ନେଇ ଆଇନ ବିଭାଗ ଅଡୁଆରେ ପଡ଼ିଛି। ଫାଇଲ ଖୋଜିବାକୁ ମଙ୍ଗଳବାର ଆଇନ ବିଭାଗ ଡେପୁଟି ସେକ୍ରେଟାରି ସମସ୍ତ ସେକ୍ସନକୁ ଚିଠି ଲେଖିଛନ୍ତି। ଚିଠିରେ ଉଲ୍ଲେଖ କରାଯାଇଛି ଯେ ଜଗନ୍ନାଥ ମନ୍ଦିର ପ୍ରଶାସନ ପାଇଲ ନଂ. ଜେଟିଏ-୫୫/୨୦୦୬(ପିଟି) ଏବଂ ଜେଟିଏ-୦୬/୨୦୧୪ ଫାଇଲ ଆଇନ ବିଭାଗର ଜେଟିଏ ସେକ୍ସନରେ ମିଳୁନାହିଁ। ପ୍ରାଥମିକତା ଭିତ୍ତିରେ ଏହି ଫାଇଲ ଖୋଜିବାକୁ ସମସ୍ତ ସେକ୍ସନକୁ ଅନୁରୋଧ କରାଯାଇଛି। ଫାଇଲ ମିଳିବା ମାତ୍ରେ ଜେଟିଏ ସେକ୍ସନକୁ ଜଣାଇବାକୁ କୁହାଯାଇଛି। ଉକ୍ତ ଫାଇଲ ତୁରନ୍ତ ହାଇକୋର୍ଟରେ ଦାଖଲ କରାଯିବ ବୋଲି ଚିଠିରେ ଦର୍ଶାଯାଇଛି।





## ବୁଧ, ଗୁରୁ ସ୍କୁଲ ଛୁଟି

**ଭୁବନେଶ୍ୱର,୧୮।୪(ବ୍ୟୁରୋ):** ରାଜ୍ୟରେ ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଆସନ୍ତା ୨ଦିନ ସରକାରୀ ଏବଂ ବେସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଓ ଅଙ୍ଗନୱାଡ଼ି କେନ୍ଦ୍ରକୁ ଛୁଟି ଘୋଷଣା କରାଯାଇଛି। ୧୯ ଓ ୨୦ ତାରିଖ ବୁଧ ଓ ଗୁରୁବାର ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପାଠପଢ଼ା ବନ୍ଦ ରହିବ। ଏନେଇ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା ଟୁଇଟ୍ କରି ସୂଚନା ଦେଇଛନ୍ତି। ଖରା ଓ ଗୁଲୁଗୁଲି ପାଇଁ ପୂର୍ବରୁ ୧୨ ତାରିଖରୁ ୧୬ ତାରିଖ ଯାଏ ବିଦ୍ୟାଳୟରେ ପାଠପଢ଼ା ବନ୍ଦ ରହିଥିଲା। ତେବେ ୧୭ ଓ ୧୮ ତାରିଖ ଦୁଇଦିନ ସକାଳୁଆ ପାଠପଢ଼ା ହୋଇଥିଲା। ରାଜ୍ୟରେ ଲଗାତାର ତାପମାତ୍ରା ବୃଦ୍ଧି ପାଉଥିବାରୁ ପିଲାଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ପୁଣିଥରେ ଛୁଟି ଘୋଷଣା କରାଯାଇଛି।

## ମେ' ୨୧ରେ ଓଜେଏସ୍-୨୦୨୨ ପ୍ରିଲିମନାରି ପରୀକ୍ଷା

**କଟକ ଅଫିସ, ୧୮।୪:** ଓଡ଼ିଶା ଲୋକସେବା ଆୟୋଗ(ଓପିଏସ୍‌ସି) ଦ୍ୱାରା ପରିଚାଳିତ ଓଡ଼ିଶା ଜୁଡିସିଆଲ ସର୍ଭିସ (ଓଜେଏସ୍)-୨୦୨୨ର ପ୍ରିଲିମନାରି ପରୀକ୍ଷା ଆସନ୍ତା ମେ' ୨୧ରେ ଅନୁଷ୍ଠିତ ହେବ। ପୂର୍ବାହ୍ନ ୧୦ଟାରୁ ୧୧ଟା ୩୦ ମିନିଟ୍ ପର୍ଯ୍ୟନ୍ତ ପରୀକ୍ଷାର୍ଥୀମାନେ ପରୀକ୍ଷା ଦେବେ। ଦିବ୍ୟାଙ୍ଗ ପରୀକ୍ଷାର୍ଥୀଙ୍କୁ ଅଧିକ ୩୦ ମିନିଟ୍ ସମୟ ଦିଆଯିବ। ଏନେଇ ମଙ୍ଗଳବାର ଓପିଏସ୍‌ସି ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ତେବେ ପରୀକ୍ଷା ସମ୍ପର୍କିତ ସବିଶେଷ ତଥ୍ୟ ଖୁବ୍‌ଶୀଘ୍ର ୱେବ୍‌ସାଇଟ୍‌ରେ ପ୍ରକାଶ ପାଇବ ବୋଲି ଓପିଏସ୍‌ସି ପକ୍ଷରୁ ସୂଚନା ଦିଆଯାଇଛି।

**ଆଜିର ସମ୍ପାଦକୀୟ**

ପାଣି ମୁନ୍ଦାଏ

# ବିଦ୍ୟା, ଡିଏଫ୍‌ଓ, ରୋଷେୟାଙ୍କ ବିରୋଧରେ ମାମଲା ଚାଲିବ

**ଏସିଏଫ୍ ସୌମ୍ୟ ମୃତ୍ୟୁ ମାମଲା**



**ବହୁଚର୍ଚ୍ଚିତ ଏସିଏଫ୍ ସୌମ୍ୟରଞ୍ଜନ ମହାପାତ୍ର ମୃତ୍ୟୁ ମାମଲା ଏବେ ନୂଆ ମୋଡ଼ ନେଇଛି। ଏହି ଘଟଣାରେ ପାରଳାଖେମୁଣ୍ଡି ତତ୍କାଳୀନ ଡିଏଫ୍‌ଓ ଏବଂ ରୋଷେୟା ତଦନ୍ତକାରୀ ସଂସ୍ଥା ଦ୍ୱାରା କ୍ଲିନ୍‌ଚିଟ୍ ପାଇଥିବାବେଳେ ଏବେ ଅଦାଲତ ନିର୍ଦ୍ଦେଶରେ ଛନ୍ଦି ହୋଇପଡ଼ିଛନ୍ତି। କେବଳ ସୌମ୍ୟଙ୍କ ସ୍ତ୍ରୀ ବିଦ୍ୟାଭାରତୀ ନୁହନ୍ତି ବରଂ ଡିଏଫ୍‌ଓ ସଂଗ୍ରାମ କେଶରୀ ବେହେରା ଓ ରୋଷେୟା ମନ୍ମଥ କୁମ୍ଭଙ୍କ ନାମରେ ହତ୍ୟା ଏବଂ ଷଡ଼ଯନ୍ତ୍ର ଅଭିଯୋଗରେ ମାମଲା ଚାଲିବ ବୋଲି ପାରଳାଖେମୁଣ୍ଡି ଏସ୍‌ଡିଜେଏମ୍ କୋର୍ଟ କହିଛନ୍ତି। ଏପରି କି ସେମାନଙ୍କୁ କୋର୍ଟରେ ହାଜର ହେବାକୁ ସମନ୍ ଜାରି ହୋଇଛି।**

ପାରଳାଖେମୁଣ୍ଡି, ୧୮।୪(ଡି.ଏନ୍.ଏ.)

ବହୁଚର୍ଚ୍ଚିତ ଏସିଏଫ୍ ସୌମ୍ୟରଞ୍ଜନ ମୃତ୍ୟୁ ମାମଲାରେ ସ୍ତ୍ରୀ ବିଦ୍ୟାଭରତୀ ପଣ୍ଡା, ତତ୍କାଳୀନ ଡିଏଫ୍‌ଓ ସଂଗ୍ରାମ କେଶରୀ ବେହେରା ଏବଂ ରୋଷେୟା ମନ୍ମଥ କୁମ୍ଭଙ୍କ ବିରୋଧରେ ହତ୍ୟା ଏବଂ ଆପରାଧିକ ଷଡ଼ଯନ୍ତ୍ର ରଚିବା ଅଭିଯୋଗରେ ପୁଣି ବିଚାର ହେବ। ଆଇପିସି ଦଫା ୩୦୨ ଓ ୧୨୦ 'ବି'ରେ ୩ଜଣଙ୍କ ବିରୋଧରେ ମାମଲା ଚାଲିବ। ତେଣୁ ସେମାନଙ୍କୁ ଆସନ୍ତା ୨୭ତାରିଖରେ କୋର୍ଟରେ ହାଜର ହେବାକୁ ସମନ୍ ଜାରି ହୋଇଛି। ପରିବାର ଲୋକଙ୍କ ଅଭିଯୋଗକ୍ରମେ ପୋଲିସ ପ୍ରାଥମିକସ୍ତରରେ ମୃତ ଏସିଏଫ୍ ସୌମ୍ୟଙ୍କ ସ୍ତ୍ରୀ ବିଦ୍ୟାଭାରତୀ, ତତ୍କାଳୀନ ☞ପୃଷ୍ଠା-୨

# ଓଡ଼ିଆରେ ଷ୍ଟାଫ୍ ସିଲେକ୍ସନ ପରୀକ୍ଷାକୁ ମଞ୍ଜୁରୀ

ନୂଆଦିଲ୍ଲୀ,୧୮।୪

ଷ୍ଟାଫ୍ ସିଲେକ୍ସନ କମିଶନ ମଲ୍ଟିଟାସ୍କିଙ୍ଗ(ଅଣବୈଷୟିକ) କର୍ମଚାରୀ ଚୟନ ଲାଗି (ଏସ୍‌ଏସ୍‌ସି ଏମ୍‌ଟିଏସ୍) ପରୀକ୍ଷା,୨୦୨୨ ଏବଂ ମିଳିତ ଉଚ୍ଚମାଧ୍ୟମିକ ସ୍ତରୀୟ ପରୀକ୍ଷା (ସିଏଚ୍‌ଏସ୍‌ଏଲ୍‌ଇ),୨୦୨୨ ହିନ୍ଦୀ, ଇଂଲିଶ ବ୍ୟତୀତ ଓଡ଼ିଆ ଓ ଅନ୍ୟ ଆଞ୍ଚଳିକ ଭାଷାରେ ହେବ। କାର୍ମିକ ଓ ପ୍ରଶିକ୍ଷଣ ବିଭାଗ (ଡିଓପିଟି) ଏହାକୁ ଅନୁମୋଦନ କରିଥିବା ବିଭାଗୀୟ ମନ୍ତ୍ରୀ ଜିତେନ୍ଦ୍ର ସିଂ ଘୋଷଣା କରିଛନ୍ତି। ଏଣିକି ଉପରୋକ୍ତ ପରୀକ୍ଷା ପାଇଁ ୧୩ଟି ଆଞ୍ଚଳିକ ଭାଷାରେ ପ୍ରଶ୍ନପତ୍ର ଆସିବ। ଓଡ଼ିଆ ସମେତ ଅସମୀୟା, ବେଙ୍ଗଲୀ, ଗୁଜରାଟୀ, ମରାଠୀ, ମାଲୟାଲମ, କନ୍ନଡ, ତାମିଲ, ତେଲୁଗୁ, ଉର୍ଦ୍ଦୁ, ପଞ୍ଜାବୀ, ମଣିପୁରୀ ଏବଂ କୋଙ୍କଣୀ ଭାଷାରେ ଷ୍ଟାଫ୍ ସିଲେକ୍ସନ ପରୀକ୍ଷା ହେବ। ପୂର୍ବରୁ କେବଳ ହିନ୍ଦୀ ଓ ଇଂଲିଶରେ ଏହି ପରୀକ୍ଷା ହେଉଥିଲା। ଆଞ୍ଚଳିକ ଭାଷାରେ ପରୀକ୍ଷା କରାଇବା ନେଇ ଅନୁଧ୍ୟାନ କରି ରିପୋର୍ଟ ଦେବାକୁ ସରକାର ଏକ ବିଶେଷଜ୍ଞ କମିଟି ଗଠନ ☞ପୃଷ୍ଠା-୨

# ପିଲାଙ୍କ ମୋବାଇଲ ନିଶା: ଚିନ୍ତାରେ ୮୫% ଅଭିଭାବକ



ନୂଆଦିଲ୍ଲୀ, ୧୮।୪

ଆଧୁନିକ ଯୁଗରେ ମୋବାଇଲ୍‌ର ଉପଯୋଗିତା ବଢ଼ିଚାଲିଛି। ଖାଦ୍ୟ ଅର୍ଡର କରିବାଠାରୁ ଆରମ୍ଭ କରି କ୍ୟାବ୍ ବୁକ୍ କରି ନିଜ ଗନ୍ତବ୍ୟସ୍ଥଳକୁ ଯିବା ପର୍ଯ୍ୟନ୍ତ, ପ୍ରାୟ ସବୁ କାମ ପାଇଁ ଏବେ ଲୋକମାନେ ମୋବାଇଲ ଉପରେ ନିର୍ଭରଶୀଳ। ବହୁ ଜଟିଳ କାମକୁ ଫୋନ୍ ଶୀଘ୍ର ଓ ସହଜ କରିଦେଉଛି ସତ, କିନ୍ତୁ ଏହାର ନକାରାତ୍ମକ ପ୍ରଭାବ ଛୋଟ ପିଲାଙ୍କ ଉପରେ ପଡ଼ୁଛି। ଛୁଟିରେ ପିଲାମାନେ ସାଙ୍ଗସାଥୀଙ୍କ ସହ ଖେଳକୁଦ କରିବା ପରିବର୍ତ୍ତେ ମୋବାଇଲ୍‌ରେ ଅଧିକ ସମୟ ଅତିବାହିତ କରୁଛନ୍ତି। ତେବେ ଏହାକୁ ନେଇ ଭାରତର ୮୫% ଅଭିଭାବକ ଏବେ ଚିନ୍ତାରେ ପଡ଼ିଯାଇଥିବା କାଣ୍ଟାର ମିଡିଆ କମ୍ପାନୀ ପକ୍ଷରୁ କରାଯାଇଥିବା ସର୍ଭେରୁ ଜଣାପଡ଼ିଛି। ଖରାଛୁଟିରେ ପିଲାମାନେ ସାଙ୍ଗମାନଙ୍କ ସହ ଅଧିକ ସମୟ ଖେଳକୁଦରେ ବିତାଇବା ଏବଂ ନୂଆ ଜାଗା ବୁଲି ଦେଖିବା ପାଇଁ ଯଥେଷ୍ଟ ସମୟ ପାଇଥାନ୍ତି। କିନ୍ତୁ ସେମାନେ ଏହିସବୁ କାମ କରିବା ବଦଳରେ ଅଧିକ ସମୟ ଫୋନ୍ ଦେଖାରେ କଟାଉଛନ୍ତି। ମୋବାଇଲ୍‌ର ଅଧିକ ବ୍ୟବହାର ଯୋଗୁ ପିଲାମାନେ ମାନ୍ଦା ହୋଇଯାଉଥିବା ପାଖାପାଖି ୯୦ ପ୍ରତିଶତ ଅଭିଭାବକଙ୍କ ଅଭିଯୋଗ। ଗତ ମାର୍ଚ୍ଚରେ ଆମାଜନ୍ ନେତୃତ୍ୱରେ କାଣ୍ଟାର ମିଡିଆ କମ୍ପାନୀ ଏହି ସର୍ଭେ କରିଥିଲା। ଅନେକଙ୍କ ମତରେ ପିଲାମାନେ ୨ ଘଣ୍ଟାରୁ କମ୍ ସମୟ ଫୋନ୍ ଦେଖିବା ଉଚିତ। ସେହିପରି ୬୯ ପ୍ରତିଶତ ଅଭିଭାବକ କୁହନ୍ତି ଯେ, ଛୁଟି ସମୟରେ ସେମାନଙ୍କ ପିଲା ମୋବାଇଲ୍ ଦେଖିବାକୁ ପାଖାପାଖି ୩ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ବିତାଇଛନ୍ତି। ୧୦ ମେଟ୍ରୋ ଓ ଅଣ-ମେଟ୍ରୋ ସହରର ୭୫୦ ଅଭିଭାବକଙ୍କୁ ନେଇ ଉକ୍ତ ସର୍ଭେ କରାଯାଇଛି। ତେବେ ପିଲାମାନଙ୍କୁ ଘଣ୍ଟା ଘଣ୍ଟା ମୋବାଇଲ୍ ଦେଖିବା କାର୍ଯ୍ୟରୁ ନିବୃତ୍ତ କରିବା ପାଇଁ ୯୬ % ମା'ବାପା ଚେଷ୍ଟା ଚଳାଇଛନ୍ତି। ଅଧିକ ସମୟ ମୋବାଇଲ୍ ଦେଖାରେ ନ ଦେଇ ସେମାନଙ୍କ ପିଲା ଇଂଲିଶ କହିବା (୫୦%), ସୋସିଆଲ ମ୍ୟାନର୍ ଶିଖିବା (୪୫%), ନାଚ, ସଙ୍ଗୀତ ଶିଖିବା, ବାଦ୍ୟଯନ୍ତ୍ର ବଜାଇବା (୩୬%), ଆର୍ଟ-କ୍ରାଫ୍ଟ (୩୨%) ଖେଳକୁଦ କରିବା(୩୨%) ଅଭିଭାବକ ଚାହୁଁଥିବା କଣ୍ଟାରର କାର୍ଯ୍ୟନିର୍ବାହୀ ପରିଚାଳନା ନିର୍ଦ୍ଦେଶକ ଦୀପେନ୍ଦର ରଣା କହିଛନ୍ତି।

**ଆଜିର ମନ୍ତବ୍ୟ**

"ରାଜନୈତିକ ଇଚ୍ଛାଶକ୍ତି ଥିଲେ 'ନୋ ୱାର୍ ନୋ ପିସ୍' ସ୍ଥିତିରେ ମଧ ଭାରତୀୟ ବାୟୁସେନା ନିଜ ପରାକ୍ରମ ଦେଖାଇପାରିବ। ୨୦୧୯ର ବାଲାକୋଟ୍ ଅପରେଶନ୍ ଆଇଏଏଫ୍‌ର ଦକ୍ଷତାକୁ ପ୍ରମାଣିତ କରିଛି।
– ଭି.ଆର୍. ଚୌଧରୀ, ଆଇଏଏଫ୍ ମୁଖ୍ୟ



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଗୁପ୍ତ ଦାନର ଗୁଣ ବେଶି
ଗୁପ୍ତ ପାପର ଖୁଣ ବେଶି।**

ଗୁପ୍ତ ଦାନର ପ୍ରତିଫଳନରେ ଅଶେଷ ପୁଣ୍ୟ ଅର୍ଜନ ହୋଇଥାଏ। ସେହିପରି ଗୁପ୍ତ ବା ଅବୈଧ ପ୍ରେମ ଯେ କେବଳ ଅନୈତିକ ତାହା ନୁହେଁ, ବରଂ ପାପ କହିଲେ ଭୁଲ ହୋଇନଥାଏ। ଆଉ ଏପରି ପାପ କାର୍ଯ୍ୟକଳାପର ଅନ୍ତ ସର୍ବଦା କରୁଣ ଓ ଭୟଙ୍କର ହୋଇଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଗାମୁଛା ନ ଥାଇ କି ସ୍ନାହାନ
ଆଦର ନ ଥାଇ କି ଭୋଜନ।**

ସ୍ନାନ ବେଳେ ଗାମୁଛା ଖଣ୍ଡେ ନ ଥିଲେ ସ୍ନାନ ଶାନ୍ତିକର ଲାଗେନାହିଁ। ସେହିପରି ଆଦର ବିନା ବନ୍ଧୁତାର ଆନ୍ତରିକତା ପରିସ୍ଫୁଟ ହୁଏନାହିଁ ବୋଲି ଏଠାରେ ଦର୍ଶାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:

# ସମ୍ବଲପୁର: ନେତାଙ୍କ ଗସ୍ତ ଉପରେ ରୋକ୍

## ଥାନାରେ ଅଟକ କେନ୍ଦ୍ରମନ୍ତ୍ରୀ, ଭାଜପା ଏମ୍‌ପି, ବିଧାୟକ

**ସମ୍ବଲପୁର, ୧୮।୪(ବ୍ୟୁରୋ)**

ଗତ ବୁଧବାର ସାମ୍ପ୍ରଦାୟିକ ଦଙ୍ଗା ଯୋଗୁ ସମ୍ବଲପୁର ସହର ଅଶାନ୍ତ ହୋଇପଡ଼ିଛି। ଶୁକ୍ରବାରଠାରୁ ସେଠାରେ କର୍ଫ୍ୟୁ ବଳବତ୍ତର ରହିଛି। ତେବେ ଲୋକଙ୍କ ଅସୁବିଧାକୁ ଦୃଷ୍ଟି ରେଖି ଏବଂ ସ୍ଥିତି ଅନୁଧ୍ୟାନ କରାଯାଇ କର୍ଫ୍ୟୁ କୋହଳ ସମୟ ବୃଦ୍ଧି କରାଯାଉଛି। ଆଇନଶୃଙ୍ଖଳାକୁ ଦୃଷ୍ଟିରେ ରଖି ସମ୍ବଲପୁରରେ ରାଜନୈତିକ କାର୍ଯ୍ୟକ୍ରମ ଓ ନେତାଙ୍କ ଗସ୍ତ ଉପରେ ଜିଲାପାଳ ଅନନ୍ୟା ଦାସ ରୋକ୍ ଲଗାଇଛନ୍ତି। କିନ୍ତୁ ମଙ୍ଗଳବାର ସକାଳ ୮ଟାରେ ଭାଜପାର ଏକ ପ୍ରତିନିଧି ଦଳ ଝାରସୁଗୁଡ଼ାରୁ ସମ୍ବଲପୁର ସହରକୁ ଆସୁଥିବାବେଳେ ସେମାନଙ୍କୁ ସମ୍ବଲପୁର-ଝାରସୁଗୁଡ଼ା ଜିଲାର ସୀମା ଠେଲକୋଲି ଥାନା ଅଧୀନ ଶ୍ରୀପୁରା ଗ୍ରାମ ଛକରେ ପୋଲିସ ବାରିକେଡ୍ ଲଗାଇ ଅଟକାଇଛି। ଏହି ପ୍ରତିନିଧି ଦଳରେ କେନ୍ଦ୍ର ଆଦିବାସୀ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ, ବରଗଡ଼ ଏମ୍‌ପି ସୁରେଶ ପୂଜାରୀ, କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡା, ସୁନ୍ଦରଗଡ଼ ଏମ୍‌ପି ଜୁଏଲ ଓରାମ, ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ପୂର୍ବତନ ମନ୍ତ୍ରୀ କେ .ଭି. ସିଂଦେଓ, ସମୀର ମହାନ୍ତି, ବିଧାୟକ ନାଉରି ନାଏକ, ବିଧାୟକ ଶଙ୍କର ଓରାମ, ବିଧାୟିକା କୁସୁମ ଟେଟେଙ୍କ ସମେତ ବହୁ ବରିଷ୍ଠ ନେତା ଥିଲେ।

ଭାଜପା ନେତାଙ୍କୁ ଜିଲାକୁ ପ୍ରବେଶ ମନା କରିବା ଗଣତାନ୍ତ୍ରିକ ନିୟମ ବାହାରେ। ଜନ ପ୍ରତିନିଧି ଓ କେନ୍ଦ୍ରମନ୍ତ୍ରୀଙ୍କୁ ଏଭଳି ଅଟକା ଯାଇପାରିବ ନାହିଁ ବୋଲି ପ୍ରତିନିଧି ଦଳ ପକ୍ଷରୁ ପୋଲିସକୁ କୁହାଯାଇଥିଲା। ଫଳରେ ପୋଲିସ ସହ ଯୁକ୍ତିତର୍କ ହେବା ସହ ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହାସତ୍ତ୍ୱେ ପୋଲିସ ଛାଡ଼ିଲା ନାହିଁ। ଶେଷରେ ନେତାମାନଙ୍କୁ ଠେଲକୋଲି ଥାନା ଅଣାଯାଇ ଅଟକ ରଖାଯାଇଥିଲା। ପୂର୍ବାହ୍ନ ୧୦ଟାରୁ ଥାନାରେ ଅଟକ ଥିବା ନେତାମାନଙ୍କୁ ସନ୍ଧ୍ୟା ୭ଟା ୧୫ରେ ଛାଡ଼ି ଦିଆଯାଇଥିଲା।



ଠେଲକୋଲି ଥାନା ଶ୍ରୀପୁରା ଗ୍ରାମ ଛକରେ ଭାଜପା ନେତାମାନଙ୍କୁ ପୋଲିସ ଅଟକାଇଛି।

ପ୍ରକାଶ ଥାଉକି ବରଗଡ଼ ଏମ୍‌ପି ପୂଜାରୀଙ୍କୁ ସକାଳୁ ସମ୍ବଲପୁର ସାକ୍ଷୀପଡା ଆକାଶବାଣୀ କଲୋନି ନିକଟସ୍ଥ ବାସଭବନରେ ଗୃହବନ୍ଦୀ କରାଯାଇଥିଲା। ସକାଳେ ତାଙ୍କ ଘର ସମ୍ମୁଖରେ ବ୍ୟାପକ ପୋଲିସ ମୁତୟନ ରହିଥିଲା। ଘର ଭିତରୁ ବାହାରକୁ ଯିବାକୁ ମନା କରାଯାଇଥିଲା। ଏହାକୁ ନେଇ ତାଙ୍କ ଘର ସମ୍ମୁଖରେ ମଧ୍ୟ ଉତ୍ତେଜନା ପ୍ରକାଶ ପାଇଥିଲା। ଶେଷରେ ଏମ୍‌ପି ପୂଜାରୀ ଝାରସୁଗୁଡ଼ା-ସମ୍ବଲପୁର ଜିଲା ସୀମାରେ ଭାଜପା ନେତାଙ୍କୁ ଅଟକ ରଖିବା ସ୍ଥାନକୁ ଯିବାକୁ କହି ସେଠାକୁ ଯାଇଥିଲେ। ଠେଲକୋଲିଠାରେ ପ୍ରଶାସନର ବ୍ୟବହାର ସମ୍ପର୍କରେ ଏମ୍‌ପି ପୂଜାରୀ କହିଛନ୍ତି, ଜନ ପ୍ରତିନିଧିମାନଙ୍କୁ ଏଭଳି ବ୍ୟବହାର କରାଯାଏ ନାହିଁ। ଏହା ସ୍ୱାଧିକାର ଭଙ୍ଗ ହେଉଛି। ଏହାକୁ ନେଇ ପାର୍ଲାମେଣ୍ଟରେ ସ୍ୱାଧିକାର ଭଙ୍ଗ ପ୍ରସ୍ତାବ ଆଗତ କରିବେ ବୋଲି କହିଛନ୍ତି। ସମ୍ବଲପୁର ଜିଲା ପାଇଁ ଅନଭିଜ୍ଞ ଜିଲାପାଳଙ୍କୁ ରାଜ୍ୟ ସରକାର ନିଯୁକ୍ତ କରିଛନ୍ତି। ୫ ଦିନ ହେଲା ସମ୍ବଲପୁରରେ ନେଟ୍ ସେବା ନାହିଁ। କର୍ଫ୍ୟୁରେ ଜନସାଧାରଣ କଲବଲ ହେଉଛନ୍ତି। ଏ ଦିଗରେ ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ କରୁନାହିଁ। ଜଣେ ଆଦିବାସୀ ଯୁବକଙ୍କୁ ହତ୍ୟା କରାଯାଇଛି। ହନୁମାନ ଜୟନ୍ତୀ ଉପଲକ୍ଷେ ଶୋଭାଯାତ୍ରା ସମୟରେ ଆକ୍ରମଣରେ ଅନେକ ବ୍ୟକ୍ତି ଆହତ ହୋଇଛନ୍ତି। ପୋଡ଼ାଜଳା ଘଟଣାରେ ବହୁ ପରିବାର ପ୍ରଭାବିତ ହୋଇଛନ୍ତି। ଏହି ପରିବାରକୁ ସମବେଦନା ଜଣାଇବା ଓ ସତ୍ୟାସତ୍ୟ ପରଖିବା ନେଇ ଭାଜପା ପ୍ରତିନିଧି ଦଳର ଗସ୍ତ କାର୍ଯ୍ୟକ୍ରମ ରହିଥିଲା। କିନ୍ତୁ କାଳେ ସରକାରଙ୍କ ଅସଲ ମୁଖା ଖୋଲିଯିବ, ତେଣୁ ଭୟକରି ଏଭଳି ପଦକ୍ଷେପ ନିଆଯାଉଛି ବୋଲି ଏମ୍‌ପି ପୂଜାରୀ କହିଥିଲେ। ଏ ସମ୍ପର୍କରେ ଏସ୍‌ପି ବାତୁଲା ଗଙ୍ଗାଧର ସୂଚନା ଦେଇଛନ୍ତି, ଜିଲାପାଳ ରାଜନୈତିକ କାର୍ଯ୍ୟକ୍ରମ, ସଭା, ରାଜନୈତିକ ଗସ୍ତକୁ ନେଇ ରୋକ ଲଗାଇଦେଇଥିଲେ। ସେହି ନିର୍ଦ୍ଦେଶକୁ ପୋଲିସ ପାଳନ କରିଛି।

# ପରୀକ୍ଷାବେଳେ ଛାତରୁ ଫ୍ୟାନ ଖସିଲା: ୨ ଛାତ୍ର ଆହତ



ଛାତରୁ ଖସି ପଡ଼ିଥିବା ଫ୍ୟାନ।

**ଆଠଗଡ଼, ୧୮।୪(ସ୍ୱ.ପ୍ର.)**

ପରୀକ୍ଷା ଚାଲିଥିବାବେଳେ ମଙ୍ଗଳବାର ଛାତରୁ ଫ୍ୟାନ ଖସିପଡ଼ିଛି। ଫଳରେ ୨ ଜଣ ଛାତ୍ର ଆହତ ହୋଇଛନ୍ତି। ଉଭୟଙ୍କୁ ଆଠଗଡ଼ ଉପଖଣ୍ଡସ୍ତରୀୟ ଚିକିତ୍ସାଳୟରେ ଚିକିତ୍ସା କରାଯାଇଛି। କଟକ ଜିଲା ଆଠଗଡ଼ସ୍ଥିତ ଗୋପବନ୍ଧୁ ବିଜ୍ଞାନ ମହାବିଦ୍ୟାଳୟରେ ଓଡ଼ିଆ ପରୀକ୍ଷା ଚାଲିଥିବାବେଳେ ଏହି ଅଘଟଣ ଘଟିଛି। ଆହତ ଦ୍ୱୟ ହେଲେ ଯୁକ୍ତ ୨ ପ୍ରଥମ ବର୍ଷର ଛାତ୍ର ସମୀର ସେଠୀ ଓ ତାପସ ଜେନା। ସେମାନେ ଚିକିତ୍ସିତ ହେବା ପରେ ପୁନର୍ବାର ଆସି ପରୀକ୍ଷା ଦେଇଛନ୍ତି। ଏହାପରେ ସମୀର ଜଣଙ୍କଠାରୁ ଲିଫ୍ଟ ନେଇ ଏହି ଥାନା ଅନ୍ତର୍ଗତ ବାଇଲୋ ଗ୍ରାମସ୍ଥିତ ବାସଭବନକୁ ଫେରୁଥିବାବେଳେ ମୁଣ୍ଡ ବୁଲାଇବାରୁ ବାନ୍ତି କରି ଗୁରୁତର ହୋଇ ପଡ଼ିଥିଲେ। ସ୍ଥାନୀୟ ଅଞ୍ଚଳର କେତେଜଣ ଯୁବକ ତାଙ୍କୁ ଉଦ୍ଧାର କରି ପୁନର୍ବାର ଆଠଗଡ଼ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ। ମହାବିଦ୍ୟାଳୟରେ ଲାଗିଥିବା ଫ୍ୟାନଗୁଡ଼ିକର ଠିକ୍ ଭାବେ ରକ୍ଷଣାବେକ୍ଷଣ ହେଉ ନ ଥିବାରୁ ଏଭଳି ଦୁର୍ଘଟଣା ଘଟିଥିବା କୁହାଯାଉଛି। ଏ ସମ୍ପର୍କରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଲୋକନାଥ ସାହୁଙ୍କୁ ପଚାରିବାରୁ, ଗତ ୧୫ ଦିନ ତଳେ ଜଣେ ଅଧ୍ୟାପକ ମାର୍ଫତରେ ଇଲେକ୍ଟ୍ରିସିଆନଙ୍କ ଦ୍ୱାରା କଲେଜର ଫ୍ୟାନଗୁଡ଼ିକୁ ମରାମତି କରାଯାଇଥିଲା। କିନ୍ତୁ କିଭଳି ଭାବେ ଏହା ଖସିପଡ଼ିଲା ତାହା ବୁଝାପଡୁନାହିଁ। ଏହାର ତଦନ୍ତ କରି ଉକ୍ତ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅଧ୍ୟକ୍ଷ ସାହୁ ପ୍ରକାଶ କରିଛନ୍ତି। ଅପରପକ୍ଷେ ପ୍ରଚଣ୍ଡ ଖରା ସାଙ୍ଗକୁ ଗୁଳୁଗୁଳି ସତ୍ତ୍ୱେ ଆହତ ଛାତ୍ର ଦ୍ୱୟ ପୁନର୍ବାର ପରୀକ୍ଷା ଦେବାପରେ କଲେଜ କର୍ତ୍ତୃପକ୍ଷ ସେମାନଙ୍କୁ ଘରେ ଛାଡ଼ି ଅଭିଭାବକଙ୍କ ଜିମା ଦେବାକୁ ଉଦ୍ୟମ କରି ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

**ହାଇକୋର୍ଟରେ ଖାଦ୍ୟ ସୁରକ୍ଷା ମାମଲା**

# ଯୋଗାଣ ବିଭାଗକୁ ପ୍ରତିଜବାବ ଦାଖଲ ନିର୍ଦ୍ଦେଶ

**କଟକ ଅଫିସ, ୧୮।୪**

ଓଡ଼ିଶା ଆଇନସେବା ପ୍ରାଧିକରଣ ପକ୍ଷରୁ ଖାଦ୍ୟ ସୁରକ୍ଷା ଯୋଜନାକୁ ନେଇ ଆଗତ ମାମଲାର ଶୁଣାଣି ହାଇକୋର୍ଟରେ ମଙ୍ଗଳବାର ହୋଇଛି। ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ଯୋଗାଣ କରାଯାଉଥିବା ଅତ୍ୟାବଶ୍ୟକ ସାମଗ୍ରୀର ଅଡିଟ୍ ସଂକ୍ରାନ୍ତ ରିପୋର୍ଟ ଦାଖଲ କରାଯିବା ପରେ ତାହା ଉପରେ ଆମିକସ୍‌କ୍ୟୁରୀ ଗୌତମ ମିଶ୍ର ଅଦାଲତରେ ଆଉ ଏକ ରିପୋର୍ଟ ମଙ୍ଗଳବାର ଦାଖଲ କରିଛନ୍ତି। ଅଦାଲତଙ୍କ ପୂର୍ବ ନିର୍ଦ୍ଦେଶ ଆଧାରରେ ଯୋଗାଣ ବିଭାଗ ନେଇଥିବା ପଦକ୍ଷେପ ଏବଂ କ'ଣ ପଦକ୍ଷେପ ନେବା ଉଚିତ୍ ସେ ନେଇ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଏହି ରିପୋର୍ଟ ଦାଖଲ ପରେ ହାଇକୋର୍ଟ ଯୋଗାଣ ବିଭାଗକୁ ପ୍ରତିଜବାବ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଏବଂ ବିଚାରପତି ଗୌରୀଶଙ୍କର ଶତପଥୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଉକ୍ତ ମାମଲାର ଶୁଣାଣି କରିଛନ୍ତି। ଆସନ୍ତା ମେ' ପ୍ରଥମ ସପ୍ତାହରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ ହୋଇଛି। ଦାଖଲ ହୋଇଥିବା ରିପୋର୍ଟରେ ଆମିକସ୍‌କ୍ୟୁରୀ ମିଶ୍ର ଦର୍ଶାଇଛନ୍ତି, ଖାଦ୍ୟ ଯୋଗାଣ ବିଭାଗ ପକ୍ଷରୁ କେବଳ ସାଧାରଣ ବଣ୍ଟନ ବ୍ୟବସ୍ଥାକୁ ନେଇ ସୋସିଆଲ୍ ଅଡିଟ୍ କରାଯାଇଛି। କିନ୍ତୁ ଏହି ସୋସିଆଲ୍ ଅଡିଟ୍‌ରୁ ମଧ୍ୟାହ୍ନଭୋଜନ, ଅଙ୍ଗନୱାଡି ଶିଶୁଙ୍କ ପାଇଁ ଦିଆଯାଉଥିବା ଖାଦ୍ୟ, ମାତୃ ମଙ୍ଗଳ ପାଇଁ କରାଯାଇଥିବା ଯୋଜନା ଆଦି ବାଦ୍ ପଡ଼ିଛି। ଅନ୍ୟାନ୍ୟ କ୍ଷେତ୍ରରେ ହାଇକୋର୍ଟ ଯେଉଁ ଆଦେଶ ଦେଇଥିଲେ ତାହା ମଧ୍ୟ ଠିକ୍ ଭାବେ କାର୍ଯ୍ୟକାରୀ ହୋଇ ନ ଥିବା ମିଶ୍ର ଉଲ୍ଲେଖ କରିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ଏଜିଏ ବିଭୁ ପ୍ରସାଦ ତ୍ରିପାଠୀ ମାମଲା ପରିଚାଳନା କରୁଛନ୍ତି।

# କିରାଣିଙ୍କୁ ବସ୍‌ଉଠ୍ କଲେ ଏଡିଏମ୍, କର୍ମନିୟୋଜନ ଅଧିକାରିଣୀ

**ଜିଲାପାଳଙ୍କ ହସ୍ତକ୍ଷେପ ଲୋଡ଼ିଲା ଅମଲା ସଂଘ**

**ଜଗତ୍‌ସିଂହପୁର ଅଫିସ, ୧୮।୪**

ଜଗତ୍‌ସିଂହପୁର ଜିଲା କର୍ମ ନିୟୋଜନ କାର୍ଯ୍ୟାଳୟରେ କାର୍ଯ୍ୟରତ କନିଷ୍ଠ କିରାଣି ରୁଦ୍ର ନାରାୟଣ ସାମନ୍ତଙ୍କୁ କର୍ମନିୟୋଜନ କାର୍ଯ୍ୟାଳୟ ଅଧିକାରିଣୀ (ଏମ୍ପ୍ଲଏମେଣ୍ଟ ଅଫିସର) ଅର୍ପିତା ପ୍ରିୟଦର୍ଶିନୀ ଓ ଅତିରିକ୍ତ ଜିଲାପାଳ(ଏଡିଏମ୍) ସଚ୍ଚିଦାନନ୍ଦ ସାହୁ ବସ୍‌ଉଠ୍ କରିଥିବା ନେଇ ସଙ୍ଗିନ ଅଭିଯୋଗ ହୋଇଛି। କିରାଣି ସାମନ୍ତ ଶାରୀରିକ ଓ ମାନସିକ ନିର୍ଯାତନାର ଶିକାର ହୋଇଥିବା ଦର୍ଶାଇ ଜିଲାପାଳଙ୍କ ନିକଟରେ ନ୍ୟାୟ ଭିକ୍ଷା କରିଛନ୍ତି। ଏଥିସହ ରାଜସ୍ୱ ଅମଲା ସଂଘ ଓ ରାଜସ୍ୱ ମିଳିତ ଅମଲା ମଞ୍ଚ ଜିଲା ଶାଖାର ସହାୟତା ଲୋଡ଼ିଛନ୍ତି। ଏହି ଘଟଣାରେ ରାଜସ୍ୱ ଅମଲା ସଂଘ ଜିଲାପାଳ ପାରୁଲ ପଟାୱରୀଙ୍କ ହସ୍ତକ୍ଷେପ ଲୋଡ଼ି ସାମନ୍ତଙ୍କୁ ନ୍ୟାୟ ଦେବା ପାଇଁ ଦାବି କରିଥିବା ସଭାପତି ବିନୋଦ କୁମାର ରଥ ସୂଚନା ଦେଇଛନ୍ତି। ସେହିପରି ରାଜସ୍ୱ ମିଳିତ ଅମଲା ମଞ୍ଚ ଜିଲା ଶାଖା ପକ୍ଷରୁ ମଧ୍ୟ ବୁଧବାର ଜିଲାପାଳଙ୍କୁ ପତ୍ର ମାଧ୍ୟମରେ ହସ୍ତକ୍ଷେପ ସହ ସାମନ୍ତଙ୍କୁ ନ୍ୟାୟ ଦେବା ପାଇଁ ଅନୁରୋଧ କରାଯିବ ବୋଲି ଅଧ୍ୟକ୍ଷ ବୈଷ୍ଣବ ଚରଣ ଦାସ କହିଛନ୍ତି। ଏହି ପ୍ରସଙ୍ଗକୁ ନେଇ ସାରା ଜିଲାରେ ଆଲୋଚନା ଜୋର ଧରିଛି। ଅପରପକ୍ଷରେ ଏଡିଏମ୍ ସାହୁ କହିଛନ୍ତି ଜିଲା କର୍ମ ନିୟୋଜନ କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିବା କିରାଣି ସାମନ୍ତ ଇ-ଅଫିସ୍‌ରେ ଫାଇଲ ଠିକ୍ ଭାବେ କାମ କରିପାରୁ ନ ଥିବା ସମ୍ପର୍କରେ କର୍ମନିୟୋଜନ ଅଧିକାରିଣୀ ପ୍ରିୟଦର୍ଶିନୀ ଅଭିଯୋଗ କରିଥିଲେ। ଜଣେ ଡିଲିଂ ଆସିଷ୍ଟାଣ୍ଟ ଭାବେ ୫ ବର୍ଷ କାମ କଲା ପରେ କିଛି ଜାଣି ନ ପାରିବା ଘଟଣାରେ ସେ ଅସନ୍ତୋଷ ପ୍ରକାଶ କରିବା ସହ ତାଗିଦା କରିଥିବା କହିଛନ୍ତି। ସେହିପରି କର୍ମ ନିୟୋଜନ ଅଧିକାରିଣୀ ପ୍ରିୟଦର୍ଶିନୀ ମଧ୍ୟ ତାଙ୍କ ବିରୋଧରେ ହୋଇଥିବା ଅଭିଯୋଗକୁ ଭିତ୍ତିହୀନ ବୋଲି କହିଛନ୍ତି।



ରୁଦ୍ର ନାରାୟଣ ସାମନ୍ତ

# ରାଜଧାନୀରେ ସ୍ତ୍ରୀଙ୍କୁ ତଣ୍ଟିଚିପି ହତ୍ୟା

**ପରକୀୟା ପ୍ରୀତିରୁ ପାରିବାରିକ କଳହ**

- ଧସ୍ତାଧସ୍ତିବେଳେ ପନିକିରେ ମାମା'ଙ୍କ ହାତ କଟିଲା, ଅଭିଯୁକ୍ତ ସ୍ୱାମୀ ଗିରଫ
- ଦେଢ଼ମାସ ହେବ ଭୁବନେଶ୍ୱରରେ ରଙ୍ଗମିସ୍ତ୍ରୀ ଭାବେ କାମ କରୁଥିଲେ ସ୍ୱାମୀ

**ଭୁବନେଶ୍ୱର, ୧୮।୪ (ବ୍ୟୁରୋ)**

ପାରିବାରିକ କଳହକୁ କେନ୍ଦ୍ର କରି ରାଜଧାନୀରେ ଆଉଏକ ହତ୍ୟାକାଣ୍ଡ ଘଟିଛି। ଜଣେ ମହିଳାଙ୍କୁ ତାଙ୍କ ସ୍ୱାମୀ ତଣ୍ଟିଚିପି ହତ୍ୟା କରିଛନ୍ତି। ଭରତପୁର ଥାନା ଅନ୍ତର୍ଗତ ମହାଲକ୍ଷ୍ମୀବିହାରସ୍ଥିତ ତେଲୁଗୁ ବସ୍ତିରେ ମଙ୍ଗଳବାର ଏହି ଘଟଣା ଘଟିଛି। ମୃତା ମହିଳା ହେଲେ ଗଞ୍ଜାମ ଜିଲା ଦିଗପହଣ୍ଡି ଥାନା ଅଞ୍ଚଳର ମାମା ପ୍ରଧାନ (୨୨)। ଏନେଇ ପୋଲିସ ଏକ ହତ୍ୟା ମାମଲା (ନଂ.୧୬୭/୨୦୨୩) ରୁଜୁ କରି ଅଭିଯୁକ୍ତ ସ୍ୱାମୀ ସାଗର ପ୍ରଧାନ(୨୬)ଙ୍କୁ ଗିରଫ କରିଛି। ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଏମ୍‌ସ ପଠାଇଥିବାବେଳେ ପୋଲିସ ଟିମ୍ ଉପସ୍ଥିତିରେ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରୁ ବିଭିନ୍ନ ନମୁନା ସଂଗ୍ରହ କରିଛି। ତେବେ ପରକୀୟା ପ୍ରୀତିରୁ ଉଭୟଙ୍କ ମଧ୍ୟରେ ଝଗଡ଼ା ଲାଗିରହୁଥିଲା ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଅନ୍ୟପକ୍ଷରେ ଅଭିଯୁକ୍ତ ସାଗରଙ୍କୁ ବୁଧବାର କୋର୍ଟ ଚାଲାଣ କରାଯିବ। ଘଟଣା ସଂକ୍ରାନ୍ତରେ ତଦନ୍ତ ଚାଲିଥିବା ଥାନାଧିକାରୀ ବିଭୁଦତ୍ତ ରାଉତରାୟ କହିଛନ୍ତି। ସୂଚନା ଅନୁଯାୟୀ, ଗଞ୍ଜାମ ଜିଲା ଗୋଳନ୍ଥରା ଥାନା ଅଞ୍ଚଳର ସାଗର ୪ ବର୍ଷ ତଳେ ମାମାଙ୍କୁ ବିବାହ କରିଥିଲେ। ଉଭୟଙ୍କର ଦେଢ଼ ବର୍ଷର ସନ୍ତାନ ମଧ୍ୟ ରହିଛି। ତେବେ ମାମା ଅନ୍ୟଜଣେ ଯୁବକଙ୍କ ସହ କଥା ହେବାକୁ ନେଇ ପରିବାରରେ ଝଗଡ଼ା ଲାଗି ରହୁଥିଲା। ଏପରିକି କିଛିଦିନ ତଳେ ମାମା ସମ୍ପୃକ୍ତ ଯୁବକଙ୍କ ସହ ଘରୁ ବାହାରି କେଉଁଆଡ଼େ ପଳାଇଥିଲେ। ଏନେଇ ଗୋଳନ୍ଥରା ଥାନାରେ ମଧ୍ୟ ଏତଲା ହୋଇଥିଲା। ପରବର୍ତ୍ତୀ ସମୟରେ ମାମା ଘରକୁ ଫେରିଆସିଥିଲେ। ଦେଢ଼ମାସ ତଳେ ସାଗର ତାଙ୍କ ସ୍ତ୍ରୀ ଓ ପୁଅକୁ ଧରି ଭୁବନେଶ୍ୱର ଆସି ତେଲୁଗୁ ବସ୍ତିରେ ଭଡ଼ାଘର ନେଇ ରହୁଥିଲେ। ସାଗର ଏଠାରେ ରଙ୍ଗମିସ୍ତ୍ରୀ ଭାବେ କାମ ଆରମ୍ଭ କରିଥିଲେ। ହେଲେ ଉକ୍ତ ଯୁବକଙ୍କ ସହ ପୁଣି ମାମା କଥା ହେବାକୁ ନେଇ ଉଭୟଙ୍କ ମଧ୍ୟରେ ଝଗଡ଼ା ହେଉଥିଲା। ମଙ୍ଗଳବାର ଅପରାହ୍ନରେ ଏହି ଝଗଡ଼ା ଉଗ୍ରରୂପ ନେଇଥିଲା। ମାମା ଓ ସାଗରଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ଫଳରେ ତଳେ ଥୁଆ ହୋଇଥିବା ପନିକି ବାଜି ମାମାଙ୍କ ଡାହାଣ ହାତ କଟିଯାଇଥିଲା। ଏହି ସମୟରେ ସାଗର ଉତ୍ତ୍ୟକ୍ତ ହୋଇ ସ୍ତ୍ରୀ ମାମାଙ୍କ ତଣ୍ଟି ଚିପି ଦେବାରୁ ତାଙ୍କର ମୃତ୍ୟୁ ହୋଇଥିଲା। ଏହାଦେଖି ଘର ମାଲିକାଣୀ ପିଙ୍କି ଦାସ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ସାଗରଙ୍କୁ କାବୁ କରିଥିଲା। ବୁଧବାର ପରିବାର ଲୋକଙ୍କ ଉପସ୍ଥିତିରେ ମାମାଙ୍କ ମୃତଦେହର ବ୍ୟବଚ୍ଛେଦ ହେବ ବୋଲି ସୂଚନା ମିଳିଛି।



**ଜେଜେ ମା' ପାଖରେ ଦେଢ଼ବର୍ଷର ପୁଅ**

ମାମାଙ୍କ ମୃତ୍ୟୁ ପରେ ତାଙ୍କର ଦେଢ଼ବର୍ଷର ପୁଅ ମା' ଛେଉଣ୍ଡ ହୋଇଯାଇଛନ୍ତି। ୧୫ ଦିନ ତଳେ ଜେଜେ ମା' ଏଠାକୁ ଆସି ନାତିକୁ ଗାଁକୁ ନେଇଯାଇଥିଲେ। ଏବେ ମା' ଆରପାରିକୁ ଚାଲିଯାଇଥିବାବେଳେ କିଛିଘଣ୍ଟା ପରେ ଅଭିଯୁକ୍ତ ବାପା ଜେଲ ପଳାଇବେ। ଏଭଳି ଦୁଃଖଦ ଘଟଣା ପରେ ଗାଁରେ ଥିବା ପରିବାରର ଅନ୍ୟ ସଦସ୍ୟମାନେ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି। ମା' ଓ ବାପା ବିନା କୁନିପୁଅ ଜେଜେ ମା' ପାଖରେ ରହିବ ବୋଲି ସୂଚନା ମିଳିଛି।

**ପ୍ରଥମ ପୃଷ୍ଠାରୁ...**

## ବିଦ୍ୟା, ଡିଏଫ୍‌ଓ...

ଡିଏଫ୍‌ଓ ସଂଗ୍ରାମ ବେହେରା ଏବଂ ରୋଷେୟା ମନ୍ମଥ କୁମ୍ଭଙ୍କ ନାମରେ ହତ୍ୟା ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ପରବର୍ତ୍ତୀ ସମୟରେ କ୍ରାଇମବ୍ରାଞ୍ଚ ମଧ୍ୟ ତଦନ୍ତ କରିଥିଲା। ହେଲେ ଘଟଣାର ତଦନ୍ତ ପରେ କ୍ରାଇମବ୍ରାଞ୍ଚ ଡିଏଫ୍‌ଓ ସଂଗ୍ରାମ ବେହେରା ଓ ମନ୍ମଥ କୁମ୍ଭକୁ କ୍ଲିନ୍‌ଚିଟ୍ ଦେଇ କେବଳ ବିଦ୍ୟାଭାରତୀଙ୍କୁ ଅଭିଯୁକ୍ତ ଦର୍ଶାଇଥିଲା। କ୍ରାଇମବ୍ରାଞ୍ଚ ଓ ପୋଲିସ ତଦନ୍ତ ରିପୋର୍ଟରେ ଅସନ୍ତୋଷ ପ୍ରକାଶ କରି ସୌମ୍ୟଙ୍କ ବାପା ଅଭିରାମ ମହାପାତ୍ର ପାରଳାଖେମୁଣ୍ଡି ଏସ୍‌ଡିଜେଏମ୍ କୋର୍ଟରେ ଏକ କମ୍ପ୍ଲେଣ୍ଟ କେସ୍ କରିଥିଲେ। କୋର୍ଟ ଉକ୍ତ ମାମଲାର ଶୁଣାଣି କରି କହିଛନ୍ତି ଯେ, 'ଏହି ମାମଲାରେ ଅଭିଯୁକ୍ତ ବିଦ୍ୟାଭାରତୀ ପଣ୍ଡା, ସଂଗ୍ରାମ କେଶରୀ ବେହେରା, ମନ୍ମଥ କୁମ୍ଭଙ୍କ ବିରୋଧରେ ହତ୍ୟା ଏବଂ ଷଡ଼ଯନ୍ତ୍ର ଅଭିଯୋଗରେ କାର୍ଯ୍ୟାନୁଷ୍ଠାନ ପାଇଁ ଆବଶ୍ୟକ ପ୍ରମାଣ ରହିଛି'। ଏହି ମୃତ୍ୟୁ ପଛରେ କିଛି ବଡ଼ବଡିଆ ରହିଥିବା ଅଭିଯୋଗ ରହିଛି,1 ଯେଉଁମାନେ କି ଏବେ ବି ସନ୍ଦେହ ଘେରରେ ରହିଛନ୍ତି। ହେଲେ ପ୍ରକୃତ ରହସ୍ୟ ସାମ୍ନାକୁ ଆସିପାରି ନାହିଁ। ତେଣୁ ତିନି ଅଭିଯୁକ୍ତଙ୍କୁ ହାଜର ହୋଇ ପକ୍ଷ ରଖିବା ସହ ଆବଶ୍ୟକ ଦସ୍ତାବିଜ ଏପ୍ରିଲ ୨୭ତାରିଖ ସୁଦ୍ଧା ଦାଖଲ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଥିବା ଅଭିରାମ୍‌ଙ୍କ ଓକିଲ ଅଶୋକ ପାଣିଗ୍ରାହୀ ସୂଚନା ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, ୨୦୨୦ ଡିସେମ୍ବର ୧ ତାରିଖରେ ସୌମ୍ୟ ବିଦ୍ୟାଭାରତୀ ପଣ୍ଡାଙ୍କୁ ବିବାହ କରିଥିଲେ । ସରକାରୀ କ୍ୱାର୍ଟର୍ସରେ ସ୍ୱାମୀ ସ୍ତ୍ରୀ ରହୁଥିବାବେଳେ ୨୦୨୧ ଜୁଲାଇ ୧୧ ରାତିରେ ସୌମ୍ୟଙ୍କ ଶରୀରରେ ନିଆଁ ଲାଗି ଗୁରୁତର ହୋଇଥିଲେ। ତାଙ୍କ ଶରୀରର ୯୦ ପ୍ରତିଶତ ପୋଡ଼ିଯାଇଥିଲା। ଏହାର ୨ଦିନ ପରେ ଚିକିତ୍ସାଧୀନ ଅବସ୍ଥାରେ ସୌମ୍ୟଙ୍କ ମୃତ୍ୟୁ ଘଟିଥିଲା। ତେବେ ନିଆଁ କେମିତି ଲାଗିଲା ଏହା ଅସ୍ପଷ୍ଟ ରହିଛି।

## ବରଗଡ଼ରେ ଟ୍ରିପଲ...

କହିଛନ୍ତି, ସେମାନଙ୍କର କିଛି ଅଭାବ ନ ଥିଲା। କଳିଗୋଳ ମଧ୍ୟ କରୁ ନ ଥିଲେ। ମୃତ ମାଧବୀଙ୍କ ଭାଇ ସାନନ୍ଦ ଦେହେରୀ କହିଛନ୍ତି, କିଛିମାସ ତଳେ ଟଙ୍କଧରଙ୍କ ଘରେ ତାଙ୍କର ଜଣେ ସମ୍ପର୍କୀୟ ଭଣଜା ରହୁଥିଲେ। ପରେ ସେ ଗୋଟିଏ ବାଇକ୍ ନେଇ ଚାଲିଯିବାରୁ ଘଟଣାଟି ଥାନାକୁ ଯାଇଥିଲା। ଏହି ହତ୍ୟାକାଣ୍ଡରେ ତାଙ୍କର ସମ୍ପୃକ୍ତି ଥାଇପାରେ ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ବରଗଡ଼ ଏସ୍‌ଡିପିଓ ଅମ୍ରିତ କୁମାର ପଣ୍ଡା କହିଛନ୍ତି, ଘଟଣାର ବିଭିନ୍ନ ଦିଗକୁ ନେଇ ତଦନ୍ତ ଚାଲିଛି। ତଦନ୍ତ ପରେ ସବୁ ସ୍ପଷ୍ଟ ହୋଇଯିବ। ଉଲ୍ଲେଖନୀୟ, କିଛି ମାସ ତଳେ ବରଗଡ଼ ଜିଲା ଭେଡ଼େନ ଥାନା ଅନ୍ତର୍ଗତ ଜାଣ୍ଡୋଲ ଗ୍ରାମରେ ବନ୍ଦ କୋଠରି ଭିତରୁ ଗୋଟିଏ ପରିବାରର ୪ସଦସ୍ୟଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ସେମାନଙ୍କ ମଧ୍ୟରେ ଗୃହକର୍ତ୍ତା, ସ୍ତ୍ରୀ ଏବଂ ୨ଝିଅପୁଅ ଥିଲେ। ଏହି ଘଟଣା ଏବେ ମଧ୍ୟ ରହସ୍ୟାବୃତ ହୋଇ ରହିଯାଇଛି।

## ଓଡ଼ିଆରେ ଷ୍ଟାଫ୍ ସିଲେକ୍ସନ...

କରିଥିଲେ। ଭାରତ ଏକ ବହୁଭାଷୀ ଦେଶ ହୋଇଥିବାରୁ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଭିନ୍ନ ଭିନ୍ନ ଭାଷାରେ କରାଯାଉଛି। ରେଲ୍‌ୱେ ରିକ୍ରୁଟ୍‌ମେଣ୍ଟ ବୋର୍ଡ/ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବ୍ୟାଙ୍କିଙ୍ଗ୍ ପର୍ସୋନେଲ ସିଲେକ୍ସନ(ଆଇବିପିଏସ୍) ପରୀକ୍ଷାରେ ୧୪ଟି ଭାଷାର ବ୍ୟବହାର କରାଗଲାଣି। ତେଣୁ ଏସ୍‌ଏସ୍‌ସି ପରୀକ୍ଷା ଆଞ୍ଚଳିକ ଭାଷାରେ କରିବା ଲାଗି ବିଶେଷଜ୍ଞ କମିଟି ସୁପାରିସ କରିଥିଲା। ଏହି ନିଷ୍ପତ୍ତି ଲକ୍ଷ ଲକ୍ଷ ପରୀକ୍ଷାର୍ଥୀଙ୍କ ପାଇଁ ସହାୟକ ହେବ ଏବଂ ସେମାନେ ନିଜ ନିଜର ମାତୃଭାଷା କିମ୍ବା ଆଞ୍ଚଳିକ ଭାଷାରେ ପରୀକ୍ଷା ଦେଇପାରିବେ। ଫଳରେ ସେମାନେ ଷ୍ଟାଫ୍ ସିଲେକ୍ସନ ପରୀକ୍ଷାରେ ଉନ୍ନତ ପ୍ରଦର୍ଶନ କରିବାର ସୁଯୋଗ ପାଇବେ ବୋଲି କୁହାଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ନିଜ ରାଶିରେ ତିନୋଟିଗ୍ରହଙ୍କ ଏକତ୍ର ସମାବେଶ ବିକ୍ଷିପ୍ତ ଚିନ୍ତାଧାରାର ଦ୍ୟୋତକ ହେବ। ଅବଶ୍ୟ ଉଚ୍ଚ ସ୍ତରରେ ସମ୍ପର୍କ ସ୍ଥାପିତ ହେବ ଏବଂ ବିଶିଷ୍ଟ ବ୍ୟକ୍ତିଙ୍କ ଶୁଭେଚ୍ଛା ଲାଭ କରିବେ। ସଦ୍‌ଭାବନାର ଅନ୍ତର୍ନିହିତ ସ୍ୱର ମୁହଁରେ ଫୁଟି ଉଠିବ, ଯାହା କି ବୁଦ୍ଧିଜୀବୀଙ୍କ ପ୍ରଶଂସାର ସ୍ରୋତ ଝରି ଆସିବ।

**ବୃଷ**
ସ୍ୱଗୃହୀ ଶୁକ୍ରଙ୍କ ପ୍ରଭାବରୁ ଏକାଧାରରେ ଦୈହିକ ଓ ମାନସିକ ସୁସ୍ଥତା ସଙ୍ଗକୁ ଜୀବନଯାତ୍ରା କୁସୁମିତ ହେବ। ଆଜି ହଠାତ୍ ବନ୍ଧୁଙ୍କ ନିମନ୍ତ୍ରଣ ରକ୍ଷା କରି ଯାତ୍ରା କରିବାକୁ ପଡ଼ିପାରେ। ନୂତନ ସ୍ଥାନ ପରିଦର୍ଶନ ସଙ୍ଗକୁ ମିତ୍ରତାର ସମ୍ପର୍କ ଯୋଡ଼ି ହୋଇଯିବ। କର୍ମକ୍ଷେତ୍ରରେ ସମସ୍ୟା ରହିଥିଲେ ମଧ ଉପସ୍ଥିତ ବୁଦ୍ଧି ଖଟାଇ କାମ ହାସଲ କରିନେବେ।

**ମିଥୁନ**
ଲାଭ ଭାବରେ ଗୁରୁଚାନ୍ଦ୍ରୀ ଯୋଗ ପ୍ରଭାବରୁ ଆପଣଙ୍କୁ ଇଚ୍ଛା ମୁତାବକ ଜିନିଷ ପ୍ରଦାନରେ ସହାୟକ ହେବେ। ଗତକାଲିର ପରିଶ୍ରମଜନିତ ଆଜି ସକାଳୁ ଦେହ ଭଲ ଲାଗି ନ ପାରେ। ବ୍ୟବସାୟ କ୍ଷେତ୍ରରେ କୌଶଳ ଖଟାଇ କାର୍ଯ୍ୟ ହାସଲ ପାଇଁ ଚେଷ୍ଟିତ ହେବେ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ ଲାଭ କରି କାମ ହାସଲ କରିପାରନ୍ତି।

**କର୍କଟ**
ଭାଗ୍ୟସ୍ଥ ଶୁଭଗ୍ରହ ଯୋଗୁ ପାରିବାରିକ ସଦ୍‌ଭାବ ସଙ୍ଗକୁ କର୍ମକ୍ଷେତ୍ରର ସାବଲୀଳତା ମନକୁ ହର୍ଷୋତ୍‌ଫୁଲ୍ଲ କରିବ। ନିକଟ ସମ୍ପର୍କୀୟଙ୍କ ସହଯୋଗୀ ମନୋଭାବ କାମକୁ ଆଗକୁ ବଢ଼ାଇବାରେ ସାହାଯ୍ୟ କରିବ। ବିଶ୍ୱସ୍ତ ଲୋକଠାରୁ ଭୁଲ୍ ଖବର ପାଇ ବିବ୍ରତ ହେବେ। ନିର୍ମାଣାଧୀନ କାମ ଆରମ୍ଭ କରିବାକୁ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି।

**ସିଂହ**
ଶନିଙ୍କ ଦୃଷ୍ଟି ହେତୁ ପାରିବାରିକ ସମସ୍ୟା ବିଜଡିତ ମନ ହେତୁ ଅଫିସରେ ମନମାରି ରହିବାକୁ ବାଧ ହେବେ। ବ୍ୟବସାୟ, ନିର୍ମାଣ, ଗୃହ ଜମି, ପରିବହନ ପ୍ରଭୃତିରେ ସମସ୍ୟା ରହିବ ନାହିଁ। ଗଠନମୂଳକ ପ୍ରସ୍ତାବ ଦେଇ କର୍ମକ୍ଷେତ୍ରରେ କିମ୍ବା ବନ୍ଧୁ ଗହଣରେ ପ୍ରଶଂସିତ ହେବେ। ଶିକ୍ଷା, ସନ୍ତାନ, ସମ୍ପର୍କ, ଲେଖାପଢ଼ା କ୍ଷେତ୍ରରେ କିଛି ଗଡ୍‌ବଡ୍ ରହିପାରେ।

**କନ୍ୟା**
ବିଭିନ୍ନ ସମସ୍ୟା ଟେନ୍ସନର କାରଣ ପାଲଟିବ। ସ୍ୱଭାବରୁ ଅଷ୍ଟମସ୍ଥ ଶୁକ୍ରଙ୍କ ଯୋଗୁ ଆର୍ଥିକ ସ୍ଥିତି ଓ ବୈଷୟିକ ସମୃଦ୍ଧିର ଅଭାବ ନ ଥିଲେ ମଧ ମାନସିକ ସ୍ଥିରତା ରହି ନ ପାରେ। ଲେଖାପଢ଼ା, ପ୍ରକାଶନ, ପ୍ରଶାସନ, ମାଲି ମକଦ୍ଦମା ଓ ସଭାସମିତି କ୍ଷେତ୍ରରେ ଶୁଭଫଳ ପାଇବେ। ଗୃହ, ଭୂମି, ଗାଡ଼ିମୋଟର ସମ୍ପର୍କୀୟ ଚିନ୍ତା ଦୂର ହେବ।

**ତୁଳା**
ଆଜି ବାଧିଲାଭଳି କଥା କହିବା ଦ୍ୱାରା କର୍ମକ୍ଷେତ୍ରରେ ଅଶାନ୍ତକର ପରିସ୍ଥିତି ସୃଷ୍ଟି ହେବ। ମାଙ୍ଗଳିକ କିମ୍ବା ସାଂସ୍କୃତିକ କାର୍ଯ୍ୟକ୍ରମରେ ସାମିଲ ହୋଇ ବନ୍ଧୁ ଗହଣରେ ସମୟ କଟାଇପାରନ୍ତି। ରାହୁ ସହ ବୁଧ ହେତୁ ଭୁଲ୍ ଖବର ପାଇ କିମ୍ବା ଉପରିସ୍ଥଙ୍କ କାମର ଚାପରେ ବିବ୍ରତ ହୋଇପାରନ୍ତି।

**ବିଛା**
ଯାହା କରିବାକୁ ମନସ୍ଥ କରିଛନ୍ତି, ସେହି ସମ୍ପର୍କରେ ହିତୈଷୀଙ୍କ ପରାମର୍ଶ ନେଇ ଆଗାମୀ ନିଷ୍ପତ୍ତି ନେବା ଭଲ ହେବ। ଅଷ୍ଟମସ୍ଥ ମଙ୍ଗଳ ଯୋଗୁ ସାଧାରଣ କଥାକୁ ଅସାଧାରଣ ଭାବେ କଳ୍ପନା କରି ଆଶଙ୍କାଗ୍ରସ୍ତ ହୋଇପାରନ୍ତି। କ୍ରୟ, ବାଣିଜ୍ୟ, ମାଙ୍ଗଳିକ କାମକୁ ଶାନ୍ତ ମନରେ କରିବାରେ ଧୈର୍ଯ୍ୟ ଧାରଣ କରିବେ।

**ଧନୁ**
ଚତୁର୍ଥସ୍ଥ ଶୁଭଗ୍ରହ ପ୍ରଭାବରୁ ସକାଳୁ ଯାତ୍ରା କରିବେ। ନିରୋଳା କିମ୍ବା ଏକାକୀ ରହିଲେ ଏକାଧିକ ବିଷୟର ଚିନ୍ତା ମନକୁ ବିବ୍ରତ କରାଇବାର ଆଶଙ୍କା ରହିଛି। ବନ୍ଧୁ ଆଗରେ କିଛି ନ କହି ପଛରେ ବିଭିନ୍ନ ସମାଲୋଚନାମୂଳକ କଥା କହିପାରନ୍ତି। ରାଜନୈତିକ, ପ୍ରଶାସନିକ, ରଚନାତ୍ମକ ତଥା ସାମାଜିକ କ୍ଷେତ୍ରରେ ଉନ୍ନତ ଫଳ ମିଳିବ।

**ମକର**
ଆଜି ନିଜ କାମ ଛାଡି ପର କାର୍ଯ୍ୟରେ ତତ୍ପରତା ପ୍ରକାଶ କରିବେ। ଅଟକି ରହିଥିବା କାମ ଯୋଗୁ ଅନୁତାପ କରିବାକୁ ପଡିପାରେ। ପରିବାରସ୍ଥାନରେ ରାହୁ ସହ ଗ୍ରହମାନେ ଥିବାରୁ ପାରିବାରିକ କ୍ଷେତ୍ରରେ କିଛି ଆଳ ଦେଖାଇ ଆତ୍ମୀୟ ଦୂରେଇ ଯାଇପାରନ୍ତି। ବ୍ୟବସାୟ କ୍ଷେତ୍ରରେ ଆଶଙ୍କା କରୁଥିବା ଘଟଣା ସେମିତି କିଛି ହେବ ନାହିଁ।

**କୁମ୍ଭ**
ମଙ୍ଗଳଙ୍କ ଅଶୁଭତ୍ୱରୁ କର୍ମକ୍ଷେତ୍ରରେ ଧିମେଇ ଧିମେଇ ଗତି କରିବାକୁ ପଡିପାରେ। ପାରିବାରିକ ସ୍ଥିତି ବିଶେଷ ପ୍ରୀତିଦାୟକ ରହିବ ଏବଂ ବନ୍ଧୁ ମିଳନଜନିତ ଆନନ୍ଦ ଅନୁଭବ କରିପାରନ୍ତି। ଯାତ୍ରା, ପ୍ରଶାସନ, ଆଇନ, କଳା, ସାହିତ୍ୟ କ୍ଷେତ୍ର ମନ୍ଦ ହେବନି। ଆର୍ଥିକ ସମସ୍ୟାର ସରଳ ସମାଧାନ କରିବାରେ ଅସମର୍ଥ ହେବେ।

**ମୀନ**
ରାଶିରେ ଶୁଭଗ୍ରହ ପ୍ରଭାବରୁ ଦିନଟି ସାମଗ୍ରିକ ଦୃଷ୍ଟିକୋଣରୁ ବିଶେଷ ଅନୁକୂଳ ରହିବ। କିନ୍ତୁ ପରକଥାରେ ପଡି ଘର ଲୋକଙ୍କୁ ଅବିଶ୍ୱାସ କଲେ ଓଲଟାଫଳ ପାଇବେ। ନିଜର ସଂଯମିତ କଥାବାର୍ତ୍ତା ସମସ୍ୟା ସମାଧାନ କରି ସମ୍ମାନ ଦାନରେ ସାହାଯ୍ୟ କରିବ। ବ୍ୟବସାୟ, ପରିବହନ ଓ ଜମିଜମା କ୍ଷେତ୍ରରୁ ସଫଳତା ହାସଲ କରିବେ।

ଆଜି ବୈଶାଖ କୃଷ୍ଣ ଚତୁର୍ଦ୍ଦଶୀଯୁକ୍ତ ଅମାବାସ୍ୟା ବୁଧବାର, ଏପ୍ରିଲ ୧୯ତାରିଖ, ରାଶି ନକ୍ଷତ୍ର-ରେବତୀ/ମୀନ, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ଅମାବାସ୍ୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୫.୨୯ମି. ଗତେ ଘ.୦୭.୧୦ମି. ମଧ୍ୟେ, ଘ.୧୦.୧୧ମି. ଗତେ ଘ.୧୧.୨୦ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୧.୪୬ମି. ଗତେ ଘ.୦୧.୨୦ମି. ମଧ୍ୟେ ରାହୁକାଳ।

# ଭୁବନେଶ୍ୱରରେ ସ୍ଥାପନ ହେବ ୩ ଅଗ୍ନିଶମ ସେବା କେନ୍ଦ୍ର

**ଭୁବନେଶ୍ୱର,୧୮।୪(ବ୍ୟୁରୋ)**

ଭୁବନେଶ୍ୱରରେ ୩ଟି ନୂଆ ଅଗ୍ନିଶମ ସେବା କେନ୍ଦ୍ର ପ୍ରତିଷ୍ଠା ହେବ। ଏ ସମ୍ପର୍କିତ ପ୍ରସ୍ତାବକୁ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନୁମୋଦନ କରିଛନ୍ତି। ତମାଣ୍ଡୋ, ମଞ୍ଚେଶ୍ୱର ଓ ପାହାଳରେ ଏହି ୩ଟି ଅଗ୍ନିଶମ ସେବା କେନ୍ଦ୍ର ପ୍ରତିଷ୍ଠା କରାଯିବ। ଏଥିପାଇଁ ୪୫ଟି ପଦବୀ ସୃଷ୍ଟି କରିବାକୁ ମଧ୍ୟ ଅନୁମତି ଦିଆଯାଇଛି। ପ୍ରତ୍ୟେକ କେନ୍ଦ୍ରରେ ୧୫ ଜଣ ଲେଖାଏ କର୍ମଚାରୀ ରହିବେ। ପ୍ରତି ଅଗ୍ନିଶମ ସେବା କେନ୍ଦ୍ରରେ ୧୫ ଜଣ କର୍ମଚାରୀଙ୍କ ମଧ୍ୟରେ ଜଣେ ଷ୍ଟେଶନ ଅଫିସର, ଦୁଇ ଜଣ ଲିଡିଂ ଫାୟାରମ୍ୟାନ, ଜଣେ ଡ୍ରାଇଭର-ହାବିଲଦାର, ଜଣେ ଫାୟାରମ୍ୟାନ ଡ୍ରାଇଭର ଓ ୧୦ ଜଣ ଫାୟାରମ୍ୟାନ ରହିବେ। ଭୁବନେଶ୍ୱର ପରିସର ବଢ଼ିବା ସହିତ ଲୋକସଂଖ୍ୟା ମଧ୍ୟ ବଢ଼ିଚାଲିଛି। ଏହାକୁ ଦୃଷ୍ଟିରେ ରଖି ଅଗ୍ନିଶମ ବ୍ୟବସ୍ଥାକୁ ସୁଦୃଢ଼ କରି ଧନଜୀବନକୁ ସୁରକ୍ଷା ଯୋଗାଇ ଦେବା ପାଇଁ ସରକାର ଏଠାରେ ୩ଟି ନୂଆ ଅଗ୍ନିଶମ ସେବା କେନ୍ଦ୍ର ପ୍ରତିଷ୍ଠା କରିବାକୁ ନିଷ୍ପତ୍ତି ନେଇଛନ୍ତି।

# ସରୋଜ ସାମଲ ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ



ସୂଚନା ଓ ଲୋକସମ୍ପର୍କ ବିଭାଗର ନୂଆ ନିର୍ଦ୍ଦେଶକ ସରୋଜ କୁମାର ସାମଲ।

**ଭୁବନେଶ୍ୱର,୧୮।୪(ବ୍ୟୁରୋ)**

ରାଜ୍ୟ ସରକାର ସରୋଜ କୁମାର ସାମଲଙ୍କୁ ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ଭାବେ ନିଯୁକ୍ତି ଦେଇଛନ୍ତି । ଏ ନେଇ ମଙ୍ଗଳବାର ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ

## ଇନ୍ଦ୍ରମଣି ତ୍ରିପାଠୀ ଏସ୍‌ସିଏସ୍‌ଟି ଉନ୍ନୟନ ବିଭାଗ ଅତିରିକ୍ତ ସଚିବ

ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ଏବଂ ଏସ୍‌ସିଏସ୍‌ଟି ଆର୍‌ଟିଆଇ ନିର୍ଦ୍ଦେଶକ ଦାୟିତ୍ୱରେ ଥିବା ଇନ୍ଦ୍ରମଣି ତ୍ରିପାଠୀଙ୍କୁ ଏସ୍‌ସିଏସ୍‌ଟି ଉନ୍ନୟନ ବିଭାଗ ଅତିରିକ୍ତ ସଚିବ ଭାବେ ବଦଳି କରାଯାଇଛି। ଏଥିସହିତ ସେ ପୂର୍ବଭଳି ଏସ୍‌ସିଏସ୍‌ଟି ଆର୍‌ଟିଆଇ ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ। ବିଜ୍ଞପ୍ତି ପ୍ରକାଶିତ ହେବା ପରେ ସରୋଜ ସାମଲ ପୂର୍ବତନ ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି।

ଏହି ଅବସରରେ ନିର୍ଦ୍ଦେଶକ ସାମଲ କହିଛନ୍ତି, ସୂଚନା ଓ ଲୋକସମ୍ପର୍କ ବିଭାଗ ରାଜ୍ୟ ସରକାରଙ୍କ ମୁଖପତ୍ର ସଦୃଶ । ବିଭିନ୍ନ ବିଭାଗର ଯୋଜନା ଓ କାର୍ଯ୍ୟକ୍ରମଗୁଡ଼ିକୁ ଏହି ବିଭାଗ ପ୍ରଚାରପ୍ରସାର କରି ସରକାରଙ୍କ ଭାବମୂର୍ତ୍ତି ଗଠନରେ ଏକ ପ୍ରମୁଖ ଭୂମିକା ନିର୍ବାହ କରିଥାଏ । ଦଳଗତ କାର୍ଯ୍ୟ ଉପରେ ବିଶ୍ୱାସ କରୁଥିବା ନୂଆ ନିର୍ଦ୍ଦେଶକ ୫-ଟି ମନ୍ତ୍ର ଆଧାରରେ ବିଭାଗର ଗୌରବ ଓ ଗରିମାକୁ ବୃଦ୍ଧି କରିବାକୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ବିଭାଗର ସମ୍ମିଳନୀ କକ୍ଷରେ ନୂଆ ନିର୍ଦ୍ଦେଶକଙ୍କୁ ବିଭାଗ ତରଫରୁ ଯୁଗ୍ମ ଶାସନ ସଚିବ ବିଷ୍ଣୁପ୍ରିୟା ସାହୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ । ବିଭାଗୀୟ ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ରନାଥ ପରିଡ଼ା ଆୟୋଜିତ ସଭାକୁ ସଂଯୋଜନା କରି ଝାରସୁଗୁଡ଼ା ଜିଲାପାଳ ଭାବେ ସାମଲ ଜଣେ ଦକ୍ଷ ପ୍ରଶାସକ ରୂପେ ସୁନାମ ଅର୍ଜନ କରିଥିବା କହିଥିଲେ । ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ବିଭାଗର ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ ।

# ଆଜି ୪ଘଣ୍ଟା ସର୍ବସାଧାରଣ ଦର୍ଶନ ବନ୍ଦ

## ମହାପ୍ରଭୁଙ୍କ ବନକ ଲାଗି ନୀତି

**ପୁରୀ ଅଫିସ,୧୮।୪**

ବୈଶାଖ ମାସ କୃଷ୍ଣପକ୍ଷ ଚତୁର୍ଦ୍ଦଶୀ ତିଥି ବୁଧବାର ଅବସରରେ ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କର ଶ୍ରୀମୁଖ ଶୃଙ୍ଗାର ବା ବନକ ଲାଗି ନୀତି ଅନୁଷ୍ଠିତ ହେବ। ଶ୍ରୀବିଗ୍ରହମାନଙ୍କ ବିଭିନ୍ନ ଗୁପ୍ତନୀତି ମଧ୍ୟରେ ଏହି ନୀତି ଅନ୍ୟତମ। ତେବେ ଏହି ଗୁପ୍ତନୀତି ଅପରାହ୍ଣ ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ତେଣୁ ଏହି ନୀତି ସମୟରେ ଉକ୍ତ ୪ଘଣ୍ଟା ମହାପ୍ରଭୁଙ୍କ ସର୍ବସାଧାରଣ ଦର୍ଶନ ବନ୍ଦ ରହିବା ନେଇ ଶ୍ରୀମନ୍ଦିର ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଦଇତାପତି ସେବକମାନେ ଏହି ଗୁପ୍ତ ବନକ ଲାଗି ନୀତିକୁ ସମ୍ପାଦନ କରିଥାନ୍ତି। ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ, ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ଦ୍ୱିତୀୟ ଭୋଗ ମଣ୍ଡପ ସମ୍ପନ୍ନ ହୋଇ ପାଣି ପଡିବା ଉତ୍ତାରେ ଏହି ନୀତି ଅନୁଷ୍ଠିତ ହୁଏ। ସେବକମାନେ ରତ୍ନ ସିଂହାସନ ଉପରକୁ ଉଠି ଠାକୁରମାନଙ୍କ ଶ୍ରୀମୁଖ ଶୃଙ୍ଗାର କରିଥାନ୍ତି। ବନକ ଲାଗିରେ ମୁଖ୍ୟତଃ ପ୍ରାକୃତିକ ରଙ୍ଗ ଯଥା କସ୍ତୁରୀ, ହରିତାଳ, ଶଙ୍ଖତାଳ, ହେଙ୍ଗୁଳ, କେଶର, ବାହାଡା ରଙ୍ଗର ବ୍ୟବହାର ହୁଏ। ଏହି ଗୁପ୍ତନୀତି ସମୟରେ ଅନ୍ୟ ସେବାୟତଙ୍କ ସହ ୪ ଘଣ୍ଟା ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ଦଇତାପତି ସେବକମାନେ ନୀତି ଶେଷ କରି ଶ୍ରୀମନ୍ଦିରରୁ ବାହାରିବା ପରେ ଶ୍ରୀବିଗ୍ରହଙ୍କ ମହାସ୍ନାନ ନୀତି ସମ୍ପନ୍ନ ହୋଇ ଦର୍ଶନ ପୁନର୍ବାର ଆରମ୍ଭ ହେବ।




# ଆଜି ରାଜ୍ୟବ୍ୟାପୀ ଶାନ୍ତି ଶୋଭାଯାତ୍ରା କରିବ ବିଜେଡି

**ଭୁବନେଶ୍ୱର,୧୮।୪(ବ୍ୟୁରୋ)**

ଯେତେବେଳେ ସମ୍ବଲପୁରରେ ଶାନ୍ତି ଫେରୁଛି, ସେତିକିବେଳେ ରାଜ୍ୟ ଭାଜପା କେବଳ ରାଜନୈତିକ ଫାଇଦା ହାସଲ କରିବା ପାଇଁ ଲୋକଙ୍କୁ ହିଂସା କରିବାକୁ ଉସୁକାଇବାର ଉଦ୍ୟମ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ବିଭିନ୍ନ ସ୍ପର୍ଶକାତର ଘଟଣାରେ ଏହା ସଦାବେଳେ ଭାଜପାର ରଣନୀତି ରହି ଆସିଛି ବୋଲି ବିଜେଡି ଅଭିଯୋଗ କରିଛି।

ବିଜେଡି ମୁଖପାତ୍ର ଶ୍ରୀମୟୀ ମିଶ୍ର ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ କହିଛନ୍ତି, ସମ୍ବଲପୁରରେ ଯେଉଁମାନେ ଗଣ୍ଡଗୋଳରେ ସମ୍ପୃକ୍ତ ଥିଲେ, ପୋଲିସ ସେମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣକରି ଗିରଫଦାରି ମାମଲା ଜାରି ରହିଛି। ଯେଉଁମାନେ ହିଂସାକୁ ଉସୁକାଉଥିଲେ ସେମାନେ ମଧ୍ୟ ଆଇନର ସମ୍ମୁଖୀନ ହେବେ। ମାତ୍ର ଏଭଳି ସ୍ଥିତିରେ ହୀନ ରାଜନୈତିକ ଷଡ଼ଯନ୍ତ୍ର କରି ଭାଜପା ସାଢେ ୪ କୋଟି ଓଡ଼ିଆ ଏବଂ ଓଡ଼ିଶାକୁ ବଦନାମ କରୁଛି। ଓଡ଼ିଶା ବିରୋଧରେ ଏହା ଭାଜପାର ସବୁଠୁ ବଡ଼ ଅପମାନ। ଏହାଛଡ଼ା ଯେତେବେଳେ ଛାତ୍ରୀଛାତ୍ରମାନେ ବିଭିନ୍ନ ପରୀକ୍ଷା ଦେଉଛନ୍ତି, ଆପଣ ବନ୍ଦ ଡାକରା ଦେଇ ସେମାନଙ୍କୁ ହଇରାଣ କରିବାକୁ ଚାହୁଁଛନ୍ତି, ଏହାଠୁ ବଡ଼ ଦୁଃଖର କଥା ଆଉ କ'ଣ ହୋଇପାରେ। ଏହି ପରିପ୍ରେକ୍ଷୀରେ ଏପ୍ରିଲ ୧୯ ତାରିଖ ଅର୍ଥାତ୍ ବୁଧବାର ବିଜେଡି ରାଜ୍ୟବ୍ୟାପୀ ଶାନ୍ତି ଶୋଭାଯାତ୍ରା କରିବ ବୋଲି ସେ ସୂଚନା ଦେଇଛନ୍ତି।

# ପ୍ରାର୍ଥନା ବେଳେ ଛାତ୍ର ଅଚେତ

**ପାଟଣା, ୧୮।୪(ସ୍ୱ.ପ୍ର.)**

କେନ୍ଦୁଝର ଜିଲାରେ ପ୍ରବଳ ଗ୍ରୀଷ୍ମପ୍ରବାହ ଅନୁଭୂତ ହେଉଥିବାରୁ ଲୋକେ ପୂର୍ବାହ୍ଣ ୧୦ଟା ବେଳକୁ ପଦାକୁ ଯିବାକୁ ନିରାପଦ ମଣୁନାହାନ୍ତି। ଟାଣଖରାରେ ଲୋକେ ଆଉଟପାଉଟ ହେଉଛନ୍ତି। କେନ୍ଦୁଝର ଜିଲା ପାଟଣା ମୁଖ୍ୟାଳୟରେ ମଙ୍ଗଳବାର ପାରଦ ୪୧ଡିଗ୍ରୀ ଉପରେ ରହିଥିବା ବେଳେ ବିଭିନ୍ନ ସରକାରୀ ଓ ବେସରକାରୀ ସ୍କୁଲ, କଲେଜରେ ପାଠପଢ଼ା ଚାଲିଥିବା ନେଇ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ପାଟଣା ବ୍ଲକ ଅଧୀନ କେନ୍ଦେଇପଶି ନୋଡାଲ ଉଚ୍ଚ ବିଦ୍ୟାଳୟରେ ମଙ୍ଗଳବାର ପ୍ରାର୍ଥନା ଚାଲିଥିବା ବେଳେ ଜଣେ ଷଷ୍ଠ ଶ୍ରେଣୀର ଛାତ୍ର ଅସୁସ୍ଥ ହୋଇପଡ଼ିଥିଲେ। ଅସୁସ୍ଥତାର କାରଣ ସ୍ପଷ୍ଟ ହୋଇ ନ ଥିବା ବେଳେ ତାଙ୍କୁ ସହପାଠୀ ଓ ଶିକ୍ଷୟିତ୍ରୀମାନେ ଉଦ୍ଧାର କରି ଗ୍ଲୁକୋଜ ପାଣି ପିଆଇବା ପରେ ସେ ସୁସ୍ଥ ହୋଇ କ୍ଲାସ କରିଥିବା ଜଣାପଡ଼ିଛି। ଏନେଇ ପ୍ରଧାନ ଶିକ୍ଷୟିତ୍ରୀ ସତ୍ୟଭାମା ମୁଣ୍ଡାଙ୍କୁ ପଚାରିବାରୁ ସୋମବାର ସମ୍ପୃକ୍ତ ଛାତ୍ରଙ୍କୁ ଜ୍ୱର ହୋଇଥିଲା। ଏବେ ସେ ସୁସ୍ଥ ଅଛନ୍ତି ବୋଲି କହିଛନ୍ତି। ସେହିପରି କେନ୍ଦୁଝର ଜିଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କୁ ପଚାରିବାରୁ ସକାଳ ୬ଟା ୪୦ରେ ଛାତ୍ର ଜଣକ ଅସୁସ୍ଥ ହୋଇ ପଡ଼ିଥିଲେ। ମୁଁ ପ୍ରଧାନ ଶିକ୍ଷୟିତ୍ରୀଙ୍କ ସହ ଏନେଇ କଥା ହୋଇଛି। ପିଲାଟି ଗ୍ଲୁକୋଜ ପାଣି ପିଇବା ପରେ ସୁସ୍ଥ ହୋଇଥିଲା। ମଧ୍ୟାହ୍ନଭୋଜନ ଖାଇ ତା ବାପାଙ୍କ ସହ ଘରକୁ ଯାଇଛନ୍ତି। ଏବେ ସେ ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି ବୋଲି କହିଛନ୍ତି।



E-BOOK TODAY AT WWW.MARUTISUZUKI.COM OR VISIT YOUR NEAREST MARUTI SUZUKI DEALERSHIP.

ODYSSEY MOTORS
ANGUL: 7752076136, 9776901481, PALLAHARA: 7873565435, 9437831123.

TUSHI MOTORS
CUTTACK: 9078076450. PANIKOILI: 9078076450. ATHAGARH: 9078076450.

JYOTE MOTORS
BHUBANESWAR: LEWIS ROAD: 9798190190. NAYAPALLI: 9798190190. KEONJHAR: 9798190190. NAYAGARH: 9798190190. BALUGAON: 9798190190. ANANDPUR: 9798190190. KENDRAPARA: 9798190190. BALASORE: 9798190190. BHADRAK: 9798190190. BARIPADA: 9798190190. UDALA: 7064499950. RAIRANGPUR: 9853446906. JALESWAR: 7064499950. BASUDEVPUR: 9798190190.

SKY AUTOMOBILES
BHUBANESWAR: PATIA : 7381045356. CUTTACK: 9776677771, 7381873818. DHENKANAL: 7381045357. NARSHINGPUR: 7381045357. KAMAKHYANAGAR: 7381045357. JAJPUR: 9776900777, SALEPUR: 9583544555, CHANDIKHOL: 9583544555, TANGI: 7381045356.

NARAYANI MOTORS
BHUBANESHWAR: RASULGARH: 9583022019,7440019592,9583022013. JAGATSINGHPUR: 9583022090. PURI: 9583022035. NIMAPARA: 7381094851. PARADEEP: 9583022034/48. PURI HIGHWAY PIPLI: 9583022013.

*Offer includes consumer offer, exchange bonus and institutional or rural offer (wherever applicable) on selected models/ variants. Above mentioned savings amount is the value of maximum savings on selected models. *^Terms and conditions apply. Finance scheme details mentioned in the advertisement are at the sole discretion of the financier and terms and conditions as specified by the financier shall apply. Credit at the sole discretion of the Bank. 100% on-road funding is provided by select financiers only. For more details, please contact your nearest ARENA dealership. Features and accessories shown may not be part of standard fitment. Black Glass Shade on the vehicle is due to the lighting effect. Images used are for illustration purposes only. Car color may vary due to printing on paper. Offers vary across variants. Maruti Suzuki India Limited reserves the right to discontinue offers without notice. Above offers are valid till 30th April, 2023.

"ପାରିହା ବା ମେହେନ୍ତର ଶ୍ରେଣୀର ଜଣେ ଆଧ୍ୟାତ୍ମିକ ବା ସଂସ୍କୃତିବନ୍ତ ମଣିଷ, ଆଧ୍ୟାତ୍ମିକ ମୂଲ୍ୟ ଅନୁସାରେ ଜଣେ ଅଣଆଧ୍ୟାତ୍ମିକ ଓ ସାଂସାରିକ ଲୋକ ଅଥବା ଜଣେ ସ୍ଥୂଳଚିତ୍ତ। ସଂସ୍କୃତିହୀନ ବ୍ରାହ୍ମଣଠାରୁ ମହତ୍ତର। ଜନ୍ମର ମହତ୍ତ୍ୱ ରହିଛି। କିନ୍ତୁ ସାରସତ୍ତ୍ୱ ରହିଛି ସ୍ୱୟଂ ମନୁଷ୍ୟ ଭିତରେ – ଅନ୍ତରାଳରେ ଥିବା ଆତ୍ମା ଭିତରେ ଏବଂ ତା ପ୍ରକୃତିରେ ଅଭିବ୍ୟକ୍ତି ଭିତରେ। –ଶ୍ରୀଅରବିନ୍ଦ



# ପାଣି ମୁନ୍ଦାଏ

ପ୍ରଚଣ୍ଡ ଗ୍ରୀଷ୍ମ ଲହରରେ ଏବେ ମଣିଷଠାରୁ ଆରମ୍ଭ କରି ପ୍ରାଣୀ ସମସ୍ତେ କଲବଲ ହେଉଛନ୍ତି। ମଣିଷ ଅସହ୍ୟ ତାତିରୁ ନିଜକୁ ରକ୍ଷା କରିବା ପାଇଁ ନୂଆ ନୂଆ ଉପାୟ ଖୋଜୁଥିବାବେଳେ ଜଙ୍ଗଲୀ ଜୀବ କିମ୍ବା ବୁଲା ପ୍ରାଣୀମାନେ ଏହାର ଶିକାର ହେଉଛନ୍ତି। ନିକଟରେ ଓଡ଼ିଶାରେ ଗୋଟିଏ ହାତୀଛୁଆର ମୃତ୍ୟୁ ଓ ଏକ କଲରାପତରିଆ ବାଘ ଚେତାଶୂନ୍ୟ ହେବା ଖବର ପ୍ରକାଶ ପାଇଥିଲା। ଏହି ପରିପ୍ରେକ୍ଷୀରେ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ବନ୍ୟ ପ୍ରାଣୀଙ୍କ ଜୀବନ ରକ୍ଷା ଲାଗି ଜଙ୍ଗଲରେ ପାଣି ବ୍ୟବସ୍ଥା କରିବାକୁ ରାଜ୍ୟର ସମସ୍ତ ବନଖଣ୍ଡ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଭଳି ନିର୍ଦ୍ଦେଶ ପ୍ରମାଣ କରୁଛି ଯେ, ଓଡ଼ିଶାର ଜଙ୍ଗଲ ଅଞ୍ଚଳରେ ଜଳର ଘୋର ଅଭାବ ରହିଛି। ଅର୍ଥାତ୍ ବନ ବିଭାଗ ତରଫରୁ ଦୀର୍ଘମିଆଦୀ କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ଏଭଳି ସମସ୍ୟା ସୃଷ୍ଟି ହେଉଛି। ଏହି ସ୍ଥିତି ସମ୍ପୂର୍ଣ୍ଣ ଭାବେ ମନୁଷ୍ୟକୃତ ହୋଇ ନ ଥିଲେ ମଧ୍ୟ ମଣିଷର କାର୍ଯ୍ୟକଳାପ ଯୋଗୁ ଜଙ୍ଗଲୀ ପ୍ରାଣୀଙ୍କ ଉପରେ ଅନେକ କୁପ୍ରଭାବ ପଡୁଛି। ଅତ୍ୟଧିକ ଖଣିଖନନ, ଜଙ୍ଗଲ ଧ୍ୱଂସ ଏହାର ପ୍ରମୁଖ କାରଣ ; ଯେଉଁଥିପାଇଁ ଜଳ ଓ ଖାଦ୍ୟ ନ ପାଇ ବନ୍ୟପ୍ରାଣୀ ଜନବସତିମୁହାଁ ହେଉଛନ୍ତି। ଉଦାହରଣ ସ୍ୱରୂପ ମଧ୍ୟପ୍ରଦେଶର କୁନୋ ଜାତୀୟ ଉଦ୍ୟାନରେ ଛଡ଼ାଯାଇଥିବା ଚିତା ନିକଟସ୍ଥ ଗାଁକୁ ପାଣି ସନ୍ଧାନରେ ଯାଇଥିଲା ବୋଲି ସେଠାକାର ବନବିଭାଗ ସ୍ୱୀକାର କରିଥିଲା। ଏଭଳି ଅନେକ ଘଟଣା ପ୍ରାଣୀ–ମଣିଷ ସଂଘର୍ଷର ସୂତ୍ରପାତ କରୁଥିବା ଲକ୍ଷ୍ୟ କରାଯାଉଛି। ଜୀବବିଜ୍ଞାନୀ ତଥା ପରିବେଶବିତ୍‌ଙ୍କ ମତରେ ଅତ୍ୟଧିକ ତାପମାତ୍ରା ସାଙ୍ଗକୁ ଜଳ ଓ ଖାଦ୍ୟାଭାବ ବହୁ ଜୀବଙ୍କ ମୃତ୍ୟୁର କାରଣ ପାଲଟୁଛି। କିନ୍ତୁ ଏହାର ଠିକ୍ ଆକଳନ କରାଯାଇ ପାରୁନାହିଁ। ପ୍ରବଳ ତାତିରେ ପଶୁପକ୍ଷୀଙ୍କ ବ୍ୟବହାରଗତ ପରିବର୍ତ୍ତନ ଉପରେ ମଧ୍ୟ ବୈଜ୍ଞାନିକ ଅନୁଧ୍ୟାନ ସମ୍ଭବ ହୋଇନାହିଁ। ଖରାରେ ବନ୍ୟଜନ୍ତୁଙ୍କ ବାସ୍ତବ ମୃତ୍ୟୁସଂଖ୍ୟା ଜାଣିବା କଷ୍ଟକର ହୋଇଥିଲେ ମଧ୍ୟ ପାଣି ବିକଳରେ ଜୀବଜନ୍ତୁ ଜଙ୍ଗଲ ବାହାରକୁ ପଳାଇ ଆସିବା ସେମାନଙ୍କ ଦୁର୍ଦ୍ଦଶାକୁ ସ୍ପଷ୍ଟ କରୁଛି।

**ଆଫ୍ରିକାରୁ ଚିତା ଆଣିବା ସହିତ ଆମ ଦେଶର ବିଭିନ୍ନ ପ୍ରାଣୀଙ୍କୁ ରକ୍ଷା କରିବା ହେଉଛି ସରକାରଙ୍କ ଦାୟିତ୍ୱ। ସେମାନଙ୍କୁ ପାଣି ମୁନ୍ଦେ ଦେଇପାରିଲେ ମନ୍ତ୍ରୀମାନେ ବହୁତ ଆଶୀର୍ବାଦ ମଧ୍ୟ ପାଇପାରନ୍ତେ।**

ଉଲ୍ଲେଖଯୋଗ୍ୟ ଯେ, ଭାରତର ପ୍ରାୟ ଏକ ଚତୁର୍ଥାଂଶ ଭାଗରେ ଜଙ୍ଗଲ ଅଛି ବୋଲି ଆମକୁ କୁହାଯାଉଛି। ଦେଶରେ ମାଟ ୫୬୭ ବନ୍ୟଜନ୍ତୁ ଅଭୟାରଣ୍ୟ ଅଛି। ଦେଶର ସମସ୍ତ ଜଙ୍ଗଲରେ ୫୦୦ ପ୍ରଜାତିର ସ୍ତନ୍ୟପାୟୀ ପ୍ରାଣୀ ଓ ୨,୦୦୦ ପ୍ରଜାତିର ପକ୍ଷୀ ଅଛନ୍ତି। ତେବେ ଏହି ସଂଖ୍ୟା ଧୀରେ ଧୀରେ ଲୋପ ପାଇଯାଉଛି। ଖାଦ୍ୟ, ବାସସ୍ଥାନ ଅଭାବରେ ଥିବା ପଶୁପକ୍ଷୀ କିଛି ବର୍ଷ ହେଲା ଗ୍ରୀଷ୍ମ ଲହରକୁ ସାମ୍ନା କରିବା ଦ୍ୱାରା ସେମାନଙ୍କ ସଂଖ୍ୟା ଆହୁରି କମିବାରେ ଲାଗିଛି। ତେବେ ଏହି ସମୟରେ ପଶୁପକ୍ଷୀଙ୍କ ସୁରକ୍ଷା ପାଇଁ ସରକାରଙ୍କ ସମେତ କେତେକ ପ୍ରାଣୀ କଲ୍ୟାଣ ସଂଗଠନ ସକ୍ରିୟତା ପ୍ରକାଶ କରୁଥିଲେ ମଧ୍ୟ ବିଶ୍ୱତାପନ ଜନିତ ପରିବେଶଗତ ପ୍ରଭାବରୁ ଜୀବଙ୍କୁ ରକ୍ଷା କରିବା କଷ୍ଟକର ହୋଇପଡୁଛି। ଏଠାରେ କୁହାଯାଇପାରେ ଯେ, ସରକାରୀ ସ୍ତରରେ ପୋଖରୀ ପରିବର୍ତ୍ତେ ହ୍ରଦ ଭଳି ବଡ଼ ଜଳପ୍ରକଳ୍ପ ଜଙ୍ଗଲ ଭିତରେ ସୃଷ୍ଟି କରାଯାଇପାରନ୍ତା। ସେହିସବୁ ପ୍ରକଳ୍ପର ଉଦ୍‌ଘାଟନ ଉତ୍ସବ ମଧ୍ୟ ଆୟୋଜନ କରାଯାଇ ବିଭିନ୍ନ ମୁଖ୍ୟମନ୍ତ୍ରୀ କିମ୍ବା ପ୍ରଧାନମନ୍ତ୍ରୀଙ୍କୁ ନିମନ୍ତ୍ରଣ କରି ଫଟୋ ଉଠାଯାଇପାରନ୍ତା। ଗଣମାଧ୍ୟମରେ ତାହାର ବହୁଳ ପ୍ରଚାର ହେବାବେଳେ ସେହି ନେତାମାନଙ୍କ ମୁହଁ ଦେଖିବା ସହିତ ପ୍ରାଣୀମାନଙ୍କର ବାସ୍ତବ ମଙ୍ଗଳ ହୋଇପାରନ୍ତା। ପରବର୍ତ୍ତୀ ସମୟରେ ତାହା ପର୍ଯ୍ୟଟକଙ୍କୁ ଆକର୍ଷଣ କରିପାରନ୍ତା ଏବଂ ଭୂତଳ ଜଳସ୍ତରକୁ ସାହାଯ୍ୟ କରନ୍ତା। ଆଫ୍ରିକାରୁ ଚିତା ଆଣିବା ସହିତ ଆମ ଦେଶର ବିଭିନ୍ନ ପ୍ରାଣୀଙ୍କୁ ରକ୍ଷା କରିବା ହେଉଛି ସରକାରଙ୍କ ଦାୟିତ୍ୱ। ସେମାନଙ୍କୁ ପାଣି ମୁନ୍ଦେ ଦେଇପାରିଲେ ମନ୍ତ୍ରୀମାନେ ବହୁତ ଆଶୀର୍ବାଦ ମଧ୍ୟ ପାଇପାରନ୍ତେ।

## ୨୫ ବର୍ଷ ତଳର ଧରିତ୍ରୀ

୧୯ ଏପ୍ରିଲ ୧୯୯୮

- ୬୦ ବର୍ଷୀୟ ଚଳଚ୍ଚିତ୍ର ପ୍ରଯୋଜକ ବିଜୟ ସିପ୍ପୀଙ୍କ ରହସ୍ୟଜନକ ମୃତ୍ୟୁ।
- ଦେଶର ସୁରକ୍ଷା କ୍ଷେତ୍ରରେ ବିରଳ ସାହସିକତା ପ୍ରଦର୍ଶନ କରିଥିବା ୫୯ ଜଣ ସାମରିକ ଏବଂ ବେସାମରିକ ବ୍ୟକ୍ତିଙ୍କୁ 'ଚକ୍ର' ସମ୍ମାନ ପ୍ରଦାନ।
- ଆକାଶବାଣୀର ପ୍ରଥମ ଓଡ଼ିଆ ନାରୀକଣ୍ଠଶିଳ୍ପୀ ବିଷ୍ଣୁପ୍ରିୟା ସାମନ୍ତସିଂହାରଙ୍କ ୭୬ ବର୍ଷ ବୟସରେ ପରଲୋକ।

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 1 | | 2 | | 5 | | | 8 | 7 |
| | | | 4 | | | | 6 | |
| | 4 | | | 9 | 8 | | | |
| | | | 8 | | | | | 5 |
| 7 | | | | | | | | |
| | | 6 | | | 5 | 3 | 7 | 1 |
| | | | | | 1 | | 2 | |
| | 2 | | | | | 7 | | |
| | | | 3 | 4 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 1 | 5 | 6 | 9 | 8 | 7 | 4 | 2 |
| 6 | 2 | 9 | 4 | 7 | 3 | 8 | 1 | 5 |
| 8 | 4 | 7 | 1 | 5 | 2 | 9 | 6 | 3 |
| 1 | 6 | 8 | 7 | 2 | 9 | 5 | 3 | 4 |
| 4 | 9 | 3 | 5 | 8 | 1 | 6 | 2 | 7 |
| 5 | 7 | 2 | 3 | 6 | 4 | 1 | 8 | 9 |
| 7 | 3 | 1 | 9 | 4 | 6 | 2 | 5 | 8 |
| 9 | 8 | 4 | 2 | 1 | 5 | 3 | 7 | 6 |
| 2 | 5 | 6 | 8 | 3 | 7 | 4 | 9 | 1 |

ଗତକାଲିର ଉତ୍ତର

# ବିବାହ କାଲିର ଓ ଆଜିର



ବୈକୁଣ୍ଠନାଥ ମିଶ୍ର

ଆଧୁନିକ ବିବାହ ପ୍ରକ୍ରିୟାରେ ମାତାପିତାଙ୍କର ରୁଚି ଅରୁଚିକୁ ଉପେକ୍ଷାକରି ପିଲାମାନେ ତାଙ୍କ ଜୀବନସାଥୀ ଚୟନ କରୁଛନ୍ତି। ମାତାପିତା ମଧ୍ୟ କୌଣସି ଅପ୍ରୀତିକର ପରିସ୍ଥିତି ଆଶଙ୍କା କରି ନୀରବ ରହୁଛନ୍ତି। ଗତ ଶତାବ୍ଦୀର ଅଶୀଦଶକ ସୁଦ୍ଧା କନ୍ୟା କିମ୍ବା ବର ଚୟନ ମାତାପିତା ଓ ଗୁରୁଜନଙ୍କ ଉପରେ ନ୍ୟସ୍ତଥିଲା। ସମ୍ପ୍ରତି ଜୀବନସାଥୀ ଚୟନ ପିଲାମାନଙ୍କର ଏକଚାଟିଆ ହୋଇଗଲାଣି। କିଛିଦିନ ତଳେ ଆମ ଅଞ୍ଚଳରେ ଘଟିଥିବା ଏକ ଘଟଣା ଉଲ୍ଲେଖଯୋଗ୍ୟ। ବିବାହର ସମସ୍ତ ପୂର୍ବ ପ୍ରସ୍ତୁତି ଯଥା ନିର୍ବନ୍ଧ ଓ ଜାଇ ଅନୁକୂଳ ସରିବା ପରେ ବିଦେଶାଗତ ପୁଅଟି କନ୍ୟା ଦେଖିବାକୁ ଜିଦ୍‌କଲା। ବରପିତା ସଂଭ୍ରମତାର ସହ କନ୍ୟାପିତାଙ୍କୁ ଅନୁରୋଧ କରିବାରୁ କନ୍ୟାପିତା ଆଶଙ୍କିତ ଚିତ୍ତରେ ଏକମତ ହେଲେ। ପୁଅଟି ବେଶ୍ କିଛି ସମୟ ଝିଅ ସହ ଆଳାପ ଆଲୋଚନା କରି ବିବାହ ପାଇଁ ସହମତି ପ୍ରକାଶ କଲେ ସିନା; ମାତ୍ର ଝିଅଟି ଦୃଢ଼ତାର ସହ କହିଲା, ମୁଁ କିନ୍ତୁ ଏ ବିବାହକୁ ଅସ୍ୱୀକାର କରୁଛି। ଝିଅର ଯୁକ୍ତି ହେଲା ଯେଉଁ ପୁଅ ତାଙ୍କ ମାତାପିତାଙ୍କ ଉପରେ ଆସ୍ଥା ସ୍ଥାପନ କରିପାରେ ନାହିଁ ସେ ପତ୍ନୀକୁ ବିଶ୍ୱାସକୁ ନେଇ କିପରି ସଂସାର କରିବ। ମୁଁ ତମାମ ଜୀବନ ଅବିବାହିତ ରହିବାକୁ ପସନ୍ଦ କରିବି, କିନ୍ତୁ ଏଭଳି ଜଣେ ଅବିଶ୍ୱାସୀକୁ ନୁହେଁ। ବିବାହ ପ୍ରକ୍ରିୟା ସେଇଠି ବନ୍ଦ ରହିଲା।

ପ୍ରାଚୀନ ବିବାହର ଦୁଇଟି ଆଦର୍ଶ ନମୁନା ପ୍ରାସଙ୍ଗିକତା ଦୃଷ୍ଟିରୁ ଏଠାରେ ଆଲୋଚନା ସାପେକ୍ଷ। ଉତ୍କଳମଣି ପଣ୍ଡିତ ଗୋପବନ୍ଧୁଙ୍କ ଜ୍ୟେଷ୍ଠାକନ୍ୟା ତରଙ୍ଗିଣୀ (ଶ୍ରଦ୍ଧାନାମ–ରଙ୍ଗ)ର ବିବାହ ସମୟକୁ ଉତ୍କଳମଣିଙ୍କ ଧର୍ମପତ୍ନୀ ଇହଧାମ ତ୍ୟାଗକରି ସାରିଥିଲେ। ଦିନେ ଗୋପବନ୍ଧୁଙ୍କ ଭାଉଜ ତାଙ୍କୁ କହିଲେ, ତୁମେ ଏମିତି ଦେଶ ସେବାରେ ମାତିଥିବ ନା ରଙ୍ଗ ବାହାଘର କଥା ଚିନ୍ତା କରିବ। ଗୋପବନ୍ଧୁ ଯେ ଝିଅ ବିବାହ ପାଇଁ ଚିନ୍ତିତ ନ ଥିଲେ ଏକଥା ନୁହେଁ। ସେ ଥିଲେ ଏକ ଉପଯୁକ୍ତ ପାତ୍ରର ସନ୍ଧାନରେ। ଆଖପାଖର ବହୁ ସମ୍ଭ୍ରାନ୍ତ ସନ୍ତାନଙ୍କ ପ୍ରସ୍ତାବ ପ୍ରତି ଗୋପବନ୍ଧୁ ଥିଲେ ନିରାସକ୍ତ। ତାଙ୍କ ମତରେ ପୁଅଟି ପଛେ ନିର୍ଦ୍ଧନ ହୋଇଥାଉ ; ମାତ୍ର ସେ ଉଚ୍ଚଶିକ୍ଷିତ ଓ ଉତ୍ତମ ଚରିତ୍ରବାନ ହୋଇଥିବା ବାଞ୍ଛନୀୟ। ଗୋପବନ୍ଧୁଙ୍କ ନଜରରେ ଥା'ନ୍ତି କଟକର ଅନତିଦୂର ବିରିବାଟି ଗ୍ରାମର ଦରିଦ୍ର, ମେଧାବୀ ଓ ସତ୍‌ଚରିତ୍ର ସମ୍ପନ୍ନ ବାଳକ ରତ୍ନାକର ପତି। ରତ୍ନାକର ସେତେବେଳେ ରେଭେନ୍‌ଶାରେ ଏମ୍.ଏ. ପଢୁଥା'ନ୍ତି। ଗୋପବନ୍ଧୁ ତାଙ୍କ ସଖା ପଣ୍ଡିତ କୃପାସିନ୍ଧୁଙ୍କୁ ସାଙ୍ଗରେ ଆଣି କଟକରେ ରତ୍ନାକରଙ୍କୁ ସାକ୍ଷାତ କଲେ। ସେମାନଙ୍କୁ ରତ୍ନାକର ସାଷ୍ଟାଙ୍ଗ ପ୍ରଣିପାତ କଲେ। ଗୋପବନ୍ଧୁ ବିନାଦ୍ୱିଧାରେ କହିଲେ ଆସନ୍ତା ଦଶହରା ଛୁଟିରେ ମୁଁ ତୁମ ଘରକୁ ଯିବି। ମୋର କନ୍ୟା ରଙ୍ଗକୁ ତୁମ ସହିତ ବିବାହ ଦେବାକୁ ଚାହେଁ। ଏକଥା ମା'ଙ୍କୁ କହିଥିବ। ଆପତ୍ତି ଥିଲେ ଜଣାଇବ। ଅନ୍ୟଥା ଦଶହରା ଛୁଟିରେ ତୁମ ଘରେ ଦେଖାହେବ।



ଗୋପବନ୍ଧୁଙ୍କ ବଡଭାଉଜ ଗୋପବନ୍ଧୁଙ୍କ ଜ୍ୟେଷ୍ଠ ଶାଳକଙ୍କୁ ଦଶହରା ଛୁଟିରେ ଗୋପବନ୍ଧୁଙ୍କ ସହ ପଠାଇଲେ। ବିରିବାଟିରେ ପହଞ୍ଚି ଗୋପବନ୍ଧୁ ଦେଖିଲେ ରତ୍ନାକର ଗୋଟିଏ ପାଞ୍ଚହାତି ଗାମୁଛା ପିନ୍ଧି ମୁଣ୍ଡରେ ଏକ ଗୋବର ଟୋକେଇ ଧରି ବାରି ଭିତରକୁ ଯାଉଛନ୍ତି। ଗୋପବନ୍ଧୁ ଶାଳକଙ୍କୁ କହିଲେ– ଏଇ ଆମର ଭାବି ଜାମାତା ରତ୍ନାକର। ସାକ୍ଷାତ ରତ୍ନଟିଏ। ନୂଆଣିଆ ଚାଳଘର ପିଣ୍ଡାରେ ବସିଥିବା ରତ୍ନାକରଙ୍କ ମା'ଙ୍କୁ ପ୍ରଣାମକରି ନିଜ ପରିଚୟରେ କହିଲେ – ମୁଁ ସୁଆଣ୍ଡୋର ଗୋପବନ୍ଧୁ ଦାସ। ରତ୍ନାକର ମୁରବି ହିସାବରେ ନିଜ ମାମୁଙ୍କୁ ଡକାଇଥାନ୍ତି। ସାମାନ୍ୟ କଥୋପକଥନ ପରେ ରଙ୍ଗର ବିବାହ ରତ୍ନାକରଙ୍କ ସହ କରି ଗୋପବନ୍ଧୁ ସୁଆଣ୍ଡୋ ଫେରିଗଲେ। ଭାଉଜ ଯେତେବେଳେ ଜାମାତା ସମ୍ବନ୍ଧରେ ଜାଣିବାକୁ ଚାହିଁଲେ, ଶାଳକ ମହାଶୟ କହିଲେ ପୁଅ ତ ଯାଇଛି। ଏବେ ଝିଅ ବେକରେ ପଥରବାନ୍ଧି ଭାର୍ଗବୀକୁ ଫିଙ୍ଗିଦିଅ। ରତ୍ନାକର ଭଳି ନିଃସ୍ୱଙ୍କୁ ଜାମାତା କରିବା ଅପେକ୍ଷା ଝିଅକୁ ମାରିଦେବା ଭଲ। ଗୋପବନ୍ଧୁ କନ୍ୟାକୁ କହିଲେ ମୁଁ ତୋତେ ରତ୍ନଟିଏ ଦେଉଛି। ନିରାଡମ୍ବର ଭାବେ ରଙ୍ଗର ବିବାହ ସମ୍ପନ୍ନ ହେଲା। ପ୍ରଖ୍ୟାତ ଦାର୍ଶନିକ, ସାହିତ୍ୟିକ, ଅଧ୍ୟାପକ ରତ୍ନାକର ପତି ଥିଲେ ବାସ୍ତବରେ ରତ୍ନଟିଏ। କଟକ ପାରାଦୀପ ରାସ୍ତାର ବିରିବାଟିଠାରେ ଥିବା 'ରତ୍ନାକର ବିଦ୍ୟାମନ୍ଦିର' ରତ୍ନାକରଙ୍କର ସ୍ମୃତି ବହନକରି ସଗର୍ବେ ଦଣ୍ଡାୟମାନ।

ପୁରାଣ ବର୍ଣ୍ଣିତ ଆଉ ଏକ କାହାଣୀ ଉପଯୁକ୍ତ ବରପାତ୍ର ଚୟନରେ ଦୃଷ୍ଟାନ୍ତ ବହନ କରେ। ଋଷି କାଶ୍ୟପଙ୍କ ଗୁରୁକୁଳାଶ୍ରମ ଥିଲା ଏକ ଅନନ୍ୟ ଶିକ୍ଷାକେନ୍ଦ୍ର, ଯେଉଁଠି ଦୂରଦୂରାନ୍ତରୁ ଆସି ଶିଷ୍ୟମାନେ ଶିକ୍ଷା ସହ ଚରିତ୍ରଗଠନର ମୂଲ୍ୟବାନ ଭୂଷଣରେ ଭୂଷିତ ହୋଇ ଜୀବନରେ ପାରଦର୍ଶିତା ଲାଭ କରୁଥିଲେ। ଦିନେ ଗୁରୁଜୀଙ୍କୁ ଏକାନ୍ତ ଉଦାସ ଥିବା ଦେଖି ଶିଷ୍ୟମାନେ ଏହାର କାରଣ ଜାଣିବାକୁ ଚାହିଁବାରୁ ଗୁରୁଜୀ କହିଲେ, ମୋ ପୁତ୍ରୀ ଇରାବତୀ ବିବାହ ବୟସରେ ଉପନୀତ। କିନ୍ତୁ ବିବାହ ଖର୍ଚ୍ଚ ଓ ଉପହାର ଦେବାକୁ ମୋ ପାଖରେ ଅର୍ଥ ନାହିଁ। ଏକଥା ଶୁଣି ଶିଷ୍ୟମାନେ କହିଲେ – ଗୁରୁଜୀ ଆମେ ସମସ୍ତେ ଧନୀଘରର ପିଲା। ଆମେ ଧନ ଆଣି ଆପଣଙ୍କ ସମସ୍ୟା ଦୂରୀକରଣରେ ସହାୟତା କରିବୁ। ଗୁରୁଜୀ କହିଲେ ପରଧନ ଆଶାକରିବା ପାପ। ତଥାପି ତୁମେମାନେ ଯଦି ଦେବାକୁ ଚାହୁଁଛ – ତେବେ ଏପରିଭାବେ ଘରୁ ଧନ ଆଣିବ ଯେପରି କେହି ଜାଣିବେ ନାହିଁ। ସବୁ ଶିଷ୍ୟ ସ୍ୱଗୃହକୁ ଗମନକଲେ ଓ ଯଥେଷ୍ଟ ଧନରାଶି ସହ ଆଶ୍ରମରେ ପହଞ୍ଚିଲେ। ସମସ୍ତେ ଯିବାପରେ ଗୁରୁଜୀ ଲକ୍ଷ୍ୟ କରିଥିଲେ ମାତ୍ର ଜଣେ ଶିଷ୍ୟ ଆଶ୍ରମରେ ଏକାକୀ ଥିଲା। ଗୁରୁଜୀ ତାଙ୍କୁ ପଚାରିଲେ, କ'ଣ ତୁମେ ନିର୍ଦ୍ଧନ ନା ଗୁରୁଙ୍କର ସହାୟତା ପାଇଁ ତୁମେ ଅନିଚ୍ଛୁକ ? ଶିଷ୍ୟଟି ସବିନୟ ଉତ୍ତର ଦେଲା– ନା ଗୁରୁଜୀ ମୁଁ ଅତି ଧନୀଘରର ପିଲା। ଚାହିଁଥିଲେ ପ୍ରଚୁର ଧନରତ୍ନ ଆଣି ଆପଣଙ୍କ ପାଦତଳେ ଅଜାଡି ଦେଇଥାନ୍ତି। କିନ୍ତୁ ଆପଣଙ୍କ ଆଦେଶ ମୋତେ ଦ୍ୱିଧାଗ୍ରସ୍ତ କଲା। ଆପଣ ତ କହିଥିଲେ ଅନ୍ୟର ଅଗୋଚରରେ ଯେଉଁ ଧନପ୍ରାପ୍ତ କରାଯାଏ ତାହା ପାପ। ଏହା ଜାଣି ମଧ୍ୟ ମୁଁ କିପରି ଏହା କରିଥାନ୍ତି। ଆପଣଙ୍କ ଆଦେଶ ଅମାନ୍ୟ କରିଥିବାରୁ ମୁଁ ଦଣ୍ଡଯୋଗୀ। ଗୁରୁଜୀ କହିଲେ, ଅବଶ୍ୟ ତୁମେ ଦଣ୍ଡିତ ହେବ। ତୁମକୁ ମୋ କନ୍ୟାର ପାଣି ଗ୍ରହଣ କରିବାକୁ ହେବ। ଗୁରୁଙ୍କର ଏହା ଥିଲା ଶିଷ୍ୟମାନଙ୍କ ପ୍ରତି ଏକ ପରୀକ୍ଷା।

ପ୍ରାଚୀନ ବିବାହକୁ ଏକ ପବିତ୍ର ବନ୍ଧନ ରୂପେ ବିବେଚନା କରାଯାଉଥିଲା। ସେଥିରେ ନ ଥିଲା ଛଳନା କିମ୍ବା ଛାଡପତ୍ର ଭଳି ଶୋଚନୀୟ ପରିଣତି। ପ୍ରେମ ବିବାହ ଭଲ କଥା ; ମାତ୍ର ଏଥିରେ ମାତାପିତା ଓ ଗୁରୁଜନଙ୍କର ଶୁଭାଶୀର୍ବାଦ ରହିବା ଆବଶ୍ୟକ। ବିବାହ ବିଚ୍ଛେଦ ଓ ପୁନର୍ବିବାହ ଆଜି ସାମାଜିକ ବିଧିବ୍ୟବସ୍ଥାକୁ କୀଟଦଷ୍ଟ କଲାଣି। ଦାମ୍ପତ୍ୟ ଜୀବନରେ ଉତ୍ତମ ବୁଝାମଣା ଓ ସହଭାଗିତାର ଅଭାବ ବିବାହର କୁପରିଣତିକୁ ଆବାହନ କରେ। ସମାଜର ଉଚ୍ଚସ୍ତର ବ୍ୟକ୍ତିବିଶେଷ ଯଥା ରଜାନେତା, ଅଭିନେତା, ଶାସକ, ପ୍ରଶାସକ ଓ ସମ୍ଭ୍ରାନ୍ତ ବଂଶଜଙ୍କ କ୍ଷେତ୍ରରେ ଛାଡ଼ପତ୍ର ଏକ ସାଧାରଣ ଘଟଣା ହୋଇଗଲାଣି। ମନେରଖିବାକୁ ହେବ ଯେ ବିବାହ କେବଳ ଏକ ଶାରୀରିକ ଆବଶ୍ୟକତା ନୁହେଁ। ଶାରୀରିକ ଏକତ୍ରୀକରଣ ସହ ମାନସିକ ଓ ଆବେଗିକ ଏକତ୍ରୀକରଣ ହିଁ ଏକ ସଫଳ ବିବାହର ପରିଚାୟକ। ଦିବ୍ୟ ଜନନୀ ଶ୍ରୀମା କହନ୍ତି – ''ଯୌନକ୍ରିୟା ହେଲା ପ୍ରକୃତିର ନିମ୍ନସ୍ତରୀୟ କାର୍ଯ୍ୟର ଅନ୍ତର୍ଗତ ଏକ ବ୍ୟାପାର। ତୁମେ ଯଦି ସେହି ନିମ୍ନସ୍ତରରେ ରହୁଥାଅ ତେବେ ତୁମ ଭିତରେ ପ୍ରକୃତିର କେବଳ ସେହିଭାବ ଓ କ୍ରିୟା ହିଁ ଚାଲିବ, ଯାହା ପଶୁଠାରୁ କୌଣସି ଗୁଣରେ ଉନ୍ନତ ନୁହେଁ।'' ବିବାହ ବିଶ୍ୱାସ ଉପରେ ପର୍ଯ୍ୟବସିତ ହେବା ଉଚିତ।

**ସିଦ୍ଧଳ, ଜଗତ୍‌ସିଂହପୁର**
**ମୋ–୯୯୩୭୪୫୦୫୪୦**

# ଓଡ଼ିଶାର ଜନଜାତି ଓ ମାଟିର ଭାଷା



ଡ.ଅନ୍ତର୍ଜିତା ନାୟକ

ଏ ବର୍ଷ ଏପ୍ରିଲ ପହିଲାରେ ପଶ୍ଚିମା ଝଡ଼ ଯୋଗୁ ମେଘୁଆ ମେଘୁଆ ପାଗ ଥିଲା। ରହି ରହି ବର୍ଷା ହେଉଥିଲା। କିଛି କାମ ଲାଗି ଆମେ ବଜାର ଆଡ଼େ ଯାଇଥାଉ। ବଜାରରେ ଥିବା ବେଳେ ଜୋର ବର୍ଷା ହେବାରୁ ଆଶ୍ରୟ ଲାଗି ଏକ ବହି ଦୋକାନରେ ପଶିଗଲୁ। ବହି ଦୋକାନରେ ଠିଆ ହୋଇ ଆମେ ବର୍ଷା ଛାଡ଼ିବାର ଅପେକ୍ଷା କରିଥାଉ। ସେତିକି ଭିତରେ ଜଣେ ଆଦିବାସୀ ମହିଳା ଛତା ଖଣ୍ଡେ ଧରି ତାଙ୍କର ଦୁଇ ଝିଅଙ୍କ ସହିତ ସେଇ ବହି ଦୋକାନକୁ ଆସିଲେ। ବର୍ଷା ପାଣିରେ ମହିଳା ଜଣଙ୍କର ଶାଢ଼ି ତଳ ଆଡୁ କାଦୁଆ କାଦୁଆ ହୋଇଯାଇଥାଏ। ଝିଅ ଦୁଇଜଣଙ୍କ ମୁହଁରେ କିନ୍ତୁ ଖୁସି ସ୍ପଷ୍ଟ ଦେଖିବାକୁ ମିଳୁଥିଲା। ବର୍ଷାର ମଜା ଲାଗି ହେଇଥାଉ ବା ଅନ୍ୟ କୌଣସି କାରଣ ହେଇଥାଉ, ସେତେ ଖୁସି କ'ଣ ପାଇଁ ଥିଲା ତାହା କିନ୍ତୁ ସ୍ପଷ୍ଟ ଜଣାପଡୁ ନ ଥିଲା। ମହିଳା ଜଣଙ୍କ ବହି ଦୋକାନୀକୁ ଅତି ଧୀର ସ୍ୱରରେ କହିଲେ 'ମୀନାବଜାର' ବହିଟେ ଦେଲ। ''ବହି ଦୋକାନୀ 'ମୀନାବଜାର' ମହିଳାଙ୍କ ହାତକୁ ବଢ଼ାଇ ଦେଲା। ବହି ଯେମିତି ମହିଳାଙ୍କ ହାତକୁ ଯାଇଛି, ତାଙ୍କର ବଡ଼ ଝିଅ ସାଙ୍ଗେ ସାଙ୍ଗ ଓଦା ହାତକୁ ପିନ୍ଧିଥିବା ଫ୍ରକ୍‌ରେ ପୋଛିଦେଇ ବହିଟିକୁ ଛଡ଼େଇ ନେଇ ଦେଖିବାକୁ ଲାଗିଲା। ସାନ ଝିଅ କହିଲା ମା' ମୋତେ ଗୋଟେ ଗପ ବହି ଦରକାର। ସାନ ଝିଅର କଥାରେ ବହି ଦୋକାନୀ କେତେ ଖଣ୍ଡ ଓଡ଼ିଆ ଗପବହି ଆଣି ଦେଖାଇଦେଲା। ସେଥିରୁ ସାନ ଝିଅ ଦୁଇଟି ଗପବହି ଚୟନ କଲା ଓ ବଡ଼ ଝିଅ ତା'ର 'ମୀନାବଜାର' ସହିତ ଆଉ ଗୋଟିଏ ଗପ ବହି ମଧ୍ୟ ଚୟନ କଲା। ଝିଅମାନେ ସମୂଳ ଚାରୋଟି ବହି ବାଛି ରଖିଲେ ଓ ତାଙ୍କ ମା' ସେ ବାବଦରେ ବହି ଦୋକାନୀଙ୍କୁ ୧୨୦ଟଙ୍କା ବଢ଼ାଇଦେଲେ। କିଛି ସମୟ ପୂର୍ବରୁ ସେଇ ଝିଅ ଦୁହିଁଙ୍କର ମୁହଁରେ ଥିବା ସେଇ ଅସ୍ପଷ୍ଟ ଖୁସିର କାରଣ ଏବେ କିନ୍ତୁ ସ୍ପଷ୍ଟ ଜଣା ପଡି ଯାଉଥାଏ। ଝିଅମାନେ ତାଙ୍କ ମା' ସାଙ୍ଗରେ ନୂଆ ବହି କିଣିବାକୁ ଆସୁଥିବାରୁ ଭାରି ଖୁସି ଥିଲେ। ବହି କିଣା ସରିଲା ଓ ପଇସା ଦିଆ ମଧ୍ୟ ସରିଲା। କିନ୍ତୁ ବର୍ଷାର ବେଗ ଦେଖି ସେମାନେ ଦୋକାନରେ କିଛି ସମୟ ଅପେକ୍ଷା କରିବାକୁ ଭାବିଲେ ଓ ମୋ ପାଖରେ ଆସି ଠିଆ ହୋଇଗଲେ। ତାଙ୍କ ଅଜଣାତରେ ମୁଁ ସେମାନଙ୍କର ସବୁ ଗତିବିଧି ଉପରେ ନଜର ରଖିଥାଏ। କାହିଁକି କେଜାଣି ସେଇ ଦୁଇ ଝିଅଙ୍କ ମୁହଁରେ ଥିବା ଖୁସି ମୋତେ ବହୁତ ଆକର୍ଷିତ କରୁଥିଲା। ତାଙ୍କ ପାଖରେ ଠିଆ ହେବା ସମୟରେ ଜାଣିବାକୁ ମିଳିଲା ଯେ ଦୁଇ ଭଉଣୀ ପ୍ରତି ବର୍ଷ ଉତ୍କଳ ଦିବସ ଅବସରରେ ଓଡ଼ିଆ ଭାଷାର ବହି କିଣି ପଢ଼ନ୍ତି। ପ୍ରତି ବର୍ଷ କିନ୍ତୁ ସେମାନେ ଖଣ୍ଡେ ଖଣ୍ଡେ ବହି କିଣନ୍ତି,କିନ୍ତୁ ଏଇ ବର୍ଷ ସେମାନେ ଚାରି ଖଣ୍ଡ ବହି କିଣି ଥିବାରୁ ଅତି ବେଶି ଖୁସି ଥିଲେ। କେମିତି ଘରେ ଯାଇ ବହିଗୁଡ଼ାକ ପଢ଼ି ସାରିବେ, ସେଥିପାଇଁ ସେମାନେ ଆତୁର ଥିଲେ। ବର୍ଷା ପାଗକୁ ନଜରଅନ୍ଦାଜ କରି ମା' ଛୁଆ ଓଡ଼ିଶା




ଦିବସ ପାଳନ ନିମନ୍ତେ ଓଡ଼ିଆ ବହି କିଣିବାକୁ ବର୍ଷାରେ ଆସିଥିଲେ। ସେଇ ଆଦିବାସୀ ମା'ଟିଏ ଉଚ୍ଚ ଶିକ୍ଷିତା ନ ଥାଇ ପାରେ, କିନ୍ତୁ ନିଜ ମାଟିମା' ପ୍ରତି ତା'ର କର୍ତ୍ତବ୍ୟ ଓ ତା' ପିଲାଙ୍କୁ ଦେଉଥିବା ଶିକ୍ଷା ଅତୁଳନୀୟ ଥିଲା। ନିଜ ମାତୃଭୂମି ଲାଗି, ଆଦିବାସୀ ମା' ଟିର ମାତୃତ୍ୱରେ ହିଁ ନେତୃତ୍ୱ ନିହିତ ଥିଲା।

ଓଡ଼ିଆ ଭାଷା ପ୍ରତି ଓ ଓଡ଼ିଶା ମାଟି ପ୍ରତି ସେଇ ଆଦିବାସୀ ପରିବାରର ଭଲ ପାଇବା ଏବଂ ଆନୁଗତ୍ୟ ଦେଖି ମୋତେ ଯେତିକି ଗର୍ବ ଲାଗିଲା, ସେତିକି ମର୍ମାହତ ଓ ଚିନ୍ତା ମଧ୍ୟ ଘାରିଲା। ସାଧାରଣତଃ ଏହା ସମସ୍ତଙ୍କର ଏକ ଭ୍ରାନ୍ତଧାରଣା ଯେ ଆଦିବାସୀମାନେ ଅଳ୍ପ ଶିକ୍ଷିତ, ଅଳ୍ପ ବୁଦ୍ଧିଆ ବା ପଛୁଆ ବର୍ଗର ଲୋକ। କିନ୍ତୁ ନିଜ ମାଟି ମା' ଲାଗି ସେମାନଙ୍କର ଯୋଗଦାନ ଅବର୍ଣ୍ଣନୀୟ, ତାହା ସ୍ୱାଧୀନତା ସଂଗ୍ରାମରେ ଜନଜାତି ଯୋଦ୍ଧାଙ୍କ କଥା ହେଉ ବା ଜଙ୍ଗଲ ଓ ପରିବେଶକୁ ଜଗି ସୁରକ୍ଷା ପ୍ରଦାନ କରୁଥିବା ଆଦିବାସୀ ସୁରକ୍ଷାକର୍ମୀଙ୍କ କଥା ହେଉ ବା ନିଜ ଜନ୍ମମାଟିର ଭାଷା ଲାଗି ସେଇ ସାଧାରଣ ଆଦିବାସୀ ମା'ର କୃତଜ୍ଞତା ହେଉ। ସେମାନେ ମାତୃଭୂମି ଓ ଜନ୍ମମାଟିର ଅତି ନିଃସ୍ୱାର୍ଥପର ସନ୍ତାନ। ଓଡ଼ିଶାର ଆଦିବାସୀମାନଙ୍କର ଭାଷା ବା ଉପଭାଷା,ପରମ୍ପରା ଓ ସଂସ୍କୃତି ଅନେକ, ଯାହା ଓଡ଼ିଆ ଭାଷା ଓ ସଂସ୍କୃତିଠାରୁ ଭିନ୍ନ। ସେମାନଙ୍କର ମାତୃଭାଷା ଓଡ଼ିଆ ନ ହୋଇପାରେ,କିନ୍ତୁ ଯେହେତୁ ତାଙ୍କର ଜନ୍ମଭୂମି ଓଡ଼ିଶା, ତାଙ୍କ ମାଟି ମା' ଓଡ଼ିଶା, ସେମାନେ ଓଡ଼ିଆ ଭାଷାକୁ ଅତି ନିଜର କରି ଆପଣେଇ ନେଇଛନ୍ତି, ଯାହା ସେମାନଙ୍କ ଉଦାରତାର ଏକ ଭିନ୍ନ ପରିଚୟ। ଜନଗଣନା ୨୦୧୧ ଅନୁଯାୟୀ, ଆଦିବାସୀ ଜନସଂଖ୍ୟା ଥିବା ଓଡ଼ିଶା ହେଉଛି ତୃତୀୟ ବୃହତ୍ତମ ରାଜ୍ୟ। ୬୨ଟି ବିଭିନ୍ନ ଆଦିବାସୀ ସମ୍ପ୍ରଦାୟର ଘର ହେଉଛି ଆମ ଓଡ଼ିଶା। ଆଦିବାସୀ ଜନସଂଖ୍ୟା ଓଡ଼ିଶାର ମୋଟ ଜନସଂଖ୍ୟାର ଶତକଡା ୨୩ ଭାଗ । ଏତେ ବିବିଧତା ମଧ୍ୟରେ ମଧ୍ୟ ଓଡ଼ିଆ ଭାଷା ଆଦିବାସୀଙ୍କର ଏତେ ନିଜର ଓ ପ୍ରିୟ ହୋଇପାରୁଛି ଦେଖି ଅଭିଭୂତ ଲାଗୁଛି।

ସମଗ୍ର ଭାରତବର୍ଷରେ ଭାଷାଭିତ୍ତିକ ରାଜ୍ୟ ଭାବରେ ଓଡ଼ିଶା ପ୍ରଥମ। ଓଡ଼ିଆ ଭାଷା ଶାସ୍ତ୍ରୀୟ ଭାଷାର ମର୍ଯ୍ୟାଦା ମଧ୍ୟ ଲାଭ କରିଛି। ଭାଷା ହେଉଛି ଗୋଟିଏ ଜାତିର ଆତ୍ମା, ଦେଶର ଅସ୍ମିତା। ଜନଜାତି ହେଉଛନ୍ତି ମାନବ ସମାଜର ଅସ୍ତିତ୍ୱ। ତାଙ୍କରି ପାଖରେ ଅଛି ବିକାଶର ମୂଳ ମନ୍ତ୍ର। ପରକୁ ଆପଣେଇ ନେବାର ଉଦାରତା,ବିବିଧତାରେ ସମନ୍ୱୟ ରକ୍ଷାକରି ଏକତା ସୂତ୍ରରେ ସମସ୍ତଙ୍କୁ ବାନ୍ଧି ରଖିବାର କଳା ଏବଂ ଦକ୍ଷତା, ପ୍ରଥମେ ମାଟି ଓ ତା'ପରେ ଜାତିକୁ ଶ୍ରେୟ ଦେବାର ନିପୁଣତା, ଜନଜାତିଙ୍କୁ କରିଦିଏ ସମସ୍ତଙ୍କଠାରୁ ଅସାଧାରଣ ଓ ଅନନ୍ୟ। ଓଡ଼ିଆ ଭାଷା ଯେ କେବଳ ଓଡ଼ିଆଙ୍କର ତାହା ନୁହେଁ,ବରଂ ସାରା ଓଡ଼ିଶାର, ଯାହାର କୀର୍ତ୍ତି ବଜାୟ ରଖିବାର ଦାୟିତ୍ୱ ସବୁ ଓଡ଼ିଶାବାସୀଙ୍କର। ଏହି ମୂଳମନ୍ତ୍ରର ଉଦାହରଣ ଦେଇଛନ୍ତି ସେଇ ଆଦିବାସୀ ମା' ଓ ଝିଅ, ଯେଉଁମାନେ ନିଜର ଏକ ସାଧାରଣ କାର୍ଯ୍ୟ ଜରିଆରେ ଅସାଧାରଣ ଶିକ୍ଷା ସମସ୍ତଙ୍କୁ ଦେଇପାରିଛନ୍ତି ବୋଲି ମୋର ଅନୁମାନ। ଉଚିତ ଶିକ୍ଷା, ନିଜ ମାଟି, ମାଟିର ଭାଷାକୁ ସମ୍ମାନ ଦେବା ଓ ତା'ର କୀର୍ତ୍ତି ବଜାୟ ରଖିବାର ପ୍ରକ୍ରିୟା ଓ ପ୍ରଣାଳୀ ହିଁ ମାଟି ମା' ଲାଗି କୃତାଞ୍ଜଳି। ତାହା ସେଇ ଆଦିବାସୀ ମା' ଜଣଙ୍କ ନିଜେ ବୁଝି, ନିଜ ପିଲାମାନଙ୍କୁ ମଧ୍ୟ ନିଆରା ଶୈଳୀରେ ବୁଝାଇଥିବାରୁ, ହୃଦୟରୁ ଧନ୍ୟବାଦ।

**ମୋ: ୬୩୭୦୯୦୫୯୪୭**

## ଏଇ ଭାରତରେ

ପରିବେଶକୁ ପ୍ଲାଷ୍ଟିକ ବର୍ଜ୍ୟମୁକ୍ତ କରିବା ଲାଗି ଭାରତରେ ଯେଉଁ କେତେଜଣ ଉଦ୍ୟମ କରୁଛନ୍ତି ସେମାନଙ୍କ ମଧ୍ୟରେ କପିଳ ଭାଟିଆ ଅନ୍ୟତମ। ସେ ପ୍ଲାଷ୍ଟିକ୍ ବୋତଲକୁ ରିସାଇକ୍ଲିଂ କରି ସେଥିରୁ ପୋଷାକ ପ୍ରସ୍ତୁତ କରୁଛନ୍ତି। କପିଳ ୨୦୨୧ରେ ମୁମ୍ବାଇରେ ୟୁନିରେକ୍ ଷ୍ଟାର୍ଟ ଅପ୍ ପ୍ରତିଷ୍ଠା କରି ତା' ମାଧ୍ୟମରେ ଏହା କରୁଛନ୍ତି। ପ୍ରତ୍ୟେକ ଆଇଟମ୍‌ରେ ୧୨ଟି ୧ଲିଟିରିଆ ପ୍ଲାଷ୍ଟିକ ବୋତଲ ରିସାଇକେଲ ହେଉଛି। କପିଳ ପ୍ରଥମ ଅର୍ଡରରେ ୫୦୦ ଟି–ଶାର୍ଟ ତିଆରି କରିଥିଲେ। ଏବେ ପ୍ରତି ୬ ମାସରେ ୧୦,୦୦୦ ପୋଷାକ ସେ ବିକ୍ରି କରୁଛନ୍ତି ଓ ଏଥିରେ ୧,୨୦,୦୦୦ ବର୍ଜ୍ୟ ବୋତଲ ରିସାଇକେଲ ହେଉଛି। ଟି–ଶାର୍ଟ ବ୍ୟତୀତ ପ୍ଲାଷ୍ଟିକ ବର୍ଜ୍ୟରୁ ଜ୍ୟାକେଟ, ବ୍ଲେଜର, ଟ୍ରାଉଜର ଆଦି ତିଆରି କରାଯାଉଛି। ଦିନକୁ ଏଭଳି ୮୦୦ ପୋଷାକ ହୋଇପାରୁଛି। ୟୁନିରେକ୍ ମାସକୁ ପାଖାପାଖି ୫,୦୦୦ ୟୁନିଟ ପାଇଁ ଅର୍ଡର ପାଉଛି। ଗତବର୍ଷ ୨.୫ ଟନ୍‌ରୁ ଅଧିକ ପ୍ଲାଷ୍ଟିକ ବୋତଲ ରିସାଇକେଲ କରାଯାଇଛି ; ଯଦ୍ୱାରା ପରିବେଶ ପ୍ରଦୂଷଣ ଅନେକାଂଶରେ ଦୂର ହେବା ସହ ୪୦,୦୦୦ କେଜି କାର୍ବନ ନିର୍ଗମନ ହ୍ରାସ କରାଯାଇପାରିଛି। କାତାର ବିଶ୍ୱକପ୍ ବେଳେ ସେ ୧୭ଟି ଦେଶର ପ୍ରତିନିଧିମାନଙ୍କ ପାଇଁ ଟି–ଶାର୍ଟ ମଧ୍ୟ ତିଆରି କରିଥିଲେ।

## ଚିରନ୍ତନୀ

ଯେତେ କୋଟି ଯାତ୍ରୀ–ପଦ ପଡିଛି ଏ ମନ୍ଦିର ଦୁଆରେ
ଭବିଷ୍ୟତେ ଯେତେ ପୁଣି ଲାଗିବ ଏ ପାଷାଣ ହିୟାରେ
ନ ରହିବ ଇତିହାସ ନ ରହିବ ଚିହ୍ନ,
ଏ ପାଷାଣ ଗାତ୍ର କାହିଁ ନୋହିବ ବିଦୀର୍ଣ୍ଣ,
କିନ୍ତୁ ସେ ଯେ ବିଶ୍ୱାସ ଭକତି
ତା' ଉଦ୍ଦେଶ୍ୟେ ଜଣାଏଁ ମୁଁ ନତି!
ମାନବ–ଜୀବନେ
ଅମୂଲ୍ୟ ସେ ଧନ
ନମସ୍କାର
ବାରମ୍ବାର। –(ପୁରୀ–ମନ୍ଦିର)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଲୋକେ କ୍ଷମା ଦେବେନାହିଁ

ମହାଶୟ,

ଦେଶରେ ବର୍ତ୍ତମାନ ସମ୍ପୂର୍ଣ୍ଣ ଏକଛତ୍ରବାଦୀ ଶାସନ ଚାଲିଛି । କେବଳ ପ୍ରତିହିଂସା ପରାୟଣ ଭାବେ ବିରୋଧୀ ଦଳକୁ ହଇରାଣ କରି ତାଙ୍କ ମୁଖ ବନ୍ଦ କରିବାକୁ ହୀନ ଚକ୍ରାନ୍ତ ଚାଲିଛି । ଆଇନ ସମସ୍ତଙ୍କ ପାଇଁ ସମାନ । କେଉଁ ଆଇନରେ ଅଛି ସରକାର ଦଳରେ ଅପରାଧୀ ଭର୍ତ୍ତି ହୋଇଥିବା ବେଳେ ତାଙ୍କ ପ୍ରତି ଯେକୌଣସି ଇଡି ବା ସିବିଆଇ ଲଗା ନ ଯାଇ ହିଂସାତ୍ମକ ଭାବରେ କେବଳ ବିରୋଧୀଙ୍କୁ ଇଡି ଓ ସିବିଆଇ ପରିସରଭୁକ୍ତ କରିବା । ମନେରଖିବା ଉଚିତ, ଏମ୍‌ପି ହୁଅନ୍ତୁ ବା ବିଧାୟକ ସେମାନେ ସରକାରଙ୍କ ଦୟାରେ ନିର୍ବାଚିତ ହୋଇନାହାନ୍ତି । ଲୋକେ ଏମ୍‌ପି ଓ ବିଧାୟକମାନଙ୍କୁ ପ୍ରତ୍ୟକ୍ଷ ଭାବେ ନିର୍ବାଚିତ କରିଛନ୍ତି । ରାହୁଲ ଗାନ୍ଧୀ ଯେହେତୁ ଲୋକମାନଙ୍କ ଦ୍ୱାରା ନିର୍ବାଚିତ, ତେଣୁ ତାଙ୍କ ସଦସ୍ୟ ପଦ ରଦ୍ଦ ହୋଇପାରିବ ନାହିଁ । ପାର୍ଲାମେଣ୍ଟ ବନ୍ଦ କରିପାରନ୍ତି । କିନ୍ତୁ ତାଙ୍କ ସଦସ୍ୟ ପଦ ରଦ୍ଦ କରିବା ଅଗଣତାନ୍ତ୍ରିକ ପଦକ୍ଷେପ । ଏପରି କ୍ଷମତା ବହିର୍ଭୁକ୍ତ କାର୍ଯ୍ୟ ପାଇଁ ଲୋକେ ଆଦୌ କ୍ଷମା ଦେବେନାହିଁ ।

**–ସଚ୍ଚିଦାନନ୍ଦ ମିଶ୍ର, ଗଡ଼ହଳଦିଆ, ଖୋର୍ଦ୍ଧା**

### ଗଣିତ ବହି ମଲାଟରେ ତ୍ରୁଟି

ନବମ ଶ୍ରେଣୀ ବୀଜଗଣିତ ପୁସ୍ତକର ମଲାଟରେ ସାମାନ୍ୟ ତ୍ରୁଟି ହୋଇଛି। ଯେପରି (X+p)x=q ହେବା କଥା, କିନ୍ତୁ ଏହା (x+p)y+q ହୋଇଛି। ଏହାର ସଂଶୋଧନ ପ୍ରତି ଦୃଷ୍ଟି ଦିଆଯାଉ। ଏନେଇ ଶିକ୍ଷକ ତଥା ଅଭିଭାବକ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି। ଅନ୍ୟ କେତେକ ପୁସ୍ତକରେ ଥିବା ସାମାନ୍ୟ ତ୍ରୁଟିକୁ ବି ସଂଶୋଧନ କରାଯାଉ।

**–ରମେଶ ଚନ୍ଦ୍ର ବେହେରା, ଆୟତପୁର, କଟକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ପୁଣି ୪୪ ଡିଗ୍ରୀ ଡେଇଁଲା ପାରଦ**




# ବାରିପଦା, ଝାରସୁଗୁଡ଼ା ୪୪ ଡିଗ୍ରୀ ଟପିଲା

**ଭୁବନେଶ୍ୱର,୧୮।୪(ବ୍ୟୁରୋ)**

ଗତ କିଛିଦିନ ହେବ ପ୍ରଚଣ୍ଡ ଗ୍ରୀଷ୍ମରେ ସାରା ରାଜ୍ୟ ଆଉଟୁପାଉଟୁ ହେଉଛି। ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଉପକୂଳଠାରୁ ଉପାନ୍ତ ସବୁଠି ତାତିର ପ୍ରକୋପ ପରିବେଶକୁ ଉତ୍ତପ୍ତ କରିଛି । ଅଧିକାଂଶ ସ୍ଥାନରେ ପାରଦ ୪୦ ଡିଗ୍ରୀ ସେଲ୍‌ସିୟସ ଉପରେ ରହୁଛି। ଆସନ୍ତା ୨୨ ତାରିଖ ଯାଏ ତାତିରୁ ନିସ୍ତାର ନାହିଁ। ରାଜ୍ୟର ୨୮ଟି ସହର ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ ଉପରେ ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂଚନା ଅନୁଯାୟୀ ମଙ୍ଗଳବାର ବାରିପଦା

### ୪୩ ଡିଗ୍ରୀ ଉପରେ ୮ ସହର

ଏବଂ ଝାରସୁଗୁଡ଼ାରେ ସର୍ବୋଚ୍ଚ ତାପମାତ୍ରା ୪୪ଡିଗ୍ରୀ ସେଲ୍‌ସିୟସକୁ ଟପି ଯାଇଛି। ବାରିପଦାରେ ସର୍ବୋଚ୍ଚ ତାପମାତ୍ରା ୪୪.୨ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ଝାରସୁଗୁଡ଼ା ୪୪.୨ , ବଲାଙ୍ଗୀର ୪୩.୭, ବୌଦ୍ଧ ୪୩.୭, ନୂଆପଡ଼ା ୪୩.୬, ଟିଟିଲାଗଡ଼ ୪୩.୨, ସୋନପୁର ୪୩.୨, ଅନୁଗୋଳ ୪୩.୧, ସମ୍ବଲପୁର ୪୩, ତାଳଚେର ୪୨.୮, ଭୁବନେଶ୍ୱର ୪୨.୭, କଟକ ୪୨.୫, ଭବାନୀପାଟଣା ୪୨.୫, ରାଉରକେଲା ୪୨.୪, ଢେଙ୍କାନାଳ ୪୨, ଯାଜପୁର ୪୨, ହୀରାକୁଦ ୪୧.୬, ଜଗତ୍‌ସିଂହପୁର ୪୧.୫, ପାରଳାମେମୁଣ୍ଡି ୪୧.୪, ଚାନ୍ଦବାଲି ୪୧.୩, ଦେବଗଡ଼ ୪୧.୩, କେନ୍ଦ୍ରାପଡ଼ା ୪୧.୨, କେନ୍ଦୁଝର ୪୧.୨, ନୟାଗଡ ୪୧, ଭଦ୍ରକ ୪୧, ମାଲକାନଗିରି ୪୦, ବରଗଡ ୪୦.୫ ଏବଂ ଖୋର୍ଦ୍ଧାରେ ସର୍ବାଧିକ ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି।

# ସତର୍କତାକୁ ପ୍ରାଥମିକତା

ପ୍ରତିବର୍ଷ ଏପ୍ରିଲ ୧୯ ତାରିଖକୁ 'ବିଶ୍ୱ ଯକୃତ ଦିବସ' ଭାବରେ ପାଳନ କରାଯାଇଆସୁଅଛି। ଶରୀରର ଅନ୍ୟତମ ପ୍ରମୁଖ ଅଙ୍ଗ ଭାବରେ ଏହାକୁ ବିବେଚନା କରାଯାଏ। ତେଣୁ ଏହା କିପରି ସୁସ୍ଥ ରହିବ ସେ ନେଇ ସମସ୍ତେ ସତର୍କ ରହିବା ନିହାତି ଜରୁରୀ। ଏ ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବା ହେଉଛି 'ବିଶ୍ୱ ଯକୃତ ଦିବସ'ର ମୁଖ୍ୟ ଲକ୍ଷ୍ୟ। ଚଳିତବର୍ଷ ଏହି ଦିବସ ଅବସରରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ବା ୱାର୍ଲ୍ଡ ହେଲ୍‌ଥ ଅର୍ଗାନାଇଜେଶନ ଦ୍ୱାରା ଘୋଷିତ ବାର୍ତ୍ତାଟି ହେଲା, 'ବି ଭିଜିଲାଣ୍ଟ, ଡୁ ରେଗୁଲାର ଲିଭର ଚେକ୍-ଅପ୍, ଫ୍ୟାଟି ଲିଭର କ୍ୟାନ୍ ଆଫେକ୍ଟ ଏନିୱାନ'। ଏହାର ଅର୍ଥ ହେଉଛି, ସତର୍କ ରୁହନ୍ତୁ, ନିୟମିତ ସମୟ ବ୍ୟବଧାନରେ ଲିଭର ଚେକ୍-ଅପ୍ କରାଇନିଅନ୍ତୁ। ଫ୍ୟାଟି ଲିଭର ଯେ କୌଣସି ବ୍ୟକ୍ତିଙ୍କ ପାଇଁ ସମସ୍ୟା ସୃଷ୍ଟି କରିପାରେ।

ଏ ସମ୍ପର୍କରେ ଡା. ନିତ୍ୟାନନ୍ଦ ସ୍ୱାଇଁ କହନ୍ତି, 'ଲିଭର ବା ଯକୃତ ରୋଗ ନିର୍ଣ୍ଣୟ କରିବା ନିମନ୍ତେ ପରିସ୍ରା ଓ ରକ୍ତ ପରୀକ୍ଷା କରିବାକୁ ପଡିଥାଏ। ଏହାବ୍ୟତୀତ ଅଲଟ୍ରାସାଉଣ୍ଡ, ସିଟି ସ୍କାନିଂ, ମ୍ୟାଗନେଟିକ୍ ରେଜୋନାନସ ଇମେଜିଂ ବା ଏମ୍‌ଆର୍‌ଆଇ ପରୀକ୍ଷା ମଧ୍ୟ ଆବଶ୍ୟକ ପଡ଼ିପାରେ। ସ୍ଥଳ ବିଶେଷରେ ଲିଭର ଭିତରକୁ ଛୁଞ୍ଚି ପାଇଟାଇ କୋଷିକା ସଂଗ୍ରହ କରାଯାଏ। ସେହି କୋଷିକାକୁ ପରୀକ୍ଷା କରି ରୋଗର ପ୍ରକାର ନିର୍ଦ୍ଧାରଣ କରାଯାଏ। ଲିଭର ବିଷୟରେ କେତୋଟି ରୋଚକ କଥା ରହିଛି। ଯେ କୌଣସି ମୁହୂର୍ତ୍ତରେ ଦେଖିଲେ ଶରୀରରେ ଥିବା ରକ୍ତର ମୋଟ ପରିମାଣର ୧୫ ପ୍ରତିଶତ ରକ୍ତ ଯକୃତରେ ହିଁ ଥାଏ। ଲିଭରରେ ପ୍ରବାହିତ ହୋଇଥାଏ ବହୁ ପରିମାଣର ରକ୍ତ। ପ୍ରତି ମିନିଟ୍‌ରେ ଲିଭର ଦେଇ ପ୍ରବାହିତ ହେଉଥିବା ରକ୍ତର ପରିମାଣ ହେଉଛି ପାଖାପାଖି ଦେଢ଼ ଲିଟର। ନିଜର କ୍ଷୟ ପୂରଣ କରିବାରେ ଲିଭର ଅତୁଳନୀୟ। ଏଥିରୁ ତିନି-ଚତୁର୍ଥାଂଶ କାଟି ବାହାର କରିଦେଲେ ମଧ୍ୟ ତାହା ଅଳ୍ପ କେତୋଟି ସପ୍ତାହ ଭିତରେ ଆପେ ଆପେ ପୂରଣ ହୋଇଯାଇଥାଏ। ମନୁଷ୍ୟ ଶରୀରରେ ଲିଭର ସମ୍ପାଦନ କରିଥାଏ ପ୍ରାୟ ୫୦୦ରୁ ଊର୍ଦ୍ଧ୍ୱ ସଂଖ୍ୟକ କାର୍ଯ୍ୟ। ପୁଣି ସଂଶ୍ଳେଷଣ କରିଥାଏ ୧୦୦୦ରୁ ବେଶି ଏନ୍‌ଜାଇମ୍। ରକ୍ତରୁ ବିଷାକ୍ତ ଉପାଦାନମାନ ନେଇ ସେଗୁଡ଼ିକୁ ନିର୍ଦ୍ଦୋଷ ଉପାଦାନରେ ପରିଣତ କରିବାରେ ଲିଭର ଯେଉଁ ଜଟିଳ ପ୍ରକ୍ରିୟାଗୁଡିକ ସମ୍ପାଦନ କରିଥାଏ, ସେତିକି କାମ କରିବା ନିମନ୍ତେ ଯଦି ଏକ କାରଖାନା ବସାଇବାକୁ ପଡେ, ତାହାହେଲେ ଏକ ବିସ୍ତୃତ ଅଞ୍ଚଳରେ ପାଞ୍ଚ ମହଲାବିଶିଷ୍ଟ ଅଟ୍ଟାଳିକା ନିର୍ମାଣ କରିବାକୁ ପଡିବ। ଏହାସତ୍ତ୍ୱେ କାରଖାନାଟି ଲିଭରର ସମକକ୍ଷ ହୋଇପାରିବ ନାହିଁ।




ଲିଭରରେ ସଂଶ୍ଳେଷିତ ହୁଏ କୋଲେଷ୍ଟରଲ, ଟ୍ରାଇଗ୍ଲିସେରାଇଡ୍, ଫ୍ୟାଟି ଏସିଡ୍ ଭଳି ସ୍ନେହସାରଜାତୀୟ ଉପାଦାନ। ହୃତ୍‌ପିଣ୍ଡ ବା ହାର୍ଟ ଏବଂ ମସ୍ତିଷ୍କକୁ ଶକ୍ତି ଯୋଗାଇ ପାରୁଥିବା 'କିଟୋନ୍ ବଡି' ମଧ୍ୟ ଲିଭରରେ ତିଆରି ହୁଏ। ଶ୍ୱେତସାରଜାତୀୟ ଏବଂ ପୁଷ୍ଟିସାରଜାତୀୟ ଉପାଦାନକୁ ସ୍ନେହସାର ଉପାଦାନରେ ପରିଣତ କରିଥାଏ ଲିଭର। ପୁଣି ଲିଭରରେ ସଂଶ୍ଳେଷିତ ହୁଏ ୟୁରିଆ ଏବଂ ଆମିନୋ ଏସିଡ୍ ନାମକ ଉପାଦାନ।

ଅନ୍ୟପକ୍ଷରେ ରକ୍ତରେ ଗ୍ଲୁକୋଜର ମାତ୍ରା ଅନୁମୋଦିତ ସ୍ତରରେ ରଖିବାରେ ଲିଭରର ଭୂମିକା ଗୁରୁତ୍ୱପୂର୍ଣ୍ଣ। ସବୁଠାରୁ ବଡ କଥା ହେଲା ଲିଭରରେ କିଛି ସମସ୍ୟା ସୃଷ୍ଟି ହେଲେ ତାହାର କେତେଗୁଡ଼ିଏ ଲକ୍ଷଣ ପ୍ରକାଶ ପାଇଥାଏ। ଏହି ରୋଗର ପ୍ରମୁଖ ଲକ୍ଷଣଗୁଡିକ ହେଲା, ଆଖି ଏବଂ ଚର୍ମ ହଳଦିଆ ଦେଖାଯିବା, ତଳି ପେଟରେ ଯନ୍ତ୍ରଣା, ବାନ୍ତି ଲାଗିବା ଏବଂ ବାନ୍ତି ହେବା, ପରିସ୍ରା ରଙ୍ଗ ଗାଢ଼ ହଳଦିଆ ହୋଇଯିବା, ଭୋକ ନ ଲାଗିବା ଏବଂ ଖାଦ୍ୟ ପ୍ରତି ଅରୁଚି ଭାବ ଆସିବା। ଏସବୁ ଲକ୍ଷଣ ଦେଖିବା ମାତ୍ରେ ବିଳମ୍ବ ନ କରି ଅଭିଜ୍ଞ ଲିଭର ବିଶେଷଜ୍ଞଙ୍କ ସହ ପରାମର୍ଶ କରନ୍ତୁ। ପ୍ରାରମ୍ଭରୁ ଏହାର ଚିକିତ୍ସା କରାଇନେବା ଦରକାର। ଯଦି ଲିଭର ସମସ୍ୟା ଜଟିଳ ଆକାର ଧାରଣ କରିଥାଏ ତେବେ ଏଭଳି ସମୟ ଆସେ ତାହା ଅକାଳ ମୃତ୍ୟୁର କାରଣ ସାଜିଥାଏ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଲିଭରକୁ ସୁରକ୍ଷିତ ରଖିବା ଲାଗି ନିଶାଦ୍ରବ୍ୟ ସେବନଠାରୁ ନିଜକୁ ଯେତେସମ୍ଭବ ଦୂରେଇ ରଖନ୍ତୁ।

# ଖରାଛୁଟିରେ ପାଠ ପଢ଼ିବେ ପିଲା

**ଭୁବନେଶ୍ୱର,୧୮।୪(ବ୍ୟୁରୋ)**

ଚଳିତ ବର୍ଷଠାରୁ ଗ୍ରୀଷ୍ମକାଳୀନ ଛୁଟିରେ ମଧ୍ୟ ଛାତ୍ରୀଛାତ୍ରମାନେ ପାଠପଢ଼ିବେ। ପ୍ରଥମଥର ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଅବକାଶକାଳୀନ ଶିକ୍ଷା କାର୍ଯ୍ୟକ୍ରମ ଆରମ୍ଭ ହେବାକୁ ଯାଉଛି। ଆସନ୍ତା ମେ ୪ରୁ ଗ୍ରୀଷ୍ମକାଳୀନ ଛୁଟି ଆରମ୍ଭ ହେବାକୁ ଯାଉଥିବାବେଳେ ପାଠପଢ଼ା ନେଇ ପ୍ରସ୍ତୁତି କରାଯାଉଛି। ଏଥିପାଇଁ ସ୍ୱତନ୍ତ୍ର ପାଠ୍ୟକ୍ରମ ଆରମ୍ଭ କରାଯାଇଛି। ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ନେଇ ଗ୍ରୁପ କରାଯିବ। ପ୍ରତି ଗ୍ରୁପକୁ ଜଣେ ଶିକ୍ଷକ ମନିଟର କରିବେ। ସେମାନେ ଫୋନ୍ ମାଧ୍ୟମରେ ଅଭିଭାବକ ଓ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିବେ। ଅବକାଶକାଳୀନ ପାଠ୍ୟକ୍ରମ ଅନୁସାରେ କେତେ ପାଠ ପଢୁଛନ୍ତି, ସେନେଇ ଶିକ୍ଷକ ତର୍ଜମା କରିବେ। ଛୁଟିଦିନରେ ପିଲାମାନେ ଶିକ୍ଷା ସହ ଜଡ଼ିତ ରହି ସମୟ କିପରି ଅପଚୟ ନ କରିବେ, ତାହା ଏହି ଶିକ୍ଷାକ୍ରମର ଉଦ୍ଦେଶ୍ୟ ବୋଲି ମନ୍ତ୍ରୀ ସମୀର ରଞ୍ଜନ ଦାଶ ସୂଚନା ଦେଇଛନ୍ତି।

# ଛତିଶଗଡ଼ରେ ମାଓବାଦୀଙ୍କ ଆକ୍ରମଣ

**ମାଲକାନଗିରି, ୧୮।୪(ଡି.ଏନ.ଏ.)**

ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲାରେ ମାଓବାଦୀମାନେ ଜନ ପ୍ରତିନିଧିମାନଙ୍କୁ ଟାର୍ଗେଟ୍ କରି ମଙ୍ଗଳବାର ଆକ୍ରମଣ କରିଛନ୍ତି। ବିଜାପୁର ନିକଟସ୍ଥ ଗଙ୍ଗାଲୁର ହାଟକୁ ଏକ କାର୍ଯ୍ୟକ୍ରମରେ ଯାଇ ଫେରୁଥିବା ବେଳେ ପେଡା ଗ୍ରାମ ନିକଟରେ ବିଧାୟକ ବିକ୍ରମ ମାଣ୍ଡାଭିଙ୍କ ସହ ସ୍ଥାନୀୟ ଜନ ପ୍ରତିନିଧି ଓ ଦଳୀୟ କର୍ମୀଙ୍କ ଉପରକୁ ମାଓବାଦୀମାନେ ଆକ୍ରମଣ କରିଥିଲେ।

### ଟାର୍ଗେଟରେ ବିଧାୟକଙ୍କ ସମେତ ଅନ୍ୟ ଜନପ୍ରତିନିଧି

ସେମାନେ ଏହି ଜନ ପ୍ରତିନିଧିମାନଙ୍କ ଗାଡି ଉପରକୁ ଗୁଳିଚାଳନା କରିଥିଲେ। ଜିଲା ପଞ୍ଚାୟତ ସଦସ୍ୟ ପାର୍ବତୀ କଶ୍ୟପଙ୍କ ଗାଡିରେ ଏକ ଗୁଳି ବାଜିଛି। ତେବେ ମାଓବାଦୀଙ୍କ ଗୁଳିର ଶିକାର ନ ହୋଇ ସମସ୍ତେ ସୁରକ୍ଷିତ ଭାବେ ରକ୍ଷା ପାଇଯାଇଛନ୍ତି। ଅନ୍ୟପକ୍ଷରେ ମାଓବାଦୀଙ୍କ ଏପରି ଆକ୍ରମଣ ସମ୍ପର୍କରେ କିଛି କାରଣ ଜଣାପଡିନାହିଁ। ଖବରପାଇ ବିଜାପୁର ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

# ଭାବରେ କମ୍ପିଲା ବାଲିଯାତ୍ରା ପଡ଼ିଆ

### ଅନ୍ତର୍ଜାତୀୟ ଶ୍ରୀଜଗନ୍ନାଥ ମହାସମ୍ମିଳନୀ ଉଦ୍‌ଯାପିତ

**କଟକ ଅଫିସ,୧୮।୪**

ଆମେ ଓଡ଼ିଆ ଅନୁଷ୍ଠାନ ପକ୍ଷରୁ କଟକ ବାଲିଯାତ୍ରା ଉପର ପଡ଼ିଆରେ ୫ ଦିନ ବ୍ୟାପୀ ଚାଲିଥିବା ଅନ୍ତର୍ଜାତୀୟ ଶ୍ରୀଜଗନ୍ନାଥ ମହାସମ୍ମିଳନୀ ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ଶ୍ରୀଜଗନ୍ନାଥଙ୍କ ଭାବରେ ବାଲିଯାତ୍ରା ପଡ଼ିଆ କମ୍ପି ଉଠିଥିଲା। ସକାଳେ ସାଧୁସନ୍ଥମାନେ ଭଜନ ପରିବେଷଣ କରିବା ସହ ଯୋବ୍ରାସ୍ଥିତ ତତ୍ତ୍ୱବଟଠାରୁ ସଂକୀର୍ତ୍ତନ ମାଧ୍ୟମରେ ରଥ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ପରେ ସମ୍ମିଳନୀ ସ୍ଥଳରେ ପହଞ୍ଚିଥିଲା। ପରେ ଆମେ ଓଡ଼ିଆର ରାଷ୍ଟ୍ରୀୟ ସଭାପତି ସରୋଜ ସିଂହଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ସିଏମ୍‌ସି ମେୟର ସୁବାସ ସିଂ, ମୁଖ୍ୟବକ୍ତା ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ଜିଲାପାଳ ଭବାନୀ ଶଙ୍କର ଚୟନୀ ଯୋଗଦେଇଥିଲେ। ଏଥିରେ ମହେନ୍ଦ୍ରଗିରିରୁ ବାବା ବଂଶୀଧର ଦାସ, ସ୍ୱାମୀ ବିଷ୍ଣୁଗିରି ମହାରାଜ, ବାବା ଆର୍ତ୍ତତ୍ରାଣ ମହାରାଜ, ବାବା ବିଭୂତି ଦାସ ମହାରାଜ, ହରିଓଁ ବାବା, ଆମେ ଓଡ଼ିଆ ସଙ୍ଗଠନର ରାଜ୍ୟ ସଭାପତି ଗୋଲକ ବିହାରୀ ଦାସ, ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ବିରଞ୍ଚି ନାରାୟଣ ପଣ୍ଡା, ଡ. ବସନ୍ତ ଜେନା, ମହାସମ୍ମିଳନୀର ଆବାହକ ପନ୍ନଗ ଭୂଷଣ ଦାସ, ରାଷ୍ଟ୍ରୀୟ ସମ୍ପାଦିକା ସସ୍ମିତା ମଲ୍ଲିକ, ଉପସଭାପତି ମନୋରଞ୍ଜନ ଦାସ, ରାଜ୍ୟ ମହାସଚିବ ପ୍ରତାପ ରାଉତରାୟ, ଉପସଭାପତି ଲିଙ୍ଗରାଜ ଦାସ, ମାଗୁଣି ଚରଣ ରାଉତ, ସମ୍ପାଦକ ପ୍ରଦୀପ ମହାନ୍ତି, ସାଧାରଣ ସମ୍ପାଦକ ଅଜୟ ମୁଦୁଲି ପ୍ରମୁଖ ମଞ୍ଚାସୀନ ଥିଲେ। କଟକ ମହାନଗର ସଭାପତି ବିନୟ କୁମାର ମହାନ୍ତି ଅତିଥିଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିଲେ। ପଶ୍ଚିମାଞ୍ଚଳ କଟକର ସଭାପତି ପ୍ରଦୀପ କୁମାର ସାମଲ ଅତିଥି ପରିଚୟ, କଟକ-ବାରବାଟୀ ସଭାପତି କ୍ଷୀରୋଦ କୁମାର ସାହୁ ସ୍ୱାଗତ ଭାଷଣ ଓ କଟକ କେନ୍ଦ୍ରୀୟ ସଭାପତି ପୂର୍ଣ୍ଣଚନ୍ଦ୍ର ସିଂହ ଧନ୍ୟବାଦ ଦେଇଥିଲେ। ଗଣେଶ୍ୱର ପରିଡ଼ା, ନରେଶ ଭାରାଲାୱାଲା, ରଞ୍ଜନ ପ୍ରଧାନ, ଜ୍ଞାନରଞ୍ଜନ ନନ୍ଦ, ଜିତେନ୍ଦ୍ର ପାଣି, ସୁଶାନ୍ତ ଦାସ, ମନୋରଞ୍ଜନ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜଗନ୍ନାଥ ସଂସ୍କୃତିର ପ୍ରଚାର, ପ୍ରସାର ପାଇଁ ପ୍ରତ୍ୟେକ ଜିଲା ଓ ରାଜ୍ୟରେ ଏଭଳି କାର୍ଯ୍ୟକ୍ରମ କରାଯିବ ବୋଲି ଘୋଷଣା କରାଯାଇଥିଲା।




(୧) ଆମେ ଓଡ଼ିଆ ପକ୍ଷରୁ କଟକ ବାଲିଯାତ୍ରା ପଡିଆରେ ଅନୁଷ୍ଠିତ ଅନ୍ତର୍ଜାତୀୟ ଶ୍ରୀଜଗନ୍ନାଥ ମହାସମ୍ମିଳନୀର ମଙ୍ଗଳବାର ଉଦ୍‌ଯାପନୀ ସନ୍ଧ୍ୟାରେ ଯୋଗ ଦେଇଥିବା ଅତିଥି ଓ ସାଧୁସନ୍ଥ। (୨) ଶ୍ରୀଜଗନ୍ନାଥଙ୍କ ରଥକୁ ଶୋଭାଯାତ୍ରାରେ ସମ୍ମିଳନୀ ସ୍ଥଳକୁ ନିଆଯାଉଛି।

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETCECONIIBBS2023014, ତା. 10.04.2023

**କାର୍ଯ୍ୟର ନାମ :** ତାଳଚେର-ବିମଳାଗଡ଼ ନୂଆ B.G. ରେଳ ଲିଙ୍କ୍ ପ୍ରକଳ୍ପର ନିର୍ମାଣ ସମ୍ବନ୍ଧୀୟ ଉପ ମୁଖ୍ୟ ଯନ୍ତ୍ରୀ/ନିର୍ମାଣ/II/ଅନୁଗୁଳ ପରିସୀମା ଅଧୀନସ୍ଥ ଦେଓଗଡ଼ ଜିଲ୍ଲା (ଓଡ଼ିଶା)ର ବାରକୋଟ ତହସିଲରେ 10 ଗୋଟି ଗ୍ରାମର 13.70 ଏକର ପରିମିତ ଜମିରେ ଜଙ୍ଗଲ ଜମି ପାଇଁ ଜଙ୍ଗଲ ସଂରକ୍ଷଣ ଅଧିନିୟମ,1980 ଅନୁଯାୟୀ ଜଙ୍ଗଲ ଡାଇଭର୍ସନ (Diversion) ପ୍ରସ୍ତାବ ନିମନ୍ତେ ନକ୍ସା (Plan) ପ୍ରସ୍ତୁତି, ବୃକ୍ଷ ଗଣନା (Enumeration) ଏବଂ ପରିବେଶ ତଥା ଜଙ୍ଗଲ ମନ୍ତ୍ରଣାଳୟ (ଭାରତ ସରକାର) ଠାରୁ ପର୍ଯ୍ୟାୟ-I ଏବଂ ପର୍ଯ୍ୟାୟ-II ଜଙ୍ଗଲ ମଞ୍ଜୁରୀ ପ୍ରାପ୍ତ କରିବା ତଥା ରେଳବାଇ ଜମିରୁ ଗଛଗୁଡ଼ିକୁ କାଟିବା ନିମନ୍ତେ ବନ ବିଭାଗ ଠାରୁ ଅନୁମତି ଆଣିବା ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** 31.23 ଲକ୍ଷ , EMD (ଟଙ୍କାରେ) : 62,500/-, କାର୍ଯ୍ୟ ଶେଷ ହେବା ଅବଧି : 08(ଆଠ)ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.02.05.2023 ରିଖ 1200 ଘଟିକାରେ ।

ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ ।

ସମ୍ପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଟେଣ୍ଡର ନଥିପତ୍ର ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ । ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର ପନ୍ଦର ଦିନ ପୂର୍ବରୁ ୱେବ୍‌ସାଇଟ୍ କୁ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି । ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଚାର୍ଟର୍ଡ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-B ର ଦାଖଲ, ଟେଣ୍ଡର ନଥିପତ୍ର ଖଣ୍ଡର 2 ର ଅନୁଲଗ୍ନକ-I , ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍)ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀ ଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର
PR-10/CG/23-24

**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**ଆବଶ୍ୟକ**
ଘର, ବଙ୍ଗଳା, ହୋଟେଲ ପାଇଁ ମହିଳା, ଝିଅ, ପୁଅ ଜାପାମେଡ୍, କୁକ୍, ୱେଟର, ହେଲ୍‌ପର । ରହିବା, ଖାଇବା ମାଗଣା । ବୋନସ୍, ମେଡିକାଲ ଛୁଟି, ଟ୍ରେନିଂ । ଦରମା 10,000ରୁ 40,000/- ।
8860827673, 8506827673

**ଚେନ୍ନାଇର ଏକ କମ୍ପାନୀ ପାଇଁ ଆବଶ୍ୟକ**
୧. ଭାରିଯାନ ଲାଇସେନ୍ସଧାରୀ ଡ୍ରାଇଭର
୨. ଲାଇସେନ୍ସଧାରୀ ଫର୍କଲିଫ୍ଟ ଅପରେଟର
୩. ଲାଇସେନ୍ସଧାରୀ ଟ୍ରାକ୍ଟର - ବୁଲ୍ / ଜେସିବି ଅପରେଟର
ତୁରନ୍ତ ଯୋଗାଯୋଗ କରନ୍ତୁ:
9840893117 / 9840793115

**Urgently Required**
ଭୁବନେଶ୍ୱରରେ ଏକ Ayurvedic clinic ପାଇଁ ମହିଳା therapist ଆବଶ୍ୟକ । ଦରମା ସହିତ ରହିବା ଓ ଖାଇବାର ସୁବିଧା ଅଛି ।
8280782305

कार्यपालक अभियंता का कार्यालय पेयजल एवं स्वच्छता प्रमंडल, राँची पश्चिम, राँची।
ई–प्रोक्योरमेंट अति अल्पकालीन निविदा सूचना
(छठा कॉल)

जिसका PR No. 255948 (Drinking Water and Sanitaion) 2021–22 है।
Tender Reference No. - DWSD/RW/SVS-05/2021-22 Date - 18-04-2023

| S.No | Name of the Work | Cluster Name | Sub Cluster/Group No. | Block | Estimate Cost (in Lac) | Ernest money (in Lac) | BOQ cost (in Rs.) |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Construction of Solar Based Mini Water Supply Schemes (SVS) in Different Block, comprising of suitable R.C.C. / Framed structure ESR, Distribution Lines, Source (as required) and FHTC all complete job in the Different Block of District Ranchi under Drinking Water & Sanitation Division, Ranchi West, Ranchi for the year of 2021-22 (on Turn Key Basis) | 1A | 1A (i) | Mandar | 867.05 | 8.68 | 10000.00 |
| 2 | | 10B | 10B(i) | Kanke | 597.71 | 5.98 | 10000.00 |
| 3 | कार्य पूर्ण करने की अवधि | | | 09 Months + 1 months (trial and run) | | | |
| 4 | वेबसाइट पर निविदा प्रकाशन की तिथि एवं समय | | | 19-04-2023 at 04:00 P.M | | | |
| 5 | बीड प्राप्ति के लिए अन्तिम तिथि / समय | | | 25-04-2023 up to 04:00 P.M | | | |
| 6 | निविदा की हार्ड कॉपी जमा करने की तिथि / समय / स्थान | | | 26-04-2023 up to 04:00 P.M कार्यपालक अभियंता, पेयजल एवं स्वच्छता प्रमण्डल, राँची पश्चिम, राँची / अधीक्षण अभियंता, पेयजल एवं स्वच्छता, राँची अंचल, राँची। | | | |
| 7 | बीड खोलने की तिथि / समय | | | 27-04-2023 up to 04:00 P.M | | | |
| 8 | निविदा प्रकाषित करने वाले कार्यालय का नाम एवं पता। | | | कार्यपालक अभियंता, पेयजल एवं स्वच्छता प्रमण्डल, राँची पश्चिम, राँची। | | | |
| 9 | ई–प्रोक्योरमेंट सेल का हेल्पलाईन संख्या | | | 0651-2491247 | | | |

• किसी भी प्रकार का बदलाव http://jharkhandtendars.gov.in पर देखा जा सकता है।
• अन्य किसी भी प्रकार की सूचना http://jharkhandtendars.gov.in पर देखा जा सकता है।
• निविदा में प्राक्कलित राशि घट–बढ़ सकती है, तत्पश्चात अग्रधन की राशि मान्य होगा।

कार्यपालक अभियंता,
पेयजल एवं स्वच्छता प्रमंडल, राँची पश्चिम, राँची।
PR 295430 Drinking Water and Sanitation(23-24)D

**ପୂର୍ବ ତଟ ରେଳପଥ**
**ସ୍କାଉଟ୍ ଏବଂ ଗାଇଡ୍ କୋଟା ସନ୍ଦର୍ଭରେ ଭର୍ତ୍ତି**
ନିଯୁକ୍ତି ସୂଚନା ସଂ. ECoR/Pers/S & G/2022-23

ପୂର୍ବ ତଟ ରେଳପଥରେ ଖାଲି ପଡ଼ିଥିବା 02 (ଦୁଇ) ଗୋଟି ପଦବୀ (ଲେଭେଲ-1ରେ ଗୋଟିଏ ଏବଂ ଲେଭେଲ-2ରେ ଗୋଟିଏ) ପାଇଁ ବର୍ଷ 2022-23 ନିମନ୍ତେ ସ୍କାଉଟ୍ ଏବଂ ଗାଇଡ୍ କୋଟା ସନ୍ଦର୍ଭରେ ନିଯୁକ୍ତି ନିମନ୍ତେ ନିର୍ଦ୍ଧାରିତ ଯୋଗ୍ୟତା ମାନଦଣ୍ଡ ପୂରଣ କରୁଥିବା ଭାରତୀୟ ନାଗରିକମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି । ଲିଖିତ ପରୀକ୍ଷା ସମ୍ଭବତଃ ଜୁନ'2023 ର ପ୍ରଥମ ସପ୍ତାହରେ ଅନୁଷ୍ଠିତ ହେବ ।

ବନ୍ଦ ହେବା ତାରିଖ ଓ ସମୟ : ତା.17.05.2023ରିଖ 1700 ଘଟିକା ।

ସମ୍ପୂର୍ଣ୍ଣ ଅଧିସୂଚନା ଏବଂ ଦରଖାସ୍ତ ଫର୍ମ ନିମନ୍ତେ ପ୍ରାର୍ଥୀମାନେ ରେଲୱେ ରିକ୍ରୁଟମେଣ୍ଟ ସେଲ୍ (RCC), ପୂର୍ବ ତଟ ରେଳପଥ ୱେବ୍‌ସାଇଟ www.rrcbbs.org.in ଅବଲୋକନ କରିପାରିବେ ।

PR-66/O/23-24
ଉପ ମୁଖ୍ୟ କାର୍ମିକ ଅଧିକାରୀ (ମୁଖ୍ୟାଳୟ)

**ଏସ୍‌ଏଲ୍‌ଆର୍/ଏଲ୍‌ଭିପିଏଚ୍‌ର ଲିଜିଂ ନିମନ୍ତେ ଇ-ନିଲାମ ବିଜ୍ଞପ୍ତି**

ଇ-ନିଲାମ ବିଜ୍ଞପ୍ତି ନଂ.: ଲିଜ୍-କେଜିପି-୨୩-୨୫/୨୬ ତାରିଖ: ୧୭।୦୪।୨୦୨୩

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ, ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଖଡ଼ଗପୁର ଡିଭିଜନ, ଦକ୍ଷିଣ ପୂର୍ବ ରେଳପଥ ଟ୍ରେନ୍ ଯୋଗେ ପାର୍ସଲଗୁଡ଼ିକର ପରିବହନ ପାଇଁ ୦୨ (ଦୁଇ) ବର୍ଷ ଅବଧି ଲାଗି ଏସ୍‌ଏଲ୍‌ଆର୍/ଏଲ୍‌ଭିପିଏଚ୍‌ଗୁଡ଼ିକର ଲିଜିଂ ନିମନ୍ତେ ଇ-ନିଲାମ ଆହ୍ୱାନ କରୁଛନ୍ତି, ଯାହା http://www.ireps.gov.in/ ୱେବ୍‌ସାଇଟ୍‌ରେ ଅଧିସୂଚିତ ହୋଇଛି ।

| କ୍ର. ସଂ. | ବର୍ଗ | କାଟାଲଗ୍ ନଂ. | ନିଲାମ ତାରିଖ | ନିଲାମ ଆରମ୍ଭ ସମୟ | ନିଲାମ ସମାପ୍ତିର ସମୟ |
|---|---|---|---|---|---|
| ୧. | ପାର୍ସଲ | ଲିଜ୍-କେଜିପି-୨୩-୨୫ | ୨୭।୦୪।୨୦୨୩ | ୧୦.୩୦ ଘଟିକା | ୧୬.୩୦ ଘଟିକା |
| ୨. | ପାର୍ସଲ | ଲିଜ୍-କେଜିପି-୨୩-୨୬ | ୦୨।୦୫।୨୦୨୩ | ୧୧.୦୦ ଘଟିକା | ୧୬.୫୦ ଘଟିକା |

ଆଗ୍ରହୀ ପକ୍ଷ ଏବଂ ଠିକାଦାରମାନେ ଏଥିପ୍ରତି ଧ୍ୟାନ ଦେବା ଏବଂ ଟ୍ରେନ୍‌ଗୁଡ଼ିକର ବିବରଣୀ ତଥା ଇ-ନିଲାମ ବିଜ୍ଞପ୍ତି ସମ୍ବନ୍ଧୀୟ ବିବରଣୀ ପାଇଁ ଉପରୋକ୍ତ ୱେବ୍‌ସାଇଟ୍ ଦେଖିବା ଆବଶ୍ୟକ । ଅନୁସନ୍ଧାନ/ସ୍ପଷ୍ଟୀକରଣ ପାଇଁ, ଯଦି ଥାଏ, ଦୟାକରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ ।

(PR-59) ଆସିଷ୍ଟାଣ୍ଟ କମର୍ସିଆଲ ମ୍ୟାନେଜର, ଖଡ଼ଗପୁର

ଦକ୍ଷିଣ ପୂର୍ବ ରେଳପଥ
ହର୍ଷର ସହିତ ଆମେ ସେବାରତ

**कार्यपालक अभियंता का कार्यालय**
**पेयजल एवं स्वच्छता प्रमंडल, राँची पश्चिम, राँची**

ई–प्रोक्योरमेंट अति अल्पकालीन निविदा सूचना (10th Call)

जिसका PR No. 255948 (Drinking Water and Sanitaion) 2021–22 है।
Tender Reference No. - DWSD/RW/SVS-05/2021-22 Date - 18.04.2023

| S.No | Name of the Work | Cluster Name | Sub Cluster/Group No. | Block | Estimate Cost (in Lac) | Ernest money (in Lac) | BOQ cost (in Rs.) |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Construction of Solar Based Mini Water Supply Schemes (SVS) in Different Block, comprising of suitable R.C.C. / Framed structure ESR, Distribution Lines, Source (as required) and FHTC all complete job in the Different Block of District Ranchi under Drinking Water & Sanitation Division, Ranchi West, Ranchi for the year of 2021-22 (on Turn Key Basis) | 5A | 5A(iii) | Nagari | 504.35 | 5.05 | 10000.00 |
| 2 | कार्य पूर्ण करने की अवधि | | | 09 Months + 1 months (trial and run) | | | |
| 3 | वेबसाइट पर निविदा प्रकाशन की तिथि एवं समय | | | 19-04-2023 at 04:00 P.M | | | |
| 4 | बीड प्राप्ति के लिए अन्तिम तिथि / समय | | | 25-04-2023 up to 04:00 P.M | | | |
| 5 | निविदा की हार्ड कॉपी जमा करने की तिथि / समय / स्थान | | | 26-04-2023 up to 04:00 P.M कार्यपालक अभियंता, पेयजल एवं स्वच्छता प्रमण्डल, राँची पश्चिम, राँची / अधीक्षण अभियंता, पेयजल एवं स्वच्छता, राँची अंचल, राँची। | | | |
| 6 | बीड खोलने की तिथि / समय | | | 27-04-2023 up to 04:00 P.M | | | |
| 7 | निविदा प्रकाषित करने वाले कार्यालय का नाम एवं पता। | | | कार्यपालक अभियंता, पेयजल एवं स्वच्छता प्रमण्डल, राँची पश्चिम, राँची। | | | |
| 8 | ई–प्रोक्योरमेंट सेल का हेल्पलाईन संख्या | | | 0651-2491247 | | | |

• किसी भी प्रकार का बदलाव http://jharkhandtendars.gov.in पर देखा जा सकता है।
• अन्य किसी भी प्रकार की सूचना http://jharkhandtendars.gov.in पर देखा जा सकता है।
• निविदा में प्राक्कलित राशि घट–बढ़ सकती है, तत्पश्चात अग्रधन की राशि मान्य होगा।

कार्यपालक अभियंता,
पेयजल एवं स्वच्छता प्रमंडल,
राँची पश्चिम, राँची
PR295436 (Drinking Water and Sanitation)23-24*D

## ଆଜି କ'ଣ କେଉଁଠି

ଭୁବନେଶ୍ୱର
- ବକ୍ସି ଜଗବନ୍ଧୁ ଇଂଲିଶ୍ ମିଡିୟମ୍ ସ୍କୁଲର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ, ସ୍କୁଲ ପରିସର, ବକ୍ସି ଜଗବନ୍ଧୁ ନଗର, ଅପରାହ୍ନ ୫ଟା।
- ଦାୱତ୍-ଏ-ଇଫ୍ତାର, ନେତାଜୀ ଭବନ, କ୍ୱାର୍ଟର ନଂ.ଭିଆର୍-୫୦, ୟୁନିଟ୍-୬, ଅପରାହ୍ନ ୫ଟା।
- ଗୀତରେ ଗୀତରେ ପ୍ରଶାନ୍ତ ପାଢ଼ୀ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା।
- ଟ୍ରାଡିସିନାଲ୍ ହ୍ୟାଣ୍ଡଲୁମ୍ ଏକ୍ସପୋ, ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ସନ୍ଧ୍ୟା ୬ଟା।

ବାଲିଅନ୍ତା
- ସରସ୍ୱତୀ ଶିକ୍ଷା ମନ୍ଦିରର ୧୭ତମ ବାର୍ଷିକ 'ବୈଶାଖୀ ଉତ୍ସବ', ନହରକଣ୍ଟା, ଅପରାହ୍ନ ୫ଟା।
- ବାଦୀପାଲା ପରିବେଷଣ, ମା' ବନଦୁର୍ଗାଙ୍କ ପୀଠସ୍ଥଳୀ, ମହାନ୍ତିପାଟଣା ଗ୍ରାମ, ରାତି ୭ଟା।
- ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି, ହରିଦାସପୁର- ନହରକଣ୍ଟାର ଶ୍ରୀ ସ୍ୱପ୍ନେଶ୍ୱର ମହାଦେବ ମନ୍ଦିର, ରାତି ୭ଟା ୩୫।
- ରାମଲୀଳା ନାଟକ, 'ମହିରାବଣ ବଧ', ବେଣୁପୁର ରାମଲୀଳା ପଡ଼ିଆ, ରାତି ୧୧ଟା।

କଟକ
- ରିସର୍ଚ୍ଚ ମେଥୋଡୋଲୋଜି ଉପରେ ୨ଦିନିଆ ଜାତୀୟ କର୍ମଶାଳା, ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ, ପୂର୍ବାହ୍ନ ୧୧ଟା।

## ଆଜି ଉତ୍କଳ ବିଶ୍ୱବିଦ୍ୟାଳୟ ପରିଦର୍ଶନରେ ଆସିବେ ନାକ୍ ଟିମ୍

ଭୁବନେଶ୍ୱର,୧୮।୪(ବ୍ୟୁରୋ): ଉତ୍କଳ ବିଶ୍ୱବିଦ୍ୟାଳୟ 'ଏ ପ୍ଲସ୍' ମାନ୍ୟତା ପାଇସାରିଥିବାବେଳେ 'ଏ ପ୍ଲସ୍ ପ୍ଲସ୍' ମାନ୍ୟତା ଦୌଡ଼ରେ ରହିଛି। ଏହି ପରିପ୍ରେକ୍ଷୀରେ ବୁଧବାର ରାଷ୍ଟ୍ରୀୟ ମୂଲ୍ୟାୟନ ଓ ଅନୁମୋଦନ ପରିଷଦ (ନାକ୍) ଟିମ୍ ୩ଦିନିଆ ପରିଦର୍ଶନରେ ଆସୁଛନ୍ତି। ଏହି ଟିମ୍ ବିଶ୍ୱବିଦ୍ୟାଳୟର ଭିତ୍ତିଭୂମି ସହ ବିଭିନ୍ନ ବିଭାଗ ପରିଦର୍ଶନ କରିବେ। ଏଥିସହ ବିଶ୍ୱବିଦ୍ୟାଳୟର ବିଭିନ୍ନ ପଦାଧିକାରୀ ଓ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିବେ ବୋଲି ବିଶ୍ୱବିଦ୍ୟାଳୟର ନୋଡାଲ ଅଫିସର ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଗତ ମାର୍ଚ୍ଚରେ ଏହି ଟିମ୍ ବିଶ୍ୱବିଦ୍ୟାଳୟ ପରିଦର୍ଶନରେ ଆସିବାକୁ ଥିବାବେଳେ ଶେଷ ମୁହୂର୍ତ୍ତରେ କାର୍ଯ୍ୟକ୍ରମ ବାତିଲ କରାଯାଇଥିଲା।



ଚିନ୍ତା ଓ ଚେତନା ପକ୍ଷରୁ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ୪୫ତମ ବୈଶାଖୀ ଉତ୍ସବର ମଙ୍ଗଳବାର ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'ର ସମ୍ପାଦକ ତଥାଗତ ସତପଥୀଙ୍କ ସହ ସମ୍ବର୍ଦ୍ଧିତ ନୃତ୍ୟଗୁରୁ, ନୃତ୍ୟଶିଳ୍ପୀ ଓ ଅନ୍ୟ ଅତିଥିମାନେ।

# 'ଉନ୍ନତ ଚିନ୍ତାଧାରା ସହ ଆଗକୁ ବଢ଼ିବାର ସମୟ ଆସିଛି'

### ୪୫ତମ ବୈଶାଖୀ ଉତ୍ସବ ଉଦ୍‌ଯାପିତ

ଭୁବନେଶ୍ୱର,୧୮।୪(ବ୍ୟୁରୋ)

ବାହାରେ ତାତିକୁ ଚିନ୍ତା ଓ ଚେତନାର ଏହି ବୈଶାଖୀ ଉତ୍ସବ ସନ୍ଧ୍ୟାରେ ଶାନ୍ତି ଦେଉଛି। ଆଜିକାଲି ରାସ୍ତାକଡ଼ରେ ହିଂସା ଦେଖାଯାଉଛି। ସମୟ ଆସିଛି କିଛି ଉନ୍ନତ ଚିନ୍ତାଧାରା ସହ ଆଗକୁ ବଢ଼ିବା। ସମାଜର ବିଭିନ୍ନ ସାମାଜିକ ସ୍ଥିତି ଉପରେ ଗୁରୁତ୍ୱାରୋପ କରିବା ସହ ଯୁବପିଢ଼ି କିଭଳି ମୁଖ୍ୟସ୍ରୋତରେ ସାମିଲ ହୋଇପାରିବେ ସେ ନେଇ ଚିନ୍ତା ଓ ଚେତନା ପକ୍ଷରୁ ଆୟୋଜିତ ୪୫ତମ ବୈଶାଖୀ ଉତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଧରିତ୍ରୀ ତଥା ଓଡ଼ିଶା ପୋଷ୍ଟର ସମ୍ପାଦକ ତଥାଗତ ସତପଥୀ ମତବ୍ୟକ୍ତ କରିଥିଲେ। ବୟସରେ ଯୁବ ନ ହୋଇ ମାନସିକ ସ୍ତରରେ ଯୁବକ ହେଲେ ନୂଆ ଚିନ୍ତାଧାରାର ଆଦାନ ପ୍ରଦାନ ହୋଇପାରିବ ବୋଲି ସେ କହିଛନ୍ତି। ସମ୍ମାନିତ ଅତିଥି ଭାବେ ଯୋଗଦେଇ ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀ କହିଛନ୍ତି, ଆମ ଭାଷା ଆମକୁ ବିଶ୍ୱ ସ୍ୱୀକୃତି ଦେଇଛି। ଲୋକ ସଙ୍ଗୀତ, ଲୋକ ନୃତ୍ୟକୁ ପୁନରୁଦ୍ଧାର କରିବା ପାଇଁ ଅନୁଷ୍ଠାନର ପ୍ରୟାସ ପ୍ରଶଂସାଯୋଗ୍ୟ। ଅନ୍ୟତମ



ଉଦ୍‌ଯାପନୀ ସନ୍ଧ୍ୟାରେ ଶିଳ୍ପୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

ସମ୍ମାନିତ ଅତିଥି ଭାବେ ଉଦ୍ୟୋଗୀ ସଞ୍ଜୀବ କୁମାର ଉପସ୍ଥିତ ଥିଲେ। ଏହି ଅବସରରେ ନୃତ୍ୟାଙ୍ଗନା ଅରୂପା ଗାୟତ୍ରୀ ପଣ୍ଡା, ଗୁରୁ ପ୍ରତିଭା ପଣ୍ଡା, ଗୁରୁ ନିରଞ୍ଜନ ରାଉତ, ଗୁରୁ ଶଙ୍କର ବାଇଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅରୂପା ପଣ୍ଡାଙ୍କ ମଧୁରାଷ୍ଟକମ ନୃତ୍ୟରୁ ସନ୍ଧ୍ୟାର ଉତ୍ସବ ଆରମ୍ଭ ହୋଇଥିଲା। ପଣ୍ଡାଙ୍କ ଏକକ ନୃତ୍ୟ ଦର୍ଶକଙ୍କୁ ଅଧିକ ବିମୋହିତ କରିଥିଲା। ସଭାକାର୍ଯ୍ୟ ପୂର୍ବରୁ ପ୍ରଭୁ ଜଗନ୍ନାଥଙ୍କ ଆଳତି ପରେ ଅନୁଷ୍ଠାନର ପୂର୍ବତନ ଅଧ୍ୟକ୍ଷ ତଥା ସ୍ୱର୍ଗତ ପୂର୍ବତନ ମୁଖ୍ୟମନ୍ତ୍ରୀ ହରେକୃଷ୍ଣ ମହତାବ, ବିଜୁ ପଟ୍ଟନାୟକ ଓ ନନ୍ଦିନୀ ଶତପଥୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ସଭାକାର୍ଯ୍ୟ ଶେଷରେ ଅନୁଷ୍ଠାନର ମହାସଚିବ ସୁରେନ୍ଦ୍ର ଦାସ ଅତିଥିମାନଙ୍କୁ ଧନ୍ୟବାଦ ଜଣାଇବା ସହ ସମସ୍ତଙ୍କ ସହଯୋଗ ଲୋଡ଼ିଥିଲେ।

ଉଦ୍‌ଯାପନୀ ସନ୍ଧ୍ୟାରେ ନୁପୁର ଅନୁଷ୍ଠାନ ପକ୍ଷରୁ ଆମ ଓଡ଼ିଶା ଓ ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଇଥିଲା। ଅନୁଷ୍ଠାନର ଗୁରୁ ନିରଞ୍ଜନ ରାଉତ ଓ ତାଙ୍କ ଦଳ ପକ୍ଷରୁ ପ୍ରଦର୍ଶିତ କରାଯାଇଥିଲା। ଏହାପରେ ନୃତ୍ୟ ପ୍ରତିଭା ଅନୁଷ୍ଠାନ ପକ୍ଷରୁ ଗୁରୁ ପ୍ରତିଭା ପଣ୍ଡା ଓ ତାଙ୍କ ସାଥୀ ଜଗନ୍ନାଥଷ୍ଟକ ଓ ଶିବସ୍ତୁତି ଉପସ୍ଥାପନ କରିଥିଲେ, ଯାହାକି ଦର୍ଶକଙ୍କୁ ବେଶ୍ ବିମୋହିତ କରିଥିଲା। ତାଳଚେର ସ୍ୱୟମ୍ଶ୍ରୀ ନୃତ୍ୟାନୁଷ୍ଠାନ ପକ୍ଷରୁ ଗୁରୁ ଶଙ୍କର ବାଇ ଓ ତାଙ୍କ ସାଥୀଙ୍କ ଦ୍ୱାରା ବିନ୍ଧ୍ୟବାସିନୀ ପରିବେଷଣ କରାଯାଇଥିଲା। ସେହିପରି ସିଆର୍‌ପିଏଫ୍ ବ୍ୟାଣ୍ଡ ପରିବେଷଣ ଚିତ୍ତାକର୍ଷକ ଥିଲା। ଡ.ଶ୍ରୀନିବାସ ଘଟୁଆରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଆଜି ଏସ୍‌ଏଚ୍‌ଜି ମହିଳାଙ୍କୁ ଭେଣ୍ଡିଂ ଜୋନ୍ ବାଣ୍ଟିବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୮।୪ (ବ୍ୟୁରୋ)

ଏସ୍‌ଏଚ୍‌ଜି ମହିଳାଙ୍କୁ ମିଳିବ ଭେଣ୍ଡିଂ ଜୋନ୍। ଏଥିପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ସ୍ୱତନ୍ତ୍ର ଭେଣ୍ଡିଂ ଜୋନ୍ ପ୍ରସ୍ତୁତ କରାଯାଇଛି। ପ୍ରଥମ କରି ମହାନଗର ନିଗମରେ ମହିଳାଙ୍କୁ ଏହା ପ୍ରଦାନ କରାଯିବା ସହ ଏକ ଉଦାହରଣ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖାଯାଇଛି। ୱାର୍ଡ ନଂ.୬୫ ଅନ୍ତର୍ଗତ କସ୍ମୋପଲିସ ଆପାର୍ଟମେଣ୍ଟ ନିକଟରେ ମହିଳା ଭେଣ୍ଡିଂ ଜୋନ୍‌ର ନିର୍ମାଣ ଶେଷ ହୋଇଥିବାବେଳେ ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଏହା ଉଦ୍‌ଘାଟନ ହେବାର ଯୋଜନା ରହିଛି। ୧କୋଟି ୨୦ଲକ୍ଷ୍ୟ ଟଙ୍କା ବ୍ୟୟରେ ନିର୍ମିତ ହୋଇଥିବା ଏହି ଭେଣ୍ଡିଂଜୋନ୍‌ରେ ମୋଟ୍ ୪୧ଟି ଦୋକାନ ଗୃହ ଏବଂ ଅନ୍ୟାନ୍ୟ ସହାୟକ ଗୃହ ରହିଛି। ସେଥିମଧ୍ୟରୁ ୩୩ଟି ଦୋକାନ ଗୃହକୁ ୩ଟି ଜୋନ୍‌ର ଏସ୍‌ଏଚ୍‌ଜି ମହିଳାଙ୍କୁ ବଣ୍ଟନ କରାଯିବ ବୋଲି ସୂଚନା ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ମେୟର, ବିଏମ୍‌ସି ଅଧିକାରୀଙ୍କ ସମେତ ସ୍ଥାନୀୟ କର୍ପୋରେଟର ରଶ୍ମିରଞ୍ଜନ ପାଟଶାଣୀ ଏବଂ ସମସ୍ତ ୱାର୍ଡର କର୍ପୋରେଟର ଉପସ୍ଥିତ ରହିବାର କାର୍ଯ୍ୟକ୍ରମ ରହିଛି। ରାଜ୍ୟ ସରକାର ମହିଳା ସଶକ୍ତୀକରଣକୁ ଗୁରୁତ୍ୱ ଦେଉଛନ୍ତି। ପ୍ରତ୍ୟେକ କ୍ଷେତ୍ରରେ ମହିଳାମାନେ କିପରି ସ୍ୱାବଲମ୍ବୀ ହେବେ ଏବଂ ଆଗକୁ ବଢ଼ିବେ ସେ ନେଇ ଯୋଜନା ପ୍ରସ୍ତୁତ କରାଯାଉଛି। ଏହିକ୍ରମରେ ବିଏମ୍‌ସି ମହିଳାଙ୍କ ପାଇଁ ସ୍ୱତନ୍ତ୍ର ଭେଣ୍ଡିଂଜୋନ୍ ବ୍ୟବସ୍ଥା କରି ମହିଳା ସଶକ୍ତୀକରଣ କ୍ଷେତ୍ରରେ ଆଉପାଦେ ଆଗେଇଛି।

## ଭୁବନେଶ୍ୱରରେ ପୁଅକୁ ଖୋଜୁଛନ୍ତି ଛତିଶଗଡ଼ର ବୃଦ୍ଧ ଦମ୍ପତି



ଭୁବନେଶ୍ୱର,୧୮।୪ (ବ୍ୟୁରୋ)

ଛତିଶଗଡର ଯୁବକ ଭବେଶ। ହୋଲିରେ ଘରକୁ ଯିବାକୁ କହିଥିଲେ। କିନ୍ତୁ ଘରେ ପହଞ୍ଚି ନ ଥିଲେ। କିଛିଦିନ ଅପେକ୍ଷା କରିବା ପରେ ଚିନ୍ତାରେ ପଡିଯାଇଥିଲେ ବୃଦ୍ଧ ମା'-ବାପା। ସାଙ୍ଗସାଥୀ, ସମ୍ପର୍କୀୟ ତାଙ୍କ ସମ୍ପର୍କରେ କିଛି ବି ସୂଚନା ଦେଇପାରି ନ ଥିଲେ। ଶେଷରେ ପୁଅ ନିଖୋଜ ହୋଇଥିବା ଭାବି ମା'ବାପା ଛତିଶଗଡର ସ୍ଥାନୀୟ ଥାନା ଓ ଜିଆର୍‌ପିରେ ଅଭିଯୋଗ କରିଥିଲେ। ଭବେଶ ଭୁବନେଶ୍ୱରରୁ ଶେଷ ଫୋନ୍ କଲ୍ କରିଥିବା ପୋଲିସ ଜଣାଇବା ପରେ ନିଖୋଜ ପୁଅକୁ ଖୋଜିବା ଲାଗି ୧୦ଦିନ ତଳେ ବାପା ଶିବ କୁମାର ଝା ଓ ମା ଫୁଲ ଦେବୀ ଛତିଶଗଡରୁ ଭୁବନେଶ୍ୱର ଚାଲିଆସିଥିଲେ। ହେଲେ ରାଜଧାନୀ ଅପରିଚିତ ହୋଇଥିବାରୁ ସେମାନେ ପୁଅ ଫଟୋ ଧରି ରାସ୍ତା, କଲୋନୀ, ହାଟବଜାର ବୁଲି ବୁଲି ଲୋକଙ୍କୁ ଦେଖାଉଛନ୍ତି। ଏଯାଏ ପୁଅ ସମ୍ପର୍କରେ କିଛି ସୂଚନା ପାଉ ନ ଥିବାରୁ ଏହି ବୃଦ୍ଧ ଦମ୍ପତି ପୂରା ଭାଙ୍ଗି ପଡିଛନ୍ତି। ପରିଣତ ବୟସରେ ନିଖୋଜ ପୁଅକୁ ଏତେ ବଡ ସହରରେ କେମିତି ଖୋଜିବେ ତାକୁ ନେଇ ଚିନ୍ତାରେ ପଡିଛନ୍ତି। ବାପା ଶିବ କୁମାର କହିଛନ୍ତି, ଚାକିରି ଛାଡ଼ି ଦୀର୍ଘ ଦେଢ ମାସ ହେଲା ପୁଅକୁ ଖୋଜୁଛି। ପୁଅ ଭୁବନେଶ୍ୱରରେ ଥିବା ତାଙ୍କ ମୋବାଇଲ୍ ଲୋକେଶନରୁ ଜଣାପଡୁଛି। ହେଲେ ସେ କୁଆଡେ ଗଲା ଜାଣିପାରୁନାହୁଁ। ପୁଅକୁ ନ ପାଇଲା ଯାଏ ଏଠୁ କେଉଁଆଡେ ଯିବୁନି। ସାଙ୍ଗସାଥୀଙ୍କ ସହ କାଳେ ଝଗଡା ହୋଇଥିବ, ଟ୍ରେନରେ ଯାତ୍ରା ବେଳେ ଯଦି ଟିକେଟ କରି ନ ଥିବ, ତାହାହେଲେ କେଉଁଠି ଓହ୍ଲାଇ ପଡି ବାଟବଣା ହୋଇଯାଇଥିବ, ସେନେଇ ସନ୍ଦେହ କରୁଛନ୍ତି । ପୁଅକୁ ଖୋଜିବାରେ କମିଶନରେଟ ପୋଲିସ ଓ ରେଲ୍‌ୱେ ପୋଲିସ ସହାୟତା କରିବାକୁ ସେ ଅନୁରୋଧ କରିଛନ୍ତି।

ସେଲ୍ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ଅଭିନାଶ



@ ଜ୍ୟୋତି



@ ସତ୍ୟବାଦୀ



@ ମନୋଜ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।



ମଙ୍ଗଳବାର କଟକର ତାପମାତ୍ରା ୪୨.୫ ଛୁଇଁଥିବାବେଳେ ପ୍ରବଳ ଗୁଳୁଗୁଳି ଅନୁଭୂତ ହୋଇଥିଲା। ଏଥିରୁ ରକ୍ଷା ପାଇବା ପାଇଁ କଟକ ଚହଟା ଛକ ମହାନଦୀରେ ପିଲାମାନେ ଗାଧୋଇବାର ମଜା ନେଉଥିବା ଦେଖିବାକୁ ମିଳିଥିଲା।

## ରଥକାଠ ଅନୁକୂଳ ପାଇଁ କୁରାଢ଼ି ନିର୍ମାଣ

ପୁରୀ ଅଫିସ,୧୮।୪

ଚଳିତ ମାସ ୨୩ ତାରିଖରେ ଅକ୍ଷୟ ତୃତୀୟା। ଏହିଦିନଠାରୁ ବାହାର ଚନ୍ଦନଯାତ୍ରା ଆରମ୍ଭ ସହ ରଥଯାତ୍ରା ପାଇଁ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। ଅକ୍ଷୟତୃତୀୟା ତିଥିରେ ବାହାର ଚନ୍ଦନଯାତ୍ରା ପାଇଁ ଶ୍ରୀ ରାମକୃଷ୍ଣ, ଶ୍ରୀମଦନମୋହନ, ଶ୍ରୀଦେବୀ, ଭୂଦେବୀ ଆଜ୍ଞାମାଳ ପାଇ ପାଲିଙ୍କି ଏବଂ ବିମାନକୁ ବିଜେ କରିବା ପରେ ୩ବାଡ଼ରୁ ୩ଜଣ ପୂଜାପଣ୍ଡା ବିଜେ କରାଇ ଆଣିଥିବା ଆଜ୍ଞାମାଳ ଧରି ଆଗରେ ଏବଂ ବିଜେ ପ୍ରତିମା ପଟୁଆରରେ ଶ୍ରୀନଅର ନିକଟକୁ ବିଜେ କରିବେ। ସେହିପରି ପୂର୍ବରୁ ଶ୍ରୀମନ୍ଦିର କାର୍ଯ୍ୟାଳୟ ସମ୍ମୁଖରେ ତିନିଖଣ୍ଡ ଧଉରା କାଠକୁ ବିଧି ବିଧାନ ଅନୁଯାୟୀ ଧୁଆଯାଇ ରଖାଯାଇଥାଏ। ଶ୍ରୋତ୍ରିୟ ବ୍ରାହ୍ମଣମାନଙ୍କ ଦ୍ୱାରା ରଥଖଳାରେ ବନଯାଗ ପଦ୍ଧତିରେ ରଥକାଠ ନୀତି ଅନୁକୂଳ କରାଯାଇଥାଏ।



ନବନିର୍ମିତ ୩ଟି କୁରାଢ଼ିକୁ ଶ୍ରୀମନ୍ଦିର ଓଝା ସେବକ ଓ ତାଙ୍କ ପୁଅ ଦେଖାଉଛନ୍ତି।

ତେବେ ଶ୍ରୀମନ୍ଦିରରୁ ୩ଜଣ ପୂଜାପଣ୍ଡା ଆଜ୍ଞାମାଳ ଧରି ରଥ ନିର୍ମାଣକାରୀ ବିଶ୍ୱକର୍ମା ମହାରଣା, ରୂପକାର, ଓଝା ଏବଂ ଭୋଇ ସେବକମାନଙ୍କ ଶାଢି ବନ୍ଧା ନୀତି ପଟଜୋଷୀ ମହାପାତ୍ରଙ୍କ ଉପସ୍ଥିତିରେ ଦେଉଳ କାରଣ ସମାପନ କରିଥାନ୍ତି। ଏହାପରେ ରଥତ୍ରୟ ନିର୍ମାଣ ଶୁଭାନୁକୂଳ ନିମନ୍ତେ ପୂଜା ପାଇଁ ରଖାଯାଇଥିବା ତିନିଗୋଟି ଧଉରା କାଠରେ ଆଜ୍ଞାମାଳ ଲାଗିହେବ। ପରେ ତିନି ରଥର ମୁଖ୍ୟ ମହାରଣାମାନଙ୍କ ଦ୍ୱାରା ଉକ୍ତ ତିନିଗୋଟି କାଠରେ ଅସ୍ତ୍ର ଛୁଆଁ କରାଯାଇ ରଥ କାଠ ଅନୁକୂଳ ନୀତି କରାଯାଇଥାଏ। ତେବେ ଅକ୍ଷୟତୃତୀୟାକୁ ଆଉ ୫ ଦିନ ଥିବା ହେତୁ କାଠ ଅନୁକୂଳ ପାଇଁ ବ୍ୟବହୃତ ହେଉଥିବା ଲୁହା କୁରାଢିକୁ ମଙ୍ଗଳବାର ଶ୍ରୀମନ୍ଦିର ଓଝା ସେବକ ନିର୍ମାଣ କରିଛନ୍ତି। ବଳଭଦ୍ର ବାଡର ମୁଖ୍ୟ ଓଝା ସେବକ ଜଗନ୍ନାଥ ମହାରଣାଙ୍କ କହିବା ଅନୁଯାୟୀ, ଅକ୍ଷୟତୃତୀୟାରେ ରଥଯାତ୍ରା ପାଇଁ ରଥ ନିର୍ମାଣ ଅନୁକୂଳ ହେବ। ଅନୁକୂଳ ସମୟରେ ସୁନା, ରୁପା ସହ ଲୁହା କୁରାଢି ବ୍ୟବହାର କରାଯାଇଥାଏ। ବ୍ୟବହାର ହେଉଥିବା ୩ଟି ଲୁହା କୁରାଢିକୁ ସେ ଓ ତାଙ୍କ ପୁଅ ମିଶି ନିର୍ମାଣ କରିଛନ୍ତି। ସେ ୨୦୦୮ରୁ ମହାପ୍ରଭୁଙ୍କ ସେବା କରିଆସୁଛନ୍ତି। କୁରାଢ଼ି ନିର୍ମାଣ କରିବାକୁ ତାଙ୍କୁ ୨ଦିନ ଲାଗିଥିଲା। ନିର୍ମାଣ ପରେ ସେ ତାକୁ ନାଜରକୁ ହସ୍ତାନ୍ତର କରିବେ ବୋଲି ଜଗନ୍ନାଥ ମହାରଣା କହିଛନ୍ତି।

## ସଂକ୍ଷେପରେ

### ଅଘୋଷିତ ବିଦ୍ୟୁତ୍ କାଟକୁ ନେଇ ଅସନ୍ତୋଷ

ନିରାକାରପୁର,୧୮।୪(ଡି.ଏନ୍.ଏ.): ସବୁଠି ତାତି ଆଉ ଗୁଳୁଗୁଳି। ଖରାର ତାତିରେ କଲବଲ ହେଉଛନ୍ତି ଲୋକେ। ସକାଳ ୮ଟା ପରେ ଘରୁ ବାହାରିବାକୁ ଭୟ କରୁଛନ୍ତି। ପୂର୍ବାହ୍ନ ୧୧ଟା ପରେ ରାସ୍ତାଘାଟ ଶୂନ୍‌ଶାନ ହୋଇପଡୁଛି। ଅନ୍ୟପଟେ ନିରାକାରପୁର ଅଞ୍ଚଳରେ ଲୋ-ଭୋଲ୍‌ଟେଜ୍ ସହ ଅଘୋଷିତ ବିଦ୍ୟୁତ୍ କାଟ୍‌କୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଟିପିସିଓଡିଏଲ୍ ଗ୍ରାହକ ସେବାକେନ୍ଦ୍ରକୁ ଯୋଗାଯୋଗ କରିବାରେ ଦାୟିତ୍ୱରେ ଥିବା ଅଧିକାରୀମାନେ ଜରୁରିକାଳୀନ ଶଟଡାଉନ୍ ହୋଇଛି, ଆପଣମାନେ ସହଯୋଗ କରନ୍ତୁ ବୋଲି କହୁଥିବା କେତେଜଣ ବିଦ୍ୟୁତ୍ ଉପଭୋକ୍ତା କହିଛନ୍ତି। ଅନ୍ୟପକ୍ଷରେ ଏନେଇ ନିରାକାରପୁର ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀ ରିତେଶ କୁମାର ସିଂ କୁହନ୍ତି, ବିଦ୍ୟୁତ୍ ଚୋରି ହେବା ଯୋଗୁ ଲୋ-ଭୋଲ୍‌ଟେଜ ସହ ଟ୍ରାନ୍ସଫର୍ମରରେ ବାରମ୍ବାର ଫ୍ୟୁଜ୍ କଟିଯାଉଛି। ଲେଣ୍ଡୋ ପଞ୍ଚାୟତ ଯାଜପୁର ଗ୍ରାମରେ ଚଢ଼ାଉ କରାଯାଇ ୬ ଜଣଙ୍କ ବିଦ୍ୟୁତ୍ ସଂଯୋଗ କଟାଯାଇଛି। ଏହି ୬ ଜଣଙ୍କ ମଧ୍ୟରେ ଜଣେ ପୂର୍ବତନ ସରପଞ୍ଚ ରହିଛନ୍ତି। ଆଗକୁ ମଧ୍ୟ ବିଭିନ୍ନ ଗ୍ରାମରେ ଚଢ଼ାଉ କରାଯିବ ବୋଲି ସେ କହିଛନ୍ତି।

### ବିଦ୍ୟାଳୟର ବାର୍ଷିକୋତ୍ସବ

ବାଣପୁର,୧୮।୪(ଡି.ଏନ୍.ଏ.): ବାଣପୁର ଅଞ୍ଚଳରେ ଥିବା ଭେଙ୍କଟେଶ୍ୱର ସ୍କୁଲ୍‌ର ୧୪ତମ ବାର୍ଷିକ ଉତ୍ସବ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଓଡ଼ିଶା ମାସ୍ ଏଜୁକେଶନ ବିଭାଗର ରାଜଶ୍ରୀ ପଟ୍ଟନାୟକ, ମୁଖ୍ୟ ବକ୍ତା ପୂର୍ବତନ ମନ୍ତ୍ରୀ ଦେବେନ୍ଦ୍ରନାଥ ମାନସିଂହ, ସମ୍ମାନିତ ଅତିଥିଭାବେ ବାଣପୁର ଓକିଲ ସଙ୍ଘ ସଭାପତି ବୃନ୍ଦାବନ ପ୍ରଧାନ, ଆଇନଜୀବୀ ମୁରଲୀଧର ସାମନ୍ତସିଂହାର ଯୋଗଦେଇଥିଲେ। ସ୍କୁଲ ଅଧକ୍ଷ ରାମଚନ୍ଦ୍ର ସାସ୍‌ମଲ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସଭାପତି ରଞ୍ଜିତ କୁମାର ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ସମ୍ପାଦିକା ସସ୍ମିତା ପ୍ରଧାନ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଅତିଥିମାନେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଉତ୍ସବରେ ବହୁ ବିଶିଷ୍ଟବ୍ୟକ୍ତି, ଛାତ୍ରୀଛାତ୍ର ଏବଂ ଅଭିଭାବକମାନେ ଉପସ୍ଥିତ ଥିଲେ।

### ୭୨ ବିଡ଼ି, ସିନେ ଶ୍ରମିକଙ୍କୁ ଔଷଧ ବଣ୍ଟନ

ବୋଲଗଡ଼,୧୮।୪(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ପିଚୁକୁଳି ପଞ୍ଚାୟତ ଚମ୍ପାଇଲୋ ଗ୍ରାମ ସାନବାଡ଼ଠାରେ ଭାରତ ସରକାରଙ୍କ ଶ୍ରମ କଲ୍ୟାଣ ବିଭାଗ ପକ୍ଷରୁ ବିଡ଼ି ଓ ସିନେ ଶ୍ରମିକମାନଙ୍କୁ ମାଗଣା ଔଷଧ ବଣ୍ଟନ କରାଯାଇଛି। ଅଖିଳ ଭାରତୀୟ ସିନେ ୱାର୍କର୍ସ ଆସୋସିଏଶନର ଶାଖା ଓଡ଼ିଶା ସିନେ ୱାର୍କର୍ସ ଆସୋସିଏଶନର ସାନବାଡ଼ସ୍ଥିତ ମୁଖ୍ୟ କାର୍ଯ୍ୟାଳୟଠାରେ ମଙ୍ଗଳବାର ଭୁବନେଶ୍ୱର ଶ୍ରମ କଲ୍ୟାଣ ବିଭାଗର ଏକ ଭ୍ରାମ୍ୟମାଣ ଔଷଧ ବିତରଣ ଗାଡ଼ିରେ ଚିକିତ୍ସା ଅଧିକାରୀ ଡା.ଏସ୍.ଏସ୍. ମୁକରମଙ୍କ ନେତୃତ୍ୱରେ ଏକ ଟିମ୍ ଅନୁବନ୍ଧିତ ବିଡ଼ି ଓ ସିନେ ଶ୍ରମିକମାନଙ୍କୁ ପରାମର୍ଶ ଓ ଔଷଧ ବିତରଣ କରିଥିଲେ। ଏଥିରେ ବିଭିନ୍ନ ରୋଗ ପାଇଁ ୭୨ଜଣ ଶ୍ରମିକଙ୍କୁ ଏକମାସ ଲାଗି ଔଷଧ ମାଗଣାରେ ଦିଆଯାଇଥିଲା। ଆସୋସିଏଶନ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଭ୍ରାମ୍ୟମାଣ ଔଷଧ ବିତରଣ ଶିବିରକୁ ଡାକ୍ତରଙ୍କ ସହିତ ସିନିୟର ଫାର୍ମାସି ଅଫିସର ସରୋଜ ମିଶ୍ର, ସହାୟକ ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ ପ୍ରମୁଖ ପରିଚାଳନା କରିଥିଲେ।

# 'ନିର୍ମାଣାଧୀନ ପ୍ରକଳ୍ପ କାମ ଶୀଘ୍ର ସାର'

ଖୋର୍ଦ୍ଧା ଅଫିସ,୧୮।୪

**ମହିଳା ଓ ଶିଶୁ କଲ୍ୟାଣ ବିଭାଗ ସଚିବଙ୍କ ଖୋର୍ଦ୍ଧା ଗସ୍ତ**
- ଅଙ୍ଗନୱାଡି କେନ୍ଦ୍ର ବୁଲିଦେଖିବା ସହ ଉନ୍ନୟନ ପ୍ରକଳ୍ପର ସମୀକ୍ଷା କଲେ
- ଦାୟିତ୍ୱବାନ ହେଲେ ଯୋଜନା ସଫଳ ହେବ

ମହିଳା ଓ ଶିଶୁ କଲ୍ୟାଣ ବିଭାଗ ସଚିବ ଶୁଭା ଶର୍ମା ମଙ୍ଗଳବାର ଖୋର୍ଦ୍ଧା ଗସ୍ତରେ ଯାଇ ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ବେଗୁନିଆ ବ୍ଲକର ବିଭିନ୍ନ ଅଙ୍ଗନୱାଡି କେନ୍ଦ୍ର ବୁଲି ଦେଖିବା ସହ ସରକାରଙ୍କ ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ପଚାରି ବୁଝିଥିଲେ। ଗର୍ଭବତୀ ଓ ଶିଶୁମାନଙ୍କ ଉପଯୁକ୍ତ ଯତ୍ନ ନେବାଲାଗି ସେ ପରାମର୍ଶ ଦେଇଥିଲେ। ଏଥିସହ ୫-ଟି ଅଧୀନ ବିଦ୍ୟାଳୟ ଓ ସିମୋର ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ଏହି ଗସ୍ତ ସମୟରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦିଗନ୍ତ ରାଉତରାୟ, ସ୍ଥାନୀୟ ବିଡିଓ ଲକ୍ଷ୍ମୀଧର ସାହୁ, ସିଡିପିଓ ରଞ୍ଜୁବାଳା ସାହୁଙ୍କ ସମେତ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ। ସେଠାରୁ ଫେରି ଜିଲା ପରିଷଦ ସମ୍ମିଳନୀ କକ୍ଷରେ ବିଭିନ୍ନ ବିଭାଗର ସମୀକ୍ଷା କରିଥିଲେ। ଏଥିରେ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଶର୍ମା ଜିଲାର ସ୍ୱାସ୍ଥ୍ୟ ଭିତ୍ତିଭୂମି ଉପରେ ସମୀକ୍ଷା କରିଥିଲେ। ଜିଲାରେ ୨୫୫୪ଟି ଅଙ୍ଗନୱାଡି କେନ୍ଦ୍ର କାର୍ଯ୍ୟକ୍ଷମ ଅଛି। ତନ୍ମଧ୍ୟରୁ ୧୯୯୭ଟି କେନ୍ଦ୍ର ନିଜସ୍ୱ ଗୃହରେ ଚାଲୁଛି। ଅନ୍ୟ କେନ୍ଦ୍ରଗୁଡ଼ିକର



ବୈଠକରେ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ସଚିବ ଶୁଭା ଶର୍ମା, ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ଏବଂ ଅନ୍ୟମାନେ।

ନିର୍ମାଣରେ ରହିଥିବା ସମସ୍ୟା ତ୍ୱରିତ ସମାଧାନ କରି କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ କହିଥିଲେ। ମିଶନ ଶକ୍ତି ଗୃହ, ମିଶନ ଶକ୍ତି ଭବନ ପ୍ରକଳ୍ପଗୁଡ଼ିକର ସମୀକ୍ଷା କରିଥିଲେ। ଅଧାପନ୍ତରିଆ ପ୍ରକଳ୍ପଗୁଡିକୁ ତୁରନ୍ତ ସମ୍ପୂର୍ଣ୍ଣ କରିବାକୁ ସମସ୍ତ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହିତ ଉଦ୍ୟାନ କୃଷି ବିଭାଗ ପକ୍ଷରୁ ଅଙ୍ଗନୱାଡି କେନ୍ଦ୍ର ଓ ୫-ଟି ସ୍କୁଲକୁ ବିଭିନ୍ନ ପୁଷ୍ଟିଜାତୀୟ ଚାରା ପ୍ରଦାନ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲା ଶିଶୁ ସୁରକ୍ଷା ବିଭାଗର ସମୀକ୍ଷା କରିଥିଲେ। ଶିଶୁ ଶ୍ରମିକ, ଭିକ୍ଷାବୃତ୍ତି ବନ୍ଦ, ଯୌନଶୋଷଣ, ବାଲ୍ୟବିବାହ ରୋକିବା ଦିଗରେ ଉପଯୁକ୍ତ ପଦପେକ୍ଷ, ସଚେତନତା କାର୍ଯ୍ୟକ୍ରମ ଆୟୋଜନ ଲାଗି ନିର୍ଦ୍ଦେଶ ଦେଇଥିଲେ। ଏଥିସହିତ ଓଡ଼ିଶା ଜୀବିକା ମିଶନ, ବିଦ୍ୟୁତ୍, ପୂର୍ତ୍ତ ବିଭାଗ ପକ୍ଷରୁ ଜାରି ବିଭିନ୍ନ ନିର୍ମାଣ କାର୍ଯ୍ୟ ସମ୍ପର୍କରେ ସମୀକ୍ଷା କରିଥିଲେ। ବିଭିନ୍ନ ଲୋକାଭିମୁଖୀ ଯୋଜନା ତ୍ୱରାନ୍ୱିତ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ସରକାରଙ୍କ ଜନକଲ୍ୟାଣ ଯୋଜନା ଲୋକଙ୍କ ନିକଟରେ ଉପଲବ୍ଧ ହୋଇପାରିଲେ ଯୋଜନା ସଫଳ ହେବ। ଏ ଦିଗରେ ବିଭାଗୀୟ ଅଧିକାରୀଙ୍କ ପ୍ରମୁଖ ଭୂମିକା ରହିଛି। କୌଣସି ଯୋଜନାରୁ ଯେପରି ପ୍ରକୃତ ହିତାଧିକାରୀ ବଞ୍ଚିତ ନ ହୁଅନ୍ତି, ସେଥିପ୍ରତି ଗୁରୁତ୍ୱ ଦେବାକୁ ତାଗିଦ୍ କରିଥିଲେ। ଏହି ସମୀକ୍ଷା ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଆର୍ତ୍ତବନ୍ଧୁ ନାୟକ, ଡିପିଏମ୍ ପ୍ରକାଶ ବାନାର୍ଜୀ, ଜିଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ତରାଇ, ଜିଲା ସମାଜ ମଙ୍ଗଳ ଅଧିକାରୀ ପୁଷ୍ପାଞ୍ଜଳି ମିଶ୍ର, ଜିଲା ମଙ୍ଗଳ ଅଧିକାରୀ ମନୋଜ ନାୟକ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ବାଣିଶ୍ରୀ ପଟ୍ଟନାୟକଙ୍କ ସମେତ ସମସ୍ତ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।




ବୋଲଗଡ଼: ହିନ୍ଦୁ ଏକତା ମଞ୍ଚ ପକ୍ଷରୁ ମଙ୍ଗଳବାର ବୋଲଗଡ଼ ବ୍ଲକ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ଗେଡ଼ିଆପଲ୍ଲୀପାଟଣାରେ ବଢୁଛି ଚୋରି

ବେଗୁନିଆ,୧୮।୪(ଡି.ଏନ୍.ଏ.)

- ସୁନାଅଲଙ୍କାର ସହ ଟଙ୍କା ନେଇଗଲେ
- ନୀରବଦ୍ରଷ୍ଟା ସାଜିଛି ପୋଲିସ

ବେଗୁନିଆ ଥାନା ଅଧୀନ ଗେଡ଼ିଆପଲ୍ଲୀ ପାଟଣା ଗ୍ରାମରେ ପୁଣି ଚୋରି ହୋଇଛି। ସୁରେଶ ସାହୁଙ୍କ ଘରୁ ସୁନାଚେନ୍ ସହିତ ଟଙ୍କା ଚୋରି ହୋଇଥିବା ନେଇ ମଙ୍ଗଳବାର ଥାନାରେ ଅଭିଯୋଗ ହୋଇଛି। ଏ ସମ୍ପର୍କରେ ପୋଲିସ ଏକ ମାମଲା ରୁଜୁ କରିବା ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ସୂଚନା ମୁତାବକ, ସୁରେଶ ସବୁଦିନ ଭଳି ରାତିରେ ବିଶ୍ରାମ ନେଇଥିଲେ। ଦୁର୍ବୃତ୍ତମାନେ ସୁରେଶ ଶୋଇଥିବା ଘର କବାଟକୁ ବାହାରପଟୁ ବନ୍ଦ କରିଦେଇଥିଲେ। ପରେ ଅନ୍ୟ ଏକ କୋଠରିରେ ପଶି ଗଡରେଜ୍ ଭାଙ୍ଗିବା ସହ ସେଥିରେ ଥିବା ଗୋଟିଏ ସୁନାଚେନ୍, ଦୁଇଟି ସୁନାମୁଦି, ୩୦ହଜାର ଟଙ୍କା ନେଇ ପଳାଇଥିଲେ। ପରିବାର ଲୋକେ ସକାଳୁ ଉଠି ଦେଖିଲାବେଳକୁ କବାଟ ବାହାରପଟୁ ବନ୍ଦ ରହିଛି। ସୁରେଶଙ୍କ ଡାକ ଶୁଣି ପଡ଼ୋଶୀ କବାଟ ଖୋଲିଥିଲେ। ପରେ ଗଡରେଜ୍ ଭଙ୍ଗାରୁଜା ହୋଇଥିବା ସୁରେଶ ଦେଖିବାକୁ ପାଇଥିଲେ। ପ୍ରକାଶ ଯେ, ଗତ ଡିସେମ୍ବର ୨୮ ଓ ମାର୍ଚ୍ଚ ୩ ବିଳମ୍ବିତ ରାତିରେ ସେହି ସମାନ ଢଙ୍ଗରେ ଚୋରି ହୋଇଥିଲା। ଗ୍ରାମର ଦିଲୀପ ବେହେରା ଓ କୃଷ୍ଣଚନ୍ଦ୍ର ମାର୍ଥାଙ୍କ ଘରୁ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ସହ ଟଙ୍କା ଚୋରି ହୋଇଥିଲା। ଅଭିଯୋଗ ପରେ ଥାନାରେ ଦୁଇଟି ମାମଲା ରୁଜୁ ହୋଇଛି। ତେବେ ଏପର୍ଯ୍ୟନ୍ତ ପୋଲିସ ଲୁଟେରା କିମ୍ବା ସାମଗ୍ରୀର ସନ୍ଧାନ ପାଇପାରିନାହିଁ। ଏ ସମ୍ପର୍କରେ ଥାନା ଅଧିକାରୀ ଲକ୍ଷ୍ମୀପ୍ରସାଦ ଶତପଥୀ କୁହନ୍ତି, ଘଟଣାର ତଦନ୍ତ ଚାଲିଛି। ନିର୍ଦ୍ଦିଷ୍ଟ ଗୋଟିଏ ଗାଁରେ ସମାନ ଢଙ୍ଗରେ ଚୋରି ହେଉଥିବାରୁ ସନ୍ଦେହ ହେଉଛି।

## 'ଜରୁରୀ କାମ ନ ଥିଲେ ବାହାରକୁ ଯାଆନାହିଁ'

ବାଣପୁର,୧୮।୪(ଡି.ଏନ୍.ଏ.)

ବାଣପୁର ବ୍ଲକ ସଭାଗୃହରେ ଅଧ୍ୟକ୍ଷ ଅମରେନ୍ଦ୍ର ରଣସିଂହଙ୍କ ଅଧ୍ୟକ୍ଷତାରେ ଅଂଶୁଘାତ ପୂର୍ବ ସତର୍କତା ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଡିଓ ଶୀତଲ ଅଗ୍ରୱାଲ, ତହସିଲଦାର କୁଞ୍ଜବିହାରୀ ବଡ଼ଜେନା, ସ୍ଥାନୀୟ ସ୍ୱାସ୍ଥ୍ୟ ଅଧିକାରୀ, ପିଡବ୍ଲୁଡି ବିଭାଗ, ବିଦ୍ୟୁତ୍ ବିଭାଗ, ଜଳସେଚନ ବିଭାଗ, ଶିଶୁ କଲ୍ୟାଣ ବିଭାଗ, ଜଙ୍ଗଲ ବିଭାଗ ଅଧିକାରୀଙ୍କ ସହ ସମସ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସେବକମାନେ ଉପସ୍ଥିତ ଥିଲେ। ଗ୍ରୀଷ୍ମପ୍ରବାହର ସତର୍କତାସ୍ୱରୂପ ଶ୍ରମିକମାନେ ସକାଳ ୭ଟାରୁ ପୂର୍ବାହ୍ନ ୧୧ଟା ଏବଂ ଅପରାହ୍ନ ୩ଟା ପରେ କାର୍ଯ୍ୟ କରିବାର ନିୟମାବଳୀ ଜାରି ହୋଇଛି। ପ୍ରତ୍ୟେକ ଗ୍ରାମରେ କାର୍ଯ୍ୟକ୍ଷମ ନ ଥିବା ନଳକୂପଗୁଡ଼ିକ ଖୁବ୍‌ଶୀଘ୍ର ମରାମତି ପାଇଁ ଆର୍‌ଡବ୍ଲୁଏସ୍‌ଏସ୍ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ବିଶେଷ କାରଣ ନ ଥିଲେ ବିଦ୍ୟୁତ୍ କାଟ ନ କରାଯିବାକୁ ବୈଠକରେ ବିଡିଓ ଅଗ୍ରୱାଲ କହିଥିଲେ। ଏଥିସହିତ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ କାର୍ଯ୍ୟ କରୁଥିବା ଶ୍ରମିକ ଏବଂ ଅଙ୍ଗନୱାଡି ପିଲାମାନଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଓଆରଏସ୍ ଯୋଗାଣ ଏବଂ ଆମ୍ବୁଲାନ୍ସ ସଜାଗ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ନିଆଁ ଲାଗିଥିବା ସ୍ଥାନରେ ତ୍ୱରିତ ସେବା ଯୋଗାଇବାକୁ ଅଗ୍ନିଶମ ବିଭାଗକୁ ନିର୍ଦ୍ଦେଶ ସହ କୌଣସି ଜରୁରୀ କାର୍ଯ୍ୟ ନ ଥିଲେ ବରିଷ୍ଠ ନାଗରିକମାନଙ୍କୁ ଖରା ସମୟରେ ଘରୁ ବାହାରକୁ ବାହାରିବାକୁ ବାରଣ କରାଯାଇଛି।

## ପଣାଯାତ୍ରା ମହୋତ୍ସବ ପ୍ରତିଭା ସମ୍ମାନ ସମାରୋହ

କୃଷ୍ଣପ୍ରସାଦ,୧୮।୪(ଡି.ଏନ୍.ଏ.)

କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ଦେଉଳପଡ଼ା ତିତିପ ଠାରେ ୩୫ ମୌଜା ପରିଚାଳନା କମିଟି ଆନୁକୂଲ୍ୟରେ ପଣାଯାତ୍ରା ମହୋତ୍ସବ ଜାରି ରହିଛି। ଯାତ୍ରାର ଚତୁର୍ଥ ସନ୍ଧ୍ୟାରେ କୃଷ୍ଣପ୍ରସାଦ ପ୍ରେସ୍ କ୍ଲବ ଏବଂ ଆୟୋଜକ କମିଟି ସହଯୋଗରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଭାଧାରୀଙ୍କୁ ପଣାଯାତ୍ରା ମହୋତ୍ସବ-୨୦୨୩ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଛି। ଅତିଥିଭାବେ କୃଷ୍ଣପ୍ରସାଦ ଥାନା ଆଇଆଇସି ଶରତ କୁମାର ନାୟକ, ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ବିଜୟ କୁମାର ତରେଇ, ୩୫ ମୌଜା ପରିଚାଳନା କମିଟି ସମ୍ପାଦକ ମନୋଜ କୁମାର ସାହୁ, ବରିଷ୍ଠ ସଦସ୍ୟ ସୁରେନ୍ଦ୍ର ନାଥ ମାଝୀ, ହେମନ୍ତ କୁମାର ଜେନା, ସହକାରୀ ଯନ୍ତ୍ରୀ ବିନୋଦ ବିହାରୀ ପୁହାଣଙ୍କ ସମେତ ବହୁ ବିଶିଷ୍ଟବ୍ୟକ୍ତି ଉପସ୍ଥିତ ରହି ପ୍ରତିଭାଧାରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷାବିତ୍ ସାହିତ୍ୟିକ ଡ. ଅଭିମନ୍ୟୁ ଜେନା, ଇଞ୍ଜିନିୟର ଓ ଗାଳ୍ପିକ ଇଂ. ଅଜୟ କୁମାର ମହାପାତ୍ର, ସାମ୍ବାଦିକ ତଥା ଡକ୍ୟୁମେଣ୍ଟାରି ସିନେମା ନିର୍ଦ୍ଦେଶକ ବନବିହାରୀ ବେହେରା, ସାମାଜିକ କର୍ମୀ ବିଷ୍ଣୁଚରଣ ବେହେରା, ଏକ୍ରିକ୍ ପ୍ରକଳ୍ପ ହମାରା ବଚ୍‌ପନ୍ ଟ୍ରଷ୍ଟର ଦଳପତି ଅଶୋକ କୁମାର ନାୟକ, ଗ୍ରୀନ୍ ପାରିକୁଦର ଅମିତା ତରେଇ, ପ୍ରଜ୍ଞାରେଖା ଜେନାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିଲା। ମହୋତ୍ସବ ଅବସରରେ ଦୁଇଟି ଗଣନାଟ୍ୟ ପକ୍ଷରୁ ମଞ୍ଚସ୍ଥ ନାଟକ ଦର୍ଶକଙ୍କ ମନ ଜିଣିଥିଲା। ବୁଧବାର ପ୍ରତ୍ୟୁଷରୁ ବିଗ୍ରହମାନଙ୍କର ମହାମିଳନ ପର୍ବ ସହ ପଣାଯାତ୍ରା ଉଦ୍‌ଯାପିତ ହେବ।



ଅତିଥିଙ୍କଠାରୁ ଜଣେ ପ୍ରତିଭାଧାରୀ ପୁରସ୍କାର ଗ୍ରହଣ କରୁଛନ୍ତି।

## ଛତୁଆ ପ୍ରସ୍ତୁତି କେନ୍ଦ୍ର ଦେଖିଲେ ମିଶନ ଶକ୍ତିର ଉପଦେଷ୍ଟା

ବାଣପୁର/ଗମ୍ଭାରୀମୁଣ୍ଡା,୧୮।୪(ଡି.ଏନ୍.ଏ.)

ମିଶନ ଶକ୍ତିକୁ ସଶକ୍ତ କରିବା ପାଇଁ ରାଜ୍ୟ ସରକାର ବହୁ ଗୁରୁତ୍ୱ ଦେଉଛନ୍ତି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଖୋର୍ଦ୍ଧା ଜିଲା ବାଣପୁର ବ୍ଲକ ଗସ୍ତ କରିଛନ୍ତି ରାଜ୍ୟ ମିଶନ ଶକ୍ତିର ଉପଦେଷ୍ଟା ଲୋପାମୁଦ୍ରା ବକ୍ସିପାତ୍ର। ସେ ବ୍ଲକର ନନ୍ଦପୁର, ନୀଳାଦ୍ରିପ୍ରସାଦ, କୁମାରଙ୍ଗ, ଭେଟେଶ୍ୱର, ଦାମିଆବରବରା ପଞ୍ଚାୟତର ମିଶନ ଶକ୍ତି ଓ ସ୍ୱୟଂସହାୟକ ଗୋଷ୍ଠୀ ପରିଦର୍ଶନ କରିଥିଲେ। ସେଠାରେ ହେଉଥିବା ମହୁ ଚାଷ, ଛତୁଆ ପ୍ରସ୍ତୁତ କେନ୍ଦ୍ର, ବେତ ବାଉଁଶ କାମ କେନ୍ଦ୍ର, ଅଙ୍ଗନୱାଡି ଡ୍ରେସ ପ୍ରସ୍ତୁତ କେନ୍ଦ୍ର ବୁଲି ଦେଖିବା ସହ ଖୁସିବ୍ୟକ୍ତ କରିଥିଲେ। ନନ୍ଦପୁର ସରପଞ୍ଚ ପୁଷ୍ପମିତ୍ର ଖୁଣ୍ଟିଆଙ୍କ ଉପସ୍ଥିତିରେ ଉପଦେଷ୍ଟା ବକ୍ସିପାତ୍ର ଏକ ବୈଠକରେ ଯୋଗଦେଇ ମହିଳାମାନଙ୍କର ଅଗ୍ରଗତି ସମ୍ପର୍କରେ ତଥ୍ୟ ସଂଗ୍ରହ କରିଥିଲେ। ଏଥିସହିତ ଋଣ ଦେଣନେଣ ପ୍ରକ୍ରିୟାରେ ସଂଘର ସୁବିଧା ଓ ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ମହିଳାମାନେ ଆଗକୁ ବଢିବାକୁ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ ଜାରି ରହିବ ବୋଲି ବୈଠକରେ ମତବ୍ୟକ୍ତ କରିଥିଲେ। ଏହା ପରେ ବ୍ଲକଠାରେ ଅନୁଷ୍ଠିତ ସଭାରେ ଯୋଗଦେଇ ବିଭିନ୍ନ ସ୍ୱୟଂସହାୟକ ଗୋଷ୍ଠୀକୁ ଦିଆଯାଇଥିବା ଋଣ ଉପରେ ସମୀକ୍ଷା କରିଥିଲେ। ବୈଠକରେ ଜିଲା ପରିଷଦ ଉପାଧ୍ୟକ୍ଷ ଗୋପିନାଥ ମହାରଣା, ବିଡିଓ ଶିତଲ ଅଗ୍ରୱାଲ, ଡିପିଏମ ଦିପକ୍ ବେଉରିଆ, ବିପିସି ରଶ୍ମିତା ଇନ୍ଦ୍ରଜିତ ଓ ମିଶନ ଶକ୍ତିର ସଭାପତି କବିତା ମହାପାତ୍ର, ସମ୍ପାଦିକା ବେବିନା ତ୍ରିପାଠୀ ଉପସ୍ଥିତ ଥିଲେ। ଏହି ଅବସରରେ ବକ୍ସିପାତ୍ର ନିର୍ମାଣାଧୀନ ମିଶନ ଶକ୍ତି ଭବନ, ମିଶନ କାଫେ ବୁଲି ଦେଖିଥିଲେ।



ସମୀକ୍ଷା ବୈଠକରେ ମିଶନ ଶକ୍ତି ଉପଦେଷ୍ଟା ଲୋପାମୁଦ୍ରା ବକ୍ସିପାତ୍ର ଏବଂ ଅନ୍ୟମାନେ।

## ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ବୋଲଗଡ଼,୧୮।୪(ଡି.ଏନ୍.ଏ.)

ସମ୍ବଲପୁରରେ ହନୁମାନ ଜନ୍ମୋତ୍ସବ ଶୋଭାଯାତ୍ରା ସମୟରେ ଆକ୍ରମଣ ଏବଂ ପଣାସଂକ୍ରାନ୍ତିରେ ଜଣେ ହିନ୍ଦୁଭାଇଙ୍କୁ ନିର୍ମମ ହତ୍ୟା ପ୍ରତିବାଦରେ ହିନ୍ଦୁ ଏକତା ମଞ୍ଚ, ବୋଲଗଡ଼ ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ବିଡିଓ ଧୋବେଇ ନାୟକଙ୍କୁ ମଙ୍ଗଳବାର ଦାବିପତ୍ର ପ୍ରଦାନ କରାଯାଇଛି। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ବଜରଙ୍ଗ ଦଳ ଓ ବିଶ୍ୱ ହିନ୍ଦୁ ପରିଷଦର କର୍ମୀମାନେ ସ୍ଥାନୀୟ ଗୋପବନ୍ଧୁ ଛକଠାରେ ଏକତ୍ରିତ ହୋଇ ହିନ୍ଦୁ ଏକତା ମଞ୍ଚ ନେତୃତ୍ୱରେ ବିଭିନ୍ନ ସ୍ଲୋଗାନ ଦେଇ ବ୍ଲକ କାର୍ଯ୍ୟାଳୟଠାରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିବା ପରେ ଦାବିପତ୍ର ପ୍ରଦାନ କରିଥିଲେ। ଓଡ଼ିଶା ପରି ଶାନ୍ତିପ୍ରିୟ ରାଜ୍ୟରେ ବିଧର୍ମୀମାନଙ୍କ ଦ୍ୱାରା ହିଂସା ସୃଷ୍ଟିକୁ ବିରୋଧ କରାଯିବ। ଶାନ୍ତିଶୃଙ୍ଖଳା ବଜାୟ ରଖିବା ନିମନ୍ତେ ଅନୁରୋଧ କରାଯାଇଛି। ଏଥିରେ ରାମଚନ୍ଦ୍ର ସାହୁ, ବସନ୍ତ ମଙ୍ଗରାଜ, ଶୈଳେନ୍ଦ୍ର ନାରାୟଣ ସାହୁ, ବୃନ୍ଦାବନ ରଥ, ହରେକୃଷ୍ଣ ପରମଗୁରୁଙ୍କ ସମେତ ବହୁ କର୍ମୀ ସାମିଲ ଥିଲେ।

**ବୋଲଗଡ଼ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ**

## ରୟାଲ ଷ୍ଟ୍ରାଇକରକୁ ହରାଇ ରାନୀ ବ୍ଲାଷ୍ଟର ବିଜୟୀ

ବୋଲଗଡ଼,୧୮।୪(ଡି.ଏନ୍.ଏ.)

ସ୍ଥାନୀୟ ବାମନ ଉଚ୍ଚ ବିଦ୍ୟାଳୟ ମିନି ଷ୍ଟାଡିୟମରେ ଚାଲିଥିବା ନବମ ବୋଲଗଡ଼ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ମଙ୍ଗଳବାର ଅନୁଷ୍ଠିତ ତୃତୀୟ ମ୍ୟାଚ୍ ରୟାଲ ଷ୍ଟ୍ରାଇକର ଓ ରାନୀ ବ୍ଲାଷ୍ଟର ଟିମ୍ ମଧ୍ୟରେ ହୋଇଥିଲା। ଏଥିରେ ରାନୀ ବ୍ଲାଷ୍ଟର ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ରୟାଲ ଷ୍ଟ୍ରାଇକର ପ୍ରଥମେ ବ୍ୟାଟିଂକରି ନିର୍ଦ୍ଧାରିତ ୧୨ ଓଭରରେ ୯ ଉଇକେଟ ବିନିମୟରେ ୯୩ ରନ୍ ସଂଗ୍ରହ କରିଥିଲା। ଜବାବରେ ରାନୀ ବ୍ଲାଷ୍ଟର ୧୧.୨ ଓଭରରେ ୪ ଉଇକେଟ ହରାଇ ୯୯ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ବିଜୟୀ ଟିମ୍‌ର ଶ୍ରୀହରି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ରଶ୍ମିରଞ୍ଜନ ମହାରଣା ଓ ଅଜୟ ସିଂ ମ୍ୟାଚ୍ ପରିଚାଳନା କରିଥିଲେ। କ୍ରୀଡ଼ାବିତ୍ ସଂଗ୍ରାମ କେଶରୀ ପୃଷ୍ଟି, ସାମାଜିକ କର୍ମୀ ଅଶୋକ ଦଳବେହେରା ପ୍ରମୁଖ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଆୟୋଜକ ବିପିଏଲ କମିଟି ପକ୍ଷରୁ ଚିତ୍ତରଞ୍ଜନ ପଟ୍ଟନାୟକ, ଶୁଭାଶିଷ ଦଳବେହେରା, ସନ୍ତୋଷ ପଟ୍ଟନାୟକ ପ୍ରମୁଖ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।



ଅତିଥିଙ୍କ ଗହଣରେ ଖେଳାଳିମାନଙ୍କ ସହ ଅନ୍ୟମାନେ।

# ନିଶା କାରବାରକୁ ନେଇ ଗୋଷ୍ଠୀ ସଂଘର୍ଷ

ବାଲୁଗାଁ,୧୮।୪(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ବାଲୁଗାଁ ଅଞ୍ଚଳରେ ନିଶା କାରବାର ବଢ଼ିଚାଲିଛି। ବହୁ ଯୁବପିଢ଼ି ଏହାର ଶିକାର ହୋଇ ଅସାମାଜିକ କାର୍ଯ୍ୟରେ ଲିପ୍ତ ରହୁଛନ୍ତି। ସନ୍ଧ୍ୟା ସମୟରେ ବାଲୁଗାଁ ଚିଲିକା କୂଳ ଜେଟି ଏବଂ ଆଖପାଖ ଅଞ୍ଚଳରେ ନିଶାଦ୍ରବ୍ୟ କାରବାର ଯୋଗୁ ଏଠାକୁ ଆସୁଥିବା ପର୍ଯ୍ୟଟକ ଏବଂ ସ୍ଥାନୀୟ ଅଞ୍ଚଳବାସୀ ଅପ୍ରୀତିକର ପରିସ୍ଥିତିର ସମ୍ମୁଖୀନ ହେଉଥିବା ନଜିର ରହିଛି। ଏନେଇ ବାରମ୍ବାର ଅଭିଯୋଗ ସତ୍ତ୍ୱେ ସମ୍ପୃକ୍ତ ନିଶା ବ୍ୟବସାୟୀଙ୍କୁ ଧରିବା ପାଇଁ ବାଲୁଗାଁ ଥାନା ଆଇଆଇସି ରଶ୍ମିରଞ୍ଜନ ଦାଶଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଉଦ୍ୟମ ଜାରି ରଖିଥିଲା। ଏପରିସ୍ଥଳେ ଗତ ରବିବାର ରାତି ପ୍ରାୟ ୧୦ଟାରେ ନିଶାଦ୍ରବ୍ୟ କାରବାରର ସୀମା ସରହଦକୁ ନେଇ ଦୁଇ ଯୁବଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟି ୩ ଜଣ ଆହତ ହୋଇଛନ୍ତି। ଖବରପାଇ ପୋଲିସ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ମେଡିକାଲ ପଠାଇଥିଲା। ଏଥିସହ ଘଟଣାରେ ସମ୍ପୃକ୍ତ ଉଭୟ ଗୋଷ୍ଠୀର ୫ ଜଣଙ୍କୁ ଗିରଫ କରିଛି ପୋଲିସ। ଏନେଇ ବାଲୁଗାଁ ଥାନାରେ ପୃଥକ୍ ଭାବେ ଦୁଇଟି ମାମଲା(ନଂ.୯୪, ୯୫/୨୦୨୩) ରୁଜୁ ହୋଇଥିବା ବେଳେ ଅଭିଯୁକ୍ତମାନଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯାଇଛି। ସୂଚନା ମୁତାବକ, ଗତ କିଛିମାସ ହେବ ବାଲୁଗାଁ ଚିଲିକା କୂଳ ଅଞ୍ଚଳରେ ଦୁଇ ଯୁବ ଗୋଷ୍ଠୀ ମଦ, ଗଞ୍ଜେଇ, ଅଫିମଠାରୁ ଆରମ୍ଭକରି ବିଭିନ୍ନ ନିଶାଦ୍ରବ୍ୟ କାରବାର କରିଆସୁଥିଲେ। ଉଭୟ ଗୋଷ୍ଠୀ ମଧ୍ୟରେ ନିଜ ନିଜ ଇଲାକା ରହିଥିଲା। ତେବେ ରବିବାର ରାତିରେ ଗୋଟିଏ ଗୋଷ୍ଠୀ ଅପର ଗୋଷ୍ଠୀ ଇଲାକାରେ ନିଶାଦ୍ରବ୍ୟ କାରବାରକୁ କେନ୍ଦ୍ରକରି ମୁହାଁମୁହିଁ ହୋଇଥିଲେ। ପରବର୍ତ୍ତୀ ସମୟରେ ଏହା ସଂଘର୍ଷର ରୂପ ନେଇଥିଲା। ପରସ୍ପରକୁ ଆକ୍ରମଣ କରିବା ଫଳରେ ୩ ଜଣ ଆହତ ହୋଇଥିଲେ। ଖବରପାଇ ପୋଲିସ ପହଞ୍ଚି ୫ଜଣଙ୍କୁ ଧରିଥିବା ବେଳେ ୧୦ରୁ ଊର୍ଦ୍ଧ୍ୱ ଖସି ପଳାଇଥିଲେ। ତେବେ ଏହି କାରବାରରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଆଇଆଇସି ଦାଶ ସୂଚନା ଦେଇଛନ୍ତି।



ଗିରଫ ୫ ଅଭିଯୁକ୍ତ।

# ଚନ୍ଦନଯାତ୍ରା ନୀତି ନିର୍ଘଣ୍ଟ ଚୂଡ଼ାନ୍ତ

■ ସବ୍ କମିଟି ବୈଠକ ପରେ ଛତିଶା ନିଯୋଗରେ ଅନୁମୋଦନ

■ ବିଶେଷ ନୀତିରେ ରାତି ୩ଟାରେ ଶ୍ରୀମନ୍ଦିର ଦ୍ୱାର ଫିଟାଯିବ

ପୁରୀ ଅଫିସ,୧୮।୪

ଚଳିତ ମାସ ୨୩ ତାରିଖରେ ମହାପ୍ରଭୁଙ୍କ ଅକ୍ଷୟତୃତୀୟା ହେବ। ଏହି ଦିନଠାରୁ ମହାପ୍ରଭୁଙ୍କ ନରେନ୍ଦ୍ର ପୁଷ୍କରିଣୀରେ ବାହାର ଚନ୍ଦନଯାତ୍ରା ଆରମ୍ଭ ହେବା ସହ ମହାପ୍ରଭୁଙ୍କ ରଥଯାତ୍ରା ପାଇଁ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। ଠାକୁରଙ୍କ ବାହାର ଚନ୍ଦନ ଯାତ୍ରା ଅବସରରେ ଶ୍ରୀ ମଦନମୋହନ, ଭୂଦେବୀ, ଶ୍ରୀଦେବୀ, ରାମକୃଷ୍ଣଙ୍କ ସମେତ ପଞ୍ଚ ମହାଦେବ ନରେନ୍ଦ୍ର ପୁଷ୍କରିଣୀରେ ନୌବିହାର କରିବେ। ତେବେ ମହାପ୍ରଭୁଙ୍କ ବାହାର ଚନ୍ଦନଯାତ୍ରାର ନୀତିଗୁଡିକୁ ଶୃଙ୍ଖଳିତ କରିବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଶ୍ରୀମନ୍ଦିର ନୀତି ସବ କମିଟି ବୈଠକ ମଙ୍ଗଳବାର ଅପରାହ୍ନ ୪ଟାରେ ଅନୁଷ୍ଠିତ ହୋଇଯାଇଛି। ଏହି କମିଟିରେ ନୀତି ନିର୍ଘଣ୍ଟ ନେଇ ଆଲୋଚନା ହେବା ପରେ ଅପରାହ୍ନ ୫ଟାରେ ଛତିଶା ନିଯୋଗ ବୈଠକ ହୋଇ ନୀତି ନିର୍ଘଣ୍ଟ ଚୂଡ଼ାନ୍ତ ହୋଇଛି।

ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ବୀର ବିକ୍ରମ ଯାଦବଙ୍କ ଅଧ୍ୟକ୍ଷତାରେ ନୀଳାଦ୍ରି ଭକ୍ତନିବାସ ପରିସରରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଚଳିତବର୍ଷ ଶ୍ରୀବିଗ୍ରହଙ୍କ ଚନ୍ଦନଯାତ୍ରାର ସାଧାରଣ ଦିନର ନୀତି ସହିତ ବିଶେଷ ଦିନ ଯଥା ଅକ୍ଷୟ ତୃତୀୟା, ୨୮ରେ ନୀଳାଦ୍ରି ମହୋଦୟାଷ୍ଟମୀ, ମେ'ରେ ନୃସିଂହ ଜନ୍ମ ଏବଂ ମେ ୧୨ରେ ଭଉଁରୀ ଯାତ୍ରାର ନୀତି ସୁପରିଚାଳନା ପାଇଁ ଚୂଡ଼ାନ୍ତ ନୀତି ନିର୍ଘଣ୍ଟ ପ୍ରସ୍ତୁତ କରାଯାଇଛି। ସାଧାରଣ ଦିନର ଚନ୍ଦନଯାତ୍ରା ନୀତି ନିର୍ଘଣ୍ଟ ଅନୁଯାୟୀ ଶ୍ରୀମନ୍ଦିର ଦ୍ୱାରଫିଟା ଭୋର ୪ ଟାରେ ହେବ। ଭିତରଶୋଧ ୪ଟା ୩୦, ମଙ୍ଗଳଆଳତି ୫ଟା, ମଇଲମ ଓ ତଡ଼ପଲାଗି ୫ଟା ୩୦, ଅବକାଶ ସକାଳ ୬ଟା ୧୫, ରୋଷ ହୋମ ୬ଟା ୩୦, ସୂର୍ଯ୍ୟପୂଜା ୬ଟା ୫୦, ସକାଳ ୭ .୧୦ ଟାରେ ଦ୍ୱାରପାଳ ପୂଜା ଓ ବେଶ ଶେଷ, ଗୋପାଳବଲ୍ଲଭ ଶେଷ ୮ଟା, ସକାଳଧୂପ (କେବଳ କୋଠଭୋଗ) ୮.୩୦ରୁ ପୂର୍ବାହ୍ନ ୧୦ଟା, ଭୋଗମଣ୍ଡପ ୮.୪୦ରୁ ୧୦.୪୦, ମଇଲମ ୧୧ଟା, ଆଳଟଲାଗି ମଧ୍ୟାହ୍ନ ୧୨ଟା, ଚନ୍ଦନଲାଗି ୧୨.୩୦, ବେଶ ଶେଷ ଓ ଦକ୍ଷିଣୀଘର ଭୋଗ ଅପରାହ୍ନ ୧ .୩୦, ଯାତ ଭୋଗ (କେବଳ କୋଠଭୋଗ) ୨ଟାରୁ ୩ଟା, ଚନ୍ଦନକୁ ଦିଅଁ ବିଜେ ୩.୩୦, ବିମାନ ଉଠିବା ୩.୪୫, ମଧ୍ୟାହ୍ନଧୂପ (କେବଳ କୋଠଭୋଗ ) ୪.୦୦ରୁ ୫.୩୦, ୨ୟ ଭୋଗମଣ୍ଡପ ୪.୧୫ ରୁ ସନ୍ଧ୍ୟା ୬.୩୦, ମଇଲମ ଓ ବେଶ ୬.୪୦ରୁ ୭.୨୦, ସନ୍ଧ୍ୟା ଆଳତି ୭.୩୦, ସନ୍ଧ୍ୟାଧୂପ (କେବଳ କୋଠଭୋଗ) ରାତ୍ର ୮.୦୦ରୁ ୯.୩୦, ମଇଲମ ୧୦ଟା, ଆଇଟଲାଗି ୧୦ଟା.୩୦, ପଣାଭୋଗ ରାତି୧୧ଟା, ଚନ୍ଦନ ଠାକୁର ବାହୁଡା ବିଜେ ୧୧ଟା, ପଣାଭୋଗ ୧୧ଟା, ମଇଲମ ଓ ବନ୍ଦନଲାଗି ୧୧.୧୫, ବଡସିଂହାର ବେଶ ୧୨,୦୦, ବଡସିଂହାର ଭୋଗ ୧୨.୩୦ ଏବଂ ରାତ୍ର ପହୁଡ ରାତ୍ର ୧ଟା ସମ୍ପନ୍ନ ହେବ।

ସେହିପରି ଅକ୍ଷୟତୃତୀୟା ଦିନ, ନୀଳାଦ୍ରି ମହୋଦୟ, ନୃସିଂହ ଜନ୍ମ ଏବଂ ଭଉଁରୀ ଯାତ୍ରା ଦିନ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ବିଶେଷ ନୀତିକାନ୍ତି ଥିବାରୁ ଉକ୍ତ ଦିନରେ ରାତ୍ର ୩ଟାରୁ ଶ୍ରୀମନ୍ଦିର ଦ୍ୱାର ଖୋଲାଯାଇ ନୀତିକାନ୍ତି ଆରମ୍ଭ ହେବ। ତେବେ ବୈଠକରେ ଶୃଙ୍ଖଳିତ ନୀତି ପାଇଁ ଛତିଶା ନିଯୋଗ ପକ୍ଷରୁ ପ୍ରଶାସନକୁ ପ୍ରତିଶ୍ରୁତି ଦିଆଯାଇଥିବା ସେବାୟତମାନେ କହିଛନ୍ତି। ବୈଠକ ନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ବୀର ବିକ୍ରମ ଯାଦବ କହିଛନ୍ତି, ମହାପ୍ରଭୁଙ୍କ ବାହାର ଚନ୍ଦନ ଯାତ୍ରା ନୀତିକୁ ଶୃଙ୍ଖଳିତ କରିବା ପାଇଁ ନୀତି ସବ୍‌କମିଟି ଓ ଛତିଶା ନିଯୋଗ ବୈଠକ ହୋଇଥିଲା। ପ୍ରଥମେ ବୈଠକରେ ନୀତି ନିର୍ଘଣ୍ଟ ଅନୁମୋଦିତ ହେବା ପରେ ଛତିଶା ନିଯୋଗ ବୈଠକରେ ଏହା ଉପରେ ଆଲୋଚନା କରି ନୀତି ନିର୍ଘଣ୍ଟକୁ ଚୂଡ଼ାନ୍ତ କରାଯାଇଥିଲା। ସେହିପରି ଦଶମ ଓ ଦ୍ୱାଦଶ ପରୀକ୍ଷାରେ ୭୦ ଶତକଡାରୁ ଅଧିକ ମାର୍କ ରଖିଥିବା ସେବାୟତ ପିଲାଙ୍କୁ ପୁରସ୍କାର ପ୍ରଦାନ କରାଯାଇଛି। ଦଶମ ଶ୍ରେଣୀ ପରୀକ୍ଷାରେ ସର୍ବାଧିକ ମାର୍କ ରଖିଥିବା ୩ ଛାତ୍ରୀ, ୩ଛାତ୍ରଙ୍କ ସହ ୭୦ ଶତକଡାରୁ ଅଧିକ ରଖିଥବା ୨୦ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ଦିଆଯାଇଥିଲା। ସେହିଭଳି ଦ୍ୱାଦଶ ଶ୍ରେଣୀରେ ୭୦ ଶତକଡାରୁ ଅଧିକ ମାର୍କ ରଖିଥିବା ୧୦ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ବୈଠକରେ ଜିଲାପାଳ ସମର୍ଥ ବର୍ମା, ଏସ୍‌ପି କନୱର ବିଶାଳ ସିଂହ, ଛତିଶା ନିଯୋଗ ନାୟକ ଜନାର୍ଦ୍ଦନ ପାଟଜୋଷୀ ମହାପାତ୍ର, ଭିତରଛୁଙ୍କ ସହ ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀ ଓ ଛତିଶା ନିଯୋଗର ସଦସ୍ୟମାନେ ଉପସ୍ଥିତ ଥିଲେ।



ପୁରୀ ନୀଳାଦ୍ରି ଭକ୍ତ ନିବାସରେ ଅନୁଷ୍ଠିତ ସବ୍ କମିଟି ବୈଠକରେ ଉପସ୍ଥିତ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ଛାତ୍ରୀଛାତ୍ରମାନେ।



## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ

୧୮।୪।୨୦୨୩

| ୪,୯୬,୬୦୬ ଟଙ୍କା | |
|---|---|
| ସୁନା | ମିଳିନାହିଁ |
| ରୁପା | ୬୫ ଗ୍ରାମ୍ |

## ସଂକ୍ଷେପରେ

### ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

କୋଣାର୍କ,୧୮।୪(ଡି.ଏନ୍.ଏ.)- କୋଣାର୍କ-କାକଟପୁର ମୁଖ୍ୟ ରାସ୍ତାର କୁରୁଜଙ୍ଗ ଗ୍ରାମ ନିକଟ ଜାଗେଶ୍ୱରୀ ମନ୍ଦିର ପାଖ ଏକ ଗଛରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ କୋଣାର୍କ ପୋଲିସ ମଙ୍ଗଳବାର ଜବତ କରିଛି। ସେ ହେଲେ ଅସ୍ତରଙ୍ଗ ଥାନା କୁଣ୍ଡେଶ୍ୱର ଗ୍ରାମର ହରିହର ପ୍ରଧାନ। ଏନେଇ ପୋଲିସ ୬/୨୩ରେ ଅପମୃତ୍ୟୁ ମାମଲା ରୁଜୁ କରି ତାଙ୍କ ସ୍ତ୍ରୀଙ୍କୁ ମୃତଦେହ ଦେଇଥିଲେ। ବ୍ୟବଚ୍ଛେଦ ନିମନ୍ତେ ପରିବାର ଲୋକ ପୁରୀ ନେଇଥିବା ଥାନାଧିକାରୀ ସୂଚନା ଦେଇଛନ୍ତି। ମୃତକ ଏକ ମୋଟରସାଇକେଲ (ଓଡି-୧୩-ଏ-୨୧୦୮)ରେ ଆସି ଗଛରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଥିବା ତାଙ୍କ ସ୍ତ୍ରୀ କହିଛନ୍ତି। ତେବେ ଘଟଣାର କିଛି ଦୂରତାରେ ଥିବା ମୋଟରସାଇକେଲରେ ଥିବା କାଗଜପତ୍ରରୁ ହରିହରଙ୍କ ପରିଚୟ ମିଳିଥିବାବେଳେ ପୋଲିସ ପରିବାର ଲୋକଙ୍କୁ ଘଟଣାସ୍ଥଳକୁ ଡକାଇଥିଲା। ଘଟଣାସ୍ଥଳରେ ପହଞ୍ଚି ଘରୋଇ କଳହରୁ ଏପରି ଘଟଣା ଘଟିଥିବା ମୃତକଙ୍କ ସ୍ତ୍ରୀ କହିଥିଲେ।

### ଶ୍ରୀ ଶ୍ରୀ ଆଖଣ୍ଡଳେଶ୍ୱରଙ୍କ ନିକଟରେ ରୁଦ୍ରାଭିଷେକ

ପୁରୀ ଅଫିସ,୧୮।୪- ବିଶ୍ୱକଲ୍ୟାଣ ନିମନ୍ତେ ଶ୍ରୀମନ୍ଦିରସ୍ଥ ମୁକ୍ତିମଣ୍ଡପ ଅଧୀନ ଶାସନ ଦାମୋଦରପୁର ଗ୍ରାମର ଇଷ୍ଟଦେବ ଶ୍ରୀ ଶ୍ରୀ ଆଖଣ୍ଡଳେଶ୍ୱର ମହାଦେବଙ୍କ ନିକଟରେ ରୁଦ୍ରାଭିଷେକ କାର୍ଯ୍ୟ ମହାଜନମାନଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ବରିଷ୍ଠ ମହାଜନ ମହାଦେବ ରଥଙ୍କ ଉଦ୍ୟମରେ ପୁରୀରେ ରହୁଥିବା କେତେଜଣ ମହାଜନ ଗ୍ରାମକୁ ଆସି ଉକ୍ତ କାର୍ଯ୍ୟ କରିଥିଲେ। ମନ୍ଦିରର ବିକାଶ, ଗ୍ରାମର କଲ୍ୟାଣ, କୋଠର ସୁପରିଚାଳନା ଓ ଗ୍ରାମର ଦେବଦେବୀଙ୍କର ସମସ୍ତ ଜମି, ପୋଖରୀ, ଘରବାଡ଼ି ପ୍ରଭୃତିର ସୁରକ୍ଷା ଉପରେ ଉପସ୍ଥିତ ମହାଜନମାନେ ଆଲୋଚନା କରିଥିଲେ। ଉକ୍ତ ଆଲୋଚନରେ ଗତ ଦୁଇବର୍ଷ ମଧ୍ୟରେ କିଛି ଜମି କେତେଜଣ ଲୋକଙ୍କୁ କାର୍ଯ୍ୟରତ କମିଟି ସଂଖ୍ୟାଧିକ ମହାଜନଙ୍କ ଅଗୋଚରରେ ଲିଜରେ ଦେଇଥିବାର ସୂଚନା ପାଇବା ପରେ ଉପସ୍ଥିତ ମହାଜନମାନେ ଆଶ୍ଚର୍ଯ୍ୟ ପ୍ରକଟ କରିବା ସହିତ ଉକ୍ତ ପ୍ରସଙ୍ଗ ଉପରେ ଆଗାମୀ ଦିନରେ ସମସ୍ତଙ୍କ ଉପସ୍ଥିତିରେ ଆଲୋଚନା କରିବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଗ୍ରାମର ବରିଷ୍ଠ ମହାଜନ ମହାଦେବ ରଥ, ସତ୍ୟବ୍ରତ ରଥ, ବିମଳ କୃଷ୍ଣ ମିଶ୍ର, ସୁବ୍ରତ ରଥ, ପ୍ରଭାତ କୁମାର ଷଡଙ୍ଗୀ, ପ୍ରଦୀପ ଷଡଙ୍ଗୀ, ଅଶୋକ ମିଶ୍ର, ମୁକୁନ୍ଦ ପ୍ରସାଦ ମିଶ୍ର, ଜଗନ୍ନାଥ ମିଶ୍ର, ଆଦିତ୍ୟ ପ୍ରସାଦ ମିଶ୍ର, ବସନ୍ତ ମିଶ୍ର ଓ ସୂର୍ଯ୍ୟ ନାରାୟଣ ରଥ ପ୍ରମୁଖ ମହାଜନବୃନ୍ଦ ଯୋଗଦେଇ ଜନକଲ୍ୟାଣ କାର୍ଯ୍ୟକୁ ସମ୍ପାଦନ କରିଥିଲେ। ଯଜ୍ଞ କାର୍ଯ୍ୟ ସୁରୁଖୁରୁ ହୋଇଥିବା ନେଇ ଗ୍ରାମର ସୂର୍ଯ୍ୟ ନାରାୟଣ ରଥ ପ୍ରକାଶ କରିଛନ୍ତି।

### ମାଗଣା ଚକ୍ଷୁ ପରୀକ୍ଷା ସହ ଚଷମା ପ୍ରଦାନ

ପୁରୀ ଅଫିସ,୧୮।୪- କଲ୍ୟାଣୀ ମହିଳା ଆରୋଗ୍ୟ ସମିତି ୱାର୍ଡ ନଂ.୨୨ ତରଫରୁ ସ୍ଥାନୀୟ ସରକାରୀ ବଳଗଣ୍ଡି ଉଚ୍ଚ ବିଦ୍ୟାଳୟ ପରିସରରେ ନିଃଶୁଳ୍କ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଡାକ୍ତର ସୁଶାନ୍ତ ମାଲ ଚକ୍ଷୁ ପରୀକ୍ଷା କରିବା ସହ ଚିକିତ୍ସା ପାଇଁ ପରାମର୍ଶ ଦେଇଛନ୍ତି। ଚକ୍ଷୁ ପରୀକ୍ଷା କରାଯାଇ ମୋତିଆବିନ୍ଦୁ ରୋଗୀଙ୍କ ସମେତ ଚକ୍ଷୁ ସମସ୍ୟା ଥିବା ଛାତ୍ରୀଛାତ୍ରଙ୍କୁ ଚଷମା ଯୋଗାଇ ଦିଆଯାଇଛି। ଶିବିରରେ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ପୁରୀ ବକ୍ସିଂ ଏକାଡେମୀ ପ୍ରତିଷ୍ଠାତା ସୁଦର୍ଶନ ସାହୁ ଅତିଥି ଭାବେ ଯୋଗଦେଇଥିଲେ। ସମିତିର ସଭାନେତ୍ରୀ ଜ୍ୟୋତ୍ସ୍ନା ମହାନ୍ତି, ମମିନା ସିଂହ, ସଂଯୁକ୍ତା ସ୍ୱାଇଁ ,ପୂର୍ଣ୍ଣିମା ସାହୁ, ମାମି କର, ପୂର୍ଣ୍ଣିମା ଦାସ, ପୁରୀ ବକ୍ସିଂ ଏକାଡେମୀର ଦୀପକ ପରିଡା, ଅକ୍ଷୟ ନାୟକ, ଜିତେନ୍ଦ୍ର ମହାନ୍ତି, ଲୋକନାଥ ବେହେରା, ବି.ପ୍ରବୀଣ ରାଓ, ଦୀପଲ ମହାରଣା, ଚନ୍ଦନ ଥାପା, ବର୍ଷା ଜେନା, କବିତା ଗୁରୁ, ରାଖୀ ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଉପକୂଳ ଅଞ୍ଚଳରେ ଗ୍ରୀଷ୍ମପ୍ରବାହ ୪୦ ଡିଗ୍ରୀ ଟପିଲା

କାକଟପୁର,୧୮।୪(ଡି.ଏନ୍.ଏ.)

ଗତ କିଛି ଦିନ ହେବ ରାଜ୍ୟରେ ଅସହ୍ୟ ଗୁଳୁଗୁଳି ସାଙ୍ଗକୁ ପଶ୍ଚିମ ଓଡ଼ିଶା ୪୨ ଡିଗ୍ରୀରୁ ଊର୍ଦ୍ଧ୍ୱ ତାପମାତ୍ରା ଟପିଥିବାବେଳେ ଉପକୂଳ ଅଞ୍ଚଳ ମଧ୍ୟ ଏଥିରୁ ବାଦ୍ ପଡିନି। ପାଣିପାଗ ବିଭାଗ ଆକଳନ ଅନୁଯାୟୀ, ଉପକୂଳ ଅଞ୍ଚଳ କାକଟପୁର ଓ ଅସ୍ତରଙ୍ଗ ଅଞ୍ଚଳରେ ତାପମାତ୍ରା ରେକର୍ଡ ଛୁଇଁଛି। ସକାଳ ୮ଟାରୁ ଅସହ୍ୟ ଗୁଳୁଗୁଳି ଓ ଗରମ ସାଙ୍ଗକୁ ତାପମାତ୍ରା ୪୦ ଡିଗ୍ରୀ ଟପିଥିବାବେଳେ ଗରମ ପବନ ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଇଛି। ସେପଟେ ପ୍ରାଚୀ ନଦୀ ଶୁଷ୍କ ପଡିଥିବାବେଳେ ଗୃହପାଳିତ ପଶୁମାନେ ପାଣି ନ ପାଇ ଡହଳବିକଳ ହେଉଛନ୍ତି। ମା' ମଙ୍ଗଳା ମନ୍ଦିରକୁ ଆସୁଥିବା ଭକ୍ତ ଓ ଯାତ୍ରୀମାନେ ଆବଶ୍ୟକ ଜଳଉତ୍ସ ନ ଥିବାରୁ ପାର୍କିଂଠାରୁ ମନ୍ଦିର ପର୍ଯ୍ୟନ୍ତ ପିଇବା ପାଣି ପାଇଁ ହନ୍ତସନ୍ତ ହେଉଛନ୍ତି। ଯଦିଓ ଦୁଇ ଦୁଇଟା ଟ୍ୟୁବ୍‌ୱେଲ ଅଛି, ତାହା ଯାତ୍ରୀଙ୍କ ପାଇଁ ପର୍ଯ୍ୟାପ୍ତ ହେଉନାହିଁ। କାକଟପୁର ବଜାରଠାରୁ ୨ କିଲୋମିଟର ମଧ୍ୟରେ ଜଳଛତ୍ର କିମ୍ବା ଥଣ୍ଡା ପାନୀୟଜଳ ବ୍ୟବସ୍ଥା ବିଭାଗ ପକ୍ଷରୁ କରାଯାଇ ନ ଥିବାବେଳେ ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପୁରୀ ଜିଲାପାଳ ଓ ସ୍ଥାନୀୟ ପ୍ରଶାସନ ଏ ଦିଗରେ ବିହିତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।



ବଡ଼ଦାଣ୍ଡସ୍ଥିତ ଗୋଏଙ୍କା ଧର୍ମଶାଳାରେ ମଙ୍ଗଳବାର ପୁରୀ ଗ୍ରାମ ପଞ୍ଚାୟତ କର୍ମଚାରୀ ସଂଘର ୪ର୍ଥ ଶ୍ରେଣୀ କର୍ମଚାରୀଙ୍କ ସମ୍ମିଳନୀରେ ଉପସ୍ଥିତ ସଦସ୍ୟ।

## ଶିବିରରୁ ୧୮୭ ୟୁନିଟ୍ ରକ୍ତ ସଂଗ୍ରହ

କାକଟପୁର,୧୮।୪(ଡି.ଏନ୍.ଏ.)

ଓଡ଼ିଶାର ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସ ଅବସରରେ ବିଜେଡି ଓ ଓଡ଼ିଶା ମୋ ପରିବାର ଆନୁକୂଲ୍ୟରେ ସୋମବାର ଦେଉଳି ମଠଠାରେ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। କାକଟପୁର ବିଧାୟକ ତଥା ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହିତ ଦେଉଳି ମଠଠାରେ ରକ୍ତଦାନ ଶିବିରକୁ ଉଦ୍‌ଘାଟନ କରିଥିଲେ। ପ୍ରଥମେ ମନ୍ତ୍ରୀ ବେହେରା ରକ୍ତଦାନ କରି ଅନ୍ୟ ସମସ୍ତଙ୍କୁ ଏଥିପ୍ରତି ଆହ୍ୱାନ ଦେଇଥିଲେ। ଶିବିରରେ ନିର୍ବାଚନମଣ୍ଡଳୀରୁ ୧୮୭ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଶିବିରରେ ପୁରୀ ଜିଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ ନାୟକ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ଜ୍ୟୋତିର୍ମୟ ଦଳାଇ, ବିଜେଡି ବ୍ଲକ ସଭାପତି ପ୍ରାଣକୃଷ୍ଣ ମଲ୍ଲିକ, ଏମ୍‌ପିଙ୍କ ପ୍ରତିନିଧି ଜ୍ଞାନରଞ୍ଜନ ସାହୁ ଓ କବିରାଜ ବିଶ୍ୱାଳ, ସରପଞ୍ଚ ଅଭୟ ସେଠୀ, ଯୁବନେତା ବିଶ୍ୱଜିତ୍ ଦାଶ, ହିମାଂଶୁ ଭୂଷଣ ଦୀକ୍ଷିତ, ଶିବ ଚରଣ ପାତ୍ରଙ୍କ ସମେତ ଶତାଧିକ ବିଜୁ ଯୁବ ଓ ଛାତ୍ର ଜନତା କର୍ମୀ ଯୋଗ ଦେଇଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଓଡ଼ିଶାର ବିଭିନ୍ନ ସ୍ଥାନରେ ରକ୍ତଦାନ, ସଫେଇ ଓ ସେବା କାର୍ଯ୍ୟ କରିବାକୁ ଦଳ ପକ୍ଷରୁ ନିର୍ଦ୍ଦେଶ ହୋଇଥିଲା।

## କାକଟପୁରର ଝିଅ ଦୀପା ହେବେ ମୁଖ୍ୟ ନାୟିକା

ରଜତରେ ରୁପେଲି ପରଦାକୁ ଆସିବ 'ଆପଣମାନେ ଖୁସି ତ'

କାକଟପୁର,୧୮।୪(ଡି.ଏନ୍.ଏ.)

ଡୋଙ୍ଗିଂ ପ୍ରଡକ୍ସନ୍ ହାଉସ୍ ପକ୍ଷରୁ ଲୋକପ୍ରିୟ ୟୁଟ୍ୟୁବର୍‌ମାନଙ୍କୁ ନେଇ ରଜତରେ ନୂଆ ଓଡ଼ିଆ ସିନେମା 'ଆପଣମାନେ ଖୁସି ତ' ଆସିବାକୁ ଯାଉଛି। ଏଥିରେ ନିର୍ଦ୍ଦେଶକ ରମେଶ ରାଉତ ନିର୍ଦ୍ଦେଶନା ଦେବେ। ଏ ନେଇ ସୋମବାର ଭୁବନେଶ୍ୱର ୟୁନିଟ୍-୯ସ୍ଥିତ ରୋଟାରି ଭବନଠାରେ ଚଳଚ୍ଚିତ୍ର ପ୍ରଯୋଜକ ନନ୍ଦିକି ଗଙ୍ଗାଧର ରେଡ୍ଡୀ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏହି ସିନେମା ପାଇଁ ସମସ୍ତ କଳାକାର ଚୟନ ହୋଇ ସାରିଥିଲେ ସୁଦ୍ଧା ପ୍ରଯୋଜନା ସଂସ୍ଥା ମୁଖ୍ୟ ନାୟିକାଙ୍କ ଅନୁସନ୍ଧାନରେ ଥିଲା। ସେଥିପାଇଁ କାକଟପୁର ବ୍ଲକ କାହାଳ ଗ୍ରାମର ରମେଶ ମିଶ୍ରଙ୍କ ଝିଅ ଦୀପା ମିଶ୍ରଙ୍କୁ ଚୟନ କରାଯାଇଛି। ସମ୍ମିଳନୀରେ ଦୀପା ମିଶ୍ରଙ୍କୁ ସୁଯୋଗ ଦେବାକୁ କଥା ଉଠିଥିଲା। ଏଥିରେ ନିର୍ଦ୍ଦେଶକ ଓ ପ୍ରଯୋଜକ ପ୍ରସଙ୍ଗକୁ ଗୁରୁତର ନେଇ ଦୀପାଙ୍କର ଅନ୍ ସ୍କଟ୍ ଅଡିସନ ନେଇଥିଲେ ଏବଂ ସେଠାରେ ହିଁ ତାଙ୍କୁ ସିନେମାର ହିରୋଇନ ଭାବେ ଚୟନ କରିଥିଲେ। ଦୀପା ବର୍ତ୍ତମାନ କାକଟପୁର ମା' ମଙ୍ଗଳା ମହାବିଦ୍ୟାଳୟର ଯୁକ୍ତ ୨ ଛାତ୍ରୀ। ସିନେମାରେ ଦୀପାଙ୍କ ସହ ମୁଖ୍ୟ ଭୂମିକାରେ ମହାପ୍ରସାଦ କର ଅଭିନୟ କରୁଥିବାବେଳେ ବର୍ଷିଆନ୍ ଅଭିନେତା ପ୍ରଦ୍ୟୁମ୍ନ ଲେଙ୍କା, ଜୀବନ ପଣ୍ଡା, ଚୌଧୁରୀ ବିକାଶ ଦାସ, ଅଭିନେତ୍ରୀ ଐଶ୍ୱର୍ଯ୍ୟା ବେହେରା, ଲୋକପ୍ରିୟ ୟୁଟ୍ୟୁବର ନଟିଆ ଓରଫ ସ୍ମୃତି, ସନିଲ୍ ପାଶା ଓ ସନ୍ତୁ ପ୍ରମୁଖ ଏହି ସିନେମାରେ ଅଭିନୟ କରୁଛନ୍ତି। ସିନେମାରେ ମୋଟ ୪ଟି ସଙ୍ଗୀତ ରହିଥିବାବେଳେ ଅଭିଜିତ ମଜୁମଦାର ଏଥିରେ ସଙ୍ଗୀତ ନିର୍ଦ୍ଦେଶନା ଦେଉଥିବା ନେଇ କାର୍ଯ୍ୟକାରୀ ପ୍ରଯୋଜକ ଧୃତିସୁନ୍ଦର ପାଢ଼ୀ କହିଛନ୍ତି। ସେହିପରି ମାନସ ମଲ୍ଲିକଙ୍କ ରଚିତ ଏହି ସିନେମାଟି ସମ୍ପୂର୍ଣ୍ଣ ମୌଳିକ କାହାଣୀ ଉପରେ ଆଧାରିତ ବୋଲି ସିନେମାର ପ୍ରଚାର ପ୍ରସାର ମୁଖ୍ୟ ଜୟ ସାମନ୍ତ ସୂଚନା ଦେଇଛନ୍ତି।



## ସନ୍ତୁଳିତ ଖାଦ୍ୟ ମନୁଷ୍ୟକୁ ଦୀର୍ଘାୟୁ କରେ

ପୁରୀ ଅଫିସ,୧୮।୪

ଭାରତର ଜି-୨୦ ଅଧ୍ୟକ୍ଷତା ଅଧୀନରେ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ସଦାଶିବ ପରିସର ତରଫରୁ ଆଧୁନିକ ବିଭାଗ ଆନୁକୂଲ୍ୟରେ ପରିସରର ନିର୍ଦ୍ଦେଶକ ପ୍ରଫେସର ଅତୁଲ କୁମାର ନନ୍ଦଙ୍କ ସଭାପତିତ୍ୱରେ ଏକ ସ୍ୱାସ୍ଥ୍ୟଭିତ୍ତିକ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ସୁଜାତା ମିଶ୍ର ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥିମାନଙ୍କ ମଧ୍ୟରେ ବିଶିଷ୍ଟ ମଧୁମେହ ବିଶେଷଜ୍ଞ ଡା. ହରିବଲ୍ଲଭ ମହାପାତ୍ର, ବରିଷ୍ଠ ଭେଷଜ ବିଶେଷଜ୍ଞ ଡା. ସନ୍ତୋଷ ମିଶ୍ର ଏବଂ ବିଶିଷ୍ଟ ଫିଜିଓଥେରାପିଷ୍ଟ ଡା. ରାଧେଶ୍ୟାମ ରଥ ଯୋଗଦେଇ ଅଧ୍ୟାପକ ଅଧ୍ୟାପିକାମାନଙ୍କ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ତ ପ୍ରଶ୍ନର ଉତ୍ତର ଦେବା ସହ ସୁଚିନ୍ତିତ ପରାମର୍ଶ ଦେଇଥିଲେ। ସନ୍ତୁଳିତ ଖାଦ୍ୟ ହିଁ ମନୁଷ୍ୟକୁ ଦୀର୍ଘାୟୁ କରେ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ରୂପେ ଆଧୁନିକ ବିଭାଗର ମୁଖ୍ୟ ଦୁର୍ଗାପ୍ରସାଦ ଦାସ ମହାପାତ୍ର ଯୋଗଦେଇଥିଲେ। ଜି -୨୦ର ନୋଡାଲ ଅଫିସର ଅଧ୍ୟାପକ ବିଶ୍ୱନାଥ ମିଶ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବାବେଳେ ଅଧ୍ୟାପିକା ଡ. ସ୍ୱାଗତିକା ମହାନ୍ତି ଧନ୍ୟବାଦ ଦେଇଥିଲେ। ଆଧୁନିକ ବିଭାଗର ଅଧ୍ୟାପକ ସୁଶାନ୍ତ ଶତପଥୀ, ଡ. ରୁଦ୍ରପ୍ରସାଦ ମିଶ୍ର, ଡ. ଶକ୍ତିପ୍ରସାଦ ଦ୍ୱିବେଦୀ, ଅଧ୍ୟାପିକା ପଦ୍ମଜା ଶତପଥୀ, ମଧୁସ୍ମିତା ମିଶ୍ର ସହଯୋଗ କରିଥିଲେ।

## ଅନଶନରେ ବସିଲେ ୱାର୍ଡ ସଭ୍ୟାସଭ୍ୟ

ବିନା ନୋଟିସ୍‌ରେ ଗ୍ରାମସଭା

ଡେଲାଙ୍ଗ,୧୮।୪(ଡି.ଏନ୍.ଏ.)

ଗ୍ରାମରେ ଗ୍ରାମସଭା ପୂର୍ବରୁ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ନୋଟିସ ଓ ଡାକବାଜି ଯନ୍ତ୍ର ମାଧ୍ୟମରେ ପ୍ରଚାର କରାଯାଏ। ହେଲେ ଡେଲାଙ୍ଗ ବ୍ଲକ ଅଧୀନ ଶ୍ରୀପୁରୁଷୋତ୍ତମପୁର ପଞ୍ଚାୟତରେ ଜନସାଧରଣଙ୍କୁ ଅବଗତ ନ କରାଇ ମଙ୍ଗଳବାର ଏକ ଗ୍ରାମସଭା ଅନୁଷ୍ଠିତ ହୋଇଥିଲା। ଏହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନା ମୁତାବକ, ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଗ୍ରାମସଭା ପାଇଁ ପଞ୍ଚାୟତବାସୀ ଓ କେତେକ ୱାର୍ଡ ସଭ୍ୟାସଭ୍ୟଙ୍କୁ କୌଣସି ପ୍ରକାର ଅବଗତ କରାଯାଇ ନ ଥିଲା। ଏନେଇ ଅସହ୍ୟ ଗୁଳୁଗୁଳିରେ ୱାର୍ଡ ସଭ୍ୟା ବିଷ୍ଣୁପ୍ରିୟା ମିଶ୍ର, ମାନସୀ ମହାପାତ୍ର, ୱାର୍ଡ ସଭ୍ୟ ବାସୁଦେବ ସେଠୀ, ସାମାଜିକ କର୍ମୀ ନିତ୍ୟାନନ୍ଦ ପ୍ରଧାନଙ୍କ ସମେତ ଅନ୍ୟ ଗ୍ରାମବାସୀ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ସହିତ ଅନଶନ କରିଥିଲେ। ଏ ସମ୍ପର୍କରେ ମଣ୍ଡଳ ଉନ୍ନୟନ ଅଧିକାରୀ ଲାବଣ୍ୟେନ୍ଦୁ ମହାନ୍ତି ଅବଗତ ହେବା ପରେ ବୁଧବାର ସରପଞ୍ଚ ଓ ପିଇଓଙ୍କ ସହିତ ଆଲୋଚନା କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ପ୍ରତିଶ୍ରୁତି ଦେବାରୁ ଅନଶନ ହଟିଥିଲା। ଅନ୍ୟମାନଙ୍କ ମଧ୍ୟରେ ଲକ୍ଷ୍ମୀଧର ମିଶ୍ର, ସର୍ବେଶ୍ୱର ବରାଳ, ପ୍ରେମରଞ୍ଜନ ସ୍ୱାଇଁ, ରବୀନ୍ଦ୍ର ଭୋଇ, ସନ୍ତୋଷ ନାୟକ ପ୍ରମୁଖ ଅନଶନରେ ସାମିଲ ଥିଲେ।



ଶ୍ରୀପୁରୁଷୋତ୍ତମପୁର ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ୱାର୍ଡସଭ୍ୟା ସଭ୍ୟ ଅନଶନ କରିଛନ୍ତି।

## ୨ ଅଟୋ ଧକ୍କା, ମହିଳା ସ୍ୱାସ୍ଥ୍ୟକର୍ମୀ ମୃତ

■ ଶିକ୍ଷୟିତ୍ରୀଙ୍କ ସମେତ ୮ ଗୁରୁତର

■ ବିଳମ୍ବରେ ଆମ୍ବୁଲାନ୍ସ ପହଞ୍ଚିବା ନେଇ ହୋହଲ୍ଲା

ସାକ୍ଷୀଗୋପାଳ, ୧୮।୪(ସ୍ୱ.ପ୍ର./ଡି.ଏନ୍.ଏ.)

ସତ୍ୟବାଦୀ ଥାନା ଅନ୍ତର୍ଗତ ସାକ୍ଷୀଗୋପାଳ- ଅଳଗୁମ ରାସ୍ତାର ନହଳା ଛକ ନିକଟରେ ମଙ୍ଗଳବାର ପୂର୍ବାହ୍ନ ୧୧ଟା ୩୦ରେ ୨ ଅଟୋ ମଧ୍ୟରେ ଧକ୍କା ହେବାରୁ ଜଣେ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଅଳଗୁମ ଡାକ୍ତରଖାନାରେ କାର୍ଯ୍ୟରତ ଏଏନ୍‌ଏମ୍ ପ୍ରଭାସିନୀ ପ୍ରଧାନ (୫୪)। ସଦର ଥାନା ଅନ୍ତର୍ଗତ ଗୋପୀନାଥପୁର ଗ୍ରାମରେ ତାଙ୍କ ଘର। ଅପରପକ୍ଷେ ଦୁର୍ଘଟଣାରେ ଶିକ୍ଷୟିତ୍ରୀଙ୍କ ସମେତ ୮ଜଣ ଗୁରୁତର ହୋଇଛନ୍ତି। ତେବେ ସ୍ଥାନୀୟ ଲୋକେ ଆମ୍ବୁଲାନ୍ସକୁ ଫୋନ କରିବାବେଳେ ବିଳମ୍ବରେ ପହଞ୍ଚିବାରୁ କିଛି ସମୟ ହୋହଲ୍ଲା ହୋଇଥିଲା। ଖବରପାଇ ସତ୍ୟବାଦୀ ଥାନା ପୋଲିସ ପହଞ୍ଚି ଗୁରୁତରଙ୍କୁ ଚିକିତ୍ସା ପାଇଁ ପଠାଇବା ସହ ସ୍ଥାନୀୟ ଲୋକଙ୍କୁ ବୁଝାଶୁଝା କରିଥିଲା। ପରେ ଦୁର୍ଘଟଣାଗ୍ରସ୍ତ ଦୁଇଟି ଅଟୋକୁ ଜବତ କରି ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

ସୂଚନା ଅନୁଯାୟୀ, ଅଳଗୁମରୁ ଯାତ୍ରୀଙ୍କୁ ନେଇ ଓଡି୧୩ ଏଫ ୩୧୬୬ ନଂ.ବିଶିଷ୍ଟ ଅଟୋ ସାକ୍ଷୀଗୋପାଳ ଆସୁଥିଲା। ଅପରପକ୍ଷେ ଓଡି୧୩ ଏମ୍ ୮୩୫୬ ନଂ. ବିଶିଷ୍ଟ ଡାଲା ଅଟୋଟି ଅଳଗୁମ ପଟେ ଯାଉଥିଲା। ତେବେ ନହଳା ଛକ ନିକଟରେ ଏକ ଟର୍ଣ୍ଣି ପଏଣ୍ଟରେ ବୁଲାଇବା ବେଳେ ଯାତ୍ରୀବାହୀ ଅଟୋ ଡାଲା ଅଟୋର ପଛ ସହ ଧକ୍କା ହୋଇଯାଇଥିଲା। ଫଳରେ ଯାତ୍ରୀ ସ୍ୱାସ୍ଥ୍ୟକର୍ମୀ ପ୍ରଭାସିନୀ ଆଗରେ ବସିଥିବାରୁ ଡାଲା ଅଟୋ ସହ ଧକ୍କା ହୋଇ ଘୋଷାଡ଼ି ହୋଇ ତଳେ ପଡ଼ିଯିବାରୁ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଦୁର୍ଘଟଣାରେ ମଧୁବନ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ସୁଷମାରାଣୀ ସ୍ୱାଇଁ, ସୁଦର୍ଶନ ସାଥୁଆ, ବସନ୍ତ ମାଳ, କମଳାକାନ୍ତ ମହାପାତ୍ର, ଗୁଣନିଧି ବରାଳ, ଲଳିତା ବରାଳ, ସସ୍ମିତା ପାଲ, ରଶ୍ମିତା ପାଲ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ଆହତମାନଙ୍କୁ ଉଦ୍ଧାର କରି ପୋଲିସ, ଦମକଳ ବାହିନୀ ଓ ଆମ୍ବୁଲାନ୍ସକୁ ଖବର ଦେଇଥିଲେ। କିନ୍ତୁ ଆମ୍ବୁଲାନ୍ସ ଏକ ଘଣ୍ଟା ବିଳମ୍ବରେ ପହଞ୍ଚି ଥିବାରୁ ଲୋକେ ରାସ୍ତା ଅବରୋଧ କରିଥିଲେ। ପରେ ଆମ୍ବୁଲାନ୍ସ ସହ ଦମକଳ ବାହିନୀ ଓ ଥାନା ଅଧିକାରୀ ପହଞ୍ଚି ଆହତମାନଙ୍କୁ ଆମ୍ବୁଲାନ୍ସ ଯୋଗେ ଡାକ୍ତରଖାନା ପଠାଇଥିବା ବେଳେ ମୃତା ପ୍ରଭାସିନୀଙ୍କୁ ସାକ୍ଷୀଗୋପାଳ ଡାକ୍ତରଖାନା ନିଆଯାଇଥିଲା। ଅନ୍ୟପଟେ କେତେଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ପରେ ସତ୍ୟବାଦୀ ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁନୀଲ ପଣ୍ଡା ସାକ୍ଷୀଗୋପାଳ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଆହତଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହ ମୃତାଙ୍କ ପରିବାର ବର୍ଗଙ୍କୁ ସାନ୍ତ୍ୱନା ଦେଇଥିଲେ।



ଅଳଗୁମ ରାସ୍ତାର ନହଳା ଛକରେ ଦୁର୍ଘଟଣା ପରେ ଗ୍ରାମବାସୀଙ୍କ ରାସ୍ତା ଅବରୋଧ।



ସ୍ୱାସ୍ଥ୍ୟକର୍ମୀ ପ୍ରଭାସିନୀ ପ୍ରଧାନ।

### ଦୁର୍ଘଟଣାପ୍ରବଣ ସାକ୍ଷୀଗୋପାଳ-ଅଳଗୁମ ରାସ୍ତା

ନୂତନ ରାସ୍ତାଟି ପୂର୍ବ ରାସ୍ତା ଅପେକ୍ଷା ଏବେ ଅଧିକ ଓସାରିଆ ହୋଇଛି। ଏଥିସହ ସେଠାରେ ଏକ ଟର୍ଣ୍ଣି ପଏଣ୍ଟ ରହିଛି। ମାତ୍ର ଏହି ସ୍ଥାନରେ ବିଭାଗ ପକ୍ଷରୁ କୌଣସି ସତର୍କତାପୂର୍ଣ୍ଣ ବୋର୍ଡ ଲଗାଯାଇନି କି ସୂଚନା ଦିଆଯାଇ ନାହିଁ। ତେଣୁ ଏହି ରାସ୍ତାରେ ଅଟୋ, ବଡ଼ ଗାଡ଼ି ଯାତାୟାତ ହେଉଥିବା ବେଳେ ଦୈନନ୍ଦିନ ଅନେକ ଛୋଟବଡ଼ ଦୁର୍ଘଟଣା ଘଟି ଅନେକେ ମୃତାହତ ହେବା ସହ ଗୁରୁତର ହେଉଛନ୍ତି। ଏ ନେଇ ଅଞ୍ଚଳବାସୀମାନେ ଶୀଘ୍ର ରାସ୍ତାରେ ଏହି ଗୁରୁତ୍ୱପୂର୍ଣ୍ଣ ସୂଚନା ଲଗାଯିବା ପାଇଁ ଦାବି କରିଛନ୍ତି।

# ୪୨.୭ ଡିଗ୍ରୀରେ ଭୁବନେଶ୍ୱର

## ଅସହ୍ୟ ଗରମକୁ ଗୁଳୁଗୁଳିରେ ସହରବାସୀ ଛଟପଟ | ସଚେତନ, ସତର୍କ ରହିବାକୁ ପରାମର୍ଶ ଦେଲା ବିଏମ୍‌ସି

ଭୁବନେଶ୍ୱର, ୧୮।୪(ବ୍ୟୁରୋ)

ରାଜ୍ୟରେ ଗ୍ରୀଷ୍ମ ପ୍ରକୋପ ଜାରି ରହିଥିବାବେଳେ ରାଜଧାନୀ ଭୁବନେଶ୍ୱରରେ ପାରଦ ୪୨ ଡିଗ୍ରୀ ପାର୍ କରିଛି। ମଙ୍ଗଳବାର ସହରର ସର୍ବାଧିକ ତାପମାତ୍ରା ୪୨.୭ ଡିଗ୍ରୀ ଛୁଇଁଥିଲା। ଫଳରେ ସକାଳୁ ରାତି ଅସହ୍ୟ ଗରମ ଓ ଗୁଳୁଗୁଳିରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଥିଲା। ସକାଳ ୮ଟାରୁ ଟାଇଁ ଟାଇଁ ଖରା ଦେହମୁହଁକୁ ପୋଡ଼ି ଦେଇଥିଲା। ଦେହରୁ ଗମ୍ ଗମ୍ ଝାଳ ବୋହିବା ସହ ମଧ୍ୟାହ୍ନରେ ଗରମ ପବନ ଜୀବନଯାତ୍ରାକୁ ବ୍ୟାହତ କରିଥିଲା। ସନ୍ଧ୍ୟା ପର୍ଯ୍ୟନ୍ତ ସହରରେ ଗରମ ଅନୁଭବ କରିଥିଲେ ରାଜଧାନୀବାସୀ। ତେବେ ଏପରି ସ୍ଥିତିକୁ ଦୃଷ୍ଟିରେ ରଖି ବିଏମ୍‌ସି ପକ୍ଷରୁ ରାଜଧାନୀବାସୀଙ୍କ ପାଇଁ ସତର୍କସୂଚନା ଜାରି କରାଯାଇଛି। ଅତି ଜରୁରୀ କାମ ନ ଥିଲେ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଘରୁ ନ ବାହାରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଏହି ସମୟରେ ଘରୁ ବାହାରିଲେ ହାଲୁକା ରଙ୍ଗର ସୂତା ପୋଷାକ ପରିଧାନ କରିବା, ସାଙ୍ଗରେ ପାଣି ବୋତଲ, କଳା ଚଷମା, ଛତା କିମ୍ବା କ୍ୟାପ୍ ପିନ୍ଧିବା ପାଇଁ କୁହାଯାଇଛି।



ଯେଉଁମାନେ ବାହାରେ କାମ କରୁଛନ୍ତି ଛତା, ଟୋପି କିମ୍ବା ମୁଣ୍ଡ, ବେକ, ମୁହଁ ଏବଂ ଅଙ୍ଗପ୍ରତ୍ୟେଙ୍ଗକୁ ଓଦା କପଡାରେ ପୋଛିବା ଆବଶ୍ୟକ। ଏହାବ୍ୟତୀତ ଖରା ସମୟରେ ପ୍ରଚୁର ପାଣି ଯେପରିକି ଓଆର୍‌ଏସ୍ ପାଣି, ଘରେ ପ୍ରସ୍ତୁତ ଲସି, ତୋରାଣି, ଲେମ୍ବୁପାଣି, ବଟରମିଲ୍କ ସହିତ ତରଭୁଜ, କାକୁଡି ଭଳି ଜଳୀୟ ଅଂଶ ଥିବା ଖାଦ୍ୟ ଖାଇବା ଆବଶ୍ୟକ। ଅନ୍ୟପକ୍ଷରେ ଘରେ ରଖିଥିବା ପୋଷା ଜୀବଜନ୍ତୁଙ୍କୁ ସେଡ୍ ବା ସେମାନଙ୍କ ପାଇଁ ଉଦ୍ଦିଷ୍ଟ ଘରେ ରଖିବା ସହ ଆବଶ୍ୟକ ପାନୀୟ ବ୍ୟବସ୍ଥା କରିବା ପାଇଁ ସଚେତନ କରାଯାଇଛି। ଏଥିସହ ଦେହ ଦୁର୍ବଳ କିମ୍ବା ଅସୁସ୍ଥ ଲାଗିଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା କିମ୍ବା ୧୯୨୯କୁ କଲ୍ କରିବା ପାଇଁ ବିଏମ୍‌ସି ପକ୍ଷରୁ ପରାମର୍ଶ ଦିଆଯାଇଛି।

# ହଷ୍ଟେଲରୁ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ମିଳିଲା

ଭୁବନେଶ୍ୱର (ବ୍ୟୁରୋ)/ବାରଙ୍ଗ ୧୮।୪ (ଡି.ଏନ୍.ଏ.)

ଭୁବନେଶ୍ୱରର ଚନ୍ଦକା ଥାନା ଅନ୍ତର୍ଗତ ଗୋଠପାଟଣା ଅଞ୍ଚଳରେ ଥିବା ଏକ ଘରୋଇ ବିଶ୍ୱବିଦ୍ୟାଳୟ ହଷ୍ଟେଲରେ ଜଣେ ଛାତ୍ରୀଙ୍କ ସନ୍ଦେହଜନକ ଅବସ୍ଥାରେ ମୃତ୍ୟୁ ଘଟିଛି। ସେ ହେଲେ କେନ୍ଦୁଝରର ଅର୍ଚ୍ଚନା ଦାଶ (୨୪)। ସେ ଏଠାରେ ବିଏସ୍‌ସି ଡାଟା ସାଇନ୍ସ ବିଭାଗର ଦ୍ୱିତୀୟ ବର୍ଷର ଛାତ୍ରୀ ଥିଲେ। ସୋମବାର ତାଙ୍କ ମୃତଦେହଟି ଫ୍ୟାନ୍‌ରେ ଶାଢ଼ି ଦ୍ୱାରା ଝୁଲୁଥିଲା। ସହପାଠିନୀମାନେ ତାଙ୍କୁ ଉଦ୍ଧାର କରି ଏକ ଘରୋଇ ହସ୍ପିଟାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପୋଲିସ ଉକ୍ତ ହସ୍ପିଟାଲରୁ ମୃତଦେହକୁ ଜବତ କରି କ୍ୟାପିଟାଲ ହସ୍ପିଟାଲ ପଠାଇଥିଲା। ମଙ୍ଗଳବାର ପରିବାର ଲୋକଙ୍କ ଉପସ୍ଥିତିରେ ମୃତଦେହକୁ ବ୍ୟବଚ୍ଛେଦ କରାଯାଇଛି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୨୬/୨୦୨୩) ରୁଜୁ କରି ତଦନ୍ତ ଚଳାଇଛି। ଅପରପକ୍ଷରେ ଉକ୍ତ ହଷ୍ଟେଲ ରୁମ୍‌ରେ ପୋଲିସ ଉପସ୍ଥିତିରେ ସାଇଣ୍ଟିଫିକ୍ ଟିମ୍ ନମୁନା ସଂଗ୍ରହ କରିଛି। ଥାନାଧିକାରୀ ରାଧାକାନ୍ତ ସାହୁ କହିଛନ୍ତି, ସମସ୍ତଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଉ ବୋଲି ପରିବାର ଲୋକ ଦାବି କରିଛନ୍ତି। ପ୍ରାଥମିକ ତଦନ୍ତରୁ ଏହା ଏକ ଆତ୍ମହତ୍ୟା ବୋଲି ଜଣାପଡ଼ିଥିବାବେଳେ ଅଧିକ ସ୍ପଷ୍ଟ ହେବା ପାଇଁ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରାଯାଇଛି। ଏନେଇ ସମସ୍ତଙ୍କୁ ପଚରାଉଚରା କରାଯାଉଛି ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଅର୍ଚ୍ଚନାଙ୍କ ବଡ଼ବାପା ଗଣମାଧ୍ୟମ ଆଗରେ ଭିନ୍ନ କଥା କହିଛନ୍ତି। ଅର୍ଚ୍ଚନାଙ୍କ ମୃତ୍ୟୁ ପାଇଁ ଉକ୍ତ କଲେଜର ଛାତ୍ର ଥିବା ତାଙ୍କ ପୁରୁଷବନ୍ଧୁ ହିଁ ଦାୟୀ। ପୁରୁଷବନ୍ଧୁଙ୍କ ନିର୍ଯାତନାରୁ ଝିଅ ଏଭଳି ଚରମ ନିଷ୍ପତ୍ତି ନେଇଥିବା ସେ କହିଛନ୍ତି। ସୂଚନା ଅନୁଯାୟୀ, ଅର୍ଚ୍ଚନା କିଛିଦିନ ହେବ ଘରକୁ ଯାଇଥିଲେ। ରବିବାର ସେ ତାଙ୍କ ମା' ଓ ସାନ ଭଉଣୀ ସହ ହଷ୍ଟେଲକୁ ଫେରିଥିଲେ। ସୋମବାର ଅର୍ଚ୍ଚନା ପରୀକ୍ଷା ସାରି ହଷ୍ଟେଲକୁ ଆସିଥିଲେ। ଅପରାହ୍ନରେ ଦୀର୍ଘ ସମୟ ପର୍ଯ୍ୟନ୍ତ ତାଙ୍କ ରୁମ୍‌ର କବାଟ ଖୋଲା ନ ହେବାରୁ ସହପାଠୀମାନେ ସନ୍ଦେହ କରିଥିଲେ। ସେମାନେ ପୋଲିସକୁ ଖବର ଦେବା ସହ ତାଲା ଭାଙ୍ଗି ଦେଖିବା ପରେ ଅର୍ଚ୍ଚନା ଆତ୍ମହତ୍ୟା କରିଥିବା ଜଣାପଡ଼ିଥିଲା।

### ଆତ୍ମହତ୍ୟା ସନ୍ଦେହ, ପୁରୁଷବନ୍ଧୁଙ୍କୁ ଦାୟୀ କଲେ ପରିବାର ଲୋକେ



ଅର୍ଚ୍ଚନା ଦାଶ

## ସଂକ୍ଷେପରେ

### 'ଆପଣମାନେ ଖୁସି ତ' ଚଳଚ୍ଚିତ୍ରରେ ଦୀପା ହେବେ ମୁଖ୍ୟ ନାୟିକା



କାକଟପୁର,୧୮।୪(ଡି.ଏନ୍.ଏ.): ଡୋଙ୍ଗିଂ ପ୍ରଡକ୍ସନ୍ ହାଉସ୍ ପକ୍ଷରୁ ଲୋକପ୍ରିୟ ୟୁଟ୍ୟୁବର୍‌ମାନଙ୍କୁ ନେଇ ରଜରେ ନୂଆ ଓଡ଼ିଆ ସିନେମା 'ଆପଣମାନେ ଖୁସି ତ' ଆସିବାକୁ ଯାଉଛି। ଏଥିରେ ନିର୍ଦ୍ଦେଶକ ରମେଶ ରାଉତ ନିର୍ଦ୍ଦେଶନା ଦେବେ। ଏ ନେଇ ସୋମବାର ଭୁବନେଶ୍ୱର ୟୁନିଟ୍-୯ସ୍ଥିତ ରୋଟାରି ଭବନଠାରେ ଚଳଚ୍ଚିତ୍ର ପ୍ରଯୋଜକ ନନ୍ଦିକି ଗଙ୍ଗାଧର ରେଡ୍ଡୀ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏହି ସିନେମା ପାଇଁ ସମସ୍ତ କଳାକାର ଚୟନ ହୋଇ ସାରିଥିଲେ ସୁଦ୍ଧା ପ୍ରଯୋଜନା ସଂସ୍ଥା ମୁଖ୍ୟ ନାୟିକାଙ୍କ ଅନୁସନ୍ଧାନରେ ଥିଲା। ସେଥିପାଇଁ କାକଟପୁର ବ୍ଲକ କାହାଳ ଗ୍ରାମର ରମେଶ ମିଶ୍ରଙ୍କ ଝିଅ ଦୀପା ମିଶ୍ରଙ୍କୁ ଚୟନ କରାଯାଇଛି। ସମ୍ମିଳନୀରେ ଦୀପା ମିଶ୍ରଙ୍କୁ ସୁଯୋଗ ଦେବାକୁ କଥା ଉଠିଥିଲା। ଏଥିରେ ନିର୍ଦ୍ଦେଶକ ଓ ପ୍ରଯୋଜକ ପ୍ରସଙ୍ଗକୁ ଗୁରୁତର ନେଇ ଦୀପାଙ୍କର ଅନ୍ ସ୍ପଟ୍ ଅଡିସନ ନେଇଥିଲେ ଏବଂ ସେଠାରେ ହିଁ ତାଙ୍କୁ ସିନେମାର ହିରୋଇନ ଭାବେ ଚୟନ କରିଥିଲେ। ଦୀପା ବର୍ତ୍ତମାନ କାକଟପୁର ମା' ମଙ୍ଗଳା ମହାବିଦ୍ୟାଳୟର ଯୁକ୍ତ ୨ ଛାତ୍ରୀ। ସିନେମାରେ ଦୀପାଙ୍କ ସହ ମୁଖ୍ୟ ଭୂମିକାରେ ମହାପ୍ରସାଦ କର ଅଭିନୟ କରୁଥିବାବେଳେ ବର୍ଷିଆନ୍ ଅଭିନେତା ପ୍ରଦ୍ୟୁମ୍ନ ଲେଙ୍କା, ଜୀବନ ପଣ୍ଡା, ଚୌଧୁରୀ ବିକାଶ ଦାସ, ଅଭିନେତ୍ରୀ ଐଶ୍ୱର୍ଯ୍ୟା ବେହେରା, ଲୋକପ୍ରିୟ ୟୁଟ୍ୟୁବର ନଟିଆ ଓରଫ ସ୍ମୃତି, ସନିଲ୍ ପାଶା ଓ ସନ୍ତୁ ପ୍ରମୁଖ ଏହି ସିନେମାରେ ଅଭିନୟ କରୁଛନ୍ତି। ସିନେମାରେ ମୋଟ ୪ଟି ସଙ୍ଗୀତ ରହିଥିବାବେଳେ ଅଭିଜିତ ମଜୁମଦାର ଏଥିରେ ସଙ୍ଗୀତ ନିର୍ଦ୍ଦେଶନା ଦେଉଥିବା ନେଇ କାର୍ଯ୍ୟକାରୀ ପ୍ରଯୋଜକ ଧୃତିସୁନ୍ଦର ପାଢ଼ୀ କହିଛନ୍ତି। ସେହିପରି ମାନସ ମଲ୍ଲିକଙ୍କ ରଚିତ ଏହି ସିନେମାଟି ସମ୍ପୂର୍ଣ୍ଣ ମୌଳିକ କାହାଣୀ ଉପରେ ଆଧାରିତ ବୋଲି ସିନେମାର ପ୍ରଚାର ପ୍ରସାର ମୁଖ୍ୟ ଜୟ ସାମନ୍ତ ସୂଚନା ଦେଇଛନ୍ତି।

### ପଛୁଆ ବର୍ଗଙ୍କ ସାମାଜିକ ଓ ଶିକ୍ଷା ସର୍ଭେ ପାଇଁ ଦ୍ୱିତୀୟ ପର୍ଯ୍ୟାୟ ପ୍ରଶିକ୍ଷଣ

ଭୁବନେଶ୍ୱର, ୧୮।୪ (ବ୍ୟୁରୋ): ରାଜ୍ୟ ସରକାରଙ୍କ ପକ୍ଷରୁ ମେ' ୧ରୁ ୨୭ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ପଛୁଆ ବର୍ଗଙ୍କ ସାମାଜିକ ଓ ଶିକ୍ଷା ସର୍ଭେ ଆରମ୍ଭ ହେବ। ଏହି ପରିପ୍ରେକ୍ଷୀରେ ଭୁବନେଶର ବ୍ଲକସ୍ତରୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ଦ୍ୱିତୀୟ ପର୍ଯ୍ୟାୟ ଶିବିରରେ ୮୪ ଜଣ ଅଙ୍ଗନୱାଡି କର୍ମୀ ଏବଂ ୮ ଜଣ ସୁପରଭାଇଜର ଯୋଗ ଦେଇଥିଲେ। ବିଡିଓ ସମ୍ପଦ କୁମାର ଦଳାଇ ସର୍ଭେ ପ୍ରଣାଳୀ ସମ୍ପର୍କରେ ଆଲୋକପାତ କରିଥିଲେ। ସର୍ଭେ କାର୍ଯ୍ୟରେ ନିରପେକ୍ଷତା ଅବଲମ୍ବନ କରି ତଥ୍ୟ ସଂଗ୍ରହ ନିମନ୍ତେ ନିୟୋଜିତ ଅଧିକାରୀଙ୍କୁ ସେ ପରାମର୍ଶ ଦେଇଥିଲେ। ସିଡିପିଓ କବିତା ମହାପାତ୍ର, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଅନନ୍ୟା ଆଚାର୍ଯ୍ୟ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୋନାଲୀ ପ୍ରିୟଦର୍ଶିନୀ, ଆଇସିଡିଏସ୍ ସୁପରଭାଇଜର ପ୍ରଜ୍ଞା ପାରମିତା ଦାଶ ପ୍ରମୁଖ ୪ ଜଣ ମାଷ୍ଟର ଟ୍ରେନର ଭାବରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ମୁଖ୍ୟତଃ ଅଙ୍ଗନୱାଡି କର୍ମୀଙ୍କ ଦ୍ୱାରା ଏହି ସର୍ଭେ କରାଯିବ।

### ବାଳିକାଙ୍କ ପାଇଁ ସ୍ୱାସ୍ଥ୍ୟ ସଚେତନତା ଶିବିର

ଭୁବନେଶ୍ୱର, ୧୮।୪ (ବ୍ୟୁରୋ): ସ୍ୱେଚ୍ଛାସେବୀ ଅନୁଷ୍ଠାନ ବନ୍ଧୁ ୱେଲ୍‌ଫେୟାର ଟ୍ରଷ୍ଟ ପକ୍ଷରୁ ବାଳିକାଙ୍କ ନିମନ୍ତେ ଏକ ସ୍ୱାସ୍ଥ୍ୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଝାରପଡ଼ା ନିକଟ ହଳଦୀ ପଡ଼ିଆଠାରେ ଆୟୋଜିତ ଏହି ଶିବିରରେ ପ୍ରାୟ ୪୦ ଜଣ ବାଳିକା ଯୋଗଦେଇଥିଲେ। ୩୩ ନମ୍ବର ୱାର୍ଡର କର୍ପୋରେଟର ଧରିତ୍ରୀ ଜେନା ଅତିଥି ଭାବେ ଯୋଗଦେଇ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସଚେତନତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ନିର୍ଦ୍ଦେଶିକା ଡା. ସଞ୍ଜୁଲତା ଶତପଥୀ ସଭାପତିତ୍ୱ କରି ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ବିଭିନ୍ନ ଉପଯୋଗୀ ସୂଚନା ଓ ପରାମର୍ଶ ଦେଇଥିଲେ। ଟ୍ରଷ୍ଟ ସଭାପତି ଶ୍ରୀକାନ୍ତ ଦାଶ, ସମ୍ପାଦକ ଫଗୁ ସାମଲ, ଉପଦେଷ୍ଟା ପ୍ରଦ୍ୟୁମ୍ନ ମାହାରୀ ଓ ଅନ୍ନପୂର୍ଣ୍ଣା ପାତ୍ରଙ୍କ ସମେତ ବନ୍ଧୁ ଅନୁଷ୍ଠାନର ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଟ୍ରଷ୍ଟ ଉପସଭାପତି ଶୁଚିସ୍ମିତା ମହାନ୍ତି କାର୍ଯ୍ୟକ୍ରମକୁ ଆୟୋଜନ କରିଥିଲେ। ଶେଷରେ ବାଳିକାଙ୍କୁ ସ୍ୱାସ୍ଥ୍ୟ ଉପଯୋଗୀ ସାମଗ୍ରୀ ବଣ୍ଟନ କରାଯାଇଥିଲା।

# ରଜରେ ଆସିବ 'ଗୁଣ୍ଡୁ ଗ୍ୟାଙ୍ଗଷ୍ଟର୍', ଗୀତ ରିଲିଜ୍



ଭୁବନେଶ୍ୱର,୧୮।୪(ବ୍ୟୁରୋ)

ଆସନ୍ତା ରଜରେ ବଜାରକୁ ଆସିବ ନୂଆ ଓଡ଼ିଆ ଚଳଚ୍ଚିତ୍ର 'ଗୁଣ୍ଡୁ ଗ୍ୟାଙ୍ଗଷ୍ଟର୍'। ଅନ୍‌ସମିସ୍ ପ୍ରଡକସନ୍ସ ନିବେଦିତ ଏହି ଦ୍ୱିତୀୟ ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଇଛନ୍ତି ଯୁବ ନିର୍ଦ୍ଦେଶକ ଅଶୋକ ପତି। ପ୍ରିତମ ସାହୁଙ୍କ ପ୍ରଯୋଜିତ ଲଭ୍, ରୋମାନ୍ସ, କମେଡି ଓ ଆକ୍ସନରେ ଭରପୂର ଥିବା ଏହି ସିନେମାରେ ଏକ ବିରଳ ଓ ଅଲୌକିକ ଘଟଣା ଦର୍ଶକଙ୍କୁ ଶେଷ ପର୍ଯ୍ୟନ୍ତ ବାନ୍ଧି ରଖିବ ବୋଲି ନିର୍ଦ୍ଦେଶକ ପତି କହିଛନ୍ତି। ତେବେ ମଙ୍ଗଳବାର ସ୍ଥାନୀୟ ଏକ ମଲ୍‌ରେ ଏହି ଚଳଚ୍ଚିତ୍ରର ଗୀତ ରିଲିଜ ହୋଇଛି। ଅସଦ ନିଜାମଙ୍କ ସଙ୍ଗୀତ ନିର୍ଦ୍ଦେଶନାରେ ମୋଟ ୫ ଗୀତ ପ୍ରସ୍ତୁତ ହୋଇଥିବାବେଳେ ନାଭ୍ୟା ଜଇତି, ଅନ୍ତରା ଚକ୍ରବର୍ତ୍ତୀ, ଅସୀମା ପଣ୍ଡା, ହ୍ୟୁମାନ ସାଗର, ସ୍ୱୟମ୍, କୁଲ୍‌ଦୀପ ପ୍ରମୁଖ କଣ୍ଠଦାନ କରିଛନ୍ତି। ତେବେ ପ୍ରଥମ କରି ସିନେମାର ପ୍ରମୋଶନ ଗୀତ ଗାଇଛନ୍ତି ସୂର୍ଯ୍ୟମୟୀ । ଓଲିଉଡ ଷ୍ଟାର ଶୈଳେନ୍ଦ୍ର ଓ ଶିବାନୀଙ୍କ ଦମ୍‌ଦାର୍ ଅନ୍‌ସ୍କ୍ରିନ ରୋମାନ୍ସ ସହ ସୁପର ଷ୍ଟାର୍ ସିଦ୍ଧାନ୍ତ ମହାପାତ୍ର ଓ ନମ୍ରତା ଥାପାଙ୍କ ନିଖୁଣ ଅଭିନୟ ଦର୍ଶକଙ୍କୁ ମତୁଆଲା କରିବ ବୋଲି ପ୍ରଯୋଜନା ସଂସ୍ଥା ତରଫରୁ ସୂଚନା ଦିଆଯାଇଛି।

# ଅଭିଯୁକ୍ତଙ୍କୁ ୧୦ ବର୍ଷ ଜେଲଦଣ୍ଡ

### ନାବାଳିକା ବଳାତ୍କାର ମାମଲା

କଟକ ଅଫିସ,୧୮।୪

୨୦୧୭ ନାବାଳିକା ବଳାତ୍କାର ମାମଲାରେ କଟକ ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ମଙ୍ଗଳବାର ଅଭିଯୁକ୍ତ କଟକ ସଦର ଥାନା ଅଧୀନ ଉରାଳି ଗ୍ରାମର ରବୀନ୍ଦ୍ର ବେହେରାଙ୍କୁ ୧୦ ବର୍ଷ ଜେଲଦଣ୍ଡ ଓ ୧୦ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟେ ଅଭିଯୁକ୍ତଙ୍କୁ ଅଧିକ ୧ ବର୍ଷ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ବିଚାରପତି ଅଶୋକ କୁମାର ପହି ରାୟରେ ସ୍ପଷ୍ଟ କରିଛନ୍ତି। ଏଥିସହ ପୀଡିତାଙ୍କୁ ଆଇନ ଅନୁଯାୟୀ କ୍ଷତିପୂରଣ ବାବଦରେ ୭ ଲକ୍ଷ ଟଙ୍କା ପ୍ରଦାନ କରିବାକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ୪ ଲକ୍ଷ ଟଙ୍କା ପୀଡିତାଙ୍କ ନାମରେ ଏକ ଜାତୀୟକରଣ ବ୍ୟାଙ୍କରେ ୬ ବର୍ଷ ଯାଏ ସ୍ଥାୟୀ ଜମା ରଖାଯିବା ସହ ୩ ଲକ୍ଷ ଟଙ୍କା ତାଙ୍କୁ ନଗଦ ପ୍ରଦାନ କରାଯିବ।

# ମା' ତାରିଣୀଙ୍କ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ



ଭୁବନେଶ୍ୱର,୧୮।୪(ବ୍ୟୁରୋ)

ବୀର ସୁରେନ୍ଦ୍ର ସାଏ ନଗର ଦ୍ୱିତୀୟ ପୋଷ୍ଟାଲ କଲୋନୀ ନିକଟ ମା' ତାରିଣୀ ଦେବୀଙ୍କ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଗତ ୧୪ ତାରିଖରୁ ଯଜ୍ଞ ଆରମ୍ଭ ହୋଇ ସୋମବାର ପୂର୍ଣ୍ଣାହୂତି ହୋଇଯାଇଛି। ଯଜ୍ଞରେ କର୍ତ୍ତା ଭାବେ ରଞ୍ଜନ ମହାପାତ୍ର ଓ ତାଙ୍କ ସ୍ତ୍ରୀ ପିଙ୍କି ଦାୟିତ୍ୱ ତୁଲାଇଥିଲେ। ମନ୍ଦିର ପୂଜକ ସୁବାସ ଚନ୍ଦ୍ର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଯଜ୍ଞ କାର୍ଯ୍ୟ ହୋଇଥିଲା। ମନ୍ଦିର ପରିଚାଳନା କମିଟି ସଦସ୍ୟ ସହଯୋଗ କରିଥିଲେ। ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ପ୍ରତିଦିନ ବହୁ ଶ୍ରଦ୍ଧାଳୁ ସାମିଲ ହେଉଥିଲେ।

# କବାଟ ଭାଙ୍ଗି ମାଡ଼ ମାରି ନେଇଗଲେ ସୁନାଗହଣା, ୪ ଗିରଫ

ବାଲିପାଟଣା,୧୮।୪(ଡି.ଏନ୍.ଏ.)

ରାଜଧାନୀ ଉପକଣ୍ଠ ବାଲିପାଟଣା ଥାନା ଅଧୀନ କୁଦପାଟଣା ଗାଁରେ ଦେଖାଦେଇଛି ଯୁବକଙ୍କ ଉଦ୍ଦଣ୍ଡକାଣ୍ଡ। ଗ୍ରାମର ସୁକାନ୍ତ ପଣ୍ଡାଙ୍କ କବାଟ ଭାଙ୍ଗି ଘରେ ପଶିବା ସହ ମାଡ଼ମାରି ଲକ୍ଷାଧିକ ଟଙ୍କାର ସୁନାଗହଣା ନେଇଯାଇଛନ୍ତି। ଏନେଇ ଅଭିଯୋଗ ପରେ ମଙ୍ଗଳବାର ପୋଲିସ ୪ ଜଣଙ୍କୁ ଗିରଫ କରିଛି। ଅନ୍ୟମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ପୋଲିସ କହିଛି। ଅଭିଯୋଗ ମୁତାବକ, ସୁକାନ୍ତଙ୍କ ଘର କବାଟକୁ ୧୨ ଜଣ ଯୁବକ ବାଡ଼େଇଥିଲେ। କେହି ନ ଖୋଲିବାରୁ କବାଟ ଭାଙ୍ଗି ଘରେ ପଶିଥିଲେ। ଏହାପରେ ଯୁବକମାନେ ହଠାତ୍ ସୁକାନ୍ତଙ୍କ ପୁଅକୁ ମାଡ଼ ମାରିବା ସହିତ ଆସବାବପତ୍ର ଏଣେତେଣେ ଫିଙ୍ଗିଥିଲେ। ଏହାପରେ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଓ ପିତ୍ତଳ ସାମଗ୍ରୀ ନେଇ ପଳାଇଥିଲେ। ଏନେଇ ସୁକାନ୍ତଙ୍କ ଅଭିଯୋଗ ପରେ ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଚଳାଇବା ସହ ୪ ଜଣଙ୍କୁ ଗିରଫ କରିଛି।

# ବିଡିଏ ସଚିବଙ୍କୁ ଓଏଚ୍‌ଆର୍‌ସିଙ୍କ ଜବାବ ତଲବ

### ଓକିଲଙ୍କ ବୈଠକଖାନା ଭାଙ୍ଗିବା ଘଟଣା

ଭୁବନେଶ୍ୱର,୧୮।୪ (ବ୍ୟୁରୋ)

ଭୁବନେଶ୍ୱର କୋର୍ଟ ପରିସରରେ ଓକିଲଙ୍କ ବୈଠକଖାନା ଭଙ୍ଗାଯିବା ଘଟଣାରେ ରାଜ୍ୟ ମାନବାଧିକାର କମିଶନ (ଓଏଚ୍‌ଆର୍‌ସି) ମଙ୍ଗଳବାର ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ସଚିବଙ୍କୁ ଜବାବ୍ ତଲବ କରିଛନ୍ତି। ଓକିଲଙ୍କ ପକ୍ଷରୁ ମାନବାଧିକାର କର୍ମୀ ବିଶ୍ୱପ୍ରିୟ କାନୁନ୍‌ଗୋଙ୍କ ଦ୍ୱାରା ହୋଇଥିବା ପିଟିଶନର ଶୁଣାଣି କରି ଓଏଚ୍‌ଆର୍‌ସି ଅଧ୍ୟକ୍ଷ ବିଚାରପତି ଶତ୍ରୁଘ୍ନ ପୂଜାହାରୀ ଏହି ନିର୍ଦ୍ଦେଶ ଦେବା ସହ ଉକ୍ତ ସ୍ଥାନରେ ସ୍ଥିତାବସ୍ଥା ଜାରି କରିଛନ୍ତି। ଆସନ୍ତା ମେ' ୨୫ ସୁଦ୍ଧା ଏହାର ଜବାବ ଦାଖଲ କରିବାକୁ ନିର୍ଦ୍ଦେଶରେ କୁହାଯାଇଛି। ଅଭିଯୋଗ ଅନୁଯାୟୀ, ୨୦୧୮ରେ ପିଡବ୍ଲ୍ୟୁଡି ପକ୍ଷରୁ ଓକିଲମାନଙ୍କ ବସିବା ପାଇଁ ଟିଣଛାତ ନିର୍ମିତ ଏହି ଗୃହ ନିର୍ମାଣ କରାଯାଇଥିଲା। ପରେ ଓକିଲଙ୍କ ଦ୍ୱାରା ସେଠାରେ ବିଦ୍ୟୁତ ସଂଯୋଗ କରାଯାଇଥିଲା। ବିନା ନୋଟିସ୍‌ରେ ଗତ ୧୧ ତାରିଖ ବିଡିଏ ପକ୍ଷରୁ ଉକ୍ତ ବୈଠକଖାନାକୁ ଭାଙ୍ଗି ଦିଆଯାଇଥିଲା। ତେବେ ଏହାର ଉଦ୍ଦେଶ୍ୟ କଣ ବୋଲି ଆବେଦନକାରୀଙ୍କ ପକ୍ଷରୁ ପିଟିସନ୍‌ରେ ପ୍ରଶ୍ନ କରାଯାଇଛି।

# ବରିଷ୍ଠ ନାଗରିକ ମହାସଂଘର ରାଜ୍ୟସ୍ତରୀୟ ସମ୍ମିଳନୀ

ଭୁବନେଶ୍ୱର,୧୮।୪(ବ୍ୟୁରୋ)

ଓଡ଼ିଶା ବରିଷ୍ଠ ନାଗରିକ ମହାସଂଘର କର୍ମକର୍ତ୍ତାଙ୍କୁ ନେଇ ଓମ୍ ନିବାସ ପ୍ରେକ୍ଷାଳୟରେ ଏକ ରାଜ୍ୟସ୍ତରୀୟ ସମ୍ମିଳନୀ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ମଧୁମାଧବ ଜେନା ଏହାର ସଭାପତିତ୍ୱ କରିଥିଲେ। ମହାସଂଘର ସାଧାରଣ ସମ୍ପାଦକ ଡ. ଯୁଗଳ କିଶୋର ସାହୁ ବରିଷ୍ଠ ନାଗରିକଙ୍କ ସମସ୍ୟା ଉପରେ ଆଲୋଚନା କରିଥିଲେ। ସମ୍ମିଳନୀରେ କର୍କଟ ରୋଗ ବିଶେଷଜ୍ଞ ଡ. ଚିତ୍ତରଞ୍ଜନ ଖାଡ଼େଙ୍ଗା, ବ୍ରହ୍ମକୁମାରୀ ବି.କେ ଗୀତା, ବିଜୟ କୁମାର ଦାସ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାର ଉପଦେଷ୍ଟା ଦୁର୍ଗାପ୍ରସାଦ ସାମନ୍ତରାୟଙ୍କୁ ସମ୍ମାନିତ କରାଯାଇଥିଲା। ଆଗାମୀ ଦିନରେ ବରିଷ୍ଠ ନାଗରିକଙ୍କ ପାଇଁ ଉପକାର ଓ କଲ୍ୟାଣ କ୍ଷେତ୍ରରେ କାମ କରାଯିବା ସହ ଓଡ଼ିଶାର ବିଭିନ୍ନ ଜିଲାରେ ଶାଖା ଖୋଲାଯିବା ନେଇ ଆଲୋଚନା ହୋଇଥିଲା। ସମରେନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ।



କଟକ କିଶନ ନଗର ତହସିଲ ଅନ୍ତର୍ଗତ ମଲ୍ଲୀପୁରଠାରେ ଚାଲିଥିବା ମହାନଦୀ ତଟୋତ୍ସବର ମଙ୍ଗଳବାର ଚତୁର୍ଥ ସନ୍ଧ୍ୟାରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

# ପଠାଣି ସାମନ୍ତଙ୍କ ଜନ୍ମପୀଠକୁ ଜାତୀୟ ଐତିହ୍ୟ ସ୍ମାରକୀ ଦାବି

### ନୟାଗଡ଼ ବିକାଶ ମଞ୍ଚ ପକ୍ଷରୁ ରାଜ୍ୟପାଳଙ୍କୁ ୧୦ଦଫା ଦାବିପତ୍ର

- ଛେନାପୋଡ଼କୁ ଜିଆଇ ମାନ୍ୟତା, କାରିଗରଙ୍କୁ ପ୍ରୋତ୍ସାହନ
- ଚିନି କାରଖାନାକୁ ପୁନଃ କାର୍ଯ୍ୟକ୍ଷମ, ପର୍ଯ୍ୟଟନସ୍ଥଳୀର ବିକାଶ ଦାବି



ନୟାଗଡ଼ ବିକାଶ ମଞ୍ଚର କର୍ମକର୍ତ୍ତା ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ୧୦ ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରୁଛନ୍ତି।

ଭୁବନେଶ୍ୱର,୧୮।୪(ବ୍ୟୁରୋ)

ନୟାଗଡ଼ ବିକାଶ ମଞ୍ଚର କର୍ମକର୍ତ୍ତାମାନେ ମଙ୍ଗଳବାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ରାଜଭବନରେ ସାକ୍ଷାତ କରିବା ସହିତ ଜିଲାର ବିକାଶ ନେଇ ଆଲୋଚନା କରିଥିଲେ। ଏହି ଅବସରରେ ମଞ୍ଚ ପକ୍ଷରୁ ରାଜ୍ୟପାଳଙ୍କୁ ୧୦ ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ପଠାଣି ସାମନ୍ତ ଖଣ୍ଡପଡ଼ା ଜନ୍ମପୀଠ ଅତ୍ୟନ୍ତ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିଥିବାବେଳେ ଏହାକୁ ଏକ ଜାତୀୟ ଐତିହ୍ୟ ସ୍ମାରକୀରେ ପରିଣତ କରାଯାଉ, ନୟାଗଡ ଛେନାପୋଡ଼ ଭୌଗୋଳିକ ସୂଚକାଙ୍କ (ଜିଆଇ) ମାନ୍ୟତା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା, ଛେନାପୋଡ଼ କାରିଗରଙ୍କ ପାଇଁ ଏକ କ୍ଲଷ୍ଟର ନିର୍ମାଣ ସହ ବୈଷୟିକ ପ୍ରଶିକ୍ଷଣ ଓ ଆର୍ଥିକ ପ୍ରୋତ୍ସାହନ ପ୍ରଦାନ କରାଯାଉ ବୋଲି ମଞ୍ଚ ପକ୍ଷରୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ସେହିପରି ଛେନାପୋଡ଼ ଉପରେ ଅଧିକ ଗବେଷଣା, କବି ଯଦୁମଣି ମହାପାତ୍ର ଓ ଦାସିଆ ଅଜାଙ୍କ ଜନ୍ମପୀଠର ଉନ୍ନତୀକରଣ, ନୟାଗଡ଼ରେ ପ୍ରସ୍ତାବିତ ମୁଗ ପ୍ରକ୍ରିୟାକରଣ କେନ୍ଦ୍ର ପ୍ରତିଷ୍ଠା ଏବଂ ଜଗନ୍ନାଥ ସଂସ୍କୃତିର ଆଦ୍ୟକ୍ଷେତ୍ର କଣ୍ଟିଲୋକୁ ରାଜ୍ୟ ରାଜଧାନୀରୁ ଚଉଡ଼ା ରାସ୍ତା ନିର୍ମାଣ ପାଇଁ ମଧ୍ୟ ଦାବି ରଖାଯାଇଛି। ଦାବିପତ୍ରରେ କୁହାଯାଇଛି, କଣ୍ଟିଲୋଠାରେ ମହାନଦୀରେ ନୌକାବିହାର ବ୍ୟବସ୍ଥା ସହ ସେଠାରେ ପାନ୍ଥ ନିବାସ କାର୍ଯ୍ୟକ୍ଷମ କରାଯାଉ। ନୟାଗଡ଼ ଚିନି କାରଖାନାକୁ ପୁଣିଥରେ କାର୍ଯ୍ୟକ୍ଷମ କରିବା ସହ ଆଖୁ ବ୍ୟବସାୟୀଙ୍କୁ ଆର୍ଥିକ ଓ ବୈଷୟିକ ପ୍ରୋତ୍ସାହନ ଦିଆଯାଉ। ଖଣ୍ଡପଡ଼ା ବ୍ଲକରେ ଥିବା ପ୍ରାଚୀନ ବୌଦ୍ଧ ପୀଠ ଯୋଗୀଯୋଗିଆଣୀର ଉନ୍ନତି କରିବା ସହ ଜିଲାର ଭିନ୍ନ ଭିନ୍ନ ସ୍ଥାନରେ ଥିବା ପ୍ରାକୃତିକ ଝରଣାଗୁଡ଼ିକୁ ପ୍ରଶସ୍ତ ରାସ୍ତା ନିର୍ମାଣ ସାଙ୍ଗକୁ ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ଦିଆଯାଉ। ଭାପୁର ବ୍ଲକ୍ ତରବାଲୋସ୍ଥିତ ଭାରତର ବୃହତ୍ତମ ଉଷ୍ଣପ୍ରସ୍ରବଣର ଉନ୍ନତୀକରଣ କରାଯାଉ। ସେହିଭଳି ନୟାଗଡ଼ ସହରର ମଧ୍ୟସ୍ଥଳରେ ମାଟିର ପରିଚୟ ପଠାଣି ସାମନ୍ତଙ୍କ ଏକ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥାପନ କରାଯାଉ। ନୟାଗଡ଼ ବିକାଶ ମଞ୍ଚର ଆବାହକ ଶୁଭ୍ରାଂଶୁ ପଣ୍ଡାଙ୍କ ନେତୃତ୍ୱରେ ମଞ୍ଚର ସହ ଆବାହକ ସୁବ୍ରତ କୁମାର ନାୟକ ଓ ସଦସ୍ୟ ସତ୍ୟେନ୍ଦୁ ଶେଖର ମିଶ୍ର, ରାଜେଶ କୁମାର ପରିଡ଼ା ଏବଂ ଆଫତାବ ହୋସେନ ପ୍ରମୁଖ ରାଜ୍ୟପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

## ଚୋରି ଘଟଣା: ୪ ଅଟକ

କଣ୍ଟାପଡା,(ଡି.ଏନ୍.ଏ.): ଦୋକାନ ଭାଙ୍ଗି ଚୋରି କରିବା ଘଟଣାରେ ଓଲଟପୁର ପୋଲିସ ମଙ୍ଗଳବାର ୪ଜଣଙ୍କୁ ଅଟକ ରଖିଛି। ଗତ ୧୫ ଦିନ ମଧ୍ୟରେ କଣ୍ଟାପଡା ଓ ସ୍କୁଲ ଛକରେ ଥିବା ଅଧିକାଂଶ ଦୋକାନରୁ ଲଗାତର ଭାବେ ଚୋରି ହୋଇ ଆସୁଥିଲା। ଏପରି କି ଥାନାଠାରୁ ମାତ୍ର ୫୦ ମିଟର ଦୂରରେ ଥିବା ୭ଟି ଦୋକାନରୁ ଗତ ୧୩ ତାରିଖ ରାତିରେ ଚୋରି ହୋଇଥିଲା। ଓଲଟପୁର ପୋଲିସ ପାଟ୍ରୋଲିଂ କରୁଥିବାବେଳେ ସୋମବାର ରାତି ପ୍ରାୟ ୨ଟାରେ କଣ୍ଟାପଡା ତହସିଲ ନିକଟରୁ ସନ୍ଦେହରେ ଜଣେ ଯୁବକଙ୍କୁ କାବୁ କରି ପଚରାଉଚରା କରିଥିଲା। ସମ୍ପୃକ୍ତ ଯୁବକଙ୍କ ସୂଚନା ଅନୁଯାୟୀ ଅନ୍ୟମାନଙ୍କୁ କାବୁ କରିଥିଲା। ତେବେ ଚୋରି ସାମଗ୍ରୀ ଜବତ ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଥିବା ଜଣାପଡିଛି।

## ସଂକ୍ଷେପରେ

### ଅଭିଯୁକ୍ତଙ୍କୁ ୧୦ ବର୍ଷ ଜେଲଦଣ୍ଡ

**ନାବାଳିକା ବଳାତ୍କାର ମାମଲା**

କଟକ ଅଫିସ,୧୮।୪: ନାବାଳିକା ବଳାତ୍କାର ମାମଲାରେ କଟକ ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ମଙ୍ଗଳବାର ଜଣେ ଅଭିଯୁକ୍ତଙ୍କୁ ୧୦ ବର୍ଷ ଜେଲଦଣ୍ଡ ଓ ୧୦ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟେ ଅଭିଯୁକ୍ତଙ୍କୁ ଅଧିକ ୧ ବର୍ଷ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ବିଚାରପତି ଅଶୋକ କୁମାର ପହି ରାୟରେ ସ୍ପଷ୍ଟ କରିଛନ୍ତି। ଏଥିସହ ପୀଡିତାଙ୍କୁ ଆଇନ ଅନୁଯାୟୀ କ୍ଷତିପୂରଣ ବାବଦରେ ୭ ଲକ୍ଷ ଟଙ୍କା ପ୍ରଦାନ କରିବାକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ସେଥିମଧ୍ୟରୁ ୪ ଲକ୍ଷ ଟଙ୍କା ପୀଡିତାଙ୍କ ନାମରେ ଏକ ଜାତୀୟକରଣ ବ୍ୟାଙ୍କରେ ୬ ବର୍ଷ ଯାଏ ସ୍ଥାୟୀ ଜମା ରଖାଯିବା ସହ ଅବଶିଷ୍ଟ ୩ ଲକ୍ଷ ଟଙ୍କା ତାଙ୍କୁ ନଗଦ ଆକାରରେ ପ୍ରଦାନ କରାଯିବ। ଅଭିଯୁକ୍ତ ହେଲେ କଟକ ସଦର ଥାନା ଅଧୀନ ଉରାଳି ଗ୍ରାମର ରବୀନ୍ଦ୍ର ବେହେରା। ମାମଲାର ବିବରଣୀରୁ ପ୍ରକାଶ, ୨୦୧୭ ସେପ୍ଟେମ୍ବର ୨୮ରେ ୧୦ ଶ୍ରେଣୀରେ ପଢୁଥିବା ପୀଡିତା ନାବାଳିକା ସ୍କୁଲରୁ ଆସି ଘରେ ଏକୁଟିଆ ଖାଉଥିଲେ। ଏହାର ସୁଯୋଗ ନେଇ ରବୀନ୍ଦ୍ର ତାଙ୍କ ଘରେ ପଶି ତାଙ୍କୁ ବଳାତ୍କାର କରିଥିଲେ। ଏ ସମ୍ପର୍କରେ ଜାଣିବା ପରେ ନାବାଳିକାଙ୍କ ପରିବାର ପକ୍ଷରୁ ୨୦୧୭ ଅକ୍ଟୋବର ୩ରେ କଟକ ସଦର ଥାନାରେ ଅଭିଯୋଗ ହୋଇଥିଲା। ଏ ନେଇ ପୋଲିସ ଏକ ମାମଲା ରୁଜୁ କରିବା ସହ ରବୀନ୍ଦ୍ରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ୨୦୧୮ ଫେବୃୟାରୀ ୫ରେ ପୋଲିସ ଚାର୍ଜଶିଟ୍ ଦାଖଲ କରିଥିଲା। କଟକ ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟରେ ମାମଲାର ଶୁଣାଣି ହୋଇ ୧୮ ଜଣ ସାକ୍ଷୀ ଓ ୧୬ଟି ଡକ୍ୟୁମେଣ୍ଟକୁ ଆଧାର କରି ବିଚାରପତି ଉପରୋକ୍ତ ରାୟ ଶୁଣାଇଛନ୍ତି। ପୀଡିତାଙ୍କ ପକ୍ଷରୁ ସରକାରୀ ଓକିଲ ରମେଶ ଚନ୍ଦ୍ର ମହାନ୍ତି ମାମଲା ପରିଚାଳନା କରୁଥିଲେ।

### ନାବାଳିକା ବଳାତ୍କାର ଅଭିଯୋଗ, ଅଭିଯୁକ୍ତ ଗିରଫ

କଟକ ସଦର,୧୮।୪(ଡି.ଏନ୍.ଏ.): ନାବାଳିକା ବଳାତ୍କାର ଅଭିଯୋଗରେ ୪୨ ମୌଜା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଥାନା ଅଧୀନ ବଉଳକୁଦ ଗ୍ରାମର ସୁକାନ୍ତ କାଣ୍ଡି(୫୯)। ପୋଲିସ ସୂତ୍ରରୁ ପ୍ରକାଶ, ଗତ ୨ ତାରିଖ ସକାଳେ ଅଭିଯୁକ୍ତ ଜଣକ ନିଜ ବିଲକୁ ଫସଲ ଦେଖିବା ପାଇଁ ଯାଇଥିଲେ। ହଠାତ୍ ବର୍ଷା ହେବାରୁ ନିକଟସ୍ଥ ଏକ ଘରକୁ ପଳାଇଥିଲେ। ଉକ୍ତ ଘରେ ସେହି ସମୟରେ ନାବାଳିକା ଜଣକ ଏକୁଟିଆ ଥିଲେ। ଏହାର ସୁଯୋଗ ନେଇ ଅଭିଯୁକ୍ତ ତାଙ୍କୁ ବଳାତ୍କାର କରିଥିଲେ। ପରେ ନାବାଳିକା ଘରକୁ ଆସି ଘଟଣା ସମ୍ପର୍କରେ ତାଙ୍କ ବୋଉଙ୍କୁ ଜଣାଇଥିଲେ। ଏ ନେଇ ପୀଡ଼ିତାଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା(ନଂ.୧୨୩/୨୩) ରୁଜୁ କରିଥିଲା। କଟକ ବଡ ଡାକ୍ତରଖାନାରେ ସୋମବାର ପୋଲିସ ଉଭୟଙ୍କର ଡାକ୍ତରୀମାଇନା କରାଇଥିଲା।

# କାୟା ମେଲାଇଛି ବେନାମୀ ମୃଦୁପାନୀୟ

**କଟକ ଅଫିସ,୧୮।୪**



ଆଜିକାଲି ବଜାରରେ ଖଟା, ମିଠା, ରାଗମସଲା ସ୍ୱାଦ ଯୁକ୍ତ ପାନୀୟ ମିଳୁଛି। ଗ୍ରାହକଙ୍କ ଚାହିଦାକୁ ଦେଖି କମ୍ପାନୀଗୁଡ଼ିକ ଭିନ୍ନଭିନ୍ନ ସ୍ୱାଦର ମୃଦୁପାନୀୟ ତିଆରି କରୁଛନ୍ତି। ଖରାରୁ ତ୍ରାହି ପାଇଁ ମୃଦୁପାନୀୟର ଚାହିଦା ମଧ୍ୟ ବୃଦ୍ଧି ପାଇଥାଏ। ଶୋଷ ମେଣ୍ଟାଇବା ପାଇଁ ଯେତେବେଳେ ଲୋକଟିଏ ଦୋକାନରେ ପହଞ୍ଚୁଛି, ଦୋକାନୀ ମୃଦୁପାନୀୟ ବୋତଲଟିଏ ବଢ଼ାଇଦେଉଛି। ହେଲେ କେଉଁଟା ସ୍ୱାସ୍ଥ୍ୟ ପ୍ରତି ହିତକର ତାହା ଜାଣିବା କଷ୍ଟକର ହୋଇପଡୁଛି। କାରଣ ଏବେ ଖରା ବଢ଼ିବା ସାଙ୍ଗକୁ କେତେକ ବେନାମୀ କମ୍ପାନୀ ଦ୍ୱାରା ପ୍ରସ୍ତୁତ ଗୋଲି ତଥା ବାଟି ସୋଡ଼ା ବଜାରରେ ଛାଇଗଲାଣି। ପାଟିକୁ ଏହା ସ୍ୱାଦ ଲାଗୁଥିଲେ ମଧ୍ୟ ସ୍ୱାସ୍ଥ୍ୟ ପ୍ରତି କ୍ଷତିକାରକ। ଏପଟେ ପ୍ରସ୍ତୁତକାରୀ କମ୍ପାନୀ ସଂକ୍ରାନ୍ତରେ ସବିଶେଷ ତଥ୍ୟ ସିଏମ୍‌ସି ପାଖେ ରହୁନାହିଁ। ଅନେକ ବେନାମୀ କମ୍ପାନୀ ନିଜର ଉତ୍ପାଦକୁ ବଜାରରେ ବିକ୍ରି କରୁଥିବା ଦେଖିବାକୁ ମିଳିଛି। ତେଣୁ ଏହା ଲୋକଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ନ କରିବ, ତାହାକୁ ଏଡ଼ାଇ ଦିଆଯାଇ ନ ପାରେ।

ବିଭିନ୍ନ ସମୟରେ ସୋଡ଼ା ଭିତରୁ ମଲା ଅସରପା, ଜନ୍ଦା ଓ ପିମ୍ପୁଡ଼ି ବାହାରୁଛି। ତେଣୁ ପିଇବା ପାଇଁ ସ୍ୱାଦିଷ୍ଟ ଲାଗୁଥିଲେ ମଧ୍ୟ ଏହା ସ୍ୱାସ୍ଥ୍ୟପକ୍ଷେ କେତେ ହିତକାରକ ତାହା କେହି ନଜର ରଖୁନାହାନ୍ତି। ସେହିପରି ସୋଡ଼ା ବୋତଲ ଉପରେ କମ୍ପାନୀ ଠିକଣା ଓ ଉପଯୋଗୀ ବିବରଣୀ ମଧ୍ୟ ଲେଖାଯାଉଛି, ହେଲେ ପ୍ରକୃତରେ ତାହା ଅସଲି କି ନକଲି ଏହାର ଯାଞ୍ଚ ହେଉନାହିଁ। ଏପରି କି କିଛି ବେନାମୀ କମ୍ପାନୀ ନାମରେ ବିକ୍ରି ହେଉଥିବା ବୋତଲରେ ସୋଡ଼ା କେଉଁଠୁ ଉତ୍ପାଦନ ହେଉଛି, କେବେ ଉତ୍ପାଦନ ହେଲା ଏବଂ କେତେଦିନ ପର୍ଯ୍ୟନ୍ତ ବିକ୍ରି ହୋଇପାରିବ ସେ ନେଇ କୌଣସି ତଥ୍ୟ ଦିଆଯାଉନାହିଁ। ଗୋଲି ସୋଡ଼ା ଭଳି ଅନେକ ବେନାମୀ କମ୍ପାନୀର ପାଣି ବୋତଲ ମଧ୍ୟ ବଜାରରେ ବିକ୍ରି ହେଉଛି।

**ତିଆରି ଠିକଣା ନାହିଁ, ଖୋଲାବଜାରରେ ବିକ୍ରି**

ମିନେରାଲ୍ ୱାଟର ତିଆରି ପାଇଁ କିଛି ନିର୍ଦ୍ଦିଷ୍ଟ ପରୀକ୍ଷାନିରୀକ୍ଷା କରାଯାଇଥାଏ। ପାଣିକୁ ପ୍ରଥମେ ଭଲ ଭାବେ ବିଶୋଧନ ଓ ଜୀବାଣୁମୁକ୍ତ କରାଯାଇଥାଏ। ୟୁଭି(ଅଲ୍‌ଟ୍ରା ଭାଓଲେଟ୍), ଓଜୋନ୍ ଏବଂ ଆର୍‌ଓ(ରିଜର୍ଭ ଓମୋସିସ୍) ପ୍ରକ୍ରିୟା କରାଯାଇଥାଏ। ପାଣି ବଜାରକୁ ଛଡ଼ାଯିବା ପୂର୍ବରୁ ଏହାକୁ ଭଲ ଭାବେ ପରୀକ୍ଷା କରାଯାଏ। କିନ୍ତୁ କେତେକ ବେନାମୀ କମ୍ପାନୀ ଏଭଳି ପ୍ରକ୍ରିୟାକୁ ଅନୁକରଣ କରି ନ ଥାନ୍ତି। ଫଳରେ ପାଣିର ମାନ ନେଇ ମଧ୍ୟ ପ୍ରଶ୍ନ ଉଠିଥାଏ। ସହର ଉପକଣ୍ଠ ଜଗତପୁର, କନ୍ଦରପୁର, ରାଜପଥ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଏଭଳି ମାଲ ମାଲ କମ୍ପାନୀ ଚାଲୁଥିବା ଅଭିଯୋଗ ହେଉଛି। ବିନା ଯାଞ୍ଚରେ ବୋତଲରେ ପାଣି ପୂରାଇ ଷ୍ଟିକର ମାରି ବଜାରକୁ ଛାଡ଼ି ଦିଆଯାଉଥିବା ଅଭିଯୋଗ ହେଉଛି। ଅଥଚ ଏହି ନକଲି ସାମଗ୍ରୀର ମାନ ପରୀକ୍ଷା କରିବାକୁ ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ କୌଣସି ତତ୍ପରତା ପ୍ରକାଶ କରାଯାଉନାହିଁ। ନିୟମାନୁସାରେ ଖାଦ୍ୟ ସୁରକ୍ଷା ବିଭାଗର ପ୍ରମାଣପତ୍ର ବିନା କମ୍ପାନୀ ତା'ର ଉତ୍ପାଦନ ସାମଗ୍ରୀ ବିକ୍ରି କରିପାରିବ ନାହିଁ। ମାତ୍ର ଅସାଧୁ ବ୍ୟବସାୟୀମାନେ ଅପମିଶ୍ରିତ ମୃଦୁପାନୀୟ ଉତ୍ପାଦନ କରି ଖୋଲାଖୋଲି ବଜାରରେ ବିକ୍ରି କରୁଛନ୍ତି।

ଏ ନେଇ ସିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ ଡା. ସତ୍ୟବ୍ରତ ମହାପାତ୍ର କହିଛନ୍ତି, ସହରରେ ବେନାମୀ ମୃଦୁପାନୀୟ କାରବାର ସମ୍ପର୍କରେ ଅବଗତ ଅଛି। ଗତବର୍ଷ ଭଳି ଚଳିତବର୍ଷ ମଧ୍ୟ ଏଥିପାଇଁ ଯୋଜନା ପ୍ରସ୍ତୁତ ହୋଇଛି। ପଞ୍ଜୀକୃତ ସଂସ୍ଥାର ତାଲିକା ସିଏମ୍‌ସି ନିକଟରେ ରହିଛି। ବଜାରରେ ବିକ୍ରି ହେଉଥିବା ପାନୀୟଗୁଡିକର ତଥ୍ୟ ସଂଗ୍ରହ କରାଯାଇଛି। କେବଳ ବେନାମୀ ସୋଡ଼ା ନୁହେଁ, ସର୍ବତ, ଲସି, ଜୁସ୍ ଦୋକାନଗୁଡିକ ଉପରେ ଖୁବ୍‌ଶୀଘ୍ର ଚଢାଉ କରାଯିବ। କେଉଁଠି ଏହାକୁ ପ୍ରସ୍ତୁତ କରାଯାଉଛି, କିଏ ସପ୍ଲାଏ କରୁଛି, ସେସବୁ ଉପରେ ନଜର ରଖାଯାଇଛି ବୋଲି ମହାପାତ୍ର କହିଥିଲେ।

## ଦାଦାବଟି ମାଗି ଯୁବକ ଗିରଫ

**ମଙ୍ଗୁଳି–ଜଗତପୁର,୧୮।୪(ଡି.ଏନ୍.ଏ.)**

ବାଲିଘାଟ ମାଲିକଙ୍କୁ ଦାଦାବଟି ମାଗିଥିବା ଅଭିଯୋଗରେ ଜଗତପୁର ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଜଗତପୁର ଥାନା ଅଧୀନ ଭୀମରାଜପୁରର ପ୍ରକାଶ ଚନ୍ଦ୍ର ସ୍ୱାଇଁ। ପୋଲିସ ସୂଚନା ମୁତାବକ, ଶହୀଦ ନଗରର ଦିଲୀପ କୁମାର ସାହୁ ଭୀମରାଜପୁର ଅଞ୍ଚଳରେ ଏକ ବାଲିଘାଟର ନିଲାମ ନେଇଥିଲେ। ଫେବୃୟାରୀ ୨୬ରେ ଦିଲୀପ ସେଠାରୁ ଟ୍ରାକ୍ଟର ଯୋଗେ ବାଲି ଉଠାଣ କରୁଥିବାବେଳେ ପ୍ରକାଶ କିଛି ଗ୍ରାମବାସୀଙ୍କୁ ନେଇ ସେଠାରେ ପହଞ୍ଚିଥିଲେ। ଏଠାରୁ ବାଲି ଉଠାଇ ଦିଆଯିବ ନାହିଁ ବୋଲି କହିବା ସହ ମାରଣାସ୍ତ୍ର ଦେଖାଇ ଭୟଭୀତ କରି ଗାଡିରୁ ଜୋର୍ ଜବରଦସ୍ତି ଚାବି ଛଡାଇ ନେବାକୁ ଚେଷ୍ଟା କରିଥିଲେ। ଫଳରେ ଟ୍ରାକ୍ଟର ଡ୍ରାଇଭର ବାଲି ନ ଉଠାଇ ସେଠାରୁ ଫେରି ଯାଇ ମାଲିକଙ୍କୁ ଜଣାଇଥିଲେ। ଏହା ପରଦିନ ଦିଲୀପ ପୁନଶ୍ଚ ସେଠାରୁ ବାଲି ଉଠାଇବା ପାଇଁ ଯିବାରୁ ପ୍ରକାଶ ତାଙ୍କୁ ବାଟରେ ଅଟକାଇ ଘାଟକୁ ଗଲେ ଜୀବନରେ ମାରିଦେବାର ଧମକ ଦେବା ସହ ବାଲିଘାଟ ଚଳାଇବାକୁ ହେଲେ ତାଙ୍କୁ ମାସିକ ଦାଦାବଟି ଦେବାକୁ ପଡିବ ବୋଲି କହିଥିଲେ। ଏ ସମ୍ପର୍କରେ ଦିଲୀପ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୯୦/୨୩) ରୁଜୁ କରିଥିଲା।



କଟକ ଖାନ୍‌ନଗର ଯୁବକ ସଂଘ ପକ୍ଷରୁ ଖୋଲା ଯାଇଥିବା ଜଳଛତ୍ର କେନ୍ଦ୍ରର ଉଦ୍‌ଘାଟନୀ ଅବସରରେ ଉପସ୍ଥିତ ଅତିଥିବୃନ୍ଦ।

## ଜଳଛତ୍ର ଉଦ୍‌ଘାଟିତ

**ଫୁଲନଖରା,୧୮।୪(ଡି.ଏନ୍.ଏ.)**

କଟକ–ଭୁବନେଶ୍ୱର ରାସ୍ତାର ପ୍ରତାପ ନଗରୀଠାରେ ଟ୍ରାଫିକ ଥାନା ପକ୍ଷରୁ ମଙ୍ଗଳବାର ଜଳଛତ୍ର ଖୋଲାଯାଇଛି। ଏହାକୁ ଟ୍ରାଫିକ ଥାନା ଅଧିକାରୀ ମନୋଜ ରୋଶନ ବିଲୁଙ୍ଗ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଏଏସ୍‌ଆଇ ବରୁଣ ନାୟକ, କାହ୍ନୁ ଚରଣ ମଲ୍ଲିକ, ସନ୍ଦୀପ କୁମାର ଜେନା, ଶିବ ଦାସ, ଶେଷଦେବ ଶତପଥୀ, ଦେବେନ୍ଦ୍ର ବେହେରା, ପ୍ରଦୀପ୍ତ କୁମାର ଦାଶ ପ୍ରମୁଖ ସହଯୋଗ କରିଥିଲେ।

# ମୁଗ୍ଧକଲା ଛଉନୃତ୍ୟ

**କଟକ ସଦର,୧୮।୪(ଡି.ଏନ୍.ଏ.)**

**ମହାନଦୀ ତଟୋତ୍ସବର ଚତୁର୍ଥ ସନ୍ଧ୍ୟା**

କିଶନ ନଗର ତହସିଲ ଅନ୍ତର୍ଗତ ମଲ୍ଲୀପୁରଠାରେ ଆୟୋଜିତ ମହାନଦୀ ତଟୋତ୍ସବର ମଙ୍ଗଳବାର ଥିଲା ଚତୁର୍ଥ ସନ୍ଧ୍ୟା। ଏଥିରେ ଅତିଥି ଭାବେ ଇସ୍ପାତ ଓ ଖଣିମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ, ବିଧାୟକ ପ୍ରଶାନ୍ତ ମୁଦୁଲି ଓ ତଟୋତ୍ସବ କମିଟି ଆବାହକ ତଥା ବିଧାୟକ ଚନ୍ଦ୍ର ସାରଥି ବେହେରା ଯୋଗଦେଇଥିଲେ। ଏହି ଅବସରରେ ସମାଜର ବିଭିନ୍ନ କ୍ଷେତ୍ରରେ ସଫଳତା ଅର୍ଜନ କରିଥିବା ପ୍ରବଚକ ଶ୍ରୀସନ୍ନ୍ୟାସୀ, ଡ. ଶୁକଦେବ ନାୟକ, ସୁଧାଂଶୁ ଶେଖର ମିଶ୍ର, ଡ. ପ୍ରଶାନ୍ତ କୁମାର ସ୍ୱାଇଁ, ମେଜର ଜେନେରାଲ(ଅବସର) ବିକାଶକୃଷ୍ଣ ମହାନ୍ତି, ନୌଚାଳନାରେ ଲିପିକା ଦାସ, କୁଞ୍ଜବିହାରୀ ଜେନା, ପରିବେଶବିତ୍ ନବ କିଶୋର ପଣ୍ଡା ଓ ବାଲୁକା ଶିଳ୍ପୀ ବଲ୍ଲଭ ମହାପାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ପରେ ସ୍ଥାନୀୟ ଅଞ୍ଚଳର ଶିଶୁ କଳାକାରମାନେ ଚିତ୍ତାକର୍ଷକ ନୃତ୍ୟ ପରିବେଷଣ କରିଥିଲେ। ସେହିପରି କଣ୍ଠଶିଳ୍ପୀଙ୍କ ସଙ୍ଗୀତ, ଏରିଅଲ ଡ୍ୟାନ୍ସ, କମେଡି ଓ ଛଉନୃତ୍ୟ ଦର୍ଶକଙ୍କୁ ମୁଗ୍ଧ କରିଥିଲା।



ମହାନଦୀ ତଟୋତ୍ସବର ଚତୁର୍ଥ ସନ୍ଧ୍ୟାରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

# କଣ୍ଟ୍ରାକ୍ଟରଙ୍କଠାରୁ ସାଢ଼େ ୪ ଲକ୍ଷ ଠକେଇ

**କଟକ ଅଫିସ,୧୮।୪**

**ମାମଲା ରୁଜୁ କରିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ**

କଟକରେ କାମ କରୁଥିବା ଜଣେ କଣ୍ଟ୍ରାକ୍ଟରଙ୍କଠାରୁ ସାଢ଼େ ୪ ଲକ୍ଷ ଟଙ୍କା ଠକେଇ ଘଟଣାରେ ମାମଲା ରୁଜୁ କରିବା ନିମନ୍ତେ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଠକେଇ ଅଭିଯୋଗ ଆଣିଥିବା କଣ୍ଟ୍ରାକ୍ଟର ହେଲେ ଭୁବନେଶ୍ୱର ଚନ୍ଦ୍ରଶେଖରପୁର ଅଞ୍ଚଳର ସୁରେଶ ଚନ୍ଦ୍ର ଭୋଳ। ଅଭିଯୁକ୍ତ ଜଣଙ୍କ ହେଲେ ମହାନଦୀ ବିହାର ଅଞ୍ଚଳର ସତ୍ୟରଞ୍ଜନ ସାମଲ। ଆବେଦନକାରୀ କଣ୍ଟ୍ରାକ୍ଟର ପ୍ରତିପକ୍ଷ ସତ୍ୟରଞ୍ଜନଙ୍କ ନାମରେ ଚାଉଳିଆଗଞ୍ଜ ଥାନାରେ ହାଇକୋର୍ଟଙ୍କ ନିର୍ଦ୍ଦେଶର କପି ସହ ଏତଲା ଦେବା ନିମନ୍ତେ ଆଇଆଇସିଙ୍କୁ ଅନୁରୋଧ କରିଛନ୍ତି। ଚାଉଳିଆଗଞ୍ଜ ଆଇଆଇସି ଏନେଇ ସୁପ୍ରିମକୋର୍ଟଙ୍କ ରାୟ ଆଧାରରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ, ୨୦୨୨ ଅଗଷ୍ଟରେ ମହାନଦୀ ବିହାରରେ ରହୁଥିବା ସତ୍ୟରଞ୍ଜନ ସାମଲ ତାଙ୍କ ଭାଇ ଶୁଭରଞ୍ଜନଙ୍କ ମେଡିକାଲ ଚିକିତ୍ସା ନିମନ୍ତେ କହି ୧ ଲକ୍ଷ ଟଙ୍କା ସୁରେଶଙ୍କଠାରୁ ଉଧାର ଆଣିଥିଲେ। ପୁଣି କିଛିଦିନ ପରେ ସତ୍ୟରଞ୍ଜନ ଏକ ଜାଗା ଦେଖାଇ ପ୍ଲଟିଂ କରିବାକୁ କହି ସୁରେଶଙ୍କଠାରୁ ସାଢ଼େ ୩ ଲକ୍ଷ ଟଙ୍କା ନେଇଥିଲେ। ସମସ୍ତ ଟଙ୍କା ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ ପ୍ରଦାନ କରାଯାଇଥିଲା। କିଛିଦିନ ପରେ ସୁରେଶ ଟଙ୍କା ମାଗିବାରୁ ସେ ତାଙ୍କୁ ଗାଳିଗୁଲଜ କରିବା ସହ ମାରିବାକୁ ଧମକ ଦେଲେ। ଏ ନେଇ ସୁରେଶ ଚାଉଳିଆଗଞ୍ଜ ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାଧ୍ୟମରେ ଘଟଣାର ସମାଧାନ ହୋଇଥିଲା। ସତ୍ୟରଞ୍ଜନ ତାଙ୍କ ବାପାଙ୍କ ଉପସ୍ଥିତିରେ ଟଙ୍କା ଫେରସ୍ତ ପାଇଁ ଦୁଇଟି ଚେକ୍ ସୁରେଶଙ୍କୁ ଦେଇଥିଲେ। ୧ ଲକ୍ଷ ଟଙ୍କାର ଗୋଟିଏ ଚେକ୍ ବାଉନ୍ସ ହୋଇଥିଲା। ଅନ୍ୟ ଚେକ୍‌ଟିରେ ଦସ୍ତଖତ ମେଳ ନ ହେବାରୁ ବ୍ୟାଙ୍କରେ ଗ୍ରହଣୀୟ ହେଲାନାହିଁ। ଏନେଇ ସୁରେଶ ଉଭୟ ବାପପୁଅଙ୍କୁ ଫୋନ୍ କଲେ ବି କେହି ଉଠେଇଲେ ନାହିଁ। ଫଳରେ ପୁଣି ସୁରେଶ ଚାଉଳିଆଗଞ୍ଜ ଥାନାରେ ଏତଲା ଦେବାକୁ ଯାଇଥିଲେ। ମାତ୍ର ଚାଉଳିଆଗଞ୍ଜ ଥାନାରେ ତାଙ୍କ ଏତଲା ରଖାଗଲା ନାହିଁ ବୋଲି ସେ ହାଇକୋର୍ଟରେ କରିଥିବା ମାମଲାର ଆବେଦନରେ ଦର୍ଶାଇଥିଲେ। ଏଥିରେ ସେ ଗୃହ ବିଭାଗ ସଚିବ, ଡିଜିପି, କଟକ ଡିସିପି ଓ ଚାଉଳିଆଗଞ୍ଜ ଥାନା ଆଇଆଇସିଙ୍କୁ ପକ୍ଷଭୁକ୍ତ କରିଥିଲେ।

## ବ୍ୟାଙ୍କ କର୍ମଚାରୀ ନେତା ପରୱାନାଙ୍କ ସ୍ମୃତିସଭା

**କଟକ ଅଫିସ, ୧୮।୪**

ବ୍ୟାଙ୍କ କର୍ମଚାରୀ ନେତା ଏଚ୍. ଏଲ୍. ପରୱାନାଙ୍କ ୪୮ତମ ସ୍ମୃତି ବାର୍ଷିକୀ କଟକ ବ୍ୟାଙ୍କ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ବଜ୍ରକବାଟି ରୋଡ୍‌ସ୍ଥିତ ଫେଡେରାଲ ବ୍ୟାଙ୍କ ସମ୍ମୁଖରେ ମଙ୍ଗଳବାର ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। କଟକ ବ୍ୟାଙ୍କ କର୍ମଚାରୀ ସମନ୍ୱୟ ସମିତି ସଭାପତି ସୁଭାଷ ଚନ୍ଦ୍ର ବୋଷଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଶ୍ରମିକ କର୍ମଚାରୀ ନେତା କିଶୋର ଜେନା ଯୋଗଦେଇ ପରୱାନାଙ୍କ ତ୍ୟାଗପୂତ ଜୀବନୀ ସମ୍ପର୍କରେ କହିଥିଲେ। ଏଥିରେ ସମନ୍ୱୟ ସମିତି ସମ୍ପାଦକ ବିଶୁଦ୍ଧ ଚକ୍ର ଦାସ, ଦିଲୀପ ମଲ୍ଲିକ, ରୋଜାଲିନ ସାହୁ, କୀର୍ତ୍ତି ରଞ୍ଜନ ବିଶ୍ୱାଳ, ପ୍ରମୋଦ ସାହୁ, ଶ୍ରୀନିବାସ ରାଓ, ଏ. କେ. ଜର୍ଜ, ଦୁଃଖିଶ୍ୟାମ ମାଝିପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପ୍ରେରଣା ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

# 'ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାକୁ ସୁଦୃଢ଼ କରେ ଗଣମାଧ୍ୟମ'

**କଟକ ଅଫିସ,୧୮।୪**

**ଶୈଳବାଳା ମହିଳା ସ୍ୱୟଂଶାସିତ କଲେଜରେ କର୍ମଶାଳା**

ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାକୁ ସୁଦୃଢ କରିବାରେ ଗଣମାଧ୍ୟମର ବଳିଷ୍ଠ ଭୂମିକା ରହିଛି। ଅନ୍ୟାୟ, ଅନୀତି, ଅତ୍ୟାଚାର, ଦୁର୍ନୀତି ଓ ଭ୍ରଷ୍ଟାଚାର ବିରୋଧରେ ସ୍ୱର ଉତ୍ତୋଳନ କରିବା ସହ ଜନସାଧାରଣଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି କରିବା ପାଇଁ ଗଣମାଧ୍ୟମ ପ୍ରତିନିଧି ଅଗ୍ରଣୀ ଭୂମିକା ଗ୍ରହଣ କରିବାକୁ ବରିଷ୍ଠ ସାମ୍ବାଦିକ ଡ. ସତ୍ୟ ରାୟ କହିଛନ୍ତି। ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟର ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଆନୁକୂଲ୍ୟରେ ଗଣମାଧ୍ୟମର ଭୂମି ଓ ଭୂମିକା ଶୀର୍ଷକ କର୍ମଶାଳା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ଡ. ସଞ୍ଜିତା ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କର୍ମଶାଳାରେ ଡ. ରାୟ ଯୋଗଦେଇ ଛାତ୍ରୀମାନେ ସାମ୍ବାଦିକତାକୁ ବୃତ୍ତି ଭାବେ ଗ୍ରହଣ କରିବାକୁ ଆହ୍ୱାନ ଦେଇଥିଲେ। ଉକ୍ତ କର୍ମଶାଳାରେ ପ୍ରାଧ୍ୟାପକ ଡ. ଦେବୀଲାଲ ମିଶ୍ର, ସାମ୍ବାଦିକ ରମେଶ କୁମାର ପଟ୍ଟନାୟକ, ଅଧ୍ୟାପକ ଚିତ୍ତରଞ୍ଜନ ପଣ୍ଡା, ଡ. ନରେନ୍ଦ୍ର ନାଥ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।




ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅନୁଷ୍ଠିତ କର୍ମଶାଳାରେ ଯୋଗଦେଇଥିବା ଅତିଥିବୃନ୍ଦ।

# ଏନ୍‌ଆର୍‌ଆର୍‌ଆଇରେ ଠିକା ଶ୍ରମିକଙ୍କ ଗଣଧାରଣା

**କଟକ ଅଫିସ, ୧୮।୪**

କଟକ ବିଦ୍ୟାଧରପୁରସ୍ଥିତ ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନ (ଏନ୍‌ଆର୍‌ଆର୍‌ଆଇ) ଠିକା ଶ୍ରମିକମାନେ ସେମାନଙ୍କ ବିଭିନ୍ନ ଦାବି ସମ୍ପର୍କରେ ଉଚ୍ଚ ପଦାଧିକାରୀ ଏବଂ ଠିକାଦାରଙ୍କ ସହ ବାରମ୍ବାର ଆଲୋଚନା କରିଛନ୍ତି। ହେଲେ ଉଚ୍ଚ ପଦାଧିକାରୀ ଏବଂ ଠିକାଦାର ଏଥିପ୍ରତି ଦୃଷ୍ଟି ଦେଇନାହାନ୍ତି। ଫଳରେ ଶ୍ରମିକମାନେ ସେମାନଙ୍କର ଅଧିକାରରୁ ବଞ୍ଚିତ ହେଉଛନ୍ତି ବୋଲି ଏନ୍‌ଆର୍‌ଆର୍‌ଆଇ କଣ୍ଟ୍ରାକ୍ଟ ଲେବର ୟୁନିୟନ ପକ୍ଷରୁ ଅଭିଯୋଗ କରାଯାଇଛି। ଏଥିଯୋଗୁ ଶ୍ରମିକମାନେ ବାଧ୍ୟ ହୋଇ ଏନ୍‌ଆର୍‌ଆର୍‌ଆଇ ସମ୍ମୁଖରେ ମଙ୍ଗଳବାର ଗଣଧାରଣା ଦେଇଛନ୍ତି।

ଏନ୍‌ଆର୍‌ଆର୍‌ଆଇ କଣ୍ଟ୍ରାକ୍ଟ ଲେବର ୟୁନିୟନ ସଭାପତି ବସନ୍ତ କୁମାର ସାହୁ କହିଛନ୍ତି, ଉକ୍ତ ପ୍ରତିଷ୍ଠାନରେ ୨୫୦ରୁ ଊର୍ଦ୍ଧ୍ୱ ଶ୍ରମିକ ଠିକାଦାରଙ୍କ ଅଧୀନରେ ୧୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି କାର୍ଯ୍ୟ କରୁଛନ୍ତି। ଏନ୍‌ଆର୍‌ଆର୍‌ଆଇର ୪୩୦ ଏକରରୁ ଊର୍ଦ୍ଧ୍ୱ ଜମି ରହିଛି। ହେଲେ ଶ୍ରମିକମାନଙ୍କୁ ମାସକୁ ଅତି ବେଶିରେ ୧୦ ଦିନ କାମ ଦିଆଯାଉଛି। ଏପରି କି ୩ରୁ ୪ ମାସରେ ଥରେ ଦରମା ମିଳୁଛି। ଏଥିସହ ଇପିଏଫ୍ ଏବଂ ଇଏସ୍‌ଆଇ କଟା ଯାଉଥିଲେ ମଧ୍ୟ ଶ୍ରମିକମାନେ ତାହାର ସୁବିଧା ପାଇପାରୁ ନାହାନ୍ତି। କାରଣ ଜଣେ ଶ୍ରମିକ ମାସରେ ୨୨ରୁ ୨୬ ଦିନ କାମ କଲେ ଯାଇ ଏହି ସୁବିଧା ପାଇପାରିବ। ଅନ୍ୟପକ୍ଷରେ ଏବେ ଶ୍ରମିକମାନଙ୍କ କାମକୁ ପ୍ରୋଜେକ୍ଟ ଓ ଅନ୍ୟ କର୍ମଚାରୀଙ୍କ ଦ୍ୱାରା କରାଯାଉଛି। ଏହାଦ୍ୱାରା ଶ୍ରମିକମାନେ କାମ ନ ପାଇ ଘରକୁ ଫେରୁଛନ୍ତି। ତେଣୁ ଶ୍ରମିକମାନେ ବାଧ୍ୟ ହୋଇ ଗଣଧାରଣା ମାଧ୍ୟମରେ ନିଜର ଦାବି ଉପସ୍ଥାପନ କରିଛନ୍ତି। ବିଶେଷକରି ଠିକା ପ୍ରଥା ବନ୍ଦ କରି ପ୍ରତିଷ୍ଠାନ ତରଫରୁ କାମ ଯୋଗାଇଦେବା, ବକେୟା ଦରମା, ଇପିଏଫ୍ ବାବଦକୁ ସମସ୍ତ ଟଙ୍କା ଡିପୋଜିଟ୍ କରିବା, ମାସକୁ ୨୬ ଦିନ କାମ ଯୋଗାଇଦେବା ଇତ୍ୟାଦି ଦାବି ରହିଛି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଗଣଧାରଣା ଚାଲୁ ରହିବ ବୋଲି ସାହୁ କହିଛନ୍ତି। ୟୁନିୟନ ସଭାପତି ସାହୁଙ୍କ ସମେତ ସାଧାରଣ ସମ୍ପାଦକ ସୁଧୀର ନାୟକ, ସହସମ୍ପାଦିକା ମମତା ଭୋଇ, ଉପସଭାପତି କିଶୋର ଭୋଇ, ତ୍ରୈଲୋକ୍ୟ ଭୋଇ, କୁନା ଭୋଇ, ପଞ୍ଚେଇ ଭୋଇ, ପ୍ରବୀଣା ଭୋଇ, ଫୁଲ ଭୋଇ, ପ୍ରକାଶ ନାୟକ ପ୍ରମୁଖ ଗଣଧାରଣାରେ ସାମିଲ ହୋଇଥିଲେ। ଏ ସମ୍ପର୍କରେ ଏନ୍‌ଆର୍‌ଆର୍‌ଆଇ ନିର୍ଦ୍ଦେଶକ ଅମରେଶ କୁମାର ନାୟକ କହିଛନ୍ତି, ଶ୍ରମିକମାନଙ୍କୁ ଋତୁକାଳୀନ ଠିକା ହିସାବରେ ସରକାରୀ ସ୍ୱୀକୃତିପ୍ରାପ୍ତ ଠିକାଦାରଙ୍କ ମାଧ୍ୟମରେ ଅଣାଯାଇ କାର୍ଯ୍ୟ କରାଯାଏ। ସେମାନଙ୍କର ଦାବିଗୁଡ଼ିକ ମଧ୍ୟରୁ କେତେକ ପୂରଣ କରାଯାଇଛି। ଆଉ କେତେକ ଦାବି ପୂରଣ କରିବା ଆମ କ୍ଷମତା ବାହାରେ। ତେଣୁ ସେମାନଙ୍କ ଦାବିପତ୍ରକୁ ସମ୍ପୃକ୍ତ ସରକାରୀ ଅଧିକାରୀଙ୍କ ନିକଟକୁ ପଠାଯାଇଛି ବୋଲି ନାୟକ କହିଛନ୍ତି।




ଏନ୍‌ଆର୍‌ଆର୍‌ଆଇ ସମ୍ମୁଖରେ ଠିକା ଶ୍ରମିକମାନେ ଗଣଧାରଣା ଦେଇଛନ୍ତି।

- କାମ ନ ପାଇ ଘରକୁ ଫେରୁଛନ୍ତି
- ଠିକା ପ୍ରଥା ବନ୍ଦ କରି ପ୍ରତିଷ୍ଠାନ କାମ ଯୋଗାଇଦେଉ

## ସଂକ୍ଷେପରେ

### ଯାଞ୍ଚବେଳେ ଆର୍‌ଟିଓ କର୍ମଚାରୀଙ୍କୁ ଧକ୍କାଦେଇ ପଡ଼ିଗଲେ ଛାତ୍ର

ଭୁବନେଶ୍ୱର,୧୮।୪(ବ୍ୟୁରୋ): ଭୁବନେଶ୍ୱର ୟୁନିଟ-୮ ନିକଟସ୍ଥ ପାୱାର ହାଉସ ଛକରେ ମଙ୍ଗଳବାର ଆର୍‌ଟିଓ ପକ୍ଷରୁ ଗାଡି ଚେକିଂ ଚାଲିଥିଲା। ଏହି ସମୟରେ ଜଣେ ନାବାଳକ ଛାତ୍ର ସ୍କୁଲରୁ ବାଇକ୍‌ରେ ଫେରୁଥିଲେ। ସେ ଗାଡି ଯାଞ୍ଚ ହେଉଥିବା ଦେଖି ନିଜ ବାଇକ୍‌ର ବେଗ ବଢ଼ାଇ ଦେବା ସହ ଖସି ଯିବାକୁ ଉଦ୍ୟମ କରୁଥିବାବେଳେ ଭାରସମ୍ୟ ହରାଇ ଆର୍‌ଟିଓ କର୍ମଚାରୀଙ୍କୁ ଧକ୍କା ଦେଇ ତଳେ ପଡିଯାଇଥିଲେ। ତାଙ୍କ ଗୋଡରେ ଗଭୀର ଆଘାତ ଲାଗିଛି। ସେହିଭଳି ଗାଡି ଧକ୍କାରେ ଆର୍‌ଟିଓ କର୍ମଚାରୀ ତଳେ ପଡି ଆହତ ହୋଇଛନ୍ତି। ଉଭୟଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଛାତ୍ର ଜଣଙ୍କୁ ତାଙ୍କ ପରିବାର ଲୋକଙ୍କ ଜିମା ଦିଆଯାଇଛି। ଏହାସହ ଆରଟିଓ ଅଧିକାରୀଙ୍କ ପକ୍ଷରୁ ଆହତ ଛାତ୍ରଙ୍କୁ ଆଗାମୀ ଦିନରେ ଏଭଳି ଭୁଲ୍ ନ କରିବାକୁ ତାଗିଦ କରାଯାଇଛି।

### ପୋଲିସଙ୍କୁ ଦୁର୍ବ୍ୟବହାର, ୫ ଧରାପଡ଼ିଲେ

**ବିଅର ବୋତଲ,ସ୍କୁଟି ଜବତ**

ଭୁବନେଶ୍ୱର,୧୮।୪ (ବ୍ୟୁରୋ): ପୋଲିସକୁ ଦୁର୍ବ୍ୟବହାର କରିବା ସହ ଏମ୍‌ଭି ଆକ୍ଟ ଉଲ୍ଲଘଂନ ଅଭିଯୋଗରେ ଲିଙ୍ଗରାଜ ଥାନା ପୋଲିସ ୫ଜଣଙ୍କୁ ଧରିଛି। ୩ଜଣ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲାବେଳେ ୨ ନାବାଳକଙ୍କୁ ଜୁଭେନାଇଲ ଜଷ୍ଟିସ ବୋର୍ଡରେ ହାଜର କରିଛି। ଗିରଫ ୩ ଅଭିଯୁକ୍ତ ହେଲେ ସ୍ଥାନୀୟ ଅଞ୍ଚଳର ଆକାଶ ପ୍ରଧାନ, ବୁଦ୍ଧଦେବ ରାଉତ ଓ ଶ୍ୟାମ ସ୍ୱାଇଁ। ସେମାନଙ୍କଠାରୁ ଗୋଟିଏ ସ୍କୁଟି ଓ ୫ଟି ବିଅର ବୋତଲ ଜବତ କରିଛି ପୋଲିସ। ସୂଚନାନୁସାରେ, ଧରାପଡିଥିବା ୫ଜଣ ଟିନ୍ ବିଅର କେନ ଧରି ହୋହଲ୍ଲା କରିବା ସହିତ ଦ୍ରୁତ ଗତିରେ ବିନା ହେଲମେଟରେ ବେପରୁଆ ଗାଡି ଚାଳନା କରି ଆସୁଥିଲେ। ଗଙ୍ଗା ଯମୁନା ଛକ ନିକଟରେ ପାଟ୍ରୋଲିଂ ଟିମ ଅଟକାଇବାବେଳେ ସେମାନେ ହତ୍ୟା କରିବା ଉଦ୍ଦେଶ୍ୟରେ ଦ୍ରୁତ ଗତିରେ ସ୍କୁଟି ଚଲାଇ ଧକ୍କା ଦେବା ସହ ସର୍ବସାଧାରଣ ସ୍ଥାନରେ ଅଶ୍ଳୀଳ ଭାଷାରେ ଦୁର୍ବ୍ୟବହାର କରିଥିଲେ। ପାଟ୍ରୋଲିଂ ଟିମ କୌଶଳକ୍ରମେ ସେମାନଙ୍କୁ କାବୁ କରିବା ପରେ ଯାଞ୍ଚ କରିଥିଲା। ସେମାନଙ୍କର କୌଣସି ଡ୍ରାଇଭିଂ ଲାଇସେନ୍ସ ନ ଥିବା ଜଣାପଡିବା ପରେ ଏହି କାର୍ଯ୍ୟାନୁଷ୍ଠାନ ହୋଇଛି।

### ୧୦୦ ବୋତଲ ମଦ ଜବତ, ଜଣେ ଗିରଫ

ବାଲିଅନ୍ତା,୧୮।୪(ଡି.ଏନ୍.ଏ.) : ବେଆଇନ ଭାବେ ଦେଶୀ ମଦ ବିକ୍ରି କରିବା ଅଭିଯୋଗରେ ପାହାଳ ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେ ହେଲେ କଟକ ସଦର ଥାନା ଗୁଆଳି ଅଞ୍ଚଳର ଶରତ କାଣ୍ଡି (୩୮)। ଏ ନେଇ ପୋଲିସ ୧୧୪/୨୩ରେ ଏକ ମାମଲା ରୁଜୁ କରିଛି। ପୋଲିସ ତାଙ୍କ ପାଖରୁ ୧୦୦ ବୋତଲ ମଦ ଜବତ କରିଛି। ଏକ କେନାଲ ବନ୍ଧ ପାଖରେ ଶରତ ଚୋରାରେ ମଦ ବିକ୍ରି କରୁଥିବାବେଳେ ଖବରପାଇ ଥାନାଧିକାରୀ ସୁଚିତ୍ରା ପରିଡ଼ାଙ୍କ ନିର୍ଦ୍ଦେଶରେ ପୋଲିସ ଟିମ୍ ସେଠାରେ ଚଢ଼ାଉ କରି ତାଙ୍କୁ କାବୁ କରିଥିଲା।

# ନିଶାବେପାରୀ ବିଜୟ ମାଣିଆଙ୍କୁ ବର୍ଷେ ଜେଲଦଣ୍ଡ

**କୋର୍ଟ ପରିସରରୁ ଖସି ପଳାଇବା ମାମଲା**

- ଦୋଷୀ ସାବ୍ୟସ୍ତ ପରେ ଏସ୍କର୍ଟ ଟିମ୍‌କୁ ଧକ୍କା ଦେଇ ଚମ୍ପଟ ମାରିଥିଲେ
- ହାଇଦ୍ରାବାଦରୁ ଗିରଫ ପରେ ଜେଲରେ ସଜା କାଟୁଛନ୍ତି ବିଜୟ
- ୧୦ବର୍ଷ ଜେଲଦଣ୍ଡ ପରେ ଆଉ ୧ ବର୍ଷ ସଜା କାଟିବେ

ଭୁବନେଶ୍ୱର,୧୮।୪(ବ୍ୟୁରୋ)

ଦୋଷୀ ସାବ୍ୟସ୍ତ ନିଶାବେପାରୀ ବିଜୟ ମାଣିଆ ଭୁବନେଶ୍ୱର କୋର୍ଟ ପରିସରରୁ ଖସି ପଳାଇବା ମାମଲାରେ ମଙ୍ଗଳବାର ରାୟ ପ୍ରକାଶ ପାଇଛି। ନିଶା କାରବାର ମାମଲାରେ ଝାରପଡ଼ା ଜେଲରେ ସଜା କାଟୁଥିବା ବିଜୟଙ୍କୁ ଭୁବନେଶ୍ୱର ଜେଏମ୍‌ଏଫ୍‌ସି (୪) ଏକବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ତାଙ୍କୁ ୩ଟି ଦଫାରେ ମୋଟ ୪ ହଜାର ଟଙ୍କା ଅର୍ଥଦଣ୍ଡରେ ମଧ୍ୟ ଦଣ୍ଡିତ କରାଯାଇଛି। ଜରିମାନା ଅନାଦାୟ ଅଧିକ ୨ ମାସ ଜେଲ ଭୋଗିବାକୁ ବିଚାରପତି ଏସ୍.ଏନ୍. ମହାନ୍ତି ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ପୂର୍ବରୁ ଅବକାରୀ ବିଭାଗ ଦ୍ୱାରା ହୋଇଥିବା ମାମଲାରେ ଭୁବନେଶ୍ୱର ଅତିରିକ୍ତ ଜିଲା ଓ ଦୌରା ଜଜ୍‌ଙ୍କ ଦ୍ୱାରା ବିଜୟ ଦୋଷୀ ସାବ୍ୟସ୍ତ ହୋଇ ୧୦ ବର୍ଷ ଜେଲଦଣ୍ଡର ସଜା କାଟୁଛନ୍ତି। ତେବେ କୋର୍ଟରୁ ଖସି ପଳାଇବା ମାମଲାରେ ବିଜୟ ଆଉ ଏକବର୍ଷ ଅଧିକ ଜେଲରେ ରହିବେ।

ସୂଚନା ଅନୁଯାୟୀ, ବାଲିପାଟଣା ଥାନା ଅନ୍ତର୍ଗତ ପଦ୍ମପୁର ଅଞ୍ଚଳର ବିଜୟ ୧୦୫ କେଜି ଗଞ୍ଜେଇ ସହ ୨୦୨୦ ସେପ୍ଟେମ୍ବର ୧୧ରେ କଟକ ଜିଲା ଅବକାରୀ ବିଭାଗର ଫ୍ଲାଇଂ ସ୍କ୍ୱାଡ୍ ଦ୍ୱାରା ଗିରଫ ହୋଇ ଜେଲ ଯାଇଥିଲେ। ୨୦୨୨ ଜୁନ ୨୫ରେ କୋର୍ଟ ଏହି ମାମଲାର ଚୂଡ଼ାନ୍ତ ରାୟ ପ୍ରକାଶ କରି ଦଣ୍ଡାଦେଶ ଶୁଣାଇଥିଲେ। ପରେ ୨ଜଣିଆ ଏସ୍କର୍ଟ ଟିମ୍ ବିଜୟଙ୍କୁ ଧରି କୋର୍ଟରୁ ଜେଲ ନେଉଥିବାବେଳେ ସେ ଧକ୍କା ଦେଇ ଖସି ପଳାଇଥିଲେ। ଏନେଇ ବଡ଼ଗଡ଼ ଥାନାରେ ଏତଲା ପରେ ପୋଲିସ ଏକ ମାମଲା (ନଂ.୨୧୮/୨୦୨୩) ରୁଜୁ କରି ଅଗଷ୍ଟ ୨୮ରେ ହାଇଦ୍ରାବାଦରୁ



ବିଜୟଙ୍କୁ ଗିରଫ କରିଥିଲା। ପରେ ତାଙ୍କୁ ଜେଲକୁ ପଠାଇ ଦିଆଯାଇଥିଲା। ମାମଲାରେ ୬ଜଣ ସାକ୍ଷୀଙ୍କ ଆଧାରରେ କୋର୍ଟ ରାୟ ଶୁଣାଇଥିଲେ। ସରକାରଙ୍କ ପକ୍ଷରୁ ସହକାରୀ ସରକାରୀ ଓକିଲ ବିଶ୍ୱରଞ୍ଜନ ରାଉତ ଓ ସୁଶାନ୍ତ କୁମାର ଦାସ ମାମଲା ପରିଚାଳନା କରୁଥିଲେ।

# ରାଜଧାନୀରେ ଯୁବତୀଙ୍କ ହାଇଡ୍ରାମା



ଉତ୍ତ୍ୟକ୍ତ ଯୁବତୀଙ୍କୁ ଥାନାକର୍ମଚାରୀ ଧରିଛନ୍ତି।

**ଥାନାରେ ଆତ୍ମହତ୍ୟା ଧମକ ଦେଲେ**

ଭୁବନେଶ୍ୱର,୧୮।୪ (ବ୍ୟୁରୋ)

ରାଜଧାନୀରେ ମଙ୍ଗଳବାର ଜଣେ ଯୁବତୀଙ୍କ ହାଇଡ୍ରାମା ଦେଖିବାକୁ ମିଳିଛି। ଯୁବତୀ ଜଣକ ହଠାତ୍ ଖଣ୍ଡଗିରି ଥାନାରେ ପହଞ୍ଚି ଆତ୍ମହତ୍ୟା ଧମକ ଦେଇଥିଲେ। ୧୦ଟି ନିଦ ବଟିକା ଖାଇଦେଇଥିବା ନେଇ ପୋଲିସଙ୍କୁ କହିଥିଲେ। ଯୁବତୀଙ୍କ ଏଭଳି ଅବସ୍ଥା ଦେଖି ପୋଲିସ ତାଜୁବ ହୋଇଯାଇଥିଲେ। ସଙ୍ଗେ ସଙ୍ଗେ ପୋଲିସ ତାଙ୍କୁ ଡାକ୍ତରଖାନା ନେଇ ଚିକିତ୍ସା କରାଇଥିଲା। ସୂଚନାନୁସାରେ ଯୁବତୀ ଜଣକ ଖଣ୍ଡଗିରି ଥାନା ଅନ୍ତର୍ଗତ ଆଇଗିଣିଆ ଛକରୁ ଗୋଟିଏ ଓଲା ବାଇକ୍ ବୁକ୍ କରିଥିଲେ। ଓଲା ଡ୍ରାଇଭର ସେଠାକୁ ଆସିବା ପରେ ମାଷ୍ଟରକ୍ୟାଣ୍ଟିନ ଯାଇ ସେଠାରେ ଆତ୍ମହତ୍ୟା କରିବେ ବୋଲି କହିଥିଲେ ଯୁବତୀ। ଡ୍ରାଇଭର ଜଣକ ଭୟଭୀତ ହୋଇପଡ଼ି ଥିବାବେଳେ ଯୁବତୀ ଗାଡ଼ିରେ ବସିବାକୁ ଚେଷ୍ଟା କରି ୧୦ଟି ସ୍ଲିପିଂ ବଟିକା ଖାଇଥିବା କହି ଗାଡ଼ିରୁ ପଡ଼ିଯାଇଥିଲେ। ଯୁବତୀଙ୍କ ଏଭଳି ଅବସ୍ଥା ଦେଖି ଡ୍ରାଇଭର ଜଣକ ତାଙ୍କୁ ଉଦ୍ଧାର କରି ସ୍ଥାନୀୟ ଖଣ୍ଡଗିରି ଥାନାରେ ପହଞ୍ଚି ଥିଲେ। ଥାନାରେ ମଧ୍ୟ ଯୁବତୀ ପୋଲିସକୁ ନାକେଦମ କରିଦେଇଥିଲେ। ପରେ ଗୁରୁତର ଯୁବତୀଙ୍କୁ ପୋଲିସ ତୁରନ୍ତ ମେଡିକାଲ ନେଇଥିଲେ।

# ପ୍ରଶିକ୍ଷଣ ନେଲେ ସମ୍ବଲପୁର ଜୋନ୍‌ର ଡିଇଓ, ବିଇଓ



ପ୍ରଶିକ୍ଷଣ ଶିବିରରେ ଯୋଗଦେଇଥିବା ଅତିଥିମାନେ।

ଭୁବନେଶ୍ୱର,୧୮।୪(ବ୍ୟୁରୋ)

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ ଥିବା ସମ୍ବଲପୁର ଜୋନ୍‌ର ୧୨ଟି ଜିଲାର ଶିକ୍ଷାଧିକାରୀ(ଡିଇଓ) ଓ ବ୍ଲକ୍ ଶିକ୍ଷାଧିକାରୀ(ବିଇଓ)ଙ୍କ ଦୁଇଦିନିଆ ସମୀକ୍ଷା ବୈଠକ ଏବଂ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଭୁବନେଶ୍ୱରସ୍ଥିତ କୃଷି ଭବନ ଅଡିଟୋରିୟମ୍‌ରେ ଚାଲିଥିବା ଏହି ପ୍ରଶିକ୍ଷଣ ଶିବିରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଲେ, ରାଜ୍ୟର ଶିକ୍ଷା ବ୍ୟବସ୍ଥାକୁ ଅଧିକ କ୍ରିୟାଶୀଳ କରିବା ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱପ୍ନକୁ ସାକାର କରିବା ହିଁ ଆମର ଲକ୍ଷ୍ୟ। ଚିରାଚରିତ କାର୍ଯ୍ୟପନ୍ଥାରୁ ବାହାରି ଆମକୁ ଶିକ୍ଷାକ୍ଷେତ୍ରରେ ସ୍ୱତନ୍ତ୍ର କାର୍ଯ୍ୟପନ୍ଥା ଗ୍ରହଣ କରିବାକୁ ପଡ଼ିବ ବୋଲି ସେ କହିଥିଲେ। ସେହିପରି ମୁଖ୍ୟମନ୍ତ୍ରୀ ବାର୍ତ୍ତା '୨୦୩୬ରେ ରାଜ୍ୟର ୧୦୦ବର୍ଷ ପୂର୍ତ୍ତି ଉପଲକ୍ଷେ ଶିକ୍ଷାକ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆମର ଲକ୍ଷ୍ୟ'କୁ ମନ୍ତ୍ରୀ ଦାଶ ଉପସ୍ଥାପନ କରିଥିଲେ। ଡିଇଓ, ବିଇଓ ଓ ସିଆର୍‌ସିସିମାନେ ବିଦ୍ୟାଳୟ ପର୍ଯ୍ୟବେକ୍ଷଣ କରିବା, ଛାତ୍ରଙ୍କ ନାମଲେଖା, ଶତପ୍ରତିଶତ ପିଲା ଦଶମ ପରୀକ୍ଷା ଦେବା, ଡ୍ରପ୍ ଆଉଟ୍ କମାଇବା, ପିଲାଙ୍କୁ ପୁନଃ ସ୍କୁଲକୁ ଫେରାଇ ଆଣିବା ଏବଂ ଛୁଟିରେ ଶିକ୍ଷକମାନେ ପିଲାମାନଙ୍କ ଘରକୁ ଯାଇ ସେମାନଙ୍କ ପାଠ୍ୟକ୍ରମ ସଂପର୍କରେ ପଚାରି ବୁଝିବା ବାବଦରେ ମନ୍ତ୍ରୀ ଦାଶ ଗୁରୁତ୍ୱାରୋପ କରିଥିଲେ। ବିଭାଗୀୟ କମିଶନର ତଥା ଶାସନ ସଚିବ ଅଶ୍ୱଥି ଏସ୍. ଶିକ୍ଷାର ବିକାଶ ଏବଂ ବିଭାଗର ସମସ୍ତ ସ୍କିମ୍ ତଥା ଉଦ୍ୟମର ସଫଳ ରୂପାୟନ ନିମନ୍ତେ ଯଥାସାଧ୍ୟ ପ୍ରୟାସ କରିବାକୁ ଡିଇଓ ଏବଂ ବିଇଓଙ୍କୁ ପରାମର୍ଶ ଦେଇଥିଲେ। ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନୁପମ ସାହା, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ସୁଶାନ୍ତ କୁମାର ଦାଶ, ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ଜ୍ୟୋତି ରଞ୍ଜନ ମିଶ୍ର, ଏସ୍‌ସିଇଆର୍‌ଟି ନିର୍ଦ୍ଦେଶକ ମନୋଜ କୁମାର ପାଢ଼ୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମସ୍ତ ଡିଇଓ ଏବଂ ବିଇଓଙ୍କ ସମେତ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ।

### ୨ ଅଟୋ ଧକ୍କା, ମହିଳା ସ୍ୱାସ୍ଥ୍ୟ କର୍ମୀ ମୃତ

ସାକ୍ଷୀଗୋପାଳ,୧୮।୪ (ସ୍ୱ.ପ୍ର./ଡି.ଏନ୍.ଏ.)

ପୁରୀ ଜିଲା ସତ୍ୟବାଦୀ ଥାନା ଅନ୍ତର୍ଗତ ସାକ୍ଷୀଗୋପାଳ- ଅଳଗୁମ ରାସ୍ତାର ନହଳା ଛକ ନିକଟରେ ମଙ୍ଗଳବାର ପୂର୍ବାହ୍ନ ୧୧ଟା ୩୦ରେ ଯାତ୍ରୀବାହୀ ଅଟୋ ସହ ଡାଲା ଅଟୋ ଧକ୍କା ହେବାରୁ ଜଣେ ମହିଳା ସ୍ୱାସ୍ଥ୍ୟ କର୍ମୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଅଳଗୁମ ଡାକ୍ତରଖାନାରେ କାର୍ଯ୍ୟରତ ଏଏନ୍‌ଏମ୍ ପ୍ରଭାସିନୀ ପ୍ରଧାନ (୫୪)। ସଦର ଥାନା ଅନ୍ତର୍ଗତ ଗୋପୀନାଥପୁର ଗ୍ରାମରେ ତାଙ୍କ ଘର। ଅପରପକ୍ଷେ ଦୁର୍ଘଟଣାରେ ୨ଟି ଅଟୋରୁ ଶିକ୍ଷୟିତ୍ରୀଙ୍କ ସମେତ ୮ଜଣ ଗୁରୁତର ହୋଇଛନ୍ତି। ତେବେ ସ୍ଥାନୀୟ ଲୋକେ ଆମ୍ବୁଲାନ୍ସକୁ ଫୋନ କରିବାବେଳେ ବିଳମ୍ବରେ ପହଞ୍ଚିବାରୁ କିଛି ସମୟ ହୋହଲ୍ଲା ହୋଇଥିଲା। ଖବରପାଇ ସତ୍ୟବାଦୀ ଥାନା ପୋଲିସ ପହଞ୍ଚି ଗୁରୁତରଙ୍କୁ ଚିକିତ୍ସା ପାଇଁ ପଠାଇବା ସହ ସ୍ଥାନୀୟ ଲୋକଙ୍କୁ ବୁଝାଶୁଝା କରିଥିଲା। ପରେ ଦୁର୍ଘଟଣାଗ୍ରସ୍ତ ଦୁଇଟି ଅଟୋକୁ ଜବତ କରି ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

### ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

କୋଣାର୍କ,୧୮।୪(ଡି.ଏନ୍.ଏ.)

କୋଣାର୍କ-କାକଟପୁର ମୁଖ୍ୟ ରାସ୍ତାର କୁରୁଜଙ୍ଗ ଗ୍ରାମ ନିକଟ ଜାଗେଶ୍ୱରୀ ମନ୍ଦିର ପାଖ ଏକ ଗଛରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ କୋଣାର୍କ ପୋଲିସ ମଙ୍ଗଳବାର ଜବତ କରିଛି। ସେ ହେଲେ ଅସ୍ତରଙ୍ଗ ଥାନା କୁଣ୍ଡେଶ୍ୱର ଗ୍ରାମର ହରିହର ପ୍ରଧାନ। ଏନେଇ ପୋଲିସ ୬/୨୩ରେ ଅପମୃତ୍ୟୁ ମାମଲା ରୁଜୁ କରି ତାଙ୍କ ସ୍ତ୍ରୀଙ୍କୁ ମୃତଦେହ ଦେଇଥିଲେ। ବ୍ୟବଚ୍ଛେଦ ନିମନ୍ତେ ପରିବାର ଲୋକ ପୁରୀ ନେଇଥିବା ଥାନାଧିକାରୀ ସୂଚନା ଦେଇଛନ୍ତି। ମୃତକ ଏକ ମୋଟରସାଇକେଲ (ଓଡି-୧୩-ଏ-୨୧୦୮)ରେ ଆସି ଗଛରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଥିବା ତାଙ୍କ ସ୍ତ୍ରୀ କହିଛନ୍ତି। ତେବେ ଘଟଣାର କିଛି ଦୂରତାରେ ଥିବା ମୋଟରସାଇକେଲରେ ଥିବା କାଗଜପତ୍ରରୁ ହରିହରଙ୍କ ପରିଚୟ ମିଳିଥିବାବେଳେ ପୋଲିସ ପରିବାର ଲୋକଙ୍କୁ ଘଟଣାସ୍ଥଳକୁ ଡକାଇଥିଲା। ଘଟଣାସ୍ଥଳରେ ପହଞ୍ଚି ଘରୋଇ କଳହରୁ ଏପରି ଘଟଣା ଘଟିଥିବା ମୃତକଙ୍କ ସ୍ତ୍ରୀ କହିଥିଲେ।

# ମୁଢ଼ି ଫ୍ୟାକ୍ଟ୍ରିରୁ ବ୍ୟବସାୟୀଙ୍କ ଝୁଲନ୍ତା ମୃତଦେହ ଜବତ

ଭୁବନେଶ୍ୱର,୧୮।୪ (ବ୍ୟୁରୋ)

ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଚକେଇସିଆଣିସ୍ଥିତ ଏକ ମୁଢ଼ି ଫ୍ୟାକ୍ଟ୍ରିଭିତରୁ ମଙ୍ଗଳବାର ସନ୍ଧ୍ୟାରେ ଜଣେ ଅଣଓଡ଼ିଆ ଯୁବ ବ୍ୟବସାୟୀଙ୍କ ଝୁଲନ୍ତା ମୃତଦେହ ମିଳିଛି। ତାଙ୍କ ଘର ଆନ୍ଧ୍ରପ୍ରଦେଶରେ ହୋଇଥିବାବେଳେ ସ୍ଥାନୀୟ ଲୋକେ ତାଙ୍କୁ ଆନ୍ନା (୪୨) ବୋଲି ଡାକନ୍ତି। ସେମାନଙ୍କ କହିବାନୁସାରେ, ଆନ୍ନା କିଛିବର୍ଷ ହେବ ଚକେଇସିଆଣିସ୍ଥିତ ମୁଢ଼ି ଫ୍ୟାକ୍ଟ୍ରିକୁ ଲିଜ୍‌ରେ ନେଇ ମୁଢ଼ି ତିଆରି କରି ବ୍ୟବସାୟ କରୁଥିଲେ। ସେଠାରେ ସେ ପରିବାର ସଦସ୍ୟଙ୍କ ସହ ରହୁଥିଲେ। ସୋମବାର ପରିବାର ଲୋକେ ଆନ୍ଧ୍ରପ୍ରଦେଶ ଚାଲିଯାଇଥିଲେ। ମଙ୍ଗଳବାର ସନ୍ଧ୍ୟାରେ କେତେଜଣ ଲୋକ ମୁଢ଼ି ପାଇଁ ଫ୍ୟାକ୍ଟ୍ରିକୁ ଯାଇଥିବାବେଳେ ଏକ ଘରେ ତାଙ୍କ ମୃତଦେହ ଏକ ଦୌଡ଼ିରେ ଝୁଲୁଥିବା ଦେଖି ଥାନାକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇଥିଲା। ମୃତଦେହକୁ ଶବ ବ୍ୟବଚ୍ଛେଦ ସଂରକ୍ଷଣ ଗୃହରେ ରଖି ପରିବାର ଲୋକଙ୍କୁ ଖବର ଦେବା ସହ ଘଟଣାର ଅଧିକ ତଦନ୍ତ ଚଳାଇଛି। ଘରେ କେହି ନ ଥିବା ସୁଯୋଗ ନେଇ କୌଣସି କାରଣରୁ ସେ ଆତ୍ମହତ୍ୟା କରିଥିବା ପୋଲିସ ସନ୍ଦେହ କରୁଛି।

# ସାଙ୍ଗର ଗାଡ଼ି ଚୋରି କରି ଯୁବକ ଗିରଫ

ଭୁବନେଶ୍ୱର,୧୮।୪ (ବ୍ୟୁରୋ)

ସାଙ୍ଗର ଗାଡି ଚୋରି କରିବା ଜଣେ ଯୁବକଙ୍କୁ ମହଙ୍ଗା ପଡିଛି। ଅଭିଯୋଗ ପରେ ଲକ୍ଷ୍ମୀସାଗର ଥାନା ପୋଲିସ ସଂପୃକ୍ତ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ସ୍ଥାନୀୟ ଥାନା ଅଞ୍ଚଳରେ ରହୁଥିବା ସୁରଜ ସାହାଣି। ତାଙ୍କଠାରୁ ୨ଟି ବାଇକ ଜବତ କରିଛି ପୋଲିସ। ଜାମିନ ନ ମିଳିବାରୁ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନାନୁସାରେ, ଅଭିଯୋଗକାରୀ କିଶାନ ଓ ଅଭିଯୁକ୍ତ ସୁରଜ ଲକ୍ଷ୍ମୀସାଗର ଉପରସାହିରେ ଭଡାରେ ରହୁଥିଲେ।



ସୁରଜ ମାର୍ଚ୍ଚ ୧୫ରେ କିଶାନଙ୍କ ବାଇକ୍‌କୁ ଚୋରି କରି ନେଇଯାଇଥିଲେ। ଏନେଇ ବହୁ ଖୋଜାଖୋଜି କରିବା ପରେ ନ ମିଳିବାରୁ କିଶାନ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ତଦନ୍ତ କରି ସୁରଜଙ୍କୁ କେନାଲ ରୋଡ ନିକଟରୁ ଚୋରି ବାଇକ ସହିତ କାବୁ କରିବାରେ ସକ୍ଷମ ହୋଇଥିଲା। ଅଧିକ ତଦନ୍ତବେଳେ ପୋଲିସ ସୁରଜଙ୍କର ହେପାଜତରୁ ଆଉଏକ ଚୋରି ମୋଟରସାଇକେଲ ଜବତ କରିଛି। ସୁରଜଙ୍କର କୌଣସି ରୋଜଗାର ନ ଥିବାରୁ ସେ କ୍ୟାମେରା ଭଡାରେ ଆଣିବା ସହ ଅନ୍ୟତ୍ର ବିକ୍ରୟ କରିଦିଅନ୍ତି ବୋଲି ତଦନ୍ତବେଳେ ପୋଲିସ ଜାଣିବାକୁ ପାଇଛି।





ଟେଲିଭିଜନ ଉପସ୍ଥାପକ ତଥା ବିଜେବି ସାମ୍ବାଦିକ ଓ ଗଣଯୋଗାଯୋଗ ବିଭାଗର ମୁଖ୍ୟ ନଳୀନ କୁମାର ପାତ୍ରଙ୍କୁ ସାମାଜିକ ଉତ୍କର୍ଷତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସୋମବାର ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରରେ ପିପିଏଲ୍ ଓଡ଼ିଶା ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି।

# 'ଗୃହବିଜ୍ଞାନ ହେଉଛି ସମସ୍ତ ବିଜ୍ଞାନର ଜନନୀ'





**ରମାଦେବୀରେ ଶିକ୍ଷକ ଦକ୍ଷତା ବିକାଶ କାର୍ଯ୍ୟକ୍ରମ**

ଭୁବନେଶ୍ୱର,୧୮।୪(ବ୍ୟୁରୋ)

ରମାଦେବୀ ମହିଳା ବିଶ୍ୱବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଗୃହ ବିଜ୍ଞାନ ବିଭାଗ ପକ୍ଷରୁ ଶିକ୍ଷକ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଫେସର ଅପରାଜିତା ଚୌଧୁରୀ ଯୋଗଦେଇ ଗୃହବିଜ୍ଞାନକୁ ସମସ୍ତ ବିଜ୍ଞାନର ଜନନୀ ବୋଲି କହିବା ସହ ଏହା ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ଅନୁବନ୍ଧିତ ମହାବିଦ୍ୟାଳୟ ଓ କିସ୍ ବିଶ୍ୱବିଦ୍ୟାଳୟର ୭୦ରୁ ଉର୍ଦ୍ଧ୍ୱ ଅଧ୍ୟାପକ ଓ ଅଧ୍ୟାପିକା ଯୋଗଦେଇଥିଲେ। ଗୃହବିଜ୍ଞାନ ବିଭାଗର ମୁଖ୍ୟ ତଥା ଆଇଡିପିର ସଂଯୋଜିକା ପ୍ରଫେସର ଚନ୍ଦ୍ରଶ୍ରୀ ଲେଙ୍କା ସ୍ୱାଗତ ଭାଷଣ ଦେଇଥିବାବେଳେ ପିଜି କାଉନ୍‌ସିଲର ଭାରପ୍ରାପ୍ତ ଅଧ୍ୟକ୍ଷା ପ୍ରଫେସର ଜ୍ୟୋତିର୍ମୟୀ ଆଚାର୍ଯ୍ୟ, ସିଡିସି ନିର୍ଦ୍ଦେଶିକା ପ୍ରଫେସର ସସ୍ମିତା ମହାନ୍ତି ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଅଧ୍ୟାପିକା ଡ. ଜ୍ୟୋତିର୍ମୟୀ ଉଦ୍‌ଗାତା ଓ ସହସଂଯୋଜିକା ଡ. ସରିତା ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କୁଳସଚିବ ଶ୍ୟାମଳୀ ମହାପାତ୍ର, ପରୀକ୍ଷା ନିୟନ୍ତ୍ରିକା ଡ. ମମତା ମହାନ୍ତି, ମିଡିଆ ସଂଯୋଜକ ଡ. ମାନସ ବେହେରା, ପ୍ରଶାସନିକ ଅଧିକାରୀ ଡ. ମନୀଷା ମିଶ୍ର ଓ ଡ. ସ୍ନେହଲତା ଦାସ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ସଂଯୋଜିକା ଡ. ସୂର୍ଯ୍ୟମଣି ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଫେରାର ୨ ଭାଇଙ୍କ କୋର୍ଟରେ ଆତ୍ମସମର୍ପଣ

**ଜେଲଫେରନ୍ତାଙ୍କୁ ଗୋଡ଼ାଇ ହାଣିବା ଘଟଣା**

- ପୂର୍ବରୁ ଗିରଫ ହୋଇଥିଲେ ଅନ୍ୟ ୩ ଅଭିଯୁକ୍ତ

ଭୁବନେଶ୍ୱର,୧୮।୪(ବ୍ୟୁରୋ)

ଏୟାରଫିଲ୍ଡ ଥାନା ଅନ୍ତର୍ଗତ ଭୀମଟାଙ୍ଗୀ ଅଞ୍ଚଳରେ ଜେଲଫେରନ୍ତା ସରୋଜ ତ୍ରିପାଠୀଙ୍କୁ ଗୋଡ଼ାଇ ହାଣିବା ଘଟଣାରେ ଫେରାର ମୁଖ୍ୟ ଅଭିଯୁକ୍ତ ତଥା ଦୁଇଭାଇ ମଙ୍ଗଳବାର କୋର୍ଟରେ ଆତ୍ମସମର୍ପଣ କରିଛନ୍ତି। ସେମାନେ ହେଲେ ବିରଞ୍ଚି ନାରାୟଣ ବେହେରା ଓରଫ ବାଙ୍ଗୁ ଓ ଲିଙ୍ଗରାଜ ବେହେରା ଓରଫ ଟିକି। କୋର୍ଟ ଜାମିନ ନାମଞ୍ଜୁର କରିବାରୁ ଅଭିଯୁକ୍ତଦ୍ୱୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହାପୂର୍ବରୁ ଏହି ମାମଲାରେ ଅନ୍ୟ ୩ ଅଭିଯୁକ୍ତ ସୁମନ ଓରଫ ସୋମନାଥ ନାୟକ, ବାପି ଓରଫ ଲୋକନାଥ ବେହେରା ଓ କାହ୍ନା ଓରଫ ଅନ୍ତର୍ଯ୍ୟାମୀ ସାହୁଙ୍କୁ ଗିରଫ କରାଯାଇଥିବାବେଳେ ସେମାନେ ଏବେ





ଜେଲରେ ଅଛନ୍ତି।

ସୂଚନାଯୋଗ୍ୟ, ମାର୍ଚ୍ଚ ୮ ଅର୍ଥାତ୍ ହୋଲି ଦିନ ଭୀମଟାଙ୍ଗୀ ଏଚ୍‌ବି କଲୋନୀରେ ବାଙ୍ଗୁ ଓ ସରୋଜଙ୍କ ମଧ୍ୟରେ ଗଣ୍ଡଗୋଳ ଘଟିଥିଲା। ଏଥିରେ ବାଙ୍ଗୁଙ୍କ ଡାହାଣ ହାତ ଭାଙ୍ଗିଯାଇଥିଲା। ଏନେଇ ଅଭିଯୋଗକ୍ରମେ ପୋଲିସ ଏକ ମାମଲା ରୁଜୁ କରି ସରୋଜଙ୍କୁ ଗିରଫ କରି ଜେଲ ପଠାଇଥିଲା। ତେବେ ସରୋଜ ଜେଲରେ ଥିବାବେଳେ ବାଙ୍ଗୁ ଓ ଅନ୍ୟମାନେ ଷଡ଼ଯନ୍ତ୍ର କରିଥିଲେ। ଏପ୍ରିଲ ୪ରେ ସରୋଜ ଜେଲରୁ ଜାମିନରେ ଆସିଥିଲେ। ମଙ୍ଗଳବାର ସକାଳ ପ୍ରାୟ ୭ଟା ୩୦ରେ ଭୀମଟାଙ୍ଗୀ ଅନ୍ତର୍ଗତ ଓମ୍‌ଫେଡ ପାର୍ଲର ନିକଟରେ ସରୋଜ ଚା' ପିଉଥିବା ବେଳେ ଅଭିଯୁକ୍ତମାନେ ସରୋଜଙ୍କୁ ଗୋଡ଼ାଇ ଗୋଡ଼ାଇ ବାଡ଼ି ଓ ଖଣ୍ଡା ଦ୍ୱାରା ଆକ୍ରମଣ କରିଥିଲେ। ଆକ୍ରମଣରେ ସରୋଜ ଗୁରୁତର ହୋଇଥିଲେ। ଏନେଇ ସରୋଜଙ୍କ ଭାଇ ମନୋଜରଞ୍ଜନଙ୍କ ଏତଲାକ୍ରମେ ପୋଲିସ ଏକ ମାମଲା (ନଂ.୯୫/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

## ସଂକ୍ଷେପରେ

### ହଷ୍ଟେଲରୁ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ମିଳିଲା

ଭୁବନେଶ୍ୱର,୧୮।୪(ବ୍ୟୁରୋ): ଭୁବନେଶ୍ୱରର ଚନ୍ଦକା ଥାନା ଅନ୍ତର୍ଗତ ଗୋଠପାଟଣା ଅଞ୍ଚଳରେ ଥିବା ଏକ ଘରୋଇ ବିଶ୍ୱବିଦ୍ୟାଳୟ ହଷ୍ଟେଲରେ ଜଣେ ଛାତ୍ରୀଙ୍କ ସନ୍ଦେହଜନକ ଅବସ୍ଥାରେ ମୃତ୍ୟୁ ଘଟିଛି। ସେ ହେଲେ କେନ୍ଦୁଝରର ଅର୍ଚ୍ଚନା ଦାଶ (୨୪)। ସେ ଏଠାରେ ବିଏସ୍‌ସି ଡାଟା ସାଇନ୍ସ ବିଭାଗର ଦ୍ୱିତୀୟ ବର୍ଷର ଛାତ୍ରୀ ଥିଲେ। ସୋମବାର ତାଙ୍କ ମୃତଦେହଟି ଫ୍ୟାନ୍‌ରେ ଶାଢ଼ି ଦ୍ୱାରା ଝୁଲୁଥିଲା। ସହପାଠିନୀମାନେ ତାଙ୍କୁ ଉଦ୍ଧାର କରି ଏକ ଘରୋଇ ହସ୍ପିଟାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପୋଲିସ ଉକ୍ତ ହସ୍ପିଟାଲରୁ ମୃତଦେହକୁ ଜବତ କରି କ୍ୟାପିଟାଲ ହସ୍ପିଟାଲ ପଠାଇଥିଲା। ମଙ୍ଗଳବାର ପରିବାର ଲୋକଙ୍କ ଉପସ୍ଥିତିରେ ମୃତଦେହକୁ ବ୍ୟବଚ୍ଛେଦ କରାଯାଇଛି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୨୬/୨୦୨୩) ରୁଜୁ କରି ତଦନ୍ତ ଚଳାଇଛି। ଅପରପକ୍ଷରେ ଉକ୍ତ ହଷ୍ଟେଲ ରୁମ୍‌ରେ ପୋଲିସ ଉପସ୍ଥିତିରେ ସାଇଣ୍ଟିଫିକ୍ ଟିମ୍ ନମୁନା ସଂଗ୍ରହ କରିଛି। ଥାନାଧିକାରୀ ରାଧାକାନ୍ତ ସାହୁ କହିଛନ୍ତି, ସମସ୍ତଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଉ ବୋଲି ପରିବାର ଲୋକ ଦାବି କରିଛନ୍ତି। ପ୍ରାଥମିକ ତଦନ୍ତରୁ ଏହା ଏକ ଆତ୍ମହତ୍ୟା ବୋଲି ଜଣାପଡ଼ିଥିବାବେଳେ ଅଧିକ ସ୍ପଷ୍ଟ ହେବା ପାଇଁ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରାଯାଇଛି। ଏନେଇ ସମସ୍ତଙ୍କୁ ପଚରାଉଚରା କରାଯାଉଛି ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଅର୍ଚ୍ଚନାଙ୍କ ବଡ଼ବାପା ଗଣମାଧ୍ୟମ ଆଗରେ ଭିନ୍ନ କଥା କହିଛନ୍ତି। ଅର୍ଚ୍ଚନାଙ୍କ ମୃତ୍ୟୁ ପାଇଁ ଉକ୍ତ କଲେଜର ଛାତ୍ର ଥିବା ତାଙ୍କ ପୁରୁଷବନ୍ଧୁ ହିଁ ଦାୟୀ। ପୁରୁଷବନ୍ଧୁଙ୍କ ନିର୍ଯାତନାରୁ ଝିଅ ଏଭଳି ଚରମ ନିଷ୍ପତ୍ତି ନେଇଥିବା ସେ କହିଛନ୍ତି। ସୂଚନା ଅନୁଯାୟୀ, ଅର୍ଚ୍ଚନା କିଛିଦିନ ହେବ ଘରକୁ ଯାଇଥିଲେ। ରବିବାର ସେ ତାଙ୍କ ମା' ଓ ସାନ ଭଉଣୀ ସହ ହଷ୍ଟେଲକୁ ଫେରିଥିଲେ। ସୋମବାର ଅର୍ଚ୍ଚନା ପରୀକ୍ଷା ସାରି ହଷ୍ଟେଲକୁ ଆସିଥିଲେ। ଅପରାହ୍ନରେ ଦୀର୍ଘ ସମୟ ପର୍ଯ୍ୟନ୍ତ ତାଙ୍କ ରୁମ୍‌ର କବାଟ ଖୋଲା ନ ହେବାରୁ ସହପାଠୀମାନେ ସନ୍ଦେହ କରିଥିଲେ। ସେମାନେ ପୋଲିସକୁ ଖବର ଦେବା ସହ ତାଲା ଭାଙ୍ଗି ଦେଖିବା ପରେ ଅର୍ଚ୍ଚନା ଆତ୍ମହତ୍ୟା କରିଥିବା ଜଣାପଡ଼ିଥିଲା।

### ମୁଢ଼ି ଫ୍ୟାକ୍ଟ୍ରିରୁ ବ୍ୟବସାୟୀଙ୍କ ଝୁଲନ୍ତା ମୃତଦେହ ଜବତ

ଭୁବନେଶ୍ୱର,୧୮।୪ (ବ୍ୟୁରୋ): ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଚକେଇସିଆଣିସ୍ଥିତ ଏକ ମୁଢ଼ି ଫ୍ୟାକ୍ଟ୍ରି ଭିତରୁ ମଙ୍ଗଳବାର ସନ୍ଧ୍ୟାରେ ଜଣେ ଅଣଓଡ଼ିଆ ଯୁବ ବ୍ୟବସାୟୀଙ୍କ ଝୁଲନ୍ତା ମୃତଦେହ ମିଳିଛି। ତାଙ୍କ ଘର ଆନ୍ଧ୍ରପ୍ରଦେଶରେ ହୋଇଥିବାବେଳେ ସ୍ଥାନୀୟ ଲୋକେ ତାଙ୍କୁ ଆନ୍ନା (୪୨) ବୋଲି ଡାକନ୍ତି। ସେମାନଙ୍କ କହିବାନୁସାରେ, ଆନ୍ନା କିଛିବର୍ଷ ହେବ ଚକେଇସିଆଣିସ୍ଥିତ ମୁଢ଼ି ଫ୍ୟାକ୍ଟ୍ରିକୁ ଲିଜ୍‌ରେ ନେଇ ମୁଢ଼ି ତିଆରି କରି ବ୍ୟବସାୟ କରୁଥିଲେ। ସେଠାରେ ସେ ପରିବାର ସଦସ୍ୟଙ୍କ ସହ ରହୁଥିଲେ। ସୋମବାର ପରିବାର ଲୋକେ ଆନ୍ଧ୍ରପ୍ରଦେଶ ଚାଲିଯାଇଥିଲେ। ମଙ୍ଗଳବାର ସନ୍ଧ୍ୟାରେ କେତେଜଣ ଲୋକ ମୁଢ଼ି ପାଇଁ ଫ୍ୟାକ୍ଟ୍ରିକୁ ଯାଇଥିବାବେଳେ ଏକ ଘରେ ତାଙ୍କ ମୃତଦେହ ଏକ ଦୌଡ଼ିରେ ଝୁଲୁଥିବା ଦେଖି ଥାନାକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇଥିଲା। ମୃତଦେହକୁ ଶବ ବ୍ୟବଚ୍ଛେଦ ସଂରକ୍ଷଣ ଗୃହରେ ରଖି ପରିବାର ଲୋକଙ୍କ ଖବର ଦେବା ସହ ଘଟଣାର ଅଧିକ ତଦନ୍ତ ଚଳାଇଛି। ଘରେ କେହି ନ ଥିବା ସୁଯୋଗ ନେଇ କୌଣସି କାରଣରୁ ସେ ଆତ୍ମହତ୍ୟା କରିଥିବା ପୋଲିସ ସନ୍ଦେହ କରୁଛି।

### ୨ ଅଟୋ ଧକ୍କା, ମହିଳା ସ୍ୱାସ୍ଥ୍ୟକର୍ମୀ ମୃତ

ସାକ୍ଷୀଗୋପାଳ, ୧୮।୪ (ଡି.ଏନ୍.ଏ.): ସତ୍ୟବାଦୀ ଥାନା ସାକ୍ଷୀଗୋପାଳ- ଅଳଗୁମ ରାସ୍ତାର ନହଳା ଛକ ନିକଟରେ ମଙ୍ଗଳବାର ପୂର୍ବାହ୍ନ ୧୧ଟା ୩୦ରେ ୨ ଅଟୋ ମଧ୍ୟରେ ଧକ୍କା ହେବାରୁ ଜଣେ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଅଳଗୁମ ଡାକ୍ତରଖାନାରେ କାର୍ଯ୍ୟରତ ଏଏନ୍‌ଏମ୍ ପ୍ରଭାସିନୀ ପ୍ରଧାନ (୫୪)। ସଦର ଥାନା ଅନ୍ତର୍ଗତ ଗୋପୀନାଥପୁର ଗ୍ରାମରେ ତାଙ୍କ ଘର। ଅପରପକ୍ଷେ ଦୁର୍ଘଟଣାରେ ଶିକ୍ଷୟିତ୍ରୀଙ୍କ ସମେତ ୮ଜଣ ଗୁରୁତର ହୋଇଛନ୍ତି। ଖବରପାଇ ସତ୍ୟବାଦୀ ଥାନା ପୋଲିସ ପହଞ୍ଚି ଗୁରୁତରଙ୍କୁ ଚିକିତ୍ସା ପାଇଁ ପଠାଇବା ସହ ସ୍ଥାନୀୟ ଲୋକଙ୍କୁ ବୁଝାଶୁଝା କରିଥିଲା।

# ଅବ୍ୟବସ୍ଥା ଘେରରେ ପିପି କଲେଜ

- ଖାଲି ପଡ଼ିଛି ଶିକ୍ଷକ ପଦବୀ
- ସରକାରୀ ଜମିର ସଦୁପଯୋଗ ହେଉନି
- ଖୋଲୁ ନାହିଁ ବାଣିଜ୍ୟ ବିଭାଗ

ନିଶ୍ଚିନ୍ତକୋଇଲି,୧୮।୪(ସ୍ୱ.ପ୍ର): ନିଶ୍ଚିନ୍ତକୋଇଲି ପଞ୍ଚାୟତ ପ୍ରହଲ୍ଲାଦ ମହାବିଦ୍ୟାଳୟରେ ଦୀର୍ଘ ଦିନ ହେବ ବିଭିନ୍ନ ସମସ୍ୟା ଲାଗିରହିଛି। ଫଳରେ ଏଠାରେ ଶୈକ୍ଷିକ ବାତାବରଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏସବୁ ସମସ୍ୟାର ତୁରନ୍ତ ସମାଧାନ କରିବା ନିମନ୍ତେ ଅଭିଭାବକ ମହଲରେ ଦାବି ହୋଇଛି।

କଟକ-ଚାନ୍ଦବାଲି ରାସ୍ତା ପାର୍ଶ୍ୱରେ ନିଶ୍ଚିନ୍ତକୋଇଲି ପଞ୍ଚାୟତ ପ୍ରହଲ୍ଲାଦ ମହାବିଦ୍ୟାଳୟ (ପିପି କଲେଜ) ରହିଛି । ସ୍ଥାନୀୟ ଅଞ୍ଚଳର ଶିକ୍ଷାବିତ୍ ସ୍ୱର୍ଗତ ନୀଳମଣି ମହାନ୍ତି, ଚୈତନ୍ୟ ପ୍ରସାଦ ମହାପାତ୍ର, ସେକ୍ ଖଲିଲୁର ରହେମାନ, ଉତ୍ତମ ଚରଣ ପରିଡ଼ା ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ସ୍ଥାନୀୟ ଅଞ୍ଚଳରୁ ମୁଠି ଭିକ୍ଷା ଓ ହାଟ ବଜାରରୁ ଅର୍ଥ ସଂଗ୍ରହ କରି ୧୯୭୯ରେ ଏହି ମହାବିଦ୍ୟାଳୟକୁ ପ୍ରତିଷ୍ଠା କରିଥିଲେ। ସାମାଜିକକର୍ମୀ ପ୍ରହଲ୍ଲାଦ ସାହୁ ଏହି ମହାବିଦ୍ୟାଳୟର ଗୃହ ନିର୍ମାଣ ନିମନ୍ତେ ପ୍ରାୟ ୩ ଏକର ଜମି ବିନା ମୂଲ୍ୟରେ ଯୋଗାଇ ଦେଇଥିଲେ। ସେହିପରି ତତ୍କାଳୀନ ଏମ୍‌ପି ଜୟନ୍ତୀ ପଟ୍ଟନାୟକ ଓ ପୂର୍ବତନ ବିଧାୟକ ମାୟାଧର ସେଠୀଙ୍କ ବଳିଷ୍ଠ ନେତୃତ୍ୱ ଯୋଗୁ ବୁହାଳରେ ଏହି ମହାବିଦ୍ୟାଳୟ ନିମନ୍ତେ ୩ ଏକର ସରକାରୀ ଜମି ଯୋଗାଇ ଦିଆଯାଇଥିଲା। ଦୀର୍ଘ ବର୍ଷ ହେବ ଏହି ଜମି ବୁହାଳଠାରେ ପଡିରହିଥିଲେ ମଧ୍ୟ ଏଠାରେ କୌଣସି ଗୃହ କିମ୍ବା କ୍ୟାମ୍ପସ ନିର୍ମାଣ କରାଯାଉନାହିଁ। ଏହି ମହାବିଦ୍ୟାଳୟରେ ଏପର୍ଯ୍ୟନ୍ତ କୌଣସି ସ୍ନାତକୋତ୍ତର ଶ୍ରେଣୀ ଖୋଲାଯାଇନାହିଁ। ଫଳରେ ସ୍ଥାନୀୟ ଅଞ୍ଚଳର ବହୁ ଗରିବ ଓ ମେଧାବୀ ଛାତ୍ରୀଛାତ୍ର ଉଚ୍ଚ ଶିକ୍ଷାଲାଭରୁ ବଞ୍ଚିତ ହେଉଛନ୍ତି। ମହାବିଦ୍ୟାଳୟର ତୋରଣକୁ ଦେଖିଲେ ଏଠାକାର ପ୍ରକୃତ ଅବସ୍ଥାକୁ ହୃଦୟଙ୍ଗମ କରାଯାଇପାରିବ। ଏହାର ଗୃହ ନିର୍ମାଣ ନିମନ୍ତେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ କରାଯାଉଥିଲାବେଳେ ଏପର୍ଯ୍ୟନ୍ତ ମହାବିଦ୍ୟାଳୟର ଗୋଟିଏ




ସୁନ୍ଦର ଓ ଆକର୍ଷଣୀୟ ତୋରଣ ନିର୍ମାଣ କରାଯାଇପାରି ନାହିଁ। ସେହିପରି ଏଠାରେ ଯୁକ୍ତ ୨ କଳା,ବିଜ୍ଞାନ, ଯୁକ୍ତ ୩ କଳା ବିଜ୍ଞାନ ଓ ଧନ୍ଦାମୂଳକ ଶ୍ରେଣୀ ଖୋଲା ଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ବାଣିଜ୍ୟ ବିଭାଗ ଖୋଲାଯାଇନାହିଁ। ଏନେଇ ଛାତ୍ରୀଛାତ୍ର ତଥା ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ମହାବିଦ୍ୟାଳୟରେ ୨୨୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। କିନ୍ତୁ କଲେଜରେ ଆବଶ୍ୟକ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀ ପଦବୀ ଖାଲି ପଡ଼ିଛି। ମହାବିଦ୍ୟାଳୟର ଇଂଲିଶ୍ ବିଭାଗ ନିମନ୍ତେ ୩ ଜଣ ଅଧ୍ୟାପକ ପଦବୀ ମଞ୍ଜୁର କରାଯାଇଥିଲା ବେଳେ ଦୀର୍ଘ ଦିନ ହେବ ଇଂଲିଶ୍‌ରେ ୧, ଶିକ୍ଷାରେ ୨, ଇତିହାସରେ ୨, ରାଜନୀତି ବିଜ୍ଞାନ ୧, ଅର୍ଥନୀତି ୨, ବଟନୀରେ ୧, ଜୁଲୋଜି ବିଭାଗରେ ୧ଟି ଲେଖାଏ ଅଧ୍ୟାପିକା ଓ ଅଧ୍ୟାପକ ପଦବୀ ଖାଲି ପଡ଼ିଛି। ଏଠାରେ ଗୋଟିଏ ଲେଖାଏଁ ବରିଷ୍ଠ କିରାଣି, ହିସାବ ରକ୍ଷକ, ଲାଇବ୍ରେରିଆନ, ଡେମୋନଷ୍ଟ୍ରେଶନ, ଶାରୀରିକ କ୍ରୀଡା ଶିକ୍ଷକ, ୨ଟି ଲାଇବ୍ରେରି ଆସିଷ୍ଟାଣ୍ଟ ପଦବୀ ଖାଲି ପଡ଼ିଛି। ଦୀର୍ଘ ଦିନ ହେଲା ଏଠାରେ କୌଣସି ରାତ୍ରି ଜଗୁଆଳି ଓ ଝାଡୁଦାର ନାହାନ୍ତି। ଫଳରେ ରାସ୍ତା ପାର୍ଶ୍ୱରେ ଅବସ୍ଥିତ ଏହି ମହାବିଦ୍ୟାଳୟର ସୁରକ୍ଷା ଓ ସଫେଇକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସେହିପରି ମହାବିଦ୍ୟାଳୟରେ ୫ ଟି ଚତୁର୍ଥଶ୍ରେଣୀ ପଦବୀ ମଧ୍ୟ ଦୀର୍ଘ ଦିନ ହେବ ଖାଲି ପଡ଼ିଥିବା ଅଭିଯୋଗ ହୋଇଛି। ପ୍ରଶାସନିକ ଅପାରଗତା, ଦାୟିତ୍ୱହୀନତା ପରିଚାଳନା କମିଟିର ଅବହେଳା ଯୋଗୁ ମହାବିଦ୍ୟାଳୟରେ ଏସବୁ ସମସ୍ୟା ଲାଗି ରହିଥିବା ନେଇ ସାଧାରଣରେ ଅଭିଯୋଗ ହୋଇଛି। ତୁରନ୍ତ ଏସବୁ ସମସ୍ୟାର ସମାଧାନ କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନାତ୍ମକପନ୍ଥା ଅବଲମ୍ବନ କରିବାକୁ ଛାତ୍ରୀଛାତ୍ର ଓ ଅଭିଭାବକମାନେ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ କଲେଜ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ ହୋଇ ନ ପାରିବାରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

## ପୋଲିସଙ୍କୁ ଦୁର୍ବ୍ୟବହାର, ୫ ଧରାପଡିଲେ

ଭୁବନେଶ୍ୱର,୧୮।୪ (ବ୍ୟୁରୋ): ପୋଲିସକୁ ଦୁର୍ବ୍ୟବହାର କରିବା ସହ ଏମ୍‌ଭି ଆକ୍ଟ ଉଲ୍ଲଘଂନ ଅଭିଯୋଗରେ ଲିଙ୍ଗରାଜ ଥାନା ପୋଲିସ ୫ଜଣଙ୍କୁ ଧରିଛି। ୩ଜଣ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲାବେଳେ ୨ ନାବାଳକଙ୍କୁ ଜୁଭେନାଇଲ ଜଷ୍ଟିସ ବୋର୍ଡରେ ହାଜର କରିଛି। ଗିରଫ ୩ ଅଭିଯୁକ୍ତମାନେ ହେଲେ ସ୍ଥାନୀୟ ଅଞ୍ଚଳର ଆକାଶ ପ୍ରଧାନ, ବୁଦ୍ଧଦେବ ରାଉତ ଓ ଶ୍ୟାମ ସ୍ୱାଇଁ। ସେମାନଙ୍କଠାରୁ ଗୋଟିଏ ସ୍କୁଟି ଓ ୫ଟି ବିଅର ବୋତଲ ଜବତ କରିଛି ପୋଲିସ। ସୂଚନାନୁସାରେ, ଧରାପଡିଥିବା ୫ଜଣ ଟିନ୍ ବିଅର କେନ ଧରି ହୋହଲ୍ଲା କରିବା ସହିତ ଦ୍ରୁତ ଗତିରେ ବିନା ହେଲମେଟରେ ବେପରୁଆ ଗାଡି ଚାଳନ କରି ଆସୁଥିଲେ। ଗଙ୍ଗା ଯମୁନା ଛକ ନିକଟରେ ପାଟ୍ରୋଲିଂ ଟିମ ଅଟକାଇବାବେଳେ ସେମାନେ ହତ୍ୟା କରିବା ଉଦ୍ଦେଶ୍ୟରେ ଦ୍ରୁତ ଗତିରେ ସ୍କୁଟି ଚଲାଇ ଧକ୍କା ଦେବା ସହ ସର୍ବସାଧାରଣ ସ୍ଥାନରେ ଅଶ୍ଳୀଳ ଭାଷାରେ ଦୁର୍ବ୍ୟବହାର କରିଥିଲେ। ପାଟ୍ରୋଲିଂ ଟିମ କୌଶଳକ୍ରମେ ସେମାନଙ୍କୁ କାବୁ କରିବା ପରେ ଯାଞ୍ଚ କରିଥିଲା। ସେମାନଙ୍କର କୌଣସି ଡ୍ରାଇଭିଂ ଲାଇସେନ୍ସ ନ ଥିବା ଜଣାପଡିବା ପରେ ଏହି କାର୍ଯ୍ୟାନୁଷ୍ଠାନ ହୋଇଛି।

# ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ



ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବଡ଼ମ୍ବା ହିନ୍ଦୁ ସମାଜ ପକ୍ଷରୁ ପ୍ରତିବାଦ କରାଯାଉଛି ।

**ସମ୍ବଲପୁରରେ ହିନ୍ଦୁଙ୍କୁ ଆକ୍ରମଣ ଘଟଣାର ପ୍ରତିବାଦ**

ବଡ଼ମ୍ବା,୧୮।୪(ଡି.ଏନ.ଏ) ସମ୍ବଲପୁରରେ ଆୟୋଜିତ ହନୁମାନ ଜୟନ୍ତୀ ଶୋଭାଯାତ୍ରାରେ ହିନ୍ଦୁମାନଙ୍କୁ ଆକ୍ରମଣ ଘଟଣା ପ୍ରତିବାଦରେ ମଙ୍ଗଳବାର ବଡମ୍ବା ତହସିଲ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବିଶ୍ୱହିନ୍ଦୁ ପରିଷଦ,ବଡମ୍ବା ପ୍ରଖଣ୍ଡ ନିବେଦନରେ ବଡ଼ମ୍ବାର ହିନ୍ଦୁ ସମାଜ ପକ୍ଷରୁ ଏକତ୍ରିତ ହୋଇ ପ୍ରତିବାଦ କରାଯାଇଛି। ଏହି ଘଟଣାର ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରାଯାଇଛି। ଏଥିସହ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବଡମ୍ବା ତହସିଲଦାର ନୀଳକଣ୍ଠ ବେହେରାଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଛି। ବିଶ୍ୱହିନ୍ଦୁ ପରିଷଦର ବଡମ୍ବା ପ୍ରଖଣ୍ଡ ସଭାପତି ସନ୍ତୋଷ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ପାଦକ ସାମନ୍ତ ପ୍ରଦୀପ କିଶୋର ଦେବ, ବିଶ୍ୱମୋହନ ମିଶ୍ର, ବିନୋଦ ଦାଶ, ଦିଲୀପ କୁମାର ରାଉତ, ସୁଧାକର ରାଉତ,ପୀତବାସ କରଣ, ବୈକୁଣ୍ଠ ସାହୁ ପ୍ରମୁଖ ଯୋଗଦେଇଥିଲେ। ସାମାଜିକକର୍ମୀ ନିଗମାନନ୍ଦ ନାୟକ ଉକ୍ତ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

## ବିଦେଇବାବା ମଠରେ ବିଜୟ ପୁଷ୍କରିଣୀର ଶିଳାନ୍ୟାସ

ମାହାଙ୍ଗା,୧୮।୪(ସ୍ୱ.ପ୍ର.) ମାହାଙ୍ଗା ବ୍ଲକ ଅନ୍ତର୍ଗତ ପୁରାଣ ବର୍ଣ୍ଣିତ ବରାହୀପୁର ବିଦେଇବାବା ମଠ ପରିସରରେ ଶ୍ରଦ୍ଧାଳୁମାନଙ୍କ ନିମନ୍ତେ ଏକ ନୂତନ ବିଜୟ ପୁଷ୍କରିଣୀର ଶିଳାନ୍ୟାସ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥିଭାବେ ମାହାଙ୍ଗା ଥାନା ପୂର୍ବତନ ଆଇଆଇସି ତଥା ଆଠଗଡ ପୋଲିସ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ବିଜୟ କୁମାର ବିଶି ଯୋଗଦେଇ ଶିଳାନ୍ୟାସ କରିଥିଲେ। ସମ୍ମାନିତ ଅତିଥିଭାବେ ମାହାଙ୍ଗା ଥାନା ଏଏସ୍‌ଆଇ ଭୀଷ୍ମଚରଣ ପ୍ରଧାନ, ସାହିତ୍ୟିକ ଡ. ଏକାଦଶୀ ପ୍ରଧାନ, ବ୍ୟଙ୍ଗକବି ରସରାଜ ବୀରକିଶୋର ସ୍ୱାଇଁ, ସରପଞ୍ଚଙ୍କ ପ୍ରତିନିଧୀରେନ୍ଦ୍ର ନାଥ ସ୍ୱାଇଁ, ପୂର୍ବତନ ସରପଞ୍ଚ ଅଜୟ ନାୟକ ପ୍ରମୁଖ ଯୋଗ ଦେଇଥିଲେ । ଏହି ପୋଖରୀର ଖନନ ନିମନ୍ତେ ମାହାଙ୍ଗା ଥାନା ଆଇଆଇସି ବିଜୟ କୁମାର ମଲିକ ସହାୟତା ଯୋଗାଇ ଦେଇଛନ୍ତି।

## ତହସିଲ କାର୍ଯ୍ୟାଳୟ ପକ୍ଷରୁ ଜଳଛତ୍ର ଖୋଲିଲା



ବଡ଼ମ୍ବା,୧୮।୪(ଡି. ଏନ. ଏ) ବଡ଼ମ୍ବା ତହସିଲ କାର୍ଯ୍ୟାଳୟ ତରଫରୁ ମଙ୍ଗଳବାର ଜଳଛତ୍ର କେନ୍ଦ୍ର ଖୋଲାଯାଇଛି। କାର୍ଯ୍ୟାଳୟର ମୁଖ୍ୟ ଫାଟକ ସମ୍ମୁଖରେ ଖୋଲା ଯାଇଥିବା ଏହି କେନ୍ଦ୍ରକୁ ତହସିଲଦାର ନୀଳକଣ୍ଠ ବେହେରା ଉଦ୍‌ଘାଟନ କରିଛନ୍ତି। ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ପଥଚାରୀଙ୍କ ଉଦ୍ଦେଶ୍ୟରେ ଏହି କେନ୍ଦ୍ର ଏକ ମାସ ପାଇଁ ଖୋଲାଯାଇଛି। କାର୍ଯ୍ୟକ୍ରମରେ ଅତିରିକ୍ତ ତହସିଲଦାର ତପନ କୁମାର ପରିଡା, କର୍ମଚାରୀ ଅନୁଜ କୁମାର ବେହେରା, ଶୈଳେନ୍ଦୁଶେଖର ନାୟକ, ଅହିଭୂଷଣ ସାହୁ, ରଶ୍ମି ରଞ୍ଜନ ଜେଠୀ, ସତ୍ୟସ୍ୱରୂପ ଦାସ, ବୃନ୍ଦାବନ ତରସିଆ, ଗୁରୁ ଚରଣ ମହାନ୍ତି, ବିଜୟ କୁମାର ବରାଳ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମ ଦିବସରେ ପଥଚାରୀଙ୍କୁ ଦହି ସର୍ବତ ପ୍ରଦାନ କରାଯାଇଥିଲା।

# ଫେରାର ୨ ଭାଇଙ୍କ କୋର୍ଟରେ ଆତ୍ମସମର୍ପଣ

**ଜେଲଫେରନ୍ତାଙ୍କୁ ଗୋଡ଼ାଇ ହାଣିବା ଘଟଣା**

- ପୂର୍ବରୁ ଗିରଫ ହୋଇଥିଲେ ଅନ୍ୟ ୩ ଅଭିଯୁକ୍ତ

ଭୁବନେଶ୍ୱର,୧୮।୪(ବ୍ୟୁରୋ): ଏୟାରଫିଲ୍ଡ ଥାନା ଭୀମଟାଙ୍ଗୀ ଅଞ୍ଚଳରେ ଜେଲ ଫେରନ୍ତା ସରୋଜ ତ୍ରିପାଠୀଙ୍କୁ ଗୋଡ଼ାଇ ହାଣିବା ଘଟଣାରେ ଫେରାର ମୁଖ୍ୟ ଅଭିଯୁକ୍ତ ତଥା ଦୁଇଭାଇ ମଙ୍ଗଳବାର କୋର୍ଟରେ ଆତ୍ମସମର୍ପଣ କରିଛନ୍ତି। ସେମାନେ ହେଲେ ବିରଞ୍ଚି ନାରାୟଣ ବେହେରା ଓରଫ ବାଙ୍ଗୁ ଓ ଲିଙ୍ଗରାଜ ବେହେରା ଓରଫ ଟିକି। କୋର୍ଟ ଜାମିନ ନାମଞ୍ଜୁର କରିବାରୁ ଅଭିଯୁକ୍ତଦ୍ୱୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହାପୂର୍ବରୁ ଏହି ମାମଲାରେ ଅନ୍ୟ ୩ ଅଭିଯୁକ୍ତ ସୁମନ ଓରଫ ସୋମନାଥ ନାୟକ, ବାପି ଓରଫ ଲୋକନାଥ ବେହେରା ଓ କାହ୍ନା ଓରଫ ଅନ୍ତର୍ଯ୍ୟାମୀ ସାହୁଙ୍କୁ ଗିରଫ କରାଯାଇଥିବାବେଳେ ସେମାନେ ଏବେ ଜେଲରେ ଅଛନ୍ତି।

ସୂଚନାଯୋଗ୍ୟ, ମାର୍ଚ୍ଚ ୮ ଅର୍ଥାତ ହୋଲି ଦିନ ଭୀମଟାଙ୍ଗୀ ଏର୍‌ବି କଲୋନୀରେ ବାଙ୍ଗୁ ଓ ସରୋଜଙ୍କ ମଧ୍ୟରେ ଗଣ୍ଡଗୋଳ ଘଟିଥିଲା। ଏଥିରେ ବାଙ୍ଗୁଙ୍କ ଡାହାଣ ହାତ ଭାଙ୍ଗିଯାଇଥିଲା। ଏନେଇ ଅଭିଯୋଗକ୍ରମେ ପୋଲିସ ଏକ ମାମଲା ରୁଜୁ କରି ସରୋଜଙ୍କୁ ଗିରଫ କରି ଜେଲ ପଠାଇଥିଲା। ତେବେ ସରୋଜ ଜେଲରେ ଥିବାବେଳେ ବାଙ୍ଗୁ ଓ ଅନ୍ୟମାନେ ଷଡ଼ଯନ୍ତ୍ର କରିଥିଲେ। ଏପ୍ରିଲ ୪ରେ ସରୋଜ ଜେଲରୁ ଜାମିନରେ ଆସିଥିଲେ। ମଙ୍ଗଳବାର ସକାଳ ପ୍ରାୟ ୭ଟା ୩୦ରେ ଭୀମଟାଙ୍ଗୀ ଅନ୍ତର୍ଗତ ଓମ୍‌ଫେଡ ପାର୍ଲର ନିକଟରେ ସରୋଜ ଚା' ପିଉଥିବା ବେଳେ ଅଭିଯୁକ୍ତମାନେ ସରୋଜଙ୍କୁ ଗୋଡ଼ାଇ ଗୋଡ଼ାଇ ବାଡ଼ି ଓ ଖଣ୍ଡା ଦ୍ୱାରା ଆକ୍ରମଣ କରିଥିଲେ। ଆକ୍ରମଣରେ ସରୋଜ ଗୁରୁତର ହୋଇଥିଲେ। ଏନେଇ ସରୋଜଙ୍କ ଭାଇ ମନୋଜରଞ୍ଜନଙ୍କ ଏତଲାକ୍ରମେ ପୋଲିସ ଏକ ମାମଲା (ନଂ.୯୫/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

## ଗାନ୍ଧୀ ଛକରେ ଚନ୍ଦନ ମହୋତ୍ସବର ଅସ୍ଥାୟୀ କାର୍ଯ୍ୟାଳୟ




ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ ।

ବଡ଼ମ୍ବା,୧୮।୪(ଡି.ଏନ୍.ଏ.) ବଡ଼ମ୍ବା ଚନ୍ଦନ ମହୋତ୍ସବ ପାଇଁ ଗାନ୍ଧୀ ଛକଠାରେ ଏକ ଅସ୍ଥାୟୀ କାର୍ଯ୍ୟାଳୟକୁ ମଙ୍ଗଳବାର ଉଦଘାଟନ କରାଯାଇଛି। ବଡ଼ମ୍ବା ଥାନା ଆଇଆଇସି ସ୍ନିଗ୍ଧାମୟୀ ବରାଳ ଏହାକୁ ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମହୋତ୍ସବ କମିଟି କାର୍ଯ୍ୟକାରୀ ସଭାପତି ଚିନ୍ମୟ ପଟ୍ଟନାୟକ, ଉପସଭାପତି ମହେନ୍ଦ୍ର ପଡ଼ିଆରୀ, ସମ୍ପାଦକ ଆଇନଜୀବୀ ଗିରିଜା ପ୍ରସାଦ ମିଶ୍ର ଓ କୋଷାଧ୍ୟକ୍ଷ ଦିବାକର ସାହୁ ଙ୍କ ସମେତ ବରିଷ୍ଠ ଆଇନଜୀବୀ କୈଳାସ ଚନ୍ଦ୍ର ଜେନା, କଟକ ସାଂସଦଙ୍କ ପ୍ରତିନିଧି ଦୀପକ କୁମାର ସାହୁ, ଖବରଦାତା ସୁଜିତ କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଅକ୍ଷୟ ତୃତୀୟାଠାରୁ ୨୧ ଦିନ ବ୍ୟାପି ଚନ୍ଦନ ତଥା ଭଉଁରୀ ଯାତ୍ରା ଅନୁଷ୍ଠିତ ହେବ। ଏହାର ଶେଷ ୫ ଦିନ ଅର୍ଥାତ ମେ' ୯ ରୁ ୧୩ ତାରିଖ ପର୍ଯ୍ୟନ୍ତ ମହୋତ୍ସବ ଭାବେ ପାଳନ କରାଯିବ।

## ସାଧନ କେନ୍ଦ୍ରସ୍ତରୀୟ ଟିଏଲ୍‌ଏମ୍ କାର୍ଯ୍ୟକ୍ରମ



ସାଲେପୁର,୧୮।୪(ଡି. ଏନ.ଏ) ସାଲେପୁର ଶିକ୍ଷା ମଣ୍ଡଳ ଅଧୀନ କଲ୍ୟାଣପୁର ଆଞ୍ଚଳିକ ସାଧନକେନ୍ଦ୍ରସ୍ତରୀୟ ଟିଏଲଏମ ମେଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାହାରପଡ଼ା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସାଲେପୁର ଶିକ୍ଷା ମଣ୍ଡଳ ଅତିରିକ୍ତ ଶିକ୍ଷା ଅଧିକାରୀ ନିରଞ୍ଜନ ଦାସ ଯୋଗ ଦେଇ କାର୍ଯ୍ୟକ୍ରମର ଲକ୍ଷ୍ୟ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ କଲ୍ୟାଣପୁର ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସମରେନ୍ଦ୍ର ପଣ୍ଡା ପୌରୋହିତ୍ୟ କରିଥିଲେ। ଟିଏଲ୍‌ଏମ୍ ମେଳାରେ ସାଧନ କେନ୍ଦ୍ର ଅଧୀନରେ ଥିବା ୭ଟି ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦେଇଥିଲେ। ଏହି ଅବସରରେ ପ୍ରଥମରୁ ତୃତୀୟ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କୁ କିପରି ସହଜ ସରଳ ଉପାୟରେ ଅଧ୍ୟୟନ କରାଯିବ ସେ ନେଇ ଗଣିତ ଓ ଭାଷା ସମ୍ପର୍କିତ ପ୍ରକଳ୍ପମାନ ମେଳାରେ ପ୍ରଦର୍ଶିତ ହୋଇଥିଲା। କାର୍ଯ୍ୟକ୍ରମରେ ବାହାରପଡ଼ା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସରୋଜିନୀ ଶତପଥୀ, ଶିକ୍ଷକ ସଦାଶିବ ନାୟକ, ମନୋରଞ୍ଜନ ପତି, ଆକୁବ ଅଲ୍ଲୀ,ରମେଶ ବେହେରା,ଗୋବିନ୍ଦ ସାହୁ, ମୁଜତେବା ଅହମ୍ମଦ, ଶିକ୍ଷୟିତ୍ରୀ କୁମୁଦିନୀ ବେହେରା, ପଦ୍ମାବତୀ କର ପ୍ରମୁଖ ଶିକ୍ଷୟିତ୍ରୀ ଶିକ୍ଷକଭାବେ ଯୋଗ ଦେଇଥିଲେ।

# ମୌଳିକ ଭାଷା, ସଂଖ୍ୟା ଜ୍ଞାନ ଉପରେ ୧୧୪ ପ୍ରକଳ୍ପ ପ୍ରଦର୍ଶିତ

**ବ୍ଲକସ୍ତରୀୟ ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନୀ**



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଶିକ୍ଷୟିତ୍ରୀ ଶିକ୍ଷକମାନେ ।

ସାଲେପୁର,୧୮।୪(ଡି. ଏନ.ଏ) ସାଲେପୁର ବ୍ଲକସ୍ତରୀୟ ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସାଲେପୁର ହାଇସ୍କୁଲର ଅଡିଟୋରିୟମ ହଲ୍‌ରେ ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ଶିକ୍ଷା ମଣ୍ଡଳ ଅଧୀନରେ ଥିବା ବିଭିନ୍ନ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଦ୍ୱାରା ମୌଳିକ ଭାଷା ଓ ସଂଖ୍ୟା ଜ୍ଞାନ ଉପରେ ଆଧାରିତ ୧୧୪ ଶିକ୍ଷଣ ସାମଗ୍ରୀ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବିଭିନ୍ନ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ରମାନେ ଏହି ସବୁ ପ୍ରକଳ୍ପଗୁଡ଼ିକୁ ବୁଲି ଦେଖିଥିଲେ। କାର୍ଯ୍ୟକ୍ରମରେ ସାଲେପୁର ଶିକ୍ଷା ମଣ୍ଡଳ ଅଧିକାରୀ ଜଗବନ୍ଧୁ ଶତପଥୀ ପୌରୋହିତ୍ୟ କରିଥିଲେ। ଏହି ମେଳାକୁ ସାଲେପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନୋରଞ୍ଜନ ବାରିକ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ଡିଆଇଇଟି ନରସିଂହପୁରର ପ୍ରଶିକ୍ଷକ ଜଗବନ୍ଧୁ ବେହେରା, ମୁଖ୍ୟବକ୍ତା ଅବସରପ୍ରାପ୍ତ ଶିକ୍ଷା ଅଧିକାରୀ ରଜନୀକାନ୍ତ ଦାଶ, ସମ୍ମାନିତ ଅତିଥିଭାବେ ଅତିରିକ୍ତ ଶିକ୍ଷା ମଣ୍ଡଳ ଅଧିକାରୀ ବିଳାସିନୀ ବାହିନୀ ପତି, ଅଶୋକ କୁମାର ପତି, ନିରଞ୍ଜନ ଦାସ, ଜିଲା ପ୍ରଶିକ୍ଷକ ରତିକାନ୍ତ ଦାସ, ରମାକାନ୍ତ ମିଶ୍ର ପ୍ରମୁଖ ଯୋଗଦେଇ ଥିଲେ। ଏଭଳି ଚିତ୍ର ପ୍ରଦର୍ଶିତ ଶିକ୍ଷଣ ସାମଗ୍ରୀ ମାଧ୍ୟମରେ ପିଲାମାନଙ୍କୁ ପାଠ ପଢାଇଲେ ଛାତ୍ରୀଛାତ୍ରମାନଙ୍କ ଅଧ୍ୟୟନ ପ୍ରତି ଆଗ୍ରହ ଓ ଉତ୍ସାହ ବଢ଼ିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

ପ୍ରାରମ୍ଭରେ ଶିକ୍ଷା ମଣ୍ଡଳ ଅଧିକାରୀ ଜଗବନ୍ଧୁ ଶତପଥୀ ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ମାଛୁଆତି ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଅନ୍ତର୍ଯାମୀ ଭୋଳ ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ଦେଇଥିଲେ। କାର୍ଯ୍ୟକ୍ରମକୁ ସିଆରସି ଅଭୟ ବେହେରା, ପ୍ରଭାତ କୁମାର ବେହେରା, ରଞ୍ଜନ ମୋହନ ବେହେରା, ନିବାରଣ ସ୍ୱାଇଁ, ମନୋରଞ୍ଜନ ପୃଷ୍ଟି, ଅଫଜଲ ହୁସେନ, ରଞ୍ଜନ ବେହେରା, ମାନସ କୁମାର ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

କୋଣାର୍କ,୧୮।୪(ଡି.ଏନ୍.ଏ.)- କୋଣାର୍କ-କାକଟପୁର ମୁଖ୍ୟ ରାସ୍ତାର କୁରୁଜଙ୍ଗ ଗ୍ରାମ ନିକଟ ଜାଗେଶ୍ୱରୀ ମନ୍ଦିର ପାଖ ଏକ ଗଛରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ କୋଣାର୍କ ପୋଲିସ ମଙ୍ଗଳବାର ଜବତ କରିଛି। ସେ ହେଲେ ଅସ୍ତରଙ୍ଗ ଥାନା କୁଣ୍ଡେଶ୍ୱର ଗ୍ରାମର ହରିହର ପ୍ରଧାନ। ଏନେଇ ପୋଲିସ ୬/୨୩ରେ ଅପମୃତ୍ୟୁ ମାମଲା ରୁଜୁ କରି ତାଙ୍କ ସ୍ତ୍ରୀଙ୍କୁ ମୃତଦେହ ଦେଇଥିଲେ। ବ୍ୟବଚ୍ଛେଦ ନିମନ୍ତେ ପରିବାର ଲୋକ ପୁରୀ ନେଇଥିବା ଥାନାଧିକାରୀ ସୂଚନା ଦେଇଛନ୍ତି। ମୃତକ ଏକ ମୋଟରସାଇକେଲ (ଓଡି-୧୩-ଏ-୨୧୦୮)ରେ ଆସି ଗଛରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଥିବା ତାଙ୍କ ସ୍ତ୍ରୀ କହିଛନ୍ତି। ତେବେ ଘଟଣାର କିଛି ଦୂରତାରେ ଥିବା ମୋଟରସାଇକେଲରେ ଥିବା କାଗଜପତ୍ରରୁ ହରିହରଙ୍କ ପରିଚୟ ମିଳିଥିବାବେଳେ ପୋଲିସ ପରିବାର ଲୋକଙ୍କୁ ଘଟଣାସ୍ଥଳକୁ ଡକାଇଥିଲା। ଘଟଣାସ୍ଥଳରେ ପହଞ୍ଚି ଘରୋଇ କଳହରୁ ଏପରି ଘଟଣା ଘଟିଥିବା ମୃତକଙ୍କ ସ୍ତ୍ରୀ କହିଥିଲେ।

### ବରିଷ୍ଠ ନାଗରିକ ମହାସଂଘର ରାଜ୍ୟସ୍ତରୀୟ ସମ୍ମିଳନୀ

ଭୁବନେଶ୍ୱର,୧୮।୪(ବ୍ୟୁରୋ): ଓଡ଼ିଶା ବରିଷ୍ଠ ନାଗରିକ ମହାସଂଘର କର୍ମକର୍ତ୍ତାଙ୍କୁ ନେଇ ଓମ୍ ନିବାସ ପ୍ରେକ୍ଷାଳୟରେ ଏକ ରାଜ୍ୟସ୍ତରୀୟ ସମ୍ମିଳନୀ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ମଧୁମାଧବ ଜେନା ଏହାର ସଭାପତିତ୍ୱ କରିଥିଲେ। ମହାସଂଘର ସାଧାରଣ ସମ୍ପାଦକ ଡ. ଯୁଗଳ କିଶୋର ସାହୁ ବରିଷ୍ଠ ନାଗରିକଙ୍କ ସମସ୍ୟା ଉପରେ ଆଲୋଚନା କରିଥିଲେ। ସମ୍ମିଳନୀରେ କର୍କ ରୋଗ ବିଶେଷଜ୍ଞ ଡ. ଚିତ୍ତରଞ୍ଜନ ଖାଡ଼େଙ୍ଗା, ବ୍ରହ୍ମକୁମାରୀ ବି.କେ ଗୀତା, ବିଜୟ କୁମାର ଦାସ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାର ଉପଦେଷ୍ଟା ଦୁର୍ଗାପ୍ରସାଦ ସାମନ୍ତରାୟଙ୍କୁ ସମ୍ମାନିତ କରାଯାଇଥିଲା। ଆଗାମୀ ଦିନରେ ବରିଷ୍ଠ ନାଗରିକଙ୍କ ପାଇଁ ଉପକାର ଓ କଲ୍ୟାଣ କ୍ଷେତ୍ରରେ କାମ କରାଯିବା ସହ ଓଡ଼ିଶାର ବିଭିନ୍ନ ଜିଲାରେ ଶାଖା ଖୋଲାଯିବା ନେଇ ଆଲୋଚନା ହେଇଥିଲା। ସମରେନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ।

### ୨ ଅଟୋ ଧକ୍କା, ମହିଳା ସ୍ୱାସ୍ଥ୍ୟକର୍ମୀ ମୃତ

ସାକ୍ଷୀଗୋପାଳ, ୧୮।୪ (ଡି.ଏନ୍.ଏ.): ସତ୍ୟବାଦୀ ଥାନା ଅନ୍ତର୍ଗତ ସାକ୍ଷୀଗୋପାଳ-ଅଳଗୁମ ରାସ୍ତାର ନହଳା ଛକ ନିକଟରେ ମଙ୍ଗଳବାର ୨ ଅଟୋ ମଧ୍ୟରେ ଧକ୍କା ହେବାରୁ ଜଣେ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଅଳଗୁମ ଡାକ୍ତରଖାନାରେ କାର୍ଯ୍ୟରତ ଏଏନ୍ଏମ୍ ପ୍ରଭାସିନୀ ପ୍ରଧାନ। ସଦର ଥାନା ଅନ୍ତର୍ଗତ ଗୋପୀନାଥପୁର ଗ୍ରାମରେ ତାଙ୍କ ଘର। ଅପରପକ୍ଷେ ଦୁର୍ଘଟଣାରେ ଶିକ୍ଷୟିତ୍ରୀଙ୍କ ସମେତ ୮ଜଣ ଗୁରୁତର ହୋଇଛନ୍ତି। ସ୍ଥାନୀୟ ଲୋକେ ଆମ୍ବୁଲାନ୍ସକୁ ଫୋନ କରିବାବେଳେ ବିଳମ୍ବରେ ପହଞ୍ଚିବାରୁ କିଛି ସମୟ ହୋହଲ୍ଲା ହୋଇଥିଲା। ଖବରପାଇ ସତ୍ୟବାଦୀ ପୋଲିସ ପହଞ୍ଚି ଗୁରୁତରଙ୍କୁ ଚିକିତ୍ସା ପାଇଁ ପଠାଇବା ସହ ଲୋକଙ୍କୁ ବୁଝାଶୁଝା କରିଥିଲା। ପରେ ଦୁର୍ଘଟଣାଗ୍ରସ୍ତ ଦୁଇଟି ଅଟୋକୁ ଜବତ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଅଳଗୁମରୁ ଯାତ୍ରୀଙ୍କୁ ନେଇ ଓଡି୧୩ ଏଫ ୩୯୬୬ ନଂ.ବିଶିଷ୍ଟ ଅଟୋ ସାକ୍ଷୀଗୋପାଳ ଆସୁଥିଲା। ଅପରପକ୍ଷେ ଓଡି୧୩ ଏମ୍ ୮୩୫୬ ନଂ. ବିଶିଷ୍ଟ ଡାଲା ଅଟୋଟି ଅଳଗୁମ ପଟେ ଯାଉଥିଲା। ନହଳା ଛକ ନିକଟ ଏକ ଟର୍ନିଂ ପଏଣ୍ଟରେ ବୁଲାଇବା ବେଳେ ଧକ୍କା ହୋଇଥିଲା।

# ପଠାଣି ସାମନ୍ତଙ୍କ ଜନ୍ମପୀଠକୁ ଜାତୀୟ ଐତିହ୍ୟ ସ୍ମାରକୀ କରାଯାଉ

## ନୟାଗଡ଼ ବିକାଶ ମଞ୍ଚ ପକ୍ଷରୁ ରାଜ୍ୟପାଳଙ୍କୁ ୧୦ଦଫା ଦାବିପତ୍ର

- ଛେନାପୋଡ଼କୁ ଜିଆଇ ମାନ୍ୟତା, କାରିଗରଙ୍କୁ ପ୍ରୋତ୍ସାହନ
- ଚିନି କାରଖାନାକୁ ପୁନଃ କାର୍ଯ୍ୟକ୍ଷମ, ପର୍ଯ୍ୟଟନସ୍ଥଳୀର ବିକାଶ ଦାବି



ଭୁବନେଶ୍ୱର,୧୮।୪(ବ୍ୟୁରୋ)

ନୟାଗଡ଼ ବିକାଶ ମଞ୍ଚର କର୍ମକର୍ତ୍ତାମାନେ ମଙ୍ଗଳବାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ରାଜଭବନରେ ସାକ୍ଷାତ କରିବା ସହିତ ଜିଲାର ବିକାଶ ନେଇ ଆଲୋଚନା କରିଥିଲେ। ଏହି ଅବସରରେ ମଞ୍ଚ ପକ୍ଷରୁ ରାଜ୍ୟପାଳଙ୍କୁ ୧୦ ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ପଠାଣି ସାମନ୍ତ ଖଣ୍ଡପଡ଼ା ଜନ୍ମପୀଠ ଅତ୍ୟନ୍ତ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିଥିବାବେଳେ ଏହାକୁ ଏକ ଜାତୀୟ ଐତିହ୍ୟ ସ୍ମାରକୀରେ ପରିଣତ କରାଯାଉ, ନୟାଗଡ ଛେନାପୋଡ଼ ଭୌଗୋଳିକ ସୂଚକାଙ୍କ (ଜିଆଇ) ମାନ୍ୟତା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା, ଛେନାପୋଡ଼ କାରିଗରଙ୍କ ପାଇଁ ଏକ କ୍ଲଷ୍ଟର ନିର୍ମାଣ ସହ ବୈଷୟିକ ପ୍ରଶିକ୍ଷଣ ଓ ଆର୍ଥିକ ପ୍ରୋତ୍ସାହନ ପ୍ରଦାନ କରାଯାଉ ବୋଲି ମଞ୍ଚ ପକ୍ଷରୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ସେହିପରି ଛେନାପୋଡ଼ ଉପରେ ଅଧିକ ଗବେଷଣା, କବି ଯଦୁମଣି ମହାପାତ୍ର ଓ ଦାସିଆ ଅଜାଙ୍କ ଜନ୍ମପୀଠର ଉନ୍ନତୀକରଣ, ନୟାଗଡ଼ରେ ପ୍ରସ୍ତାବିତ ମୁଗ ପ୍ରକ୍ରିୟାକରଣ କେନ୍ଦ୍ର ପ୍ରତିଷ୍ଠା ଏବଂ ଜଗନ୍ନାଥ ସଂସ୍କୃତିର ଆଦ୍ୟକ୍ଷେତ୍ର କଣ୍ଟିଲୋକୁ ରାଜ୍ୟ ରାଜଧାନୀରୁ ଚଉଡ଼ା ରାସ୍ତା ନିର୍ମାଣ ପାଇଁ ମଧ୍ୟ ଦାବି ରଖାଯାଇଛି। ଦାବିପତ୍ରରେ କୁହାଯାଇଛି, କଣ୍ଟିଲୋ ଠାରେ ମହାନଦୀରେ ନୌକାବିହାର ବ୍ୟବସ୍ଥା ସହ ସେଠାରେ ପାନ୍ଥ ନିବାସ କାର୍ଯ୍ୟକ୍ଷମ କରାଯାଉ। ନୟାଗଡ଼ ଚିନି କାରଖାନାକୁ ପୁଣିଥରେ କାର୍ଯ୍ୟକ୍ଷମ କରିବା ସହ ଆଖୁ ବ୍ୟବସାୟୀଙ୍କୁ ଆର୍ଥିକ ଓ ବୈଷୟିକ ପ୍ରୋତ୍ସାହନ ଦିଆଯାଉ। ଖଣ୍ଡପଡ଼ା ବ୍ଲକରେ ଥିବା ପ୍ରାଚୀନ ବୌଦ୍ଧ ପୀଠ ଯୋଗୀଯୋଗିଆଣୀର ଉନ୍ନତି କରିବା ସହ ଜିଲାର ଭିନ୍ନ ଭିନ୍ନ ସ୍ଥାନରେ ଥିବା ପ୍ରାକୃତିକ ଝରଣାଗୁଡ଼ିକୁ ପ୍ରଶସ୍ତ ରାସ୍ତା ନିର୍ମାଣ ସାଙ୍ଗକୁ ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ଦିଆଯାଉ। ଭାପୁର ବ୍ଲକ୍ ତରବାଲୋସ୍ଥିତ ଭାରତର ବୃହତ୍ତମ ଉଷ୍ଣପ୍ରସ୍ରବଣର ଉନ୍ନତୀକରଣ କରାଯାଉ। ସେହିଭଳି ନୟାଗଡ଼ ସହରର ମଧ୍ୟସ୍ଥଳରେ ମାଟିର ପରିଚୟ ପଠାଣି ସାମନ୍ତଙ୍କ ଏକ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥାପନ କରାଯାଉ। ନୟାଗଡ଼ ବିକାଶ ମଞ୍ଚର ଆବାହକ ଶୁଭ୍ରାଂଶୁ ପଣ୍ଡାଙ୍କ ନେତୃତ୍ୱରେ ମଞ୍ଚର ସହ ଆବାହକ ସୁବ୍ରତ କୁମାର ନାୟକ ଓ ସଦସ୍ୟ ସତ୍ୟେନ୍ଦୁ ଶେଖର ମିଶ୍ର, ରାଜେଶ କୁମାର ପରିଡ଼ା ଏବଂ ଆଫତାବ ହୋସେନ ପ୍ରମୁଖ ରାଜ୍ୟପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

### କବାଟ ଭାଙ୍ଗି ମାଡ଼ ମାରି ନେଇଗଲେ ସୁନାଗହଣା, ୪ ଗିରଫ

ବାଲିପାଟଣା,୧୮।୪(ଡି.ଏନ୍.ଏ.)

ରାଜଧାନୀ ଉପକଣ୍ଠ ବାଲିପାଟଣା ଥାନା ଅଧୀନ କୁଦପାଟଣା ଗାଁରେ ଯୁବକଙ୍କ ଉଦ୍ଦଣ୍ଡକାଣ୍ଡ। ଗ୍ରାମର ସୁକାନ୍ତ ପଣ୍ଡାଙ୍କ କବାଟ ଭାଙ୍ଗି ଘରେ ପଶିବା ସହ ମାଡ଼ ମାରି ଲକ୍ଷାଧିକ ଟଙ୍କାର ସୁନାଗହଣା ନେଇଯାଇଛନ୍ତି। ଏନେଇ ଅଭିଯୋଗ ପରେ ମଙ୍ଗଳବାର ପୋଲିସ ୪ ଜଣଙ୍କୁ ଗିରଫ କରିଛି। ଅନ୍ୟମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ପୋଲିସ କହିଛି। ଅଭିଯୋଗ ମୁତାବକ, ସୁକାନ୍ତଙ୍କ ଘର କବାଟକୁ ୧୨ଜଣ ଯୁବକ ବାଡେଇଥିଲେ। କେହି ନ ଖୋଲିବାରୁ କବାଟ ଭାଙ୍ଗି ଘରେ ପଶିଥିଲେ। ଏହା ପରେ ଯୁବକମାନେ ହଠାତ୍ ସୁକାନ୍ତଙ୍କ ପୁଅକୁ ମାଡ଼ ମାରିବା ସହିତ ଆସବାବପତ୍ର ଏଣେତେଣେ ଫିଙ୍ଗିଥିଲେ। ଏହାପରେ ଲକ୍ଷାଧିକ ଟଙ୍କାର ସୁନାଅଳଙ୍କାର ଓ ପିତ୍ତଳ ସାମଗ୍ରୀ ନେଇ ପଳାଇଥିଲେ। ଏନେଇ ସୁକାନ୍ତଙ୍କ ଅଭିଯୋଗ ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇବା ସହ ୪ଜଣଙ୍କୁ ଗିରଫ କରିଛି।

# ଚନ୍ଦନଯାତ୍ରା ନୀତି ନିର୍ଘଣ୍ଟ ଚୂଡ଼ାନ୍ତ



ପୁରୀ ନୀଳାଦ୍ରି ଭକ୍ତ ନିବାସରେ ଅନୁଷ୍ଠିତ ସବ୍ କମିଟି ବୈଠକରେ ଉପସ୍ଥିତ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ଛାତ୍ରୀଛାତ୍ରମାନେ।

ପୁରୀ ଅଫିସ,୧୮।୪

ଚଳିତ ମାସ ୨୩ ତାରିଖରେ ମହାପ୍ରଭୁଙ୍କ ଅକ୍ଷୟତୃତୀୟା ହେବ। ଏହି ଦିନଠାରୁ ମହାପ୍ରଭୁଙ୍କ ନରେନ୍ଦ୍ର ପୁଷ୍କରିଣୀରେ ବାହାର ଚନ୍ଦନଯାତ୍ରା ଆରମ୍ଭ ହେବା ସହ ମହାପ୍ରଭୁଙ୍କ ରଥଯାତ୍ରା ପାଇଁ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। ଠାକୁରଙ୍କ ବାହାର ଚନ୍ଦନ ଯାତ୍ରା ଅବସରରେ ଶ୍ରୀ ମଦନମୋହନ, ଭୂଦେବୀ, ଶ୍ରୀଦେବୀ, ରାମକୃଷ୍ଣଙ୍କ ସମେତ ପଞ୍ଚ ମହାଦେବ ନରେନ୍ଦ୍ର ପୁଷ୍କରିଣୀରେ ନୌବିହାର କରିବେ। ତେବେ ମହାପ୍ରଭୁଙ୍କ ବାହାର ଚନ୍ଦନଯାତ୍ରାର ନୀତିଗୁଡ଼ିକୁ ଶୃଙ୍ଖଳିତ କରିବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଶ୍ରୀମନ୍ଦିର ନୀତି ସବ କମିଟି ବୈଠକ ମଙ୍ଗଳବାର ଅପରାହ୍ଣ ୪ଟାରେ ଅନୁଷ୍ଠିତ ହୋଇଯାଇଛି। ଏହି କମିଟିରେ ନୀତି ନିର୍ଘଣ୍ଟ ନେଇ ଆଲୋଚନା ହେବା ପରେ ଅପରାହ୍ଣ ୫ଟାରେ ଛତିଶା ନିଯୋଗ ବୈଠକ ହୋଇ ନୀତି ନିର୍ଘଣ୍ଟ ଚୂଡ଼ାନ୍ତ ହୋଇଛି।

ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ବୀର ବିକ୍ରମ ଯାଦବଙ୍କ ଅଧ୍ୟକ୍ଷତାରେ ନୀଳାଦ୍ରି ଭକ୍ତନିବାସ ପରିସରରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଚଳିତବର୍ଷ ଶ୍ରୀବିଗ୍ରହଙ୍କ ଚନ୍ଦନଯାତ୍ରାର ସାଧାରଣ ଦିନର ନୀତି ସହିତ ବିଶେଷ ଦିନ ଯଥା ଅକ୍ଷୟ ତୃତୀୟା, ୨୮ରେ ନୀଳାଦ୍ରିମହୋଦୟାଷ୍ଟମୀ, ମେ'ରେ ନୃସିଂହ ଜନ୍ମ ଏବଂ ମେ ୧୨ରେ ଭଉଁରୀ ଯାତ୍ରାର ନୀତି ସୁପରିଚାଳନା ପାଇଁ ଚୂଡ଼ାନ୍ତ ନୀତି ନିର୍ଘଣ୍ଟ ପ୍ରସ୍ତୁତ କରାଯାଇଛି। ସାଧାରଣ ଦିନର ଚନ୍ଦନଯାତ୍ରା ନୀତି ନିର୍ଘଣ୍ଟ ଅନୁଯାୟୀ ଶ୍ରୀମନ୍ଦିର ଦ୍ୱାରଫିଟା ଭୋର ୪ ଟାରେ ହେବ। ଭିତରଶୋଧ ୪ଟା ୩୦, ମଙ୍ଗଳଆଳତି ୫ଟା, ମଇଲମ ଓ ତଡ଼ପଲାଗି ୫ଟା ୩୦, ଅବକାଶ ସକାଳ ୬ଟା ୧୫, ରୋଷ ହୋମ ୬ଟା ୩୦, ସୂର୍ଯ୍ୟପୂଜା ୬ଟା ୫୦, ସକାଳ ୭ .୧୦ ଟାରେ ଦ୍ୱାରପାଳ ପୂଜା ଓ ବେଶ ଶେଷ, ଗୋପାଳବଲ୍ଲଭ ଶେଷ ୮ଟା, ସକାଳଧୂପ (କେବଳ କୋଠଭୋଗ) ୮.୩୦ରୁ ପୂର୍ବାହ୍ଣ ୧୦ଟା, ଭୋଗମଣ୍ଡପ ୮.୪୦ରୁ ୧୦.୪୦, ମଇଲମ ୧୧ଟା, ଆଲଟଲାଗି ମଧ୍ୟାହ୍ନ ୧୨ଟା, ଚନ୍ଦନଲାଗି ୧୨.୩୦, ବେଶ ଶେଷ ଓ ଦକ୍ଷିଣୀଘର ଭୋଗ ଅପରାହ୍ଣ ୧ .୩୦, ଯାତ ଭୋଗ (କେବଳ କୋଠଭୋଗ) ୨ଟାରୁ ୩ଟା, ଚନ୍ଦନକୁ ବିଜେ ୩.୩୦, ବିମାନ ଉଠିବା ୩.୪୫, ମଧ୍ୟାହ୍ନଧୂପ (କେବଳ କୋଠଭୋଗ ) ୪.୦୦ରୁ ୫.୩୦, ୨ୟ ଭୋଗମଣ୍ଡପ ୪.୧୫ ରୁ ସନ୍ଧ୍ୟା ୬.୩୦, ମଇଲମ ଓ ବେଶ ୬.୪୦ରୁ ୭.୨୦, ସନ୍ଧ୍ୟା ଆଳତି ୭.୩୦, ସନ୍ଧ୍ୟାଧୂପ (କେବଳ କୋଠଭୋଗ) ରାତ୍ର ୮.୦୦ରୁ ୯.୩୦, ମଇଲମ ୧୦ଟା, ଆଇଟଲାଗି ୧୦ଟା.୩୦, ପଣାଭୋଗ ରାତି୧୧ଟା, ଚନ୍ଦନ ଠାକୁର ବାହୁଡା ବିଜେ ୧୧ଟା, ପଣାଭୋଗ ୧୧ଟା, ମଇଲମ ଓ ବନ୍ଦନଲାଗି ୧୧.୧୫, ବଡସିଂହାର ବେଶ ୧୨,୦୦, ବଡସିଂହାର ଭୋଗ ୧୨.୩୦ ଏବଂ ରାତ୍ର ପହୁଡ ରାତ୍ର ୧ଟା ସମ୍ପନ୍ନ ହେବ। ବୈଠକରେ ଜିଲାପାଳ ସମର୍ଥ ବର୍ମା, ଏସ୍‌ପି କନୱର ବିଶାଲ ସିଂହ, ଛତିଶା ନିଯୋଗ ନାୟକ ଜନାର୍ଦ୍ଦନ ପାଟଯୋଶୀ ମହାପାତ୍ର, ଭିତରଚ୍ଛଙ୍କ ସହ ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀ ଓ ଛତିଶା ନିଯୋଗର ସଦସ୍ୟମାନେ ଉପସ୍ଥିତ ଥିଲେ।

### ମୁଢ଼ି ଫ୍ୟାକ୍ଟ୍ରିରୁ ବ୍ୟବସାୟୀଙ୍କ ଝୁଲନ୍ତା ମୃତଦେହ ଜବତ

ଭୁବନେଶ୍ୱର,୧୮।୪ (ବ୍ୟୁରୋ)

ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଚକେଇସିଆଣିସ୍ଥିତ ଏକ ମୁଢ଼ି ଫ୍ୟାକ୍ଟ୍ରି ଭିତରୁ ମଙ୍ଗଳବାର ସନ୍ଧ୍ୟାରେ ଜଣେ ଅଣଓଡ଼ିଆ ଯୁବ ବ୍ୟବସାୟୀଙ୍କ ଝୁଲନ୍ତା ମୃତଦେହ ମିଳିଛି। ତାଙ୍କ ଘର ଆନ୍ଧ୍ରପ୍ରଦେଶରେ ହୋଇଥିବାବେଳେ ସ୍ଥାନୀୟ ଲୋକେ ତାଙ୍କୁ ଆନ୍ନା (୪୨) ବୋଲି ଡାକନ୍ତି। ସେମାନଙ୍କ କହିବାନୁସାରେ, ଆନ୍ନା କିଛିବର୍ଷ ହେବ ଚକେଇସିଆଣିସ୍ଥିତ ମୁଢ଼ି ଫ୍ୟାକ୍ଟ୍ରିକୁ ଲିଜ୍‌ରେ ନେଇ ମୁଢ଼ି ତିଆରି କରି ବ୍ୟବସାୟ କରୁଥିଲେ। ସେଠାରେ ସେ ପରିବାର ସଦସ୍ୟଙ୍କ ସହ ରହୁଥିଲେ। ସୋମବାର ପରିବାର ଲୋକେ ଆନ୍ଧ୍ରପ୍ରଦେଶ ଚାଲିଯାଇଥିଲେ। ମଙ୍ଗଳବାର ସନ୍ଧ୍ୟାରେ କେତେଜଣ ଲୋକ ମୁଢ଼ି ପାଇଁ ଫ୍ୟାକ୍ଟ୍ରିକୁ ଯାଇଥିବାବେଳେ ଏକ ଘରେ ତାଙ୍କ ମୃତଦେହ ଏକ ଦୌଡ଼ିରେ ଝୁଲୁଥିବା ଦେଖି ଥାନାକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇଥିଲା। ମୃତଦେହକୁ ଶବ ବ୍ୟବଚ୍ଛେଦ ସଂରକ୍ଷଣ ଗୃହରେ ରଖି ପରିବାର ଲୋକଙ୍କ ଖବର ଦେବା ସହ ଘଟଣାର ଅଧିକ ତଦନ୍ତ ଚଳାଇଛି। ଘରେ କେହି ନ ଥିବା ସୁଯୋଗ ନେଇ କୌଣସି କାରଣରୁ ସେ ଆତ୍ମହତ୍ୟା କରିଥିବା ପୋଲିସ ସନ୍ଦେହ କରୁଛି।

### ପୋଲିସଙ୍କୁ ଦୁର୍ବ୍ୟବହାର, ୫ ଧରାପଡ଼ିଲେ

ଭୁବନେଶ୍ୱର,୧୮।୪ (ବ୍ୟୁରୋ)

ପୋଲିସକୁ ଦୁର୍ବ୍ୟବହାର କରିବା ସହ ଏମ୍‌ଭି ଆକ୍ଟ ଉଲ୍ଲଘଂନ ଅଭିଯୋଗରେ ଲିଙ୍ଗରାଜ ଥାନା ପୋଲିସ ୫ଜଣଙ୍କୁ ଧରିଛି। ୩ଜଣ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲାବେଳେ ୨ ନାବାଳକଙ୍କୁ ଜୁଭେନାଇଲ ଜଷ୍ଟିସ ବୋର୍ଡରେ ହାଜର କରିଛି। ଗିରଫ ୩ ଅଭିଯୁକ୍ତମାନେ ହେଲେ ସ୍ଥାନୀୟ ଅଞ୍ଚଳର ଆକାଶ ପ୍ରଧାନ, ବୁଦ୍ଧଦେବ ରାଉତ ଓ ଶ୍ୟାମ ସ୍ୱାଇଁ। ସେମାନଙ୍କଠାରୁ ଗୋଟିଏ ସ୍କୁଟି ଓ ୫ଟି ବିଅର ବୋତଲ ଜବତ କରିଛି ପୋଲିସ। ସୂଚନାନୁସାରେ, ଧରାପଡିଥିବା ୫ଜଣ ଟିନ୍ ବିଅର କେନ ଧରି ହୋହଲ୍ଲା କରିବା ସହିତ ଦ୍ରୁତ ଗତିରେ ବିନା ହେଲମେଟରେ ବେପରୁଆ ଗାଡି ଚାଳନ କରି ଆସୁଥିଲେ। ଗଙ୍ଗା ଯମୁନା ଛକ ନିକଟରେ ପାଟ୍ରୋଲିଂ ଟିମ ଅଟକାଇବାବେଳେ ସେମାନେ ହତ୍ୟା କରିବା ଉଦ୍ଦେଶ୍ୟରେ ଦ୍ରୁତ ଗତିରେ ସ୍କୁଟି ଚଳାଇ ଧକ୍କା ଦେବା ସହ ସର୍ବସାଧାରଣ ସ୍ଥାନରେ ଅଶ୍ଳୀଳ ଭାଷାରେ ଦୁର୍ବ୍ୟବହାର କରିଥିଲେ। ପାଟ୍ରୋଲିଂ ଟିମ କୌଶଳକ୍ରମେ ସେମାନଙ୍କୁ କାବୁ କରିବା ପରେ ଯାଞ୍ଚ କରିଥିଲା। ସେମାନଙ୍କର କୌଣସି ଡ୍ରାଇଭିଂ ଲାଇସେନ୍ସ ନ ଥିବା ଜଣାପଡିବା ପରେ ଏହି କାର୍ଯ୍ୟାନୁଷ୍ଠାନ ହୋଇଛି।

### ସରିଲା ଠେଙ୍ଗାହାଟ ବିଶ୍ୱଶାନ୍ତି ମହାଯଜ୍ଞ



ଖୋର୍ଦ୍ଧା ଅଫିସ,୧୮।୪

ଖୋର୍ଦ୍ଧା ଅନ୍ତର୍ଗତ ଠେଙ୍ଗହାଟ ମେଲଣ ପଡିଆରେ ମା' ଗୋକ୍ଷେଶ୍ୱରୀ ଶୀରାମଚରିତ ମାନସ ପରିଷଦ ଦ୍ୱାରା ଚାଲିଥିବା ୧୬ତମ ବିଶ୍ୱଶାନ୍ତି ମହାଯଜ୍ଞ ତଥା ସାମ୍ବତ୍ସରିକ ଉତ୍ସବ ଉଦ୍‌ଯାପିତ ହେଦ୍ୟାଇଛି । ୬ଦିନ ବ୍ୟାପୀ ଚାଲିଥିବା ଏହି ଉତ୍ସବରେ ପ୍ରତ୍ୟେହ ସୂର୍ଯ୍ୟପୂଜା, ପାରାୟଣ, ସାନ୍ଧ୍ୟ ପ୍ରବଚନ ଓ ଜ୍ଞାନଯଜ୍ଞ ଅନୁଷ୍ଠିତ ହୋଇଥିଲା। ବକ୍ତାମାନେ ପ୍ରତ୍ୟେହ ସନ୍ଧ୍ୟାରେ ପ୍ରବଚନ କାର୍ଯ୍ୟକ୍ରମରେ ଯୋଗଦେଇ ଆଶ୍ରିବଚନ ପ୍ରଦାନ କରିଥିଲେ। ସେହିପରି କମିଟି ପକ୍ଷରୁ ଲଙ୍କାପୋଡି ଉତ୍ସବ ପାଳନ କରାଯାଇଥିଲା। ସନ୍ଧ୍ୟାରେ ଭଜନ କାର୍ଯ୍ୟକ୍ରମ କରାଯାଥିଲା । ପୂର୍ଣ୍ଣାହୁତି ଦର୍ଶନ ଲାଗି ଯଜ୍ଞମଣ୍ଡପ ନିକଟରେ ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଠେଙ୍ଗାହାଟର ଏହି ଯଜ୍ଞ ଭାଇଚାରାର ବାର୍ତ୍ତା ବହନ କରେ। ଆଗାମୀ ବର୍ଷରେ ଏହା ୯ଦିନ ଯଜ୍ଞ କରାଯିବ ବୋଲି କାର୍ଯ୍ୟକାରୀ ସଭାପତି ଲଳିତ ମୋହନ ମହାପାତ୍ର କହିଛନ୍ତି । ଆୟେଜକ କମିଟିର ପ୍ରତିଷ୍ଠାତା ସଦସ୍ୟ ଦୀନବନ୍ଧୁ ବିଶ୍ୱାଳ, ସଭ୍ୟ ଅଶୋକ ମହାପାତ୍ର, ଲଳିତ ମୋହନ ପଣ୍ଡା, ମନୋଜ ବାରିକ, ସର୍ବେଶ୍ୱର ପ୍ରଧାନ, କୃଷ୍ଣଚନ୍ଦ୍ର ଭୂଜବଳ, ଲକ୍ଷ୍ମୀଧର ବେହେରା, ଆଶୀର୍ବାଦ ବେହେରା, ପପୁ ବେହେରା, କୁନା ବେହେରା, ଜିତେନ୍ଦ୍ର ସାହୁ, ବିଜୟ ବେହେରା, ଦିଲ୍ଲୀପ ବେହେରା, ବିରେନ୍ଦ୍ର ବେହେରା, ମନୋଜ ହରିଚନ୍ଦନ, ବିରାଟ ବେହେରା, ଗୋପାଳକୃଷ୍ଣ ମହାନ୍ତି, ରାକେଶ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ହଷ୍ଟେଲରୁ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ମିଳିଲା

### ଆତ୍ମହତ୍ୟା ସନ୍ଦେହ, ପୁରୁଷବନ୍ଧୁଙ୍କୁ ଦାୟୀ କଲେ ପରିବାର ଲୋକେ

ଭୁବନେଶ୍ୱର,୧୮।୪(ବ୍ୟୁରୋ)

ଭୁବନେଶ୍ୱରର ଚନ୍ଦକା ଥାନା ଅନ୍ତର୍ଗତ ଗୋଠପାଟଣା ଅଞ୍ଚଳରେ ଥିବା ଏକ ଘରୋଇ ବିଶ୍ୱବିଦ୍ୟାଳୟ ହଷ୍ଟେଲରେ ଜଣେ ଛାତ୍ରୀଙ୍କ ସନ୍ଦେହଜନକ ଅବସ୍ଥାରେ ମୃତ୍ୟୁ ଘଟିଛି। ସେ ହେଲେ କେନ୍ଦୁଝରର ଅର୍ଚ୍ଚନା ଦାଶ (୨୪)। ସେ ଏଠାରେ ବିଏସ୍‌ସି ଡାଟା ସାଇନ୍ସ ବିଭାଗର ଦ୍ୱିତୀୟ ବର୍ଷର ଛାତ୍ରୀ ଥିଲେ। ସୋମବାର ତାଙ୍କ ମୃତଦେହଟି ଫ୍ୟାନ୍‌ରେ ଶାଢ଼ି ଦ୍ୱାରା ଝୁଲୁଥିଲା। ସହପାଠିନୀମାନେ ତାଙ୍କୁ ଉଦ୍ଧାର କରି ଏକ ଘରୋଇ ହସ୍ପିଟାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପୋଲିସ ଉକ୍ତ ହସ୍ପିଟାଲରୁ ମୃତଦେହକୁ ଜବତ କରି କ୍ୟାପିଟାଲ ହସ୍ପିଟାଲ ପଠାଇଥିଲା। ମଙ୍ଗଳବାର ପରିବାର ଲୋକଙ୍କ ଉପସ୍ଥିତିରେ ମୃତଦେହକୁ ବ୍ୟବଚ୍ଛେଦ କରାଯାଇଛି। ଏନେଇ ପୋଲିସ ମାମଲା (ନଂ.୨୬/୨୩) ରୁଜୁ କରି ତଦନ୍ତ ଚଳାଇଛି। ଅପରପକ୍ଷରେ ଉକ୍ତ ହଷ୍ଟେଲ ରୁମ୍‌ରେ ପୋଲିସ ଉପସ୍ଥିତିରେ ସାଇଣ୍ଟିଫିକ୍ ଟିମ୍ ନମୁନା ସଂଗ୍ରହ କରିଛି। ଥାନାଧିକାରୀ ରାଧାକାନ୍ତ ସାହୁ କହିଛନ୍ତି, ସମସ୍ତଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଉ ବୋଲି ପରିବାର ଲୋକ ଦାବି କରିଛନ୍ତି। ପ୍ରାଥମିକ ତଦନ୍ତରୁ ଏହା ଆତ୍ମହତ୍ୟା ବୋଲି ଜଣାପଡ଼ିଥିବାବେଳେ ଅଧିକ ସ୍ପଷ୍ଟ ହେବା ପାଇଁ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରାଯାଇଛି। ଅନ୍ୟପକ୍ଷରେ ଅର୍ଚ୍ଚନାଙ୍କ ବଡ଼ବାପା କହିଛନ୍ତି, ଅର୍ଚ୍ଚନାଙ୍କ ମୃତ୍ୟୁ ପାଇଁ ଉକ୍ତ କଲେଜର ଛାତ୍ର ଥିବା ତାଙ୍କ ପୁରୁଷବନ୍ଧୁ ହିଁ ଦାୟୀ। ପୁରୁଷବନ୍ଧୁଙ୍କ ନିର୍ଯାତନାରୁ ଝିଅ ଏଭଳି ଚରମ ନିଷ୍ପତ୍ତି ନେଇଥିବା ସେ କହିଛନ୍ତି।

# ଲୋକଙ୍କ କାମରେ ଆସୁନି ପୌର ପରିଷଦର ଜଳଛତ୍ର




ଜଟଣୀ,୧୮।୪(ଡି.ଏନ୍.ଏ.)

ଜଟଣୀ ପୌରପ୍ରଶାସନ ପକ୍ଷରୁ ସହରରେ ଗତ ୧୧ତାରିଖରୁ ଜଳଛତ୍ର ଖୋଲାଯାଇଛି। ଜଟଣୀ-ଖୋର୍ଦ୍ଧା ଓ ପିପିଲିକୁ ସଂଯୋଗ କରୁଥିବା ଜଟଣୀ ମୁଖ୍ୟ ରାସ୍ତା ନାଇଜର ଛକ, ହରିଭାଇନା ଛକ, ଜଟଣୀରୁ ଭୁବନେଶ୍ୱରକୁ ସଂଯୋଗ କରୁଥିବା କଲେଜ ଛକ, ସୀତାରାମ ଛକ, କୁଦିଆରୀ ବଜାର, କୁଦିଆରୀଗାଁ ଓ ବଛରା ଆଦି ୧୦ଟି ସ୍ଥାନରେ ଜଳଛତ୍ର ପ୍ରଶାସନ ପକ୍ଷରୁ ଖୋଲାଯାଇଛି। ତେବେ ଜଳଛତ୍ରଗୁଡିକ ପରିଚାଳନା ପାଇଁ ପ୍ରଶାସନ ବିଭିନ୍ନ ସ୍ୱୟଂସହାୟକ ଗୋଷ୍ଠୀଙ୍କୁ କାର୍ଯ୍ୟ ପ୍ରଦାନ କରିଛି। ସକାଳ ୯ ଟାରୁ ଅପରାହ୍ଣ ୩ଟା ପର୍ଯ୍ୟନ୍ତ ପଥଚାରୀଙ୍କୁ ଜଳ ପ୍ରଦାନ କରିବା ନିୟମ ରହିଛି। ତେବେ ମଙ୍ଗଳବାର କେତେକ ଜଳଛତ୍ର କେନ୍ଦ୍ରରେ କଉଠି ମାଠିଆରେ ପାଣି ନ ଥିଲା ତ କେଉଁଠି କର୍ମଚାରୀ ନ ଥିବା ଦେଖିବାକୁ ମିଳିଛି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ଜଟଣୀ ପୌରାଧ୍ୟକ୍ଷ ଅନନ୍ତ ବେହେରା କୁହନ୍ତି, ପୌର ପ୍ରଶାସନ ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ମୋଟ୍ ୧୮ଟି ଜଳଛତ୍ର ଖୋଲାଯିବାର ଯୋଜନା ରହିଛି। ୧୦ଟି ଜଳଛତ୍ର କେନ୍ଦ୍ର ଖୋଲାଯାଇଥିବା ବେଳେ ଆଉ ୮ଟି ଆସନ୍ତା ଦିନେ କି ଦୁଇ ଦିନମଧ୍ୟରେ ଖୋଲାଯିବ। ଯେଉଁ ମହିଳା ଗୋଷ୍ଠୀ କାର୍ଯ୍ୟରେ ଖିଲାପ କରୁଛନ୍ତି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ନିଶା ବେପାରୀ ବିଜୟ ମାଣିଆଙ୍କୁ ୧ ବର୍ଷ ଜେଲଦଣ୍ଡ

## କୋର୍ଟ ପରିସରରୁ ଖସି ପଳାଇବା ମାମଲା

- ଦୋଷୀ ସାବ୍ୟସ୍ତ ପରେ ଏସ୍‌କର୍ଟ ଟିମ୍‌କୁ ଧକ୍କା ଦେଇ ଚମ୍ପଟ ମାରିଥିଲେ
- ହାଇଦ୍ରାବାଦରୁ ଗିରଫ ପରେ ଜେଲରେ ସଜା କାଟୁଛନ୍ତି ବିଜୟ
- ୧୦ବର୍ଷ ଜେଲଦଣ୍ଡ ପରେ ଆଉ ୧ ବର୍ଷ ସଜା କାଟିବେ



ଭୁବନେଶ୍ୱର,୧୮।୪(ବ୍ୟୁରୋ)

ଦୋଷୀ ସାବ୍ୟସ୍ତ ନିଶାବେପାରୀ ବିଜୟ ମାଣିଆ ଭୁବନେଶ୍ୱର କୋର୍ଟ ପରିସରରୁ ଖସି ପଳାଇବା ମାମଲାରେ ମଙ୍ଗଳବାର ରାୟ ପ୍ରକାଶ ପାଇଛି। ନିଶା କାରବାର ମାମଲାରେ ଝାରପଡ଼ା ଜେଲରେ ସଜା କାଟୁଥିବା ବିଜୟଙ୍କୁ ଭୁବନେଶ୍ୱର ଜେଏମ୍‌ଏଫ୍‌ସି (୪) ଏକବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ତାଙ୍କୁ ୩ଟି ଦଫାରେ ମୋଟ ୪ ହଜାର ଟଙ୍କା ଅର୍ଥଦଣ୍ଡରେ ମଧ୍ୟ ଦଣ୍ଡିତ କରାଯାଇଛି। ଜରିମାନା ଅନାଦାୟ ଅଧିକ ୨ ମାସ ଜେଲ ଭୋଗିବାକୁ ବିଚାରପତି ଏସ୍.ଏନ୍. ମହାନ୍ତି ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ପୂର୍ବରୁ ଅବକାରୀ ବିଭାଗ ଦ୍ୱାରା ହୋଇଥିବା ମାମଲାରେ ଭୁବନେଶ୍ୱର ଅତିରିକ୍ତ ଜିଲା ଓ ଦୌରା ଜଜ୍‌ଙ୍କ ଦ୍ୱାରା ବିଜୟ ଦୋଷୀ ସାବ୍ୟସ୍ତ ହୋଇ ୧୦ ବର୍ଷ ଜେଲଦଣ୍ଡର ସଜା କାଟୁଛନ୍ତି। ତେବେ କୋର୍ଟରୁ ଖସିପଳାଇବା ମାମଲାରେ ବିଜୟ ଆଉ ଏକବର୍ଷ ଅଧିକ ଜେଲରେ ରହିବେ। ସୂଚନା ଅନୁଯାୟୀ, ବାଲିପାଟଣା ଥାନା ଅନ୍ତର୍ଗତ ପଦ୍ମପୁର ଅଞ୍ଚଳର ବିଜୟ ୧୦୫ କେଜି ଗଞ୍ଜେଇ ସହ ୨୦୨୦ ସେପ୍ଟେମ୍ବର ୧୧ରେ କଟକ ଜିଲା ଅବକାରୀ ବିଭାଗର ଫ୍ଲାଇଂ ସ୍କ୍ୱାଡ୍ ଦ୍ୱାରା ଗିରଫ ହୋଇ ଜେଲ ଯାଇଥିଲେ। ୨୦୨୨ ଜୁନ ୨୫ରେ କୋର୍ଟ ଏହି ମାମଲାର ଚୂଡ଼ାନ୍ତ ରାୟ ପ୍ରକାଶ କରି ଦଣ୍ଡାଦେଶ ଶୁଣାଇଥିଲେ। ପରେ ୨ଜଣିଆ ଏସ୍‌କର୍ଟ ଟିମ୍ ବିଜୟଙ୍କୁ ଧରି କୋର୍ଟରୁ ଜେଲ ନେଉଥିବାବେଳେ ସେ ଧକ୍କା ଦେଇ ଖସି ପଳାଇଥିଲେ। ଏନେଇ ବଡ଼ଥାନାରେ ଏତଲା ପରେ ପୋଲିସ ଏକ ମାମଲା (ନଂ.୨୧୮/୨୦୨୩) ରୁଜୁ କରି ଅଗଷ୍ଟ ୨୮ରେ ହାଇଦ୍ରାବାଦରୁ ବିଜୟଙ୍କୁ ଗିରଫ କରିଥିଲା। ପରେ ତାଙ୍କୁ ଜେଲକୁ ପଠାଇ ଦିଆଯାଇଥିଲା। ମାମଲାରେ ୬ଜଣ ସାକ୍ଷୀଙ୍କ ଆଧାରରେ କୋର୍ଟ ରାୟ ଶୁଣାଇଥିଲେ। ସରକାରଙ୍କ ପକ୍ଷରୁ ସହକାରୀ ସରକାରୀ ଓକିଲ ବିଶ୍ୱରଞ୍ଜନ ରାଉତ ଓ ଶୁସାନ୍ତ କୁମାର ଦାସ ମାମଲା ପରିଚାଳନା କରୁଥିଲେ।

## ସଂକ୍ଷେପରେ

### ହଷ୍ଟେଲରୁ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ମିଳିଲା

**ଆତ୍ମହତ୍ୟା ସନ୍ଦେହ, ପୁରୁଷବନ୍ଧୁଙ୍କୁ ଦାୟୀ କଲେ ପରିବାର ଲୋକେ**

ଭୁବନେଶ୍ୱର,୧୮।୪(ବ୍ୟୁରୋ): ଭୁବନେଶ୍ୱରର ଚନ୍ଦକା ଥାନା ଅନ୍ତର୍ଗତ ଗୋଠପାଟଣା ଅଞ୍ଚଳରେ ଥିବା ଏକ ଘରୋଇ ବିଶ୍ୱବିଦ୍ୟାଳୟ ହଷ୍ଟେଲରେ ଜଣେ ଛାତ୍ରୀଙ୍କ ସନ୍ଦେହଜନକ ଅବସ୍ଥାରେ ମୃତ୍ୟୁ ଘଟିଛି। ସେ ହେଲେ କେନ୍ଦୁଝରର ଅର୍ଚ୍ଚନା ଦାଶ (୨୪)। ସେ ଏଠାରେ ବିଏସ୍‌ସି ଡାଟା ସାଇନ୍ସ ବିଭାଗର ଦ୍ୱିତୀୟ ବର୍ଷର ଛାତ୍ରୀ ଥିଲେ। ସୋମବାର ତାଙ୍କ ମୃତଦେହଟି ଫ୍ୟାନ୍‌ରେ ଶାଢ଼ି ଦ୍ୱାରା ଝୁଲୁଥିଲା। ସହପାଠିନୀମାନେ ତାଙ୍କୁ ଉଦ୍ଧାର କରି ଏକ ଘରୋଇ ହସ୍ପିଟାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପୋଲିସ ଉକ୍ତ ହସ୍ପିଟାଲରୁ ମୃତଦେହକୁ ଜବତ କରି କ୍ୟାପିଟାଲ ହସ୍ପିଟାଲ ପଠାଇଥିଲା। ମଙ୍ଗଳବାର ପରିବାର ଲୋକଙ୍କ ଉପସ୍ଥିତିରେ ମୃତଦେହକୁ ବ୍ୟବଚ୍ଛେଦ କରାଯାଇଛି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୨୬/୨୦୨୩) ରୁଜୁ କରି ତଦନ୍ତ ଚଳାଇଛି। ଅପରପକ୍ଷରେ ଉକ୍ତ ହଷ୍ଟେଲ ରୁମ୍‌ରେ ପୋଲିସ ଉପସ୍ଥିତିରେ ସାଇଣ୍ଟିଫିକ୍ ଟିମ୍ ନମୁନା ସଂଗ୍ରହ କରିଛି। ଥାନାଧିକାରୀ ରାଧାକାନ୍ତ ସାହୁ କହିଛନ୍ତି, ସମସ୍ତଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଉ ବୋଲି ପରିବାର ଲୋକ ଦାବି କରିଛନ୍ତି। ପ୍ରାଥମିକ ତଦନ୍ତରୁ ଏହା ଏକ ଆତ୍ମହତ୍ୟା ବୋଲି ଜଣାପଡ଼ିଥିବାବେଳେ ଅଧିକ ସ୍ପଷ୍ଟ ହେବା ପାଇଁ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରାଯାଇଛି। ଏନେଇ ସମସ୍ତଙ୍କୁ ପଚରାଉଚରା କରାଯାଉଛି ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଅର୍ଚ୍ଚନାଙ୍କ ବଡ଼ବାପା ଗଣମାଧ୍ୟମ ଆଗରେ ଭିନ୍ନ କଥା କହିଛନ୍ତି। ଅର୍ଚ୍ଚନାଙ୍କ ମୃତ୍ୟୁ ପାଇଁ ଉକ୍ତ କଲେଜର ଛାତ୍ର ଥିବା ତାଙ୍କ ପୁରୁଷବନ୍ଧୁ ହିଁ ଦାୟୀ। ପୁରୁଷବନ୍ଧୁଙ୍କ ନିର୍ଯାତନାରୁ ଝିଅ ଏଭଳି ଚରମ ନିଷ୍ପତ୍ତି ନେଇଥିବା ସେ କହିଛନ୍ତି। ସୂଚନା ଅନୁଯାୟୀ, ଅର୍ଚ୍ଚନା କିଛିଦିନ ହେବ ଘରକୁ ଯାଇଥିଲେ। ରବିବାର ସେ ତାଙ୍କ ମା' ଓ ସାନ ଭଉଣୀ ସହ ହଷ୍ଟେଲକୁ ଫେରିଥିଲେ। ସୋମବାର ଅର୍ଚ୍ଚନା ପରୀକ୍ଷା ସାରି ହଷ୍ଟେଲକୁ ଆସିଥିଲେ। ଅପରାହ୍ନରେ ଦୀର୍ଘ ସମୟ ପର୍ଯ୍ୟନ୍ତ ତାଙ୍କ ରୁମ୍‌ର କବାଟ ଖୋଲା ନ ହେବାରୁ ସହପାଠୀମାନେ ସନ୍ଦେହ କରିଥିଲେ। ସେମାନେ ପୋଲିସକୁ ଖବର ଦେବା ସହ ତାଲା ଭାଙ୍ଗି ଦେଖିବା ପରେ ଅର୍ଚ୍ଚନା ଆତ୍ମହତ୍ୟା କରିଥିବା ଜଣାପଡ଼ିଥିଲା।

### ମୁଢି ଫ୍ୟାକ୍ଟ୍ରିରୁ ବ୍ୟବସାୟୀଙ୍କ ଝୁଲନ୍ତା ମୃତଦେହ ଜବତ

ଭୁବନେଶ୍ୱର,୧୮।୪ (ବ୍ୟୁରୋ): ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଚକେଇସିଆଣିସ୍ଥିତ ଏକ ମୁଢି ଫ୍ୟାକ୍ଟ୍ରିଭିତରୁ ମଙ୍ଗଳବାର ସନ୍ଧ୍ୟାରେ ଜଣେ ଅଣଓଡ଼ିଆ ଯୁବ ବ୍ୟବସାୟୀଙ୍କ ଝୁଲନ୍ତା ମୃତଦେହ ମିଳିଛି। ତାଙ୍କ ଘର ଆନ୍ଧ୍ରପ୍ରଦେଶରେ ହୋଇଥିବାବେଳେ ସ୍ଥାନୀୟ ଲୋକେ ତାଙ୍କୁ ଆନ୍ନା (୪୨) ବୋଲି ଡାକନ୍ତି। ସେମାନଙ୍କ କହିବାନୁସାରେ, ଆନ୍ନା କିଛିବର୍ଷ ହେବ ଚକେଇସିଆଣିସ୍ଥିତ ମୁଢି ଫ୍ୟାକ୍ଟ୍ରିକୁ ଲିଜ୍‌ରେ ନେଇ ମୁଢି ତିଆରି କରି ବ୍ୟବସାୟ କରୁଥିଲେ। ସେଠାରେ ସେ ପରିବାର ସଦସ୍ୟଙ୍କ ସହ ରହୁଥିଲେ। ସୋମବାର ପରିବାର ଲୋକେ ଆନ୍ଧ୍ରପ୍ରଦେଶ ଚାଲିଯାଇଥିଲେ। ମଙ୍ଗଳବାର ସନ୍ଧ୍ୟାରେ କେତେଜଣ ଲୋକ ମୁଢି ପାଇଁ ଫ୍ୟାକ୍ଟ୍ରିକୁ ଯାଇଥିବାବେଳେ ଏକ ଘରେ ତାଙ୍କ ମୃତଦେହ ଦୌଡ଼ିରେ ଝୁଲୁଥିବା ଦେଖିଥିଲେ। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ହସ୍ପିଟାଲ ପଠାଇଥିଲା।

# ଫାଇଲ୍ ହଜିବା ଘଟଣା ଠିକ୍ ନୁହେଁ

ପୁରୀ ଅଫିସ,୧୮।୪

ରାଜ୍ୟ ସରକାରଙ୍କ ଶ୍ରୀମନ୍ଦିର ପ୍ରତି ଉଦାସୀନତା ମନୋଭାବ ପୁଣି ଦେଖିବାକୁ ମିଳିଛି। ଶ୍ରୀମନ୍ଦିର ପ୍ରଶାସନର ଦୁଇଟି ଗୁରୁତ୍ୱପୂର୍ଣ୍ଣ ଫାଇଲକୁ ରାଜ୍ୟ ସରକାରଙ୍କ ଆଇନ ବିଭାଗ ହଜାଇ ଦେଇଥିବା ନେଇ ସୂଚନା ମିଳିଛି, ଯାହାକୁ ନେଇ ବିଭିନ୍ନ ମହଲରେ ପ୍ରତିକ୍ରିୟା ଦେଖିବାକୁ ମିଳିଛି। ବିଭାଗ ପକ୍ଷରୁ ବହୁ ଖୋଜାଖୋଜି ପରେ ମଧ୍ୟ ଫାଇଲ ମିଳୁ ନ ଥିବା ଜଣାପଡ଼ିଛି। ସୂଚନାନୁସାରେ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ(ଜେଟିଏ)ର ଦୁଇଟି ଫାଇଲକୁ ରାଜ୍ୟ ଆଇନ ବିଭାଗ ବହୁ ଖୋଜାଖୋଜି କଲା ପରେ ମଧ୍ୟ ପାଇପାରୁ ନାହିଁ। ତେଣୁ ଆଇନ ବିଭାଗ ପକ୍ଷରୁ ହଜିଯାଇଥିବା ଫାଇଲକୁ ଖୋଜିବାକୁ ସବୁ ବିଭାଗକୁ ଚିଠି କରାଯାଇଛି। ଆଇନ ବିଭାଗ ପକ୍ଷରୁ ଚିଠିରେ କୁହାଯାଇଛି ଯେ, ଏକ ମାମଲାରେ ହାଇକୋର୍ଟରେ ଜବାବ ଦାଖଲ କରିବା ଆବଶ୍ୟକ ଅଛି। ତେଣୁ ଅଗ୍ରାଧିକାର ଭିତ୍ତିରେ ସମସ୍ତ ବିଭାଗରେ ଫାଇଲ ଖୋଜିବାକୁ ଉଦ୍ୟମ କରାଯାଉ। ଫାଇଲ ଯଦି ନ ମିଳୁଛି, ତାହେଲେ ତୁରନ୍ତ ଜଣାଇବାକୁ ନିର୍ଦ୍ଦେଶ ହୋଇଛି। ଏନେଇ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ତଥା ସେବାୟତ ମାଧବ ଚନ୍ଦ୍ର ମହାପାତ୍ର କହିଛନ୍ତି ଯେ, ସେ ଏନେଇ ଅବଗତ ନୁହନ୍ତି। ଯଦି ଫାଇଲ ହଜିଥାଏ ତେବେ ଏନେଇ ଚିନ୍ତା କରିବାକୁ ପଡ଼ିବ। ଖାଲି ଫାଇଲ କଥା କହିଲେ ହେବନି ମନ୍ଦିରର ବହୁ ପୁରୁଣା ଦସ୍ତାବିଜ ଆମ ପାଇଁ ବହୁତ ମୂଲ୍ୟବାନ। ଏପରିକି ଆଗାମୀ ପିଢ଼ି ପାଇଁ ମଧ୍ୟ ବହୁତ ମୂଲ୍ୟବାନ। ଯେଉଁମାନେ ଗବେଷଣା କରିବାକୁ ଆସୁଛନ୍ତି ସେମାନଙ୍କ ପାଇଁ ବହୁ ମୂଲ୍ୟବାନ। ଏପରି ଘଟଣା ଠିକ୍ ନୁହେଁ। ତେଣୁ ସରକାର ଏଥିପ୍ରତି ଦୃଷ୍ଟି ଦେବା ଆବଶ୍ୟକ ରହିଛି। ଖାଲି ଫାଇଲ ନୁହେଁ ପ୍ରତ୍ୟେକ ଦସ୍ତାବିଜ୍ ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ ଅଟେ ବୋଲି ମହାପାତ୍ର କହିଛନ୍ତି। ସେହିପରି ଦଇତାପତି ନିଯୋଗର ବରିଷ୍ଠ ସେବାୟତ ରାମଚନ୍ଦ୍ର ଦାସ ମହାପାତ୍ର କହିଛନ୍ତି, ଶ୍ରୀମନ୍ଦିରକୁ ଶ୍ରୀମନ୍ଦିର ପ୍ରଶାସନ ଏବଂ ଭକ୍ତମାନେ ଯେପରି ଗୁରୁତ୍ୱ ଦେଉଛନ୍ତି, ଆଇନ ବିଭାଗ କିନ୍ତୁ ସେହିଭଳି ଭାବରେ ଗୁରୁତ୍ୱ ଦେଉନାହିଁ। ଶ୍ରୀମନ୍ଦିରର କାର୍ଯ୍ୟାଳୟରୁ ଯାହା ଯାଏ, ଅନେକ ସମୟରେ ଚିଠି ଫାଇଲ ଓ ଅନ୍ୟ ଜିନିଷ ଗାଏବ ହୋଇଯାଉଛି। ପୂର୍ବରୁ ଏପରି ବହୁଥର ଦେଖିବାକୁ ମିଳିଛି। ତେଣୁ ସରକାର ଏଥିପ୍ରତି ଗୁରୁତ୍ୱ ଦେବା ଆବଶ୍ୟକ। ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ମାଧବ ପୂଜାପଣ୍ଡାଙ୍କ କହିବା ଅନୁଯାୟୀ ଫାଇଲ ହଜିବା ନେଇ ସେ ଜାଣିନାହାନ୍ତି ଗଣମାଧ୍ୟମଠାରୁ ଫାଇଲ ହଜିବା ନେଇ ସୂଚନା ପାଇଛନ୍ତି। ତେବେ ରେକର୍ଡ ରୁମରୁ ଫାଇଲ ଯିବା ନେଇ ଗୁରୁତ୍ୱର ସହ ବିଚାର କରିବା ଆବଶ୍ୟକ। ତେବେ ସେ ଏନେଇ ଅବଗତ ହୋଇ ନ ଥିବାରୁ ବୁଧବାର ଶ୍ରୀମନ୍ଦିର ପ୍ରଶାସନକୁ ଗଲେ କେଉଁ ଫାଇଲ ହଜିଛି ତାହା ଜଣାପଡିବ। ତେଣୁ ବିଶେଷ ମନ୍ତବ୍ୟ ଦେବା ଠିକ୍ ହେବ ନାହିଁ। ମନ୍ଦିର ପ୍ରଶାସନଠାରୁ ଏନେଇ ବୁଝିବା ପରେ ଏନେଇ କହିବେ ବୋଲି ପୂଜାପଣ୍ଡା କହିଛନ୍ତି।



ପୁରୀ କୋଭିଡ୍ ହସ୍ପିଟାଲ ପରିସରରେ ମଙ୍ଗଳବାର ଅଗ୍ନିଶମ ବିଭାଗ ପକ୍ଷରୁ ମକ୍‌ଡ୍ରିଲ୍ କରାଯାଉଛି ।

## ଅଗ୍ନିଶମ ବିଭାଗ ପକ୍ଷରୁ ମକ୍‌ଡ୍ରିଲ

ପୁରୀ ଅଫିସ,୧୮।୪

ପୁରୀ ଅଗ୍ନିଶମ ବିଭାଗ ପକ୍ଷରୁ ଯକ୍ଷ୍ମା ଓ ସଂକ୍ରାମକ ରୋଗ ଚିକିତ୍ସାଳୟ (କୋଭିଡ୍ ହସ୍ପିଟାଲ) ପରିସରରେ ଏକ ମକ୍‌ଡ୍ରିଲ ଅନୁଷ୍ଠିତ ହୋଇଯାଇଛି। ମକ୍‌ଡ୍ରିଲ ଅବସରରେ କିପରି ଅଗ୍ନିଠାରୁ ସୁରକ୍ଷିତ ରହିପାରିବ ସେନେଇ ମକଡ୍ରିଲ ଦ୍ୱାରା ଜନସାଧାରଣଙ୍କୁ ସଚେତନତା କରାଯାଇଥିଲା। ଅଗ୍ନିଶମ ଅଧିକାରୀ ପ୍ରଦୀପ କୁମାର ରାଉତଙ୍କ ନେତୃତ୍ୱରେ ଏହି ମକଡ୍ରିଲ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ମେଡିକାଲ ପରିସରରେ ଥିବା ଅଗ୍ନିନିର୍ବାପକ ଯନ୍ତ୍ରଗୁଡିକ କାମ କରୁଛି କି ନାହିଁ, ତଦାରଖ କରିବା ସହ ସେଗୁଡିକୁ କିପରି ବ୍ୟବହାର କରାଯିବ, ସେ ସମ୍ପର୍କରେ ଅଗ୍ନିଶମ କର୍ମଚାରୀମାନେ ଡାକ୍ତରଖାନା କର୍ମଚାରୀ ଓ ଡାକ୍ତରମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ମୁଖ୍ୟତଃ ଯଦି ମେଡିକାଲରେ ଅଗ୍ନିକାଣ୍ଡ ଘଟେ, ତେବେ ରୋଗୀ ଓ ସେମାନଙ୍କ ସମ୍ପର୍କୀୟମାନଙ୍କର ଜୀବନକୁ କିପରି ରକ୍ଷା କରାଯାଇପାରିବ ଓ ଧନ ସମ୍ପତ୍ତିକୁ ସୁରକ୍ଷିତ କରାଯାଇପାରିବ ସେନେଇ ପ୍ରଶିକ୍ଷଣ ଦିଆଯାଇଥିଲା।

## ସ୍ୱଚ୍ଛ ଭାରତ ଉପରେ ଚିତ୍ରାଙ୍କନ ପ୍ରତିଯୋଗିତା



ଚିତ୍ରାଙ୍କନ ପ୍ରତିଯୋଗିତାରେ ଉପସ୍ଥିତ ଅତିଥିଙ୍କ ଗହଣରେ ପୁରସ୍କୃତ ଛାତ୍ରୀଛାତ୍ର ।

ପିପିଲି,୧୮।୪(ଡି.ଏନ୍.ଏ.)

ସ୍ଥାନୀୟ ସେଣ୍ଟ ଜାଭିଏର ହାଇସ୍କୁଲର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ଭେଷଜ ଗବେଷଣା କେନ୍ଦ୍ର ପକ୍ଷରୁ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ୨୦ଟି ରାଷ୍ଟ୍ରକୁ ନେଇ ଜନ ଭାଗୀଦାର (G ୨୦) ଆନୁକୂଲ୍ୟରେ ଉକ୍ତ ଚିତ୍ରାଙ୍କନ ପ୍ରତିଯୋଗିତା ମୁଖ୍ୟତଃ ସ୍ୱଚ୍ଛ ଭାରତ ବିଷୟବସ୍ତୁ ଉପରେ ଆଧାରିତ ଥିଲା। ଏହି ପ୍ରତିଯୋଗିତାକୁ ଗବେଷଣା କେନ୍ଦ୍ରର ଡ. ଦେବଦତ୍ତ ଭଟ୍ଟାଚାର୍ଯ୍ୟ, ଡ.ବାନାମ୍ବର ସାହୁ, ଡ.ପିନାକୀ ଚାଟାର୍ଜୀ, ଡ.ପୂର୍ଣ୍ଣଚନ୍ଦ୍ର ନାୟକ ଏବଂ ଡ.ବିଜୟ ମିଶ୍ର ପରିଚାଳନା କରିଥିଲେ। ଶେଷରେ ବିଦ୍ୟାଳୟର ଅଧ୍ୟକ୍ଷା ସୀମିତା ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଏକ ପୁରସ୍କାର ବିତରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଆଞ୍ଚଳିକ ଭେଷଜ ଗବେଷଣା କେନ୍ଦ୍ରର ନିର୍ଦ୍ଦେଶିକା ଡ. ସଂଘମିତ୍ରା ପତି ମୁଖ୍ୟ ଅତିଥିଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ର ପ୍ରତୀକ୍ଷା ଶ୍ୱେତପଦ୍ମା, ଅନନ୍ୟା ବରାଳ, ତୃପ୍ତି ପ୍ରିୟଦର୍ଶିନୀ, ବିଦ୍ୟା ଜୈନ, ସନ୍ଦୀପ ପ୍ରଧାନ ଏବଂ ଶୁଭଲକ୍ଷ୍ମୀ ଜେନାଙ୍କୁ ପ୍ରମାଣ ପତ୍ର ପ୍ରଦାନ କରିଥିଲେ। ପୂର୍ବରୁ ଅନୁଷ୍ଠିତ ହୋଇଥିବା ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳାର କୃତୀ ପ୍ରତିଯୋଗୀମାନଙ୍କୁ ମଧ୍ୟ ନିର୍ଦ୍ଦେଶିକା ସମ୍ବର୍ଦ୍ଧିତ କରିଥିଲେ। ବିଦ୍ୟାଳୟର ସମ୍ପାଦକ ଅଜୟ ମିଶ୍ର ଧନ୍ୟବାଦ ଦେଇଥିଲେ।

## ମନ୍ଦିର, ବିଗ୍ରହ ପ୍ରତିଷ୍ଠା ପାଇଁ କଳସ ଯାତ୍ରା



ବାଲୁଙ୍କେଶ୍ୱରଦେବଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ପାଇଁ ଗ୍ରାମବାସୀ କଳସ ଯାତ୍ରା କରୁଛନ୍ତି ।

ସାକ୍ଷୀଗୋପାଳ,୧୮।୪(ଡି.ଏନ୍.ଏ.)

ସତ୍ୟବାଦୀ ନିର୍ବାଚନମଣ୍ଡଳୀର ପୁରୁଣା ସୋମେଶ୍ୱରପୁର ଗ୍ରାମର ଇଷ୍ଟଦେବ ବାଲୁଙ୍କେଶ୍ୱରଦେବଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ପାଇଁ କଳସ ଯାତ୍ରା ଅନୁଷ୍ଠିତ ହୋଇଛି। ମଙ୍ଗଳବାର ସକାଳୁ ଗ୍ରାମ ପୁଷ୍କରିଣୀରୁ ଶତାଧିକ ଶ୍ରଦ୍ଧାଳୁ କଳସରେ ପାଣି ଉଠାଇ ମନ୍ଦିର ପର୍ଯ୍ୟନ୍ତ ଏକ ଆଧ୍ୟାତ୍ମିକ ଶୋଭାଯାତ୍ରାରେ ଯାଇଥିଲେ। ପରେ ରୀତିନୀତି ଅନୁଯାୟୀ ପୂଜାପାଠ କରାଯାଇ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟେକ ପରିବାରଙ୍କ ବାସଗୃହ ସମ୍ମୁଖରେ କଳସ ସ୍ଥାପନ କରାଯିବା ସହ ଗ୍ରାମରେ ଆମିଷ ନିଷେଧ ହୋଇଛି। କାର୍ଯ୍ୟକ୍ରମ ୩ ଦିନ ଧରି ଚାଲିବ ବୋଲି ଗ୍ରାମବାସୀ କହିଛନ୍ତି।

## ପିଲାଙ୍କ ନୈତିକ ଶିକ୍ଷା ଉପରେ ଗୁରୁତ୍ୱ ଦିଆଯାଉ

**ସତ୍ୟସାଇ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ**

ଗୋପ,୧୮।୪(ଡି.ଏନ୍.ଏ.)

ଦିନକୁଦିନ ନୈତିକ ଶିକ୍ଷା କମି କମି ଯାଉଛି। ଏବେଠାରୁ ଆମମାନଙ୍କୁ ପିଲାଙ୍କ ପ୍ରତି ଗୁରୁତ୍ୱ ଦେବାକୁ ପଡ଼ିବ। ଗୋପ ବ୍ଲକ ବାଲିସାହିସ୍ଥିତ ସତ୍ୟସାଇ ବିଦ୍ୟା ମନ୍ଦିରର ଅଷ୍ଟମ ବାର୍ଷିକ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଗୋପ ମହାବିଦ୍ୟାଳୟ ପ୍ରାକ୍ତନ ଅଧ୍ୟକ୍ଷ ତଥା ପରିଚାଳନା କମିଟି ସଭାପତି ପ୍ରକାଶ ଚନ୍ଦ୍ର ଖଟୋଇ ଯୋଗଦେଇ ଏହା କହିଛନ୍ତି। ସ୍କୁଲ ସଭାପତି ରଞ୍ଜନ କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ସଞ୍ଜୟ ବରାଳ, ସମ୍ମାନିତ ଅତିଥି ଅବସରପ୍ରାପ୍ତ ବରିଷ୍ଠ ଶିକ୍ଷକ ଦୟାନିଧି ବେହେରା, ଶ୍ୟାମସୁନ୍ଦର ସାହୁ ଯୋଗଦେଇ ଶିକ୍ଷା କିପରି ଦିଗହରା ହେଉଛି ସେ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ଓ ପାରଦର୍ଶିତା ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ସାର୍ଟିଫିକେଟ ଦେଇଥିଲେ। କୁନିକୁନି ଛାତ୍ରୀଛାତ୍ର ସମାଜରେ ଘଟୁଥିବା ବିଭିନ୍ନ ହିଂସା ଓ ପରମ୍ପରା, ସଂସ୍କୃତି ସହିତ ଅନ୍ୟାନ୍ୟ ଘଟଣାକୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସ୍କୁଲ ପ୍ରଧାନଶିକ୍ଷକ ପ୍ରଦିପ୍ତ ଖଟୋଇ ସ୍କୁଲ ବିବରଣୀ ପାଠ କରିଥିବାବେଳେ ସୁନିତା ସ୍ୱାଇଁ, ଲଳିତା ରାଣୀ ଦେ, ନମିତା ବରାଳ, ରୋଜାଲିନ ବଲିୟାରସିଂ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ସତ୍ୟସାଇ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବରେ ଛାତ୍ରୀଛାତ୍ରମାନେ ନୃତ୍ୟ ପରିବେଷଣ କରୁଛନ୍ତି ।

## ପଣାଯାତ୍ରା ମହୋତ୍ସବ ପ୍ରତିଭା ସମ୍ମାନ ସମାରୋହ

କୃଷ୍ଣପ୍ରସାଦ,୧୮।୪(ଡି.ଏନ୍.ଏ.):

କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ଦେଉଳପଡ଼ା ଟିଟିପ ଠାରେ ୩୫ ମୌଜା ପରିଚାଳନା କମିଟି ଆନୁକୂଲ୍ୟରେ ପଣାଯାତ୍ରା ମହୋତ୍ସବ ଜାରି ରହିଛି। ଯାତ୍ରାର ଚତୁର୍ଥ ସନ୍ଧ୍ୟାରେ କୃଷ୍ଣପ୍ରସାଦ ପ୍ରେସ୍ କ୍ଲବ ଏବଂ ଆୟୋଜକ କମିଟି ସହଯୋଗରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଭାଧାରୀଙ୍କୁ ପଣାଯାତ୍ରା ମହୋତ୍ସବ-୨୦୨୩ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଛି। ଅତିଥିଭାବେ କୃଷ୍ଣପ୍ରସାଦ ଥାନା ଆଇଆଇସି ଶରତ କୁମାର ନାୟକ, ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ବିଜୟ କୁମାର ତରେଇ, ୩୫ ମୌଜା ପରିଚାଳନା କମିଟି ସମ୍ପାଦକ ମନୋଜ କୁମାର ସାହୁ, ବରିଷ୍ଠ ସଦସ୍ୟ ସୁରେନ୍ଦ୍ର ନାଥ ମାଝୀ, ହେମନ୍ତ କୁମାର ଜେନା, ସହକାରୀ ଯନ୍ତ୍ରୀ ବିନୋଦ ବିହାରୀ ପୁହାଣଙ୍କ ସମେତ ବହୁ ବିଶିଷ୍ଟବ୍ୟକ୍ତି ଉପସ୍ଥିତ ରହି ପ୍ରତିଭାଧାରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷାବିତ୍ ସାହିତ୍ୟିକ ଡ. ଅଭିମନ୍ୟୁ ଜେନା, ଇଞ୍ଜିନିୟର ଓ ଗାଳ୍ପିକ ଇଂ. ଅଜୟ କୁମାର ମହାପାତ୍ର, ସାମ୍ବାଦିକ ତଥା ଡକ୍ୟୁମେଣ୍ଟାରି ସିନେମା ନିର୍ଦ୍ଦେଶକ ବନବିହାରୀ ବେହେରା, ସାମାଜିକ କର୍ମୀ ବିଷ୍ଣୁଚରଣ ବେହେରା, ଏକ୍ରିକ୍ ପ୍ରକଳ୍ପ ହମାରା ବଚ୍‌ପନ୍ ଟ୍ରଷ୍ଟର ଦଳପତି ଅଶୋକ କୁମାର ନାୟକ, ଗ୍ରୀନ୍ ପାରିକୁଦର ଅମିତା ତରେଇ, ପ୍ରଜ୍ଞାରେଖା ଜେନାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିଲା। ମହୋତ୍ସବ ଅବସରରେ ଦୁଇଟି ଗଣନାଟ୍ୟ ପକ୍ଷରୁ ମଞ୍ଚସ୍ଥ ନାଟକ ଦର୍ଶକଙ୍କ ମନ ଜିଣିଥିଲା। ବୁଧବାର ପ୍ରତ୍ୟୁଷରୁ ବିଗ୍ରହମାନଙ୍କର ମହାମିଳନ ପର୍ବ ସହ ପଣାଯାତ୍ରା ଉଦ୍‌ଯାପିତ ହେବ।

## ପଠାଣି ସାମନ୍ତଙ୍କ ଜନ୍ମପୀଠକୁ ଜାତୀୟ ଐତିହ୍ୟ ସ୍ମାରକୀ ଦାବି

ଭୁବନେଶ୍ୱର,୧୮।୪(ବ୍ୟୁରୋ)

**ନୟାଗଡ଼ ବିକାଶ ମଞ୍ଚ ପକ୍ଷରୁ ରାଜ୍ୟପାଳଙ୍କୁ ୧୦ଦଫା ଦାବିପତ୍ର**

- ଛେନାପୋଡ଼କୁ ଜିଆଇ ମାନ୍ୟତା, କାରିଗରଙ୍କୁ ପ୍ରୋତ୍ସାହନ
- ଚିନି କାରଖାନାକୁ ପୁନଃ କାର୍ଯ୍ୟକ୍ଷମ, ପର୍ଯ୍ୟଟନସ୍ଥଳୀର ବିକାଶ ଦାବି

ନୟାଗଡ଼ ବିକାଶ ମଞ୍ଚର କର୍ମକର୍ତ୍ତାମାନେ ମଙ୍ଗଳବାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ରାଜଭବନରେ ସାକ୍ଷାତ କରିବା ସହିତ ଜିଲାର ବିକାଶ ନେଇ ଆଲୋଚନା କରିଥିଲେ। ଏହି ଅବସରରେ ମଞ୍ଚ ପକ୍ଷରୁ ରାଜ୍ୟପାଳଙ୍କୁ ୧୦ ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ପଠାଣି ସାମନ୍ତ ଖଣ୍ଡପଡ଼ା ଜନ୍ମପୀଠ ଅତ୍ୟନ୍ତ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିଥିବାବେଳେ ଏହାକୁ ଏକ ଜାତୀୟ ଐତିହ୍ୟ ସ୍ମାରକୀରେ ପରିଣତ କରାଯାଉ, ନୟାଗଡ ଛେନାପୋଡ଼ ଭୌଗୋଳିକ ସୂଚକାଙ୍କ (ଜିଆଇ) ମାନ୍ୟତା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା, ଛେନାପୋଡ଼ କାରିଗରଙ୍କ ପାଇଁ ଏକ କ୍ଲଷ୍ଟର ନିର୍ମାଣ ସହ ବୈଷୟିକ ପ୍ରଶିକ୍ଷଣ ଓ ଆର୍ଥିକ ପ୍ରୋତ୍ସାହନ ପ୍ରଦାନ କରାଯାଉ ବୋଲି ମଞ୍ଚ ପକ୍ଷରୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ସେହିପରି ଛେନାପୋଡ଼ ଉପରେ ଅଧିକ ଗବେଷଣା, କବି ଯଦୁମଣି ମହାପାତ୍ର ଓ ଦାସିଆ ଅଜାଙ୍କ ଜନ୍ମପୀଠର ଉନ୍ନତୀକରଣ, ନୟାଗଡ଼ରେ ପ୍ରସ୍ତାବିତ ମୁଗ ପ୍ରକ୍ରିୟାକରଣ କେନ୍ଦ୍ର ପ୍ରତିଷ୍ଠା ଏବଂ ଜଗନ୍ନାଥ ସଂସ୍କୃତିର ଆଦ୍ୟକ୍ଷେତ୍ର କଣ୍ଟିଲୋକୁ ରାଜ୍ୟ ରାଜଧାନୀରୁ ଚଉଡ଼ା ରାସ୍ତା ନିର୍ମାଣ ପାଇଁ ମଧ୍ୟ ଦାବି ରଖାଯାଇଛି। ଦାବିପତ୍ରରେ କୁହାଯାଇଛି, କଣ୍ଟିଲୋଠାରେ ମହାନଦୀରେ ନୌକାବିହାର ବ୍ୟବସ୍ଥା ସହ ସେଠାରେ ପାନ୍ଥ ନିବାସ କାର୍ଯ୍ୟକ୍ଷମ କରାଯାଉ। ନୟାଗଡ଼ ଚିନି କାରଖାନାକୁ ପୁଣିଥରେ କାର୍ଯ୍ୟକ୍ଷମ କରିବା ସହ ଆଖୁ ବ୍ୟବସାୟୀଙ୍କୁ ଆର୍ଥିକ ଓ ବୈଷୟିକ ପ୍ରୋତ୍ସାହନ ଦିଆଯାଉ। ଖଣ୍ଡପଡ଼ା ବ୍ଲକରେ ଥିବା ପ୍ରାଚୀନ ବୌଦ୍ଧ ପୀଠ ଯୋଗୀଯୋଗିଆଣୀର ଉନ୍ନତି କରିବା ସହ ଜିଲାର ଭିନ୍ନ ଭିନ୍ନ ସ୍ଥାନରେ ଥିବା ପ୍ରାକୃତିକ ଝରଣାଗୁଡ଼ିକୁ ପ୍ରଶସ୍ତ ରାସ୍ତା ନିର୍ମାଣ ସାଙ୍ଗକୁ ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ଦିଆଯାଉ। ଭାପୁର ବ୍ଲକ୍ ତରବାଲୋସ୍ଥିତ ଭାରତର ବୃହତ୍ତମ ଉଷ୍ଣପ୍ରସ୍ରବଣର ଉନ୍ନତୀକରଣ କରାଯାଉ। ସେହିଭଳି ନୟାଗଡ଼ ସହରର ମଧ୍ୟସ୍ଥଳରେ ମାଟିର ପରିଚୟ ପଠାଣି ସାମନ୍ତଙ୍କ ଏକ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥାପନ କରାଯାଉ। ନୟାଗଡ଼ ବିକାଶ ମଞ୍ଚର ଆବାହକ ଶୁଭ୍ରାଂଶୁ ପଣ୍ଡାଙ୍କ ନେତୃତ୍ୱରେ ମଞ୍ଚର ସହ ଆବାହକ ସୁବ୍ରତ କୁମାର ନାୟକ ଓ ସଦସ୍ୟ ସତ୍ୟେନ୍ଦୁ ଶେଖର ମିଶ୍ର, ରାଜେଶ କୁମାର ପରିଡ଼ା ଏବଂ ଆଫତାବ ହୋସେନ ପ୍ରମୁଖ ରାଜ୍ୟପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।



ନୟାଗଡ଼ ବିକାଶ ମଞ୍ଚ ପକ୍ଷରୁ ରାଜ୍ୟପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି ।

## ବର୍ତ୍ତମାନ ମାଇକ୍ରୋ ଐତିହ୍ୟ ସନ୍ଧାନ ଜରୁରୀ

**ବିଶ୍ୱ ଐତିହ୍ୟ ଦିବସ ପାଳିତ**

ପୁରୀ ଅଫିସ,୧୮।୪

ଐତିହ୍ୟ ସଂରକ୍ଷଣ ପରିଷଦ ପକ୍ଷରୁ ମା' ନାରାୟଣୀଙ୍କ ପୀଠରେ ମଙ୍ଗଳବାର ବିଶ୍ୱ ଐତିହ୍ୟ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବିହାରସ୍ଥିତ ଡ.ରାଜେନ୍ଦ୍ର ପ୍ରସାଦ କେନ୍ଦ୍ରୀୟ କୃଷି ବିଶ୍ୱବିଦ୍ୟାଳୟର କୁଳାଧିପତି ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର ଯୋଗଦେଇ କହିଲେ, ବର୍ତ୍ତମାନ ସମୟରେ ଆମକୁ ମାଇକ୍ରୋ ଐତିହ୍ୟର ସନ୍ଧାନ କରିବାକୁ ପଡ଼ିବ। ପ୍ରତି ପଡ଼ାରେ ଐତିହ୍ୟ ଓ ଇତିହାସ ରହିଛି। ଏହାକୁ ଡକ୍ୟୁମେଣ୍ଟେଶନ କରିବା ସହ ପ୍ରତି ଗଡ଼ର ଅଧ୍ୟୟନ କରିବା ଆବଶ୍ୟକ ବୋଲି କହିଥିଲେ। ଶ୍ରୀମନ୍ଦିର ପୁରୋହିତ ତଥା ଲେଖକ ଡ.ସିଦ୍ଧେଶ୍ୱର ମହାପାତ୍ର ଯୋଗଦେଇ କହିଥିଲେ, ଯାହାକୁ ଆମେ ପଥର ବୋଲି କହୁଛେ ତାହା ହୁଏତ ଗୋଟେ ଇତିହାସକୁ ବୟାନ କରିବାର ସମ୍ଭାବନା ରଖିଛି। କେବଳ ତାକୁ ଦେଖିବାର ସେହିଭଳି ଦୃଷ୍ଟିଭଙ୍ଗୀ ଓ ଭଲ ପାଇବା ପାଇଁ ସେଭଳି ଅନୁରାଗ ଆବଶ୍ୟକ ବୋଲି ସେ କହିଥିଲେ। ଉତ୍କଳ ବିଦ୍ୱତ ପରିଷଦ ଅଧ୍ୟକ୍ଷ ମନୋଜ ରଥ କହିଥିଲେ, ଐତିହ୍ୟକୁ ନେଇ ଆବେଗ କି ଭାବ ନାହିଁ। ତେବେ ଐତିହ୍ୟର ସୁରକ୍ଷା ପାଇଁ ଐତିହ୍ୟ ପ୍ରେମୀଙ୍କୁ ଭଅଁର ଭଳି ସ୍ୱର ବଜାୟ ରଖିବାକୁ ପଡ଼ିବ। ଐତିହ୍ୟ ଓ କୀର୍ତ୍ତିରାଜିକୁ ଖୋଜି ଏହାର ଗୁଗୁଲ ମ୍ୟାପିଂ କରାଗଲେ ଐତିହ୍ୟ ଅନ୍ୱେଷୀଙ୍କ ନିକଟରେ ଏହା ପହଞ୍ଚିପାରିବ ବୋଲି ମତବ୍ୟକ୍ତ କରିଥିଲେ। ଶିକ୍ଷାବିତ୍ ଚିତ୍ତରଞ୍ଜନ ମିଶ୍ର କହିଲେ, ଐତିହ୍ୟ ପ୍ରତି ଗାଁରେ ରହିଛି। ଏଥିପାଇଁ ଚିନ୍ତନ ସଂଶ୍ଳିଷ୍ଟ ହେବାର ଆବଶ୍ୟକତା ରହିଛି।

ଐତିହ୍ୟ ବିଶାରଦ ଡ.ସୁରେନ୍ଦ୍ର କୁମାର ମିଶ୍ର ଆଲୋଚନାର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇ କହିଥିଲେ, ସମ୍ପ୍ରତି ମାଣିକପାଟଣାର ସ୍ଥିତି ଦେଖିଲେ ଲାଗୁଛି ୫୦ ବର୍ଷ ପରେ ଏହାର ଅସ୍ତିତ୍ୱ ନଥିବ। ବ୍ୟକ୍ତି ସ୍ୱାର୍ଥ ପାଇଁ ବହୁ ଐତିହ୍ୟ ଏବେ ବିପଦରେ। ସ୍ୱର୍ଗଦ୍ୱାରରେ ଶବ ଦାହ କରୁଥିଲେ ହେଁ ସ୍ୱର୍ଗଦ୍ୱାର ମହତ୍ତ୍ୱ ବାବଦରେ କୌଣସି ଆଲେଖ୍ୟ ନାହିଁ କି ଗବେଷଣା ନାହିଁ। ଏ ଦିଗରେ ଗୁରୁତ୍ୱାରୋପ କରାଯିବା ଆବଶ୍ୟକ ବୋଲି ସେ କହିଥିଲେ। ଏହି ଅବସରରେ ଡ.ସୁରେନ୍ଦ୍ର ମିଶ୍ରଙ୍କ ରଚିତ 'ଶ୍ରୀଜଗନ୍ନାଥ ଉପାସନା ଅନାଲୋଚିତ ଐତିହ୍ୟ' ପୁସ୍ତକ ଲୋକାର୍ପିତ ହୋଇଥିଲା। ଐତିହ୍ୟର ସୁରକ୍ଷା ଦିଗରେ ଅବଦାନ ପାଇଁ କୋଣାର୍କର ହରିଶ୍ଚନ୍ଦ୍ର ଦାଶ, ପଣସପଦାର ଶ୍ରୀଶ୍ରୀ ହରିଶ୍ୱର ଦେବ ଯୋଗ ପ୍ରତିଷ୍ଠାନ ଏବଂ ଶ୍ୱେତଗଙ୍ଗାର ସୌନ୍ଦର୍ଯ୍ୟକରଣ ନିମନ୍ତେ ପୁରୀ ବାଲିସାହିର ଶ୍ରୀ ନୀଳମାଧବ ବିନାୟକ ସମିତିକୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରିଷଦର ସଭାପତି ବିଭୁ ପ୍ରସାଦ ତ୍ରିପାଠୀ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟରେ ଐତିହ୍ୟ ଗବେଷଣା ଚେୟାର ପ୍ରତିଷ୍ଠା ଆବଶ୍ୟକ ବୋଲି କହିଥିଲେ। ସମ୍ପାଦକ ଦେବୀ ପ୍ରସନ୍ନ ନନ୍ଦ ଅତିଥି ପରିଚୟ ଦେଇଥିଲେ। ଶ୍ରୀନାରାୟଣୀ ପୀଠ ଟ୍ରଷ୍ଟ ବୋର୍ଡ ସଭାପତି ଛବିନ୍ଦ୍ର ପ୍ରଧାନ ଅତିଥିଙ୍କୁ ସ୍ୱାଗତ କରିଥିଲେ। ଶେଷରେ ସିଦ୍ଧାର୍ଥ ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ।



ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର ମିଶ୍ରଙ୍କ ପୁସ୍ତକ 'ଶ୍ରୀଜଗନ୍ନାଥ ଉପାସନା ଅନାଲୋଚିତ ଐତିହ୍ୟ'କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି ।

# ମହାନଦୀ ଟ୍ରିବ୍ୟୁନାଲର ୫ ଦିନିଆ କ୍ଷେତ୍ର ସର୍ଭେ ଆରମ୍ଭ

ରାୟପୁର,୧୮।୪

ମହାନଦୀ ଜଳବିବାଦ ଟ୍ରିବ୍ୟୁନାଲ୍ ମଙ୍ଗଳବାରଠାରୁ ଛତିଶଗଡ଼ରେ ୫ ଦିନିଆ କ୍ଷେତ୍ର ସର୍ଭେ ଆରମ୍ଭ କରିଛି। ନଦୀ ଜଳମୁଣ୍ଡରୁ କେତେ ଜଳ ପ୍ରବାହିତ ହେଉଛି ଏବଂ ଅଣମୌସୁମୀ ଋତୁରେ ନଦୀରେ କେତେ ଜଳ ଉପଲବ୍ଧ ରହୁଛି ଓ ବ୍ୟବହୃତ ହେଉଛି, ତାହା ଟ୍ରିବ୍ୟୁନାଲ ଆକଳନ କରିବେ। ୩ ଜଣିଆ ଟ୍ରିବ୍ୟୁନାଲଙ୍କୁ ଏକ ବୈଷୟିକ ଟିମ୍ ସର୍ଭେରେ ସହାୟତା କରୁଛି। ମହାନଦୀ ଉତ୍ପତ୍ତି ସ୍ଥଳ ଧମତରି ଜିଲାରୁ ସର୍ଭେ କାର୍ଯ୍ୟ ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟ ସର୍ଭେ ୨୨ରେ ଶେଷ ହେବା ପରେ ଦ୍ୱିତୀୟ ପର୍ଯ୍ୟାୟ ଓଡ଼ିଶାରେ ଏପ୍ରିଲ ୨୯ରୁ ମେ' ୩ ପର୍ଯ୍ୟନ୍ତ ଚାଲିବ ବୋଲି ଜଳସମ୍ପଦ ବିଭାଗର ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ମହାନଦୀ ଜଳକୁ ନେଇ ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ଦୀର୍ଘଦିନ ହେଲା ବିବାଦ ଲାଗି ରହିଛି। ଇତିମଧ୍ୟରେ ଟ୍ରିବ୍ୟୁନାଲ ୩୬ ଥର ଶୁଣାଣି କଲେଣି। ଗତ ମାସ ୨୫ରେ ହୋଇଥିବା ଶୁଣାଣି ବେଳେ ଫିଲ୍ଡ ସର୍ଭେ କରିବାକୁ ଟ୍ରିବ୍ୟୁନାଲ ନିଷ୍ପତ୍ତି ନେଇଥିଲେ।

# ରୁଷିଆକୁ ସହାୟତା ମହଙ୍ଗା ପଡ଼ିବ

## ଜାପାନରେ ଜି୭ର ଚେତାବନୀ

ଟୋକିଓ,୧୮।୪

ୟୁକ୍ରେନ୍ ଯୁଦ୍ଧରେ ରୁଷିଆକୁ ସାମରିକ ସହାୟତା ପ୍ରଦାନ କରୁଥିବା ରାଷ୍ଟ୍ରଗୁଡ଼ିକୁ ବହୁମୂଲ୍ୟ ଦେବାକୁ ପଡ଼ିବ ବୋଲି ମଙ୍ଗଳବାର ଜି୭ ରାଷ୍ଟ୍ର ସମୂହ ପକ୍ଷରୁ କଡ଼ା ଚେତାବନୀ ଦିଆଯାଇଛି। ଜାପାନର କାରୁଇଜୱା ସହରରେ ସମ୍ମିଳନୀ ଶେଷରେ ଜି୭ ରାଷ୍ଟ୍ରଗୁଡ଼ିକର ବହିର୍ବ୍ୟାପାର ମନ୍ତ୍ରୀମାନେ ଏକାଠି ହୋଇଥିଲେ। ଏହି ଅବସରରେ କୂଟନୀତିଜ୍ଞମାନେ ଏକ ମିଳିତ ବିବୃତି ଜାରି କରି କହିଛନ୍ତି, ମସ୍କୋ ବିରୋଧରେ ବର୍ତ୍ତମାନ କୌଣସି ନୂଆ କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। କିନ୍ତୁ ତୃତୀୟ ପକ୍ଷ ରୁଷିଆକୁ ସହାୟତା ଦେଲେ କଡ଼ା କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହେବ। ବେଲାରୁଷ ଆଣବିକ ଅସ୍ତ୍ର ମୁତୟନ ପାଇଁ ରୁଷିଆକୁ ସୁଯୋଗ ଦେବା ଗ୍ରହଣୀୟ ନୁହେଁ ବୋଲି ଏଥିରେ କୁହାଯାଇଛି। ଆମେରିକା ପରରାଷ୍ଟ୍ର ସଚିବ ଆଣ୍ଟୋନି ବ୍ଲିଙ୍କେନ୍ ଜି୭ ସମ୍ମିଳନୀ ଶେଷରେ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରି କହିଛନ୍ତି, ଗତ ନଭେମ୍ବରରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଚାଇନା ପ୍ରତିପକ୍ଷଙ୍କ ସହ ସାକ୍ଷାତ କରି ଶୀତଳଯୁଦ୍ଧ ଏଡ଼ାଇବା ପାଇଁ ଆଗ୍ରହ ପ୍ରକାଶ କରିବା ପରେ ବେଜିଂ ସହ ସମ୍ପର୍କ ବଢ଼ାଇବା ପାଇଁ ୱାଶିଂଟନ୍ ପ୍ରସ୍ତୁତ। କିନ୍ତୁ ଚାଇନା ବିଶ୍ୱ ସମୁଦାୟ ଆଗରେ ନିଜ ଆଭିମୁଖ୍ୟ ସ୍ପଷ୍ଟ କରିବା ଉଚିତ ବୋଲି ସେ କହିଛନ୍ତି।


ଜାପାନର କାରୁଇଜୱାରେ ଅନୁଷ୍ଠିତ ଜି୭ ବୈଠକରେ ବହିର୍ବ୍ୟାପାର ମନ୍ତ୍ରୀମାନେ ଯୋଗ ଦେଇଛନ୍ତି।

# ଆଜି ଖସିବ ନାସା ସାଟେଲାଇଟ୍

ୱାଶିଂଟନ୍,୧୮।୪

**୨୭୨ କେଜିର ଏହି ଉପଗ୍ରହକୁ ୨୦୦୨ରେ ମହାକାଶକୁ ପ୍ରେରଣ କରାଯାଇଥିଲା**

ନାସାର ଏକ ଅଚଳ ଉପଗ୍ରହ ବୁଧବାର ପୃଥିବୀପୃଷ୍ଠକୁ ଖସିବା ନେଇ ଆମେରିକୀୟ ମହାକାଶ ଗବେଷଣା ସଂସ୍ଥା ପକ୍ଷରୁ ସତର୍କ କରାଯାଇଛି। ୬୦୦ ପାଉଣ୍ଡ (୨୭୨ କିଲୋଗ୍ରାମରୁ ଅଧିକ) ଓଜନର ଏହି ଉପଗ୍ରହ ବୁଧବାର ରାତି ୯ଟା ୩୦ ମିନିଟ୍ (ଇଷ୍ଟର୍ନ ଟାଇମ୍)ରେ ପୃଥିବୀ ବାୟୁ ମଣ୍ଡଳରେ ପ୍ରବେଶ କରିବ। ତେବେ ଏହା କେଉଁ ସ୍ଥାନରେ ପଡ଼ିବ ତାହା ସ୍ପଷ୍ଟ ହୋଇ ନାହିଁ। ପୃଥିବୀରେ ପଡ଼ିବା ପୂର୍ବରୁ ଏହାର ଅଧିକାଂଶ ଭାଗ ଆକାଶରେ ଜଳିଯାଇଥିବ। ରୁଭେନ୍ ରାମାଟି ହାଇ ଏନର୍ଜି ସୋଲାର ସ୍ପେକ୍ଟ୍ରୋସ୍କୋପିକ୍ ଇମେଜର (ଆର୍‌ଏଚ୍‌ଇଏସ୍‌ଏସ୍‌ଆଇ) ନାମକ ଏହି ସାଟେଲାଇଟ୍‌କୁ ସୋଲାର ଫ୍ଲେୟାର ସମ୍ପର୍କିତ ତଥ୍ୟ ସଂଗ୍ରହ ପାଇଁ ୨୦୦୨ରେ ନାସା ମହାକାଶକୁ ପ୍ରେରଣ କରିଥିଲା। କିନ୍ତୁ ୨୦୧୮ରେ ଏହା ଅଚଳ ହୋଇପଡ଼ିବା ଯୋଗୁ ନାସା ସହ ଯୋଗାଯୋଗରୁ ବିଚ୍ଛିନ୍ନ ହୋଇଥିଲା। ତେବେ ଚଳିତବର୍ଷ ଦ୍ୱିତୀୟ ଥର ପାଇଁ ନାସା ସାଟେଲାଇଟ୍ ପୃଥିବୀରେ ମାଡ଼ ହେବାକୁ ଯାଉଛି। ଏହା ପୂର୍ବରୁ ଗତ ଜାନୁୟାରୀରେ ୫,୪୦୦ ପାଉଣ୍ଡ (୨୪୪୯ କିଲୋଗ୍ରାମରୁ ଅଧିକ) ଓଜନର ଉପଗ୍ରହ ପୃଥିବୀରେ ପଡ଼ିଥିଲା।



# ପର୍ବତାରୋହୀ ବଳଜିତ ଉଦ୍ଧାର

କାଠମାଣ୍ଡୁ, ୧୮।୪

ନେପାଳର ମାଉଣ୍ଟ ଅନ୍ନପୂର୍ଣ୍ଣାରୁ ଓହ୍ଲାଇବା ବେଳେ ସୋମବାର ନିଖୋଜ ଥିବା ଭାରତୀୟ ପର୍ବତାରୋହୀ ବଳଜିତ କୌରଙ୍କୁ ମଙ୍ଗଳବାର ସୁରକ୍ଷିତ ଉଦ୍ଧାର କରାଯାଇଛି। ଏକ ଏରିଅଲ ସର୍ଚ୍ଚ ଟିମ୍ ପକ୍ଷରୁ ସର୍ଚ୍ଚ ଅପରେଶନ୍ କରାଯାଇଥିଲା। ବିନା ସପ୍ଲିମେଣ୍ଟାଲ୍ ଅକ୍ସିଜେନ୍ ବ୍ୟବହାର କରି ବଳଜିତ ୪ ନମ୍ବର କ୍ୟାମ୍ପରୁ ଅନ୍ନପୂର୍ଣ୍ଣା ଗିରିଶୃଙ୍ଗ ଚଢ଼ିଥିଲେ। ରେଡିଓ ସିଗ୍ନାଲ ଦ୍ୱାରା ମଙ୍ଗଳବାର ସକାଳେ ବଳଜିତ ସାହାଯ୍ୟ ପାଇଁ କହିବା ପରେ ରେସ୍କ୍ୟୁ ଟିମ୍ ତାଙ୍କ ପାଖରେ ପହଞ୍ଚିଥିଲା। ହିମାଚଳରେ ବଳଜିତଙ୍କ ଘର। ଅନ୍ୟପକ୍ଷେ ସୋମବାର ଆଉଜଣେ ଭାରତୀୟ ପର୍ବତାରୋହୀ ଅନୁରାଗ ମାଲୁ ମାଉଣ୍ଟ ଅନ୍ନପୂର୍ଣ୍ଣାରୁ ଓହ୍ଲାଇବା ସମୟରେ ନିଖୋଜ ହୋଇଯାଇଥିଲେ। ୬ କି.ମି. ଗଭୀର ହିମ ଫାଟରେ ଖସିପଡ଼ିବା ଯୋଗୁ ତାଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଅନୁରାଗଙ୍କ ଭାଇ ଆଶୀଷ ମାଲୁ ସୋସିଆଲ ମିଡିଆ ପୋଷ୍ଟ ଜରିଆରେ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଏବଂ ନେପାଳରେ ଥିବା ଭାରତୀୟ ରାଷ୍ଟ୍ରଦୂତ ନବୀନ ଶ୍ରୀବାସ୍ତବଙ୍କୁ ସାହାଯ୍ୟ ମାଗିଛନ୍ତି।


ଭାରତୀୟ ପର୍ବତାରୋହୀ ବଳଜିତ କୌର

# ଅଗ୍ନିକାଣ୍ଡରେ ୩୨ ମୃତ

**ବେଜିଂ,୧୮।୪:** ଚାଇନାରେ ଦୁଇ ପୃଥକ ଅଗ୍ନିକାଣ୍ଡ ଘଟଣାରେ ୩୨ ଜଣଙ୍କ ମୃତ୍ୟୁ ହୋଇଛି। ରାଜଧାନୀର ୱେଷ୍ଟର୍ଣ୍ଣ ଏରିଆସ୍ଥିତ ଫେଙ୍ଗତାଇ ଜିଲ୍ଲାର ବେଜିଂ ଚାଙ୍ଗଫେଙ୍ଗ ହସ୍ପିଟାଲରେ ଭୟାବହ ଅଗ୍ନିକାଣ୍ଡ ଘଟି ୨୧ ଜଣଙ୍କ ମୃତ୍ୟୁ ଘଟିଛି। ୭୧ ରୋଗୀଙ୍କୁ ଅନ୍ୟ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ମୃତ୍ୟୁ ସଂଖ୍ୟା ବଢ଼ିବାର ସମ୍ଭାବନା ରହିଛି। ପୂର୍ବ ଚାଇନାର ଜେଜିଆଙ୍ଗ ପ୍ରଦେଶର ଜିନହୁଆ ସହରରେ ଏକ ଫ୍ୟାକ୍ଟ୍ରିର ଅଗ୍ନିକାଣ୍ଡ ଘଟିବାରୁ ୧୧ ଜଣଙ୍କ ମୃତ୍ୟୁ ଘଟିଛି।

# ୟୁକ୍ରେନୀୟ ଅଞ୍ଚଳରେ ପୁଟିନ୍


ରୁଷିଆ ଅଧିକୃତ ୟୁକ୍ରେନ୍‌ର ଲୁହାନ୍ସ୍କ ନ୍ୟାଶନାଲ ଗାର୍ଡ ହେଡ୍‌କ୍ୱାର୍ଟର୍ସରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ।

**ମସ୍କୋ,୧୮।୪:** ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ ନିଜ ଦଖଲକୁ ନେଇଥିବା ୨ ୟୁକ୍ରେନୀୟ ଅଞ୍ଚଳ ଖେରସନ୍ ଓ ଲୁହାନ୍ସ୍କର ସେନା କମାଣ୍ଡରଙ୍କୁ ସୋମବାର ଭେଟିଛନ୍ତି। ୨ ମାସ ମଧ୍ୟରେ ଏହା ହେଉଛି ପୁଟିନ୍‌ଙ୍କ ଦ୍ୱିତୀୟ ୟୁକ୍ରେନ୍ ଗସ୍ତ। ସମ୍ପୃକ୍ତ ଅଞ୍ଚଳରେ ମସ୍କୋର ଶାସନ ଚାଲିଛି ବୋଲି ଦର୍ଶାଇବା ହେଉଛି ଏହି ଗସ୍ତର ଉଦ୍ଦେଶ୍ୟ। ଇତିମଧ୍ୟରେ ବାଖମୁଟ୍‌ରେ ରୁଷୀୟ ସୈନ୍ୟ ଘନଘନ ରକେଟ ମାଡ଼ କରିଛନ୍ତି।

# ଦୁର୍ଘଟଣାମୁକ୍ତ ସେବା ପାଇଁ ଓଡ଼ିଶା ଡ୍ରାଇଭର ପୁରସ୍କୃତ

ନୂଆଦିଲ୍ଲୀ,୧୮।୪

ଦୀର୍ଘ ୩୪ ବର୍ଷ ଧରି ଦୁର୍ଘଟଣାମୁକ୍ତ ସେବା ପାଇଁ ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମର ଡ୍ରାଇଭର ଶେଖ୍ ଦୟାନ ମଙ୍ଗଳବାର ପୁରସ୍କୃତ ହୋଇଛନ୍ତି। ଆସୋସିଏଶନ ଅଫ୍ ଷ୍ଟେଟ୍ ରୋଡ୍ ଟ୍ରାନ୍ସପୋର୍ଟ ଅଣ୍ଡରଟେକିଂ (ଏଏସ୍‌ଆର୍‌ଟିୟୁ) ପକ୍ଷରୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ନୂଆଦିଲ୍ଲୀରେ ଏଏସ୍‌ଆର୍‌ଟିୟୁ ପକ୍ଷରୁ ରୋଡ୍ ହୀରୋଙ୍କୁ ସମ୍ବର୍ଦ୍ଧନା ଉତ୍ସବ ପାଳନ ଅବସରରେ ସର୍ବସାଧାରଣ ପରିବହନ ବସ୍ ଚଳାଇବାବେଳେ ସୁରକ୍ଷିତ ଓ ଦୁର୍ଘଟଣାରହିତ ଡ୍ରାଇଭିଂ ପାଇଁ ୪୨ ଜଣ ଡ୍ରାଇଭରଙ୍କୁ ସଡ଼କ ପରିବହନ ଓ ଜାତୀୟ ରାଜପଥ ମନ୍ତ୍ରଣାଳୟର ସଚିବ ଅଳକା ଉପାଧ୍ୟାୟ ନିରାପତ୍ତା ପୁରସ୍କାରରେ ସମ୍ମାନିତ କରିଛନ୍ତି। ଦେଶର ବିଭିନ୍ନ ପ୍ରାନ୍ତରୁ ଏହି ଡ୍ରାଇଭରମାନେ ସେମାନଙ୍କ ପରିବାର ସଦସ୍ୟଙ୍କ ସହ ଉତ୍ସବରେ ଯୋଗ ଦେଇଥିଲେ। ସେମାନଙ୍କ ମଧ୍ୟରୁ ୧୭ ଡ୍ରାଇଭର ୩୦ ବର୍ଷରୁ ଊର୍ଦ୍ଧ୍ୱ ସେବାକାଳ ମଧ୍ୟରେ ଆଦୌ ଦୁର୍ଘଟଣା ଘଟାଇ ନାହାନ୍ତି।


ଓଡ଼ିଶା ଡ୍ରାଇଭର ଶେଖ୍ ଦୟାନଙ୍କୁ ନୂଆଦିଲ୍ଲୀରେ ପୁରସ୍କୃତ କରାଯାଉଛି।

## ଲଣ୍ଡନର ଭାରତୀୟ ହାଇକମିଶନ କାର୍ଯ୍ୟାଳୟରେ ଭଙ୍ଗାରୁଜା

# ତଦନ୍ତ କରିବ ଏନ୍‌ଆଇଏ

**ନୂଆଦିଲ୍ଲୀ,୧୮।୪:** ଲଣ୍ଡନସ୍ଥିତ ଭାରତୀୟ ହାଇକମିଶନଙ୍କ କାର୍ଯ୍ୟାଳୟରେ ଗତ ମାସରେ ହୋଇଥିବା ବିକ୍ଷୋଭ ଓ ଭଙ୍ଗାରୁଜା ଉଦ୍ୟମର ତଦନ୍ତ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) କରିବ। ଦିଲ୍ଲୀ ପୋଲିସର ସ୍ୱତନ୍ତ୍ର ସେଲ୍ ବେଆଇନ କାର୍ଯ୍ୟକଳାପ ପ୍ରତିକାର ଆଇନ (ୟୁଏପିଏ) ଏବଂ ସର୍ବସାଧାରଣ ସମ୍ପତ୍ତି ନଷ୍ଟ ପ୍ରତିକାର ଆଇନରେ ମାମଲା ରୁଜୁ କରିଥିବାବେଳେ ଏନ୍‌ଆଇଏ ଉକ୍ତ ମାମଲାକୁ ହାତକୁ ନେଇଛି। ୨୦୧୯ରେ କେନ୍ଦ୍ର ସରକାର ଆତଙ୍କ ନିରୋଧୀ ତଦନ୍ତ ସଂଗଠନ ପାଇଁ ରହିଥିବା ଆଇନରେ ସଂଶୋଧନ କରିବା ପରେ ବିଦେଶରେ କୌଣସି ଆତଙ୍କବାଦୀ ମାମଲାର ତଦନ୍ତ ଏନ୍‌ଆଇଏ କରିବା ପାଇଁ କ୍ଷମତା ପାଇଛି। ଗତ ମାସ ୧୯ରେ ଖଲିସ୍ତାନୀ ସପକ୍ଷବାଦୀମାନେ ଲଣ୍ଡନସ୍ଥିତ ଭାରତୀୟ ଉଚ୍ଚାୟୁକ୍ତଙ୍କ କାର୍ଯ୍ୟାଳୟ ଭଙ୍ଗାରୁଜା ଉଦ୍ୟମ କରିବା ସହ ସେଠାରେ ଲାଗିଥିବା ଜାତୀୟ ପତାକାକୁ ଓହ୍ଲାଇଦେଇଥିଲେ। ପଞ୍ଜାବ ପୋଲିସ ଖଲିସ୍ତାନୀ ନେତା ଅମ୍ରିତ୍‌ପାଲ ସିଂଙ୍କୁ ଧରିବା ଲାଗି ରାଜ୍ୟବ୍ୟାପୀ ଚଢ଼ାଉ କରିବାର ପରଦିନ ଲଣ୍ଡନସ୍ଥିତ ଭାରତୀୟ ହାଇକମିଶନଙ୍କ କାର୍ଯ୍ୟାଳୟ ବାହାର ବିକ୍ଷୋଭ କରାଯାଇଥିଲା। ଏନେଇ ସ୍ୱରାଷ୍ଟ୍ର ସଚିବ ଅଜୟ ଭାଲା ଗତ ସପ୍ତାହରେ ବ୍ରିଟିଶ ସରକାରଙ୍କ ପ୍ରତିନିଧିମାନଙ୍କ ସହ ଆଲୋଚନା କରିଥିଲେ।


## OFFICE OF THE SUPERINTENDENT UTKAL BALASHRAM, BALASORE

Letter No: 454 /UBBS; Date: 17.04.2023

### CORRIGENDUM NOTICE

No. g-07:- Further to tender call notice no **372 dt.03.02.2023** regarding supply of Office item, Kitchen Equipments, Library Equipments, Study Materials, Hostel Room Equipments, Wash Room Equipments for the use of Inmates of Utkal Balashram Balasore Sakha, it is to inform that the last date of submission of Tender which was on initially on **21.02.2023**, is hereby extended till **dt.01.05.2023 at 5:00PM**.The details of the tender documents are available in the District Website www.balasore.nic.in. The same can be purchased from the Honorary Secretary, Utkal Balashram, Balasore on any working day till 5 P.M. of 30.04.2023 on payment as per Specification. The additional Term & Condition are as follows:

1. Last two year income Tax return documents of tenderer
2. Annual Turnover of minimum 20 lakhs & above
3. Updated GST return i.e. filling of GSTR-3B & GSTR-1

**Sd./- Superintendent**
OIPR-33045/11/0001/2324 **Utkal Balashram, Balasore**

## OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BALASORE

E-Mail ID: serw_balasore@yahoo.in, Ph. No.: 06782-260318, Balia, Balasore

No. O-65

### "e" Procurement Notice for Bridge Work

Identification No. Online Tender - Bridge NCB No. 03 of 2023-24

Letter No. 1714/WE Date: 13.04.2023

1. Name of the Work : Bridge Works
2. Total No. of Work : 03 Nos. (Three)
3. Estimated Cost : Rs.453.96 lakh to Rs.907.79 lakh (Approximately)
4. Eligible Class of Contractor : "Special" Class & "A" Class (of Odisha P.W.D.) or relevant Class of other licensing authorities (as per annexure)
5. Period of Completion : 18 to 24 (Eighteen to Twenty Four) Calendar Months (As per Annexure)
6. Other details :

| Procurement Officer | Bid Identification No. | Availability of tender Online for Bidding | | Last date & time of seeking tender clarification | Date & time of Opening of Tender in O/o. C.C.E., R.W. Circle, Balasore | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Balasore | N.C.B. No. 03 of 2023-24 | 20.04.2023 at 11.00 A.M. | 03.05.2023 upto 5.00 P.M. | 02.05.2023 upto 5.00 P.M. | 04.05.2023 at 11.00 A.M. | Will be intimated later |

- Further details can be seen from the website: **www.tendersodisha.gov.in**.

**OIPR-25105/11/0003/2324** **Sd./- Er. S.K. Mishra, Chief Construction Engineer, R.W. Circle, Balasore**

## Office of the Deputy Director of Horticulture Keonjhar, Odisha

RFP NO: 2520 Date: 17.04.2023

### REQUEST FOR PROPOSAL

**SELECTION OF AGENCIES FOR LIVELIHOOD ENHANCEMENT OF SMALL AND MARGINAL FARMERS IN 13 BLOCKS OF KEONJHAR DISTRICT THROUGH ORCHARD PLANTATION**

No. L-13:- **Office of the Deputy Director of Horticulture, Keonjhar, Government of Odisha,** invites sealed proposals from eligible bidders for **"Selection of Agencies for Livelihood Enhancement of Small and Marginal Farmers of Keonjhar District Through Orchard Plantation" under District Mineral Foundation, Keonjhar.** Bidders fulfilling the prescribed eligibility criteria of the RFP can access and download the complete RFP Document and other details from **https://kendujhar.nic.in**.

The major events under the bid process are:

| Sr. No. | List of Key Events | Critical Dates |
|---|---|---|
| 1 | Date of Issue of RFP | 17.04.2023 |
| 2 | Deadline for Submission of Pre-Proposal Query | 24.04.2023 by email |
| 3 | Issue of Pre-proposal Clarifications | 26.04.2023 via online mode |
| 4 | Last Date for Submission of Bid | 11.05.2023 by 05.30 PM |
| 5 | Date of Opening of Technical Bid | 12.05.2023 at 11.00 AM |
| 6 | Date of Technical Presentation | To be intimated to selected bidders at later stage |
| 7 | Method of Selection | Quality Based Selection |

The proposal complete in all respects must reach the undersigned by **Speed Post/Registered Post** only latest by 11.05.2023 before 5.30 PM in a sealed envelope clearly mentioning on the top of it **"Selection of Agencies for Livelihood Enhancement of Small and Marginal Farmers of Keonjhar District Through Orchard Plantation, under District Mineral Foundation, Keonjhar".** The proposals received beyond the last date and time will be rejected. The authority reserves the right to reject any/ all proposals without assigning any reason thereof.

**Address for Submission of Proposal:**
Office of the Deputy Director of Horticulture, Kashipur, Keonjhar
Pin-758001, Odisha
**OIPR-01405/11/0001/2324** **Sd./- Deputy Director of Horticulture Keonjhar**

## Bhubaneswar Municipal Corporation

*Progress through Partnership for better Bhubaneswar*

File No. XXXVI(Project) - 31-2018-2021(P T)/2

RFP No. 18201 Date: 17.04.2023

### RFP for "Selection of a Consulting firm for setting up a Project Management Unit (PMU) at Bhubaneswar Municipal Corporation"

**No.C-118:** Bhubaneswar Municipal Corporation intends to select a Consulting Firm for setting up Project Management Unit at BMC. Interested agencies may participate for this tender and submit their proposal. The detailed Request for Proposal (RFP) document can be downloaded from BMC website i.e. **bmc.gov.in** from 18.04.2023 to 12.05.2023. Any further information (i.e. Corrigendum/Addendum/Responses to the queries/ clarification) shall be uploaded in BMC website only. The Pre-bid meeting is scheduled to be held on 27.04.2023, 11.30 A.M. in the 4th Floor, Conference Hall of BMC Office, ICOMC tower, Satya Nagar. The last date of receipt of proposal is 12.05.2023 by 3 P.M. and the same would be opened on 12.05.2023 at 4 P.M. Please refer the RFP document for further details.

**By Order**
**Sd./- Deputy Commissioner, Revenue**
**Bhubaneswar Municipal Corporation**
OIPR-13002/11/0017/2324

## ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଲିଃ
(ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗ ଅଧୀନର ଏକ ଉଦ୍ୟୋଗ)
**ODISHA BRIDGE & CONSTRUCTION CORPORATION LIMITED**
**(A Government of Odisha Undertaking under Works Department)**

No.3277
File:SMT-1891
No.CAD-217:

### NOTICE INVITING TENDER

Date:17.04.2023

| | | |
|---|---|---|
| 1. | Name of Work | Selection of Agency for Comprehensive Facility Manageement Services for Shree Mandira Parikrama Project, with Operation & Maintenance of Electric Buses, Battery operated Vehicles at Puri, Odisha. |
| 2. | Bid Identification No. of the Tender Document | 07/Tender/OBCC/2023-24 |
| 3. | Date of availability of the tender document in e-procurement portal | 24.04.2023 to 26.05.2023 till 5.00 P.M. |
| 4. | Due Date & Time of receipt of proposals through online mode | 26.05.2023 till 5.00 P.M. |
| 5. | Date & Time of Opening of Technical Proposals | 29.05.2023 at 11.30 A.M. |
| 6. | Date and VC link of Pre-Bid Meeting | 03.05.2023 at 11.30 A.M. https://meet.google.com/vpj-rtqn-yup |
| 7. | Last date of receipt of pre-bid queries | 02.05.2023 till 5.00 PM |
| 8. | Date of issue of pre-bid clarifications | 08.05.2023 |
| 9. | Contract Duration | 36 (Thirty-Six) Calendar Months |
| 10. | Eligible bidders | Agencies who are empaneled with OBCC under Catagory-A of Facility Management Services are eligible to participate in the tender process. |
| 11. | Bid Processing Fee | Rs.20,000.00 only (Including GST) |

12.Further details can be seen from the e-Procurement portal https://www.tendersodisha.gov.in. For any queries please email at md@obcc.in or circle1@obcc.in. OBCC has the right to accept or reject the Notice/RFP/Proposal without assigning any reasons thereof.

**OIPR-34161/11/0009/2324** **Sd./- Sr.Chief General Manager-I**

## DISTRICT PROJECT MANAGEMENT UNIT, PM-POSHAN (MDM), MALKANGIRI

### TENDER CALL NOTICE

**No.25/ DPMU (PM POSHAN)-2023** **Dated. 17.04.2023**

No. n-17:- Sealed tender in prescribed forms are invited from intending registered transport contractors/ firms/ corporations / agents / individuals for undertaking the work of transportation of rice per quarter from Malkangiri / O.S.W.C., Malkangiri and from SPEG, Khairput to all School points of concerned Blocks of Malkangiri district under PM POSHAN Programme for the year 2023-24. The tender paper / terms and condition can be obtained from the Office of the District Project Management Unit (PM POSHAN), Malkangiri, O/o the District Education Officer, Malkangiri, also available at District website (**www.malkangiri.nic.in**) from **20.04.2023 to 29.04.2023** on any working day during office hour on payment of Rs. 15000/ - (Rupees Fifteen thousand) only in shape of Demand Draft (non refundable) in favour of District Nodal Officer (PM POSHAN)-cum-DEO, Malkangiri payable at Malkangiri. The tender shall be received by the District Education Officer, Malkangiri during the office hour from 7.00 AM to 1.00 PM through **Registered Post/ Speed Post** only and will be opened by the undersigned on **01.05.2023** at **10 A.M** in the presence of the tenderers or their authorized Agent. There shall be two stages of bidding — Technical and Financial. The interested bidders must submit the Technical bid in a envelope super-scribed as **"Technical Bid for Tender of Transportation of PM POSHAN Food stuff in Malkangiri district for 2023-24"**. The Financial Bid must be submitted in a separate envelope super-scribed as **"Financial Bid for Tender of Transportation of PM POSHAN Food stuff in Malkangiri district for 2023-24"**. Both these envelopes must then be placed in a third envelopes super-scribed as **"Bid for Tender of Transportation of Pradhan Mantri Poshan Shakti Nirman Food stuff in Malkangiri District for 2023-24".** The tenders received beyond the scheduled date and time shall be rejected.

Notwithstanding anything else contained to the contrary in this tender document, the undersigned reserves the right to cancel/ withdraw/ modify fully or partially the invitation for Bids, or to reject one or more of the bids or cancel the entire tender process without assigning any reason thereof and shall bear no liability whatsoever consequent upon such a decision.

**Sd./- District Nodal Officer (PM POSHAN)-cum-DEO, Malkangiri**
OIPR-21035/11/0002/2324

## OFFICE OF THE PRINCIPAL ODISHA ADARSHA VIDYALAYA

**Talachampei, Banspal Block**
**Dist.: Keonjhar, Odisha - 758018**
**(Under the Department of S&ME, Govt. of Odisha)**
**Affiliated to CBSE, New Delhi**
**Affiliation No. - 1520039, School No. 17194**
**Email Id: banspal@oav.edu.in, Ph. No.: 9658094709**
**Advertisement No. 03/OAVTBK/2023** **Date: 18.04.2023**

### TENDER CALL NOTICE

No. n-16: Sealed tenders are invited from registered supplier/firms having own sale counter, valid GST registration. PAN and IT Certificate 2023-24 for supply of recurring/non-recurring items/articles for KGBV Type-IV Girls Hostel of OAV, Talachampei, Banspal, Keonjhar. The tender paper containing detailed scope of work along with terms and conditions displayed at **www.kendujhar.nic.in** and notice board of OAV, Talachampei, Banspal, BEO Banspal, BDO Banspal, DPC, SS Keonjhar. Last date of receipt of the tender paper is 02.05.2023 at 4 P.M.

The authority reserves the right to cancel all or any/part of the tender without assigning any reason thereof.

By the Order of Chairman, VMDC
**Sd./- Principal (I/C)**
**OAV, Talachampei, Banspal**
**OIPR-27091/11/0001/2324**

## CUTTACK DEVELOPMENT AUTHORITY

**Arunodaya Bhawan, Link Road, Cuttack - 12**
**Fax No. 0671-231229, email: cda.cuttack@ori.nic.in**
**Notice No. 4380/CDA** **Date: 17.04.2023**

### E-AUCTION

**of Residential Plots at Sector - 13 in Bidanasi Project Area, Cuttack on as-is-where-is-basis**

No. CAD-199: Cuttack Development Authority (CDA) invites application for E-auction of 264 Nos. of residential Plots at Sector - 13 in Bidanasi Project Area, Cuttack on as-is-where-is-basis.

**Brief Description of Auction Process:** Applications are invited online from individuals for allotment of 264 Nos. of residential plots of different sizes available at Sector-13 in Bidanasi, Cuttack through e-auction.

The selection shall be based on the eligibility and highest quoted amount over the reserve price specified in the brochure. The bidders are requested to make themselves aware of the site conditions before participating in the e-auction process. The brochure for the same can be downloaded from CDA website **http://www.cdacuttack.nic.in** from **Dt.24.04.2023** and the bidders can register in the e-auction process by **Dt.21.06.2023 by 17.00 hrs.** The online auction will start at 11.30 A.M. on **Dt.24.07.2023**. CDA, Cuttack reserves the right to accept or reject any application and to annul the auction process at any time, without incurring any liability and without assigning any reason thereof.

**OIPR-13037/11/0011/2324** **Sd./- Secretary**

# ରାଉରକେଲାରେ କଲ୍ୟାଣ ଜୁଏଲର୍ସ ଉଦ୍‌ଘାଟିତ

ଭୁବନେଶ୍ୱର/,୧୮।୪

ଦେଶର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ କଲ୍ୟାଣ ଜୁଏଲର୍ସର ଓଡ଼ିଶା ୟୁନିଟ୍ ପକ୍ଷରୁ ଆଉ ଏକ ଏକ୍ସକ୍ଲୁସିଭ ଷ୍ଟୋରର ଶୁଭାରମ୍ଭ କରାଯାଇଛି। ଉଲ୍ଲେଖଯୋଗ୍ୟ, ରାଉରକେଲା ସିଭିଲ ଟାଉନଶିପ ପାନପୋଷ ରୋଡ୍‌ର ନେକ୍ସା ବିଲ୍ଡିଂ ପରିସରରେ କଲ୍ୟାଣ ଜୁଏଲର୍ସର ଉକ୍ତ ଷ୍ଟୋର ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ବଲିଉଡ୍ ଅଭିନେତା ରଣବୀର କପୁର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କଲ୍ୟାଣ ଜୁଏଲର୍ସର ସିଇଓ ସଞ୍ଜୟ ରଘୁମଣିଙ୍କ ସମେତ ବ୍ରାଣ୍ଡର ବହୁ ବରିଷ୍ଠ ଅଧିକାରୀ ଏବଂ ଷ୍ଟୋର କର୍ମଚାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

ଏ ସମ୍ପର୍କରେ କଲ୍ୟାଣ ଜୁଏଲର୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରମେଶ କଲ୍ୟାଣରମ କହିଛନ୍ତି, ଓଡ଼ିଶା ବଜାରରେ ଆମେ ୮ ବର୍ଷ ପୂରଣ କରିଥିବା ବେଳେ ବର୍ତ୍ତମାନ ଆମେ ରାଜ୍ୟର ପ୍ରମୁଖ ସହର ରାଉରକେଲାଠାରେ ମଧ୍ୟ ଏକ ନୂତନ ଷ୍ଟୋର ସହ ବଜାର ପ୍ରବେଶ ସମ୍ପର୍କରେ ଘୋଷଣାକରି ବେଶ୍ ଆନନ୍ଦିତ। କଲ୍ୟାଣ ଜୁଏଲର୍ସ ପାଇଁ ଓଡ଼ିଶା ଏକ ଗୁରୁତ୍ୱପୂର୍ଣ୍ଣ ବଜାର ହୋଇଥିବା ବେଳେ ଉକ୍ତ ଅଞ୍ଚଳରେ ଆମର ନୂତନ ନିବେଶ ବ୍ରାଣ୍ଡର ଉପସ୍ଥିତିକୁ ଆହୁରି ବଢ଼ାଇବା ପାଇଁ ରହିଥିବା ଆମ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି।

ଅପରପକ୍ଷରେ ଗ୍ରାହକ କଲ୍ୟାଣ ଜୁଏଲର୍ସର ଲୋକପ୍ରିୟ ବ୍ରାଣ୍ଡ୍ ଲିଲା-ହୀରା ଓ ସେମି-ପ୍ରିସିଅସ୍ ଷ୍ଟୋନ୍ ଗହଣା, ତେଜସ୍ୱୀ-ପୋଲକି ଗହଣା, ମୁଦ୍ରା-ହାତତିଆରି ଆଂଟିକ୍ ଗହଣା, ନିମାହ-ମନ୍ଦିର ଗହଣା, ଗ୍ଲୋ-ଡ୍ୟାନ୍‌ସିଂ ହୀରା, ଜିଆ-ସୋଲିଟାୟାର୍ ଭଳି ହୀରା ଗହଣା, ଅନୋଖି-ଅନକଟ ହୀରା, ଅପୂର୍ବା-ସ୍ୱତନ୍ତ୍ର ଅବସର ପାଇଁ ହୀରା, ମୁହୁରତ-ବିବାହ ଗହଣା, ରଙ୍ଗ-ପ୍ରିସିଅସ୍ ଷ୍ଟୋନ୍ ଗହଣା ଆଦି ଏଠାରେ ଉପଲବ୍ଧ। ଏପରିକି ଉଦଘାଟନୀ ଅବସରରେ କଲ୍ୟାଣ ଜୁଏଲର୍ସ ପକ୍ଷରୁ ଗ୍ରାହକମାନଙ୍କୁ ସର୍ବନିମ୍ନ ୧ ଲକ୍ଷ ଟଙ୍କାର ସପିଂ ଉପରେ ଅଧା କିଣା ମୂଲ୍ୟ ଉପରେ ୦% ଗଢ଼ା ମୂଲ୍ୟର ପ୍ରସାର କରାଯିବ। ଏହି ଅଫର୍ ସୀମିତ ସମୟ ପାଇଁ ଉପଲବ୍ଧ ରହିବ। ଉଲ୍ଲେଖଯୋଗ୍ୟ ରାଉରକେଲା ସହରରେ କଲ୍ୟାଣ ଜୁଏଲର୍ସର ଏହା ପ୍ରଥମ ଷ୍ଟୋର ହୋଇଥିବା ବେଳେ ଓଡିଶା ବଜାରରେ ୩ୟ ଷ୍ଟୋର (ଶୋ'ରୁମ୍) ବୋଲି କଲ୍ୟାଣ ଜୁଏଲର୍ସ ପକ୍ଷରୁ କୁହାଯାଇଛି।



କଲ୍ୟାଣ ଜୁଏଲର୍ସର ରାଉରକେଲା ଷ୍ଟୋରକୁ ବଲିଉଡ୍ ଅଭିନେତା ରଣବୀର କପୁର ମଙ୍ଗଳବାର ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରୁଛନ୍ତି। ଏହି ପରିପ୍ରେକ୍ଷୀରେ କଲ୍ୟାଣ ଜୁଏଲର୍ସର ସିଇଓ ସଞ୍ଜୟ ରଘୁମଣିଙ୍କ ସମେତ ବ୍ରାଣ୍ଡର ବହୁ ବରିଷ୍ଠ ଅଧିକାରୀ ଏବଂ ଷ୍ଟୋର କର୍ମଚାରୀ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

# ଜିଓ ସିନେମାରେ ରେକର୍ଡ ସଂଖ୍ୟକ ଦର୍ଶକ

ନୂଆଦିଲ୍ଲୀ,୧୮।୪

ରିଲାଏନ୍ସ ଜିଓର ପ୍ରମୁଖ ପ୍ଲାଟ୍‌ଫର୍ମ ଜିଓ ସିନେମାରେ ଚଳିତ ବର୍ଷର ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍)ର ସିଧା ପ୍ରସାରଣ କରାଯାଉଛି। ଏପରିକି ଜିଓ ସିନେମାରେ ମ୍ୟାଚ୍ ଦେଖୁଥିବା ଦର୍ଶକଙ୍କ ସଂଖ୍ୟାରେ ମଧ୍ୟ ପ୍ରତିଦିନ ନୂଆ ରେକର୍ଡ ସ୍ଥାପନ ହେଉଛି ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଉଲ୍ଲେଖଯୋଗ୍ୟ, ଚେନ୍ନାଇ ସୁପର କିଙ୍ଗସ୍ (ସିଏସ୍‌କେ) ଓ ରୟାଲ୍ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆର୍‌ସିବି) ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍‌କୁ ରେକର୍ଡ ସଂଖ୍ୟକ ୨.୪ କୋଟିରୁ ଅଧିକ ଦର୍ଶକ ଦେଖିଛନ୍ତି। ବିଶେଷକରି ଟାଟା ଆଇପିଏଲ୍-୨୦୨୩ରେ ଅନଲାଇନ୍ ଲାଇଭ୍ ଷ୍ଟ୍ରିମିଂ ପ୍ଲାଟ୍‌ଫର୍ମ ଜିଓ ସିନେମାରେ ଏହା ହେଉଛି ମ୍ୟାଚ୍ ଦେଖିଥିବା ସର୍ବାଧିକ ଦର୍ଶକ ସଂଖ୍ୟା। ଏହା ପୂର୍ବରୁ ୨୦୨୩ ଏପ୍ରିଲ୍ ୧୨ରେ ଜିଓ ସିନେମାରେ ଦର୍ଶକ ସଂଖ୍ୟା ୨.୨ କୋଟିରେ ପହଞ୍ଚିଥିଲା। ବିସିସିଆଇ ପକ୍ଷରୁ ଆଇପିଏଲ୍ ୨୦୨୩ର ଟିଭି ଓ ଡିଜିଟାଲ୍ ପ୍ରସାରଣ ଅଧିକାର ଭିନ୍ନ ଭିନ୍ନ କଂପାନିକୁ ପ୍ରଦାନ କରାଯାଇଛି। ଡିଜିଟାଲ୍‌କୁ ତାହାର ପ୍ରତ୍ୟକ୍ଷ ଲାଭ ମିଳିଛି।

# ନିସ୍କୁ ଶ୍ରେଷ୍ଠ ଘରୋଇ ଶିକ୍ଷାନୁଷ୍ଠାନର ସମ୍ମାନ



ଭୁବନେଶ୍ୱର,୧୮।୪

ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ନିସ୍କୁ ନିକଟରେ ଆଉ ଏକ ରାଜ୍ୟସ୍ତରୀୟ ସମ୍ମାନ ପ୍ରଦାନ କରାଯାଇଛି। ବିଶେଷ କରି ଶିକ୍ଷା ଓ ସମାଜ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ନିସ୍କୁ ରାଜ୍ୟର ଶ୍ରେଷ୍ଠ ଶିକ୍ଷାନୁଷ୍ଠାନର ସମ୍ମାନ ଦିଆଯାଇଛି। ଉଲ୍ଲେଖଯୋଗ୍ୟ ହଜରତ ବୁଖାରୀ ଟ୍ରଷ୍ଟ ଦ୍ୱାରା ଆୟୋଜିତ ଉର୍ସ ଉତ୍ସବ ଅବସରରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ନିସ୍ ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ଡ. ସୁଭାଷ ଚନ୍ଦ୍ର ନାୟକ ଓ ସହପ୍ରତିଷ୍ଠାତା ପ୍ରଫେସର ସ୍ମୃତିସୁଧା ନାୟକଙ୍କୁ ସମ୍ବର୍ଦ୍ଧିତ କରିବା ସହ ମାନପତ୍ର ଓ ଉପଢୌକନ ପ୍ରଦାନ କରିଥିଲେ। ଉକ୍ତ ଉତ୍ସବରେ ବିଧାୟକ ଜ୍ୟୋତିରିନ୍ଦ୍ରନାଥ ମିତ୍ର, ରାଜ୍ୟ ସଭା ସାଂସଦ ମୁଜିବୁଲା ଖାଁ ଏବଂ ପୂର୍ବତନ ବିଧାୟକ ଡ. ଦିଲ୍ଲୀପ ଶ୍ରୀଚନ୍ଦନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସୂଚନାଯୋଗ୍ୟ ବିଗତ ବର୍ଷମାନଙ୍କରେ କମ୍ପ୍ୟୁଟର ସାଇନ୍‌ସ, ଆଇଟି ଓ ମ୍ୟାନେଜମେଣ୍ଟ ଭଳି ଶିକ୍ଷାକ୍ଷେତ୍ରରେ ନିସ୍ ଶିକ୍ଷାନୁଷ୍ଠାନର ଫଳାଫଳ ଓ ସୁନାମ ସାରା ରାଜ୍ୟରେ ରହିଛି। ଏପରିକି ବିଭିନ୍ନ କ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବାରୁ ଅନୁଷ୍ଠାନର ପ୍ରତିଷ୍ଠାତା ଡ. ନାୟକ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ସମ୍ମାନିତ ହୋଇ ଗୌରବ ଅର୍ଜନ କରିଥିବା ନିସ୍‌ର ପ୍ରଶାସନିକ ଅଧିକାରୀ ପୀତାମ୍ବର ଚୟନୀ ମତପ୍ରକାଶ କରିଛନ୍ତି।

# ଆକର୍ଷଣୀୟ ଅକ୍ଷୟ ତୃତୀୟା ଅଫର

## ଚାନ୍ଦି ଭଣ୍ଡାରରେ ରୁପାର ସମ୍ଭାର



ଭୁବନେଶ୍ୱର,୧୮।୪

ରାଜ୍ୟର ପ୍ରମୁଖ ରୁପା ଅଳଙ୍କାର ପ୍ରତିଷ୍ଠାନ ଚାନ୍ଦି ଭଣ୍ଡାର ପକ୍ଷରୁ ଚଳିତ ବର୍ଷର ଅକ୍ଷୟ ତୃତୀୟା ଉପଲକ୍ଷେ ଆକର୍ଷଣୀୟ ଅକ୍ଷୟ ତୃତୀୟା ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷ କରି ରୁପା ଅଳଙ୍କାରର ଗଢ଼ା ମଜୁରି ଉପରରେ ଫ୍ଲାଟ ୫୦% ରିହାତି ପ୍ରଦାନ କରାଯାଉଛି। ଏହି ଅଫର ଚଳିତ ବର୍ଷ ଅପ୍ରେଲ ୨୩ ତାରିଖ ପର୍ଯ୍ୟନ୍ତ ଚାନ୍ଦି ଭଣ୍ଡାରର ସମସ୍ତ ଷ୍ଟୋରରେ ଉପଲବ୍ଧ। ଉଲ୍ଲେଖଯୋଗ୍ୟ ଭୁବନେଶ୍ୱର ସହିଦ ନଗର ଏବଂ ପଟିଆ ସମେତ ରାଉରକେଲାର ଉଦିତ ନଗର, ଅନୁଗୁଳର ଅମଲାପଡ଼ା, କଟକ, ଯାଜପୁର ରୋଡ ଏବଂ ବ୍ରହ୍ମପୁର ଠାରେ ଚାନ୍ଦି ଭଣ୍ଡାରର ଏକ୍ସକ୍ଲୁସିଭ୍ ଷ୍ଟୋର ଉପଲବ୍ଧ। ଏଠାରେ ରୁପା ଗହଣା, କଟ୍‌ଲେରି, ସିଲ୍‌ଭରୱେର ଏବଂ କର୍ପୋରେଟ୍ ଉପହାରର ବିସ୍ତୃତ ସମ୍ଭାର ରହିଛି। ବିଶେଷ କରି ସର୍ବୋତ୍ତମ ଓଡ଼ିଆ କାରିଗରି ସହ ଭାରତର ବିଭିନ୍ନ ପ୍ରାନ୍ତରୁ ଚାନ୍ଦି ଭଣ୍ଡାର ଅତି ସୁନ୍ଦର ରୁପା ଗହଣା ଏବଂ ଅନ୍ୟାନ୍ୟ ରୁପା ସାମଗ୍ରୀ ଉପଲବ୍ଧ କରାଉଛି। ଅପରପକ୍ଷରେ ମାଗଣା ଲାଇଫ୍‌ଟାଇମ୍ କ୍ଲିନିଂ, ସର୍ବୋତ୍ତମ ଏକ୍ସଚେଞ୍ଜ ନୀତି, ହଲ୍‌ମାର୍କ ଏବଂ କ୍ୱାଲିଟି ଯାଞ୍ଚ ହୋଇଥିବା ଉତ୍ପାଦନ, ରୁପା ଗହଣାରେ ହଜାରରୁ ଅଧିକ କଷ୍ଟମାଇଜେସନ ଏବଂ କିଣିବା ପୂର୍ବରୁ ପିନ୍ଧିବା ନୀତି ଆଦି ଗ୍ରାହକଙ୍କୁ ଯୋଗାଇ ଦିଆଯାଉଛି, ଏହା ସହିତ ଉଚିତ ମୂଲ୍ୟରେ ଗ୍ରାହକଙ୍କୁ ଆବଶ୍ୟକ ଉତ୍ପାଦ ଓ ସାମଗ୍ରୀ ଏବଂ ଅଳଙ୍କାର ପ୍ରଦାନ କରାଯାଇଥାଏ। ସୂଚନାଯୋଗ୍ୟ ୨୦୧୩ ରେ ଭୁବନେଶ୍ୱରର ସହିଦ ନଗରରୁ ଆରମ୍ଭ ହୋଇଥିବା ଚାନ୍ଦି ଭଣ୍ଡାର ବର୍ତ୍ତମାନ ରାଜ୍ୟ ପ୍ରମୁଖ ସହରରେ ୭ ଟି ଷ୍ଟୋର ଉପଲବ୍ଧ କରାଇପାରିଛି।

# ମୁମ୍ବାଇରେ ଆପଲ୍‌ର ପ୍ରଥମ ରିଟେଲ ଷ୍ଟୋର

ମୁମ୍ବାଇ,୧୮।୪

ପ୍ରିମିୟମ ସ୍ମାର୍ଟଫୋନ ତଥା ଆଇ ଫୋନ ନିର୍ମାତା ଆପଲ'ର ପ୍ରଥମ ରିଟେଲ ଷ୍ଟୋର ମଙ୍ଗଳବାର ମୁମ୍ବାଇର ବାନ୍ଦ୍ରା କୁର୍ଲା କମ୍ପ୍ଲେକ୍ସ (ବିକେସି) ସ୍ଥିତ ଜିଓ ୱାର୍ଲ୍ଡ ସେଣ୍ଟରଠାରେ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଆପଲର ସିଇଓ ଟିମ୍ କୁକ୍ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆପଲର ଭିପି ଦେର୍‌ଦି ଓ'ବ୍ରେନ୍‌ଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

ଉଲ୍ଲେଖଯୋଗ୍ୟ, ୨୦,୦୦୦ ବର୍ଗଫୁଟ ପରିବ୍ୟାପ୍ତ ୨ମହଲା ବିଶିଷ୍ଟ କୋଠାରେ ଉକ୍ତ ଷ୍ଟୋର ଗଢ଼ି ଉଠିଛି। ବିଶେଷକରି ଅନ୍ତଃରାଷ୍ଟ୍ରୀୟ ସ୍ତରର ଡିଜାଇନ ଓ ଆକର୍ଷଣୀୟ ପରିବେଶ ମଧ୍ୟରେ ବ୍ରାଣ୍ଡର ସମସ୍ତ ଫୋନ ଓ ଅନ୍ୟାନ୍ୟ ଉତ୍ପାଦଗୁଡ଼ିକୁ ଭାରତୀୟ ଗ୍ରାହକମାନେ ଅତି ସହଜରେ ପାଇପାରିବେ। ଏ ସମ୍ପର୍କରେ ଆପଲର ସିଇଓ ଟିମ୍ କୁକ୍ କହିଛନ୍ତି, ଦୀର୍ଘ ୨୫ ବର୍ଷ ପରେ ଆମେ ପ୍ରତ୍ୟକ୍ଷ ଭାବେ ଭାରତୀୟ ବଜାରରେ ପାଦଦେଇଛି। ଏପରିକି ଆଗାମୀ ଦିନରେ ମଧ୍ୟ ଦେଶର ବିଭିନ୍ନ ପ୍ରମୁଖ ସହରରେ କମ୍ପାନୀର ଷ୍ଟୋର ଶୁଭାରମ୍ଭ ସହିତ ବ୍ୟବସାୟିକ ସମ୍ପ୍ରସାରଣ ଓ କାରବାର ବୃଦ୍ଧି ସମ୍ପର୍କରେ ମଧ୍ୟ ବ୍ୟାପକ ଯୋଜନା କରାଯାଉଛି ବୋଲି ସେ ବିସ୍ତୃତ ମତପ୍ରକାଶ କରିଛନ୍ତି।

ଏହି ପରିପ୍ରେକ୍ଷୀରେ ଆପଲର ସିଇଓ କୁକ୍ ମୁକେଶ ଅମ୍ବାନୀଙ୍କ ସହ ଏକ ସୌଜନ୍ୟମୂଳକ ସାକ୍ଷାତକରି ବିଭିନ୍ନ ବିଷୟରେ ଆଲୋଚନା କରିଥିବା ବେଳେ ଆଗାମୀ ଦିନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ମଧ୍ୟ ଏକ ସୌଜନ୍ୟମୂଳକ ସାକ୍ଷାତ କାର୍ଯ୍ୟକ୍ରମର କାର୍ଯ୍ୟକ୍ରମ ରହିଛି ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ଆସନ୍ତା ୨୦ ଏପ୍ରିଲରେ ନୂଆଦିଲ୍ଲୀର ସାକେତସ୍ଥିତ ସିଟି ୱାକ ମଲ୍‌ରେ ମଧ୍ୟ କମ୍ପାନୀର ଆଉ ଏକ ରିଟେଲ ଷ୍ଟୋର ଖୋଲିବାକୁ ଯାଉଛି ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି।


ଆପଲ ଏକ୍ସକ୍ଲୁସିଭ୍ ଆଉଟ୍‌ଲେଟ୍‌ର ଡୋର୍‌କୁ ମଙ୍ଗଳବାର କମ୍ପାନୀର ସିଇଓ ଟିମ୍ କୁକ୍ ଏବଂ ଭିପି ଦେର୍‌ଦି ଓ'ବ୍ରେନ ଆନୁଷ୍ଠାନିକ ଭାବେ ଓପନ୍ କରୁଛନ୍ତି।

# ଆଲିଆ ମାଲାବାରର ନ୍ୟୁ ବ୍ରାଣ୍ଡ୍ ଆମ୍ବାସାଡର

ନୂଆଦିଲ୍ଲୀ,୧୮।୪




ଅନ୍ତଃରାଷ୍ଟ୍ରୀୟ ଅଳଙ୍କାର ପ୍ରତିଷ୍ଠାନ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡ୍‌ସର ନ୍ୟୁ ବ୍ରାଣ୍ଡ୍ ଆମ୍ବାସାଡର ଭାବେ ବଲିଉଡ୍ ଅଭିନେତ୍ରୀ ଆଲିଆ ଭଟ୍ଟ ନିଯୁକ୍ତ ହୋଇଛନ୍ତି। ୨୦୧୨ରେ ବଲିଉଡ୍‌ରେ ପାଦ ଦେଇଥିବା ଆଲିଆ ଖୁବ୍ କମ୍ ଦିନ ମଧ୍ୟରେ ବେଶ୍ ଲୋକପ୍ରିୟ ଓ ସଫଳ ଭାରତୀୟ ଅଭିନେତ୍ରୀ ଭାବେ ସାରା ବିଶ୍ୱରେ ପରିଚିତ ହୋଇପାରିଛନ୍ତି। ଫଳରେ ତାଙ୍କ ଚେହେରା ବ୍ରାଣ୍ଡ୍ ପାଇଁ ବେଶ୍ ସଫଳ ଓ ଗ୍ରାହକଙ୍କ ନିକଟତର ହୋଇପାରିବ ବୋଲି ମାଲାବାର ଆଶପ୍ରକାଶ କରିଛି।

ଏ ସମ୍ପର୍କରେ ମାଲାବାର ଗ୍ରୁପ୍‌ର ଚେୟାରମ୍ୟାନ ଏମ୍.ପି.ଅହମ୍ମଦ କହିଛନ୍ତି, ଆଲିଆଙ୍କ ଭଳି ଜଣେ ଯୁବ ଓ ଦକ୍ଷ ଅଭିନେତ୍ରୀଙ୍କୁ ଆମେ ଆମ ପରିବାରକୁ ସ୍ୱାଗତକରି ବେଶ୍ ଉତ୍ସାହିତ ଅଛୁ। ଏପରିକି ବିଗତ ବର୍ଷଗୁଡିକରେ ମଧ୍ୟ ଆମର ବ୍ରାଣ୍ଡ୍ ଆମ୍ବାସାଡରମାନେ ଉଭୟ ବ୍ରାଣ୍ଡ୍ ଓ ବ୍ୟବସାୟ ପାଇଁ ବେଶ୍ ସଫଳ ହୋଇଛନ୍ତି। ବିଶେଷକରି ଆଗାମୀ ଦିନରେ ମଧ୍ୟ ବ୍ରାଣ୍ଡର ଚାହିଦା ବୃଦ୍ଧି କରିବାରରେ ଆଲିଆଙ୍କ ଚେହେରା ବେଶ୍ ଉପଯୋଗୀ ହେବ ବୋଲି ସେ ମତପ୍ରକାଶ କରିଛନ୍ତି।

ଉଲ୍ଲେଖଯୋଗ୍ୟ, ମାଲାବାର ଗ୍ରୁପ୍ ନିକଟରେ ସଫଳତାର ୩୦ ବର୍ଷ ପୂରଣ ସହ ପୂର୍ତ୍ତି ଉତ୍ସବ ପାଳନ କରିଛି। ଏହି ପରିପ୍ରେକ୍ଷୀରେ ବ୍ରାଣ୍ଡ୍ ତା'ର ନ୍ୟୁ ବ୍ରାଣ୍ଡ୍ ଆମ୍ବାସାଡର ସମ୍ପର୍କରେ ଆଲିଆ ଭଟ୍ଟଙ୍କ ନାମ ଘୋଷଣା କରିଥିଲା। ଏହା ପୂର୍ବରୁ ବ୍ରାଣ୍ଡ୍ ଅନୀଲ କପୁର, କରିନା କପୁର ଖାନ ଏବଂ କାର୍ତ୍ତିଙ୍କୁ ମଧ୍ୟ ବ୍ରାଣ୍ଡର ବ୍ରାଣ୍ଡ୍ ଆମ୍ବାସାଡର ଭାବେ ନିଯୁକ୍ତ କରିଛି। ସେହିଭଳି ୧୯୯୩ରେ ବ୍ରାଣ୍ଡର ଆନୁଷ୍ଠାନିକ ଶୁଭାରମ୍ଭ ହୋଇଥିଲା। ଏପରିକି ଭାରତ ସମେତ ୟୁଏଇ, କେଏସ୍‌ଏ,କାତାର, ବାହାରିନ, ଓମାନ, କୁଏଟ୍, ମାଲେସିଆ, ସିଙ୍ଗାପୁର ଏବଂ ୟୁଏସ୍‌ଏ ଭଳି ଦେଶରେ ମଧ୍ୟ ରିଟେଲ କାରବାର କରୁଛି। ବିଶେଷକରି ବ୍ରାଣ୍ଡ୍ ଭାରତ ସମେତ ୧୦ ଦେଶ ଏବଂ ୩୧୨ ଶୋ'ରୁମ୍ ଜରିଆରେ ବ୍ୟବସାୟ କରୁଛି।

ଫୁର୍‌ସତ୍

# ବିନା କପଡ଼ାରେ ଦମ୍ପତିଙ୍କ ଦେଶ ଭ୍ରମଣ

ଲଣ୍ଡନ

ନିଜ ଲଜ୍ଜା ଲୁଚାଇବା ପାଇଁ ଆମେ ଶରୀରରେ ପୋଷାକ ପରିଧାନ କରିଥାଉ। ନିକଟରେ ଏକ ଦମ୍ପତି ଶରୀରରୁ ସମ୍ପୂର୍ଣ୍ଣ ପୋଷାକ କାଢି ଭ୍ରମଣ କରୁଥିବା ସେମାନେ କହିଛନ୍ତି। ବ୍ରିଟେନର ଏହି ଦମ୍ପତି ମାଇକେଲ ଏବଂ ଫିଓନାଙ୍କୁ ଏବେ ପାଖାପାଖି ୫୦ ବର୍ଷ। ସେମାନେ ଏ ପର୍ଯ୍ୟନ୍ତ ଦେଶ ବୁଲିବାରେ ୧୫ ଲକ୍ଷ ଟଙ୍କା ଖର୍ଚ୍ଚ କରି ସାରିଲେଣି। ତେବେ ସେମାନେ ବିବାହ ପରେ ପ୍ରଥମ ଥର ପାଇଁ ବୁଲିବାକୁ ଗ୍ରୀସ୍ ଯାଇଥିଲେ। ସେଠାରେ ଥିବା ସମୁଦ୍ରରେ ସେମାନେ ଏକ ଦମ୍ପତିଙ୍କୁ ବିନା କପଡ଼ାରେ ପ୍ରଥମ ଥର ପାଇଁ ଦେଖିଥିଲେ। ଏହା ଦେଖି ତାଙ୍କୁ ପ୍ରଥମେ ଅଜବ ଲାଗିଥିଲା। ପରେ ସେମାନେ ନିଜ କପଡ଼ା କାଢି ସମୁଦ୍ରକୂଳରେ ବୁଲିବାକୁ ଲାଗିଲେ। ତାହା ତାଙ୍କୁ ଅନେକ ଶାନ୍ତି ଦେଇଥିଲା। ସେମାନେ ପ୍ରଥମ ଥର ପାଇଁ ଏପରି କରି ଆଜାଦୀ ଭଳି ଅନୁଭବ କଲେ। ସେମାନେ ତା'ର ଏକ ଫଟୋ ଶେୟାର କରି ତାଙ୍କ ଅନୁଭବ ବିଷୟରେ ସମସ୍ତଙ୍କୁ ଜଣାଇଛନ୍ତି। ତା' ପରଠାରୁ ସେମାନେ ଏପରି ସ୍ଥାନ ଖୋଜୁଛନ୍ତି, ଯେଉଁଠାରେ ସେମାନେ ଫୁଙ୍ଗୁଳା ହୋଇ ବୁଲିପାରିବେ। ଦମ୍ପତି କହିଛନ୍ତି, ସେମାନେ ଆଗରୁ ଶରୀରର ଗଢଣକୁ ପୋଷାକ ଦ୍ୱାରା ଘୋଡାଉଥିଲେ। ହେଲେ ପ୍ରଥମ ଥର ପାଇଁ ଫୁଙ୍ଗୁଳା ହେବା ପରେ ସେ ତାଙ୍କ ଶରୀରର ଗଢଣକୁ ଗ୍ରହଣ କଲେ ଏବଂ ତା' ବିଷୟରେ ଚିନ୍ତା କରିବା ବନ୍ଦ କରିଦେଲେ। ତା' ପରଠାରୁ ସେ ସବୁବେଳେ ନଗ୍ନ ରହିବାକୁ ପ୍ରେରିତ ହେଲେ। ଏଥିରେ ତାଙ୍କୁ ଲୋକେ କ'ଣ କହିବେ ସେଥିରେ ସେମାନଙ୍କୁ କିଛି ଫରକ ପଡେନି। ବର୍ତ୍ତମାନ ସମୟରେ ସେମାନେ ଘରେ ମଧ୍ୟ ନଗ୍ନ ଅବସ୍ଥାରେ ରହୁଥିବା କହିଛନ୍ତି। ଯେତେ ସମ୍ଭବ ପ୍ରାକୃତିକ ସ୍ଥାନ ବୁଲିବାକୁ ଯିବେ। ସେମାନେ ଆଗକୁ ଥାଇଲାଣ୍ଡ ଏବଂ ଗ୍ରୀନ୍‌ଲାଣ୍ଡ ଯିବାକୁ ସ୍ଥିର କରିଛନ୍ତି।



# ଅନନ୍ୟା ସବୁଠୁ ଗ୍ଲାମରସ୍ ଆଇକନ୍

ମୁମ୍ବାଇ

ବଲିଉଡ୍ ଅଭିନେତ୍ରୀ ଅନନ୍ୟା ପାଣ୍ଡେ ନିକଟରେ ଆୟୋଜିତ ହୋଇଥିବା ପିଙ୍କ୍‌ଭିଲ୍ଲା ଷ୍ଟାଇଲ ଆଇକନ୍‌ସ ଏଡିଶନ-୨ରେ ସବୁଠୁ ଗ୍ଲାମରସ୍ ଆଇକନ୍ ହୋଇଛନ୍ତି। ଏହି ଆଇକନ୍‌ର ଶ୍ରେୟ ସେ ତାଙ୍କ ଜେଜେ ମା'ଙ୍କୁ ଦେଇଛନ୍ତି। ସେ କହିଛନ୍ତି, ସବୁବେଳେ ନିଜେ ଶକ୍ତ ଏବଂ ଆତ୍ମବିଶ୍ୱାସୀ ହେବା ଉଚିତ। ଯାହାକି ତାଙ୍କୁ ସବୁବେଳେ ଗ୍ଲାମରସ୍ ରହିବାରେ ସାହାଯ୍ୟ କରିଥାଏ। ପିଙ୍କ୍‌ଭିଲ୍ଲା ଷ୍ଟାଇଲ ଆଇକନ୍‌ସ ଏଡିଶନ-୨ରେ ସେ ଏକ ଧଳା ରଙ୍ଗର ଗାଉନ ପିନ୍ଧିଥିଲେ। ଏଥିସହ ସେ ବେକରେ ଏକ ଡାଇମଣ୍ଡ ନେକ୍‌ଲେସ ଏବଂ ଡାଇମଣ୍ଡର ମୁଦି ପିନ୍ଧିଥିଲେ। ତେବେ ତାଙ୍କର ଏକ ଫିଲ୍ମ 'ଡ୍ରିମ୍‌ଗର୍ଲ-୨' ଆସନ୍ତା ୭ ଜୁଲାଇରେ ରିଲିଜ୍ ହେବ। ଏଥିସହ ତାଙ୍କ ହାତରେ ଆଉ ୨ଟି ସିନେମା ରହିଛି।



# ଗାଁରେ 'ଭୂତ ପୂଜା'



**କୋଲକାତା:** ଦେଶର ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ପରମ୍ପରା ଦେଖିବାକୁ ମିଳିଥାଏ। ତେବେ ପଶ୍ଚିମବଙ୍ଗରେ ଏପରି ଏକ ପରମ୍ପରା ପାଳନ କରାଯାଏ, ଯାହାକି ଲୋକଙ୍କୁ ଆଶ୍ଚର୍ଯ୍ୟ କରିବ। ସେଠାରେ ଲୋକେ 'ଭୂତ ପୂଜା' କରିଥାନ୍ତି। ଏହି ପୂଜା ଦେଖିବାକୁ ଆଖପାଖ ଗ୍ରାମରୁ ଅନେକ ଲୋକ ଏକାଠି ହୋଇଥାନ୍ତି। ରିପୋର୍ଟ ମୁତାବକ, ପଶ୍ଚିମବଙ୍ଗର ନଦିଆ ଅଞ୍ଚଳର ଏକ ଗାଁରେ ଲୋକେ ଏପରି ପୂଜା କରିଥାନ୍ତି। ଭାଗବଣ୍ଟା ସମୟରେ ୧୯୫୦-୫୨ ମଧ୍ୟରେ ପୂର୍ବ ପାକିସ୍ତାନରୁ ଅନେକ ଲୋକ ଆସି ଏଠାରେ ରହିବାକୁ ଲାଗିଲେ। ଏହି ପୂଜା ଚୈତ୍ର ମାସ ଆରମ୍ଭରୁ କରାଯାଇଥାଏ। ସନ୍ନ୍ୟାସୀ ଲୋକ ଶିବଙ୍କ ନାମ ଉଚ୍ଚାରଣ କରି କରାଯାଇଥିବା ମୂର୍ତ୍ତି ପରିସରରେ ବୁଲିଥାନ୍ତି। ପ୍ରତିବର୍ଷ ଗ୍ରାମବାସୀ ପୂଜା ପାଇଁ ମୂର୍ତ୍ତି ତିଆରି କରିଥାନ୍ତି। ମୂର୍ତ୍ତିର ମୁଣ୍ଡ ଏବଂ ବେକ ନ ଥିବାବେଳେ ଶରୀରର ଅନ୍ୟ ଭାଗରେ ଆଖି, ନାକ ଆଦି କରିଥାନ୍ତି। ଦିନ ସମୟରେ ବିଭିନ୍ନ ଜାଗାରୁ ଚାଉଳ ଏକତ୍ର କରି ସନ୍ଧ୍ୟାରେ ତାକୁ ରୋଷେଇ କରି ଖାଇଥାନ୍ତି। ଏହି ପୂଜା ୫ମ ଶତାବ୍ଦୀରୁ ଆରମ୍ଭ ହୋଇଥିବା ଜଣାପଡିଛି। ଏହି ପୂଜାର ପ୍ରକୃତ କାରଣ ସ୍ଥାନୀୟ ବାସିନ୍ଦାଙ୍କୁ ଜଣାନାହିଁ। ହେଲେ ଏହି ପୂଜା ପ୍ରଭୁ ଶିବଙ୍କୁ ପ୍ରତିଫଳିତ କରୁଥିବା ସେମାନେ କହିଛନ୍ତି।

# ପିଶାଚ ଭଳି ଦେଖାଯିବାକୁ ସୁନାର ମୁନିଆ ଦାନ୍ତ

ସାକ୍ରାମେଣ୍ଟୋ

ଇଂଲିଶ ଫିଲ୍ମରେ ଦେଖିବାକୁ ମିଳୁଥିବା ପିଶାଚର କନ୍‌ସେପ୍ଟ ବହୁ ପୁରୁଣା। ଯେଉଁଥିରେ କି ପିଶାଚ ବହୁ ବର୍ଷ ବଞ୍ଚିବାକୁ ଅନ୍ୟଙ୍କୁ ମାରି ତାଙ୍କ ରକ୍ତ ପିଇଥାନ୍ତି। ଏହା କାଳ୍ପନିକ ଚରିତ୍ର ହୋଇଥିଲେ ମଧ୍ୟ ବହୁ ଲୋକ ଏହାକୁ ଅଧିକ ପସନ୍ଦ କରିଥାନ୍ତି। ସେହି ଚରିତ୍ରରୁ ପ୍ରେରିତ ହୋଇ କିଛି ଲୋକ ସେହିପରି ପୋଷାକ ପିନ୍ଧିବା ସହ ହେୟାର ଷ୍ଟାଇଲ ଏବଂ ତାଙ୍କ ପରି ହାବଭାବ ପ୍ରଦର୍ଶନ କରିଥାନ୍ତି।



ହେଲେ ଏଠାରେ ଜଣେ ମହିଳା ପିଶାଚ ଭଳି ଦେଖାଯିବା ପାଇଁ ନିଜ ଦାନ୍ତକୁ ସର୍ଜରୀ ମାଧ୍ୟମରେ ମୁନିଆ କରିଥିବା ଦେଖିବାକୁ ମିଳିଛି। କାଲିଫର୍ନିଆର ବାସିନ୍ଦା ଜ୍ୟାକି ରେବିଟ୍ ଜଣେ ଟାଟୁ ଆର୍ଟିଷ୍ଟ। ସେ ନିଜ ଦେହରେ ମଧ୍ୟ ଅନେକ ଟାଟୁ କରିଛନ୍ତି। ହେଲେ ତାଙ୍କୁ ପିଶାଚ ବହୁତ ପସନ୍ଦ ଥିବାରୁ ସେ ତା' ପରି ଦେଖାଯିବାକୁ ନିଜ ଦାନ୍ତକୁ ବଡ଼ କରିଛନ୍ତି। ରିପୋର୍ଟ ମୁତାବକ, ତାଙ୍କର ସେହି ୨ଟି ଦାନ୍ତ ସୁନାର ହୋଇଥିବାବେଳେ ଫଟୋରେ ଗୋଟେ ଦାନ୍ତ ସୁନା ଭଳି ଦେଖାଯାଉଛି। ଯାହା ସମସ୍ତଙ୍କୁ ବହୁତ ଅଜବ ଲାଗୁଛି। ସେ ଏକ ସାକ୍ଷାତକାରରେ କହିଛନ୍ତି, ତାଙ୍କୁ ଯେତେବେଳେ ୧୩ ବର୍ଷ ବୟସ ହୋଇଥିଲା, ସେତେବେଳେ ସେ ପିଶାଚଠାରୁ ବହୁତ ପ୍ରେରିତ ହୋଇଥିଲେ। ତେବେ ସେ ତାଙ୍କର ଏହି ସୁନା ମୁନିଆ ଦାନ୍ତ ସର୍ଜରୀ ପାଇଁ ମୋଟ ୨୦ ଲକ୍ଷ ଟଙ୍କା ଖର୍ଚ୍ଚ କରିଛନ୍ତି। ଏଥିରେ ଅନେକ ଲୋକ କମେଣ୍ଟ କରିଛନ୍ତି ଯେ ତାଙ୍କର ଏହି ଦାନ୍ତ କିଛି କାମକୁ ନୁହେଁ। ହେଲେ ତାଙ୍କୁ ତାଙ୍କ ଦାନ୍ତ ବହୁତ ପସନ୍ଦ ବୋଲି ସେ କହିଛନ୍ତି।

**ଛାତ୍ର କଂଗ୍ରେସର ମଶାଲ ଶୋଭାଯାତ୍ରା**

ଭୁବନେଶ୍ୱର,(ବ୍ୟୁରୋ): ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜଙ୍କ ଆବାହକତ୍ୱରେ ମଙ୍ଗଳବାର ଏକ ବିଶାଳ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। କଂଗ୍ରେସ ଭବନଠାରୁ ଏହି ଶୋଭାଯାତ୍ରା ବାହାରି ରାମମନ୍ଦିର ଛକ ପର୍ଯ୍ୟନ୍ତ ଯାଇଥିଲା। ଏହି ଶୋଭାଯାତ୍ରା ପୁନଶ୍ଚ ରାମମନ୍ଦିର ଛକରୁ ମାଷ୍ଟର କ୍ୟାଣ୍ଟିନ ପର୍ଯ୍ୟନ୍ତ ଆସିଥିଲା। ବିପଦଗ୍ରସ୍ତ ଗଣତନ୍ତ୍ରକୁ ବଞ୍ଚାଇବା ଏବଂ ଦେଶ ରକ୍ଷା ପାଇଁ ଏହି ମଶାଲ ଶୋଭାଯାତ୍ରା ଉଦ୍ଦିଷ୍ଟ ବୋଲି ଦଳ ପକ୍ଷରୁ କୁହାଯାଇଛି।

# ସମ୍ବଲପୁର ହିଂସା ଘଟଣା: ଥମୁନି ରାଜନୀତି

- ଭାଜପା ନେତାଙ୍କୁ ଅଟକକୁ ନେଇ ସରକାରଙ୍କୁ ଧର୍ମେନ୍ଦ୍ରଙ୍କ ଟାର୍ଗେଟ
- ବିଶ୍ୱ ହିନ୍ଦୁ ପରିଷଦର ୧୨ ଘଣ୍ଟିଆ ହରତାଳକୁ ସମର୍ଥନ କରିବ ଭାଜପା
- ନିଜ ଶାସିତ ରାଜ୍ୟରେ ଗୋଟିଏ ନୀତି, ଓଡ଼ିଶାରେ ଭିନ୍ନ ନୀତି: ବିଜେଡି

ଭୁବନେଶ୍ୱର, ୧୮।୪(ବ୍ୟୁରୋ)

ହନୁମାନ ଜୟନ୍ତୀ ସମୟରେ ସମ୍ବଲପୁରରେ ସଙ୍ଘଠିତ ହିଂସା ଘଟଣାକୁ ନେଇ ରାଜନୀତି ଜୋର୍ ଧରିବାରେ ଲାଗିଛି। ଏହି ଘଟଣାରେ ସରକାରୀ କଳକୁ ଭାଜପା ସିଧାସଳଖ ଟାର୍ଗେଟ କରିବା ଆରମ୍ଭ କରିଦେଇଛି। ତେବେ ଭାଜପା ନେତାମାନେ ମଙ୍ଗଳବାର ଉକ୍ତ ଘଟଣାରେ ଆହତଙ୍କୁ ଭେଟିବାକୁ ଯିବାବେଳେ ସେମାନଙ୍କୁ ପୋଲିସ ଅଟକ ରଖିବା ଏବେ ରାଜନୀତିକୁ ଆହୁରି ସରଗରମ କରିଛି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି ଘଟଣାରେ ସରକାରଙ୍କୁ ଟାର୍ଗେଟ କରିଥିବା ବେଳେ ବୁଧବାର ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ୧୨ ଜିଲାରେ ଯେଉଁ ୧୨ ଘଣ୍ଟିଆ ହରତାଳ ଡାକରା ଦିଆଯାଇଛି ତାକୁ ଭାଜପା ସମର୍ଥନ କରିଛି। ଅନ୍ୟପଟେ ସମ୍ବଲପୁରରେ ଶାନ୍ତି ଫେରୁଥିବା ବେଳେ ଭାଜପା ପୁଣି ଅଶାନ୍ତି ସୃଷ୍ଟି କରିବାକୁ ପ୍ରୟାସ ଆରମ୍ଭ କରିଥିବା ବିଜେଡି ଅଭିଯୋଗ କରିଛି।

ଭାଜପା ନେତାଙ୍କୁ ପୋଲିସ ଅଟକ ରଖିବାକୁ ନେଇ ଧର୍ମେନ୍ଦ୍ର କହିଛନ୍ତି, ମୁଖ୍ୟମନ୍ତ୍ରୀ ହୁଏତ ଅନେକ ବିଷୟରେ ଜାଣିପାରୁନାହାନ୍ତି କିମ୍ବା ତାଙ୍କୁ ଜଣାଯାଉନାହିଁ। ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ, ସେ ରାଜଧର୍ମ ପାଳନ କରିବା ସହ ନିରପେକ୍ଷ ରୁହନ୍ତୁ। ଦଳୀୟ କର୍ମୀ ଦଳର କାମ କରିବେ, ମାତ୍ର କେତେଜଣ ପୋଲିସ କର୍ମୀଙ୍କୁ ଆଇନଶୃଙ୍ଖଳାରୁ ଦୂରେଇନେଇ ଦଳୀୟ କାମରେ ଲଗାଇବା ଗଣତନ୍ତ୍ରରେ ଶୁଭ ଲକ୍ଷଣ ନୁହେଁ। ପୂର୍ବରୁ ରାମନବମୀ ଓ ହନୁମାନ ଜୟନ୍ତୀରେ ଶାନ୍ତିଭଙ୍ଗ ସମ୍ଭାବନା ନେଇ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଦେଶର ଅନ୍ୟ ରାଜ୍ୟ ସମେତ ଓଡ଼ିଶାକୁ ମଧ୍ୟ ସତର୍କ କରାଯାଇଥିଲା। କିନ୍ତୁ ଘଟଣାସ୍ଥଳରେ ଗତବର୍ଷ ତୁଳନାରେ କମ୍ ସୁରକ୍ଷାକର୍ମୀ ନିୟୋଜିତ ଥିବା ନେଇ ସ୍ଥାନୀୟ ନାଗରିକମାନେ ଅଭିଯୋଗ କରିବା ସନ୍ଦେହ ବଢ଼ାଉଛି। ଅଶାନ୍ତ ସମ୍ବଲପୁର ପଛରେ ରାଜ୍ୟ ସରକାରଙ୍କ ଅପାରଗତା ମୁଖ୍ୟତଃ ଦାୟୀ। କର୍ଫ୍ୟୁ କୋହଳ ସମୟରେ ଆର୍‌ଡିସିଙ୍କ ଅନୁମତି ନେଇ କେନ୍ଦ୍ରମନ୍ତ୍ରୀ ଓ ଅନେକ ଏମ୍‌ପି ଏବଂ ବିଧାୟକମାନେ ସମ୍ବଲପୁର ଘଟଣାରେ ଗୁରୁତର ହୋଇ ମେଡିକାଲରେ ଚିକିତ୍ସାଧୀନ ଥିବା ବରିଷ୍ଠ କାର୍ଯ୍ୟକର୍ତ୍ତା ଦାମୋଦର କରଙ୍କୁ ଭେଟିବା ପାଇଁ ଯାଇଥିବା ବେଳେ ପୋଲିସ ସେମାନଙ୍କୁ ଥାନାରେ ଅଟକ ରଖିବା ଦୁର୍ଭାଗ୍ୟଜନକ। ଗଣତନ୍ତ୍ରରେ ପ୍ରତିପକ୍ଷ ଲୋକଙ୍କୁ ଭେଟିବାକୁ ନ ଦେବା, ସମାଲୋଚନା କରୁଥିବା ଲୋକଙ୍କ ପ୍ରତି ଅସହିଷ୍ଣୁ ହେବା କ'ଣ ଶାସନ ବ୍ୟବସ୍ଥା କି ବୋଲି ସେ ପ୍ରଶ୍ନ କରଛନ୍ତି।

ଭାଜପା ପକ୍ଷରୁ କୁହାଯାଇଛି, ସମ୍ବଲପୁର ସହରରେ ହନୁମାନ ଜୟନ୍ତୀର ୨ ଦିନ ପୂର୍ବରୁ ଓ ଜୟନ୍ତୀ ପାଳନ ଦିନ ଯେଉଁଭଳି ଭାବରେ ସାମ୍ପ୍ରଦାୟିକ ଦଙ୍ଗା ହେଲା ଏବଂ ଏକ ନିର୍ଦ୍ଦିଷ୍ଟ ସମୁଦାୟ ଦ୍ୱାରା ବାରମ୍ବାର ହିନ୍ଦୁଙ୍କ ଉପରେ ଆକ୍ରମଣ କରାଗଲା ତାହା ଦୁଃଖଦାୟକ। ସମ୍ବଲପୁରରେ ଘଟିଥିବା ସାମ୍ପ୍ରଦାୟିକ ଦଙ୍ଗା ଓ ରାଜ୍ୟ ସରକାରଙ୍କର ଏହି ଘଟଣାରେ ପକ୍ଷପାତିତା ବିରୋଧରେ ବୁଧବାର ବିଶ୍ୱ ହିନ୍ଦୁ ପରିଷଦ ଓ କେତେକ ହିନ୍ଦୁ ସଙ୍ଗଠନ ପକ୍ଷରୁ ସମ୍ବଲପୁର, ଦେବଗଡ଼, ଝାରସୁଗୁଡ଼ା, ବରଗଡ଼, ସୁନ୍ଦରଗଡ଼, ବଲାଙ୍ଗୀର, ସୋନପୁର, ବୌଦ୍ଧ, କଳାହାଣ୍ଡି, ନୂଆପଡ଼ା, କୋରାପୁଟ, ନବରଙ୍ଗପୁର, ମାଲକାନଗିରି, ରାୟଗଡ଼ା ଆଦି ଜିଲାରେ ହରତାଳ ଡାକରା ଦିଆଯାଇଛି । ଏହି ୧୨ ଘଣ୍ଟିଆ ହରତାଳ ପାଳନକୁ ଭାଜପା ସମର୍ଥନ କରିବାକୁ ନିଷ୍ପତ୍ତି ନେଇଛି।

ଉକ୍ତ ଘଟଣାରେ ଭାଜପାକୁ ଟାର୍ଗେଟକରି ବିଜେଡି ନେତା ସଞ୍ଜୟ ବାବୁ କହିଛନ୍ତି, ରାଜ୍ୟବାସୀଙ୍କୁ ଅରାଜକ କହି ବାରମ୍ବାର ଅପମାନିତ କରୁଥିବା ଭାଜପା ଏବେ ପୁଣିଥରେ ସମ୍ବଲପୁରରେ ହିଂସା ଓ ଅରାଜକତା ସୃଷ୍ଟି ଲାଗି ଉଦ୍ୟମ କରୁଛି। ଯେତେବେଳେ ସମ୍ବଲପୁରରେ ଏକ ସ୍ପର୍ଶକାତର ଘଟଣା ଘଟିଛି ଏବଂ ଧୀରେ ଧୀରେ ଶାନ୍ତି ଫେରିଆସୁଛି, ସେତେବେଳେ ସେମାନଙ୍କ ନେତାମାନେ ସେଠାରେ ପଶି ଶାନ୍ତି ଭଙ୍ଗ ଲାଗି ଚେଷ୍ଟା କରୁଛନ୍ତି। ଭାଜପା ଶାସିତ ଉତ୍ତରପ୍ରଦେଶ ଏବଂ ଅନ୍ୟାନ୍ୟ ରାଜ୍ୟରେ ଏଭଳି ସ୍ପର୍ଶକାତର ଘଟଣା ଘଟିଲେ ସରକାର କୌଣସି ରାଜନୈତିକ ଦଳର ପ୍ରତିନିଧିଙ୍କୁ ସେଠାକୁ ଯିବାକୁ ଅନୁମତି ଦିଅନ୍ତି ନାହିଁ। ନିଜ ଶାସିତ ରାଜ୍ୟରେ ଭାଜପା ଗୋଟିଏ ନୀତି ଆପଣାଉଥିବା ବେଳେ ଓଡ଼ିଶାର ଭାଜପା ନେତାମାନେ ଏଠି ନିଜ ପାଇଁ ଭିନ୍ନ ନୀତି ଆପଣାଉଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି।




ଜମ୍ମୁ-କଶ୍ମୀରର ପୂର୍ବତନ ରାଜ୍ୟପାଳ ସତ୍ୟପାଲ ମଲିକଙ୍କ ପୁଲ୍‌ୱାମା ଆକ୍ରମଣ ସମ୍ପର୍କିତ ମନ୍ତବ୍ୟକୁ ସମର୍ଥନ କରି ନୂଆଦିଲ୍ଲୀରେ ମଙ୍ଗଳବାର ଜଣେ ଯୁବ କଂଗ୍ରେସ ସମର୍ଥକ ପ୍ଲାକାର୍ଡ ଧରି ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# କଂଗ୍ରେସର ୪୦ ଷ୍ଟାର ପ୍ରଚାରକ

ଭୁବନେଶ୍ୱର, ୧୮।୪(ବ୍ୟୁରୋ): ଝାରସୁଗୁଡ଼ା ଉପନିର୍ବାଚନ ଲାଗି ମଙ୍ଗଳବାର କଂଗ୍ରେସ ତା'ର ଷ୍ଟାର ପ୍ରଚାରକ ତାଲିକା ପ୍ରକାଶ କରିଛି। ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ପକ୍ଷରୁ ପ୍ରକାଶିତ ୪୦ ଜଣିଆ ଷ୍ଟାର ପ୍ରଚାରକ ତାଲିକାରେ ଓଡ଼ିଶା ପ୍ରଭାରୀ ଏ. ଚେଲ୍ଲା କୁମାର, ଶରତ ପଟ୍ଟନାୟକ, ଚିରଞ୍ଜୀବ ବିଶ୍ୱାଳ, ନରସିଂହ ମିଶ୍ର, କନ୍ହେୟା କୁମାର, ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ସପ୍ତଗିରି ଉଲାକା, ଭକ୍ତଚରଣ ଦାସ, ଶରତ ରାଉତ, ବିଶ୍ୱରଞ୍ଜନ ମହାନ୍ତି, ରାମଚନ୍ଦ୍ର ଖୁଣ୍ଟିଆ, ସୁଶୀଳା ତିରିଆ, ଅନନ୍ତ ସେଠୀ, ଜଗନ୍ନାଥ ପଟ୍ଟନାୟକ, ପଞ୍ଚାନନ କାନୁନ୍‌ଗୋ, ଗଣେଶ୍ୱର ବେହେରା, ବିଜୟଲକ୍ଷ୍ମୀ ସାହୁ, ଯୁଧିଷ୍ଠିର ଜେନା, ବିଜୟ ପଟ୍ଟନାୟକ, ସୁରେଶ ରାଉତରାୟ, ସନ୍ତୋଷ ସିଂ ସାଲୁଜା, ତାରାପ୍ରସାଦ ବାହିନୀପତି, ଅଧିରାଜ ପାଣିଗ୍ରାହୀ, ରମେଶ ଜେନା, ସି.ଏସ୍. ରାଜନ ଏକ୍କା ପ୍ରମୁଖ ରହିଛନ୍ତି। ଏହି ତାଲିକାରେ ଅନ୍ୟମାନଙ୍କ ମଧ୍ୟରେ ସସ୍ମିତା ବେହେରା, ଶିବାନନ୍ଦ ରାୟ, ଭୁଜବଳ ମାଝି, ଦେବାଶିଷ ପଟ୍ଟନାୟକ, ବନ୍ଦିତା ପରିଡ଼ା, ୟାସିର ନୱାଜ, ସ୍ମୃତିରଞ୍ଜନ ଲେଙ୍କା, ବାଙ୍କନିଧି ବେହେରା, ଜିୟାଉଲ୍ଲ ହକ୍, ଅମିୟ ପଟ୍ଟନାୟକ, ଅମିୟ ପାଣ୍ଡବ, ଅମିତା ବିଶ୍ୱାଳ ଓ ମହେନ୍ଦ୍ର ନାୟକ ପ୍ରମୁଖ ସ୍ଥାନ ପାଇଛନ୍ତି। ଆସନ୍ତା ୨୫ ତାରିଖରୁ ମେ ୮ ତାରିଖ ପର୍ଯ୍ୟନ୍ତ ଝାରସୁଗୁଡ଼ାରେ ଉପସ୍ଥିତ ରହି କଂଗ୍ରେସ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିବାକୁ ପିସିସି ସଭାପତି ନିର୍ଦ୍ଦେଶ ଦେଇଛନ୍ତି।

# ବାପା ଥିଲେ ଖୁସି ହୋଇଥାନ୍ତେ: ଦୀପାଳି

**ଝାରସୁଗୁଡ଼ା ଉପନିର୍ବାଚନ**

ନାମାଙ୍କନପତ୍ର ଦାଖଲ କଲେ ବିଜେଡି ପ୍ରାର୍ଥୀ

ଭୁବନେଶ୍ୱର,୧୮।୪(ବ୍ୟୁରୋ)

ଝାରସୁଗୁଡ଼ା ଉପନିର୍ବାଚନ ପାଇଁ ବିଜେଡି ପ୍ରାର୍ଥୀ ଦୀପାଳି ଦାସ ମଙ୍ଗଳବାର ନାମାଙ୍କନପତ୍ର ଦାଖଲ କରିଛନ୍ତି। ସେ ପୂର୍ବାହ୍ନ ୧୦ଟାରେ ଝାରସୁଗୁଡ଼ା ସହରସ୍ଥିତ ପାଟଣେଶ୍ୱରୀ ମନ୍ଦିରରେ ପୂଜାର୍ଚ୍ଚନା ପରେ ରାଲିରେ ଆସି ମନମୋହନ ସ୍କୁଲ ପଡ଼ିଆରେ ପହଞ୍ଚିଥିଲେ। ଏହି ରାଲିରେ ପର୍ଯ୍ୟବେକ୍ଷକ ପ୍ରସନ୍ନ ଆଚାର୍ଯ୍ୟ, ଦେବୀ ପ୍ରସାଦ ମିଶ୍ର ଓ ଶାରଦା ପ୍ରସାଦ ନାୟକଙ୍କ ସହ ଦଳୀୟ ନେତା ଓ କର୍ମୀ ସାମିଲ ହୋଇଥିଲେ। ଶୋଭାଯାତ୍ରାରେ ହଜାର ହଜାର ଲୋକ ସାମିଲ ହୋଇ ଦୀପାଳିଙ୍କୁ ସମର୍ଥନ ଜଣାଇଥିଲେ।

ବିଜେଡିର ରାଜ୍ୟସ୍ତରୀୟ ନେତୃବର୍ଗ ଓ ଦଳୀୟ କର୍ମୀଙ୍କ ସହିତ ଦୀପାଳି ବିଶାଳ ପଟୁଆରରେ ଆସି ଉପଜିଲାପାଳଙ୍କ ଅଫିସରେ ପହଞ୍ଚିଲେ। ଦଳୀୟ ନେତାଙ୍କ ଉପସ୍ଥିତିରେ ଉପଜିଲାପାଳଙ୍କୁ ସେ ନାମାଙ୍କନପତ୍ର ଦେଇଥିଲେ। ଏହି ବିଶାଳ ଶୋଭାଯାତ୍ରା କରି ବିଜେଡି ତା'ର ଶକ୍ତି ପ୍ରଦର୍ଶନ କରିବାକୁ ଚେଷ୍ଟା କରିଛି।

ବିଜେଡି ପକ୍ଷରୁ ପ୍ରତାପ ଜେନା, ସ୍ନେହାଙ୍ଗିନୀ ଛୁରିଆ, ମନ୍ତ୍ରୀ ରୀତା ସାହୁ, ପ୍ରସନ୍ନ ଆଚାର୍ଯ୍ୟ, ଅଳକା ମହାନ୍ତି ପ୍ରମୁଖ ବରିଷ୍ଠ ନେତାମାନେ ଉପସ୍ଥିତ ଥିଲେ। ଦୀପାଳି ଗଣମାଧ୍ୟମକୁ ପ୍ରତିକ୍ରିୟାରେ କହିଛନ୍ତି, ଆଜିର ରାଲିରେ ବହୁ ଲୋକ ସାମିଲ ହୋଇଛନ୍ତି, ଯାହା ମୁଖ୍ୟମନ୍ତ୍ରୀଙ୍କ ପ୍ରତି ଥିବା ଭଲପାଇବା ଓ ବାପା ନବ ଦାସଙ୍କ ଲୋକପ୍ରିୟତାକୁ ସୂଚାଉଛି। ଆଜି ଯଦି ବାପା ବଞ୍ଚିଥାଆନ୍ତେ ଏହା ଦେଖି ଖୁସି ହୋଇଥାଆନ୍ତେ। ତେବେ ବି ସେ ଉପରେ ଥାଇ ଆଶୀର୍ବାଦ ଦେଉଛନ୍ତି। ଝାରସୁଗୁଡ଼ାରେ ମହିଳାଙ୍କ ଉନ୍ନତି ସହ ବିକାଶ ମୁଖ୍ୟ ପ୍ରସଙ୍ଗ ହେବ। ବାପାଙ୍କ ସ୍ୱପ୍ନକୁ ପୂରଣ କରିବି। ବିକାଶର ପ୍ରସଙ୍ଗ ନେଇ ଲୋକଙ୍କ ପାଖକୁ ଯିବି। ମହିଳାଙ୍କ ବିକାଶକୁ ଆଗକୁ ନେଇ ମୁଖ୍ୟମନ୍ତ୍ରୀଙ୍କ ମାର୍ଗଦର୍ଶନରେ କାମ କରିବି ବୋଲି କହିଛନ୍ତି ଦୀପାଳି।

ଇତିମଧ୍ୟରେ ୩ଟି ପ୍ରମୁଖ ରାଜନୈତିକ ଦଳ ପ୍ରାର୍ଥୀଙ୍କ ନାମାଙ୍କନପତ୍ର ଦାଖଲ ଶେଷ ହୋଇଛି। ଆଗାମୀ ଦିନରେ ଉପନିର୍ବାଚନ ପ୍ରଚାର ଆହୁରି ଜୋର ଧରିବ। ଝାରସୁଗୁଡ଼ା ଉପନିର୍ବାଚନ ପାଇଁ ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ନାମାଙ୍କନପତ୍ର ଦାଖଲ ଚାଲିବ। ମେ' ୧୦ ତାରିଖରେ ଭୋଟ ଗ୍ରହଣ ହେବ। ୧୩ ତାରିଖରେ ଭୋଟ ଗଣତି ହେବ।



ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଦଳୀୟ ନେତାଙ୍କ ସହ ନାମାଙ୍କନ ଦାଖଲ କରୁଛନ୍ତି ଦୀପାଳି ଦାସ।

# ଜାତି ଗଣନା, କୋଟା ସୀମା ଉଚ୍ଛେଦ ବିରୋଧୀଙ୍କ ବ୍ରହ୍ମାସ୍ତ୍ର

**୨୦୨୪ ନିର୍ବାଚନ**

ନୂଆଦିଲ୍ଲୀ,୧୮।୪(ପି.ଟି.)

୨୦୨୪ ଲୋକ ସଭା ନିର୍ବାଚନ ପାଇଁ ବିରୋଧୀ ଦଳଗୁଡ଼ିକର ମେଣ୍ଟ ଏପର୍ଯ୍ୟନ୍ତ ସ୍ଥିର ହୋଇ ନାହିଁ। ତେବେ ଭାଜପାକୁ କ୍ଷମତାରୁ ହଟାଇବାକୁ ଜାତିଭିତ୍ତିକ ଜନଗଣନା ଏବଂ ସ୍ଥାନ ସଂରକ୍ଷଣ ସୀମା ହ୍ରାସ ଦାବି ଲାଗି ବିରୋଧୀଙ୍କ ମିଳିତ ଦାବି ସେମାନଙ୍କୁ ଏକାଠି ରଖିବାରେ ସହାୟକ ହୋଇପାରେ। ଉପରୋକ୍ତ ଦାବି ସେମାନଙ୍କ ପାଇଁ ଭାଜପା ଏବଂ ହିନ୍ଦୁତ୍ୱ ବିରୋଧରେ ବ୍ରହ୍ମାସ୍ତ୍ର ହେବ ବୋଲି କେତେଜଣ ନେତା ଅନୁଭବ କରୁଥିବା କହିଛନ୍ତି। ଜାତି ଜନଗଣନା ଏବଂ ସଂରକ୍ଷଣ ପ୍ରସଙ୍ଗ କେବଳ ବିରୋଧୀ ଦଳଗୁଡ଼ିକୁ ଏକାଠି କରିବ ନାହିଁ ବରଂ ବହୁ ପଛୁଆ ବର୍ଗଙ୍କୁ ନିଜ ଆଡ଼କୁ ଆକୃଷ୍ଟ କରିବାରେ ସହାୟକ ହେବ। ଏହି ବର୍ଗ କିଛିବର୍ଷ ହେଲା ଭାଜପା ଆଡ଼କୁ ଢଳିଥିଲେ। ନିକଟରେ ଡିଏମ୍‌କେ ପକ୍ଷରୁ ଡକାଯାଇଥିବା ବିରୋଧୀ ନେତାମାନଙ୍କ ବୈଠକରେ ବିହାର ଉପମୁଖ୍ୟମନ୍ତ୍ରୀ ତଥା ଆର୍‌ଜେଡି ନେତା ତେଜସ୍ୱୀ ଯାଦବ କହିଥିଲେ, ଭାଜପାର ଧ୍ରୁବୀକରଣ ରାଜନୀତିକୁ ପ୍ରତିହତ କରିବାକୁ ହେଲେ ସାମାଜିକ ନ୍ୟାୟଭିତ୍ତିକ ରାଜନୀତି ସର୍ବଶ୍ରେଷ୍ଠ ଉପାୟ। କଂଗ୍ରେସ ସେହି ସୂତ୍ରକୁ ଆପଣାଇଛି। କଂଗ୍ରେସ ନେତା ରାହୁଲ ଗାନ୍ଧୀ କର୍ଣ୍ଣାଟକର କୋଲାରରେ ନିର୍ବାଚନ ପ୍ରଚାର ବେଳେ ଜାତିଭିତ୍ତିକ ଜନଗଣନା ପ୍ରସଙ୍ଗ ଉଠାଇବା ସହ ସ୍ଥାନ ସଂରକ୍ଷଣ ଲାଗି ରହିଥିବା ୫୦ ପ୍ରତିଶତ କୋଟା ସୀମାକୁ ହଟାଇଦେବାକୁ ଦାବି କରିଥିଲେ। ଭାଜପା ଅନ୍ୟାନ୍ୟ ପଛୁଆ ବର୍ଗ (ଓବିସି)ଙ୍କୁ ଅପମାନିତ କରିଥିବା ରାହୁଲ ଅଭିଯୋଗ କରିଥିଲେ।

ଦରଦାମ୍ ବୃଦ୍ଧି, ବେରୋଜଗାରୀ ଆଦି ସାଧାରଣ ପ୍ରସଙ୍ଗରେ ବିରୋଧୀ ଏକାଠି ସ୍ୱର ଉଠାଉଥିବାବେଳେ ଆଦାନୀ ଭଳି କେତେକ ନିର୍ଦ୍ଦିଷ୍ଟ ପ୍ରସଙ୍ଗରେ ସେମାନଙ୍କ ମଧ୍ୟରେ ସାମଞ୍ଜସ୍ୟ ରହୁନାହିଁ। ତେବେ ଜାତି ଜନଗଣନା ଓ କୋଟା ଉଚ୍ଛେଦ ପ୍ରସଙ୍ଗରେ ବିରୋଧୀ ଦଳଗୁଡ଼ିକ ଏଭଳି ଅସ୍ତ୍ର ପାଇଛନ୍ତି, ଯାହାକୁ ଏକାଥରକେ ଏକାଧିକ ଟାର୍ଗେଟକୁ ଲକ୍ଷ୍ୟଭେଦ କରାଯାଇପାରିବ ବୋଲି କୁହାଯାଉଛି। କଂଗ୍ରେସ ଏହି ପ୍ରସଙ୍ଗକୁ ଜୋର୍‌ଦାର କରିଥିବାବେଳେ ଏହାଦ୍ୱାରା ଆଞ୍ଚଳିକ ଦଳଗୁଡ଼ିକୁ ନିକଟତର କରାଇପାରିବ। ଅନ୍ୟ ପକ୍ଷରେ ବିରୋଧୀ ମେଣ୍ଟରେ କଂଗ୍ରେସ ବଡ଼ଭାଇ ଭୂମିକା ନେଇପାରେ ବୋଲି ଆଞ୍ଚଳିକ ଦଳଗୁଡ଼ିକର ଆଶଙ୍କା ଥିବାରୁ ସେମାନଙ୍କ ନିଜସ୍ୱ ଏଜେଣ୍ଡାକୁ ଗୁରୁତ୍ୱ ମିଳି ନ ପାରେ ବୋଲି ଭାବୁଛନ୍ତି। ବିହାରରେ ଶାସକ ମହାମେଣ୍ଟର ଅଂଶୀଦାର ଥିବା ଜେଡିୟୁ ଏବଂ ଆର୍‌ଜେଡି ସମେତ ସମାଜବାଦୀ ପାର୍ଟି ଏବଂ ବହୁଜନ ସମାଜ ପାର୍ଟି (ବିଏସ୍‌ପି) ଜାତି ଜନଗଣନା ଲାଗି ଦୀର୍ଘଦିନ ହେଲା ଦାବି କରିଆସୁଛନ୍ତି।

# ଦଳ ପରିବର୍ତ୍ତନ ଚର୍ଚ୍ଚାକୁ ଅଜିତ ପାୱାରଙ୍କ ଖଣ୍ଡନ

ମୁମ୍ବାଇ,୧୮।୪: ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ନେତା ଅଜିତ ପାୱାର ଭାଜପାକୁ ଯିବା ଲାଗି ଯୋଜନା ଚଳାଇଥିବା ନେଇ କଳ୍ପନାଜଳ୍ପନା ପ୍ରକାଶ ପାଇଥିବାବେଳେ ସେ ଏହାକୁ ଖଣ୍ଡନ କରିଛନ୍ତି। ଗଣମାଧ୍ୟମ ବିନା କାରଣରେ ଗୁଜବ ସୃଷ୍ଟି କରୁଥିବା ସେ ଅଭିଯୋଗ କରିଛନ୍ତି। ସେ ଏନ୍‌ସିପିରେ ରହିଛନ୍ତି ଓ ରହିବେ ବୋଲି ସ୍ପଷ୍ଟ କରିଦେଇଛନ୍ତି। ଏନ୍‌ସିପି ଏବଂ ମହାରାଷ୍ଟ୍ର ବିରୋଧୀ ମେଣ୍ଟରେ ଫାଟ ଆଲୋଚନାକୁ ଅଜିତ ନିନ୍ଦା କରିଛନ୍ତି। ସେ ୪୦ ଜଣ ବିଧାୟକଙ୍କ ଦସ୍ତଖତ ନେଇନାହାନ୍ତି। ସେମାନେ ମଙ୍ଗଳବାର ସକାଳେ ତାଙ୍କୁ ଭେଟିବାକୁ ଆସିଥିଲେ, ଯାହା ଏକ ନିୟମିତ ପ୍ରକ୍ରିୟା। ଏହାର ଅନ୍ୟ କୌଣସି ଅର୍ଥ ବାହାର ନ କରିବାକୁ ଅଜିତ ଗଣମାଧ୍ୟମକୁ କହିଛନ୍ତି।


Government Of Odisha  No.i-81:

**OFFICE OF THE PANCHAYAT SAMITI, DEOGAON**

**INVITATION FOR BIDS (IFB)**

**Detail Tender Call Notice No.04/DEOGAON/2023-24**

**E-mail ID:ori-deogaon@nic.in**

| Sl. No. | Name of Work | Approximate Value of Work | Class of Contractor | Concerned Office with head qrs. | Security E.M.D. (Rs.) | Tender Paper Cost (Rs.) | Period of Completion |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Construction of Day Care Sub Centre Building at Uparjhar under Deogaon Block of Balangir Dist. (Civil. EI, PH) (Composite Tender) | Civil -Rs 32,54,604/- EI - Rs 2,36,229/- PH-Rs 3,30,440/- Total Rs.38,21,273/- | "C" Class & "B" Class | Panchayat Samiti, Deogaon | 38,500/- | 6,000/- | 6 (Six) Calendar Months |
| 2 | Construction of Day Care Sub Centre Building at Rugudipali under Deogaon Block of Balangir Dist. (Civil. EI, PH) (Composite Tender) | Civil-Rs 32,08,240/- EI- Rs.2,51,229/- PH - Rs 3,77,189/- Total Rs.38,36,658/- | "C" Class & "B" Class | Panchayat Samiti, Deogaon | 38,500/- | 6,000/- | 6 (Six) Calendar Months |
| 3 | Construction of Day Care Sub Centre Building at Gourgoth under Deogaon Block of Balangir Dist. (Civil. EI, PH) (Composite Tender) | Civil -Rs.32,07,832/- EI- Rs.2,51,229/- PH - Rs 3,77,189/- Total Rs.38,36,250/- | "C" Class & "B" Class | Panchayat Samiti, Deogaon | 38,500/- | 6,000/- | 6 (Six) Calendar Months |
| 4 | Construction of Day Care Sub Centre Building at Badbandh under Deogaon Block of Balangir Dist. (Civil. EI, PH) (Composite Tender) | Civil -Rs.32,08,529/- EI- Rs.2,51,229/- PH - Rs 3,77,189/- Total Rs.38,36,947/- | "C" Class & "B" Class | Panchayat Samiti, Deogaon | 38,500/- | 6,000/- | 6 (Six) Calendar Months |

1. The Tender Call Notice, DTCN with Tender document can be downloaded from the District Portal (http://www.balangir.nic.in) from dt.20.04.2023 to dt.05.05.2023.
2. The tender document completing in all respect will be received in the Office of the Block Development Officer, Deogaon till dt.06.05.2023 upto 1.00 P.M. through Regd./Speed Post only in official address of Block Development Officer, Deogaon. The document must be superscribed as "Name of the Work with location.'The tender document received after 1.00 PM of dt.06.05.2023 will not be considered. In case of any postal delay the authority shall not be held responsible.
3. The Bids will be opened on the Dt. 08.05.2023 at 10.30 AM in the office of the undersigned, in the presence of the members of tender committee of Panchayat Samiti Office, Deogaon, bidders or their authorized agents attend at the Office Chamber of Block Development Officer, Deogaon.
4. Further details can be seen from the website portal (http://www.balangir.nic.in)

**Sd./- Block Development Officer, Deogaon**

OIPR-19253/11/0006/2324



**ODISHA PUBLIC SERVICE COMMISSION**

**19,DR. P.K. PARIJA ROAD, CUTTACK-753001**

**NOTICE**

**No.3563/PSC, Dt.18.4.23**

**(DR-IV) (2PL-02-2022-23)**

**No.D-19:**In supersession of Notice No. 3362/PSC, dt. 12.04.2023, the written examination scheduled to be held on 07.05.2023 (Sunday) for recruitment to the post of Insurance Medical Officer is hereby re-scheduled to 14.05.2023 (Sunday) due to unavoidable circumstances. The detailed programme for the above examination along with Examination Centres will be notified in due course.

The candidates are advised to visit the Website of the Commission at **www.opsc.gov.in** for further information on examination related information.

OIPR-12002/11/0009/2324  **Sd./- Secretary**



FORM No.13

**IN THE DEBTS RECOVERY TRIBUNAL AT CUTTACK, ORISSA**

C-71, Sector-7, CDA, Cuttack-753014 (Orissa)

**O.A. No. 580/2022**

BETWEEN

Bank of Baroda, Nayapalli Branch........  Applicant

-VERSUS-

M/s. Sahoo Enterprises and others........  Defendants.

To,

1. **M/s. Sahoo Enterprises,** a partnership firm, Represented through its Partners Sri Biswajit Sahoo and Sri Siba Prasad Sahu (Partners), At: Plot No.: 1619, Sub Plot No.: 14, Balaji Enclave, Kalarahanga, Patia, P.O.: KIIT, P.S.: Mancheswar, Bhubaneswar, Pin-751024, Dist: Khurda. (Borrower)
2. **Sri Biswajit Sahoo,** One of the Partners of M/s. Sahoo Enterprises, Aged about - 34 years, S/o.: Bibhuti Bhusan Sahoo, At: Plot No.: 1619, Sub Plot No.: 14, Balaji Enclave, Kalarahanga, Patia, P.O.: KIIT, P.S.: Mancheswar, Bhubaneswar, Pin-751024, Dist: Khurda. (One of the Partner / Guarantor)
3. **Sri Siba Prasad Sahu,** One of the Partners of M/s. Sahoo Enterprises, Aged about - 36 years, S/o.: Damodar Sahu, At: E-175, Baramunda Housing Board Colony, Baramunda, Bhubaneswar, Pin-751003, Dist: Khurda. (One of the Partner / Guarantor)

**SUMMON BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an O.A. No. 580/2022 in the Court of the Debts Recovery Tribunal, Cuttack for recovery of a sum of ₹ **10,51,061/-** (Rupees Ten Lakhs Fifty One Thousand Sixty One only) is outstanding against the Defendants inclusive of Interest as on **08.08.2017** in the Cash Credit Loan Account No.: **27650500000064** only together with current and future interest, cost and other reliefs. The above mentioned Defendants are therefore, directed to appear before this Tribunal in person or through an advocate or duly authorized agent, in support of their defense to show cause within **30 days** from the date of publication or on **31.05.2023 at 10.30 AM** as to why reliefs prayed for should not be granted.

Take notice that in case of default, the application will be heard and determine in their absence.

Given under my hand and seal of this Tribunal on this 12th day of April of 2023.

Sd/- REGISTRAR
Debts Recovery Tribunal, Cuttack



idco Your power to grow ISO 9001 & 14001 Corporation | ODISHA NEW OPPORTUNITIES

**OFFICE OF THE CHIEF GENERAL MANAGER (P&C), IDCO, IDCO TOWERS, JANPATH, BHUBANESWAR-751022**

**No.CAD-206:** Tender Call Notice No. IDCO/H.O./P&C/EST/E-2197/04/2023/ 11588, dated 17.04.2023

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-PROCUREMENT**

**1. Name of the Work:** Comprehensive Development of Choudwar and Indranipatna Industrial Estates, Cuttack, Odisha under SIDBI Cluster Development Fund.
**2. Estimated Cost:** Rs.5104.14 lakh.
**3. Period of Completion:** 12 (Twelve) Calendar Months.
**4. Other details:**

| Procurement Officer | Bid ID/Tender Reference No. | Availability of Tender online for Bidding | |
|---|---|---|---|
| 1 | 2 | 3 | 4 |
| Chief General Manager (P&C), IDCO, IDCO Towers, Bhubaneswar | Bid ID/ Tender Reference No. P&C/ES-T/E-09/2022-23 | 26.04.2023 at 17.00 Hrs. | 17.05.2023 upto 17.00 Hrs. |

Further details can be seen from the e-Procurement Portal, www.tendersodisha.gov.in. and Corrigendum if any will not be published in newspapers and can only be seen in the e-Procurement portal www.tendersodisha.gov.in. and www.idco.in.

Sd./- Chief General Manager (P&C)
IDCO, Bhubaneswar

OIPR-14003/11/0014/2324


See Career Appointment on every Wednesday & Saturday


**ODISHA PUBLIC SERVICE COMMISSION, CUTTACK**

**NOTICE**

**No.3576/PSC, Dt.18.4.23**

**(1E-04-2022/23) (DR-II)**

**No.D-18:**The Commission forthwith cancels the Advertisement No. 01 of 2022-23 for recruitment to the post of Junior Assistants in the Office of the Odisha Public Service Commission, Cuttack in view of the Government in G.A. & P.G. Department Notification No. 29076/Gen, dt. 16.10.2022 in which the Odisha Group-B and Group-C Contractual appointment Rules, 2013 stands abolished.

OIPR-12002/11/0010/2324  **Sd./- Secretary**



FORM No.13

**IN THE DEBTS RECOVERY TRIBUNAL AT CUTTACK, ORISSA**

C-71, Sector-7, CDA, Cuttack-753014 (Orissa)

**O.A. No. 584/2022**

BETWEEN

Bank of Baroda, Main Branch........  Applicant

-VERSUS-

M/s. Nigamananda Integral Education Trust and others.......  Defendants.

To,

1. **Smt. Susmita Bhuyan,** aged about - 45 years, W/o.: Manoj Ranjan Samantaray, Plot No.: 646, Nayapalli, Bhubaneswar, Dist: Khurda, Pin-751012. (Trusty/Guarantor)
2. **Smt. Sakuntala Samantaray,** Aged about - 67 years, W/o.: Late Sri Pankaj Charan Samantaray, House No.: 402, Jayadev Tower, Nayapalli, Bhubaneswar, Dist: Khurda, Pin-751012. (Trusty)

**SUMMON BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an O.A. No. 584/2022 in the Court of the Debts Recovery Tribunal, Cuttack for recovery of a sum of Overall ₹ **45,24,157/-** (Rupees Forty Five Lakhs Twenty Four Thousand One Hundred Fifty Seven only) is outstanding against the Defendants inclusive of Interest as on **31.01.2018** in the Term Loan Account No.: **06880600002610** only together with current and future interest, cost and other reliefs. The above mentioned Defendants are therefore, directed to appear before this Tribunal in person or through an advocate or duly authorized agent, in support of their defense to show cause within **30 days** from the date of publication or on **31.05.2023 at 10.30 AM** as to why reliefs prayed for should not be granted.

Take notice that in case of default, the application will be heard and determine in their absence.

Given under my hand and seal of this Tribunal on this 12th day of April of 2023.

Sd/- REGISTRAR
Debts Recovery Tribunal, Cuttack



FORM No.13

**IN THE DEBTS RECOVERY TRIBUNAL AT CUTTACK, ORISSA**

C-71, Sector-7, CDA, Cuttack-753014 (Orissa)

**O.A. No. 570/2022**

BETWEEN

Bank of Baroda, C.D.A. Branch........  Applicant

-VERSUS-

Sri Rabindra Kumar Nandi and Others........  Defendants.

To,

1. **Sri Rabindra Kumar Nandi,** Aged about - 38, S/o.: Pramod Kumar Nandi, At: Plot No.: C-1460, Sector-11, C.D.A., Cuttack, Pin-753014. (Borrower)
2. **Smt. Gitanjali Nandi,** Aged about - 35, W/o.: Sri Rabindra Kumar Nandi, At: Plot No.: C-1460, Sector-11, C.D.A., Cuttack, Pin-753014. (Borrower)
3. **Cuttack Development Authority (C.D.A.),** Arunodaya Bhawan, Link Road, Cuttack-753012 (Lesser of the property)

**SUMMON BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an O.A. No. 570/2022 in the Court of the Debts Recovery Tribunal, Cuttack for recovery of a sum of ₹ **23,75,116/- in account No.: 3978060000065 + ₹22,49,765/- in account No.: 39780600000257 having an overall Total of ₹46,24,881** (Rupees Forty Six Lakhs Twenty Four Thousand Eight Hundred Eighty One only) is outstanding against the Defendant No.-1 and Defendant No.-2 inclusive Interest as on **31.10.2018** in favour of the Applicant Bank Against the Defendant No.-1 and Defendant No.-2 only together with current and future interest, cost and other reliefs. The above mentioned Defendants are therefore, directed to appear before this Tribunal in person or through an advocate or duly authorized agent, in support of their defense to show cause within **30 days** from the date of publication or on **31.05.2023 at 10.30 AM** as to why reliefs prayed for should not be granted.

Take notice that in case of default, the application will be heard and determine in their absence.

Given under my hand and seal of this Tribunal on this 12th day of April of 2023.

Sd/- REGISTRAR (I/C)
Debts Recovery Tribunal, Cuttack

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୧୯ ଏପ୍ରିଲ, ୨୦୨୩



## ଥାନାରୁ ଅଭିଯୁକ୍ତ ଚମ୍ପଟ, ୪ ପୋଲିସ କର୍ମଚାରୀ ନିଲମ୍ବିତ

ରାୟଗଡ଼ା,୧୮।୪(ସ୍ୱ.ପ୍ର.): ରାୟଗଡ଼ା ଟାଉନ ଥାନାରୁ ୨ଜଣ ଅଭିଯୁକ୍ତ ଚମ୍ପଟ ମାରିଛନ୍ତି। ଏହି ଘଟଣାରେ ଏସ୍‌ପି ବିବେକାନନ୍ଦ ଶର୍ମା ମଙ୍ଗଳବାର ୪ଜଣ ପୋଲିସ କର୍ମଚାରୀଙ୍କୁ ନିଲମ୍ବିତ କରିଛନ୍ତି। ସେମାନେ ହେଲେ ସବ୍ ଇନ୍ସପେକ୍ଟର ବିକାଶ ପଟେଲ, କନଷ୍ଟେବଲ୍ ପ୍ରସାଦ ହୁଇକା, ଓଏପିଏଫ୍ ଦାଶରଥି କାଡ୍ରାକା ଓ ହୋମଗାର୍ଡ ଏମ୍. ଗୌରୀଶଙ୍କର। ରାୟଗଡ଼ାରୁ ବାଇକ୍ ଚୋରି ଘଟଣାରେ ଟାଉନ ଥାନା ପୋଲିସ ଟ୍ରାକିଂ କରି ୨ ଅଭିଯୁକ୍ତଙ୍କୁ ଆନ୍ଧ୍ରପ୍ରଦେଶର ଟେକିଲିରୁ ଗିରଫ କରିଥିଲା। ରବିବାର ରାତି ପ୍ରାୟ ୩ଟାରୁ ୪ଟା ମଧ୍ୟରେ ଅଭିଯୁକ୍ତଦ୍ୱୟ ଥାନାରୁ ଫେରାର ହୋଇଯାଇଛନ୍ତି। ସେମାନଙ୍କୁ ଧରିବା ପାଇଁ ଉଦ୍ୟମ ଚାଲିଥିବା ଏସ୍‌ପି ଶର୍ମା ସୂଚନା ଦେଇଛନ୍ତି।

### ସଂକ୍ଷେପରେ

## ଯବାନ-ମାଓବାଦୀ ଗୁଳି ବିନିମୟ: ଜଣେ ମାଓବାଦୀ ନିହତ, ୨ ଗିରଫ

ମାଲକାନଗିରି, ୧୮।୪(ଡି.ଏନ.ଏ.): ଛତିଶଗଡ଼ର ବିଜାପୁର ଜିଲାରେ ପୋଲିସ ଓ ମାଓବାଦୀଙ୍କ ମଧ୍ୟରେ ମଙ୍ଗଳବାର ଗୁଳି ବିନିମୟ ହୋଇଛି। ଏଥିରେ ଜଣେ ମାଓବାଦୀ ନିହତ ହୋଇଛନ୍ତି। ୨ଜଣ ମାଓବାଦୀ ଧରାପଡିଛନ୍ତି। ମୃତ ମାଓବାଦୀଙ୍କ ପରିଚୟ ମିଳିପାରିନାହିଁ। ଖବରରୁ ଜଣାପଡିଛି, ବିଜାପୁର ଜିଲା ଡିଆରଜି ଯବାନମାନେ ସକାଳ ୮ଟାରେ କାଚଲାୱାରି ଜଙ୍ଗଲରେ କୋମ୍ବିଂ ଅପରେଶନ କରୁଥିବା ବେଳେ ଜଙ୍ଗଲରେ ଲୁଚି ରହିଥିବା ମାଓବାଦୀମାନେ ଯବାନଙ୍କ ଉପରକୁ ଗୁଳି ଚଳାଇଥିଲେ। ଯବାନମାନେ ମଧ୍ୟ ଏହାର ଉପଯୁକ୍ତ ଜବାବ ଦେଇଥିଲେ। ଉଭୟପକ୍ଷଙ୍କ ମଧ୍ୟରେ ଦୀର୍ଘ ସମୟ ଧରି ଗୁଳି ବିନିମୟ ଜାରି ରହିଥିଲା। ଶେଷରେ ଯବାନଙ୍କ ସାମ୍ନା କରି ନ ପାରି ମାଓବାଦୀମାନେ ଛତ୍ରଭଙ୍ଗ ଦେଇ ଜଙ୍ଗଲ ଭିତରକୁ ପଳାଇଥିଲେ। ପରେ ଜଙ୍ଗଲରେ ତଲାସି ବେଳେ ଜଣେ ପୁରୁଷ ମାଓବାଦୀଙ୍କ ମୃତଦେହ ମିଳିଥିଲା। ସେହିପରି ଲୁଚି ରହିଥିବା ଦୁଇ ଜଣ ମାଓବାଦୀଙ୍କୁ ମଧ୍ୟ ଯବାନମାନେ ଧରିଥିଲେ। ଉଭୟଙ୍କୁ ଗିରଫ କରାଯାଇଛି। ସେମାନଙ୍କ ମଧ୍ୟରୁ ଜଣେ ଆହତ ହୋଇଥିବାରୁ ତାଙ୍କୁ ସେଠାରୁ ଆଣି ଚିକିତ୍ସା କରାଯାଉଛି। ବର୍ତ୍ତମାନ ସୁଦ୍ଧା କାଚଲାୱାରି ଅଞ୍ଚଳରେ କୋମ୍ବିଂ ଅପରେଶନ ଜାରି ରହିଥିବା ପୋଲିସ ଅଧୀକ୍ଷକ ଅଞ୍ଜନେୟ ଭର୍ସନ କହିଛନ୍ତି।

## ହାତୀ ଆକ୍ରମଣରେ ବୃଦ୍ଧଙ୍କ ମୃତ୍ୟୁ

ଅନୁଗୋଳ ଅଫିସ, ୧୮।୪: ଅନୁଗୋଳ ବନଖଣ୍ଡ ବନ୍ତଲା ରେଞ୍ଜରେ ମଙ୍ଗଳବାର ହାତୀ ଆକ୍ରମଣରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ବନ୍ତଲା ରେଞ୍ଜ କନ୍ତମେଘ ଗ୍ରାମର ରମେଶ ଦେହୁରୀ। ରମେଶ ଭୋର୍ ସମୟରେ ଗାଁ ମୁଣ୍ଡ ତୋଟାକୁ ଆମ୍ବ ଗୋଟାଇବାକୁ ଯାଇଥିବା ବେଳେ ହାତୀ ହାବୁଡ଼ରେ ପଡ଼ିଥିଲେ। ତୋଟା ନିକଟରେ ଥିବା ଏକ ଦନ୍ତା ହାତୀ ଆକ୍ରମଣ କରିବାରୁ ଘଟଣାସ୍ଥଳରେ ରମେଶଙ୍କ ମୃତ୍ୟୁ ହୋଇଯାଇଥିଲା। ଗ୍ରାମର କେତେଜଣ ଲୋକ ରମେଶଙ୍କ ମୃତଦେହ ପଡ଼ିଥିବା ଦେଖି ହାତୀ ଆକ୍ରମଣ କରିଥିବା ଜାଣିବାକୁ ପାଇଥିଲେ। ବାରମ୍ବାର ହାତୀ ଆକ୍ରମଣରେ ଲୋକଙ୍କ ଜୀବନ ଯାଉଥିବାରୁ ଏ ନେଇ ଗ୍ରାମରେ ଅସନ୍ତୋଷ ଦେଖାଦେଇଛି। ଖବରପାଇ ବନ୍ତଲା ପୋଲିସ ଓ ବନ କର୍ମଚାରୀମାନେ ପହଞ୍ଚି ମୃତଦେହ ଜବତ କରିବା ସହ ଘଟଣାର ତଦନ୍ତ ଚଳାଇଛନ୍ତି। ଏ ସମ୍ପର୍କରେ ଅନୁଗୋଳ ଡିଏଫ୍‌ଓ ବିବେକ କୁମାର କହିଛନ୍ତି, ହାତୀ ଆକ୍ରମଣରେ ଜଣଙ୍କର ମୃତ୍ୟୁ ହୋଇଛି। ଉକ୍ତ ଅଞ୍ଚଳରେ ୪ରୁ ୫ଟି ହାତୀ ରହିଛନ୍ତି। ମୃତକଙ୍କ ପରିବାରକୁ କିଛି କ୍ଷତିପୂରଣ ଦିଆଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଅବଶିଷ୍ଟ କ୍ଷତିପୂରଣ ରାଶି ପ୍ରଦାନ କରାଯିବ।

## ଏମ୍‌କେସିଜିରେ ଚିଟ୍‌ଫଣ୍ଡ କମ୍ପାନୀ ଏମ୍‌ଡିଙ୍କ ମୃତ୍ୟୁ

### ୧୭୩ ମାମଲାରେ କାଟୁଥିଲେ ସଜା

ବ୍ରହ୍ମପୁର ଅଫିସ,୧୮।୪: ବ୍ରହ୍ମପୁର ମଣ୍ଡଳ କାରାଗାରରେ ସଜା କାଟୁଥିବା ଚିଟ୍‌ଫଣ୍ଡ କମ୍ପାନୀ ଏମ୍‌ଡିଙ୍କ ମଙ୍ଗଳବାର ଏମ୍‌କେସିଜିରେ ମୃତ୍ୟୁ ହୋଇଛି। ସେ ହେଲେ ଚନ୍ଦ୍ରକାନ୍ତ ଭାର୍ଗବ ଗୋଲେ(୭୦)। ବୈଦ୍ୟନାଥପୁର ଥାନା ପୋଲିସ ୨୦୨/୨୩ରେ ମାମଲା ରୁଜୁ କରି ମୃତଦେହ ପଞ୍ଚନାମା କରିଛି। ବମ୍ବେରେ ରହୁଥିବା ତାଙ୍କ ପରିବାର ଲୋକ ଆସିପାରି ନ ଥିବାରୁ ମୃତଦେହ ବ୍ୟବଚ୍ଛେଦ ପରେ ସଂରକ୍ଷିତ ରଖାଯାଇଛି। ସୋମବାର ଗୋଲେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଏମ୍‌କେସିଜି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ବ୍ରହ୍ମପୁର ଜନାନା ହସ୍ପିଟାଲ ରୋଡ୍‌ରେ ରାମକୃଷ୍ଣ ଇଲେକ୍ଟ୍ରୋ କଣ୍ଟ୍ରୋଲ ଲିମିଟେଡ ନାମରେ ଏକ ଚିଟ୍‌ଫଣ୍ଡ ସଂସ୍ଥା ଖୋଲି ଗୋଲେ ପରିଚାଳନା ନିର୍ଦ୍ଦେଶକ ଥିଲେ। ବିଭିନ୍ନ ସ୍କିମ୍‌ରେ ଲୋକଙ୍କୁ ପ୍ରଲୋଭିତ କରି ବହୁ କୋଟି ଟଙ୍କା ଠକେଇ କରିଥିବା ଅଭିଯୋଗ ହୋଇଥିଲା। ବୈଦ୍ୟନାଥପୁର ପୋଲିସ ତାଙ୍କୁ ୨୦୧୨ ଅଗଷ୍ଟରେ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହା ମଧ୍ୟରେ ତାଙ୍କ ବିରୋଧରେ ଅନେକ ମାମଲା ରୁଜୁ ହୋଇଥିଲା। ସେଥିରୁ ୧୭୩ ମାମଲାର ସମାଧାନ ହୋଇ ସେ ଦଣ୍ଡିତ ହୋଇଥିଲେ। ଆଉ ୨ଟି ମାମଲା କୋର୍ଟରେ ବିଚାରାଧୀନ ଥିବା ଜଣାପଡ଼ିଛି।

# ୧୪ ବର୍ଷ ହେଲା ସାମାଜିକ ବାସନ୍ଦ

- ଶୁଦ୍ଧିକ୍ରିୟା କରିପାରୁନାହାନ୍ତି ୨ ଆଦିବାସୀ ପରିବାର
- କଙ୍ଗାରୁ କୋର୍ଟରେ ହୋଇଛନ୍ତି ଦଣ୍ଡିତ
- ପ୍ରଶାସନର ହସ୍ତକ୍ଷେପ ଦାବି

ବାରିପଦା ଅଫିସ, ୧୮।୪

ଏବେବି ଆଦିବାସୀଙ୍କ ମନରେ ବସାବାନ୍ଧିଛି ଅନ୍ଧବିଶ୍ୱାସ। କୁପ୍ରଥା ଦ୍ୱାରା ନିରୀହ ଲୋକଙ୍କୁ କଙ୍ଗାରୁ କୋର୍ଟରେ ନିର୍ଯାତନା ସହିବାକୁ ପଡୁଛି। ସାମାନ୍ୟ ଭୁଲ ଯୋଗୁ ଗାଁ ମୁଖିଆଙ୍କ ଦ୍ୱାରା ଦୋଷୀ ସାବ୍ୟସ୍ତ ହୋଇ ଆର୍ଥିକ ଦଣ୍ଡରେ ଦଣ୍ଡିତ ହେଉଛନ୍ତି। ଏଭଳି କଙ୍ଗାରୁ କୋର୍ଟରେ ଦଣ୍ଡିତ ହେବା ପରେ ଜରିମାନା ଦେଇ ନ ପାରିବାରୁ ମୟୂରଭଞ୍ଜ ଜିଲା ସଦର ମହକୁମାଠାରୁ ୬୦କି.ମି. ଦୂର ଖାରପୋଖରିଆ ଥାନା ଅଧୀନ ପୋଖରିଡିହା ପଞ୍ଚାୟତର ଚୁଟକୁ(ମହେଶ୍ୱରପୁର) ଗ୍ରାମର ଦୁଇ ପରିବାର ୧୪ ବର୍ଷ ହେଲା ସାମାଜିକ ବାସନ୍ଦ ହୋଇ ରହିଛନ୍ତି। ଏପରିକି ୩ ବର୍ଷ ହେଲା ମୃତ ବ୍ୟକ୍ତିଙ୍କ ଶୁଦ୍ଧି କ୍ରିୟା ମଧ୍ୟ କରିପାରୁନାହାନ୍ତି। ଭୟଭୀତ ଅବସ୍ଥାରେ ଦୁଇ ପରିବାର ଲୋକେ ମଙ୍ଗଳବାର ପୋଲିସ ଓ ଜିଲା ପ୍ରଶାସନର ସହାୟତା ଲୋଡ଼ିଛନ୍ତି। ଏହି ଘଟଣା ଲୋକଲୋଚନକୁ ଆସିବା ପରେ ଆଦିବାସୀ ସେଙ୍ଗେଲ ଅଭିଯାନର


ଶୁଦ୍ଧିକ୍ରିୟାରେ ପୋଲିସର ସହଯୋଗ ଲୋଡିବାକୁ ଆସିଥିବା ଦୁଇ ପରିବାର ଲୋକେ।

କର୍ମକର୍ତ୍ତାମାନେ ଅସହାୟ ଦୁଇ ପରିବାର ପ୍ରତି ସହଯୋଗର ହାତ ବଢ଼ାଇଛନ୍ତି।

ଅଭିଯୋଗ ଅନୁଯାୟୀ, ଗ୍ରାମର ଚାନ୍ଦ୍ରାୟ ହେମ୍ବ୍ରମଙ୍କ ପିତା ବୁଧୁରାୟ ଓ ଧନର୍ଜୟ ମୁର୍ମୁଙ୍କ ପିତା ମନସାରାମଙ୍କ ୩ ବର୍ଷ ପୂର୍ବେ ମୃତ୍ୟୁ ହୋଇଥିଲା। ପୂର୍ବରୁ ବ୍ୟବସାୟ ଓ ବିବାହ କାର୍ଯ୍ୟ ବିବାଦକୁ ନେଇ ଗାଁ ମୁଖିଆଙ୍କ ନେତୃତ୍ୱରେ କଙ୍ଗାରୁ କୋର୍ଟ ବସି ଦୁଇ ଜଣଙ୍କ ଉପରେ ଜରିମାନା ଧାର୍ଯ୍ୟ କରାଯାଇଥିଲା। ଚାନ୍ଦ୍ରାୟ ୨ଲକ୍ଷ ଓ ଧନର୍ଜୟ ୧୨ହଜାର ଟଙ୍କା ଜରିମାନା ନ ଦେବା ପର୍ଯ୍ୟନ୍ତ ଗାଁର କୌଣସି କାର୍ଯ୍ୟରେ ସାମିଲ ହେବାକୁ ବାରଣ କରାଯାଇଥିଲା। ତେବେ ଜରିମାନା ଅର୍ଥ ପୈଠ ନ କରିବାରୁ ୧୪ବର୍ଷ ହେଲା ଉକ୍ତ ଦୁଇ ପରିବାରକୁ ସାମାଜିକ ବାସନ୍ଦ କରାଯାଇଛି। ଫଳରେ ପିତାଙ୍କ ମୃତ୍ୟୁ ପରେ ଶୁଦ୍ଧିକ୍ରିୟା କରିବା ପାଇଁ ଦୁଇ ପରିବାର ୩ ବର୍ଷ ହେଲା ଅପେକ୍ଷା କରି ରହିଛନ୍ତି। ଆଦିବାସୀ ସେଙ୍ଗେଲ ଅଭିଯାନର କର୍ମକର୍ତ୍ତାମାନେ ଏ ବିଷୟରେ ଅବଗତ ହେବା ପରେ ସାମାଜିକ ବାସନ୍ଦ ହୋଇଥିବା ଉକ୍ତ ଦୁଇ ପରିବାରକୁ ନ୍ୟାୟ ଦେବା ପାଇଁ ଅଣ୍ଟା ଭିଡ଼ିଛନ୍ତି। ଆସନ୍ତା ୨୩ ତାରିଖରେ ଶୁଦ୍ଧିକ୍ରିୟା କରିବାକୁ ଦିନ ଧାର୍ଯ୍ୟ କରିଛନ୍ତି। ଦୁଇ ପରିବାର ଲୋକେ ମଧ୍ୟ ଉପଜିଲାପାଳଙ୍କୁ ଭେଟି ଶୁଦ୍ଧିକ୍ରିୟା କାର୍ଯ୍ୟରେ ଶାନ୍ତିଶୃଙ୍ଖଳା ରକ୍ଷା କରିବାକୁ ନିବେଦନ କରିଛନ୍ତି।

# ୩ ଦିନରେ ୧୦ ବାଦୁଡ଼ି ମୃତ


ମରି ପଡ଼ିଥିବା ଏକ ବାଦୁଡ଼ିକୁ ଜଣେ ବାଳକ ଦେଖାଉଛନ୍ତି।

ଯାଜପୁର ଅଫିସ/ ଜେନାପୁର(ଡି.ଏନ.ଏ.), ୧୮।୪

ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅନ୍ତର୍ଗତ ବ୍ରାହ୍ମଣୀ ନଦୀକୂଳ କବାଟବନ୍ଧ ଗ୍ରାମରେ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଯୋଗୁ ଗତ ୩ ଦିନରେ ପ୍ରାୟ ୧୦ ବାଦୁଡିଙ୍କ ମୃତ୍ୟୁ ଘଟିଥିବା ଗ୍ରାମବାସୀ କହିଛନ୍ତି। ସେଠାରେ ବର, ଇନ୍ଦ, ଅଶ୍ୱତ୍ଥ ଗଛରେ ଦୀର୍ଘ ବର୍ଷ ହେଲା ବାସ କରୁଥିବା ୫ ହଜାରରୁ ଊର୍ଦ୍ଧ୍ୱ ବାଦୁଡି ଏବେ ଅସୁରକ୍ଷିତ ହୋଇ ପଡିଛନ୍ତି। ବନ ବିଭାଗ କର୍ତ୍ତୃପକ୍ଷ ନାମକୁ ମାତ୍ର ପାଣି ସିଞ୍ଚନ କରି ନିଜର ଦାୟିତ୍ୱ ସମ୍ପାଦନ କରିଛନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ବାଦୁଡିଙ୍କ ପ୍ରତି କବାଟବନ୍ଧ ଗ୍ରାମବାସୀଙ୍କ ଅନାବିଳ ପ୍ରେମ, ସ୍ନେହ ଓ ସୁରକ୍ଷା ଆଗରେ ସମସ୍ତ ପ୍ରକାର ବାଧାବିଘ୍ନ ହାର ମାନିଛି। ଯିଏ ବାଦୁଡି ଶିକାର କରିବ ତାର ବି ଅନ୍ତ ନିଶ୍ଚିତ ବୋଲି ଗ୍ରାମବାସୀ ନାରା ଦିଅନ୍ତି। ତେବେ ଅତ୍ୟଧିକ ଗରମ ଅନୁଭୂତ ଯୋଗୁ ଖାଦ୍ୟ ଓ ପାନୀୟ ଅଭାବରୁ ଶତାଧିକ ବାଦୁଡିଙ୍କ ଭଳି ଅନ୍ୟ ବନ୍ୟପ୍ରାଣୀ ଡହଳବିକଳ ହେଉଛନ୍ତି। ଖରାମାସ ଆସିଲେ କେତେକ ବାଦୁଡି ଅନ୍ୟତ୍ର ଚାଲିଯାଇଥାନ୍ତି। ବର୍ଷାର ଆଗମନ ହେବାକ୍ଷଣି ପୁଣି ଶତାଧିକ ବାଦୁଡି ଏଠାରେ ପରିବାର ଭଳି ବାସ କରନ୍ତି। ତେବେ ଖରା ମାସରେ ରହୁଥିବା ବାଦୁଡିଙ୍କ ସୁରକ୍ଷା ନେଇ ଗ୍ରାମବାସୀ ସବୁବେଳେ ଚିନ୍ତିତ। ଏଠାକୁ ଅଗ୍ନିଶମ କିମ୍ବା ବନ ବିଭାଗ ଆସି ନିୟମିତ ଭାବେ ସୁରକ୍ଷା ଦିଅନ୍ତି ନାହିଁ। ବାଦୁଡିମାନେ ଯେତେବେଳେ ଖରା ଟାଣ ଯୋଗୁ ନିଜକୁ ଅସୁରକ୍ଷିତ ମନେକରନ୍ତି ଗଛ ତଳକୁ ଚାଲି ଆସିଥାନ୍ତି। ଆକୁଳ ହୋଇ କିଚିରିମିଚିରି ଶବ୍ଦ କରନ୍ତି। ଫଳରେ ଗ୍ରାମବାସୀ ଏକଜୁଟ ହୋଇ ବାଦୁଡିଙ୍କ ସୁରକ୍ଷା କରିବାକୁ ଆସିଥାନ୍ତି। ପାଇପ୍ ଯୋଗେ ଅବା ଗରା ବାଲ୍‌ଟିରେ ସେମାନଙ୍କ ଶରୀରରେ ଶୀତଳ ଜଳ ସିଞ୍ଚନ କରିଥାନ୍ତି। ମାଠିଆରେ ପାଣି ଭର୍ତ୍ତି କରି ଗଛ ମୂଳରେ ରଖିଦେଲେ ସେମାନେ ନିଜର ତୃଷା ମେଣ୍ଟାଇଥାନ୍ତି। ତେବେ ଜେନାପୁର ଅଞ୍ଚଳରେ ଅତ୍ୟଧିକ ଗରମ ଅନୁଭୂତ ହେଉଥିବାରୁ ଅସଂଖ୍ୟ ବାଦୁଡିଙ୍କ ଏଯାଏ ମୃତ୍ୟୁ ହୋଇଥିବା ଗ୍ରାମବାସୀଙ୍କଠାରୁ ସୂଚନା ମିଳିଛି। ଗ୍ରାମବାସୀ ତାପସ କୁମାର ପଣ୍ଡା କୁହନ୍ତି, ଗଛର ଶୀର୍ଷରେ ଥିବା ବାଦୁଡିଙ୍କ ନିକଟକୁ ପାଣି ସିଞ୍ଚନ ସମ୍ଭବ ହେଉନାହିଁ। ଏନେଇ ଜିଲା ପ୍ରଶାସନ ଏବଂ ଜଙ୍ଗଲ ବିଭାଗ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଜଙ୍ଗଲ ବିଭାଗ ପକ୍ଷରୁ କେବଳ ଦିନେ ଆସି ପାଣି ସିଞ୍ଚନ କରି ଆଉ ଆସୁନାହାନ୍ତି। ଏ ସଂକ୍ରାନ୍ତରେ କଟକ ଭାରପ୍ରାପ୍ତ ଡିଏଫ୍‌ଓ ଅଜିତ କୁମାର ତ୍ରିପାଠୀ କହିଛନ୍ତି, ଏଥର ଗ୍ରୀଷ୍ମପ୍ରବାହ ସମସ୍ତଙ୍କୁ ବିପଦରେ ପକାଇଛି। ଏଥିରେ କେବଳ ପକ୍ଷୀ ନୁହଁନ୍ତି ପ୍ରାଣୀଜଗତ ତ୍ରାହି ତ୍ରାହି ଡାକୁଛନ୍ତି। ବିଭାଗ ପକ୍ଷରୁ ପାଣି ସିଞ୍ଚନ ବ୍ୟବସ୍ଥା ହୋଇଥିଲେ ମଧ୍ୟ ତାହା ପର୍ଯ୍ୟାପ୍ତ ହୋଇପାରୁନାହିଁ। ସମସ୍ତେ ନିଜକୁ ନିଜେ ରକ୍ଷା କରିବା ଉଚିତ୍।

# ହସ୍ତତନ୍ତ, ବୟନ ଶିଳ୍ପ ବିଭାଗରେ ଯୋଗଦେଲେ ୩୨ ଅଧିକାରୀ

ଭୁବନେଶ୍ୱର,୧୮।୪(ବ୍ୟୁରୋ)

ହସ୍ତତନ୍ତ ଓ ବୟନଶିଳ୍ପ ବିଭାଗରେ ମଙ୍ଗଳବାର ୩୨ ଜଣ ଅଧିକାରୀ ଯୋଗ ଦେଇଛନ୍ତି। ସେମାନଙ୍କ ମଧ୍ୟରେ ୨୬ ଜଣ ଇନ୍ସପେକ୍ଟର, ୬ ଜଣ ଅଡିଟର ନିଯୁକ୍ତ ହୋଇଛନ୍ତି। ଏ ନେଇ ଲୋକସେବା ଭବନରେ ଅନୁଷ୍ଠିତ କର୍ମଶାଳାରେ ଭର୍ଚ୍ଚୁଆଲରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନବନିଯୁକ୍ତ ଅଧିକାରୀମାନଙ୍କୁ ସ୍ୱାଗତ କରିବା ସହ କହିଛନ୍ତି ଯେ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାକୁ କାର୍ଯ୍ୟକାରୀ କରି ବୁଣାକାର ସମୁଦାୟଙ୍କ ଜୀବନରେ ରୂପାନ୍ତରଣ ଆଣିବା ପାଇଁ ନିଷ୍ଠା ଓ ପ୍ରତିବଦ୍ଧତାର ସହ କାର୍ଯ୍ୟ କରିବା ଆବଶ୍ୟକ। ବୁଣାକାରମାନଙ୍କର ଆର୍ଥିକ ଅବସ୍ଥାରେ ପରିବର୍ତ୍ତନ କରିବାକୁ ସରକାର ଅନେକ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ୱାର୍କସେଡ୍ କରାଯିବା ସହ ବୟନଜ୍ୟୋତି ଯୋଜନା,



### ନିଷ୍ଠା, ପ୍ରତିବଦ୍ଧତାର ସହ କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ

ସୂତା ଓ ଅନ୍ୟାନ୍ୟ ଉପକରଣ ଯୋଗାଇ ଦିଆଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଯୋଗଦେଇ ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ରୀତା ସାହୁ କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ହସ୍ତତନ୍ତର ଅନେକ ବିକାଶ ହୋଇଛି। ବୁଣାକାର ଓ ହସ୍ତତନ୍ତ ଶିଳ୍ପୀ ହେଉଛନ୍ତି ଆମର ଗର୍ବ। ନୂତନ ଭାବେ ଯୋଗ ଦେଇଥିବା ଅଧିକାରୀମାନେ ବୁଣାକାରଙ୍କ କଲ୍ୟାଣ ପାଇଁ ପ୍ରତିବଦ୍ଧତାର ସହ କାର୍ଯ୍ୟକରିବା ଦରକାର ବୋଲି ସେ କହିଛନ୍ତି। ମୁଖ୍ୟଶାସନ ସଚିବ ପି.କେ. ଜେନା ରାଜ୍ୟ ସରକାରଙ୍କ ସମସ୍ତ ଯୋଜନା ଯେପରି ବୁଣାକାରଙ୍କ ନିକଟରେ ପହଞ୍ଚିପାରିବ ତାହାକୁ ନିଶ୍ଚିତ କରିବାକୁ ଅଧିକାରୀମାନଙ୍କୁ ସେ ପରାମର୍ଶ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ବିଭାଗୀୟ ସଚିବ ଅରବିନ୍ଦ ପାଢ଼ୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ବୟନଶିଳ୍ପ ନିର୍ଦ୍ଦେଶକ ଧନ୍ୟବାଦ ଦେଇଥିଲେ।

# ଏମ୍‌ସିଏଚ୍‌ରେ ନିୟୋଜିତ ହେବେ ଏସ୍‌ଆର୍‌ଇଏସ୍‌ଟିଏ ଜାତୀୟ ମେଡିକାଲ ଫାକଲ୍ଟି

ଭୁବନେଶ୍ୱର, ୧୮।୪ (ବ୍ୟୁରୋ)

ରାଜ୍ୟରେ ଡାକ୍ତରୀ ଶିକ୍ଷାର ଉନ୍ନତି ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ସଶସ୍ତ୍ର ବାହିନୀ ମେଡିକାଲ ସର୍ଭିସ (ଏଏଫ୍‌ଏମ୍‌ଏସ୍)ର ଅତିରିକ୍ତ ଶିକ୍ଷକଙ୍କ ନିଯୁକ୍ତି ପାଇଁ ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି। ଏନେଇ ମଙ୍ଗଳବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସଚିବ ଶାଳିନୀ ପଣ୍ଡିତ କେନ୍ଦ୍ର ସ୍ୱାସ୍ଥ୍ୟ ସଚିବଙ୍କୁ ଏକ ଚିଠି ଲେଖିଛନ୍ତି। ଏଥିରେ ମେଡିକାଲ କଲେଜ ଓ ହସ୍ପିଟାଲ (ଏମ୍‌ସିଏଚ୍)ରେ ଏସ୍‌ଆର୍‌ଇଏସ୍‌ଟିଏ (ସ୍କିମ୍ ଫର୍ ରିଡେପ୍ଲଏମେଣ୍ଟ ଅଫ୍ ସୁପରନୁଏଟେଡ୍ ଟିଚର୍ସ ଅଫ୍ ଦି ଏଏଫ୍‌ଏମ୍‌ଏସ୍) ଫାକଲ୍ଟି ଗ୍ରହଣ କରିବାକୁ ରାଜ୍ୟ ସରକାର ସହମତି ପ୍ରକାଶ କରିଥିବା ଉଲ୍ଲେଖ ରହିଛି। ସେହିପରି ଓଡିଶା ସରକାରଙ୍କ ତରଫରୁ ଏହି ସହଭାଗିତାକୁ ଆଗେଇ ନେବା ପାଇଁ ମେଡିକାଲ ଏଜୁକେଶନ ନିର୍ଦ୍ଦେଶକ ଏବଂ ଟ୍ରେନିମାନଙ୍କୁ ନୋଡାଲ ଅଫିସର ଭାବେ ଘୋଷଣା କରାଯାଇଥିବା ସଚିବ ସୂଚନା ଦେଇଛନ୍ତି। ପ୍ରତିରକ୍ଷା ମନ୍ତ୍ରଣାଳୟ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଏବଂ ନୀତି ଆୟୋଗ ସହଭାଗିତାରେ ଏହା କରାଯିବା ନେଇ ଯୋଜନା ହୋଇଛି। ଏହି ଅଭିଜ୍ଞ ଶିକ୍ଷକଙ୍କ ଯୋଗଦାନ ଓଡ଼ିଶାରେ ଡାକ୍ତରୀ ଶିକ୍ଷା ଏବଂ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଉତ୍କର୍ଷତା ବୃଦ୍ଧି କରିବ ବୋଲି ଆଶା କରାଯାଉଛି।

ସୂଚନାଯୋଗ୍ୟ, ଏହି ଯୋଜନା ଅଧୀନରେ ଏଏଫ୍‌ଏମ୍‌ଏସ୍‌ର ଅବସରପ୍ରାପ୍ତ ଡାକ୍ତରୀ ଶିକ୍ଷକମାନେ ଏକ ଜାତୀୟ ପୁଲ୍‌ରେ ପଞ୍ଜୀକୃତ ହୋଇଛନ୍ତି। ଏହି ପୁଲରେ ଥିବା ଅଧିକାରୀ ବା ଶିକ୍ଷକମାନେ ଏସ୍‌ଆର୍‌ଇଏସ୍‌ଟିଏ ଜାତୀୟ ମେଡିକାଲ ଅଧ୍ୟାପିକା ଭାବେ ପରିଚିତ ହେବେ।

# ଆଜି କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ଉତ୍ପାଦନ କେନ୍ଦ୍ର ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ

### ସାଧାରଣ ସଭାରେ ଉଦ୍‌ବୋଧନ ସହ ଦିବ୍ୟାଙ୍ଗଙ୍କୁ ସାମଗ୍ରୀ ବାଣ୍ଟିବେ

ଖୋର୍ଦ୍ଧା ଅଫିସ,୧୮।୪

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ଦିନିକିଆ ଖୋର୍ଦ୍ଧା ଗସ୍ତରେ ଯାଇ ଗୁରୁଜଙ୍ଗଠାରେ ନୂତନଭାବେ ନିର୍ମିତ ବିଜୁ ମହାବୀର ଜୟପୁର ଫୁଟ୍ ସେଣ୍ଟରର ଉଦ୍‌ଘାଟନ କରିବେ। ଏଥିସହିତ ମୁଖ୍ୟମନ୍ତ୍ରୀ ଏକ ସାଧାରଣସଭାରେ ଉଦ୍‌ବୋଧନ ଦେବେ। ଏନେଇ ଜିଲା ପ୍ରଶାସନ ଏବଂ ପୋଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛି। ମଙ୍ଗଳବାର ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ, ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା, ଜିଲା ଆରକ୍ଷୀ ଅଧୀକ୍ଷକ(ଏସ୍‌ପି) ସିଦ୍ଧାର୍ଥ କଟ୍ଟାରିଆ ପ୍ରମୁଖ ଉଦ୍‌ଘାଟନ ଏବଂ ସାଧାରଣସଭା ସ୍ଥଳର ସ୍ଥିତି ଅନୁଧ୍ୟାନ କରିଛନ୍ତି।


ଜିଲାପାଳ ଓ ଏସ୍‌ପି ସଭାସ୍ଥଳର ସ୍ଥିତି ଅନୁଧ୍ୟାନ କରୁଛନ୍ତି।

ଗୁରୁଜଙ୍ଗଠାରେ ରାଜସ୍ଥାନର ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦ୍ୱାରା କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ଉତ୍ପାଦନ କେନ୍ଦ୍ର ନିର୍ମାଣ କରାଯାଇଛି। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସହଯୋଗରେ ସେଠାରେ କୃତ୍ରିମ ଅଙ୍ଗ ଉତ୍ପାଦନ ସହ ଗବେଷଣା ଏବଂ ତାଲିମ କେନ୍ଦ୍ର ମଧ୍ୟ ପରିଚାଳିତ ହେବ। ମୁଖ୍ୟମନ୍ତ୍ରୀ ଏହାକୁ ପରିଦର୍ଶନ କରିବା ସହିତ ଉଦ୍‌ଘାଟନ କରିବେ। ଏହା ପରେ ସେଠାରେ ଆୟୋଜିତ ସାଧାରଣସଭାରେ ଦିବ୍ୟାଙ୍ଗଙ୍କୁ ଶ୍ରବଣ ଯନ୍ତ୍ର, ଟ୍ରାଇସାଇକେଲ, ହୁଇଲଚେୟାର ଆଦି ବଣ୍ଟନ କରିବାର କାର୍ଯ୍ୟକ୍ରମ ରହିଛି। ମୁଖ୍ୟମନ୍ତ୍ରୀଙ୍କ ସହ ରାଜ୍ୟ ବିଜ୍ଞାନ ଓ କାରିଗରି ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ଏହି ସଂସ୍ଥାର ମୁଖ୍ୟ ପଦ୍ମଭୂଷଣ ଡି. ଆର୍.ମେହେଟା, ଏସ୍.ଏସ୍ ଭଣ୍ଡାରୀ, ସତିଶ ମେହେଟା ପ୍ରମୁଖ ଉପସ୍ଥିତ ରହିବେ। ତେବେ ମୁଖ୍ୟମନ୍ତ୍ରୀଙ୍କ ସୁରକ୍ଷା ଦୃଷ୍ଟିରୁ ୧୦ପ୍ଲାଟୁନ ଫୋର୍ସ, ଅତିରିକ୍ତ ଏସ୍‌ପି, ୫ ଡିଏସ୍‌ପି, ୬ ଆଇଆଇସି, ଏସ୍‌ଆଇ ଓ ଏଏସ୍‌ଆଇ ୩୦ ଏବଂ ଟ୍ରାଫିକ କନଷ୍ଟେବଲ, ହାବିଲଦାର ଏବଂ ହୋମଗାର୍ଡଙ୍କୁ ମିଶାଇ ପ୍ରାୟ ୨ଶହ ଜଣ ମୁତୟନ ରହିବେ। ଟ୍ରାଫିକ ନିୟନ୍ତ୍ରଣ ପ୍ରତି ବିଶେଷ ଗୁରୁତ୍ୱ ଦିଆଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଗସ୍ତର ୩୦ମିନିଟ୍ ପୂର୍ବରୁ ଉକ୍ତ ଅଞ୍ଚଳକୁ ସିଲ୍ କରାଯିବ। ସର୍ବସାଧାରଣ ଯାତାୟାତ ଉପରେ କଟକଣା ରହିବ ବୋଲି ଏସ୍‌ପି କଟ୍ଟାରିଆ କହିଛନ୍ତି। ଅନ୍ୟପକ୍ଷରେ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର କୁହନ୍ତି, ଦିବ୍ୟାଙ୍ଗମାନଙ୍କ ସର୍ବାଙ୍ଗୀନ ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଉଛନ୍ତି। ଏହି କେନ୍ଦ୍ର ଖୋର୍ଦ୍ଧା ମାଟିର ଗୌରବ ବୃଦ୍ଧି ସହ ଦିବ୍ୟାଙ୍ଗମାନଙ୍କ ପାଇଁ ବରଦାନ ସଦୃଶ ସହାୟକ ହୋଇପାରିବ।

# ଆଇଆଇଟିଗୁଡ଼ିକ ବିଶ୍ୱ କଲ୍ୟାଣର ସମାଧାନ ରାସ୍ତା କାଢୁଛନ୍ତି: ଧର୍ମେନ୍ଦ୍ର




### ଆଇଆଇଟିର ୫୫ତମ କାଉନସିଲ ବୈଠକ

ଭୁବନେଶ୍ୱର, ୧୮।୪(ବ୍ୟୁରୋ)

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଆଇଆଇଟି ଭୁବନେଶ୍ୱରଠାରେ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି(ଆଇଆଇଟି)ର ୫୫ତମ କାଉନସିଲ ବୈଠକ ଅନୁଷ୍ଠାନର ନିର୍ଦ୍ଦେଶକ ଓ ଚେୟାରମ୍ୟାନଙ୍କ ସହ ଅନୁଷ୍ଠିତ ହୋଇଯାଇଛି। ଏ ସମ୍ପର୍କରେ ଧର୍ମେନ୍ଦ୍ର କହିଛନ୍ତି, ଦେଶର ପ୍ରମୁଖ ବୈଷୟିକ ଅନୁଷ୍ଠାନ ମଧ୍ୟରୁ ଅନ୍ୟତମ ଆଇଆଇଟିଗୁଡିକ ବିଶ୍ୱରେ ଭାରତର ବ୍ରାଣ୍ଡକୁ ମଜଭୁତ କରିବା ସହ ବିଶ୍ୱ କଲ୍ୟାଣ ପାଇଁ ସମାଧାନର ରାସ୍ତା ବାହାର କରୁଛି। ଦେଶର ଆଇଆଇଟିକୁ ଗରିବ କଲ୍ୟାଣର ପ୍ରୟୋଗଶାଳା କରିବା ପାଇଁ ଉଦ୍ୟମ ହେଉଛି। ଆମର ଆଇଆଇଟି ବିକଶିତ ଓ ଆତ୍ମନିର୍ଭର ଭାରତର ପଥପ୍ରଦର୍ଶକ ହେବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି। ଦେଶ ନୁହେଁ, ବିଶ୍ୱର ଅର୍ଥନୀତି, ଜିଡିପିରେ ଆଇଆଇଟିର ବଡ଼ ଯୋଗଦାନ ରହିଛି। ଦେଶର ନୂଆ ପିଢ଼ିଙ୍କୁ ରୋଜଗାର ଦେବାରେ ଆଇଆଇଟି ମୁଖ୍ୟ ଭୂମିକା ଗ୍ରହଣ କରିଛି। ଏହି ମର୍ମରେ ସେମାନଙ୍କୁ ନିଯୁକ୍ତିଦାତା ବନାଇବା ଦିଗରେ ମଧ୍ୟ ପ୍ରାଧାନ୍ୟ ଦିଆଯାଉଛି। ସେହିପରି ଛାତ୍ରୀଛାତ୍ରଙ୍କ ମାନସିକ ସ୍ୱାସ୍ଥ୍ୟ ଓ ଆରୋଗ୍ୟ ଉପରେ ଗୁରୁତ୍ୱାରୋପ କରିବା ସହ ଧର୍ମେନ୍ଦ୍ର ଗୁଣାତ୍ମକ ଶିକ୍ଷକ ପ୍ରସ୍ତୁତ କରିବା ପାଇଁ 'ଇଣ୍ଟିଗ୍ରେଟେଡ୍ ଟିଚର ଏଜୁକେସନ ପ୍ରୋଗ୍ରାମ' ଆରମ୍ଭ କରିବା ପାଇଁ ଆଇଆଇଟିକୁ ପରାମର୍ଶ ଦେଇଛନ୍ତି। ବୈଠକରେ ଏମ୍‌ପି ବିପ୍ଳବ କୁମାର ଦେବ, କୁଆଁର ହେମ୍ବ୍ରମ, ଏନ୍‌ଇଟିଏଫର ଚେୟାରମ୍ୟାନ ପ୍ରଫେସର ଅନିଲ ସହସ୍ରବୁଦ୍ଧେ ଏବଂ ଦେଶର ୨୩ଟି ଆଇଆଇଟିର ଅଧ୍ୟକ୍ଷ ଏବଂ ନିର୍ଦ୍ଦେଶକଙ୍କ ସମେତ ଶିକ୍ଷା ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଛନ୍ତି।

# ଏଇପିଏସ୍‌ର ସଫଳ ରୂପାୟନ ଲାଗି ତତ୍ପର ହୁଅ: ମନ୍ତ୍ରୀ

ଭୁବନେଶ୍ୱର,୧୮।୪(ବ୍ୟୁରୋ)

କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ଆରମ୍ଭ କରାଯାଇଥିବା କୃଷି ଉଦ୍ୟୋଗୀ ପ୍ରୋତ୍ସାହନ ଯୋଜନା (ଏଇପିଏସ୍)ର ସଫଳ ରୂପାୟନ ନିମନ୍ତେ ଅଧିକାରୀମାନେ ଅଧିକ ତତ୍ପରତା ପ୍ରକାଶ କରିବା ପାଇଁ କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏ ଦିଗରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଏବଂ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗର ଅଧିକାରୀମାନେ ପ୍ରତି ମାସରେ ସମନ୍ୱୟ ବୈଠକ କରି ବିଭାଗ ପକ୍ଷରୁ ଜାରି କରାଯାଇଥିବା ମାର୍ଗଦର୍ଶିକା ଅନୁଯାୟୀ ହିତାଧିକାରୀ ଚୟନ ସାଙ୍ଗକୁ ପ୍ରଶିକ୍ଷଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ମନ୍ତ୍ରୀ କହିଛନ୍ତି।

କୃଷି ଭବନଠାରେ ମଙ୍ଗଳବାର ଆୟୋଜିତ ବୈଠକରେ ମନ୍ତ୍ରୀ ସ୍ୱାଇଁ ଯୋଜନାର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଛନ୍ତି। ଏହି ଅବସରରେ ସହଯୋଗୀ ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡ଼ିକୁ ହିତାଧିକାରୀଙ୍କ ପ୍ରଶିକ୍ଷଣ କାର୍ଯ୍ୟ ନିମନ୍ତେ ଏକ କ୍ୟାଲେଣ୍ଡର ପ୍ରସ୍ତୁତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଯେପରି ଯୋଜନା କାର୍ଯ୍ୟକାରୀ ହୋଇପାରିବ ସେନେଇ ମଧ୍ୟ କୁହାଯାଇଛି। କୃଷି ଉଦ୍ୟୋଗୀ ପ୍ରୋତ୍ସାହନ ଯୋଜନାରେ ରାଜ୍ୟର ୧୨ଟି ଜନଜାତି ଅଧ୍ୟୁଷିତ ଜିଲାର ୪୦ଟି ବ୍ଲକ୍‌ରେ ୧ହଜାର ନୂତନ କୃଷି ଉଦ୍ୟୋଗୀ ସୃଷ୍ଟି କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଚିହ୍ନଟ କରାଯାଇଥିବା ହିତାଧିକାରୀଙ୍କୁ ବହୁ ଯୋଜନାରେ କୃଷି କ୍ଷେତ୍ରରେ ଉଦ୍ୟୋଗ ପ୍ରତିଷ୍ଠା, ବିହନ ଉତ୍ପାଦନ, କଷ୍ଟମ ହାୟରିଂ କେନ୍ଦ୍ର ପ୍ରତିଷ୍ଠା ମାଧ୍ୟମରେ କୃଷି ଯନ୍ତ୍ରପାତି ଭଡ଼ାରେ ଦେବା ପାଇଁ ଆବଶ୍ୟକ ପ୍ରଶିକ୍ଷଣ ପ୍ରଦାନ ସହିତ ବିକ୍ରିବଟାର ସୁବିଧା ଏବଂ ବିଭିନ୍ନ ଅର୍ଥଲଗାଣ ସଂସ୍ଥା ମାଧ୍ୟମରେ ଋଣ ପ୍ରଦାନ ଆଦିର ବ୍ୟବସ୍ଥା କରାଯାଉଛି। ପ୍ରଶିକ୍ଷଣ ପରେ ହିତାଧିକାରୀମାନଙ୍କୁ କୃଷି ଉଦ୍ୟୋଗ ପ୍ରତିଷ୍ଠା ନିମନ୍ତେ ବିଭାଗ ପକ୍ଷରୁ ୧ ବର୍ଷ ପର୍ଯ୍ୟନ୍ତ ଇନ୍‌କ୍ୟୁବେଶନ ସହାୟତା ଯୋଗାଇ ଦିଆଯାଉଛି।

### ଆୟ ଦ୍ୱିଗୁଣିତ ନେଇ ୩୦ ସୁଦ୍ଧା ଚାଷୀଙ୍କ ଚିହ୍ନଟ ପ୍ରକ୍ରିୟା ଶେଷ କର

ଭୁବନେଶ୍ୱର,୧୮।୪(ବ୍ୟୁରୋ)

୩ ବର୍ଷରେ ରାଜ୍ୟର ଲକ୍ଷେ ଚାଷୀଙ୍କୁ ଚିହ୍ନଟକରି ସେମାନଙ୍କ ଆୟ ଦ୍ୱିଗୁଣିତ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ବେଳେ ଆସନ୍ତା ୩୦ ତାରିଖ ସୁଦ୍ଧା ଚାଷୀ ଚିହ୍ନଟ ପ୍ରକ୍ରିୟା ଶେଷ କରିବାକୁ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ନିର୍ଦ୍ଦେଶ ଦେଇଛନ୍ତି। ହିତାଧିକାରୀ ଚୟନ କ୍ଷେତ୍ରରେ ସମ୍ବେଦନଶୀଳ କୃଷକ ପରିବାର ଓ ମହିଳା ଚାଷୀଙ୍କୁ ଅଗ୍ରାଧିକାର ପ୍ରଦାନ କରିବା ପାଇଁ ମଧ୍ୟ ପରାମର୍ଶ ଦିଆଯାଇଛି।

କୃଷି ଭବନଠାରେ ମଙ୍ଗଳବାର ଆୟୋଜିତ ବୈଠକରେ ଚାଷୀଙ୍କ ଆୟ ଦ୍ୱିଗୁଣିତ କରିବା ଦିଗରେ ୨୦୨୩-୨୪ ବର୍ଷର କାର୍ଯ୍ୟଖସଡ଼ାର ସମୀକ୍ଷା କରିବା ଅବସରରେ ମନ୍ତ୍ରୀ ସ୍ୱାଇଁ କହିଛନ୍ତି, କୃଷି ଓ ଆନୁଷଙ୍ଗିକ କୃଷିକ୍ଷେତ୍ରରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ଯଥା ସମନ୍ୱିତ କୃଷି, ମିଲେଟ୍ ମିଶନ, ଫସଲର ବିବିଧୀକରଣ ସମେତ ମତ୍ସ୍ୟ ଓ ପ୍ରାଣୀପାଳନ ମାଧ୍ୟମରେ କୃଷକଙ୍କ ଆୟକୁ ଦ୍ୱିଗୁଣିତ କରିହେବ। ଏଥି ସହିତ କୃଷକଙ୍କ ଆୟବୃଦ୍ଧି କରିବା ଦିଗରେ କୃଷିଜାତ ଦ୍ରବ୍ୟକୁ ମୂଲ୍ୟଯୁକ୍ତ କରିବା ଏକ ଉପଯୋଗୀ ପଦକ୍ଷେପ ବୋଲି ମନ୍ତ୍ରୀ ସ୍ୱାଇଁ କହିଛନ୍ତି। ଏହି ପରିପ୍ରେକ୍ଷୀରେ ପ୍ରତି ମାସରେ ସମନ୍ୱୟ ବୈଠକ କରି କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହା ସହ ଜିଲା ଓ ବ୍ଲକ୍ ସ୍ତରରେ ମଧ୍ୟ ବିଭାଗୀୟ ଅଧିକାରୀମାନଙ୍କ ସମନ୍ୱୟ ବୈଠକ କରିବା ସହିତ ପ୍ରତ୍ୟେକ ବ୍ଲକ୍‌ରେ ୨ ଜଣ ମାଷ୍ଟର ଟ୍ରେନର ବ୍ୟବସ୍ଥା କରିବାକୁ ମନ୍ତ୍ରୀ କହିଛନ୍ତି। ରାଜ୍ୟର ୩୦ ଜିଲାର ୩୧୪ ବ୍ଲକ୍‌ରେ ଏହା କାର୍ଯ୍ୟକାରୀ ହେଉଛି। ହିତାଧିକାରୀଙ୍କ ତାଲିକା ଓ ଆନୁଷଙ୍ଗିକ ତଥ୍ୟ ବିଭାଗୀୟ ୱେବ୍‌ସାଇଟ୍‌ରେ ଆସନ୍ତା ମେ ୧୫ ତାରିଖ ସୁଦ୍ଧା ଅପ୍‌ଲୋଡ୍ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

# ରାଜସ୍ୱ ଫାଙ୍କି ରୋକିବ ଆଇଓଟି ଡିଭାଇସ୍

ଯୋଡ଼ା,୧୮।୪(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡ଼ା ଖଣି ମଣ୍ଡଳରେ ଲୁହାପଥର ମାନରେ ହେର୍‌ଫେର ନେଇ ହେଉଥିବା ଅଭିଯୋଗକୁ ରୋକିବା ପାଇଁ ରାଜ୍ୟ ସରକାର ଏକ ଉନ୍ନତ ଜ୍ଞାନକୌଶଳ ପ୍ରୟୋଗ କରିଛନ୍ତି। ଖଣି ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଗତ ଫେବୃୟାରୀ ୧୩ରେ ଇଣ୍ଟରନେଟ ଅଫ୍ ଥିଙ୍ଗସ(ଆଇଓଟି) ଡିଭାଇସ୍ ଯୋଡ଼ା ଖଣି ଉପନିର୍ଦ୍ଦେଶାଳୟରେ ସ୍ଥାପନ କରାଯାଇଛି। ଏହି ଯନ୍ତ୍ର ଦ୍ୱାରା ଅତ୍ୟାଧୁନିକ ପ୍ରଯୁକ୍ତି ବିଦ୍ୟାର ପ୍ରୟୋଗ କରି ଖଣିଜ ମାନରେ ଚଞ୍ଚକତାକୁ ରୋକାଯାଇପାରିବ। ଖଣିରୁ ଖଣିଜ ନମୁନା ସଂଗ୍ରହ ବେଳେ ଜିଓ ରେଫରେନ୍ସ ଜରିଆରେ ଜିପିଏସ୍ ଟେକ୍ନୋଲୋଜି ମାଧ୍ୟମରେ ଖଣିଜ ଷ୍ଟାକ୍‌ର ର୍‍ୟାଣ୍ଡମ ଜେନେରେଶନ ସାମ୍ପଲିଂ ଲୋକେଶନ ପ୍ରଣାଳୀରେ ନମୁନା ସଂଗ୍ରହ କରି ଆଇଓଟି ଡିଭାଇସ୍ ଜରିଆରେ ମାନ ଯାଞ୍ଚ କରାଯିବ। ପରବର୍ତ୍ତୀ ସମୟରେ ଖଣିର ନାମକୁ ଗୋପନରେ ରଖି କେବଳ କ୍ୟୁଆର୍‌କୋଡ୍ ଜରିଆରେ ଖଣିଜର ମାନ ଜାଣି ହେବ। ଏଥିରେ ହେର୍‌ଫେର ବା ମାନରେ କୌଣସି ଅସାଧୁ ଉପାୟ ଅବଲମ୍ବନ କରିହେବ ନାହିଁ। ଏହି ଡିଭାଇସ୍ ଯୋଡ଼ା ଖଣି ମଣ୍ଡଳରେ ଚାଲୁଥିବା ୩୧ ଖଣିରେ ପ୍ରାଥମିକ ପର୍ଯ୍ୟାୟରେ କାର୍ଯ୍ୟ କରୁଛି। ପୂର୍ବରୁ କିଛି ଅସାଧୁ ଲିଜ୍‌ଧାରୀ ଗ୍ରେଡ୍‌ରେ ହେରଫେର କରି ରାଜସ୍ୱ ଫାଙ୍କୁଥିଲେ। ଏପରି କି ଉଚ୍ଚମାନର ଲୁହା ପଥରକୁ ନିମ୍ନମାନର ଦର୍ଶାଇ କମ୍ ମୂଲ୍ୟରେ ରୟାଲ୍‌ଟି ଦିଆଯାଉଥିବାରୁ ରାଜ୍ୟ ସରକାର ବିପୁଳ ପରିମାଣରେ ରାଜସ୍ୱ ହରାଉଥିବା ଅଭିଯୋଗ ହୋଇଆସୁଥିଲା। ଖଣି ବିଭାଗ ଏହାକୁ ରୋକିବା ପାଇଁ ଯୋଡ଼ାରେ ପ୍ରଥମ କରି ଏହି ପ୍ରଯୁକ୍ତି ବିଦ୍ୟା ସମ୍ବଳିତ ଆଇଓଟି ଡିଭାଇସ୍‌ର ପାଇଲଟ ପ୍ରୋଜେକ୍ଟ ଆରମ୍ଭ କରିଛନ୍ତି।



ଯୋଡ଼ା ଖଣି ଉପ ନିର୍ଦ୍ଦେଶାଳୟରେ ସ୍ଥାପନ ହୋଇଥିବା ଆଇଓଟି ଡିଭାଇସ୍।

# ମୃତ ଶିଶୁକୁ ବଞ୍ଚାଇବା ପାଇଁ ଲୁଣ ଚିକିତ୍ସା

ବାସୁଦେବପୁର,୧୮।୪(ଡି.ଏନ.ଏ.)

ପୋଖରୀରେ ପଡ଼ି ୨ବର୍ଷ ଶିଶୁପୁତ୍ରର ଜୀବନ ଚାଲିଗଲା। ଡାକ୍ତର ଶିଶୁକୁ ମୃତ ଘୋଷଣା କରିସାରିଥିଲେ। ହେଲେ ମୃତ ଶିଶୁକୁ ବଞ୍ଚାଇବା ପାଇଁ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଚାଲିଥିଲା ଲୁଣ ଚିକିତ୍ସା। ଭଦ୍ରକ ଜିଲା ବାସୁଦେବପୁର ଡାକ୍ତରଖାନା ପରିସରରେ ମଙ୍ଗଳବାର ଅପରାହ୍ନରେ ଏଭଳି ଘଟଣା ଦେଖିବାକୁ ମିଳିଛି। ମୃତ ଶିଶୁ ହେଲେ ବିଦେଇପୁର ପଞ୍ଚାୟତ ଗଦେଇବିନ୍ଧା ଗ୍ରାମର ରୋହିତାସ ଜେନାଙ୍କ ପୁଅ ରୋହନ। ସେ ଘର ନିକଟରେ ଥିବା ଏକ ପୋଖରୀରେ ଅସାବଧାନତାବଶତଃ ପଡ଼ିଯାଇଥିଲେ। ପରିବାର ଲୋକେ ତାଙ୍କୁ ସଂଜ୍ଞାହୀନ ଅବସ୍ଥାରେ ଉଦ୍ଧାର କରି ବାସୁଦେବପୁର ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହାପରେ ସେଠାରେ ଉପସ୍ଥିତ ଥିବା ସ୍ଥାନୀୟ ଅଞ୍ଚଳର ଏକ ବାତ୍ୟା ଆଶ୍ରୟସ୍ଥଳୀର ସଦସ୍ୟ ଲୁଣ ଚିକିତ୍ସା ଦ୍ୱାରା ଶିଶୁକୁ ବଞ୍ଚାଇ ହେବ ବୋଲି ପରିବାର ଲୋକଙ୍କୁ ପରାମର୍ଶ ଦେଇଥିଲେ। ସେହି ଅନୁସାରେ ପ୍ରାୟ ୧୫ କିଲୋ ଲୁଣ ଆଣି ଶିଶୁର ମୃତଦେହକୁ ପୋତି ଉପଚାର କରାଯାଇଥିଲା। ହେଲେ କିଛି ସୁଫଳ ନ ମିଳିବାରୁ ଉକ୍ତ ବ୍ୟକ୍ତି ସେଠାରୁ ପଳାଇ ଯାଇଥିଲେ।

# ନାବାଳିକାଙ୍କ ମୃତଦେହକୁ ଛୁଇଁଲେନି ପରିବାର ଲୋକେ

## କାନ୍ଧ ଦେଲେ ପୋଲିସ କର୍ମଚାରୀ, ଜନପ୍ରତିନିଧି ଓ ଖବରଦାତା

କୋକସରା/ବେହେରା, ୧୮।୪ (ଡି.ଏନ୍.ଏ.)

ପ୍ରେମିକଙ୍କ ଘରେ ବିଷ ପିଇ ମୃତ୍ୟୁବରଣ କରିଥିବା ଜଣେ ନାବାଳିକାଙ୍କ ମୃତଦେହକୁ ପରିବାର ଲୋକେ ଛୁଇଁ ନ ଥିଲେ। ଗାଁଦାଣ୍ଡରେ ୧୬ଘଣ୍ଟା ମୃତଦେହ ପଡ଼ି ରହିବା ପରେ ମଙ୍ଗଳବାର ପୋଲିସ, ଜନପ୍ରତିନିଧି ଓ ଖବରଦାତାମାନେ କାନ୍ଧରେ ନାବାଳିକାଙ୍କ ମୃତଦେହ ବୋହି ନେଇ ମଶାଣିରେ ସତ୍କାର କରିଥିଲେ। ଏଭଳି ଘଟଣା ଘଟିଛି କଳାହାଣ୍ଡି ଜିଲା କୋକସରା ଥାନା ଅନ୍ତର୍ଗତ ବେହେରା ପଞ୍ଚାୟତ ନୂନପାଣି ଗ୍ରାମରେ। ଗ୍ରାମର ଜଣେ ଯୁବକ ସମୀର ପୂଝାରୀ (୨୧) ସେହି ଗ୍ରାମର ଜଣେ ନାବାଳିକାଙ୍କ ସହ ପ୍ରେମ ସମ୍ପର୍କ ରଖିଥିଲେ। ବିବାହ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖି ପ୍ରତାରଣା କରିଥିଲେ। ବାରମ୍ବାର ନାବାଳିକା ବିବାହ କରିବାକୁ କହିଥିଲେ। ହେଲେ ଯୁବକ କିଛି ଶୁଣି ନ ଥିଲେ। ବରଂ ବିଷପିଇ ମରିଯିବାକୁ କହିଥିଲେ। ମାନସିକ ଚାପରେ ନାବାଳିକା ଗତ ମାସ ୧୯ ତାରିଖରେ ସମୀରଙ୍କ ଘରକୁ ଯାଇ ସମସ୍ତଙ୍କ ଆଗରେ ବିଷ ପିଇଥିଲେ। ଗୁରୁତର ଅବସ୍ଥାରେ ନାବାଳିକାଙ୍କୁ ଉଦ୍ଧାର କରି ସମୀରଙ୍କ ବାପା ମାଆ ପ୍ରଥମେ ଧର୍ମଗଡ଼, ପରେ ଭବାନୀପାଟଣା ଏବଂ ଶେଷରେ ବୁର୍ଲା ହସ୍ପିଟାଲରେ ଭର୍ତ୍ତି କରିଥିଲେ। ହେଲେ ଚିକିତ୍ସାଧୀନ ଅବସ୍ଥାରେ ରବିବାର ପୂର୍ବାହ୍ନ ୧୧ଟାରେ ନାବାଳିକାଙ୍କ ମୃତ୍ୟୁ ହୋଇଥିଲା। ମୃତଦେହ ସୋମବାର ସନ୍ଧ୍ୟାରେ ଗାଁରେ ପହଞ୍ଚିବା ପରେ ନାବାଳିକାଙ୍କ ପରିବାର ଲୋକେ ମୃତଦେହ ନେବାକୁ ମନା କରିବା ସହ ସମୀରଙ୍କ ଘର ସମ୍ମୁଖରେ ରଖିଥିଲେ। ସମୀରଙ୍କୁ ଗିରଫ ଦାବିରେ ଅଡ଼ି ବସିଥିଲେ। ଖବରପାଇ କୋକସରା ପୋଲିସ ରାତିରେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ଝିଅ ଜାତିକୁଳ ବାହାରେ ଯାଇ ପ୍ରେମିକ ଘରେ ବିଷପାନ କରି ମୃତ୍ୟୁବରଣ କରିଛି। ତେଣୁ ନାବାଳିକାଙ୍କ ପରିବାରବର୍ଗ ମୃତଦେହ ଛୁଇଁବାକୁ ଅରାଜି ହୋଇଥିଲେ। ପୋଲିସ, ଖବରଦାତା, ଜନପ୍ରତିନିଧି ଯେତେ ବୁଝାଇବାକୁ ଚେଷ୍ଟା କଲେ ମଧ୍ୟ ସେମାନେ ଶୁଣି ନ ଥିଲେ। ଏପରିକି ସମୀରଙ୍କ ପରିବାର ଲୋକେ ମଧ୍ୟ ମୃତଦେହ ଉଠାଇ ନ ଥିଲେ। ମୃତଦେହ ଗାଁ ରାସ୍ତାରେ ପଡ଼ିରହିବା ପରେ କୌଣସି ଉପାୟ ନ ପାଇ କୋକସରା ଥାନା ଅଧିକାରୀ ପ୍ରସନ୍ନ ବେହେରା, ଏସ୍ଆଇ ହେମନ୍ତ ପାତ୍ର, ଦଣ୍ଡପାଟ ଅଞ୍ଚଳର ଖବରଦାତା, ସମିତି ସଭ୍ୟ କିଶୋର ଚନ୍ଦ୍ର ନାଗ, ବିଶିଷ୍ଟ ଆଦିବାସୀ ନେତା ଚିତ୍ତରଞ୍ଜନ ପୂଝାରୀ, ଭବେଶ ଗଇନ୍ତା ପ୍ରମୁଖ ନାବାଳିକାଙ୍କ ମୃତଦେହକୁ ସମ୍ମାନ ଦେଇ କାନ୍ଧ ଦେଇଥିଲେ। ନାବାଳିକାଙ୍କ ବାପାଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା (ନଂ.୧୨୧/୨୩) ରୁଜୁ କରିଛି। ଅଭିଯୁକ୍ତ ଯୁବକ ସମୀର ପୂଝାରୀଙ୍କୁ ପୋଲିସ ଗିରଫ କରିଛି।


## LEVEL-I TRANSPORT CONTRACTOR 2023-25
### NOTICE INVITING TENDER
**Office of District Manager**
**Odisha State Civil Supplies Corporation Ltd. (OSCSC)**
**Balasore (District), Phone:**

**No.CAD-204**
**Tender No.803** Dated:13.04.2023
**Cost of Tender Document: - Rs.11800/- Inclusive of GST.**
**Online Tenders are invited from eligible bidders for selection and appointment of level-I transport contractor for transportation of Wheat from Food Storage Depot (FSD), FCI to Rice Receiving Centre (RRC).**

| | | |
|---|---|---|
| 1 | Availability of tender documents | From Date 18.04.2023. Downloadable from website: www.oscsc.in, www.foododisha.in & www.tendersodisha.gov.in |
| 2 | Date, time and venue for pre-bid conference. | On dated 25.04.2023 at 10.00 AM Place: Office of the District Manager, OSCSC Ltd., Balasore |
| 3 | Last date and time for online submission of completed Tender Documents with enclosures | Through e-Procurement Portal: www.tendersodisha.gov.in Upto 5.00 PM of dt.03.05.2023 |
| 4 | Date, time and venue for opening of Technical Bid by the Tender Committee | On dated 04.05.2023 at 10.00 AM Place: Office of the District Manager, OSCSC Ltd., Balasore |
| 5 | Date, time and venue of submission of original documents in support of scanned copies uploaded in the portal for Verification. | On dated 06.05.2023 at 10.00 AM Place: M.G. Planning Conference Hall, Collectorate, Balasore |
| 6 | Date & time of Financial Bid opening by the Tender Committee (Only of Technically Qualified Bidders) | To be announced after technical bid evaluation. |
| 7 | Venue of the opening of Technical & Financial Bids | M.G. Planning Conference Hall, Collectorate, Balasore |
| 8 | Validity Period | Tenders are to remain open for acceptance for 45 days inclusive of date of opening of tender. Note: - The Managing Director, OSCSC Ltd., Bhubaneswar may at his discretion extend this day by 15 (fifteen) days and such extension shall be binding on the bidders. |
| 9 | Language of the Tender | The tender should be prepared by the bidder in English language only. |
| 10 | Help Desk telephone No. | (i) OSCSC Ltd.:- District Manager:-No.9668180241 Account Head. No.7326933673 (ii) State Procurement Cell:-0674-2530998/18003456765 |

N.B: 1. If the office happens to be closed on the date of opening of tenders, tenders will be opened on the next working day in the same time. 2. District Tender Committee reserves the right to cancel any/ all of the tenders at any time without assigning any reason thereof. 3. Further details can be obtained in the website www.tendersodisha.gov.in.4. The bidder must deposit Tender Document Fee and EMD at the time of submission of tender through online payment gate way service. 5. Any amendment/ cancellation/ re-tender/ corrigendum please refer to the website www.tendersodisha.gov.in, www.oscsc.in & www.foododisha.in.

**Sd./- District Manager,**
**OSCSC Ltd., Balasore**

OIPR-07018/11/0004/2324

## ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.oshb.org

ପତ୍ର ସଂଖ୍ୟା: ୯୪ ତା:୧୭।୦୪।୨୦୨୩

### ବିଜ୍ଞାପନ

No. CAD-215: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଭୁବନେଶ୍ୱର ରୁଚିକା ବଜାର, ବରମୁଣ୍ଡା ଗୃହ ନିର୍ମାଣ ପ୍ରକଳ୍ପରେ ଦୋକାନ ଗୃହ ନଂ. ସି–୩ (C-3) (୧) ପ୍ରମିଳା ନାୟକ, ସ୍ୱାମୀ: ୰ଗିରିଶ ଚନ୍ଦ୍ର ନାୟକ, (୨) ଶ୍ରୀମତୀ ଜ୍ୟୋତିବାଳା ନାୟକ, ପିତା: ୰ଗିରିଶ ଚନ୍ଦ୍ର ନାୟକ, ସ୍ୱାମୀ: ଦୀନବନ୍ଧୁ ନାୟକ, (୩) ଶ୍ରୀମତୀ ବିନୋଦିନୀ ନାୟକ, ପିତା: ୰ଗିରିଶ ଚନ୍ଦ୍ର ନାୟକ, ସ୍ୱାମୀ: ରତିକାନ୍ତ ନାୟକ, (୪) ଶ୍ରୀମତୀ ଗିରିବାଳା ବେହେରା, ପିତା: ୰ଗିରିଶ ଚନ୍ଦ୍ର ନାୟକ, ସ୍ୱାମୀ: ପ୍ରଶାନ୍ତ କୁମାର ବେହେରା, (୫) ଅଶେଷ ଚନ୍ଦ୍ର ନାୟକ, ପିତା: ୰ଗିରିଶ ଚନ୍ଦ୍ର ନାୟକ, ସା/ପୋ.: ମହରମପୁର, ଥାନା: ତିହିଡ଼ି, ଜିଲ୍ଲା: ଭଦ୍ରକଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା (୧) ପ୍ରମିଳା ନାୟକ, (୨) ଶ୍ରୀମତୀ ଜ୍ୟୋତିବାଳା ନାୟକ, (୩) ଶ୍ରୀମତୀ ବିନୋଦିନୀ ନାୟକ, (୪) ଶ୍ରୀମତୀ ଗିରିବାଳା ବେହେରା, (୫) ଅଶେଷ ଚନ୍ଦ୍ର ନାୟକ ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀ ଦେବାଶିଷ ସାହୁ, ପିତା: ୰ରାଧାନାଥ ସାହୁ, ସା: ମେନରୋଡ଼, ଫୁଲବାଣୀ, ପୋ: ଫୁଲବାଣୀ ଟାଉନ, ଥାନା: ଫୁଲବାଣୀ, ଜିଲ୍ଲା: କନ୍ଧମାଳଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।

ସ୍ୱା./– ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR-13030/11/0028/2324

## GOVERNMENT OF ODISHA
## OFFICE OF THE SUPERINTENDING ENGINEER
**AUL EMBANKMENT DIVISION, AUL, Dist: Kendrapara, Odisha - 754219,**
**Tel/Fax: 06729-295188, Mail id:- aulembankment@gmail.com**
**'e' Procurement Notice No.AED-01 OF 2023-24**

**No.A-44:**1. No. of the work : 29 nos. of different flood control & Road works. 2. Tender Cost : Varies from Rs.12,52,513.00 to Rs.41,86,395.00. 3. Bid Document Cost : Rs.6000.00. 4. Bid Security : Varies from 12,600.00 to Rs.41,900.00. 5. Class of Contractor : D, C & B Class (As applicable). 6. Period of Completion : Six calendar months. 7. Other details are as follows.

| Procurement Officer | Bid Identification No. | Availability of Tender Online for bidding | | Date of Opening of Bid |
|---|---|---|---|---|
| | | From | To | |
| Superintending Engineer, Aul Embankment Division, Aul | AUL 01 of 2023-24 to AUL 29 of 2023-24 (29 Nos. of works) | 20.04.2023 10.00 A.M. | 29.04.2023 5.00 P.M. | 01.05.2023 11.00 A.M. |

8. e-mail id: aulembankment@gmail.com. 9. If required lottery may be held on Dt.06.05.2023 at 10.00 AM. Further detail conditions can be seen from the Govt. website www.tendersodisha.gov.in.

**Sd./-Superintending Engineer, Aul Embankment Division, Aul**
**OIPR-32004/11/0001/2324**

## GOVERNMENT OF ODISHA
## e-Procurement Notice
## Angul Municipality Office, Angul
**Bid Identification No.- EO/AGLM-02/ 2023-24**
**e-mail ID- angulmunicipality@gmail.com**
**No.C-117:** **No.1115, Date:18.04.2023**

1. Number of Works : 1 (One) Number (Flexible pavement Road) work
2. Approximate estimated cost (put to tender) : Rs.115.32 Lakhs
3. Period of completion : 02 (Two) calendar months
4. Date & Time of availability of bid document in the portal : Dt. 19.04.2023 at 10.00 A.M.
5. Last date / Time for receipt of bid in the portal : Dt. 03.05.2023 upto 5.00 P.M.
6. Date of opening (Technical Bid) : Dt. 04.05.2023 at 11.00 A.M.
7. Name and address of the Office Inviting Bid : Executive Officer, Angul Municipality, Angul
8. The bidders have to participate in ONLINE bidding only. Further details can be seen from the e-procurement portal https:/tendersodisha.gov.in.

**Sd./- G.S. Mallick**
**Executive Officer, Angul Municipality**
**OIPR-13085/11/0003/2324**

## GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER
## RURAL WORKS CIRCLE: SUNDARGARH
**AT/PO-SANKARA, SUNDARGARH-770020, E-mail address-serw_sundargarh@yahoo.com**
**No. Tender Online - RWCCESNG - 03 of 2023-24, Letter No.895 /Dtd.15.04.2023**
## e-Procurement NOTICE

**No.O-59:**1. Type of the Work: Road With Bridge (OMBADC). 2. Class of Contractor: As specified in the column-6 of the Annexure. 3. Time of Completion: As specified in the column-5 of the Annexure. 4. Detail Projects: As per Annexure attached. 5. Estimated Cost : As specified in the column-4 of the Annexure.6. Other details:

| Procurement Officer | Bid Identification No. | Availability of Tender online for bidding | | Last date & Time of Seeking Tender Clarification | Date & Time of Opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sundargarh | RWCCESNG-03 of 2023-24 | 26.04.2023 11.00 AM | 16.05.2023 5.00 PM | 15.05.2023 5.00 PM | 17.05.2023 11.00 AM | Will be intimated separately |

Further details can be seen from the website www.tendersodisha.gov.in.

**Sd./- Chief Construction Engineer**
**Rural Works Circle, Sundargarh**

**OIPR-25133/11/0006/2324**

## ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା
(ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)
ପରିବେଶ ଭବନ, ଏ/୧୧୮, ନୀଳକଣ୍ଠ ନଗର, ୟୁନିଟ୍ – ୮, ଭୁବନେଶ୍ୱର – ୭୫୧୦୧୨

ସଂଖ୍ୟା: 6147 IND-II-PH-1043 ତାରିଖ: ୧୫।୦୪।୨୦୨୩

### ବିଜ୍ଞାପନ

No. CAD-197: ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ମେସର୍ସ ନର୍ଭେରମ ପାୱାର ଏବଂ ଷ୍ଟିଲ୍ ପ୍ରାଇଭେଟ ଲିମିଟେଡ୍, ଓଡ଼ିଶାର କେନ୍ଦୁଝର ଜିଲ୍ଲା ବଡ଼ବିଲ ତହସିଲ ଅନ୍ତର୍ଗତ ତନ୍ତୋଗ୍ରାମର ବାର୍ଷିକ ୨.୪ ମିଲିୟନ ଟନ (୨ × ୧.୨ ବାର୍ଷିକ ମିଲିୟନ ଟନ) ଲୌହ ପେଲେଟ ପ୍ରକଳ୍ପ ଏବଂ ଘଣ୍ଟା ପ୍ରତି ୫ × ୬୫୦୦ ନର୍ମାଲ ଘନମିଟର ପ୍ରଡ୍ୟୁସର ଗ୍ୟାସ ପ୍ରକଳ୍ପ ପ୍ରତିଷ୍ଠା ନିମନ୍ତେ ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ପାଇଁ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ (MoEF&CC, Govt. of India) ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ନିମନ୍ତେ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଆବେଦନ କରିଛନ୍ତି।

ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩(ଇ), ତା୧୪।୦୯।୨୦୦୬ରିଖ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି। ଏଥିନିମନ୍ତେ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁଁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁଁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁଁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତି ପତ୍ର ଆହ୍ୱାନ କରୁଛନ୍ତି। ଏଥିନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:

(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେକୌଣସି ବ୍ୟକ୍ତି।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତି ବିଶେଷ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା/ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣ–ପଞ୍ଜୀକୃତ) ଯେ କୌଣସି ବ୍ୟକ୍ତି ସମୂହଙ୍କ ସଂଘ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେ କୌଣସି ସ୍ଥାନୀୟ କର୍ତ୍ତୃପକ୍ଷ।

ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକଯୋଗେ ଜଣାଇପାରିବେ। ଏହାଛଡ଼ା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ ତା୨୪।୦୫।୨୦୨୩ରିଖ ଦିବା ୧୧.୦୦ ଘଟିକା ସମୟରେ କେନ୍ଦୁଝର ଜିଲ୍ଲା, ବଡ଼ବିଲ ତହସିଲ ଅନ୍ତର୍ଗତ ତନ୍ତୋ ମୌଜା: (ଖାତା ନଂ. ୬୭, ପ୍ଲଟ ନଂ. ୨୧୦/୩୩୧, ପ୍ରସ୍ତାବିତ ଏ୧.୯୨୦ ଅଞ୍ଚଳ, କିସମ: ପତିତ (ଆବାଦଯୋଗ୍ୟ ଅନାବାଦୀ)ଠାରେ ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ ଉପସ୍ଥାପନ କରିପାରିବେ।

ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ୍ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ।

୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କେନ୍ଦୁଝର।
୨. ଜିଲ୍ଲା ଶିଳ୍ପକେନ୍ଦ୍ର, କେନ୍ଦୁଝର।
୩. ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ, କେନ୍ଦୁଝର।
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠ ନଗର, ଭୁବନେଶ୍ୱର – ୭୫୧୦୧୨।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, କେନ୍ଦୁଝର।
୬. ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର।

ଏତଦ୍ ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ୱେବସାଇଟ୍ **www.ospcboard.org**ରୁ ମଧ ମିଳିପାରିବ।

ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, କେନ୍ଦୁଝରସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ।

ସ୍ୱା./– ସଦସ୍ୟ ସଚିବ

OSPCB-PH-MISC-0043-2023/01/2023 OIPR-08012/11/0009/2324

## BHUBANESWAR DEVELOPMENT AUTHORITY
**AKASH SHOVA BUILDING, SACHIVALAYA MARG, BHUBANESWAR - 751001**
**PABX No. 0674-2392801/0998/6437, FAX No. 0674-2390633/085**
**Visit us at: http://www.bda.gov.in/**
## INVITATION FOR BIDS
**Bid Identification No. 400/EM** **Date: 17.04.2023**

No. CAD-218: Engineer Member, BDA on behalf of Bhubaneswar Development Authority, Bhubaneswar invites percentage rate bids in Double Cover System in ONLINE MODE from eligible contractors for civil Works as mentioned below.

1. Nature of work : Road Work
2. Total No. of work : 01 (One) No.
3. Amount put to tender : Rs.224.71 lakh (Approx.)
4. Class of Contractor : 'A' Class & 'B' Class
5. Period of Completion : 06 (Six) Calendar Months
6. Cost of Bid documents : Rs.10,000.00 + 18% GST = Rs.11,800.00
7. Earnest Money Deposit (EMD): Rs.2,24,715.00
8. Availability of Tender : From 21.04.2023 to 5.00 P.M. of 05.05.2023 in the website
9. Date & time of opening of tender : Dt.10.05.2023 at 11.30 A.M.
10. Place of opening of tender : O/o. The Engineer Member, BDA

Further details can be seen from the website: **https://tendersodisha.gov.in.** Any addendum/corrigendum/cancellation of tender can also be seen in the said website.

**Sd./- Engineer Member, BDA, Bhubaneswar**
**OIPR-13033/11/0027/2324**

## Government of Odisha
## Sports & Youth Services Department
**Kalinga Stadium, Bhubaneswar-751012**
**Email ID: deptsportsodisha@gmail.com**
**SYS-CBII-CC-0009-2023-8901, April 18, 2023**
## NOTICE

No. TT-03:- Sports & Youth Services Department, Odisha Requests for Proposals (RFP), under sealed covers from firms for providing catering services during the different competitions organized by the Government at Birsa Munda International Hockey Stadium, Rourkela. The detailed RFP document is available for downloading on the website of the Department, i.e. https://.sportsodisha.gov.in/tender. The proposal to be submitted with a non-refundable bid processing fee of ₹ 5,000/- (Five thousand rupees) only, in shape of Bank Draft drawn in favour of the DDO-cum-Under Secretary, Sports & Youth Services Department, Odisha, payable at Bhubaneswar. Prospective applicants may note the important dates as follows.

| | | |
|---|---|---|
| 1 | Submission of bid-document in the drop box in room No. W-319, West Stand, Hockey Stadium, Kalinga Stadium Sports Complex | April 26, 2023 by 3 PM |
| 2 | Pre-bid meeting | April 21, 2023, 4 PM |
| 3 | Submission of queries, by e-mail (tender.sportsdepartment@gmail.com) for discussion in the pre-bid meeting | April 21, 2023, 11 AM |
| 4 | Issue of responses to pre-bid queries/ addendum/ corrigendum | April 22, 2023 |
| 5 | Opening of Technical Bid | April 26, 5 PM |
| 6 | Opening of Financial Bids | Will be communicated to the qualified bidders |

OIPR-29001/11/0003/2324 **Sd/- Joint Secretary**

## OFFICE OF THE
## SPECIAL PLANNING AUTHORITY, BALANGIR
**AT- TOWN PLANNING UNIT, RAJENDRA COLLEGE SQUARE, BALANGIR**
**No140/BSPA** **Dt.22.03.2023**
## Notification

No. C-101:- In exercise of powers conferred by the Sub-Section (1) of section 31 of the Odisha Town Planning and Improvement Trust Act , 1956 (Odisha Act 10 of 1957) in the Special Planning Authority, Balangir do hereby notify for the information of general public that a GIS/RS based Master Plan for Balangir has been duly prepared comprising 27 revenue villages as mentioned in the schedule below over which Act extension has been made by the Government in Housing & Urban Development Department.

The Plans report and zoning regulations in respect of the above Master Plan for Balangir can be inspected in office of the Special Planning Authority , Balangir on any working day during office hours.

Any objections and suggestions in respect of the said Master Plan proposals including the report and the zoning regulations , may be submitted to Special Planning Authority, Balangir at Town Planning Unit, Balangir in duplicate , within the sixty days period with effect from publication of this notification in the Odisha Gazette.

Hereafter, from the date of the publication of this notification no person private or public authorities and Departments of the Governments shall erect or proceed with the construction of any building structure or work or enter into carry-out a contract in respect of any land within the area included in the Master Plan , unless he has applied for and obtained permission from the Municipality / Special Planning Authority , as required under Sub-Section (3) of Section 31 of the said Act.

Further , hereafter, all Subdivision layouts intended for parceling out and selling of smaller plots , with adequate provision of roads and open spaces , it is obligatory of the land owners to take prior approval of the Authority concerned i.e. Municipality/Special Planning Authority.

And development which shall be made in any land, without permission of the Special Planning Authority/Municipality, Balangir and which is contrary to the Master Plan shall not be taken into account in awarding compensation , in the event of the land being acquired subsequently under the provision of the Odisha Town Planning & Improvement Trust Act, 1956 for implementation of detailed schemes taking up construction without permission shall be punishable under Section 152 of the said Act.

### List of Revenue Villages under Balangir Master Plan Area

| Sl. No. | Name of Revenue Mouza | Thana No. | Name of Concerned Municipality/ Grampanchayat |
|---|---|---|---|
| 1 | Bakangir 'KA' | 152 | Balangir Municipality |
| 2 | Bakangir 'KHA' | 151 | |
| 3 | Balangir 'GA' | 154 | |
| 4 | Salepali | 149 | |
| 5 | Bijakhaman | 150 | |
| 6 | Bishnumunda | 148 | |
| 7 | Larkipali | 153 | |
| 8 | Kadalimunda R.F. | | |
| 9 | Puintala | 203 | Puintala Gram Panchayat |
| 10 | Sadeipali | 160 | Sadeipali Gram Panchayat |
| 11 | Podapali | 144 | Bhaler Gram Panchayat |
| 12 | Gandhrel | 156 | Sadeipali Gram Panchayat |
| 13 | Talpali | 155 | Sadeipali Gram Panchayat |
| 14 | Lakhapaii | 147 | Puintala Gram Panchayat |
| 15 | Barkani | | Mirdhapali Gram Panchayat |
| 16 | Madhiapali | | Madhiapali Gram Panchayat |
| 17 | Dumerpali | | Madhiapali Gram Panchayat |
| 18 | Gaintala | | Gaintala Gram Panchayat |
| 19 | Bagbhadi | | Khujenpali Gram Panchayat |
| 20 | Kalsaipali | | Khujenpali Gram Panchayat |
| 21 | Khujenpali | | Khujenpali Gram Panchayat |
| 22 | Malamunda | | Malamunda Gram Panchayat |
| 23 | Birmunda | | Madhiapali Gram Panchayat |
| 24 | Rinbachan | | Madhiapali Gram Panchayat |
| 25 | Pakhanchepa | | Sadeipali Gram Panchayat |
| 26 | Dhumamara | | Sadeipali Gram Panchayat |
| 27 | Khamarmunda | | Chhatamakhana Gram Panchayat |

**BOUNDED BY**
NORTH : Jamsar -179, Belbahali-193, Bakshudar-164, Dhubaudar-165, Sikabhenga-199
SOUTH : Banda R.F, Kharlikani-111, Drapita-132, Dabkani-133, Kurul-140
EAST : Randa-214, Gadtiamunda-220, Kurlupali-221, Brahminpali-146, Bhaler-145
WEST : Phulijharan-157, Banda R.F., Chandali R.F., Badighor-168

**Sd./- Special Planning Authority Balangir** **Sd./- Collector-cum-Chairman, SPA, Balangir**

OIPR-13045/11/0001/2324

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଭେଙ୍କଟରାମ ବୈଷୟିକ ନିର୍ଦ୍ଦେଶକ

## ଓସିଏ ଏକାଡେମୀ



**ଭୁବନେଶ୍ୱର, ୧୮।୪ (କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା କ୍ରିକେଟ ଏକାଡେମୀର ନୂଆ ବୈଷୟିକ ନିର୍ଦ୍ଦେଶକ ଭାବେ ନିଯୁକ୍ତ ହୋଇଛନ୍ତି ଭି. ଭେଙ୍କଟରାମ। ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ)ର କ୍ରିକେଟ ଆଡ୍‌ଭାଇଜରି କମିଟି (ସିଏସି) ଭେଙ୍କଟରାମଙ୍କୁ ଏହି ନିଯୁକ୍ତି ଦେଇଛି। ସେ ନିଜ କ୍ରିକେଟ କ୍ୟାରିୟରରେ ୭୧ଟି ପ୍ରଥମଶ୍ରେଣୀ ମ୍ୟାଚ ଖେଳି ୨୨୨ଟି ଉଇକେଟ ନେଇଛନ୍ତି। ସେ ୬ ବର୍ଷ ଧରି ବିହାର ରଣଜୀ ଦଳର ଅଧିନାୟକ ଥିଲେ। ଭେଙ୍କଟରାମ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଜଣେ ଲେଭଲ-୩ କୋଚ୍। ସେ ଦୀର୍ଘ ୫ ବର୍ଷ ଧରି ଜାତୀୟ କ୍ରିକେଟ ଏକାଡେମୀରେ କୋଚ୍ ଏବଂ ଏଜୁକେଟର ଦାୟିତ୍ୱ ତୁଲାଇଛନ୍ତି। ଝାଡ଼ଖଣ୍ଡ, ତ୍ରିପୁରା ଓ ଆସାମ ସିନିୟର ପୁରୁଷ ଦଳର ମୁଖ୍ୟ କୋଚ୍ ଦାୟିତ୍ୱ ତୁଲାଇବାର ଅଭିଜ୍ଞତା ମଧ୍ୟ ରଖିଛନ୍ତି। ସେ ଉତ୍ତରାଖଣ୍ଡ ୨୩ ବର୍ଷରୁ କମ୍ କ୍ରିକେଟ ଦଳର କୋଚ୍ ଏବଂ ଆସାମ କ୍ରିକେଟ ଏକାଡେମୀର ନିର୍ଦ୍ଦେଶକ ମଧ୍ୟ ଥିଲେ। ଓଡ଼ିଶା କ୍ରିକେଟ ଏକାଡେମୀର ବୈଷୟିକ ନିର୍ଦ୍ଦେଶକ ନିଯୁକ୍ତ ହୋଇଥିବାରୁ ସେ ଓସିଏର ଭିଜନ ୨୦୨୪ରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇବେ ବୋଲି ଆଶା କରାଯାଉଛି।

# ଜ୍ୟୋତି ବିଶ୍ୱ ରେକର୍ଡ ସମକକ୍ଷ

**ଆଣ୍ଟାଲ୍ୟା, ୧୮।୪ (ପି.ଟି.):** ଭାରତର ଷ୍ଟାର ମହିଳା କମ୍ପାଉଣ୍ଡ ତୀରନ୍ଦାଜ ଜ୍ୟୋତି ସୁରେଖା ଭେନମ ରେକର୍ଡ କ୍ୱାଲିଫାଇଂ ସ୍କୋର ୭୧୩ ପଏଣ୍ଟ ସହ ସିଜନ ଓପନିଂ ବିଶ୍ୱକପ୍ ଷ୍ଟେଜ-୧ ଲିଡରବୋର୍ଡରେ ଶୀର୍ଷରେ ରହିଛନ୍ତି। ଜ୍ୟୋତିଙ୍କ ବିଶ୍ୱରେକର୍ଡ ସମକକ୍ଷ ସ୍କୋର ବଳରେ ଭାରତୀୟ ମହିଳା ଦଳକୁ ମେକ୍ସିକୋ ଆଗରେ ଟପ୍ ସିଡ୍ ମାନ୍ୟତା ମିଳିଛି। ଏହି ଦୁଇଟି ଦଳ ପ୍ରଥମ ରାଉଣ୍ଡ ବାଏ ପାଇଥିବାରୁ କ୍ୱାର୍ଟରରୁ ସେମାନଙ୍କ ଅଭିଯାନ ଆରମ୍ଭ କରିବେ। ୨୦୨୧ ବିଶ୍ୱ ଚାମ୍ପିୟନଶିପ୍ ରୌପ୍ୟ ବିଜେତା ଆରୋ ଅନ୍ ଟାର୍ଗେଟ୍‌ରେ ୭୨ଟି ଶଟ୍ ମଧ୍ୟରୁ ୬୬ଟିରେ ଲକ୍ଷ୍ୟ ଭେଦ କରିବାରେ ସଫଳ ରହିଥିଲା। ସାରା ଲୋପେଜ୍ ୨୦୧୫ କଲମ୍ବିଆନ ନ୍ୟାଶନାଲ ସିଲେକ୍ସନ୍ସବେଳେ ସମାନ ସ୍କୋର କରି ବିଶ୍ୱ ରେକର୍ଡ କରିଥିଲେ। ତେଲେଙ୍ଗାନାର ଏହି ତୀରନ୍ଦାଜ ପ୍ରଥମ ୬ ରାଉଣ୍ଡରେ ସେ ୩୫୩ ସ୍କୋର କରିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ସେ ବ୍ୟାକ୍ ଏଣ୍ଡ୍‌ରେ ୩୬୦ରୁ ୩୬୦ ଶଟ୍ କରି ୬ ବର୍ଷ ତଳରୁ ଏସିଆନ ରେକର୍ଡ ଭଙ୍ଗ କରିଥିଲେ। ପୂର୍ବରୁ କମ୍ପାଉଣ୍ଡ ମହିଳା ବିଭାଗ କ୍ୱାଲିଫାଇଂ ସ୍କୋର ଏସିଆନ ରେକର୍ଡ କୋରିଆ ତୀରନ୍ଦାଜ ସୋ ଚାଏଓନ୍‌ଙ୍କ ନାମରେ ରହିଥିଲା, ଯିଏକି ୨୦୧୭ରେ ଢାକାରେ ଅନୁଷ୍ଠିତ ଏସିଆନ ଚାମ୍ପିୟନଶିପ୍‌ରେ ୭୦୯ ଶଟ୍ ସ୍କୋର କରିଥିଲେ।

# କୋହଲିଙ୍କ ମ୍ୟାଚ୍ ଫି'ର ୧୦ ପ୍ରତିଶତ କଟିଲା

**ବେଙ୍ଗାଲୁରୁ, ୧୮।୪ (ପି.ଟି.)**

ଆଇପିଏଲ୍ ଫ୍ରାଞ୍ଚାଇଜି ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି) ଖେଳାଳି ବିରାଟ କୋହଲିଙ୍କ ୧୦ ପ୍ରତିଶତ ମ୍ୟାଚ୍ ଫି' କଟାଯାଇଛି। ଆଚରଣବିଧି ଉଲ୍ଲଂଘନ କାରଣରୁ ଏଭଳି ନିଷ୍ପତ୍ତି ନିଆଯାଇଛି। ଚିନ୍ନାସ୍ୱାମୀ ଷ୍ଟାଡିୟମରେ ସୋମବାର ଚେନ୍ନାଇ ସୁପରକିଙ୍ଗ୍ସ ବିପକ୍ଷ ମ୍ୟାଚରେ ଏକ ଉଇକେଟ ପତନ ପରେ କୋହଲିଙ୍କ ୱାଇଲ୍ଡ ସେଲିବ୍ରେଶନ ପାଇଁ ଦଣ୍ଡିତ କରାଯାଇଛି। କୋହଲି ଆର୍ଟିକିଲ୍ ୨.୨ର ନିୟମ ଉଲ୍ଲଂଘନ କରିଥିବା ବେଳେ ତାଙ୍କ ବିରୋଧରେ ଲେଭଲ-୧ ଅଫେନ୍ସ ଲାଗୁ କରାଯାଇଥିଲା। କୋହଲି ଦୋଷ ସ୍ୱୀକାର କରିଥିବା ବେଳେ ମ୍ୟାଚ୍ ରେଫରି ତାଙ୍କ ଫି'ର ୧୦ ପ୍ରତିଶତ କାଟିବାକୁ ନିଷ୍ପତ୍ତି ନେଇଥିଲେ।

ଉଲ୍ଲେଖଯୋଗ୍ୟ ଯେ ସୋମବାରର ସଦର୍ନ ଡର୍ବିରେ ଚେନ୍ନାଇ ସୁପରକିଙ୍ଗ୍ସ ପ୍ରଥମେ ବ୍ୟାଟିଂ କରି ୬ ଉଇକେଟ ହରାଇ ୨୨୬ ରନ୍ କରିଥିବା ବେଳେ ଆରସିବି ବିଜୟରୁ ୮ ରନ୍ ଦୂରରେ ରହିଥିଲା। ଚେନ୍ନାଇର ମଧ୍ୟକ୍ରମ ବ୍ୟାଟର ଶିବମ୍ ଦୁବେ ଆକ୍ରମଣାତ୍ମକ ବ୍ୟାଟିଂ କରି ୨୭ ବଲ୍‌ରୁ ୫୨ ରନ୍ କରିଥିଲେ। ୱେନ୍ ପାର୍ନେଲଙ୍କ ବଲ୍‌ରେ ଦୁବେ ଆଉଟ ହୋଇଥିବା ବେଳେ କୋହଲି ଅତ୍ୟନ୍ତ ଉତ୍ତେଜିତ ସେଲିବ୍ରେଶନ୍ କରିଥିଲେ।

# ଲକ୍ଷ୍ନୌ ସମ୍ମୁଖରେ ରୟାଲ୍ସ ଚ୍ୟାଲେଞ୍ଜ

**ମେଲବୋର୍ନ, ୧୮।୪ (ପି.ଟି.):** ଆଇପିଏଲ୍‌ରେ ବୁଧବାର ଜୟପୁରର ସୱାଇ ମାନସିଂହ କ୍ରିକେଟ ଷ୍ଟାଡିୟମରେ ରାଜସ୍ଥାନ ରୟାଲ୍ସ ଓ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ମଧ୍ୟରେ ମ୍ୟାଚ୍ ଖେଳାଯିବ। ଅସ୍ଥିର ପ୍ରଦର୍ଶନ ଦେଇ ଆସିଥିବା ଏଲ୍‌ଏସ୍‌ଜି ସମ୍ମୁଖରେ ଟେବୁଲ ଶୀର୍ଷରେ ରହିଥିବା ରାଜସ୍ଥାନ ରୟାଲ୍ସର ଚ୍ୟାଲେଞ୍ଜ ରହିବ। ଉଭୟ ଦଳ ୫ଟି ଲେଖାଏ ମ୍ୟାଚ ଖେଳିଥିବା ବେଳେ ରାଜସ୍ଥାନ ଗୋଟିଏ ଓ ଲକ୍ଷ୍ନୌ ଦୁଇଟି ମ୍ୟାଚରେ ପରାଜିତ ହୋଇଛି। ସୱାଇ ମାନସିଂହ ଷ୍ଟାଡିୟମରେ ପେସ୍ ବୋଲରଙ୍କୁ ଅତିରିକ୍ତ ସହାୟତା ମିଳିବା ସମ୍ଭବନା ରହିଛି।

# ମୁମ୍ବାଇର କ୍ରମାଗତ ତୃତୀୟ ବିଜୟ



ପ୍ଲେୟର ଅଫ୍ ଦି ମ୍ୟାଚ୍ କାମେରନ ଗ୍ରୀନ୍

**ହାଇଦ୍ରାବାଦ, ୧୮।୪**

ଆଇପିଏଲ୍‌ର ମହଙ୍ଗା ଖେଳାଳି କାମେରନ୍ ଗ୍ରୀନ୍‌ଙ୍କ ଅଲରାଉଣ୍ଡ ସଫଳତା (୬୪* ରନ୍, ୧ ଉଇକେଟ) ବଳରେ ମୁମ୍ବାଇ ଇଣ୍ଡିଆନ୍ସ ମଙ୍ଗଳବାର ଅନୁଷ୍ଠିତ ଇଣ୍ଡିଆନ ପ୍ରିମିୟର ଲିଗ୍ ମ୍ୟାଚରେ ସନରାଇଜର୍ସ ହାଇଦ୍ରାବାଦକୁ ୧୪ ରନ୍‌ରେ ପରାସ୍ତ କରିଛି। ୫ମ ମ୍ୟାଚରୁ ତୃତୀୟ ବିଜୟ ସହିତ ପଏଣ୍ଟ ଟେବୁଲର ଷଷ୍ଠ ସ୍ଥାନକୁ ଉନ୍ନୀତ ହୋଇଛି ମୁମ୍ବାଇ। ରାଜୀବ ଗାନ୍ଧୀ ଇଣ୍ଟରନ୍ୟାଶନାଲ ଷ୍ଟାଡିୟମରେ ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ମୁମ୍ବାଇ ୨୦ ଓଭରରେ ୫ ଉଇକେଟ ହରାଇ ୧୯୨ ରନ୍ କରିଥିଲା। ଜବାବରେ ସନରାଇଜର୍ସ ୨୦ ଓଭରରେ ସମସ୍ତ ଉଇକେଟ ହରାଇ ୧୭୮ ରନ୍‌ରେ ସୀମିତ ରହିଥିଲା। ତିଲକ ବର୍ମାଙ୍କ ସ୍ଥାନରେ ରିଲି ମେରେଡିଥ୍ ଓ ଟି ନଟରାଜନଙ୍କ ସ୍ଥାନରେ ଅବଦୁଲ ସମଦ ଇମ୍ପାକ୍ଟ ସବ୍‌ଷ୍ଟିଚ୍ୟୁଟ୍ ଭାବରେ ଆସିଥିଲେ।

ମୁମ୍ବାଇ ଇଣ୍ଡିଆନ୍ସର ଦୁଇ ଓପନର ରୋହିତ ଶର୍ମା (୨୮ ରନ୍) ଓ ଇଶାନ କିଶନ (୩୮ ରନ୍) ପ୍ରଥମ ଉଇକେଟରେ ୪୧ ରନ୍ ଯୋଡିଥିଲେ। ୨୩୨ ତମ ମ୍ୟାଚ ଖେଳୁଥିବା ରୋହିତ ଶର୍ମା ଆଇପିଏଲ୍‌ରେ ୬ ହଜାର ରନ୍ ପୂରଣ କରିଛନ୍ତି। ୪ ମ୍ୟାଚ୍ ଧରି କାମେରନ୍ ଗ୍ରୀନ୍‌ଙ୍କ ବ୍ୟାଟ ନୀରବ ରହିଥିବା ବେଳେ ହାଇଦ୍ରାବାଦ ବିପକ୍ଷରେ ସମ୍ପୂର୍ଣ୍ଣ ଲୟରେ ନଜର ଆସିଥିଲେ। କିଶନଙ୍କ ସହିତ ଗ୍ରୀନ୍ ୪୬ ରନ୍‌ର ଭାଗୀଦାରି କରିଥିଲେ। କିଶନ ଓ ସୂର୍ଯ୍ୟକୁମାର ଯାଦବ ମାତ୍ର ୪ ବଲ୍ ବ୍ୟବଧାନରେ ଆଉଟ ହେବା ସହିତ ମୁମ୍ବାଇ ସଙ୍କଟରେ ପଡିଥିଲା। ଇନଫର୍ମ ବ୍ୟାଟର ତିଲକ ବର୍ମା ପୁନର୍ବାର ଏକ ଚମତ୍କାର ଇନିଂସ ଖେଳିଥିଲେ। ବର୍ମା ମାତ୍ର ୧୭ ବଲ୍ ଖେଳି ୩୭ ରନ୍ କରିଥିଲେ। ଏହି ଇନିଂସରେ ୨ ଚୌକା ଓ ୪ ଛକା ସାମିଲ ଥିଲା। ୧୭ ତମ ଓଭରରେ ଆଉଟ ହେବା ପୂର୍ବରୁ ଗ୍ରୀନ୍‌ଙ୍କ ସହିତ ମିଶି ସେ ୨୮ ବଲ୍‌ରୁ ୫୬ ରନ୍ ଯୋଡିଥିଲେ। ଶେଷ ଆଡକୁ ଟିମ୍ ଡାଭିଡ୍ ୧୬ ରନ୍ କରିଥିଲେ। ଶେଷ ଯାଏ ଅପରାଜିତ ରହିଥିବା ଗ୍ରୀନ୍ ୪୦ ବଲ୍ ଖେଳି ୬୪ ରନ୍ ସ୍କୋର କରିଥିଲେ। ଏହା ମଧ୍ୟରେ ୬ ଚୌକା ଓ ୨ ଛକା ସାମିଲ ଥିଲା। ସନରାଇଜର୍ସ ପକ୍ଷରୁ ମାର୍କୋ ଜାନସେନ୍ ୨ ଉଇକେଟ ନେଇଥିଲେ। ୧୯୩ ରନ୍ ଲକ୍ଷ୍ୟର ପିଛା କରୁଥିବା ସନରାଇଜର୍ସ ନିୟମିତ ବ୍ୟବଧାନରେ ଉଇକେଟ ହରାଇଥିଲା। ୨୫ ରନ୍‌ରେ ୨ ଓ ୭୨ ରନ୍‌ରେ ୪ ଉଇକେଟ ହରାଇ ସଙ୍କଟରେ ପଡିଥିଲା ସନରାଇଜର୍ସ। ହେନରିଚ୍ କ୍ଲାସେନ୍ (୩୬ ରନ୍) ଓ ମୟଙ୍କ ଅଗ୍ରୱାଲ (୪୮ ରନ୍) ୫ମ ଉଇକେଟରେ ୫୫ ରନ୍ ଯୋଡିଥିଲେ। ଉଭୟ ଖେଳାଳି ଆଉଟ ହେବା ସହିତ ସନରାଇଜର୍ସର ବିଜୟ ଆଶା ମଉଳି ଯାଇଥିଲା। ମୁମ୍ବାଇ ପକ୍ଷରୁ ରିଲି ମେରେଡିଥ୍, ପୀୟୁଷ ଚାୱଲା ଓ ଜାସନ୍ ବେହେରେଣ୍ଡ୍ରଫ୍ ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ଅର୍ଜୁନ୍ ତେଣ୍ଡୁଲକର ଶେଷ ଓଭର ବୋଲିଂ ଭାର ପାଇଥିବାବେଳେ ଭୁବନେଶ୍ୱର କୁମାରଙ୍କୁ ଆଉଟ କରି ନିଜର ପ୍ରଥମ ଆଇପିଏଲ ଉଇକେଟ ଅର୍ଜନ କରିଥିଲେ।

### ଆଇପିଏଲ୍ କାର୍ଯ୍ୟସୂଚୀ

(ଆଜିର ମ୍ୟାଚ)

**ରାଜସ୍ଥାନ ବନାମ ଲକ୍ଷ୍ନୌ**

ସ୍ଥାନ: ଜୟପୁର,
ସମୟ: ରାତି ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

### ସଂକ୍ଷିପ୍ତ ସ୍କୋର

ମୁମ୍ବାଇ ଇଣ୍ଡିଆନ୍ସ ୨୦ ଓଭରରେ ୧୯୨/୫ (କାମେରନ୍ ଗ୍ରୀନ୍-୬୪*, ଇଶାନ୍ କିଶନ୍-୩୮, ତିଲକ ବର୍ମା-୩୭, ମାର୍କୋ ଜାନସେନ୍-୨/୪୩, ଭୁବନେଶ୍ୱର କୁମାର-୧/୩୧, ଟି. ନଟରାଜନ-୧/୫୦)। ସନରାଇଜର୍ସ ହାଇଦ୍ରାବାଦ ୨୦ ଓଭରରେ ୧୭୮/୧୦ (ମୟଙ୍କ ଅଗ୍ରୱାଲ-୪୮, ହେନ୍‌ରିଚ କ୍ଲାସେନ୍-୩୬, ଏଡେନ୍ ମାରକ୍ରମ-୨୨, ରିଲି ମେରେଡିଥ୍-୨/୩୩, ଜାସନ୍ ବେହେରେଣ୍ଡ୍ରଫ୍-୨/୩୭, ପୀୟୁଷ ଚାୱଲା-୨/୪୩)।

### ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ରାଜସ୍ଥାନ ରୟାଲ୍ସ | ୫ | ୪ | ୧ | ୮ | +୧.୩୫୪ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୫ | ୩ | ୨ | ୬ | +୦.୭୬୧ |
| ଚେନ୍ନାଇ ସୁପର କିଙ୍ଗ୍ସ | ୫ | ୩ | ୨ | ୬ | +୦.୨୬୫ |
| ଗୁଜରାଟ ଟାଇଟନ୍ସ | ୫ | ୩ | ୨ | ୬ | +୦.୧୯୨ |
| ପଞ୍ଜାବ କିଙ୍ଗ୍ସ | ୫ | ୩ | ୨ | ୬ | -୦.୧୦୯ |
| ମୁମ୍ବାଇ ଇଣ୍ଡିଆନ୍ସ | ୫ | ୩ | ୨ | ୬ | -୦.୧୬୪ |
| କୋଲକାତା ନାଇଟ ରାଇଡର୍ସ | ୫ | ୨ | ୩ | ୪ | +୦.୩୨୦ |
| ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର | ୫ | ୨ | ୩ | ୪ | -୦.୩୧୮ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୫ | ୨ | ୩ | ୪ | -୦.୭୯୮ |
| ଦିଲ୍ଲୀ କ୍ୟାପିଟାଲ୍ସ | ୫ | ୦ | ୫ | ୦ | -୧.୪୮୮ |


# Classified Everyday
0674-2580101, 2549949



MATRIMONIAL

BRIDE WANTED

DOB: 11.04.1986, 2/1 ୩୭ ବର୍ଷୀୟ ସରକାରୀ ଚାକିରି କରୁଥିବା ୩୦,୦୦୦/- ଦରମା ପାଉଥିବା ବ୍ରାହ୍ମଣ ପୁଅ ପାଇଁ ବ୍ରାହ୍ମଣ କନ୍ୟା ପାତ୍ରୀ ଆବଶ୍ୟକ। (ଓଡ଼ିଶାରେ ରହୁଥିବା ଓଡ଼ିଆ, ବଙ୍ଗାଳୀ, ବିହାରୀ, ଦ୍ୱିତୀୟ ବିବାହ ସବୁ ମାନ୍ୟ ଅଟେ।) ପୁଅର ନାମ ଓ ନମ୍ବର- ଆଶିଷ କୁମାର ପାଣିଗ୍ରାହୀ, ୯୪୩୯୦୭୯୩୯୪. D-0093

GROOM WANTED

Searching Kaibarta Groom in Bhubaneswar for Very Fair Kaibarta Bride. Contact Brother, Mob.: 9990161440. D-0105

47 ବର୍ଷର ମହିଳା SBI Bankରେ କାର୍ଯ୍ୟରତ, ଉପଯୁକ୍ତ ବୟସର ବ୍ୟକ୍ତି ବିବାହ ପାଇଁ ଯୋଗାଯୋଗ କରନ୍ତୁ। ଅବିବାହିତ ବ୍ୟକ୍ତି ଗ୍ରହଣୀୟ ନୁହନ୍ତି। 8455853154. D-0107

ବୟସ 47, ଜାତି କରଣ, ସରକାରୀ ଶିକ୍ଷୟିତ୍ରୀ Widow ମହିଳା, ବୟସ 38, ଜାତି ଗୁଡ଼ିଆ, Staff Nurse ଅବିବାହିତା ମହିଳା ପାଇଁ ପୁରୁଷ ଆବଶ୍ୟକ। ଯୋଗାଯୋଗ - 9178392294. D-0130

Finance Sector Job ବାପା, ମା'ଙ୍କ ଗୋଟେ ସନ୍ତାନ, ୩୪ ବୟସ୍କା କରଣ Divorce ଝିଅଙ୍କୁ Anycaste ପୁଅ ଦରକାର। 6371586968. D-0132



REAL ESTATE

SALE

Hitech Medical ପଛପଟେ 30ft ପିଚୁରୋଡ ଥାଇ ପ୍ଲଟ ମିଳୁଛି- 7008699350. D-74844

Individual 3500 sqft. gharabari plot Balianta, 2400sqft. Janala for immediate registration, possession: 9937850303 (ବିଷ୍ଣୁ). D-0023

2BHK superbuilt apartment flat near Garage Chhak, Bhubaneswar. Contact: 7873492433. D-74402

30' Revenue ରୋଡ୍‌କୁ ଲାଗି gharabari yellowzone boundarywall plot (1200, 1500, 1800) ନେଇ ତୁରନ୍ତ ଘର କରନ୍ତୁ। Mouza-Jujhagarha near KIIT Campus, Bhubaneswar, Direct owner- 9437033320. D-74845

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200 sqft.- 3,60,000/-, ଛତାବର 1200sqft.- 3,00,000/-, ନଖରା 300/-, 6371569855. D-74837

Schedule Caste plot for sale BDA Town Planning Scheme, Phase one, Plot No. 1364. Contact: 9937446498. D-74533

A gharabari plot with 5 feet compound wall, steel gate, 10feet Coconut Tree 4 sides of 6000sft. NH side Adaspur road 6 K.M. from Phulanakhara, 11K.M. to BBSR, Middle of CTC & BBSR in a Complex with high profile Atmosphere & Educated 7 Families with electricity & water supply. If u want self independent & peacefully life. 7809525452. D-74672

Well developed gharabari yellow zone plot for sale. Kantabada-1250, Vola-1350, Ranga Bazar- 650. Contact: 9439702573, 7978236408. D-0133





House for rent- 1BHK, Flat, Ground Floor, 1Bathroom for Family. Lingaraj Vihar, Pokhariput. Contact: 9938136307. D-0110

New residential house at G.G.P. Colony for rent Rs.6,500/- P.M. & Rs.6,000/- P.M. Contact: 7008124203 & 8926213361. D-0131





Newly open health benefits SPA special offer @799 Jaydev Vihar. 8018429809. D-73700

Newly open SPA positively health benefits with expert therapist. 7849011931. D-73698

Relax, Refresh your body, Mind at Saikrupa Spa with best therapies. 8984068077. D-0034

All type of professional full body massage by professional therapist at Rajmahal @ 999. Contact: 7855053566. D-0078

Newly open health benefits Spa special offer @999 Nayapalli. 7846814019. D-73699

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-74670

All types hair cutting, body massage by smart lady, one hour 700/-. room services available. Contact. 9668767100. D-71372

All types hair cutting, body massage by smart lady, one hour 700/-, room services available. Contact. 9937833100. D-71373

## ମନେ ପଡ଼ନ୍ତି

### ପ୍ରଥମ ବାର୍ଷିକ ଶ୍ରଦ୍ଧାଞ୍ଜଳି



**୰ସତ୍ୟଭାମା ମହାପାତ୍ର**

ବରାଳ, ସାକ୍ଷୀଗୋପାଳ, ପୁରୀ

ଅମରାତ୍ମାର ସଦ୍‌ଗତି କାମନା ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।

ଶ୍ରଦ୍ଧାଞ୍ଜଳି ସହ: ସ୍ୱାମୀ- ସଚ୍ଚିଦାନନ୍ଦ ମହାପାତ୍ର, ପୁତ୍ର- ଦେବୀ ପ୍ରସାଦ ମହାପାତ୍ର, ପୁତ୍ରବଧୂ- ପାର୍ବତୀ ମହାପାତ୍ର, ନାତୁଣୀ- ଶୁଭଶ୍ରୀ, ଶୋଭାଶ୍ରୀ, ଲକି, ନାତି- ସତ୍ୟଚିନ୍ତନ, ରୋହନ, କନ୍ୟା- ଗାୟତ୍ରୀ, ଜାମାତା- ଶ୍ରୀଶାନ୍ତ, ବନ୍ଧୁ ଓ ପରିବାରବର୍ଗ।

ଧ-୬୭୬୫୫

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ଟ୍ରାନ୍ସ ଆଥ୍‌ଲେଟଙ୍କ ଅଂଶଗ୍ରହଣ ଉପରେ ରୋକ୍

## ଅଷ୍ଟ୍ରେଲିଆନ ବାସ୍କେଟ୍‌ବଲ୍ ଲିଗ୍

**ମେଲବୋର୍ନ, ୧୮।୪ (ପି.ଟି.)**

ଅଷ୍ଟ୍ରେଲିଆନ୍ ବାସ୍କେଟବଲ୍ ଲିଗ୍‌ରେ ଜଣେ ଟ୍ରାନ୍ସ ଆଥ୍‌ଲେଟଙ୍କ ଅଂଶଗ୍ରହଣ ଉପରେ ରୋକ ଲଗାଇଛି। ଅଷ୍ଟ୍ରେଲୀୟ ମହିଳା ବାସ୍କେଟବଲ ଲିଗ୍‌ର ଦ୍ୱିତୀୟ ଟିଅର ଟୁର୍ନାମେଣ୍ଟରେ ଅଂଶଗ୍ରହଣ ପାଇଁ ଲେକ୍ସି ରୋଜର୍ସ ନାମକ ଜଣେ ମହିଳା ଖେଳାଳି ଆବେଦନ କରିଥିଲେ। ଏକ କମିଟି ଏହା ଉପରେ ପୁଙ୍ଖାନୁପୁଙ୍ଖ ବିଚାର କରିବା ପରେ ଲେକ୍ସିଙ୍କ ଅଂଶଗ୍ରହଣ ଉପରେ ପ୍ରତିବନ୍ଧକ ଲଗାଇଛି। ଲେକ୍ସି ଗତ ମାସରେ ମେଲବୋର୍ନର କ୍ଲବ୍ କିଲ୍‌ସିଥ୍ କୋବ୍ରାସ ପକ୍ଷରୁ ଖେଳିବା ପାଇଁ ଆଗ୍ରହ ପ୍ରକାଶ କରିଥିଲେ। ଏହା ଟ୍ରାନ୍ସ ଆଥ୍‌ଲେଟମାନଙ୍କ ପାଇଁ ମୁଖ୍ୟ ସ୍ରୋତରେ ସାମିଲ ହେବାର ପ୍ରକୃଷ୍ଟ ସୁଯୋଗ ବୋଲି ଲେକ୍ସି କହିଥିଲେ। ମଙ୍ଗଳବାର ବାସ୍କେଟବଲ ଅଷ୍ଟ୍ରେଲିଆ ପକ୍ଷରୁ ଏ ନେଇ ଏକ ବାର୍ତ୍ତା ଜାରି କରାଯାଇଛି। ୩ ଜଣିଆ ବିଶେଷଜ୍ଞ କମିଟି ଏ ସମ୍ପର୍କରେ ନିଷ୍ପତ୍ତି ନେଇ ଟ୍ରାନ୍ସ ଆଥ୍‌ଲେଟଙ୍କ ଉପରେ ରୋକ୍ ଲଗାଇଛନ୍ତି। ଟ୍ରାନ୍ସ ଆଥ୍‌ଲେଟ୍‌ଙ୍କୁ ସାଧାରଣ ଖେଳାଳିଙ୍କ ସହିତ ଖେଳିବାର ସୁଯୋଗ ମିଳିଲେ କ'ଣ ଲାଭ ବା କ୍ଷତି ହେବ ତାହାର ପ୍ରଭାବ ସମ୍ପର୍କରେ ଆମେ ଅଜ୍ଞ। ଏ ସମ୍ପର୍କରେ ଖୁବ୍ ଶୀଘ୍ର ଏକ ଚୂଡାନ୍ତ ଆଇନ ପ୍ରଣୟନ କରାଯିବ। ଲେକ୍ସିଙ୍କୁ ନିଜର ମତାମତ ଓ ଅଭିଜ୍ଞତା ଜଣାଇବା ପାଇଁ କମିଟି ପରାମର୍ଶ ଦେଇଛି। କମିଟିର ବର୍ତ୍ତମାନର ନିଷ୍ପତ୍ତିରେ ମୁଁ ଅତ୍ୟନ୍ତ ଦୁଃଖିତ। ତେବେ ଭବିଷ୍ୟତରେ ମୋ ପରି ଆଥଲେଟମାନଙ୍କୁ ଖେଳିବାର ସୁଯୋଗ ମିଳିବ ବୋଲି ମୁଁ ଆଶା କରୁଛି। ୩ ଜଣିଆ କମିଟିର ସଦସ୍ୟ ରହିଥିବା ତଥା ୩ ଥର ଅଲିମ୍ପିକ୍ସ ଖେଳିଥିବା ସୁଜି ବାଟକୋଭିକ୍ ଅସୀମ ଧୈର୍ଯ୍ୟର ପରିଚୟ ଦେଇଥିବା ଲେକ୍ସିଙ୍କୁ ଧନ୍ୟବାଦ ଜଣାଇଛନ୍ତି। ବିଭିନ୍ନ ପ୍ରତିଯୋଗିତା ପାଇଁ ଆମେ ନୂତନ ନିୟମ ପ୍ରଣୟନ କରୁଛୁ। ଖେଳାଳିଙ୍କ ସୁରକ୍ଷା ଓ ଫାଇଦାକୁ ଦୃଷ୍ଟିରେ ରଖି ନିଷ୍ପତ୍ତି ନିଆଯିବ ବୋଲି ବାଟକୋଭିକ୍ କହିଛନ୍ତି। ଗତ ମାସରେ ଟ୍ରାକ୍ ଆଣ୍ଡ ଫିଲ୍ଡ ଇଭେଣ୍ଟରେ ଟ୍ରାନ୍ସ ଆଥ୍‌ଲେଟଙ୍କ ଉପରେ ବ୍ୟାନ୍ ଲଗା ଯାଇଥିଲା। ଏହା ପୂର୍ବରୁ ୱାର୍ଲ୍ଡ ଆଥ୍‌ଲେଟିକ କାଉନ୍‌ସିଲ୍ ମଧ୍ୟ ବର୍ଷେ ତଳେ ସନ୍ତରଣ ପାଇଁ ସମାନ ନିୟମ ଲାଗୁ କରିଥିଲା।

# ଟାଉନ୍ କ୍ଲବ 'ଏ' ସେମିରେ

**ଭୁବନେଶ୍ୱର, ୧୮।୪ (କ୍ରୀଡ଼ା ପ୍ରତିନିଧି)**

ଟାଉନ୍ କ୍ଲବ ପଡ଼ିଆରେ ଚାଲିଥିବା ୧୫ ବର୍ଷରୁ କମ୍ ଜୁନିୟର କ୍ରିକେଟ ଟୁର୍ନାମେଣ୍ଟର ମଙ୍ଗଳବାର ଅନୁଷ୍ଠିତ ୨ଟି ମ୍ୟାଚରେ ଜାଗୃତି କ୍ରିକେଟ କ୍ଲବ ଓ ଟାଉନ୍ କ୍ଲବ 'ଏ' ଦଳ ବିଜୟ ହାସଲ କରିଛି। ଟାଉନ୍ କ୍ଲବ-ଏ ୯ ଉଇକେଟରେ ମୁକ୍ତେଶ୍ୱର କ୍ରିକେଟ କ୍ଲବକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛି। ମୁକ୍ତେଶ୍ୱର ପ୍ରଥମେ ବ୍ୟାଟିଂ କରି ୨୦.୫ ଓଭରରେ ମାତ୍ର ୫୫ ରନରେ ସମସ୍ତ ଉଇକେଟ ହରାଇଥିଲା। ବିପକ୍ଷ ଦଳର ହରିବଂଶ ଭୂୟା ୩ଟି ଏବଂ ବୈଭବ ଘୋଷ ଓ ପ୍ରିତେଶ ମିଶ୍ର ୨ଟି ଲେଖାଏ ଉଇକେଟ ନେଇଥିଲେ। ୫୬ ରନର ବିଜୟ ଲକ୍ଷ୍ୟକୁ ଟାଉନ୍ କ୍ଲବ-ଏ ୯.୪ ଓଭରରେ ମାତ୍ର ୧ ଉଇକେଟ ହରାଇ ହାସଲ କରି ନେଇଥିଲା। ଅର୍ଣବ ପଟ୍ଟନାୟକ ସର୍ବାଧିକ ୩୧ ରନକରି ଅପରାଜିତ ରହିଥିଲେ। ହରିବଂଶ ଭୂୟାଁଙ୍କୁ ଆୟୋଜକ କମିଟି ସଦସ୍ୟ ପ୍ରମୋଦ କୁମାର ଦାସ ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରିଥିଲେ।

ଅନ୍ୟ ଏକ ମ୍ୟାଚରେ ଜାଗୃତି ୫ ରନରେ ଭରତ ଭୂଷଣ କ୍ରିକେଟ ଏକାଡେମୀ (ବିସିସିଏ)କୁ ପରାସ୍ତ କରିଛି। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଜାଗୃତି ନିର୍ଦ୍ଧାରିତ ୨୫ ଓଭରରେ ୪ ଉଇକେଟ ହରାଇ ୧୧୩ ରନ କରିଥିଲା। ସ୍ୱୟମ ଦାସ ସର୍ବାଧିକ ୩୮ ଓ ଶୁଭମ୍ କୁମାର ଯାଦବ ୩୪ ରନ କରିଥିଲେ। ବିବିସିଏର ହିମନିସ ସାହୁ ୨ଟି ଉଇକେଟ ନେଇଥିଲେ। ୧୧୪ ରନ ବିଜୟ ଲକ୍ଷ୍ୟରେ ବିବିସିଏ ୨୫ ଓଭରରେ ୯ ଉଇକେଟ ହରାଇ ୧୦୮ ରନ କରି ପାରିଥିଲା। ରାଜେଶ ବିଶ୍ୱାଳ ସର୍ବାଧିକ ୩୨ ରନ କରିଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୧୯ ଏପ୍ରିଲ, ୨୦୨୩



## ମକା



ଜଳସେଚନର ସୁବିଧା ଥିଲେ ଏବେ କଞ୍ଚା ଖାଇବା ପାଇଁ ମକା ଫସଲ ଲଗାଯାଇପାରିବ। ଏହାର ଅଧିକ ଅମଳକ୍ଷମ ବିହନ କିସମ ମଧ୍ୟରେ ରହିଛି ନଭଜୋତ୍,ଶକ୍ତି,ଡେକାନ୍-୧୦୭ ଏବଂ ଡେକାନ୍-୧୦୯। ନିକଟରେ ଥିବା କୃଷି ବିଭାଗରେ ବିହନ ବିକ୍ରୟ କେନ୍ଦ୍ରରୁ ମକା ବିହନ ସଂଗ୍ରହ କରନ୍ତୁ। ଏକ ଏକର ଜମିରେ ୬ କି.ଗ୍ରା. ବିହନ ଆବଶ୍ୟକ ହୋଇଥାଏ। ଶେଷ ଓଡ଼ ଚାଷ ବେଳେ ଏକର ପ୍ରତି ଅନୁମୋଦିତ ସାର ୩୨ କି.ଗ୍ରା. ଯବକ୍ଷାରଜାନ,୧୬କି.ଗ୍ରା. ଫସ୍‌ଫରସ୍ ଓ ୧୬ କି.ଗ୍ରା. ପଟାସ୍ ସାର ମଧ୍ୟରୁ ୩ଭାଗରୁ ଭାଗେ ଯବକ୍ଷାରଜାନ, ସବୁତକ ଫସ୍‌ଫରସ୍ ଓ ପଟାସ ସାର ପ୍ରୟୋଗ କରନ୍ତୁ।

## କୁଜିସାରୁ



ସାରୁ ମେ'ରୁ ଜୁନ୍ ମାସ ମଧ୍ୟରେ ଲଗାଇପାରିବେ। ତେଲିଆ, ମୁକ୍ତାକେଶୀ, ଟୋପି, ସାତମୁଖ ଓ ଝାଙ୍କଡି ଆଦି କିସମ ସାରୁରୁ ଅଧିକ ଅମଳ ମିଳିଥାଏ। ସାଧାରଣତଃ ସାରୁପୁଆ ବିହନ ଆକାରରେ ବ୍ୟବହାର କରାଯାଏ। ପୁଆଗୁଡ଼ିକ ୧୫ରୁ ୨୦ଗ୍ରାମ୍ ଓଜନର ସୁସ୍ଥ ନୀରୋଗ ସାରୁ ଲଗାନ୍ତୁ। ୧ଏକର ଫସଲ ପାଇଁ ୪କୁଇଣ୍ଟାଲ ବିହନ ବ୍ୟବହାର କରନ୍ତୁ। ପ୍ରତି କି.ଗ୍ରା. ସାରୁ ବିହନକୁ ୨ଗ୍ରାମ୍ ମେଟାଲାକ୍ସିଲ୍ ଓ ମାଙ୍କୋଜେବ୍ ମିଶ୍ରଣରେ ବିଶୋଧନକରି ଲଗାନ୍ତୁ। ଜମିର ପ୍ରକାର ଅନୁସାରେ ୨-୩ ଓଡ଼ ଗଭୀର ଚାଷକରି ମଇଦେଇ ମାଟି ଭଲ ଭାବରେ ଗୁଣ୍ଡକରି ସମତୁଲ କରନ୍ତୁ। ଶେଷ ଓଡ଼ ଚାଷ ପୂର୍ବରୁ ଏକର ପ୍ରତି ୪ରୁ ୫ଟନ୍ ଶଢ଼ା ଗୋବରଖତ ମାଟି ସହ ଭଲ ଭାବରେ ମିଶାଇ ଦିଅନ୍ତୁ। ବିହନ ଲଗାଇବା ପୂର୍ବରୁ ଏକର ପ୍ରତି ୧୬କି.ଗ୍ରା. ଯବକ୍ଷାରଜାନ, ୨୪କି.ଗ୍ରା. ଫସ୍‌ଫରସ, ୧୬କି.ଗ୍ରା. ପଟାସ ପ୍ରୟୋଗ କରନ୍ତୁ। ଗଜା ବାହାରିବାର ୭ରୁ ୧୦ଦିନ ପରେ ୨୦କି.ଗ୍ରା. ଯବକ୍ଷାରଜାନ, ୨୦କି.ଗ୍ରା. ପଟାସ ସାର ପ୍ରୟୋଗ କରନ୍ତୁ।

## ଲାଭଜନକ ଫଳଚାଷ

ଓଡ଼ିଶାର ଜଳବାୟୁରେ ନାନା ପ୍ରକାର ଫଳଚାଷ ଲାଭଜନକ ଭାବେ କରାଯାଇ ପାରିବ। ଏଥିଲାଗି ଆମ୍ବ, ନଡ଼ିଆ, କଦଳୀ, କାଜୁବାଦାମ, ପିଜୁଳି, ସପେଟା, ଅମୃତଭଣ୍ଡା ଇତ୍ୟାଦି ଚୟନ କରିପାରିବେ। ଉଚ୍ଚା ଗଡ଼ାଣିଆ ବା ଅନୁର୍ବର ଜମିରେ ମଧ୍ୟ ଫଳଚାଷ କଲେ ଭଲ ଲାଭ ମିଳିପାରିବ। ପ୍ରଥମେ ଜମିକୁ ଭଲଭାବେ ପରିଷ୍କାର କରି ୨/୩ ଓଡ଼ ଚାଷ କରିଦେବା ଉଚିତ। ବର୍ଷାଋତୁ ଆରମ୍ଭରେ ଗଛ ଲଗାଇବାକୁ ହେଲେ ଖରାଦିନରୁ ଗାତ ଖୋଳି ରଖିବା ଦରକାର। ଗାତରୁ ଖୋଳା ହୋଇଥିବା ମାଟି ଓ ଗାତ ଖରା ଖାଇଗଲେ ଭଲ। ଆମ୍ବ,କମଳା,ନଡ଼ିଆ,ପିଜୁଳି,ପଣସ,ଲିଚୁ ଇତ୍ୟାଦି ପାଇଁ ୧ ମିଟର ଗଭୀର ଓ ୧ ମିଟର ଗୋଲେଇର ଗାତ,କଦଳୀ ଓ ଅମୃତଭଣ୍ଡା ପାଇଁ ଅଧ ମିଟର ଗଭୀର ଓ ଅଧ ମିଟର ଗୋଲେଇର ଗାତ ଦରକାର। ସପୁରି ପାଇଁ ୩୦ସେ.ମି. ଚଉଡ଼ା ଓ ୧୫ସେ.ମି. ଗଭୀରରେ ନାଳୀ ଖୋଳାଯାଏ।



# କୃଷି ଅନୁକୂଳ ପର୍ବ



ଡା. ବୀର କିଶୋର ପରିଡ଼ା

**ଏହିଦିନରେ ଯାହା ଆରମ୍ଭ ହୁଏ, ତାହା କ୍ଷୟ ହୁଏ ନାହିଁ ବରଂ ତାହା ବୃଦ୍ଧି ପାଇଥାଏ ବୋଲି ଏହାକୁ 'ଅକ୍ଷୟ ତୃତୀୟା' କୁହାଯାଏ। ଆମ ରାଜ୍ୟ ତଥା ଦେଶରେ ଖାଦ୍ୟଶସ୍ୟ ଉତ୍ପାଦନ ବୃଦ୍ଧି ଲକ୍ଷ୍ୟ ନେଇ କୃଷି ଓ କୃଷକର ଗୁରୁତ୍ୱକୁ ଉପଲବ୍ଧକରି ଏହି ଦିବସଟିକୁ କୃଷକ ଦିବସ ରୂପେ ପାଳନ କରାଯାଇ ଆସୁଅଛି। ସାଧାରଣତଃ ଖରିଫ୍ ଋତୁ ଏହି ପବିତ୍ର ଦିବସ ଅକ୍ଷୟ ତୃତୀୟାଠାରୁ ହିଁ ଆରମ୍ଭ ହୋଇଥାଏ।**



କୃଷି ଅନୁକୂଳର ପର୍ବ - ଅକ୍ଷୟ ତୃତୀୟା ଆମ ଚାଷୀଭାଇମାନଙ୍କର ଏକ ପ୍ରଧାନ କୃଷିଭିତ୍ତିକ ପର୍ବ। ବୈଶାଖ ମାସ ଶୁକ୍ଳପକ୍ଷ ତୃତୀୟା ତିଥିର ଏହି ମହାନ୍ ପବିତ୍ର କୃଷିଭିତ୍ତିକ ପର୍ବକୁ ଅକ୍ଷୟ ତୃତୀୟା ଦିବସ ଭାବେ ପାଳନ ଆମ ଚାଷୀଭାଇମାନେ ପାରମ୍ପରିକ ରୀତିରେ ଆନନ୍ଦ ଉଲ୍ଲାସରେ ପାଳନ କରିଥାନ୍ତି। ଏହିଦିନ ଧାନ କ୍ଷେତରେ ପୂଜା, କୃଷକ ମାନଙ୍କର ଅକ୍ଷିମୁଠି ଅନୁକୂଳ, ଶ୍ରୀକ୍ଷେତ୍ରେ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ ବା ରଥ ଅନୁକୂଳ, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ନରେନ୍ଦ୍ର ପୁଷ୍କରିଣୀରେ ଚନ୍ଦନ ଯାତ୍ରାରମ୍ଭ ସହିତ ନାନା ଶୁଭକାର୍ଯ୍ୟ ଯଥା-ଗୃହ ପ୍ରତିଷ୍ଠା, ଭୂମିପୂଜା, ଦେବତା ପ୍ରତିଷ୍ଠା, ନାମକରଣ, ଜଳାଶୟାରମ୍ଭ ଓ ପ୍ରତିଷ୍ଠା, ବିବାହ ଓ ପାଣିଗ୍ରହଣ, ବ୍ରତୋପନୟନ ଆଦି ଗ୍ରହଣ କରାଯାଏ। ଏହିଦିନରେ ଯାହା ଆରମ୍ଭ ହୁଏ, ତାହା କ୍ଷୟ ହୁଏ ନାହିଁ ବରଂ ତାହା ବୃଦ୍ଧି ପାଇଥାଏ ବୋଲି ଏହାକୁ 'ଅକ୍ଷୟ ତୃତୀୟା' କୁହାଯାଏ। ଆମ ରାଜ୍ୟ ତଥା ଦେଶରେ ଖାଦ୍ୟଶସ୍ୟ ଉତ୍ପାଦନ ବୃଦ୍ଧି ଲକ୍ଷ୍ୟ ନେଇ କୃଷି ଓ କୃଷକର ଗୁରୁତ୍ୱକୁ ଉପଲବ୍ଧକରି ଏହି ଦିବସଟିକୁ କୃଷକ ଦିବସ ରୂପେ ପାଳନ କରାଯାଇ ଆସୁଅଛି। ସାଧାରଣତଃ ଖରିଫ୍ ଋତୁ ଏହି ପବିତ୍ର ଦିବସ ଅକ୍ଷୟ ତୃତୀୟାଠାରୁ ହିଁ ଆରମ୍ଭ ହୋଇଥାଏ।

ଅକ୍ଷୟ ତୃତୀୟା ଉତ୍ସବ ପାଳନର ଅବ୍ୟବହିତ ପୂର୍ବରୁ କୃଷକ ଗୃହିଣୀ ଏକ ବେତ ଟୋକେଇ ଓ ଗୌଣୀକୁ ଗୋବରପାଣିରେ ଲେପନକରି ଶୁଦ୍ଧ କରିଥାଏ। ତା'ପରେ ଏହାର ବାହାର ପଟକୁ ଚାଉଳ ବଟା ଆଣ ଓ ଢାଉରେ ଚିତ୍ର ଆଙ୍କେ। ଅକ୍ଷୟା ତୃତୀୟା ଦିନ ସକାଳୁ କୃଷକ ସ୍ନାନକରି ନୂଆ ଲୁଗା ପିନ୍ଧେ। ତା'ପରେ ଘରେ ରହିଥିବା ଏକ ଓଳିଆରୁ ଧଳା ଧାନ ବାହାରକରି ଟୋକେଇ ଓ ଗୌଣୀରେ ଭର୍ତ୍ତିକରେ। ଟୋକେଇ ଧାନ ଉପରେ ଗୌଣୀକୁ ରଖେ। ନୂଆ ବା ସଫା କପଡ଼ା ଆଣି ଏହି ଟୋକେଇ-ଗୌଣୀ ଉପରେ ଘୋଡ଼େଇ ଦିଏ। ଏଥି ସହିତ ଗୋଟିଏ ଲଙ୍ଗଳ ଲୁହା ଓ ଏକ ସ୍ୱର୍ଣ୍ଣ ଅଳଙ୍କାର ଏହି ଟୋକେଇ ମଧ୍ୟରେ ରଖେ। କ୍ଷେତରେ ପୂଜା ପାଇଁ ପାଣି ଢାଳ, ଫୁଲ, ଚନ୍ଦନ, ଗୋଟା ଗୁଆ, ନଡ଼ିଆ, ଭୋଗ, ଦୀପ, କ୍ଷୀର ଇତ୍ୟାଦି ଏକାଠି କରେ। ତା'ପରେ କୃଷକ ଟୋକେଇ ଓ ଗୌଣୀକୁ ମୁଣ୍ଡାଇ କାନ୍ଧରେ କୋଡ଼ି ରଖି କ୍ଷେତକୁ ଶୁଭଯାତ୍ରା କରେ। କୃଷକ ଗୃହିଣୀ ଓ ତା'ର ପିଲାମାନେ ଭୋଗ ଓ ପୂଜା ସାମଗ୍ରୀ ଧରି ପଛରେ ଚାଲନ୍ତି। ଘରୁ ବାହାରିବା ବେଳେ ଶଙ୍ଖ ବାଜେ ଓ ହୁଳହୁଳି ପଡ଼େ। ଗୋଟିଏ କିଆରିରେ ପୁରୁଷାନୁକ୍ରମିକ ଭାବେ ସବୁ ବର୍ଷ ଅଖିମୁଠି ପଡ଼େ। ଏହାକୁ ଅଖିମୁଠି କିଆରି କୁହାଯାଏ। କୃଷକ କିଆରିରେ ପହଞ୍ଚି ପୂର୍ବ କୋଣରେ ବିହନ, ଟୋକେଇ, ଗୌଣୀ, ପୂଜା ଓ ଭୋଗ ସାମଗ୍ରୀ ରଖି ପାଣି ଛିଞ୍ଚେ। ମନରେ ମା' ଧରିତ୍ରୀଙ୍କୁ ସୁମରଣା କରେ। ପୂର୍ବକୁ ମୁହଁ କରି କୋଡ଼ିରେ ମାଟିହାଣି ଗୁଣ୍ଡ କରେ। ବଳଦେବଙ୍କ ଆୟୁଧ ଲଙ୍ଗଳ ଲୁହା, ସ୍ୱର୍ଣ୍ଣ ଅଳଙ୍କାର ଓ ଗୁଆକୁ ମାଟି ଉପରେ ରଖି ଚନ୍ଦନ ସିନ୍ଦୂର ଓ ଫୁଲ ଦିଏ। ନଡ଼ିଆ ଭାଙ୍ଗି ତା'ର ପାଣି ଓ କ୍ଷୀର ଢାଳି ମା' ଧରିତ୍ରୀଙ୍କୁ ଶାନ୍ତ କରାଏ। ତା'ପରେ ବସୁମାତାଙ୍କ ଉଦ୍ଦେଶ୍ୟରେ ଭୋଗ ଦିଏ ଓ ଦୀପ ଜାଳେ। ପରିବାରର ଉପସ୍ଥିତ ଥିବା ସମସ୍ତେ ବସୁମାତାଙ୍କୁ ମୁଣ୍ଡିଆ ମାରନ୍ତି। ଏହାପରେ କୃଷକ ଟୋକେଇରୁ ତିନିମୁଠା ବିହନ ଥର ଥର କରି ଆଣି ସେହି ପୂର୍ବ କୋଣରେ ମାଟି ଗୁଣ୍ଡ ହୋଇଥିବା ସ୍ଥାନରେ ବୁଣେ। ତା'ପରେ ହାତମାରି ଉପର ମାଟିରେ ବିହନକୁ ଘୋଡାଇ ଦିଏ। ସେଠାରେ ପାଣି ଢାଳି ପୁଣି ବସୁମାତାଙ୍କ ଉଦ୍ଦେଶ୍ୟରେ ମୁଣ୍ଡିଆ ମାରି ଘରକୁ ଫେରେ। ସେଦିନ କୃଷକ ପରିବାରରେ ଖିରି, ଖେଚୁଡି ରନ୍ଧାଯାଇ ସମସ୍ତେ ଆନନ୍ଦରେ ଖାଆନ୍ତି। ଏହିଦିନ କୃଷକ ଗୃହିଣୀ ବାଡ଼ି, ବଗିଚା ଓ ଅଗଣାରେ ନାନା ପ୍ରକାର ଫଳଗଛ ସହିତ ପନିପରିବା ମଞ୍ଜି ଲଗାଇ ସେଗୁଡ଼ିକରୁ ଫଳ ପାଇବା ଆଶାରେ ବସୁମାତାଙ୍କୁ ପ୍ରଣାମ କରେ।

ସେହିପରି ବୈଜ୍ଞାନିକ ଦୃଷ୍ଟିକୋଣରୁ ବିବେଚନା କରାଯାଏ, ଆମେ ଦେଖିବା ଯେ ଯେକୌଣସି ବିହନ ବା ବୀଜର ଅଙ୍କୁରୋଦ୍‌ଗମ ପାଇଁ ମୁଖ୍ୟତଃ ତିନିଗୋଟି ଉପାଦାନ ଉପରେ ନିର୍ଭରକରେ। ତାହା ହେଲା ଉତ୍ତାପ, ଜଳ ଓ ଅମ୍ଳଜାନ। ଏଥିସହିତ କେତେକ ବୀଜ ବା ମଞ୍ଜିର ଠିକ୍ ଅଙ୍କୁରୋଦ୍‌ଗମ ହେବାପାଇଁ ଆଲୋକର ମଧ୍ୟ ଆବଶ୍ୟକ ହୋଇଥାଏ। ଅନେକ କ୍ଷେତ୍ରରେ ମଧ୍ୟ ଦେଖାଯାଇଛି ଯେ-୦୦ ସେଣ୍ଟିଗ୍ରେଡ୍ ଉତ୍ତାପରୁ କମ୍ ଏବଂ ୪୮୦ ସେଣ୍ଟିଗ୍ରେଡ୍ ଉତ୍ତାପରୁ ଅଧିକ ହେଲେ ମଞ୍ଜିର ଅଙ୍କୁରୋଦ୍‌ଗମ ପ୍ରକ୍ରିୟା ଠିକ୍ ଭାବେ ସଙ୍ଗଠିତ ହୋଇପାରେ ନାହିଁ। ଖରିଫ୍ ଋତୁରେ ଧାନ ବିହନ ପାଇଁ ଆବଶ୍ୟକ ହେଉଥିବା ମାଟିର ଉଷ୍ମତା ବା ଉତ୍ତାପ ଏହି ଅକ୍ଷୟ ତୃତୀୟା ଠାରୁ ହିଁ ମିଳିଥାଏ। କିନ୍ତୁ ବର୍ତ୍ତମାନ ଜଳବାୟୁର ପରିବର୍ତ୍ତନ ଯୋଗୁ ପାଣିପାଗର ସମୟରେ ବ୍ୟାପକ ପରିବର୍ତ୍ତନ ଦେଖାଦେବା ସହ ଅଖିମୁଠି ପ୍ରଚଳନ ବା ବିହନ ବିପଣନ ନିମନ୍ତେ ଅନୁକୂଳ ପାଗ ଓ ପରିବେଶରେ ବିଶେଷ ତାରତମ୍ୟ ଦେଖାଦେଇଛି। କୃଷକ ଏହି ଖରାଟିଆ ଚାଷ କରିବା ଦ୍ୱାରା ମାଟି ଭିତରେ ଥିବା ଅନିଷ୍ଟକାରୀ ପୋକଜୋକ, ଗେଣ୍ଡା ଶାମୁକା ଓ ଘାସଲତାର ଚେର ମାଟି ଉପରକୁ ଉଠିଆସି ଟାଣ ଖରାରେ ମରିଯାଆନ୍ତି। ଫଳରେ ମାଟି ବିଶୋଧିତ ହୁଏ ଏବଂ ଧାନର ଖରୁଡ଼ି ବୁଣା ପାଇଁ ଏହା ପ୍ରକୃଷ୍ଟ ସମୟ । ତା'ପରେ ପ୍ରାକ୍ ମୌସୁମୀ ବର୍ଷାରେ ଧାନ ବିହନରେ ଗଜା ସୃଷ୍ଟି ହୋଇ ଧାନ ଗଛରେ ପରିଣତ ହୁଏ। ଜମି ଭଲକରି କର୍ଷଣ ହେବା ଦ୍ୱାରା ଧାନ ବିହନର ଅଙ୍କୁରୋଦ୍‌ଗମ ହେବା ପାଇଁ ଅମ୍ଳଜାନ ସହଜରେ ମିଳିଥାଏ। ତା'ପରେ ମାଟିର ଉର୍ବରତା ନେଇ ଧାନ ଗଛର ବୃଦ୍ଧି ନିର୍ଭର କରିଥାଏ। ବର୍ତ୍ତମାନ ଜନସଂଖ୍ୟା ବୃଦ୍ଧି ସହ ପରିବେଶ ପ୍ରଦୂଷଣ ଓ ତଜ୍ଜନିତ ସବୁଜଗୃହ ବାଷ୍ପ ସୃଷ୍ଟି ଏବଂ ପ୍ରାକୃତିକ ପରିବେଶରେ ବ୍ୟାପକ ପରିବର୍ତ୍ତନ ଦେଖାଦେବା ଯୋଗୁ ଆଜି ବିଶ୍ୱର ଉତ୍ତାପ ପ୍ରତିବର୍ଷ ବୃଦ୍ଧି ପାଇବାରେ ଲାଗିଛି। ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ, କାର୍ବନ ମନୋଅକ୍‌ସାଇଡ୍, ମିଥେନ୍, ନାଇଟ୍ରସ୍ ଅକ୍‌ସାଇଡ୍ର ପରିମାଣ ବୃଦ୍ଧି ଯୋଗୁ ଜଳବାୟୁରେ ବ୍ୟାପକ ପରିବର୍ତ୍ତନ ଦେଖାଦେଇଛି। ଯେଉଁ ସମୟରେ ମୌସୁମୀ ବର୍ଷା ଆରମ୍ଭ ହେବା କଥା ସେ ସମୟରେ ନ ହୋଇ ଏଥିରେ ବିଳମ୍ବ ଘଟିବା ବା ଅନିୟମିତତା ଦେଖାଦେବା ଯୋଗୁ ଆଜିର ଚିନ୍ତାର କାରଣ ହୋଇପଡ଼ିଛି। ତେଣୁ ଉପରୋକ୍ତ ଜଳବାୟୁର ପରିବର୍ତ୍ତନକୁ ଲକ୍ଷ୍ୟକରି ବିହନ ବୁଣିବା କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଆବଶ୍ୟକ ଏବଂ ସେଥିପ୍ରତି କୃଷି ବୈଜ୍ଞାନିକମାନେ ଏ ଦିଗରେ ଅଧିକ ଯତ୍ନବାନ୍ ହୋଇ କୃଷି ପଦ୍ଧତିକୁ ପରିବର୍ତ୍ତନ କରିବା ପାଇଁ ଅଧିକ ଗବେଷଣା କରିବା ଆବଶ୍ୟକ। ଅବଶ୍ୟ ଚଳିତବର୍ଷ ପାଣିପାଗ ବିଶେଷଜ୍ଞଙ୍କ ମତ ଅନୁଯାୟୀ, ମୌସୁମୀ ବର୍ଷା ଠିକ୍ ସମୟରେ ଆରମ୍ଭ ହେବା ସହ ବର୍ଷା ପରିମାଣ ଠିକ୍ ହେବ ବୋଲି କୁହାଯାଇଛି।

ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ଏବଂ ପାଣିପାଗ ବିଶେଷଜ୍ଞଙ୍କ ସୂଚନା ମୁତାବକ ଚଳିତ ବର୍ଷ ଭଲ ବର୍ଷା ହେବା ସମ୍ଭାବନା ରହିଛି । ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ସ୍ୱାଭାବିକ ହେବା ଆଶଙ୍କା ରହିଛି । ଆମ ରାଜ୍ୟ ତଥା ଦେଶର ସବୁ ପ୍ରାନ୍ତରେ ସମାନୁପାତ ବର୍ଷା ହେବା ସହ ଅର୍ଥନୀତି ପାଇଁ ମଧ୍ୟ ଏକ ଅନୁକୂଳ ପରିବେଶ ରହିବ ବୋଲି ପରିକଳ୍ପନା କରାଯାଇଛି ।

-ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ,
ଜଗତ୍‌ସିଂହପୁର
ମୋ:୯୪୩୭୬୦୭୩୧୨

## ଚିନାବାଦାମ ପାଇଁ ମାଟି ପ୍ରସ୍ତୁତି



ଚିନାବାଦାମ ଚାଷ ପାଇଁ ପ୍ରଥମେ ଜମିକୁ ଗଭୀର ଚାଷ କରି ମାଟି ଗୁଣ୍ଡ କରନ୍ତୁ । ହେକ୍ଟର ପ୍ରତି ୧୨୦ କି.ଗ୍ରା. ମଞ୍ଜି ବ୍ୟବହାର କରନ୍ତୁ (୧୭୫ କି.ଗ୍ରା. ଚୋପାଲଗା ଚିନାବାଦାମ) । ଧାଡ଼ିକୁ ଧାଡ଼ି ୩୦ ସେ.ମି. ଓ ମଞ୍ଜିକୁ ମଞ୍ଜି ୧୦ ସେ.ମି. ବ୍ୟବଧାନ ରଖନ୍ତୁ । କିନ୍ତୁ ଲୋଟଣୀ ଜାତୀୟ ଚିନାବାଦାମ କରୁଥିଲେ ମଞ୍ଜିକୁ ମଞ୍ଜି ୧୫ ସେ.ମି. ବ୍ୟବଧାନ ରଖିବା ଆବଶ୍ୟକ। ହେକ୍ଟର ପ୍ରତି ୨୫ ଗାଡ଼ି ଶଢ଼ା ଗୋବର ଖତ ବା କମ୍ପୋଷ୍ଟ, ୫୦୦ କି.ଗ୍ରା. କାଗଜକଳ ମଇଳା ସହ ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ଶେଷଓଡ଼ ଚାଷ ସମୟରେ ପ୍ରୟୋଗ କରନ୍ତୁ। ଚିନାବାଦାମ ଗନ୍ଧକ ଓ ଚୂନ ଚାହିଦା ମେଣ୍ଟାଇବା ପାଇଁ ଫସ୍‌ଫରସ୍ ସାରକୁ ସିଙ୍ଗଲ୍ ସୁପର ଫସ୍‌ଫେଟ୍ ଆକାରରେ ପ୍ରୟୋଗ କରନ୍ତୁ ନଚେତ୍ ହେକ୍ଟର ପ୍ରତି ୨୫୦ କି.ଗ୍ରା. ଜିପ୍‌ସମ୍ ପ୍ରୟୋଗ କରନ୍ତୁ । ଉଇ ଉପଦ୍ରୁତ ଅଞ୍ଚଳରେ ଶେଷଓଡ଼ ଚାଷବେଳେ ହେକ୍ଟର ପ୍ରତି ୨୫ କି.ଗ୍ରା. କ୍ଲୋରପାଇରିଫସ୍ ଗୁଣ୍ଡ ପ୍ରୟୋଗକରି ମାଟିରେ ମିଶାଇ ଦିଅନ୍ତୁ ।

## ଆଖୁରେ ପିଲ ବାହାରୁଥିଲେ...



ବର୍ତ୍ତମାନ ଆଖୁରେ ପିଲ ବାହାରିବା ସମୟ। ତେଣୁ ପ୍ରତି ୧୦ଦିନ ଅନ୍ତରରେ ଜଳସେଚନ କରନ୍ତୁ। ଗଛମୂଳ ଓଦା ରହିବା ଲାଗି ଶୁଖିଲା ପତ୍ରଦ୍ୱାରା ନାଳୀଗୁଡିକୁ ଆଚ୍ଛାଦ କରନ୍ତୁ। ଗ୍ରୀଷ୍ମଋତୁରେ ଜଳାଭାବରୁ ଫସଲକୁ ରକ୍ଷାକରିବା ସକାଶେ ଶତକଡା ୪ଭାଗ (୧ ଲିଟର ପାଣିରେ ୪୦ଗ୍ରାମ ହିସାବରେ ) ପଟାସ ସାର ପତ୍ରସିଞ୍ଚା କରନ୍ତୁ। ଶୁଖିଲା ଆଖୁପତ୍ରକୁ ଗଛରୁ ଛଡାଇ ଦେଇ ଆଖୁ ଲଗାଇବାର ୫ ମାସ ହୋଇଥିଲେ ଭେଳା ବାନ୍ଧନ୍ତୁ। ଦୁଇଧାଡିର ଆଖୁ ଗଛକୁ ଏକାଠି ଟାଣି ଭେଳା ବାନ୍ଧିଲେ ଆଖୁଗଛ ପବନରେ ପଡ଼ିଯାଏ ନାହିଁ। ଆଖୁ ଫସଲ ଲଗାଇବାର ୧୦୫ଦିନର ହୋଇଯାଇଥିଲେ କୋଡ଼ାଖୁସା କରି ଘାସ ବାଛିଦିଅନ୍ତୁ। ଏକର ପ୍ରତି ୩୩ କି.ଗ୍ରା. ଯବକ୍ଷାରଜାନ ଓ ୧୨କି.ଗ୍ରା. ପଟାସ ସାର ପ୍ରୟୋଗ କରି ହୁଡ଼ା ଟେକି ଦିଅନ୍ତୁ।



## ଡାଲିଜାତୀୟ ଫସଲ ଅମଳ

ଡାଲିଜାତୀୟ ଫସଲର ଛୁଇଁ ୮୦-୮୫ଭାଗ ପାକଳ ହୋଇଗଲେ ଅମଳ କରି ଦିଅନ୍ତୁ। ଛୁଇଁ ଅଧିକ ଶୁଖିଗଲେ ଫାଟିଯିବା ଦ୍ୱାରା ମଞ୍ଜି ବାହାରି ବିଛାଡି ହୋଇପଡ଼େ। ଆବଶ୍ୟକ ହେଲେ ଥରେ କିମ୍ବା ଦୁଇ ଥରରେ ପାକଳ ଛୁଇଁ ତୋଳି ନେଇ ସବୁଜ ଗଛକୁ ଚାଷକରି ମାଟିରେ ମିଶାଇଦେବା ଭଲ। ଏହା ମାଟିକୁ ଉର୍ବରକରେ। ଅମଳ ପରେ ମଞ୍ଜିକୁ ଭଲ ଭାବରେ ଖରାରେ ଶୁଖାଇ ଦିଅନ୍ତୁ। ସାଇତି ରଖିବା ବେଳକୁ ମଞ୍ଜିରେ ଶତକଡା ୧୦ଭାଗରୁ କମ୍ ଜଳୀୟ ଅଂଶ ରହିବା ଦରକାର। ଏହି ସମୟରେ ବିହନ କି.ଗ୍ରା. ପ୍ରତି ୨ଗ୍ରାମ୍ ହିସାବରେ ସୋରିଷତେଲ କିମ୍ବା ରାଶିତେଲ ଗୋଳାଇ ସାଇତି ରଖିଲେ ପୋକ ଲାଗିବା କମିଯାଏ।

## ନଳିତା ବୁଣାବୁଣି କରୁଥିଲେ

ଚଳିତ ମାସ ଅର୍ଥାତ୍ ମେ' ଶେଷ ପର୍ଯ୍ୟନ୍ତ ଚାଷୀଭାଇମାନେ ନଳିତା ବୁଣି ପାରିବେ। ତେଣୁ ଏହି କାମ ଯେତେ ଶୀଘ୍ର ଶେଷ କରନ୍ତୁ। ଜେଆରଓ -୫୨୪(ନବୀନ) କିସମ ମଧୁର ନଳିତା ଆମ ରାଜ୍ୟ ପାଇଁ ଅନୁମୋଦିତ କିସମ। ଏହା ୧୩୦ରୁ ୧୪୦ ଦିନ ମଧ୍ୟରେ ଅମଳ ହୁଏ ଏବଂ ଏହାର ହଳଦିଆ ଅଷ୍ଟପଦୀ ପୋକ ସହଣୀ ଶକ୍ତି ଅଛି। ଏହି କିସମର ତନ୍ତୁର ମାନ ଉନ୍ନତ ଓ ଏଥରୁ ତନ୍ତୁ ବାହାର କରିବା ମଧ୍ୟ ଖୁବ୍ ସହଜ। ଫସଲରେ କାଣ୍ଡଶଢ଼ା ଓ ମୂଳଶଢ଼ା ରୋଗ ନ ହେବା ଲାଗି ପ୍ରତିଷେଧକ ସ୍ୱରୂପ ବିହନ ବିଶୋଧନ ନିତାନ୍ତ ଆବଶ୍ୟକ। ଜମିକୁ ଭଲଭାବେ ଗୁଣ୍ଡଚାଷ କରି ଘାସ ବାଛିଦିଅନ୍ତୁ। ଏକର ପ୍ରତି ୫ଗାଡ଼ି ଗୋବରଖତ ଚାଷ ବେଳେ ପ୍ରୟୋଗ କରନ୍ତୁ। ଶେଷ ଓଡ ଚାଷରେ ଏକର ପ୍ରତି ପିତା ନଳିତାରେ ୧୨ କି.ଗ୍ରା. ଯବକ୍ଷାରଜାନ, ୧୨କି.ଗ୍ରା. ଫସ୍‌ଫରସ୍ ଓ ୧୨କି.ଗ୍ରା. ପଟାସ୍ ଏବଂ ମଧୁର ନଳିତାରେ ୮କି.ଗ୍ରା. ଯବକ୍ଷାରଜାନ, ୮କି.ଗ୍ରା. ଫସ୍‌ଫରସ୍ ଓ ୮କି.ଗ୍ରା. ପଟାସ୍ ମୂଳ ସାର ଆକାରରେ ପ୍ରୟୋଗ କରନ୍ତୁ।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ବୁଧବାର, ଏପ୍ରିଲ ୧୯/୨୦୨୩ Bhubaneswar, Wednesday, April 19/ 2023




## ଦଳକୁ ପରଖିବା ପାଇଁ ଏସିଆନ ଚାମ୍ପିୟନ୍ସ ଟ୍ରଫି ଗୁରୁତ୍ୱପୂର୍ଣ୍ଣ

**ବେଙ୍ଗାଲୁରୁ, ୧୮।୪ (ପି.ଟି.):** ଆସନ୍ତା ସେପ୍ଟେମ୍ବର–ଅକ୍ଟୋବରରେ ଏସିଆନ ଗେମ୍ସ ହେବାକୁ ଥିବାରୁ ଏହା ପୂର୍ବରୁ ନିଜ ତଥା ଅନ୍ୟ ଦଳକୁ ପରଖିବା ଲାଗି ଚେନ୍ନାଇରେ ଖେଳାଯିବାକୁଥିବା ଏସିଆନ ଚାମ୍ପିୟନ୍ସ ଟ୍ରଫି ଟୁର୍ନାମେଣ୍ଟ ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି ଭାରତୀୟ ହକି ଦଳ ଅଧିନାୟକ ହରମନପ୍ରୀତ ସିଂ କହିଛନ୍ତି। ଏସିଆନ ଚାମ୍ପିୟନ୍ସ ଟ୍ରଫିର ୭ମ ସଂସ୍କରଣ ଅଗଷ୍ଟ ୩ରୁ ୧୨ ପର୍ଯ୍ୟନ୍ତ ଖେଳାଯିବ। ଏସିଆନ ଗେମ୍ସ ସେପ୍ଟେମ୍ବରରେ ଚାଇନାର ହାଙ୍ଗଝୋଠାରେ ହେବ, ଯେଉଁଠାରେ ସ୍ୱର୍ଣ୍ଣ ପଦକ ହାସଲ ସହ ଦଳ ପ୍ୟାରିସ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିପାରିବ। ହରମନପ୍ରୀତ୍ କହିଛନ୍ତି, ଆମ ଦଳର ଅଧିକାଂଶ ପ୍ରଥମ ଥର ଚେନ୍ନାଇରେ ଖେଳିବେ। ପୂର୍ବରୁ ଏହି ସହରରେ ୨୦୦୭ରେ ଏସିଆକପ୍ ଖେଳାଯାଇଥିଲା। ଭାରତ ଏଥିରେ ଟାଇଟଲ ବଜାୟ ରଖିବାରେ ସଫଳ ହୋଇଥିଲା। ଏସିଆନ ଚାମ୍ପିୟନ୍ସ ଟ୍ରଫିରେ ଭାଗ ନେଉଥିବା ଅଧିକାଂଶ ଦଳ ଏସିଆନ ଗେମ୍ସରେ ଅଂଶଗ୍ରହଣ କରିବେ। ଭାରତ ୨୦୧୧ରେ ଏସିଆନ ଚାମ୍ପିୟନ୍ସ ଟ୍ରଫିର ଉଦ୍‌ଘାଟନୀ ସଂସ୍କରଣ ଜିତିଥିଲା। ୨୦୧୬ରେ ପାକିସ୍ତାନକୁ ଫାଇନାଲରେ ପରାସ୍ତ କରି ଭାରତ ପୁଣି ଚାମ୍ପିୟନ ହୋଇଥିଲା।







4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ